ଆଲେକ୍‌ଜାଣ୍ଡର ପୁଶ୍‌କିନ

କ୍ୟାପ୍‌ଟେନଙ୍କ କନ୍ୟା

Отецъ мой Андрей Петровичъ Гриневъ въ молодости своей служилъ при Графѣ Минихѣ и вышелъ въ отставку премьеръ-маіоромъ въ 17.. году. Съ тѣхъ поръ жилъ онъ въ своей Симбирской деревнѣ, гдѣ и женился на ~~дочери~~ дѣвицѣ Авдотьѣ Васильевнѣ Ю., дочери бѣднаго тамошняго дворянина. Насъ было девять человѣкъ дѣтей. Всѣ мои братья и сестры умерли во младенчествѣ.

Матушка была еще мною брюхата, какъ уже я былъ записанъ въ Семеновскій полкъ

ଆଲେକଜାଣ୍ଡର ପୁଷ୍କିନ

କ୍ୟାପଟେନଙ୍କ କନ୍ୟା

·ରାଦୁଗା· ପ୍ରକାଶନ ମସ୍କୋ

୧୯୮୯

ଅନୁବାଦ – ବୈଷ୍ଣବ ଚରଣ ପରିଡ଼ା

A. C. Пушкин

КАПИТАНСКАЯ ДОЧКА

Повесть

На языке ория

Pushkin A.

THE CAPTAIN'S DAUGHTER

A novella

In Oriya

Перевод сделан по книге:
А. С. Пушкин. Полное собрание соч. в 10-ти томах, т. VI,
М., «Наука», 1978.

ମୁଖ୍ୟ ପରିବେଶକ :
ନବଯୁଗ ଗ୍ରନ୍ଥାଳୟ
ବକ୍ସିବଜାର ରୋଡ୍
କଟକ-୭୫୩୦୦୧

© ଭୂମିକା , ଅନୁବାଦ ଓ ଅଙ୍ଗସଜ୍ଜା
"ରାଦୁଗା" ପ୍ରକାଶନ , ୧୯୮୯

ସୋଭିଏତ୍ ୟୁନିଅନ୍‌ରେ ମୁଦ୍ରିତ

$\Pi\frac{4702010100\text{-}521}{031(01)\text{-}89}$ 251-88

ISBN 5-05-001935-4

ସୂଚୀପତ୍ର

ରୁଷ୍ ସାହିତ୍ୟର ପ୍ରତିଭା
୯
ପ୍ରଥମ ପରିଚ୍ଛେଦ
ରକ୍ଷୀ ବାହିନୀର ସର୍ଜେଣ୍ଟ
୨୧
ଦ୍ୱିତୀୟ ପରିଚ୍ଛେଦ
ପଥପ୍ରଦର୍ଶକ
୩୬
ତୃତୀୟ ପରିଚ୍ଛେଦ
ଦୁର୍ଗ
୫୨
ଚତୁର୍ଥ ପରିଚ୍ଛେଦ
ଦ୍ୱନ୍ଦ୍ୱଯୁଦ୍ଧ
୬୨
ପଞ୍ଚମ ପରିଚ୍ଛେଦ
ପ୍ରେମ
୭୭

ଷଷ୍ଠ ପରିଚ୍ଛେଦ
ପୁଗାଶ୍ଚେଭ୍‌ଙ୍କ ବିଦ୍ରୋହ
୯୦
ସପ୍ତମ ପରିଚ୍ଛେଦ
ଆକ୍ରମଣ
୧୦୭
ଅଷ୍ଟମ ପରିଚ୍ଛେଦ
ଅନିମନ୍ତ୍ରିତ ଅତିଥି
୧୨୨
ନବମ ପରିଚ୍ଛେଦ
ବିଚ୍ଛେଦ
୧୩୬
ଦଶମ ପରିଚ୍ଛେଦ
ଅବରୁଦ୍ଧ ସହର
୧୪୫
ଏକାଦଶ ପରିଚ୍ଛେଦ
ବିଦ୍ରୋହୀ ଗ୍ରାମ
୧୫୮
ଦ୍ୱାଦଶ ପରିଚ୍ଛେଦ
ଅନାଥିନୀ
୧୭୬
ତ୍ରୟୋଦଶ ପରିଚ୍ଛେଦ
ଗିରଫ
୧୮୭
ଚତୁର୍ଦ୍ଦଶ ପରିଚ୍ଛେଦ
ବିଚ୍ଚର
୧୯୯
ପରିଶିଷ୍ଟ
ଅନୁଲ୍ଲିଖିତ ପରିଚ୍ଛେଦ
୨୧୭
ଟିପ୍ପଣୀ
୨୩୭

ରୁଷ୍ ସାହିତ୍ୟର ପ୍ରତିଭା

ରୁଷ୍ ତଥା ବିଶ୍ୱ ସାହିତ୍ୟର ଅନ୍ୟତମ ମହାନ୍ ଲେଖକ ଆଲେକ୍‌ଜାନ୍ଦର ସେର୍ଗେୟେଭିଚ୍ ପୁସ୍କିନ୍ ୧୭୯୯ ମସିହାରେ ମସ୍କୋରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ପିତା ଥିଲେ ପୂର୍ବତନ ସମୃଦ୍ଧିଶାଳୀ ସମ୍ଭ୍ରାନ୍ତ ବଂଶୋଦ୍ଭୂତ । କବିଙ୍କର ମା ଥିଲେ ଇଥିଓପିଆର ରାଜବଂଶଜ ଆବ୍ରାହାମ୍ ହାନିବାଲ୍‌ଙ୍କ ପ୍ରପୌତ୍ରୀ । ତୁର୍କମାନେ ଏହି ରାଜପୁରୁଷ ହାନିବାଲ୍‌ଙ୍କୁ ଅପହରଣ କରି ଆଣି ଜାର୍, ମହାନ୍ ପିଟରଙ୍କୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ । ପୁସ୍କିନ୍ ତାଙ୍କ ପିତାମହଙ୍କ ପାଇଁ ଗର୍ବବୋଧ କରୁଥିଲେ । ସେ ଥିଲେ ମହାନ୍ ପିଟରଙ୍କ ଯୁଗର ଜଣେ ବିଖ୍ୟାତ ସେନାପତି । ପୁସ୍କିନ୍ ତାଙ୍କ ଐତିହାସିକ ଉପନ୍ୟାସ "ମହାନ୍ ପିଟରଙ୍କ ଆରବ"ରେ ଏହି ସେନାପତିଙ୍କ ସଂପର୍କରେ ବର୍ଣ୍ଣନା କରିଛନ୍ତି ।

୧୮୧୧ ମସିହାରେ ପୁସ୍କିନ୍ ଜାର୍‌ସ୍କୋୟେ ସେଲୋଗ୍ଥ ଶିକ୍ଷାୟତନରେ ଯୋଗ ଦେଇଥିଲେ । ଏହି ବିଶେଷ ସୁବିଧାସଂପନ୍ନ ଶିକ୍ଷାନୁଷ୍ଠାନଟି ପ୍ରତିଷ୍ଠିତ ହୋଇଥିଲା ରାଷ୍ଟ୍ରୀୟ ସେନାବିଭାଗରେ ଗୁରୁତ୍ୱପୂର୍ଣ୍ଣ ପଦ ପାଇଁ, ଅର୍ଥାତ୍ ଉଚ୍ଚପଦସ୍ଥ ଅଫିସର ହେବା ପାଇଁ ତରୁଣମାନଙ୍କୁ ତାଲିମ ଦେବା ନିମିତ୍ତ । ଏହା ଛାତ୍ରମାନଙ୍କୁ ଫରାସୀ ବିପ୍ଳବ ପ୍ରତି ବିଦ୍ରୂପ ବିରୋଧୀ ମନୋଭାବ ଦ୍ୱାରା ଲାଳନ କରୁଥିଲା । କିନ୍ତୁ ଏହି ପ୍ରତିଷ୍ଠାନରେ ଉନ୍ମୀଳିତ ହେବାକୁ ଆରମ୍ଭ କରିଥିଲା ପୁସ୍କିନ୍‌ଙ୍କ କାବ୍ୟିକ ପ୍ରତିଭା ଏବଂ ପରିପକ୍ୱତା ଲାଭ କରିଥିଲା ତାଙ୍କର ସ୍ୱାଧୀନତାପ୍ରେମୀ ଭାବାବେଗ ।

୧୮୧୭ ମସିହାରେ ପୁସ୍କିନ୍ ଶିକ୍ଷାୟତନ ପ୍ରତିଷ୍ଠାନରୁ ଗ୍ରାଜୁଏଟ୍ ହୋଇ ସେଣ୍ଟ ପିଟର୍ସବୁର୍ଗକୁ (ବର୍ତ୍ତମାନ ଲେନିନ୍‌ଗ୍ରାଡ୍) ଯାତ୍ରା କରିଥିଲେ । ସେଇ ସମୟରେ ତାଙ୍କ ଦ୍ୱାରା ଲିଖିତ ସ୍ୱାଧୀନତାପ୍ରେମୀ କବିତା ଓ ରାଜନୈତିକ ଶ୍ଳେଷାତ୍ମକ ରଚନାସମୂହରେ ପ୍ରକାଶ ପାଇଥିଲା ବୈପ୍ଳବିକ ଦେଶାତ୍ମବୋଧୀ ଚିନ୍ତାଧାରା ଆଉ ସିଂହାସନାରୂଢ଼ "ସ୍ୱେଚ୍ଛାଚାରୀ ଦୁରାତ୍ମାମାନଙ୍କ" ପ୍ରତି ଘୃଣା ("ସ୍ୱାଧୀନତା", "ଗାଁ ଟିଏ", "ଗ୍ଚଆଦାୟେଭ୍‌ଙ୍କୁ" ଆଦି କବିତା) ।

ପୁଷିନ୍ ଭୂମିଦାସ ପ୍ରଥାର ଅବସାନ ଏବଂ ସ୍ୱୈରାଗ୍ରରୀ ଶାସନର ଉତ୍ଖାତ ପାଇଁ ଗଠିତ ଗୋପନ ରାଜନୈତିକ ସମିତିସମୂହର ସଦସ୍ୟ ନଥିଲେ ମଧ୍ୟ କାର୍ଯ୍ୟତଃ ସେ ଥିଲେ ସେସବୁର କାବ୍ୟିକ ଅନୁପ୍ରେରଣାଦାତା । ଜାର୍‌ଶାହୀ ସରକାର ଏ ବିଷୟରେ ଅବହିତ ଥିଲା ଏବଂ ଜାର୍ ପ୍ରଥମ ଆଲେକ୍‌ଜାନ୍ଦର ଘୃଣାତ୍ମକ ଭାଷାରେ କହିଥିଲେ, "ପୁଷିନ୍ ରୁଷିଆକୁ ପ୍ରରୋଚନାଭରା କବିତାର ବନ୍ୟାରେ ଭସାଇ ଦେଲାଣି । ପ୍ରତ୍ୟେକ ତରୁଣ ସେସବୁ କବିତାକୁ ମୁଖସ୍ଥ କରୁଛନ୍ତି । ପୁଷିନ୍‌ଙ୍କୁ ସାଇବେରିଆକୁ ନିର୍ବାସିତ କରିବାକୁ ହେବ ।" କିନ୍ତୁ ସମ୍ରାଟ୍‌ଙ୍କ ଦରବାରରେ ପ୍ରଭାବଶାଳୀ ଥିବା ପୁଷିନ୍‌ଙ୍କ ବନ୍ଧୁଗଣ, ଲେଖକ ଭାସିଲି ଆନ୍ଦ୍ରେୟେଭିଚ୍ ଝୁକୋଭ୍‌ସ୍କି (୧୭୮୩-୧୮୫୨) ଏବଂ ନିକଲାଇ ମିଖାଇଲୋଭିଚ୍ କାରାମ୍‌ଜିନ୍ (୧୭୬୬-୧୮୨୬) ତାଙ୍କ ସପକ୍ଷରେ ମତ ଦେବାରୁ ପୁଷିନ୍‌ଙ୍କୁ ସାଇବେରିଆ ପରିବର୍ତ୍ତେ ୧୮୨୦ ମସିହାରେ ରୁଷିଆର ଦକ୍ଷିଣାଞ୍ଚଳକୁ ନିର୍ବାସନ କରାଗଲା । ନିର୍ବାସିତ ଜୀବନ ଯାପନ କଲାବେଳେ ସେ ତାଙ୍କର ପ୍ରେମାତ୍ମକ କବିତା "କକେସସ୍‌ର ବନ୍ଦୀ", "ଭ୍ରାତୃଗଣ-ନିଶାଚରଗଣ" ଏବଂ "ବାଖ୍‌ଚିସାରାଇର ଝରଣା" ଆଦି କବିତା ରଚନା କରିଥିଲେ । ଏସବୁ କବିତାରେ ପ୍ରତିଷ୍ଠିତ ବ୍ୟବସ୍ଥା ପ୍ରତି ସମାଲୋଚନାମୂଳକ ଦୃଷ୍ଟିଭଙ୍ଗି ପ୍ରକାଶ ପାଇଥିଲା ଏବଂ ବ୍ୟକ୍ତି ସ୍ୱାଧୀନତାର ଉଚ୍ଛ୍ୱସିତ ଜୟଗାନ କରାଯାଇଥିଲା ।

୧୮୨୪ ମସିହାରେ ପୁଷିନ୍‌ଙ୍କୁ ପୁଣି ରୁଷିଆର ଦକ୍ଷିଣବର୍ତ୍ତୀ ଓଡେଶା ବନ୍ଦରରୁ ନିର୍ବାସିତ କରାଗଲା ପ୍‌ସ୍କୋଭ୍ ପ୍ରଦେଶସ୍ଥ ତାଙ୍କର ପୈତୃକ ଜମିଦାରି – ସୁଦୂରବର୍ତ୍ତୀ ମିଖାଇଲୋଭ୍‌ସ୍କୋୟେ ଗ୍ରାମକୁ । ସେଠାରେ ସେ ରଚନା କରିଥିଲେ ରୁଷ୍ ସାହିତ୍ୟର ପ୍ରକୃତ ଜନପ୍ରିୟ ବାସ୍ତବତାବାଦୀ ବିୟୋଗାନ୍ତକ କାବ୍ୟାଂଶ "ବୋରିସ୍ ଗୋଦୁନୋଭ୍" ଓ ତାଙ୍କ ସୁବିଖ୍ୟାତ କାବ୍ୟିକ ଉପନ୍ୟାସ "ୟେଭ୍‌ଗେନି ଓନେଗିନ୍"ର ଏକାଂଶ । ଏହି ଉପନ୍ୟାସଟି କେବଳ ରୁଷ୍ ସାହିତ୍ୟ ଜଗତରେ ନୁହେଁ, ୧୯ଶ ଶତାବ୍ଦୀର ବିଶ୍ୱ ସାହିତ୍ୟରେ ଏକ ପ୍ରକୃତ କଳାତ୍ମକ ଆବିଷ୍କାର ଭଳି । ରୁଷିଆର ସୁପରିଚିତ ଗଣତନ୍ତ୍ରବାଦୀ

ଓ ସାହିତ୍ୟ ସମାଲୋଚକ ଭିସାରିଅନ୍ ବେଲିନ୍‌ସ୍କି ଏହି ଉପନ୍ୟାସଟିକୁ ରୁଷୀୟ ଜୀବନର ଭାଷାକୋଷ ବୋଲି ଅଭିହିତ କରିଥିଲେ ।

ଜନମତର ଚାପରେ ପଡ଼ି ୧୮୨୬ ମସିହାରେ ରୁଷିଆର ଜାର୍ ପ୍ରଥମ ନିକୋଲାସ୍ ପୁଷିନ୍‌ଙ୍କୁ ନିର୍ବାସନରୁ ପ୍ରତ୍ୟାବର୍ତ୍ତନ କରିବାକୁ ଅନୁମତି ଦେଇଥିଲେ । ଦୀର୍ଘ ଛଅ ବର୍ଷ କାଳ ନିର୍ବାସିତ ଜୀବନ ଯାପନ କଲା ପରେ ପୁଷିନ୍ ପ୍ରତ୍ୟାବର୍ତ୍ତନ କଲେ ସତ, କିନ୍ତୁ ତାଙ୍କୁ ତାଙ୍କ ଉପରେ କର୍ତ୍ତୃପକ୍ଷଙ୍କ ତରଫରୁ ନିର୍ଯ୍ୟାତନ ଓ ନିରନ୍ତର ଗୋପନ ସତର୍କ ନଜରରୁ ତ୍ରାହି ମିଳିଲା ନାହିଁ । ତା'ଛଡ଼ା, ଜାର୍ ସରକାରର ଯାଞ୍ଚ ବ୍ୟବସ୍ଥା ତାଙ୍କ ସାହିତ୍ୟିକ କାର୍ଯ୍ୟକଳାପ ପଥରେ ପ୍ରତିବନ୍ଧକମାନ ସୃଷ୍ଟି କରି ଚାଲିଥିଲା । ଏସବୁ ଫଳରେ ତାଙ୍କ ସ୍ୱାଧୀନ ଜୀବନଯାତ୍ରା ଆଉରି ଦୁର୍ବହ ହେବାକୁ ଲାଗିଲା ।

୧୮୩୧ ମସିହାରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିଥିଲା ପୁଷିନ୍‌ଙ୍କ ଜୀବନରେ – ସେ ମସ୍କୋର ଏକ ଅନୁପମ ସୁନ୍ଦରୀ ନାତାଲ୍ୟା ଗୋଞ୍ଚାରୋଭାଙ୍କୁ ବିବାହ କରିଥିଲେ । ବିବାହର ଅବ୍ୟବହିତ ପୂର୍ବରୁ ତାଙ୍କ ବିଷୟ ସଂପତ୍ତିର ରକ୍ଷଣାବେକ୍ଷଣ କରିବା ନିମିତ୍ତ ତାଙ୍କୁ ତାଙ୍କ ପୈତୃକ ଜମିଦାରି ବୋଲଦିନୋକୁ ଚାଲି ଯିବାକୁ ପଡ଼ିଥିଲା । ଏହି ବୋଲ୍‌ଦିନୋର ସୁରମ୍ୟ ହେମନ୍ତୀ ପରିବେଶ ମଧ୍ୟରେ ସେ ୧୮୩୦ ମସିହାରେ ତାଙ୍କ ବିଶ୍ୱବିଖ୍ୟାତ କାବ୍ୟିକ ଉପନ୍ୟାସ "ୟେଭ୍‌ଗେନି ଓନେଗିନ୍"ର ରଚନା ସଂପୂର୍ଣ୍ଣ କରିଥିଲେ । ଏହା ଛଡ଼ା ସେ ସେଠାରେ ଆଉ କେତେକ ଗଳ୍ପ – "ସ୍ୱଳ୍ପ ବିୟୋଗ" ଏବଂ କବିତା "କୋଲୋମ୍‌ନାର ଏକ ଘର" ଏବଂ ଆଉ ତିରିଶଟି କ୍ଷୁଦ୍ର କବିତା ରଚନା କରିଥିଲେ ।

ପୁଷିନ୍‌ଙ୍କ ଜୀବନର ଶେଷ ବର୍ଷଗୁଡ଼ିକ (ସେ ମାତ୍ର ୩୭ ବର୍ଷ ବଞ୍ଚିଥିଲେ) ଜାର୍ ତଥା ରାଜ ଦରବାର ସହିତ ତାଙ୍କର କ୍ରମଶଃ ଅଧିକତର ତିକ୍ତ ସଂପର୍କ ଦ୍ୱାରା ଜର୍ଜରିତ ହୋଇ ଉଠିଥିଲା । ସେମାନେ ଦାନ୍ତେସ୍ ନାମକ ଜଣେ ବ୍ୟକ୍ତିର ସହାୟତାରେ ଏହି ମହାନ୍ କବିଙ୍କୁ ନିଧନ କରିଥିଲେ । ଦାନ୍ତେସ୍ ଫରାସୀ ବିପ୍ଳବ ବେଳେ ଫ୍ରାନ୍‌ସରୁ ପଳେଇ ଆସିଥିଲେ ରୁଷିଆକୁ । ୧୮୩୭ ମସିହା ଫେବୃଆରୀ ୧୦ ତାରିଖରେ (ଜାନୁଆରୀ ୨୯) ମୁକ୍ତିର କବିଙ୍କୁ

ଦାନ୍ତେସ୍‌ଙ୍କ ତରବାରିର ମରଣାତ୍ମକ ଆଘାତରେ ପ୍ରାଣ ଦେବାକୁ ହେଲା । ପୁଷ୍କିନ୍ ତାଙ୍କ ସ୍ତ୍ରୀଙ୍କର ମର୍ଯ୍ୟାଦା ରକ୍ଷା କରିବାକୁ ଯାଇ ଏହି ଦ୍ୱନ୍ଦ୍ୱ ଯୁଦ୍ଧର ଆହ୍ୱାନ ଦେଇଥିଲେ ।

ପୁଷ୍କିନ୍‌ଙ୍କ ଜୀବନ କାଳ ଥିଲା ସୀମିତ । କିନ୍ତୁ ଏହି ସୀମିତ କାଳ ମଧ୍ୟରେ ଏକ ବିରାଟ ଐତିହାସିକ କୃତି ସେ ସଂପନ୍ନ କରିଥିଲେ – ରୁଷ୍ ସାହିତ୍ୟିକ ଭାଷାକୁ ପୂର୍ଣ୍ଣତାଲାଭ କରିବା ଆଡ଼କୁ ସେ ବିକଶିତ କରି ପାରିଥିଲେ । କେବଳ କବିତା ଆଉ ନାଟକ କ୍ଷେତ୍ରରେ ନୁହେଁ, ଗଦ୍ୟ ସାହିତ୍ୟରେ ମଧ୍ୟ କେତେକ କାଳଜୟୀ ସର୍ବଶ୍ରେଷ୍ଠ ରଚନା ପ୍ରଣୟନ କରି ସେ ସମଗ୍ର ରୁଷ୍ ଚିରାୟତ ସାହିତ୍ୟର ମୂଳଦୁଆ ସ୍ଥାପନ କରିଥିଲେ ।

ରୁଷୀୟ ବାସ୍ତବତାବାଦୀ ଗଦ୍ୟର ପ୍ରତିଷ୍ଠାତା ରୂପେ ପୁଷ୍କିନ୍‌ଙ୍କର ଏକ ବିରାଟ ଭୂମିକା ଥିଲା । ଏହି ଧାରାରେ ଲେଖିବାକୁ ଯାଇ ସେ ୧୮୨୦ ଦଶନ୍ଧିରେ ଏକ ଐତିହାସିକ ଉପନ୍ୟାସ "ମହାନ୍ ପିଟରଙ୍କ ଆରବ"ର (୧୮୨୭) ରଚନା ଆରମ୍ଭ କରିଥିଲେ । ଉପନ୍ୟାସଟିର ମୁଣ୍ଡି ସରି ପାରି ନଥିଲା, ଅସଂପୂର୍ଣ୍ଣ ରହିଯାଇଥିଲା । ତା'ପରେ ସେ ଆଉ କେତେକ ଗଳ୍ପ ମଧ୍ୟ ଏହି ଧାରାରେ ରଚନା କରିଥିଲେ । ସେସବୁ ମଧ୍ୟରେ ଅଛି – "ବେଲ୍‌କିନ୍‌ଙ୍କ ଗଳ୍ପମାଳା" (୧୮୩୦), "ଦୁବ୍ରୋଭ୍‌ସ୍କି" ଉପନ୍ୟାସ (୧୮୩୩) ଏବଂ "ହୁକୁମକାରୀ ମହାରାଣୀ" (୧୮୩୩) ।

୧୮୩୩ ମସିହାରେ ପୁଷ୍କିନ୍ ପୁଣି ଇତିହାସ ଆଡ଼କୁ ଦୃଷ୍ଟି ଫେରାଇଥିଲେ । ୧୭୭୩-୧୭୭୫ ମସିହାରେ ୟେମେଲ୍ୟାନ୍ ପୁଗାଚ୍ଚେଭ୍‌ଙ୍କ ନେତୃତ୍ୱରେ ସଂଘଟିତ କୃଷକ ଅଭ୍ୟୁତ୍‌ଥାନ ତାଙ୍କ ମନରେ ଗଭୀର ଆଗ୍ରହ ସୃଷ୍ଟି କରିଥିଲା । ସେ ଯୁଗପତ୍ "ପୁଗାଚ୍ଚେଭ୍‌ଙ୍କ ଇତିହାସ" ଏବଂ ଐତିହାସିକ ଉପନ୍ୟାସ "କ୍ୟାପ୍‌ଟେନ୍‌ଙ୍କ କନ୍ୟା"ର ରଚନା କାର୍ଯ୍ୟ ଆରମ୍ଭ କରି ଦେଇଥିଲେ ।

"କ୍ୟାପ୍‌ଟେନ୍‌ଙ୍କ କନ୍ୟା"କୁ ପୁଷ୍କିନ୍ ନିଜେ କେତେବେଳେ ଏକ ଐତିହାସିକ କାହାଣୀ ତ ଆଉ କେତେବେଳେ ଏକ ଐତିହାସିକ ଉପନ୍ୟାସ ବୋଲି ଆଖ୍ୟାୟିତ କରିଛନ୍ତି । ଏହି ଉପନ୍ୟାସଟି ଆକାର ଦୃଷ୍ଟିରୁ ବଡ଼ ନହେଲେ ମଧ୍ୟ ଲେଖକ ଏଥିରେ ଏକ ବଡ଼ ଉପାଦାନ ସନ୍ନିବିଷ୍ଟ କରିଥିଲେ –

ଏଥିରେ ସେ ପ୍ରତିଫଳିତ କରିଥିଲେ ୧୭୭୦ ଦଶନ୍ଧିର ରୁଷୀୟ ଜୀବନର ବହୁବିଧ ଦିଗସମୂହକୁ । "କ୍ୟାପ୍‌ଟେନ୍‌ଙ୍କ କନ୍ୟା"ରେ ସେ ଚିତ୍ରଣ କରିଛନ୍ତି ପିତୃତାନ୍ତ୍ରିକ ଅଭିଜାତ ମହାଲ, ରୁଷିଆର ସୁଦୂର ଉପାନ୍ତରେ ଅବସ୍ଥିତ ଏକ କ୍ଷୁଦ୍ର ଗଡ଼, ଏକ ନିରାଡ଼ମ୍ବର ସରଳ କୃଷକ କୁଡ଼ିଆ ଏବଂ ସାମ୍ରାଜ୍ଞୀ ଦ୍ୱିତୀୟ କ୍ୟାଥେରିନ୍‌ଙ୍କ ଝଲମଲ ରାଜପ୍ରାସାଦର ଚିତ୍ରରାଜି । ପାଠକମାନେ ଏଥିରୁ ତତ୍‌କାଳୀନ ରୁଷିଆର ଜନସମଷ୍ଟିର ବିଭିନ୍ନ ଗୋଷ୍ଠୀ – ପ୍ରାଦେଶିକ ଆଉ ରାଜଧାନୀର ସମ୍ଭ୍ରାନ୍ତ ସଂପ୍ରଦାୟ, ଉଚ୍ଚ ଆଉ ନିମ୍ନପଦସ୍ଥ ରାଜକର୍ମଚାରୀ, ସୈନିକ ଏବଂ ଅତ୍ୟାଚାରୀମାନଙ୍କ ବିରୁଦ୍ଧରେ ଉତ୍‌ଥିତ କସାକ୍, ଭୂମିଦାସ କୃଷକମାନଙ୍କ ସଂପର୍କରେ ଜାଣିବାର ଅବକାଶ ପାଇଥାନ୍ତି ।

ଦାସତ୍ୱର ବନ୍ଧନରେ ସଢ଼ୁଥିବା ଲୋକମାନଙ୍କର ଦୁଃଖ ଯାତନା ଫଳରେ ସୃଷ୍ଟି ହୋଇଥିବା କୃଷକ ବିଦ୍ରୋହର ଘଟଣାବଳୀକୁ ଭିତ୍ତି କରି "କ୍ୟାପ୍‌ଟେନ୍‌ଙ୍କ କନ୍ୟା" ଉପନ୍ୟାସଟି ରଚିତ । ଭୂମିଦାସ ପ୍ରଥା ତଥା ଭୂସ୍ୱାମୀମାନଙ୍କ ଅଧୀନସ୍ଥ କୃଷକମାନଙ୍କ ଶ୍ରମକୁ ବିନା ପାରିଶ୍ରମିକରେ ଉପଯୋଗ କରିବାର ପ୍ରଶ୍ନଟି ଥିଲା ୧୮ଶ ତଥା ୧୯ଶ ଶତାବ୍ଦୀର ଅଧିକ ଭାଗ ସମୟର ରୁଷ୍ ଜନସାଧାରଣଙ୍କ ସମଗ୍ର ଜୀବନର ମୁଖ୍ୟ ପ୍ରଶ୍ନ ।

କୃଷକମାନଙ୍କୁ ଅମାନୁଷିକ ଭାବେ ଶୋଷଣ କରୁଥିବା ହେତୁ ସ୍ୱତଃସ୍ଫୂର୍ତ୍ତ ବିଦ୍ରୋହମାନ ଦେଖା ହେଉଥିଲା ଓ ବେଳେ ବେଳେ ତାହା ବ୍ୟାପକ ଅଭ୍ୟୁତ୍‌ଥାନର ରୂପ ନେଉଥିଲା । ସେସବୁ ମଧ୍ୟରୁ ସର୍ବବୃହତ୍ ଅଭ୍ୟୁତ୍‌ଥାନଟିକୁ ନେତୃତ୍ୱ ଦେଇଥିଲେ ଡନ୍ ଅଞ୍ଚଳର କସାକ୍ ୟେମେଲ୍ୟାନ୍ ପୁଗାଚ୍ଚେଭ୍ (୧୭୪୦-୧୭୭୫) । ଏହି ଅଭ୍ୟୁତ୍‌ଥାନ ୧୭୭୦ ଦଶନ୍ଧିରେ (୧୭୭୩-୧୭୭୫) ଆରମ୍ଭ ହୋଇ ରୁଷିଆର ଅଧିକାଂଶ ଅଞ୍ଚଳକୁ ବ୍ୟାପି ଯାଇଥିଲା ।

୧୮୩୦ ଦଶନ୍ଧିରେ ଭୂମିଦାସ ପ୍ରଥା ବିରୁଦ୍ଧରେ ନୂଆ ଏକ ବିଦ୍ରୋହର ଜୁଆର ଦେଖା ହେଲା ଏବଂ ଏହା ସ୍ୱାଧୀନତାପ୍ରେମୀ ଶିଳ୍ପୀ ଆଉ ଭାବୁକଙ୍କ ଦୃଷ୍ଟିକୁ ଏଡ଼ାଇ ଯାଇ ପାରିଲା ନାହିଁ ।

୧୮୩୦ ଦଶନ୍ଧିର ଏହି ଗଣ ଦୁଃଖ ଯାତନା ଏବଂ ତତ୍ ସହିତ ଗଣ ରୋଷର ବିଷୟବସ୍ତୁ ପୁଷ୍କିନ୍‌ଙ୍କ ଦ୍ୱାରା ରଚିତ କେତେକ ରଚନାରେ ପୂର୍ଣ୍ଣତର

ରୂପ ନେଇ ପ୍ରକାଶ ପାଇଥିଲା । ଏସବୁର ଚିତ୍ର ଦେଖିବାକୁ ମିଳେ ତାଙ୍କର ଅସମାପ୍ତ ଗଳ୍ପ "ଗୋର୍ୟୁଖିନୋ ଗ୍ରାମର ଇତିବୃତ୍ତ"ରେ ଏବଂ ପୂର୍ବୋକ୍ତ "ଦୁବ୍ରୋଭ୍‌ସ୍କି" ଉପନ୍ୟାସରେ, ଯାହାକି ଚୂଡ଼ାନ୍ତ ରୂପ ଲାଭ କରିଛି କୃଷକ ବିଦ୍ରୋହଗୁଡ଼ିକରେ, ଏବଂ ଶେଷକୁ, ଗଦ୍ୟ ଲେଖକ ହିସାବରେ ତାଙ୍କର ଶ୍ରେଷ୍ଠ କଳାତ୍ମକ ରଚନାଗୁଡ଼ିକ ମଧ୍ୟରୁ ଅନ୍ୟତମ ସର୍ବଶ୍ରେଷ୍ଠ ସୃଷ୍ଟି "କ୍ୟାପ୍ଟେନ୍‌ଙ୍କ କନ୍ୟା" ଉପନ୍ୟାସରେ ।

ଏହି ଉପନ୍ୟାସଟି ରଚନା କଲା ବେଳେ ପୁଷ୍କିନ୍ ଜଣେ ବିଚକ୍ଷଣ କଳାକାର ଏବଂ ଅନୁସନ୍ଧିତ୍ସୁ ଜ୍ଞାନୀ ହିସାବରେ ତାଙ୍କ ପାରଙ୍ଗମତାର ପରିଚୟ ଦେଇଥିଲେ । ସେ କେବଳ ସହଜଲଭ୍ୟ ଐତିହାସିକ ସାହିତ୍ୟ ବା ବିବରଣୀ ବିଶଦ ଭାବେ ଅଧ୍ୟୟନ କରି ନଥିଲେ, ତାଙ୍କ ଉପନ୍ୟାସରେ ଉଲ୍ଲିଖିତ ଘଟଣାବଳୀ ଯେଉଁସବୁ ସ୍ଥାନରେ ଘଟିଥିଲା ସେସବୁ ସ୍ଥାନ ପରିଦର୍ଶନ କରିଥିଲେ, ଯୁଦ୍ଧ କ୍ଷେତ୍ରଗୁଡ଼ିକୁ ଦେଖିଥିଲେ । ଯେଉଁସବୁ ବୃଦ୍ଧ ଲୋକ ବ୍ୟକ୍ତିଗତ ଭାବେ ପୁଗାଚେଭ୍‌ଙ୍କୁ ଜାଣିଥିଲେ ସେମାନଙ୍କୁ ଭେଟି ସେ ସେମାନଙ୍କ ସହିତ ଆଲୋଚନା କରିଥିଲେ ଏବଂ ଟିପ୍‌ପଣୀମାନ ଲିପିବଦ୍ଧ କରିଥିଲେ ।

ଏହି ଇତିହାସ ଅଧ୍ୟୟନ ପୁଷ୍କିନ୍‌ଙ୍କୁ ସହାୟକ ହୋଇଥିଲା "କ୍ୟାପ୍ଟେନ୍‌ଙ୍କ କନ୍ୟା"ରେ ପୁଗାଚେଭ୍‌ଙ୍କ ଭାବମୂର୍ତ୍ତିକୁ ସତ୍ୟନିଷ୍ଠ ଏବଂ କଳାତ୍ମକ ତଥା ହୃଦ୍‌ବୋଧ୍ୟ ଭାବେ ଚିତ୍ରଣ କରିବାରେ । ସେ ପୁଗାଚେଭ୍‌ଙ୍କ ଚରିତ୍ରକୁ କୌଣସି କାଳ୍ପନିକ ଗୁଣରାଶି ଦ୍ୱାରା ଭୂଷିତ ନକରି ତାଙ୍କର ସମସ୍ତ ରୁକ୍ଷ ନିର୍ମମତା, ଏପରିକି ନିଷ୍ଠୁର ବାସ୍ତବତା ସହ ଚିତ୍ରଣ କରିଛନ୍ତି । ଏସବୁ ସହିତ ସେ ଭାବମୂର୍ତ୍ତିଟିରେ ଫୁଟି ଉଠିଛି ଆଉ କେତେକ ସୌନ୍ଦର୍ଯ୍ୟ, ଯା' ମଧ୍ୟରେ ପୁଷ୍କିନ୍ ତାଙ୍କ ରୁଷୀୟ ଜାତୀୟ ଚରିତ୍ରର କେତେକ ସର୍ବୋତ୍କୃଷ୍ଟ ବୈଶିଷ୍ଟ୍ୟକୁ ପ୍ରକାଶ କରିଛନ୍ତି ।

ପୁଷ୍କିନ୍‌ଙ୍କ ବର୍ଣ୍ଣନାରେ ପୁଗାଚେଭ୍‌ଙ୍କ ନିର୍ମଳ ଚିନ୍ତା ଶକ୍ତି, ସ୍ୱାଧୀନତାପ୍ରେମ ଏବଂ ବିଦ୍ରୋହୀ ମନୋଭାବ, ସ୍ଥିରଚିତ୍ତତା ଏବଂ ବିଶାଳ ହୃଦୟର ପରିଚୟ ମିଳିଥାଏ । ଉପନ୍ୟାସରେ ପୁଗାଚେଭ୍‌ଙ୍କୁ ଉପସ୍ଥାପିତ କରାଯାଇଛି ଗଣ ଅଭ୍ୟୁତ୍‌ଥାନର ଏକ ଶକ୍ତିଶାଳୀ ନେତା ହିସାବରେ । ସେ ତାଙ୍କ ଶତ୍ରୁମାନଙ୍କ

ପ୍ରତି ନିର୍ଦ୍ଦୟ ହେଲା ବେଳେ ମିତ୍ରମାନଙ୍କ ପ୍ରତି, ସାଧାରଣ ଲୋକଙ୍କ ପ୍ରତି ନ୍ୟାୟବାନ ଏବଂ ଉପକାରୀ ହୋଇଛନ୍ତି । ଗ୍ରିନ୍ୟୋଭ୍‌ଙ୍କ ପ୍ରତି ତାଙ୍କର ଉପକାରୀ ଆଚରଣ କଥାଟି ଧରନ୍ତୁ, ସେ ଗ୍ରିନ୍ୟୋଭ୍‌ଙ୍କ ଜୀବନ କେବଳ ରକ୍ଷା କରି ନାହାନ୍ତି, ତାଙ୍କର ଅସୁବିଧା ବେଳେ ଗ୍ରିନ୍ୟୋଭ୍ ତାଙ୍କୁ ସାହାଯ୍ୟ କରିଥିବାରୁ ସେ ତାଙ୍କ ବ୍ୟକ୍ତିଗତ ସୁଖ ସ୍ୱାଚ୍ଛନ୍ଦ୍ୟର ବ୍ୟବସ୍ଥା ମଧ୍ୟ କରି ଦେଇଛନ୍ତି ।

"କ୍ୟାପ୍ଟେନ୍‌ଙ୍କ କନ୍ୟା" ଉପନ୍ୟାସରେ ପୁଷ୍କିନ୍ ଦୁଇ ଜଣ ମୁଖ୍ୟ ଶତ୍ରୁଙ୍କ ମଧ୍ୟରେ – କୃଷକ ଅଭ୍ୟୁତ୍‌ଥାନର ନେତା ପୁଗାଚେଭ୍ ଏବଂ ରୁଷିଆର ସାମ୍ରାଜ୍ଞୀ ଦ୍ୱିତୀୟ କ୍ୟାଥେରିନ୍‌ଙ୍କ ମଧ୍ୟରେ ଏକ ତୁଳନାତ୍ମକ ଚିତ୍ର ଆଙ୍କିଛନ୍ତି । ଏ ବିଷୟରେ ସନ୍ଦେହ ନାହିଁ ଯେ, ସାମ୍ରାଜ୍ଞୀଙ୍କର ବର୍ଣ୍ଣନା ଦେଲା ବେଳେ ପୁଷ୍କିନ୍‌ଙ୍କୁ ବିଶେଷ ଭାବେ ତୀବ୍ର ରାଜନୈତିକ ଅବସ୍ଥାବଳୀ ଆଉ ସରକାରୀ ଯାଞ୍ଚ ବ୍ୟବସ୍ଥାର ସୀମାବଦ୍ଧତାକୁ ମନେ ରଖିବାକୁ ପଡ଼ିଥିଲା । ଏହି "ଘାଗରା ପରିହିତା ମୁକୁଟମଣ୍ଡିତା ଭଣ୍ଡ ସନ୍ନ୍ୟାସିନୀ"ଙ୍କ ପ୍ରତି କବିଙ୍କର ଅତି ଗଭୀର ନେତିବାଚକ ମନୋଭାବ ତାଙ୍କର ଏହି ବିଷୟଟି ସଂକ୍ରାନ୍ତରେ ବହୁ ଉକ୍ତି ପ୍ରମାଣ କରିଛି ।

ପ୍ରକାଶନା ପାଇଁ ଅନୁଦ୍ଦିଷ୍ଟ ତାଙ୍କର କେତେକ ଟିପ୍‌ପଣୀରେ ପୁଷ୍କିନ୍ ଲେଖିଥିଲେ, "ଶାସନ କରିବା ଅର୍ଥ ଯଦି ମାନବ ଆତ୍ମାର ଦୁର୍ବଳତାକୁ ଜାଣିବା ଓ ତାକୁ କାର୍ଯ୍ୟରେ ଲଗାଇବାକୁ ବୁଝାଏ ତେବେ ଏ କ୍ଷେତ୍ରରେ କ୍ୟାଥେରିନ୍ ଭବିଷ୍ୟତ ବଂଶଧରମାନଙ୍କ ନିକଟରେ ବିସ୍ମୟର ପାତ୍ରୀ ହେବେ... । ସମୟ ଗତି ସାଥେ ସାଥେ ଇତିହାସ ବିଷାଦ ବିକ୍ଷଣତା ଉପରେ ପ୍ରତିଷ୍ଠିତ ତାଙ୍କ ଶାସନର ପ୍ରଭାବର ମୂଲ୍ୟାଙ୍କନ କରିବ ଏବଂ ବିନମ୍ରତା ଆଉ ସହନଶୀଳତାର ଯବନିକା ପଛରେ ତାଙ୍କ ଏକଛତ୍ରବାଦିତାର ନିଦାରୁଣ ଫଳାଫଳକୁ ଉଦ୍‌ଘାଟନ କରିବ । ତାଙ୍କର ଗଭର୍ଣ୍ଣର ଜେନେରାଲମାନଙ୍କ ଦ୍ୱାରା ନିର୍ଯ୍ୟାତିତ ଲୋକମାନଙ୍କୁ ଇତିହାସ ଦର୍ଶାଇଦେବ ଏବଂ ତାଙ୍କ ପ୍ରେମିକମାନଙ୍କ ଦ୍ୱାରା ବିଲୁଣ୍ଠିତ ରାଜକୋଷ ଏବଂ ଅର୍ଥନୀତି କ୍ଷେତ୍ରରେ ତାଙ୍କ ଭୁଲ, ଆଇନ କାନୁନ୍ ପ୍ରତି ବେଖାତିର, ସେଇ ଶତାବ୍ଦୀର ଦାର୍ଶନିକମାନଙ୍କ ସହିତ ତାଙ୍କର

ବିରକ୍ତିକର କପଟଣପୂର୍ଣ୍ଣ ସଂପର୍କକୁ ପଦାରେ ପକାଇଦେବ । ଏପରିକି ଭୋଲ୍‌ଟାୟାର୍‌ ଯଦି ବିଭ୍ରାନ୍ତ ହୋଇ ତାଙ୍କ ଗୁଣଗାନ କରିଥାନ୍ତେ, ତେବେ ବି ରୁଷିଆର ଅଭିଶାପରୁ ତାଙ୍କ ଗୌରବୋଜ୍ଜ୍ୱଳ ସ୍ମୃତିକୁ ରକ୍ଷା କରି ପାରି ନଥାନ୍ତେ ।”

କିନ୍ତୁ ପୁସ୍କିନ୍‌ ତାଙ୍କର ଏହି ଉପନ୍ୟାସରେ କ୍ୟାଥେରିନ୍‌ଙ୍କୁ ଏହିଭାବେ ଚିତ୍ରଣ କରି ପାରି ନାହାନ୍ତି । ତାଙ୍କୁ ସମସ୍ୟାଟିର ସମାଧାନ କରିବାକୁ ପଡ଼ିଛି ଏକ ଦ୍ୱୈତ ପଥରେ । ପ୍ରଥମତଃ ସେ ୟେମେଲ୍ୟାନ୍‌ ପୁଗାଚ୍ଚେଭ୍‌ଙ୍କ ଚରିତ୍ରକୁ ଅଷ୍ଟାଦଶ ଶତାବ୍ଦୀର ସମ୍ଭ୍ରାନ୍ତ ଗ୍ରିନ୍ୟୋଭ୍‌ଙ୍କ ଦୃଷ୍ଟିକୋଣ ଦେଇ ପ୍ରକାଶ କରିଛନ୍ତି, ଯିଏକି ପୁଗାଚ୍ଚେଭ୍‌ଙ୍କ ପ୍ରତି ତାଙ୍କର ସମସ୍ତ ସହାନୁଭୂତି ଓ ସମବେଦନା ସତ୍ତ୍ୱେ ସାମ୍ରାଜ୍ଞୀଙ୍କର ଏକ ଅନୁଗତ ପ୍ରଜା ହିସାବରେ ରହିଥିଲେ । ଦ୍ୱିତୀୟତଃ କ୍ୟାଥେରିନ୍‌ଙ୍କର ବର୍ଣ୍ଣନା ଦେବାକୁ ଯାଇ ପୁସ୍କିନ୍‌ ନିଜକୁ କେତେକ କଳାତ୍ମକ “ଦଲିଲପତ୍ର” ଉପରେ – ରୁଷିଆର ବିଖ୍ୟାତ ଶିଳ୍ପୀ ଭ୍ଲାଦିମିର୍‌ ଲୁକିଚ୍‌ ବୋରୋଭିକୋଭ୍‌ସ୍କିଙ୍କ (୧୭୫୭-୧୮୨୫) ଦ୍ୱାରା ଅଙ୍କିତ ତାଙ୍କର ବିଖ୍ୟାତ ଚିତ୍ରଟି – ନିର୍ଭର କରାଇଛନ୍ତି । ଏହି ଚିତ୍ରର ଶିଳ୍ପୀ ତାଙ୍କୁ ଏକ ଛୋଟ କୁକୁର ସହିତ ସଫେଦ ପୋଷାକ ପରିହିତା ମହିଳା ରୂପେ ଆଙ୍କିଛନ୍ତି ।

ଏଥି ସାଥେ ସାଥେ ପୁସ୍କିନ୍‌ ତାଙ୍କର ଅନ୍ତର୍ନିହିତ ସୂକ୍ଷ୍ମବୋଧ ଦେଇ, କୌଣସି ଗୁରୁତ୍ୱ ପ୍ରଦର୍ଶନ ନକରି, କିନ୍ତୁ ଅତି ପରିଷ୍କାର ଭାବେ ପ୍ରକାଶ କରିଛନ୍ତି କିପରି କ୍ୟାଥେରିନ୍‌ଙ୍କ ଏହି ଛଳନାତ୍ମକ ମୁଖାଟି ତାଙ୍କ ମୁହଁରୁ ତତ୍‌କ୍ଷଣାତ୍‌ ଖସି ପଡ଼ିଛି, ଯେତେବେଳେ ଗ୍ରିନ୍ୟୋଭ୍‌ଙ୍କ ବାଗ୍‌ଦତ୍ତା ମାଶା ତାଙ୍କୁ ତା’ର ବାଗ୍‌ଦତ୍ତଙ୍କ ମୁକ୍ତି ପାଇଁ ଭିକ୍ଷା କରିଛି । ମୁହୂର୍ତ୍ତକ ମଧ୍ୟରେ ଏହି ସାମ୍ରାଜ୍ଞୀଙ୍କର ସମସ୍ତ ସୌମ୍ୟ ଭାବ କୁଆଡ଼େ ଉଭେଇଯାଇଛି । ଆମେ ସଫେଦ ପୋଷାକ ମଧ୍ୟରୁ ଜଣେ କଲ୍ୟାଣମୟୀ ମହିଳାଙ୍କୁ ଏଠାରେ ଦେଖିବାକୁ ପାଉ ନାହେଁ, ଦେଖୁଛେ ଜଣେ କ୍ଷମତାଲୋଭୀ କ୍ରୋଧୋନ୍ମତ୍ତ ସାମ୍ରାଜ୍ଞୀ ରୂପରେ, ଯାହାଙ୍କଠାରୁ କୌଣସି ଦୟାମାୟା ଆଶା କରାଯାଇ ନପାରେ ।

ଏହି ଘଟଣାଟି ସହିତ ପୁଗାଚ୍ଚେଭ୍‌ଙ୍କର ଗ୍ରିନ୍ୟୋଭ୍‌ ଏବଂ ବାଗ୍‌ଦତ୍ତାଙ୍କ

ପ୍ରତି ମାନବିକ ଦୃଷ୍ଟିକୋଣଟିକୁ ତୁଳନା କଲେ ଏହା ଆଉରି ପରିଷ୍କାର ଜଣା ପଡ଼େ । ପୁଗାଚ୍ଚେଭ୍‌ ଏଠାରେ ତାଙ୍କର ସହଜାତ ନ୍ୟାୟବୋଧ ଏବଂ ତାଙ୍କ ପ୍ରତି ଉପକାର ପାଇଁ କୃତଜ୍ଞତାର ପରିଚୟ ଦେଇଛନ୍ତି ।

ପୁଗାଚ୍ଚେଭ୍‌ଙ୍କ ସଂସ୍ପର୍ଶରେ ଆସି “କ୍ୟାପ୍‌ଟେନ୍‌ଙ୍କ କନ୍ୟା”ର ବର୍ଣ୍ଣନାକାରୀ ଗ୍ରିନ୍ୟୋଭ୍‌ଙ୍କ ଚରିତ୍ରର ସର୍ବୋତ୍କୃଷ୍ଟ ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟ ପ୍ରକାଶ ପାଇଛି । ସେ ତାଙ୍କର ହୃଦୟବତ୍ତା, ଦୟା, ସାଧୁତା, ସାହସ, ସ୍ପଷ୍ଟବାଦିତା ଏବଂ ନିଷ୍ଠା ଦ୍ୱାରା ପୁଗାଚ୍ଚେଭ୍‌ଙ୍କ ହୃଦୟକୁ ଜୟ କରି ନେଇଛନ୍ତି ।

ମାଶା ସାମ୍ରାଜ୍ଞୀଙ୍କୁ ଭେଟିଲା ବେଳର ଘଟଣାଟି ମଧ୍ୟ କ୍ୟାପ୍‌ଟେନ୍‌ଙ୍କ କନ୍ୟାର ଚରିତ୍ରଟିକୁ ପ୍ରକଟିତ କରିଥାଏ । ସେ ଜଣେ ସରଳମତୀ ରୁଷୀୟ ତରୁଣୀ, ଶାନ୍ତଶିଷ୍ଟ, ଦୁର୍ବଳ ହେଲେ ମଧ୍ୟ ତା’ର ନିର୍ଦ୍ଦୋଷ ବାଗ୍‌ଦତ୍ତଙ୍କର ମୁକ୍ତି ଲଭ ପାଇଁ ଯଥେଷ୍ଟ ସାହସ ଆଉ ନିଃସ୍ୱାର୍ଥତାର ପରିଚୟ ଦେଇଛି । ଗ୍ରିନ୍ୟୋଭ୍‌ ଭଳି ସିଏ ମଧ୍ୟ ଜଣେ କର୍ତ୍ତବ୍ୟବୋଧ ଆଉ ମର୍ଯ୍ୟାଦାର ପ୍ରତୀକ ହୋଇ ଉଭା ହୋଇଛି । ଗ୍ରିନ୍ୟୋଭ୍‌ଙ୍କ ମୁକ୍ତି ଏବଂ ତାଙ୍କ ମର୍ଯ୍ୟାଦାର ପୁନଃପ୍ରତିଷ୍ଠା ବାସ୍ତବରେ ସର୍ବଶକ୍ତିମାନା ସାମ୍ରାଜ୍ଞୀଙ୍କର କାର୍ଯ୍ୟ ନହୋଇ ଏକ ବିନମ୍ର କ୍ୟାପ୍‌ଟେନ୍‌ଙ୍କ କନ୍ୟାର କାର୍ଯ୍ୟ ରୂପେ ପ୍ରଦର୍ଶିତ ହୋଇଛି ।

କୃଷକ ଅଭ୍ୟୁତ୍‌ଥାନର ନେତାଙ୍କର ସତ୍ୟନିଷ୍ଠ ଭାବମୂର୍ତ୍ତି ଏବଂ ଜନସାଧାରଣଙ୍କର ମହତ କାର୍ଯ୍ୟକଳାପର ବର୍ଣ୍ଣନା ପୁସ୍କିନ୍‌ଙ୍କର ଏହି ଐତିହାସିକ ଉପନ୍ୟାସଟିକୁ ପ୍ରଦାନ କରିଛି ଏକ ଅନ୍ତର୍ନିହିତ ଗଣତାନ୍ତ୍ରିକ ଭାବ ।

“କ୍ୟାପ୍‌ଟେନ୍‌ଙ୍କ କନ୍ୟା” ଉପନ୍ୟାସ ଏହି କଥାଟି ମଧ୍ୟ ପ୍ରମାଣ କରିଦିଏ ଯେ, ପୁସ୍କିନ୍‌ଙ୍କ ସମସ୍ତ ପ୍ରତିଭାଦୀପ୍ତ ରଚନା – ତାହା କାବ୍ୟ, କବିତା, ଗଦ୍ୟ ବା ନାଟକ, ଯାହା ହେଉନା କାହିଁକି – ହେଉଛି ରୁଷିଆର ଜାତୀୟ କଳାତ୍ମକ ବିକାଶର ଇତିହାସରେ ଏକ ନୂତନ ପର୍ଯ୍ୟାୟ । ପୁସ୍କିନ୍‌ଙ୍କର ପ୍ରାଣବନ୍ତ ଭାଷା, ଯାହାକୁ ସେ ସର୍ବୋଚ୍ଚ କଳାତ୍ମକ ପୂର୍ଣ୍ଣତାର ସ୍ତରକୁ ବିକଶିତ କରିଥିଲେ, ରୁଷ୍‌ ସାହିତ୍ୟରେ ଏକ ସ୍ୱର୍ଣ୍ଣ ଯୁଗର ଶୁଭାରମ୍ଭର ସୂଚନା ଦେଇଥିଲା ।

ରୁଷିଆର ମହାନ୍ ଲେଖକ ନିକୋଲାଇ ଗୋଗୋଲ୍ (୧୮୦୯-୧୮୫୨) ପୁସ୍କିନ୍‌ଙ୍କର ସୃଜନଶୀଳ ଶକ୍ତି ଓ ବହୁମୁଖୀ ପ୍ରତିଭାକୁ ପୂର୍ଣ୍ଣ ରୂପେ ପ୍ରକାଶ କରି କହିଥିଲେ, ଏହା ହେଉଛି "ରୁଷ୍‌ର ପ୍ରକୃତି, ରୁଷ୍‌ର ଆତ୍ମା ଓ ରୁଷୀୟ ଚରିତ୍ର ।"

କ୍ୟାପ୍ଟେନ୍‌ଙ୍କ କନ୍ୟା

"ଯୁବାବସ୍ଥାରୁ ନିଜର ସମ୍ମାନ ରକ୍ଷାକର !"

ପ୍ରବାଦ ।



ପ୍ରଥମ ପରିଚ୍ଛେଦ

ରକ୍ଷୀ ବାହିନୀର ସର୍ଜେଣ୍ଟ

"ରକ୍ଷୀ ବାହିନୀରେ ଅବିଳମ୍ବେ ହୋଇ ପାରିଥାନ୍ତା ସେ କ୍ୟାପ୍‌ଟେନ୍ ।"
"ନହେଲ ବା କ'ଣ ଅଛି, ହେଉ ସେ ଜବାନ ।"
"ହଁ, ତତ୍ ସହିତ ସୈନିକର କର୍ତ୍ତବ୍ୟ ସେ ଜାଣୁ! ଠିକ୍ କଥା ..."
. . . .
"କାହାର କୁମର ସେ ?" (୧)

କ୍‌ନ୍ୟାଝନିନ୍

ମୋ ପିତା ଆନ୍ଦ୍ରେଇ ପେଟ୍ରୋଭିଚ୍ ଗ୍ରିନ୍ୟୋଭ୍ ଯୁବାବସ୍ଥାରେ କାଉଣ୍ଟ ମିନିଖ୍‌ଙ୍କ ସେନା ବାହିନୀରେ କାର୍ଯ୍ୟ କରୁଥିଲେ । (୨) ୧୭ .. ମସିହାରେ ଉଚ୍ଚତର ପାହିଆ ଲାଭ କରି ଲେଫ୍‌ଟନାଣ୍ଟ-କର୍ଣ୍ଣେଲ ରୂପେ ସେ ଅବସର ଗ୍ରହଣ କରିଥିଲେ । ତା'ପରେ ସେ ଫେରି ଆସିଥିଲେ ତାଙ୍କର ସିମ୍ବିର୍ସ୍କ ମାହାଲକୁ । ସେଠାରେ ସେ ସ୍ଥାନୀୟ ଏକ ଦରିଦ୍ର ଭଦ୍ରଲୋକଙ୍କ କନ୍ୟା ଆଭ୍‌ଦୋତ୍ୟା ଭାସିଲିୟେଭ୍‌ନାକୁ ବିବାହ କରିଥିଲେ । ମାଙ୍କ ଗର୍ଭରୁ ଆମେ ନଅ ଭାଇଭଉଣୀ ଜନ୍ମ ନେଇଥିଲୁ । କିନ୍ତୁ ମୋର ସମସ୍ତ ଭାଇଭଉଣୀ ଶିଶୁ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ ।

ମୁଁ ମା ଗର୍ଭରେ ଥିଲାବେଳେ ମୋତେ ସେମ୍ୟୋନୋଭ୍ ବାହିନୀରେ ସର୍ଜେଣ୍ଟ ହିସାବରେ ତାଲିକାଭୁକ୍ତ କରି ଦିଆଯାଇଥିଲା । (୩) ଏହା ସମ୍ଭବ ହୋଇ ପାରିଥିଲା ରକ୍ଷୀ ବାହିନୀର ମେଜର, ଆମର ଘନିଷ୍ଠ ଆତ୍ମୀୟ, ରାଜପୁରୁଷ ବି ... ଙ୍କ ବଦାନ୍ୟତା ହେତୁ । ସେଥରକ ଯଦି ମୋ ବାପା ମାଙ୍କୁ ନିରାଶ କରି ମାଙ୍କର ପୁଅ ନହୋଇ ଝିଅ ହୋଇଥାନ୍ତା, ତେବେ ଦାୟିତ୍ୱ ପାଳନ

କରିବାକୁ ଅକ୍ଷମ ସେଇ ସର୍ଜେଣ୍ଟର ମୃତ୍ୟୁ ଘଟିଛି ବୋଲି ମୋ ବାପା ଯଥା ସ୍ଥାନରେ ଜଣେଇ ଦେଇଥାନ୍ତେ । ତା'ପରେ ବିଷୟଟିର ସେଇଠି ପରିସମାପ୍ତି ଘଟିଥାନ୍ତା ।

ମୋ ପାଠପଢ଼ା ଶେଷ ହେଲା ଯାଏ ମୁଁ ଛୁଟିରେ ରହିଲି ବୋଲି ଧରି ନିଆଗଲା । ସେ ଯୁଗରେ ଆଜିକାଲିକା ଭଳି ପାଠପଢ଼ା ହେଉ ନଥିଲା । ମୋତେ ପାଞ୍ଚ ବର୍ଷ ବେଳେ ମୋ ଦାୟିତ୍ୱ ଅର୍ପଣ କରାଯାଇଥିଲା ସାଭେଲିଚ୍ ନାମକ ଜଣେ ସଇସ ଉପରେ । ସାଭେଲିଚ୍ ଏକ ସୁସ୍ୱଭାବସଂପନ୍ନ ଲୋକ ହୋଇ ଥିବାରୁ ତାଙ୍କୁ ଏହି ପଦକୁ ଉନ୍ନୀତ କରାଯାଇଥିଲା । ତା'ର ତତ୍ତ୍ୱାବଧାନରେ ବାରବର୍ଷ ବୟସରେ ମୁଁ ମାତୃଭାଷା ଶିଖିବାକୁ ଆରମ୍ଭ କଲି ଏବଂ ଶିକାରୀ କୁକୁର ସଂପର୍କରେ ଜଣେ ଅଭିଜ୍ଞ ବକ୍ତାରକ ହୋଇ ଉଠିଲି । ତା'ପରେ ମୋ ବାପା ମୋ ପାଇଁ ମଁସିଏ ବୋପ୍ରେ ନାମକ ଜଣେ ଫରାସୀ ଶିକ୍ଷକଙ୍କୁ ନିଯୁକ୍ତ କଲେ । ସେ ମସ୍କୋରୁ ପୂରା ଏକ ବର୍ଷ ପାଇଁ ମଦ ଆଉ ଅଲିଭ୍ ତେଲ ସାଙ୍ଗରେ ଧରି ଆମ ଘରେ ଆସି ହାଜର ହୋଇଥିଲେ । ନୂଆ ଶିକ୍ଷକଙ୍କ ଆସିବା ଖବର ପାଇ ସାଭେଲିଚ୍ ଖୁବ୍ ଅସନ୍ତୁଷ୍ଟ ହୋଇଥିଲା । "ଭଗବାନଙ୍କ କୃପାରୁ", ସେ ଗୁଁ ଗୁଁ ହୋଇ କହିଥିଲା, "ଏତେ ଦିନ ହେଲା ପିଲଟାକୁ ଧୋଇଧାଇ, ଖୁଆଇ ପିନ୍ଧାଇ, ଘୋଡ଼ାଚଢ଼ା ଶିଖା ଯାଉଥିଲା । ଏବେ ଏତେ ଟଙ୍କା ଖର୍ଚ୍ଚ କରି ଜଣେ ଫରାସୀ ମଁସିଏ ନରଖିଲେ କ'ଣ ଚଳି ନଥାନ୍ତା ? କାହିଁକି, ଆମ ଦେଶରେ କ'ଣ ଲୋକ ଅଭାବ ଅଛନ୍ତି ?"

ବୋପ୍ରେ ନିଜ ଦେଶରେ ଥିଲାବେଳେ ଭଣ୍ଡାରି କାମ କରୁଥିଲେ । ତା'ପରେ ସେ ପ୍ରୁସୀୟ ବାହିନୀରେ ଜଣେ ସୈନିକ ହୋଇଥିଲେ । ଶେଷକୁ ରୁଷିଆକୁ pour être outchitel* ହିସାବରେ ଆଗମନ କରିଥିଲେ । ଶିକ୍ଷକ ଶବ୍ଦଟିର ଅର୍ଥ କ'ଣ, ତାହା ତାଙ୍କ ନିକଟରେ ଖୁବ୍ ପରିଷ୍କାର ମଧ୍ୟ ନଥିଲା । ସେ ଥିଲେ ଜଣେ ଦିଲଦାର ଲୋକ, କିନ୍ତୁ ଖାମଖିଆଲୀ ଏବଂ ଇନ୍ଦ୍ରିୟାସକ୍ତ । ତାଙ୍କର ସବୁଠାରୁ ବଡ଼ ଦୁର୍ବଳତାଟି ହେଲା, ନାରୀମାନଙ୍କ ପ୍ରତି ତୀବ୍ର ଲାଳସା । ଏହି ଦିଗରେ ଅତ୍ୟୁତ୍ସାହ ପ୍ରଦର୍ଶନ ହେତୁ ତାଙ୍କୁ ଅନେକ ସମୟରେ ଆଚ୍ଛା କରି ଉତ୍ତମ ମଧ୍ୟମ ଖାଇବାକୁ ପଡ଼ୁଥିଲା ଏବଂ ତା'ପରେ ବେଶ୍ କେଇଦିନ ଦୈହିକ ଯନ୍ତ୍ରଣା ଭୋଗିବାକୁ ହେଉଥିଲା । ତା'ଛଡ଼ା (ତାଙ୍କ କଥାନୁଯାୟୀ) ତାଙ୍କ ସହିତ ବୋତଲର କୌଣସି ଶତ୍ରୁତା ନଥିଲା, ଅର୍ଥାତ୍ ଅଧିକ ମଦ୍ୟପାନ ଆଡ଼କୁ ତାଙ୍କର ପ୍ରବଣତା ଥିଲା । ଆମ ଘରେ କେବଳ ରାତ୍ରିଭୋଜନ ସମୟରେ ମଦ୍ୟ ପରିବେଷଣ କରାଯାଉଥିଲା ଏବଂ ତାହା ପୁଣି ପ୍ରତ୍ୟେକ ବ୍ୟକ୍ତିକୁ ମାତ୍ର ଗ୍ଲାସେ କରି । କିନ୍ତୁ ମୋ ଶିକ୍ଷକ ସାଧାରଣତଃ ସେ ସୁଯୋଗରୁ ବଞ୍ଚିତ ହେଉ ନଥିଲେ । ତେଣୁ ଖୁବ୍ ଶୀଘ୍ର ରୁଷ୍ ଦେଶୀୟ ପାନୀୟ ସହିତ ସେ ଅଭ୍ୟସ୍ତ ହୋଇ ପଡ଼ିଲେ ଏବଂ ଅଳ୍ପ ଦିନ ମଧ୍ୟରେ ନିଜ ଦେଶର ମଦ ଅପେକ୍ଷା ରୁଷୀୟ ମଦକୁ ବେଶି ଭଲ ପାଇବାକୁ ଲଗିଲେ । ତାଙ୍କ ମତରେ ରୁଷ୍ ମଦ କାଳେ ହଜମ ପକ୍ଷରେ ଅନେକ ବେଶି ଉପକାରୀ । ତାଙ୍କ ସହିତ ମୋର ଖୁବ୍ ଭଲ ପଡ଼ୁଥିଲା । ସେ ଆସିଥିଲେ ମୋତେ ଫରାସୀ, ଜର୍ମାନ୍ ଓ ଅନ୍ୟ ବିଷୟସବୁ ପଢ଼ାଇବା ପାଇଁ, କିନ୍ତୁ କାର୍ଯ୍ୟତଃ ସେ ଦେଖିଲେ ଯେ, ତା ଅପେକ୍ଷା ମୋଠାରୁ ରୁଷ୍ ଭାଷାରେ କଥାବାର୍ତ୍ତା କରିବାକୁ ଶିଖିବାଟା ଅନେକ ସହଜ । ଏହିପରି ଆମେ ଉଭୟେ ନିଜ ନିଜର ବିଷୟ ନେଇ ଖୁସି ରହିଲୁ । ଆମର ଦିନସବୁ ଅତି ମଜାରେ କଟିବାକୁ ଲଗିଲା । ତାଙ୍କ ପରିବର୍ତ୍ତେ ଅନ୍ୟ ଶିକ୍ଷକ ମୁଁ ଆଉ ଚାହିଁ ନଥିଲି । କିନ୍ତୁ ଭାଗ୍ୟର ବିଡ଼ମ୍ବନା ହେତୁ ଆମ ଉଭୟଙ୍କ ମଧ୍ୟରେ ଶୀଘ୍ର ବିଚ୍ଛେଦ ଘଟିଲା ଏବଂ କିପରି ଘଟିଲା, ସେଇ ଘଟଣାଟି ବିଷୟରେ ମୁଁ ଏବେ କହିବି ।

ବସନ୍ତମୁହାଁ ମୋଟୀ ଧୋବଣୀ ପାଲାଶ୍କା ଏବଂ କାଣୀ ଗୋଉଡ଼ୁଣୀ ଆକୁଲ୍କା ଦିନେ ନିଜ ମଧ୍ୟରେ ସଲା ପରାମର୍ଶ କରି ମୋ ମାଙ୍କ ଗୋଡ଼ ତଳେ ଆସି ଲୋଟିଗଲେ । ନିଜ ଦୁର୍ବଳ ମୁହୂର୍ତ୍ତରେ ସେମାନେ ଯେଉଁ ପାପାଚରଣ କରିଥିଲେ ତାହା ମାଙ୍କ ଆଗରେ ସ୍ୱୀକାର କଲେ । ଦିଜଣଯାକ କାନ୍ଦିକାନ୍ଦି ଅଭିଯୋଗ କଲେ ଯେ, ମଁସିଏ ସେମାନଙ୍କ ଅନଭିଜ୍ଞତାର ସୁଯୋଗ ନେଇଛନ୍ତି । ମା ବିଷୟଟି ଗୁରୁତର ବୋଲି ଭାବି ବାପାଙ୍କୁ ଜଣାଇଦେଲେ । ବାପା କାଳ ବିଳମ୍ବ ନକରି ସଙ୍ଗେ ସଙ୍ଗେ ଲମ୍ପଟ ଫରାସୀଟିକୁ ଡକେଇ

* ଶିକ୍ଷକ — ସଂପାଦକ ।

ପଠାଇଲେ । ବାପାଙ୍କୁ ଜଣାଇ ଦିଆଗଲା ଯେ, ସେ ମୋତେ ପଢ଼ାଉଛନ୍ତି । ବାପା ମୋ କୋଠରୀ ମଧ୍ୟକୁ ଚାଲିଆସିଲେ । ଦେଖିଲେ, ମଁସିଏ ବୋପ୍ରେ ବିଛଣା ଉପରେ ଚଉକାତ ହୋଇ ପରମ ଆନନ୍ଦରେ ଶୋଇଛନ୍ତି ଏବଂ ମୁଁ ମୋ କାମ କରିବାରେ ଲାଗିଛି । ଏଠାରେ ମୁଁ କହି ରଖିବାକୁ ଚାହେଁ ଯେ, ମୋ ପାଇଁ ମସ୍କୋରୁ ବରାଦ୍ ଦେଇ ଏକ ବିରାଟ ମାନଚିତ୍ର ଅଣା ଯାଇଥିଲା । ମାନଚିତ୍ରଟି ଟଙ୍ଗା ହୋଇଥିଲା କାନ୍ଥରେ ଏବଂ ତାହା କୌଣସି କାମରେ ଲାଗୁ ନଥିଲା । ମାନଚିତ୍ରଟି ଥିଲା ବେଶ୍ ଚଉଡ଼ା ଏବଂ ଚମତ୍କାର । ଅନେକ ଦିନ ଯାଏ ତାହା ମୋ ପକ୍ଷରେ ଲୋଭନୀୟ ହୋଇପଡ଼ିଥିଲା । ମନେ ମନେ ଠିକ୍ କରି ନେଇଥିଲି, ସେଇ କାଗଜରେ ଗୁଡ଼ି ତିଆରି କରିବି । ଏବେ ବୋପ୍ରେଙ୍କ ନିଦ୍ରାର ସୁଯୋଗ ନେଇ ସେଇ ମହତ୍ କାର୍ଯ୍ୟଟିରେ ମୁଁ ଲାଗିପଡ଼ିଥିଲି । ଉତ୍ତମାଶା ଅନ୍ତରୀପ ସହିତ ସୂତା ଖଣ୍ଡେ ଯୋଡ଼ି ଗୁଡ଼ିଟିର ଲାଙ୍ଗୁଡ଼ ତିଆରି କଲାବେଳେ ମୋ ବାପା ଘର ମଧ୍ୟକୁ ପଶିଆସିଲେ । ମୋର ଏହି ଭୌଗୋଳିକ ଅନୁଧ୍ୟାନର ପୁରସ୍କାର ସ୍ୱରୂପ ମୋ କାନକୁ ଆଚ୍ଛା କରି ମୋଡ଼ିଦେଲେ । ତା'ପରେ ସିଧା ବିଛଣା ପାଖକୁ ଆଗେଇଯାଇ ଦଣ୍ଡାୟମାନ ହେଲେ । କୌଣସି ଦ୍ୱିଧା ପ୍ରକାଶ ନକରି ବୋପ୍ରେଙ୍କୁ ନିଦରୁ ଉଠାଇ ଦେଲେ । ବୋପ୍ରେ ହତଚକିତ ହୋଇ ଚେଷ୍ଟା କଲେ ଉଠି ବସିବାକୁ, କିନ୍ତୁ ପାରିଲେ ନାହିଁ — ବିଚରା ଫରାସୀ ଭଦ୍ରଲୋକ ମଦ ନିଶାରେ ଚୂର୍ ଥିଲେ । ତାଙ୍କର ସମସ୍ତ ଦୋଷ ପାଇଁ ଗୋଟିଏ ଶାସ୍ତି ଯଥେଷ୍ଟ ହୋଇଥିଲା । ବାପା ତାଙ୍କ କୋଟ୍‌ର ଗଳାବନ୍ଧକୁ ଧରି ବିଛଣାରୁ ଟାଣିନେଲେ ଏବଂ ଘର ମଧ୍ୟରୁ ଧକ୍କା ଦେଇ ବାହାର କରିଦେଲେ । ସେଇଦିନ ତାଙ୍କୁ ଆମ ଘରୁ ବାହାର କରିଦିଆଗଲା । ଏହା ଦ୍ୱାରା ସାଭେଲିଚ୍ ଏତେ ଆନନ୍ଦିତ ହୋଇଥିଲା ନା, ତାହା ବର୍ଣ୍ଣନା କରି ହେବ ନାହିଁ । ଏବଂ ଏହିଭାବେ ମୋ ପାଠପଢ଼ାରେ ପୂର୍ଣ୍ଣଛେଦ ପଡ଼ିଥିଲା ।

ଗୋଟାଏ ମୂର୍ଖ ଅଗୁଆଁର ହୋଇ ମୁଁ ବଢ଼ିବାକୁ ଲାଗିଲି । ମନ ଆନନ୍ଦରେ ଲେଟଣି ପାରା ଉଡ଼େଇ ଏବଂ ସାହିର ପିଲାମାନଙ୍କ ସହିତ ବେଙ୍ଗ-ଡିଆଁ ଖେଳି ମୋର ଦିନଗୁଡ଼ିକ ବିତିଲା । ଏହି ଭଳି ହେଉଁ ହେଉଁ ମୋତେ ଷୋଳ

ବର୍ଷ ପଶିଲା । କିନ୍ତୁ ତା'ପରେ ମୋ ଜୀବନରେ ଆସିଲା ଏକ ପରିବର୍ତ୍ତନ ।

ଶରତ ଋତୁ ହୋଇଥାଏ । ଦିନେ ସକାଳେ ମୋ ମା ଡ୍ରଇଂରୁମ୍‌ରେ ବସି ମହୁରେ ବେରି କୋଳି ସିଝାଉଥାନ୍ତି । ତାଙ୍କ ପାଖରେ ଛିଡ଼ା ହୋଇ ଫୁଟନ୍ତ ଫେଣ ଆଡ଼କୁ ଲକ୍ଷ୍ୟ କରି ମୁଁ ଓଠ ଚାଟିବାରେ ଲାଗିଥାଏ । ମୋ



ବାପା ଝରକା ପାଖରେ ବସି ପଢ଼ୁଥିଲେ ରାଜଦରବାରର ପଞ୍ଜିକା । (୪) ବର୍ଷକୁ ଥରେ ଲେଖାଁ ଏହି ପଞ୍ଜିକାଟି ପ୍ରକାଶ ପାଉଥିଲା । ଏହା ବାପାଙ୍କ ଉପରେ ଗଭୀର ପ୍ରଭାବ ପକାଉଥିଲା । ସେ ମନର ସମସ୍ତ ଅନୁରାଗ ନେଇ ଏହାକୁ ପଢ଼ୁଥିଲେ ଏବଂ ପଢ଼ୁ ପଢ଼ୁ ପ୍ରାୟ ଉତ୍ତେଜିତ ହୋଇ ଉଠୁଥିଲେ । ବାପାଙ୍କର ସ୍ୱଭାବ ଏବଂ ଆଗ୍ରହ ବ୍ୟବହାର ସହିତ ମା ମୋର ଥିଲେ ଅତି ସୁପରିଚିତା । ଏହି ଅପ୍ରୀତିକର ବହିଟି ଆସିଲା କ୍ଷଣି ସେ ତାକୁ ଏପରି ଏକ ସ୍ଥାନରେ ଲୁଚେଇ ଦେଉଥିଲେ, ଯେଉଁଠି ମାସ ମାସ ଧରି ବାପାଙ୍କ ନଜର ପଡ଼ୁ ନଥିଲା । କିନ୍ତୁ ଥରେ ନଜରରେ ପଡ଼ିଗଲେ ସେ ଦିନ ସେ ବହିଟିକୁ

ହାତରୁ ଛାଡ଼ୁ ନଥିଲେ ଏବଂ ଘଣ୍ଟା ପରେ ଘଣ୍ଟା ତାକୁ ପଢ଼ି ଚାଲୁଥିଲେ । ସେଦିନ ଠିକ୍ ସେଇଭଳି ମୋ ବାପା ରାଜଦରବାରର ପଞ୍ଜିକାଟି ପଢ଼ୁଥିଲେ, ମଝିରେ ମଝିରେ କାନ୍ଧକୁ ଝାଙ୍କି ଚୁପ୍‌ଚୁପ୍ କରି ବିଡ଼ିବିଡ଼ି ହେଉଥିଲେ, "ଲେଫ୍‌ଟନାଣ୍ଟ-ଜେନେରାଲ !.. ସେ ତ ମୋ ସେନାଦଳରେ ସର୍ଜେଣ୍ଟ ଥିଲା !.. ଏବେ ତାକୁ ରୁଷିଆର ଦୁଇଟି ଶ୍ରେଷ୍ଠ ପଦକରେ ଭୂଷିତ କରାଯାଇଛି !.. (୫) ଲାଗୁଛି ସତେ ଯେମିତି ଗତକାଲି ସିଏ ଆଉ ମୁଁ ...।" ଶେଷକୁ ରାଜଦରବାରର ପଞ୍ଜିକାଟିକୁ ସୋଫା ଉପରେ ଫିଙ୍ଗି ଦେଇ ସେ ଗଭୀର ଚିନ୍ତାରେ ମଗ୍ନ ହୋଇଗଲେ । ତାଙ୍କର ଏହି ଲକ୍ଷଣଟି ଆମ ପରିବାର ପକ୍ଷରେ ମୋଟେ ମଙ୍ଗଳକର ନଥିଲା ।

ହଠାତ୍ ମାଙ୍କ ଆଡ଼କୁ ବୁଲିପଡ଼ି ସେ ପଚାରିଲେ, "ଆଭ୍‌ଦୋତ୍ୟା ଭାସିଲିୟେଭ୍‌ନା, ପେତ୍ରୁଶାର କେତେ ବର୍ଷ ହେଲା, କୁହତ ?"

"କ'ଣ ହେଲାକି, ତାକୁ ପା ଏଥର ସତର ଚାଲିଛି", ମା ଉତ୍ତର ଦେଲେ । "ନାସ୍ତାସିୟା ଗେରାସିମୋଭ୍‌ନା ମାଉସୀ ଯେଉଁ ବର୍ଷ ଅନ୍ଧୁଣୀ ହୋଇଗଲେ ସେଇ ବର୍ଷ ପରା ତା'ର ଜନ୍ମ ଏବଂ ଯେଉଁ ବର୍ଷ ..."

ବାପା କଥାରେ ବାଧା ଦେଇ କହିଲେ, "ଖୁବ୍ ଭଲ କଥା ! ଏଥର ତା'ର ସୈନ୍ୟ ବିଭାଗକୁ ଯିବାର ସମୟ ହୋଇଗଲାଣି । ମହିଳା ମହଲରେ ଘୂରି ଘୂରି ଏବଂ ଲେଟଣି ପାରା ଉଡ଼େଇ ଉଡ଼େଇ ସେ ଅନେକ ସମୟ ନଷ୍ଟ କରିଦେଲାଣି ।"

ମୋଠାରୁ ଆସନ୍ନ ବିଛେଦର କଥା ଭାବି ମା ମୋର ଏତେ ବିଚଳିତ ହୋଇପଡ଼ିଲେ ଯେ, ହାତରୁ ତାଙ୍କର ଚାମଚଟି ଖସି ପଡ଼ିଲା ପାଣିକୁଣ୍ଡ ଭିତରେ । ଆଖିରୁ ଲୁହ ଝରିବାକୁ ଲାଗିଲା । ମୁଁ କିନ୍ତୁ ଏତେ ଉତ୍‌ଫୁଲ୍ଲ ହୋଇ ଉଠିଥିଲି ନା, ଭାଷାରେ ବର୍ଣ୍ଣନା କରି ହବନି । ସାମରିକ ଜୀବନ ବୋଇଲେ ମୁଁ ଭାବି ନେଇଥିଲି ଏକ ମୁକ୍ତ ସ୍ୱାଧୀନ ଜୀବନ, ପିଟର୍ସବୁର୍ଗରେ ଆନନ୍ଦୋଚ୍ଛଳ ଜୀବନ । ମନେ ମନେ ମୁଁ ନିଜକୁ ଏକ ରକ୍ଷୀ ବାହିନୀର ଅଫିସର ହିସାବରେ କଳ୍ପନା କରି ନେଲି । ଏହି ବାହିନୀରେ ଜଣେ ଅଫିସର ହେବା ଥିଲା ମୋ ନିକଟରେ ଜୀବନର ପରମ ସୁଖ ।

ମୋ ବାପାଙ୍କ ମନରେ କୌଣସି ଇଚ୍ଛା ଜାଗ୍ରତ ହେଲେ, ସେ ତାକୁ ପରିବର୍ତ୍ତନ କରିବାର ପକ୍ଷପାତୀ ନଥିଲେ ଏବଂ ତା'ର ରୂପାୟନ ପାଇଁ ଅବହେଳା କରୁ ନଥିଲେ । ମୋ ଯାତ୍ରାର ଦିନ ସ୍ଥିର ହୋଇଗଲା । ଯିବା ପୂର୍ବରୁ ବାପା କହିଲେ, ମୋର ଭାବୀ ଉପରିକ ଅଫିସରଙ୍କ ପାଖକୁ ସେ ମୋ ପାଇଁ ଗୋଟିଏ ଚିଠି ଲେଖି ଦେବେ । ତା'ପରେ ସେ କାଳି କଲମ ଆଣିବା ପାଇଁ ନିର୍ଦ୍ଦେଶ ଦେଲେ ।

"ରାଜପୁରୁଷ ବି... ଙ୍କୁ ମୋର ନମସ୍କାର ଜଣାଇବାକୁ ଭୁଲିବ ନାହିଁ", ମା କହିଲେ । "ତାଙ୍କୁ ଲେଖି ଦେଇପାର, ମୁଁ ଆଶା କରୁଛି, ପେତ୍ରୁଶା ପ୍ରତି ତାଙ୍କ ସ୍ନେହ ନିରନ୍ତର ରହିବ ।"

ଭ୍ରୁକୁଞ୍ଚନ କରି ବାପା ଜବାବ ଦେଲେ, "ବାଜେ କଥା କୁହନା ! ରାଜିପୁରୁଷ ବି...ଙ୍କୁ ମୁଁ କାହିଁକି ଚିଠି ଲେଖିବାକୁ ଯିବି ?"

"କାହିଁକି, ତମେ ପରା କହିଲ ଯେ, ପେତ୍ରୁଶାର ଉପରିକ ଅଫିସରଙ୍କ ପାଖକୁ ଚିଠି ଲେଖିବ ବୋଲି ?"

"କହିଲି ତ କ'ଣ ହେଲା ?"

"ସେଇଥି ପାଇଁ ତ କହୁଛି । ରାଜପୁରୁଷ ବି... ତ ହେବେ ତା'ର ଉପରିସ୍ଥ ଅଫିସର । ସେମ୍ୟୋନୋଭ୍ ବାହିନୀରେ ପରା ପେତ୍ରୁଶାର ନାମ ଲେଖା ହୋଇଛି, କ'ଣ ନୁହେଁ ?"

"ନାମ ଲେଖା ହୋଇଛି ! ନାମ ଲେଖା ହୋଇଛି ତ ସେଥିରେ ମୋର କ'ଣ ଗଲା ? ପେତ୍ରୁଶା ପିଟର୍ସବୁର୍ଗକୁ ଯାଉନି । ପିଟର୍ସବୁର୍ଗ ସେନା ଦଳରେ ରହି ସେ କ'ଣ ଶିଖିବ ? କେବଳ ବିଳାସବେସନ ଆଉ ଅପବ୍ୟୟ କେମିତି କରିବାକୁ ହୁଏ ଶିଖିବ । ତା ଅପେକ୍ଷା ସେନାବାହିନୀରେ ଯୋଗ ଦେଉ, ଫୌଜୀ ଝୁଲା କାନ୍ଧରେ ବହୁ, ଗୋଳାବାରୁଦର ବ୍ୟବହାର ଶିଖୁ – ଖାଣ୍ଟି ଜବାନ ହୋଇ ଉଠୁ, ଫୁଲବାବୁ ନହେଉ । ହଁ, ତା ନାମ ରକ୍ଷୀ ବାହିନୀରେ ଲେଖାଯାଇଛି ! ତା ପାସ୍‌ପୋର୍ଟ କାହିଁ ? ମୋତେ ଦିଅ ।"

ମା ମୋର ପାସ୍‌ପୋର୍ଟ ଏବଂ ଖ୍ରୀଷ୍ଟୀୟ ନାମକରଣ ଉତ୍ସବର ପୋଷାକ ଏକ ସିନ୍ଦୁକରେ ସାଇତି ରଖିଥିଲେ । ସେଟିକୁ କାଢ଼ି ଥରଥର ହାତରେ ବାପାଙ୍କ

ହାତକୁ ବଢ଼େଇ ଦେଲେ । ବାପା ପାସ୍‌ପୋର୍ଟଟିକୁ ଭଲ କରି ପଢ଼ିଲେ ଏବଂ ସମ୍ମୁଖସ୍ଥ ଟେବୁଲ ଉପରେ ରଖି ଚିଠି ଲେଖିବାକୁ ଆରମ୍ଭ କଲେ ।

ମୁଁ ଅତିମାତାରେ କୌତୂହଳୀ ହୋଇ ଉଠିଥିଲି । ପିଟର୍ସବୁର୍ଗ ନହେଲେ ଆଉ କେଉଁଠିକି ମୋତେ ପଠାଯାଇପାରେ ? କାଗଜ ଉପରେ ବାପାଙ୍କ କଲମଟି ଧୀରେ ଧୀରେ ଚାଲିବାରେ ଲାଗିଥାଏ ଏବଂ ନିର୍ନିମେଷ ନୟନରେ ତାଙ୍କ ଲେଖାକୁ ମୁଁ ଚାହିଁ ରହିଥାଏ । ଶେଷକୁ ତାଙ୍କ କଲମ ବନ୍ଦ ହେଲା । ଏକ ଲଫାପାରେ ଚିଠି ଏବଂ ପାସ୍‌ପୋର୍ଟଟିକୁ ଭରି ସିଲ୍‌ମୋହର ଲଗେଇ ସେ ଲଫାପାଟିକୁ ବନ୍ଦ କରିଦେଲେ । ତା'ପରେ ଆଖିରୁ ଚଷମା ଖୋଲି ମୋତେ ପାଖକୁ ଡାକି ଯେଉଁସବୁ କଥା କହିଲେ, ତାହା ହେଲା, "ଚିଠିଟି ନେ । ଚିଠିଟି ଲେଖା ହୋଇଛି ମୋର ପୁରୁଣା ସାଥୀ ଆଉ ବନ୍ଧୁ ଆନ୍ଦ୍ରେଇ କାର୍ଲୋଭିଚ୍ ଆର୍...ଙ୍କୁ । ତୁ ତାଙ୍କରି ଅଧୀନରେ କାମ କରିବା ପାଇଁ ଓରେନ୍‌ବୁର୍ଗ ଯିବୁ ।"

ମୁଁ ଯେଉଁ ଉଜ୍ଜ୍ୱଳ ଭବିଷ୍ୟତ କଥା କଳ୍ପନା କରୁଥିଲି, ତାହା ତାଙ୍କ କଥା ଶୁଣି ଧୂଳିସାତ୍ ହୋଇଗଲା ! ପିଟର୍ସବୁର୍ଗର ସେହି ଆନନ୍ଦ ପ୍ରମୋଦ ପରିବର୍ତ୍ତେ ମୋ ପାଇଁ ଅପେକ୍ଷା କରୁଥିଲା ଏକ ଦୂର ଅପନ୍ତରା ମୁଲକର ଅତି କଷ୍ଟକର ଉଦାସୀ ଜୀବନ । ମୁହୂର୍ତ୍ତକ ପୂର୍ବରୁ ସାମରିକ ଜୀବନ ସଂପର୍କରେ ଯେଉଁ ରଙ୍ଗିନ ସ୍ୱପ୍ନ ମୁଁ ଦେଖୁଥିଲି, ଏବେ ସେସବୁ ମନେ ହେଲା ଜୀବନର ଏକ କଠୋର ପରୀକ୍ଷା ପରି । ପ୍ରତିବାଦ କରି ବି କିଛି ଫଳ ମିଳିବାର ନଥିଲା । ପରଦିନ ସକାଳେ ଦୂରଯାତ୍ରା ପାଇଁ ଉପଯୋଗୀ ଏକ ସ୍ଲେଜ୍‌ଗାଡ଼ି ଆସି ଛିଡ଼ା ହୋଇଗଲା ଆମ କୋଠା ସମ୍ମୁଖସ୍ଥ ପୋଟିକ ପାଖରେ । ମୋ ଟ୍ରଙ୍କ୍, ପେଡ଼ୀ, ଗଣ୍ଠୁଲି ଆଦିକୁ ଗାଡ଼ିରେ ରଖାଗଲା । ପେଡ଼ୀ ମଧ୍ୟରେ ଥିଲା ଚା ତିଆରି କରିବାର ସମସ୍ତ ଆନୁସଙ୍ଗିକ ଉପକରଣ ଏବଂ ଗଣ୍ଠୁଲିରେ ଥିଲା ପାରିବାରିକ ସ୍ନେହଶ୍ରଦ୍ଧାର କେତେକ ବିଦାୟ ସନ୍ତକ – ତଟକା ପିଠାପଣା ଏବଂ ମିଠେଇ ଆଦିର ପୁଟୁଳୀ । ମୋ ମା ବାପା ମୋତେ ସେମାନଙ୍କର ଗୁରୁଜନସୁଲଭ ଆଶୀର୍ବାଦ ଜଣେଇଲେ । ବାପା କହିଲେ, "ବିଦାୟ ପିଓତର ! ଯାହାଙ୍କ ପ୍ରତି ଆନୁଗତ୍ୟର ଶପଥ ନେବୁ ତାଙ୍କୁ ବିଶ୍ୱସ୍ତ ଭାବେ ସେବା କରିବୁ,

ଉପରିକମାନଙ୍କୁ ମାନିବୁ, ସେମାନଙ୍କ ଅନୁଗ୍ରହ ପାଇବା ପାଇଁ ପ୍ରୟାସ କରିବୁ ନାହିଁ । ଯେଉଁ କାମ ତୋତେ କରିବାକୁ କୁହା ହୋଇନି, ସେ କାମ କରିବୁ ନାହିଁ । ଯେଉଁ କାମ କରିବାକୁ କୁହାଯାଇଛି, ସେ କାମ କରିବାକୁ ମନା କରିବୁ ନାହିଁ । ଏବଂ ଏହି ପ୍ରବାଦଟିକୁ ମନେ ରଖିଥିବୁ : ପୋଷାକ ନୂଆ ଥିଲାବେଳେ ତାକୁ ସଫା ରଖ, ଯୁବାବସ୍ଥାରୁ ନିଜର ସମ୍ମାନ ରକ୍ଷାକର !" ମା ମୋର ଲୁହ ଛଳ ଛଳ ଆଖିରେ ମୋତେ ଅନୁରୋଧ କରି କହିଲେ, ମୋ ସ୍ୱାସ୍ଥ୍ୟ ପ୍ରତି ନଜର ଦେବାକୁ । ତତ୍ ସଙ୍ଗେ ସଙ୍ଗେ ସାଭେଲିଚ୍‌କୁ ବାରମ୍ବାର ଆକଟ କରି କହିଲେ, ମୋତେ ଦେଖା ଶୁଣା କରିବାକୁ । ସେମାନଙ୍କ କଥାନୁଯାୟୀ କମଣକରା ଠେକୁଆ ଚମଡ଼ାର ଜାମା ଆଉ ତା ଉପରେ ଶିଆଳ ଚମର ଧଡ଼ିଦିଆ ସୂତା କୋଟ୍ ମୁଁ ପିନ୍ଧିଲି । କଅଁ କଅଁ ହୋଇ ମୁଁ କାନ୍ଦୁଥାଏ । ଘୋଡ଼ାଟଣା ସ୍ଲେଜ୍‌ଗାଡ଼ି ଉପରକୁ ଉଠି ସାଭେଲିଚ୍ ପାଖରେ ବସିଲି । ମୋର ଯାତ୍ରା ଆରମ୍ଭ ହେଲା ।

ବେଳ ବୁଡ଼ିଲା ବେଳକୁ ଆମେ ସିମ୍ବିର୍ସ୍କ ସହରରେ ପହଞ୍ଚିଗଲୁ । ସାଭେଲିଚ୍ ଉପରେ କେତେକ ଜିନିଷ କିଣିବାର ଦାୟିତ୍ୱ ଥିବାରୁ ପରଦିନ ଯାଏ ସେଇ ସହରରେ ଆମର ରହିବାର କଥା । ଗୋଟିଏ ଚଟିଘରେ ଆମେ ଯାଇ ରହିଲୁ । ପରଦିନ ବଡ଼ିଭୋରୁ ସାଭେଲିଚ୍ ବଜାରକୁ ବାହାରିଗଲା ଏବଂ ଝରକାବାଟେ ମୁଁ ଅସନା ରାସ୍ତାକୁ ଚାହିଁ ରହିଲି । ଚାହିଁ ଚାହିଁ ଶେଷବେଳକୁ କ୍ଳାନ୍ତ ହୋଇପଡ଼ି ଚଟିଘରର ଅନ୍ୟସବୁ କୋଠରୀରେ ବୁଲିବାକୁ ଲାଗିଲି । ବିଲିଆର୍ଡ ଖେଳ ଘରେ ଜଣେ ଡେଙ୍ଗା ଲୋକଙ୍କୁ ଦେଖିବାକୁ ପାଇଲି – ତାଙ୍କ ବୟସ ପଇଁତ୍ରିଶ ଖଣ୍ଡ ହେବ । ମୁହଁ ଉପରକୁ ନଇଁ ଆସିଥିବା କଳା କଳା ନିଶ, ଦେହରେ ଡ୍ରେସିଂ ଗାଉନ୍, ହାତରେ ବିଲିଆର୍ଡ ଖେଳିବାର ଛଡ଼ି ଏବଂ ମୁହଁରେ ଏକ ପାଇପ୍ । ମାର୍କାର୍ ସହିତ(୬)ସେ ବିଲିଆର୍ଡ ଖେଳୁଥିଲେ । ମାର୍କାର୍ ଖେଳରେ ଜିତିଲେ ତାକୁ ଗ୍ଲାସେ ଭୋଦ୍‌କା ପିଇବାକୁ ମିଳୁଥିଲା ଏବଂ ହାରିଗଲେ ଚାରି ଗୋଡ଼ିଆ ହୋଇ ଟେବୁଲ ତଳେ ହାମୁଡ଼ଉଥିଲା । ମୁଁ ସେ ଦୁଇଜଣଙ୍କ ଖେଳ ଦେଖିବାକୁ ଲାଗିଲି । ଖେଳ ଯେତେ ଅଧିକ ସମୟ ପର୍ଯ୍ୟନ୍ତ ଚାଲିଲା, ମାର୍କାର୍‌କୁ ସେତେ ବେଶି ଥର ଟେବୁଲ ତଳେ

ପଶିବାକୁ ପଡ଼ିଲା । ଏବଂ ଶେଷକୁ ଏପରି ହେଲା ଯେ, ତାକୁ ଆଉ ଟେବୁଲ ତଳୁ ବାହାରିବାକୁ ହେଲା ନାହିଁ । ଶବସତ୍କାର କାଳରେ ଯେପରି କରନ୍ତି ସେଇ ପରି କେତୋଟି ହଲପ୍ କରି ଖେଳ ବନ୍ଦ କରିଦେଲେ ଭଦ୍ରଲୋକ । ତା'ପରେ ମୋତେ ଡାକିଲେ ତାଙ୍କ ସହିତ ଖେଳିବାକୁ । ବିଲିଆର୍ଡ କେମିତି ଖେଳିବାକୁ ହୁଏ ମୋତେ ଜଣା ନଥିଲା, ତେଣୁ ମୁଁ ମନା କରିଦେଲି । ଏହା ଦ୍ୱାରା ସେ ଏତେ ବେଶି ବିସ୍ମିତ ହୋଇ ପଡ଼ିଲେ ଯେ, ମୋ ପ୍ରତି ତାଙ୍କର ଦୟା ହେଲା ଭଳି ଲାଗିଲା । ତେବେ କିଛି କ୍ଷଣ ମଧ୍ୟରେ ଆମ ଦିହିଁଙ୍କ ମଧ୍ୟରେ ଆଳାପ ଜମିଗଲା । ମୁଁ ଜାଣିବାକୁ ପାଇଲି, ତାଙ୍କ ନାମ ହେଉଛି ଇଭାନ୍ ଇଭାନୋଭିଚ୍ ଜୁରିନ୍, ଏକ ଅଶ୍ୱାରୋହୀ ବାହିନୀର କ୍ୟାପ୍ଟେନ୍ । ସିମ୍ବିର୍ସ୍କକୁ ସେ ଆସିଛନ୍ତି ସୈନ୍ୟ ଦଳରେ ନୂଆ ଲୋକ ନିଯୁକ୍ତ କରିବା ଉଦ୍ଦେଶ୍ୟରେ ଏବଂ ଏହି ଚଟିଘରେ ଏବେ ରହୁଛନ୍ତି । ଜୁରିନ୍ ମୋତେ ତାଙ୍କ ସହିତ ସାନ୍ଧ୍ୟ ଭୋଜନ କରିବାକୁ ନିମନ୍ତ୍ରଣ ଜଣାଇଲେ ଏବଂ କହିଲେ, ଯାହା ମିଳିବ ସୈନିକ ଭଳି ମିଳିମିଶି ଖାଇନେବା । ଆନନ୍ଦର ସହିତ ମୁଁ ରାଜୀ ହୋଇଗଲି ଏବଂ ଆମେ ଯାଇ ଟେବୁଲରେ ବସିଲୁ । ଜୁରିନ୍ ପ୍ରଚୁର ମଦ୍ୟ ପାନ କଲେ ଏବଂ ମୋ ଗ୍ଲାସଟିକୁ ମଧ୍ୟ ଖାଲି ହେବାକୁ ଦେଲେ ନାହିଁ । ଗ୍ଲାସ୍‌ରେ ମଦ ଢାଳିଲାବେଳେ ବାରମ୍ବାର କହୁଥିଲେ, ସେନାବିଭାଗରେ ରହିବାକୁ ହେଲେ ମୋତେ ଏହି ଅଭ୍ୟାସଟି କରିବାକୁ ହିଁ ହେବ । ସାମରିକ ଜୀବନର ନାନା ଗଳ୍ପ ସେ ମୋତେ ଶୁଣାଇବାକୁ ଲାଗିଲେ । ସେସବୁ ଶୁଣି ମୁଁ ହସିହସି ବେଦମ୍ ହୋଇଗଲି । ଖାଇଲା ପିଇଲା ପରେ ଆମେ ଦିଜଣଙ୍କ ମଧ୍ୟରେ ଗଭୀର ବନ୍ଧୁତ୍ୱ ଜମିଯାଇଥିଲା । ତା'ପରେ ସେ ନିଜ ପକ୍ଷରୁ ପ୍ରସ୍ତାବ ଦେଲେ, ମୋତେ ବିଲିଆର୍ଡ ଖେଳ ଶିଖାଇ ଦେବା ପାଇଁ । କହିଲେ, "ଆମେ ଯେଉଁମାନେ ସୈନିକ ହୋଇଛେ, ଆମ ପକ୍ଷରେ ଏହି ଖେଳଟି ଶିଖିବା ଏକାନ୍ତ ଆବଶ୍ୟକ । ଧରନ୍ତୁ, ଆପଣ ମାର୍ଚ୍ଚ କରୁକରୁ ଏକ ଛୋଟ ସ୍ଥାନରେ ପହଞ୍ଚି ଗଲେ । ସେଠି ଆପଣ କେମିତି ସମୟ କଟାଇବେ? ଇହୁଦୀଗୁଡ଼ାଙ୍କୁ ତ ଆପଣ ସବୁବେଳେ ଠେଙ୍ଗେଇ ପାରିବେ ନାହିଁ । ତେଣୁ ବାଧ୍ୟ ହୋଇ ଆପଣଙ୍କୁ କୌଣସି ଏକ ଚଟିଘରେ ଯାଇ ବିଲିଆର୍ଡ ଖେଳିବାକୁ

ହେବ । ସେଥି ପାଇଁ ଆପଣଙ୍କୁ ବିଲିଆର୍ଡ ଖେଳ ଜଣାଥିବା ଦରକାର!" ତାଙ୍କର ଏହି ଯୁକ୍ତି ସହିତ ମୁଁ ସଂପୂର୍ଣ୍ଣ ଏକମତ ହୋଇଗଲି ଏବଂ ସମସ୍ତ ମନୋଯୋଗ ଦେଇ ଖେଳ ଶିଖିବାକୁ ଲାଗିଲି । ଜୁରିନ୍ ମୋତେ ଖୁବ୍ ଉତ୍ସାହ ଦେଉଥିଲେ ଏବଂ ଖେଳ ଶିଖିବାରେ ମୋର ଅଗ୍ରଗତି ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ପ୍ରଥମ କେଇ ଛେକ ଖେଳ ଚାଲିଲା ମୋତେ ତାଲିମ ଦେବା ଉଦ୍ଦେଶ୍ୟରେ । ତା'ପରେ ଜୁରିନ୍ ପ୍ରସ୍ତାବ ଦେଲେ କିଛି ଛୋଟ ବାଜି ରଖି ଖେଳିବାକୁ । ବାଜିଟା ଅବଶ୍ୟ ହାରିବା-ଜିତିବା ପାଇଁ ନୁହେଁ, ସଂପୂର୍ଣ୍ଣ ଖାଲି ହାତରେ ନଖେଳିବା ପାଇଁ । ଜୁରିନ୍‌ଙ୍କ ମତରେ ଖାଲି ହାତରେ ଖେଳିବାଟା ହେଉଛି ସବୁଠାରୁ ଖରାପ ଅଭ୍ୟାସ । ତାଙ୍କର ଏହି ପ୍ରସ୍ତାବଟିକୁ ମୁଁ ଗ୍ରହଣ କରି ନେଲି । ତା'ପରେ ସେ ପଞ୍ଚ୍ * ପାନୀୟ ଆଣିବାକୁ ଆଦେଶ ଦେଲେ । ମୋତେ ରାଜୀ କରେଇ ନେଲେ ପାନୀୟ ଟିକେ ଚାଖିବା ପାଇଁ । ଏଥରକ ମଧ୍ୟ ତାଙ୍କର ସେଇ କଥାଟିକୁ କହିଲେ – ସେନାବିଭାଗରେ ରହିବାକୁ ହେଲେ ଏହି ଅଭ୍ୟାସଟି ମୋତେ ଅବଶ୍ୟ ହିଁ କରିବାକୁ ହେବ । ସେନା ବିଭାଗରେ କାମ କରି ଯଦି ପଞ୍ଚ୍ ନପିଇବ ତେବେ ବଞ୍ଚି ଲାଭ କ'ଣ? ତାଙ୍କ କଥା ମୁଁ ମାନି ନେଲି । ଇତି ମଧ୍ୟରେ ଆମ ଖେଳ ଚାଲିଥାଏ । ମୁଁ ଯେତେ ପଞ୍ଚ୍ ପିଉଥାଏ ସେତେ ବେଶି ବେପରୁଆ ହୋଇ ଉଠୁଥାଏ । ବିଲିଆର୍ଡ ବଲ୍‌କୁ ମାରି ଦେଲା କ୍ଷଣି ତାହା ସବୁବେଳେ ଟେବୁଲରୁ ଛିଟିକି ବାହାରି ଯାଉଥିଲା । ଫଳରେ ମୋ ମିଜାଜ ଖରାପ ହୋଇଗଲା ଓ ମୁଁ ମାର୍କାର୍‌କୁ ଗାଳି ଦେଲି ଠିକ୍ ଗଣି ପାରୁ ନାହିଁ ବୋଲି । ଗୋଟାକ ପରେ ଗୋଟାଏ ବାଜି ବଢ଼ି ଚାଲିଥାଏ । ଚୁମ୍ବକରେ କହିବାକୁ ଗଲେ, ମୋ ବ୍ୟବହାର ଘରୁ ପଳାଇ ଯାଇଥିବା ପିଲା ଭଳି ହୋଇ ଉଠିଲା । ଘଣ୍ଟା ପରେ ଘଣ୍ଟା କିପରି ବିତିଗଲା ମୁଁ ଜାଣି ପାରିଲି ନାହିଁ । ଜୁରିନ୍ ତାଙ୍କ ହାତ ଘଡ଼ିଟିକୁ ଚାହିଁ ବିଲିଆର୍ଡ ଖେଳର ଛଡ଼ିଟି ରଖିଦେଲେ ଏବଂ ଘୋଷଣା କଲେ ଯେ, ମୁଁ ଶହେ ରୁବଲ ହାରିଛି । ତାଙ୍କ କଥା ଶୁଣି ମୁଁ ବିଚଳିତ ହୋଇ ପଡ଼ିଲି । ମୋର ସମସ୍ତ ଟଙ୍କା ପଇସା

---

* ବିଭିନ୍ନ ପାନୀୟର ଏକ ମିଶ୍ରଣ – ସଂପାଦକ ।

ତ ସାଭେଲିଚ୍ ପାଖରେ । ଟଙ୍କା ନଦେଇ ପାରି ମୁଁ ତାଙ୍କୁ ମାଫି ମାଗିଲି । ସେ ମୋତେ ଆଶ୍ୱାସନା ଦେଇ କହିଲେ, "କିଛି ଅସୁବିଧା ହେବ ନି ! ତମେ ସେଥି ପାଇଁ ମୋଟେ ଚିନ୍ତା କର ନା ! ପରେ ଦେଲେ ବି ଚଳିବ । ଏବେ ଚାଲ ମାଦ୍‌ମୋୟାଜେଲ୍ ଆରିନୁଶ୍‌କାଙ୍କୁ ଟିକେ ଦେଖି ଆସିବା ।"

ତା'ପରେ ତମର ଆଉ ଚାରା କ'ଣ ? ଦିନଟି ଯେମିତି ନିର୍ବୋଧତା ମଧ୍ୟ ଦେଇ ଆରମ୍ଭ କରିଥିଲି ଶେଷ ମଧ୍ୟ ସେଇପରି କଲି । ମାଦ୍‌ମୋୟାଜେଲ୍ ଆରିନୁଶ୍‌କାଙ୍କ ଘରେ ଆମେ ରାତ୍ରି ଭୋଜନ କଲୁ । ଜୁରିନ୍ ଅନବରତ ମୋ ଗ୍ଲାସଟିକୁ ଭରି ଦେଉଥିଲେ ଏବଂ ସେଇ କଥାଟିକୁ ପୁନରାବୃତ୍ତି କରି କହୁଥିଲେ, "ସେନାବିଭାଗରେ ରହିବାକୁ ହେଲେ ଆପଣଙ୍କୁ ଏହି ଅଭ୍ୟାସଟି ଅବଶ୍ୟ ହିଁ କରିବାକୁ ହେବ ।" ପାନାହାର ପରେ ଉଠିବାକୁ ଚେଷ୍ଟା କଲି ବେଳେ ଦେଖିଲି ମୋର ଛିଡ଼ା ହେବା ପାଇଁ ଆଉ ଜୁ ପାଉ ନାହିଁ । ଅଧରାତିରେ ଜୁରିନ୍ ମୋତେ ଧରି ଧରି ଚଟିଘରକୁ ଘେନି ଆସିଲେ ।

ଦୁଆର ମୁହଁରେ ସାଭେଲିଚ୍ ସହିତ ଦେଖା ହୋଇଗଲା । ସେନା ବିଭାଗର ଅଭ୍ୟାସ ଆୟତ୍ତ କରିବା ପାଇଁ ମୋର ବିଶେଷ ଉତ୍ସାହର ସୁସ୍ପଷ୍ଟ ଚିହ୍ନକୁ ଲକ୍ଷ୍ୟ କରି ସେ ଅବାକ୍ ହୋଇଗଲା । ଅତି ଦୟନୀୟ ଭାବେ ସେ କହି ପକାଇଲା, "ଆପଣ କ'ଣ କରୁଛନ୍ତି, ଆଜ୍ଞା ? କେଉଁଠି ଏତେ ମତୁଆଲ ହୋଇ ପଡ଼ିଲେ ? ହେ ଭଗବାନ ! ଏଭଳି ବଦମାସି ତ କେବେ ମୁଁ ଦେଖି ନି !"

"ଚୁପ୍ ରହ, ବୁଢ଼ା ମୂଷା !" ଅସ୍ପଷ୍ଟ ଗଳାରେ ମୁଁ କହିଲି । "ତୁ ନିଶ୍ଚୟ ମତୁଆଲ ହୋଇଛୁ ! ଯା, ଶୋଇ ପଡ଼ିବୁ ଯା... ମତେ ମଧ୍ୟ ବିଛଣାକୁ ନେଇ ଚାଲେ ।"

ତହିଁ ଆରଦିନ ସକାଳେ ନିଦ ଭାଙ୍ଗିଲା ବେଳକୁ ମୁଣ୍ଡଟା ବଥାଉଥାଏ । ପୂର୍ବ ଦିନ ଘଟଣାର ଏକ ଛାଇଛାଇକିଆ ସ୍ମୃତି ମନରେ ଭାସି ଉଠୁଥାଏ । ମୁଁ ଗଭୀର ଭାବେ ବିଷୟଟାକୁ ଭାବିବାକୁ ଚେଷ୍ଟା କରୁଥାଏଁ, ଏହି ସମୟରେ ସାଭେଲିଚ୍ ଚା ନେଇ ଆସିବାରୁ ସେଥିରେ ବାଧା ପଡ଼ିଲା । "ଖୁବ୍ ସହଳ ସହଳ ମଦ ପିଇବାକୁ ଆରମ୍ଭ କରି ଦେଇଛନ୍ତି, ଆଜ୍ଞା !" ମୁଣ୍ଡକୁ ହଲେଇ ସେ କହିଲା । "ଆପଣଙ୍କ ବଂଶରେ କେହି ଏମିତି କରି ନଥିଲେ । ଆପଣଙ୍କ

ବାପା କିମ୍ବା ଗୋଷ୍ଠବାପା କେହି କେବେ ମତୁଆଲ ହୋଇଥିଲେ ବୋଲି ମୁଁ ଜାଣି ନି । ଆଉ ଆପଣଙ୍କ ମା, ସେ ତ ଜୀବନ ସାରା କ୍ୱାସ୍ * ଛଡ଼ା ଅନ୍ୟ କିଛି ପିଇ ନାହାନ୍ତି । ଆପଣଙ୍କ ଏ ଅବସ୍ଥା ପାଇଁ କିଏ ଦାୟୀ ଜୁହନ୍ତୁ ତ ? ସେଇ ବଦମାସ ଫରାସୀଟା ନା ? ଭଣ୍ଡାର ଘରକୁ ଯାଇ ଘରଣୀମାନଙ୍କୁ ଅତିଷ୍ଠ କରି ଦେଉଥିଲା, 'ମ୍ୟାଡାମ୍, ମୋତେ ଦୟା କରି କିଛି ଭୋଦ୍‌କା ଦିଅନ୍ତୁ !' ସେଇ 'ଦୟା କରି ଦେବାଟା' ଏବେ କିପରି ଫଳ ଦେଉଛି ମୁଁ ଦେଖୁଛି ! ବଦମାସଟା ଆପଣଙ୍କ ମୁଣ୍ଡରେ ଗୋଟେ ଦିଟା କଥା ଭର୍ତ୍ତି କରିଦେଇ ଯାଇଛି ନିଶ୍ଚୟ । ପଇସା ଖର୍ଚ୍ଚ କରି ଏଭଳି ଏକ କୁକୁରକୁ କାହିଁକି ସେମାନେ ଭଡ଼ାରେ ଆଣିଥିଲେ ? ମୁନିବଙ୍କର ତ କୌଣସି ଚାକରବାକରର ଅଭାବ ନଥିଲା !"

ମୁଁ ଲଜ୍ଜା ବୋଧ କରୁଥିଲି । ମୁହଁ ବୁଲେଇ ନେଇ କହିଲି, "ତୁ ଚାଲିଯା, ସାଭେଲିଚ୍ । ମୋର ଚା' ଦରକାର ନାହିଁ ।" କିନ୍ତୁ ସାଭେଲିଚ୍ ଥରେ ଉପଦେଶ ଦେବାକୁ ଆରମ୍ଭ କଲେ ସେଥିରୁ ଆଉ ରକ୍ଷା ନାହିଁ । ସେ କହିଲା, "ଆଜ୍ଞା, ମଦ ପିଇବାର ଫଳ କ'ଣ ଆପଣ ଏଥର ଦେଖିଲେ ତ ! ମୁଣ୍ଡ ବିନ୍ଧେ, ଖାଇବାକୁ ଇଚ୍ଛା ହୁଏ ନା । ମଦ ପିଇଲେ ମଣିଷ କିଛି କରି ପାରେ ନାହିଁ... । ଗୋଟିଏ କାମ କରନ୍ତୁ, ଲୁଣିଆ କାକୁଡ଼ି ଆଚାର ଆଉ ମହୁ ଖାଇ ନିଅନ୍ତୁ । କିମ୍ବା ସବୁଠୁଁ ଭଲ ହେବ ଯଦି ଅଧ ଗ୍ଲାସେ ଭୋଦ୍‌କା ପିଇନେବେ, ନିଶାଟା କଟିଯିବ, କ'ଣ ଆଣିବାକୁ କହିବି ?"

ଠିକ୍ ଏତିକିବେଳେ ଘର ମଧ୍ୟକୁ ଗୋଟିଏ ପିଲା ପଶିଆସିଲା । ମୋ ପାଖକୁ ଆଇ. ଆଇ. ଜୁରିନ୍ ଲେଖିଥିବା ଏକ ଚିଠି ସେ ଆଣିଥିଲା । ଚିଠିଟି ମୁଁ ଖୋଲିଲି । ସେଥିରେ ଲେଖାଥିଲା :

"ପ୍ରିୟ ପିଓତର ଆନ୍ଦ୍ରେୟେଭିଚ୍, ଗତ ରାତ୍ରିରେ ଆପଣ ମୋ ସହିତ ଖେଳରେ ଯେଉଁ ଶହେ ରୁବଲ ହାରିଥିଲେ ତାହା ଏହି ପିଲାଟି ହାତରେ ଦୟାକରି ପଠାଇ ଦିଅନ୍ତୁ । ମୋର ଟଙ୍କା ଖୁବ୍ ଦରକାର ।

ଆପଣଙ୍କର ଅନୁଗତ

ଇଭାନ୍ ଜୁରିନ୍ ।"

---

* ରୁଟିରୁ ତିଆରି ଏକ ପ୍ରକାରର ପାନୀୟ — ସଂପାଦକ ।

ମୋର ଅନ୍ୟ କୌଣସି ଉପାୟ ନଥିଲା । ମୋ ଟଙ୍କା ପଇସା, ପୋଷାକପତ୍ର, ସବୁ କିଛି ସାଭେଲିଚ୍ ପାଖରେ । ମୁହଁରେ ଏକ ଉଦାସ ଭାବ ଫୁଟାଇ ସାଭେଲିଚ୍‌କୁ ମୁଁ କହିଲି, ପିଲାଟିକୁ ଶହେ ରୁବଲ ଦେଇ ଦେବା ପାଇଁ । ସାଭେଲିଚ୍ ବିସ୍ମିତ ହୋଇ ପଚାରିଲା, "କାହିଁକି ? କେଉଁଥି ପାଇଁ ?" ମୋ ପକ୍ଷରେ ଯେତେ ଦୂର ସମ୍ଭବ, ସେତେ ଶାନ୍ତ ଭାବେ କହିଲି, "ତାଙ୍କଠୁଁ ମୁଁ ଧାର କରିଛି ।" ସାଭେଲିଚ୍ ଆଉରି ବିସ୍ମୟାଭିଭୂତ ହୋଇଗଲା । ମୋ କଥାକୁ ଦୋହରାଇ କହିଲା, "ଧାର କରିଛି ! ମାତ୍ର ଦୁଇଟା ଦିନ ଯାଇନି, ଆପଣ ଧାର କଲେ କିପରି, ଆଜ୍ଞା ? ନିଶ୍ଚୟ ଏଥିରେ କିଛି ଗଡ଼ବଡ଼ ଅଛି ବୋଲି ମନେ ହେଉଛି । ଆପଣ ଯାହା କହନ୍ତୁ ପଛେ, ମୁଁ ଏ ଟଙ୍କା ଦେଇ ପାରିବି ନାହିଁ ।"

ମୁଁ ମନେ ମନେ ଭାବିଲି, ଏହି ସଂକଟମୟ ମୁହୂର୍ତ୍ତରେ ମୁଁ ଯଦି ଏ ଏକଜିଦିଆ ବୁଢ଼ାଟାକୁ ଦବେଇ ନଦିଏଁ ତେବେ ଭବିଷ୍ୟତରେ ତା'ର ଅଭିଭାବକତ୍ୱରୁ ମୁକ୍ତି ପାଇବା ଅତି କଷ୍ଟକର ହୋଇପଡ଼ିବ । ତେଣୁ ଏକ ଅବଜ୍ଞାସୂଚକ ଦୃଷ୍ଟିରେ ତା ଆଡ଼କୁ ଚାହିଁ କହିଲି, "ମୁଁ ହେଉଛି ତୋର ମୁନିବ, ତୁ ମୋର ସେବକ । ଟଙ୍କା ପଇସାର ମାଲିକ ହେଉଛି ମୁଁ । ମୋର ଇଚ୍ଛା ହେଲା, ମୁଁ ବାଜି ରଖିଥିଲି, ହାରିଗଲି । ତୋତେ କହି ଦେଉଛି, ମୋ ପାଖରେ ଚାଲାକି ଦେଖାଇବୁ ନାହିଁ । ଯାହା କରିବାକୁ କହୁଛି, ସେଇୟା କର ।"

ମୋ କଥା ଶୁଣି ସାଭେଲିଚ୍ ଏତେ ହତବୁଦ୍ଧି ହୋଇପଡ଼ିଲା ଯେ, କେବଳ ଅସହାୟ ଭାବେ ହାତ ଦୁଇଟିକୁ ଝୁଲାଇ ଛିଡ଼ା ହୋଇ ରହିଲା । "ହାଁ କରି ଛିଡ଼ା ହୋଇଛୁ କାହିଁକି ?" ମୁଁ ରାଗରେ ଚିତ୍କାର କରିଉଠିଲି । ସାଭେଲିଚ୍ କାନ୍ଦରେ ଫାଟି ପଡ଼ି ଥରଥର ଗଳାରେ କହିଲା, "ମୋତେ ଏତେ ଦୁଃଖ ଦିଅନ୍ତୁ ନାହିଁ ଆଜ୍ଞା, ମୁଁ ମରିଯିବି ! ଆପଣ ହେଉଛନ୍ତି ମୋର ଆଖିର ମଣି, ଏ ବୁଢ଼ା ଲୋକଟାର କଥା ଟିକେ ଶୁଣନ୍ତୁ ! ସେ ବଦ୍ମାଶ୍‌ଟାକୁ ଲେଖି ଦିଅନ୍ତୁ ଯେ, ଆପଣ ତା ସହିତ ଥଟା କରିଥିଲେ, ଆପଣଙ୍କ ପାଖରେ ଏତେ ଟଙ୍କା ନାହିଁ । ଅଳ୍ପ ନୁହେଁ, ଏକେବାରେ ଶହେ ରୁବଲ ! ହେ ଭଗବାନ ! ଲେଖି ଦିଅନ୍ତୁ, ଆପଣଙ୍କ ବାପା ମା ଜୁଆ ନଖେଳିବା ପାଇଁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ସେମାନେ କହି ଦେଇଛନ୍ତି, କାଣି କଉଡ଼ିଟାଇବି ବାଜି ରଖିବେ ନାହିଁ ... ।"

"ବହୁତ ହୋଇଗଲାଣି ଆଉ ବେଶି କଥା କହ ନା", ମୁଁ କଡ଼ା ସ୍ୱରରେ କହିଲି । "ତାକୁ ଟଙ୍କା ଦେଇ ଦେ, ନଚେତ୍ ତୋତେ ନିକାଲି ଦେବି !"

ଗଭୀର ଦୁଃଖରେ ମୋ ଆଡ଼କୁ ଚାହିଁ ସାଭେଲିଚ୍ ଟଙ୍କା ଆଣିବାକୁ ଚାଲିଗଲା । ବୁଢ଼ାଟି ପାଇଁ ମୋ ମନରେ କଷ୍ଟ ହେଉଥାଏ, କିନ୍ତୁ ମୁଁ ମୋ ନିଷ୍ପତ୍ତିରେ ଅଟଳ ରହିବାକୁ ଏବଂ ମୁଁ ଆଉ ଛୋଟ ପିଲା ନୁହେଁ ବୋଲି ଦେଖାଇ ଦେବାକୁ ଚାହୁଁଥିଲି । ଜୁରିନ୍‌ଙ୍କ ପାଖକୁ ଟଙ୍କାଟା ପଠାଇ ଦିଆଗଲା । ତା'ପରେ ସେଇ ଅଭିଶପ୍ତ ପାନ୍ଥଶାଳାରୁ ମୋତେ ନେଇଯିବା ପାଇଁ ସାଭେଲିଚ୍ ଚଞ୍ଚଳ ହୋଇଉଠିଲା । ମୋତେ ଆସି ଖବର ଦେଲା, ଗାଡ଼ି ଆଉ ଘୋଡ଼ା ଯିବା ପାଇଁ ପ୍ରସ୍ତୁତ ହୋଇଗଲାଣି । ଏକ ଅଶାନ୍ତ ବିବେକ ଏବଂ ନୀରବ ମନସ୍ତାପ ନେଇ ମୁଁ ସିମ୍ବିର୍ସ୍କ ପରିତ୍ୟାଗ କଲି । ମୋର ସେ ଜୁଆ ଖେଳ ଶିକ୍ଷକଠାରୁ ବିଦାୟ ନେବାକୁ ଗଲି ନାହିଁ । ତା' ସହିତ ଆଉ କେବେ ପୁଣି ଦେଖା ହେବ ବୋଲି ମୁଁ ଆଶା କରୁ ନଥିଲି ।

ଦ୍ୱିତୀୟ ପରିଛେଦ

ପଥପ୍ରଦର୍ଶକ

"ଦୂର ଦେଶ
ଅଜ୍ଞାତ ଅପରିଚିତ !
ଖୋଜି ଖୋଜି
ତୋ ପାଖେ ଯିବାକୁ
ନଥିଲା ସୁଅଶ୍ୱ ମୋର !
କିନ୍ତୁ ଥିଲା ମୋ ସାହସ ,
ଯୌବନର ଉଦ୍ଦାମତା
ମଦ୍ୟପାୟୀ ବେପରୁଆ ମନ
ତୋ ପାଖେ ଆଣିଲା ମୋତେ ।"

ଏକ ପୁରାତନ ଗୀତ (୭)

ରାସ୍ତାରେ ଗଲାବେଳେ ମନରେ ଦେଖାଦେଉଥିବା ଚିନ୍ତାଗୁଡ଼ାକ ଖୁବ୍ ସୁଖପ୍ରଦ ନଥିଲା । ସେ ସମୟ ପାଇଁ ମୋର ଅର୍ଥଦଣ୍ଡଟା ଥିଲା ଯଥେଷ୍ଟ । ଏବଂ ମନେ ମନେ ମୁଁ ସ୍ୱୀକାର କରିବାକୁ ବାଧ୍ୟ ହୋଇଥିଲି ଯେ , ସିମ୍ବିର୍ସ୍କରେ ମୁଁ ନିର୍ବୋଧ ଭଳି ଆଚରଣ କରିଛି । ସାଭେଲିଚ୍ ସହିତ ମୁଁ ଦୁର୍ବ୍ୟବହାର କରିଛି । ଏହିସବୁ ଚିନ୍ତାର ଦଂଶନ ମୋତେ ତୀବ୍ର ଯନ୍ତ୍ରଣା ଦେଉଥିଲା । ଗାଡ଼ିଚାଳକର ଆସନରେ ବୃଦ୍ଧ ସାଭେଲିଚ୍ ମନମରା ହୋଇ ମୋ ଆଡ଼କୁ ପିଠି କରି ବସିଥାଏ । କଦବାଏ କେମିତି ବିରକ୍ତିସୂଚକ ଗୋଟିଏ ଦୁଇଟି କଥା ଛଡ଼ା ମୌନ ରହିଥାଏ । ମୁଁ ମନେ ମନେ ସ୍ଥିର କରିନେଲି ତା ସହିତ ଗୋଟାଏ ଫଇସଲା କରିନେବି । କିନ୍ତୁ କିପରି କରିବାକୁ ହେବ ସେ ସଂପର୍କରେ ମୋର କୌଣସି ଧାରଣା ନଥିଲା । ଶେଷକୁ ମୁଁ କହିପକାଇଲି , "ସାଭେଲିଚ୍ , ଶୁଣୁଛ , ମୁଁ କ'ଣ କହୁଛି ! ଯାହା ହେବାର ଥିଲା ହୋଇଯାଇଛି , ତମେ ଆଉ ଏମିତି ମନ ଦୁଃଖରେ ବସନା । ସବୁ ମୋର ଭୁଲ – ମୁଁ ବୁଝି ପାରୁଛି , ମୁଁ ଭୁଲ କରିଛି ।

ଗତକାଲି ମୁଁ ବୋକାଙ୍କ ଭଳି କାମ କରିଛି । ତୁମକୁ ଏପରି କଡ଼ା କଥା କହିବା ମଧ୍ୟ ମୋ ପକ୍ଷରେ ଉଚିତ ହୋଇନି । ତୁମକୁ କଥା ଦେଉଛି , ଭବିଷ୍ୟତରେ ଆଉ ଏମିତି କରିବି ନାହିଁ , ତୁମ କଥା ମାନି ଚଳିବି । ଏଥର ଆଉ ରାଗ କରନା , ଯା' ହୋଇଯାଇଛି , ସବୁ ଭୁଲି ଯିବା ଚାଲ !"

"ଆପଣଙ୍କୁ ଆଉ କ'ଣ କହିବି , ଆଜ୍ଞା ?" ଗଭୀର ଦୀର୍ଘଶ୍ୱାସ ପକାଇ ସେ କହିଲା । "ମୁଁ ମୋ ନିଜ ଉପରେ ରାଗିଛି । ସବୁ ଦୋଷ ହେଉଛି ମୋରି । ପାନ୍ଥଶାଳାରେ ଆପଣଙ୍କୁ ଏକାକୀ ଛାଡ଼ି ଯାଇ ମୁଁ ଠିକ୍ କରି ନି । ତା'ଛଡ଼ା ମୁଁ ବି ଲୋଭ ସମ୍ଭାଳି ପାରିଲି ନି । ମୁଣ୍ଡରେ ମୋର କ'ଣ ଗୋଟାଏ ଝୁଙ୍କ ପଶିଗଲା । ମୁଁ ମୋର ଜଣେ ପୁରୁଣା ବାନ୍ଧବୀ – ଗିର୍ଜାର ତତ୍ତ୍ୱାବଧାରକଙ୍କ ସ୍ତ୍ରୀଙ୍କ ସହିତ ଦେଖା କରିବାକୁ ଚାଲିଗଲି । ତାପରେ କି ଭୟଙ୍କର ଘଟଣାଟାଏ ଘଟିଗଲା ! ମୋ ମୁନିବ ଆଉ ସାଆନ୍ତାଣୀଙ୍କୁ କେମିତି ଯେ ମୁହଁ ଦେଖାଇବି ଭାବି ପାରୁ ନି ? ସେମାନେ ଯେତେବେଳେ ଶୁଣିବେ ଯେ , ସେମାନଙ୍କ ପୁଅ ମଦ ପିଇଛି ଏବଂ ଜୁଆ ଖେଳିଛି , କ'ଣ କହିବେ ?"

ଦୁଃଖୀ ସାଭେଲିଚ୍‌କୁ ସାନ୍ତ୍ୱନା ଦେବା ପାଇଁ ମୁଁ ପ୍ରତିଜ୍ଞା କଲି , ଭବିଷ୍ୟତରେ ତା ଅନୁମତି ବିନା ମୁଁ କୋପେକ୍‌ଟିଏ ବି ଖର୍ଚ୍ଚ କରିବି ନାହିଁ । ଧୀରେ ଧୀରେ ସେ ଶାନ୍ତ ହେବାକୁ ଲାଗିଲା , ଯଦିଓ ମଝିରେ ମଝିରେ ସେ ମୁଣ୍ଡକୁ ଛିଆଡ଼ି ବିଡ଼ି ବିଡ଼ି ହୋଇ କହି ପକାଉଥିଲା , "ଶହେ ରୁବଲ ! କ'ଣ ଥଟା ପଡ଼ିଛି !"

ଗନ୍ତବ୍ୟ ସ୍ଥାନଟି ଆମର ପାଖେଇ ଆସିଥାଏ । ଚାରିଆଡ଼େ ମେଲେଇ ହୋଇ ପଡ଼ିଛି ଉଦାସୀ ସମତଳ ପ୍ରାନ୍ତର । ବୈଚିତ୍ର୍ୟ ହିସାବରେ ଜାଗାଏ ଜାଗାଏ ଗୋଟାଏ ଗୋଟାଏ ଛୋଟ ପାହାଡ଼ମୁଣ୍ଡିଆ ଆଉ ଗିରିସଂକଟ । ସବୁ କିଛି ବରଫରେ ଆବୃତ । ପଶ୍ଚିମରେ ସୂର୍ଯ୍ୟ ଅସ୍ତ ହୋଇ ଆସୁଥାଏ । ଗୋଟିଏ ସରୁ ପଥ ଦେଇ , ଆଉରି ଠିକ୍ ଭାବେ କହିଲେ , ଚାଷୀମାନଙ୍କ ସ୍ଲେଜ୍‌ଗାଡ଼ି ଯାଇଥିବା ପଥ ଦେଇ ଆମ ସ୍ଲେଜ୍‌ଗାଡ଼ିଟି ଘୋଷାରି ଘୋଷାରି ହୋଇ ଯାଉଥାଏ । ହଠାତ୍ ଗାଡ଼ୁଆନ୍‌ଟି ଆଗ୍ରହୀ ଦୃଷ୍ଟିରେ ଗୋଟିଏ ଦିଗକୁ ଚାହିଁବାକୁ ଲାଗିଲା ଏବଂ ଶେଷକୁ ମୁଣ୍ଡରୁ ଟୋପିଟିକୁ ଖୋଲି ମୋ ଆଡ଼କୁ

ଦୃଷ୍ଟି ଫେରାଇ କହିଲା, "ହଜୁର, ଆମେ ପଛକୁ ଫେରିଗଲେ ଭଲ ହେବ ବୋଲି ମୁଁ ଭାବୁଛି ।"

"କାହିଁକି ?"

"ପବନର ଗତିବିଧି ଭଲ ମନେ ହେଉନି, ହଜୁର ! ପବନର ଗତି କ୍ରମଶଃ ବଢ଼ିବାରେ ଲାଗିଛି । ଦେଖୁଛନ୍ତି ତ, ନୂଆ କରି ପଡ଼ିଥିବା ବରଫ କଣାଗୁଡ଼ାକୁ କେମିତି ଉଡ଼େଇ ନେଉଛି ।"

"ସେଥିରେ କ'ଣ ହେଲା ?"

"ହେଇ ଦେଖନ୍ତୁ ।" (ଗୋଡ଼୍ଆନ୍‌ଟି ଚାବୁକଟିକୁ ପୂର୍ବ ଦିଗକୁ ବଢ଼େଇ ଦେଖାଇ ଦେଲା ।)

"ମୁଁ ତ ଦେଖୁଛି କେବଳ ସଫେଦ ବରଫଢଙ୍କା ପଡ଼ିଆ ଆଉ ପରିଷ୍କାର ଆକାଶ ।"

"ହେଇ ସେ ମେଘକୁ ଦେଖି ପାରୁଛନ୍ତି ତ ?"

ଦିଗନ୍ତର ଆର ପାରିରେ ସଫେଦ ମେଘ ଖଣ୍ଡେ ଆଖି ଆଗରେ ମୋର ଭାସି ଉଠିଲା । ଏପର୍ଯ୍ୟନ୍ତ ସେଟା ମୋତେ ମନେ ହେଉଥିଲା ଦୂରର ଏକ ପାହାଡ଼ମୁଣ୍ଡିଆ ପରି । ଗାଡ଼୍ଆନ୍‌ଟି ମୋତେ ବୁଝେଇ ଦେଲା ଯେ, ଏହା ହେଉଛି ଝଡ଼ର ପୂର୍ବାଭାସ ।

ଏସବୁ ଅଞ୍ଚଳରେ ତୁଷାର ଝଡ଼ର କଥା ମୁଁ ଆଗରୁ ଶୁଣିଥିଲି । ଏପରିକି ସ୍ଲେଜ୍‌ଗାଡ଼ିର ଗୋଟାଏ ଗୋଟାଏ ଦଳ ବରଫ ତଳେ ପୋତି ହୋଇ ପଡ଼ିଛନ୍ତି । ଗାଡ଼୍ଆନ୍‌ର କଥାନୁଯାୟୀ ସାଭେଲିଚ୍‌ର ଇଚ୍ଛା ହେଉଥିଲା ଫେରିଯିବାକୁ । ସେ ମଧ୍ୟ ମୋତେ ସେଇଭାବେ ପରାମର୍ଶ ଦେଲା । କିନ୍ତୁ ପବନ ଏତେ ପ୍ରବଳ ହେବ ବୋଲି ମୁଁ ବିଚାର କରୁ ନଥିଲି ଏବଂ ଆଶା କରୁଥିଲି ପରବର୍ତ୍ତୀ ଆଶ୍ରୟ ସ୍ଥଳରେ ପହଞ୍ଚିଯିବୁ ଝଡ଼ ଆରମ୍ଭ ହେବା ପୂର୍ବରୁ । ତେଣୁ ଗାଡ଼୍ଆନ୍‌କୁ କହିଲି ଶୀଘ୍ର ଗାଡ଼ି ଛୁଟେଇ ଯିବାକୁ ।

ସେ ଶୀଘ୍ର ଗାଡ଼ି ଛୁଟେଇ ଦେଲା, କିନ୍ତୁ ବାରମ୍ବାର ଚାହୁଁଥିଲା ସେଇ ପୂର୍ବ ଦିଗକୁ । ଘୋଡ଼ାଗୁଡ଼ାକ ପ୍ରାଣପଣେ ଛୁଟି ଚାଲିଥାନ୍ତି । ପବନର ଗତି କ୍ରମଶଃ ପ୍ରବଳ ହେବାରେ ଲାଗିଥାଏ । ଛୋଟ ମଳାକିଆ ମେଘ ଖଣ୍ଡକ

ଫମ୍ପେଇ ଉଠି ଏତେ ପ୍ରକାଣ୍ଡ ହୋଇଗଲା ଯେ, ସାରା ଆକାଶକୁ ଢାଙ୍କି ପକାଇଲା । ଝିରିଝିରି ହୋଇ ବରଫର କଣାସବୁ ଝରିବାକୁ ଲାଗିଲା ଏବଂ ହଠାତ୍ ଆକାଶ ଭରି ଉଠିଲା ବରଫର ଟୁକୁରାରେ । ସୁସୁ ହୋଇ ବତାସ ଗର୍ଜିବାକୁ ଲାଗିଲା, ତୁଷାର ଝଡ଼ ମାଡ଼ି ଆସିଲା ଆମ ଉପରକୁ । ଦେଖୁ ଦେଖୁ ଅନ୍ଧକାରଘେରା ଆକାଶ ଆଉ ବରଫର ସମୁଦ୍ର ଏକାକାର ହୋଇଗଲା । ମାଟିର ଚିହ୍ନବର୍ଣ୍ଣ ଆଉ ଦେଖିବାକୁ ମିଳିଲା ନାହିଁ । "ଦେଖିଲେ ତ, ହଜୁର ! ଆଉ ରକ୍ଷା ନାହିଁ — ଆମେ ତୁଷାର ଝଡ଼ ମଧ୍ୟରେ ପଡ଼ି ଗଲେଣି !.." ଗାଡ଼୍ଆନ୍ ବିକଳ ହୋଇ କହିଉଠିଲା ।

ଗାଡ଼ିର ଆବରଣୀ ତଳୁ ମୁଁ ଉଙ୍କିମାରି ଚାହିଁଲି । ଚାରିଆଡ଼େ ଖାଲି ଅନ୍ଧକାର ଆଉ ଘୂର୍ଣ୍ଣିଝଡ଼ । ବତାସ ଏତେ ତୀବ୍ର ହିଂସ୍ରତା ନେଇ ଫାଟି ପଡ଼ୁଛି ଯେ, ମନେ ହେଉଛି ଏକ ଜୀବନ୍ତ ଭୟଙ୍କର ପ୍ରାଣୀ ଯେମିତି ଗର୍ଜନ କରୁଛି । ଅଳ୍ପ ସମୟ ମଧ୍ୟରେ ସାଭେଲିଚ୍ ଆଉ ମୁଁ ବରଫରେ ଢାଙ୍କି ହୋଇ ପଡ଼ିଲୁ । ଘୋଡ଼ାମାନେ ଆଉ ଦୌଡ଼ି ପାରିଲେ ନାହିଁ, କେଇ କଦମ୍ ଚାଲି ତା' ପରେ ବନ୍ଦ ହୋଇଗଲେ ।

ମୁଁ ଧୈର୍ଯ୍ୟହୀନ ହୋଇ ଗାଡ଼୍ଆନ୍‌କୁ ପଚାରିଲି, "କ'ଣ ହେଲା, ଗାଡ଼ି ବନ୍ଦ କଲ କାହିଁକି ?" ଚାଳକ ଆସନରୁ ଓହ୍ଲାଇ ପଡ଼ି ସେ ଉତ୍ତର ଦେଲା, "ଗାଡ଼ି ଚଳେଇ ଆଉ କ'ଣ ହେବ ? ରାସ୍ତା ତ ବାରି ହେଉ ନାହିଁ । ଚାରିଆଡ଼େ ଆଲକାତରା ଭଳି ଅନ୍ଧକାର । ଆମେ କେଉଁଠି ଆସି ପହଞ୍ଚିଛେ, କିଛି ଜାଣି ହେଉନି !" ମୁଁ ଲୋକଟାକୁ ଗାଳିଗୁଲଜ କରିବାକୁ ଲାଗିଲି, କିନ୍ତୁ ସାଭେଲିଚ୍ ତାକୁ ସମର୍ଥନ କଲା । ସେ ରାଗିଯାଇ କହିଲା, "ପ୍ରଥମେ ତା କଥା ଶୁଣିଲେ ନାହିଁ କାହିଁକି ? ଆମ ପକ୍ଷରେ ଉଚିତ ଥିଲା ପାନ୍ଥଶାଳାକୁ ଫେରିଯିବା । ସେଠାରେ ଗରମ ଗରମ ଚା ପିଇ ରାତିଟା କଟାଇ ଦେଇଥାନ୍ତେ । ତା'ପରେ ଝଡ଼ ଥମି ଯାଇଥିଲେ, ଆମେ ପୁଣି ଯାତ୍ରାରମ୍ଭ କରିଥାନ୍ତେ । ଆମର ଏତେ ତରବର ହେବାରେ କ'ଣ ଦରକାର ଥିଲା ? ଆମେ ତ କୌଣସି ବିବାହ ଉତ୍ସବରେ ଯୋଗ ଦେବାକୁ ଯାଉ ନେ !" ସାଭେଲିଚ୍ ଠିକ୍ କଥା କହିଥିଲା । ଆମ ଆଗରେ ଆଉ କୌଣସି ଉପାୟ

ନଥିଲା । ବରଫ କ୍ରମଶଃ ବେଶୀ ବେଶୀ ପଡ଼ିବାରେ ଲାଗିଥାଏ । ସ୍ଲେଜ୍‌ଗାଡ଼ିଟାର ଚାରିପାଖରେ ଜମି ଯାଇଥାଏ ବରଫର ବିରାଟ ଗଦା । ଘୋଡ଼ାଗୁଡ଼ାଙ୍କର ମୁଣ୍ଡ ସବୁ ତଳକୁ ଝୁଙ୍କି ପଡ଼ିଥାଏ , ମଝିରେ ମଝିରେ ସେମାନେ ଶିହରି ଉଠୁଥାନ୍ତି ଭୟଭୀତ ହୋଇ । ଗାଡ଼୍ରୁଆନ୍‌ଟି ଗାଡ଼ି ଚାରିପାଖରେ ବୁଲି କ'ଣ ଗୋଟାଏ କରିବା ପାଇଁ ଲଗାମଗୁଡ଼ାକୁ ସଜାଡ଼ି ନେଉଥିଲା । ସାଭେଲିଚ୍ ମନେ ମନେ ବିଡ଼ି ବିଡ଼ି ହେଉଥାଏ । ମୁଁ ଚାରିଆଡ଼କୁ ଆଖି ପକାଇ ଦେଖିବାକୁ ଲାଗିଲି , କିନ୍ତୁ କେଉଁଠି ହେଲେ ଜୀବନ କିମ୍ବା ରାସ୍ତାର ସାମାନ୍ୟ ଚିହ୍ନବର୍ଣ୍ଣ ବି ଦୃଷ୍ଟିରେ ପଡ଼ିଲା ନାହିଁ । ସବୁଆଡ଼େ କେବଳ ବରଫର ଘୂର୍ଣ୍ଣିଝଡ଼ ଆର୍ତ୍ତନାଦ କରି ଛୁଟି ଚାଲିଥାଏ ... । ଏତିକିବେଳେ ହଠାତ୍ ମୋ ଆଖି ପଡ଼ିଗଲା ଗୋଟାଏ କଳା ଜିନିଷ ଉପରେ । "ହେ , ଗାଡ଼୍ରୁଆନ୍ !" ମୁଁ ଚିତ୍କାର କରିଉଠିଲି । "ଦେଖ ତ ସେଠି କ'ଣ ଗୋଟାଏ କଳା କଳା ଦିଶୁଛି ?" ମୁଁ ଯେଉଁ ଆଡ଼କୁ ହାତ ଦେଖାଇ ଦେଇଥିଲି , ଗାଡ଼୍ରୁଆନ୍ ସେଇ ଆଡ଼କୁ ଚାହିଁଲା । "ଭଗବାନ ଜାଣନ୍ତି ସେଟା କ'ଣ , ହଜୁର !" ଗାଡ଼୍ରୁଆନ୍ ଆସନକୁ ଉଠୁ ଉଠୁ କହିଲା । "ସ୍ଲେଜ୍‌ଗାଡ଼ି କିମ୍ବା ଗଛ ଭଳି ସେଟା ଦିଶୁ ନି । ମନେ ହେଉଛି ହଲଚଲ ହେଉଛି । ନିଶ୍ଚୟ ଗୋଟାଏ ହେଟାବାଘ କିମ୍ବା ମଣିଷ ହୋଇଥିବ ।"

ଅଜ୍ଞାତ ଜିନିଷଟି ଆମ ଆଡ଼କୁ ଆଗେଇ ଆସୁଥାଏ । ତା ଆଡ଼କୁ ଗାଡ଼ି ଚଳେଇବାକୁ ମୁଁ କହିଲି । କିଛି କ୍ଷଣ ମଧ୍ୟରେ ତା ନିକଟରେ ଆମେ ପହଞ୍ଚି ଯାଇ ଦେଖିଲୁ , ସେ ହେଉଛି ଏକ ମଣିଷ ।

ଗାଡ଼୍ରୁଆନ୍ ଚିତ୍କାର କରି ପଚାରିଲା , "ହେ ଭଦରଲୋକ , ରାସ୍ତା କେଉଁ ଆଡ଼େ କହି ପାରିବ ?"

"ଏଇ ହେଉଛି ରାସ୍ତା । ଶକ୍ତ ମାଟି ଉପରେ ମୁଁ ଛିଡ଼ା ହୋଇଛି ।" ପଥିକଟି ଉତ୍ତର ଦେଲା , "କିନ୍ତୁ ଜାଣି ଲାଭ କ'ଣ ଏବେ ?"

"ଆଚ୍ଛା କୁହନ୍ତୁ ତ , ଏସବୁ ଅଞ୍ଚଳ ଆପଣଙ୍କୁ ଜଣା ଅଛିକି ? ରାତିଟା କଟାଇ ଦେବା ପାଇଁ କୌଣସି ଏକ ସ୍ଥାନ ଆମକୁ ଦେଖାଇ ଦେଇ ପାରିବ ?" ମୁଁ ପଚାରିଲି ।

ପଥିକ ଉତ୍ତର ଦେଲା , "ହଁ , ଏ ଅଞ୍ଚଳ ସଂପର୍କରେ ମୋତେ ଜଣା ଅଛି । ନଜାଣିବି ବା କିପରି ? ସବୁବେଳେ ତ ଏମୁଣ୍ଡରୁ ସେମୁଣ୍ଡ ଯାଏ

ଘୂରି ବୁଲୁଛି , କେତେବେଳେ ଗୋଡ଼ରେ ଚାଲି ଚାଲି ତ ଆଉ କେତେବେଳେ ଘୋଡ଼ାରେ ଚଢ଼ି । କିନ୍ତୁ ଆଜିର ଏ ଆବହାଉଆ ଦେଖୁଛନ୍ତି ତ ? ଅକ୍ଲେଶରେ ମଣିଷ ଏବେ ପଥବଣା ହୋଇଯିବ । ତେଣୁ କରି ଗୋଟିଏ ଜାଗାରେ ଛିଡ଼ା ହୋଇ ଅପେକ୍ଷା କଲେ ବରଂ ଭଲ । ଝଡ଼ ନିଶ୍ଚୟ ଥମିବ ଏବଂ ଆକାଶ ମଧ୍ୟ ପରିଷ୍କାର ହୋଇଯିବ । ତା'ପରେ ଆମେ ତାରା ଆଲୁଅରେ ରାସ୍ତା ଖୋଜି ବାହାର କରିନେବା ।"

ଲୋକଟିର ଅନୁଦ୍‌ବେଗ ଶାନ୍ତ ମନୋଭାବ ମୋ ମଧ୍ୟରେ ନୂତନ ଆଶା ସଞ୍ଚାର କରିଦେଲା । ମନେ ମନେ ମୁଁ ସ୍ଥିର କରିନେଲି , ଭଗବାନଙ୍କ ଇଚ୍ଛା ନିକଟରେ ନିଜକୁ ସଁପି ଦେଇ ଏହି ଷ୍ଟେପୀ ଭୂଇଁରେ ରାତିଟା କଟାଇଦେବୁ । ହଠାତ୍ ଦେଖିଲି , ପଥିକଟି ଆଶ୍ଚର୍ଯ୍ୟଜନକ କ୍ଷିପ୍ରତାର ସହିତ ଗାଡ଼୍ରୁଆନ୍‌ର ଆସନକୁ ଉଠିଯାଇ ଗାଡ଼୍ରୁଆନ୍‌କୁ କହିଲା , "ଭଗବାନଙ୍କ ଦୟାରୁ ନିକଟରେ ଏକ ଘର ଅଛି । ଡାହାଣକୁ ମୋଡ଼ି ସିଧା ଗାଡ଼ି ଚଳାଅ !"

"କାହିଁକି କୁହତ ?" ଗାଡ଼୍ରୁଆନ୍ କିନ୍ତୁ ବିରକ୍ତିମିଶା ସ୍ୱରରେ ପଚାରିଲା , "ଡାହାଣ ଆଡ଼କୁ କାହିଁକି ମୋଡ଼ିବି ? କୌଣସି ରାସ୍ତା ତ ଏଠି ଦେଖିବାକୁ ମୁଁ ପାଉନି ! 'ଚଳାଅ' ବୋଲି କହିଦେବାଟା ସହଜ । ତମର ତ କିଛି ଯିବ ନି , ଗାଡ଼ି ତମର ନୁହଁ କି , ଘୋଡ଼ା ବି ତମର ନୁହଁ । ଯୁଆଡ଼େ ପାରି ସିଆଡ଼େ ଗାଡ଼ି ଚଳାଅ ବୋଲି କହିଦେଲେ ହେଲା !" ମୋର ମନେ ହେଲା ଗାଡ଼୍ରୁଆନ୍ ଠିକ୍ କଥା କହୁଥିଲା । ତେଣୁ ତାକୁ ପଚାରିଲି , "ନିକଟରେ ଘର ଅଛି ବୋଲି ତମେ କେମିତି ଜାଣିଲ ?" ଲୋକଟି କହିଲା , "ଏଇଥି ପାଇଁ କହୁଛି ଯେ , ପବନ ସେଇ ଆଡ଼ୁ ବହୁଛି ଏବଂ ସେଥିରେ ଧୂଆଁର ଗନ୍ଧ ମୁଁ ବାରି ପାରୁଛି । ତା ଅର୍ଥ ନିକଟରେ ନିଶ୍ଚୟ କେଉଁଠି ଏକ ଗାଁ ରହିଛି ।" ଲୋକଟିର ସୂକ୍ଷ୍ମବୁଦ୍ଧି ଓ ତୀକ୍ଷ୍ଣ ଘ୍ରାଣଶକ୍ତି ମୋତେ ଅବାକ୍ କରିଦେଲା । ତା କହିବାନୁଯାୟୀ ନିର୍ଦ୍ଦିଷ୍ଟ ଦିଗକୁ ଗାଡ଼ି ଚଳାଇବାକୁ ମୁଁ ଗାଡ଼୍ରୁଆନ୍‌କୁ ନିର୍ଦ୍ଦେଶ ଦେଲି । ବରଫ ଗଦା ମଧ୍ୟ ଦେଇ ଅତି କଷ୍ଟରେ ଘୋଡ଼ାଗୁଡ଼ିକ ଆଗେଇବାକୁ ଲାଗିଲେ , ସ୍ଲେଜ୍‌ଗାଡ଼ିଟି ଅତି ଧୀରେ ଧୀରେ ଘୋଷାରି ଘୋଷାରି ହୋଇ ଚାଲିଲା । ବରଫ ଠେଲି ଠେଲି ଆଗେଇବାକୁ ହେଉଥାଏ , ବେଳେ ବେଳେ

ଖାତ ମଧ୍ୟରେ ପଡ଼ିଗଲା ଭଳି ଅବସ୍ଥା । ବିପଜ୍ଜନକ ଭାବେ ଗାଡ଼ିଟା ଝଡ଼ସଙ୍କୁଳ ସମୁଦ୍ରରେ ଜାହାଜ ଭଳି ଏଣିକି ତେଣିକି ଢଳି ଯାଉଥାଏ । ସାଭେଲିଚ୍ ବାରମ୍ବାର ମୋ ଦେହରେ ଧକ୍କା ଖାଉଥାଏ ଏବଂ ବିଡ଼ି ବିଡ଼ି ହୋଇ ମନେ ମନେ ବିରକ୍ତ ହେଉଥାଏ । ମୁଁ ଗାଡ଼ିର ପରଦାଟାକୁ ଟାଣିଦେଲି ଏବଂ ଲୋମଶ କୋଟ୍‌ଟାକୁ ଭଲ କରି ଚାରିପାଖରେ ଜଡ଼େଇନେଲି । ତା'ପରେ ଝଡ଼ର ଆବାଜ ଆଉ ଗାଡ଼ିର ଦୋହଲି ଦୋହଲି ଯିବାର ଗତି ଆଖିରେ ମୋର ଭରିଦେଲା ଛାଇ ନିଦ । ବସି ବସି ମୁଁ ଢୋଳେଇବାକୁ ଲାଗିଲି ।

ତା'ପରେ ଏପରି ଗୋଟାଏ ସ୍ୱପ୍ନ ମୁଁ ଦେଖିଲି, ଯାହାକୁ ଜୀବନ ସାରା ଭୁଲି ପାରିବି ନାହିଁ । ମୋ ଜୀବନରେ ଯେଉଁସବୁ ଅଦ୍‌ଭୁତ ଘଟଣାବଳୀ ଘଟିଯାଇଛି, ସେସବୁ ସହିତ ମିଳେଇ ଦେଖିଲେ ସେ ସ୍ୱପ୍ନଟି ଥିଲା ଭବିଷ୍ୟଦ୍‌ବାଣୀ ପରି । ପାଠକମାନେ ମୋତେ କ୍ଷମା କରିବେ ଏଇଥି ପାଇଁ ଯେ, ସେମାନଙ୍କର ମଧ୍ୟ ଏହି ଭଳି ଅଭିଜ୍ଞତା .ଥିବ – ମଣିଷ ଅନ୍ଧବିଶ୍ୱାସକୁ ଯେତେ ଘୃଣା କଲେ ମଧ୍ୟ ଅତି ସହଜରେ ସେ ନିଜକୁ ସେ ଅନ୍ଧବିଶ୍ୱାସ ହାତରେ ସମର୍ପି ଦେଇଥାଏ ।

ମୁଁ ଶାରୀରିକ ଏବଂ ମାନସିକ ଭାବେ ଏଭଳି ଏକ ଅବସ୍ଥାରେ ଥିଲି, ଯେଉଁଥିରେ ସ୍ୱପ୍ନ ନିକଟରେ ବାସ୍ତବ ନତି ସ୍ୱୀକାର କରିଥାଏ । ବାସ୍ତବ ଏବଂ ସ୍ୱପ୍ନ ମିଶିଯାଇ ଅସ୍ପଷ୍ଟ ଛାୟାମୂର୍ତ୍ତିସବୁ ସୃଷ୍ଟି କରନ୍ତି ଏବଂ ସେସବୁ ମୂର୍ତ୍ତି, ଛାଇ ନିଦର ପ୍ରଥମ ଅବସ୍ଥାରେ ମନକୁ ଆଛନ୍ନ କରି ଦିଅନ୍ତି । ମୋତେ ଲାଗୁଥିଲା, ଝଡ଼ର ଉଦାମତା କମି ନି ଏବଂ ସେଯାଏ ଆମେ ବରଫାବୃତ ପଡ଼ିଆ ଉପରେ ବୁଲୁଛୁ ... । ହଠାତ୍ ମୋ ଆଗରେ ଦେଖିବାକୁ ପାଇଲି ଏକ ତୋରଣ । ଅଗଣାର ଉଠାଣି ଭିତରକୁ ଗାଡ଼ି ଆଗେଇ ନେଇ ଆମ ଜମିଦାରୀର କଚେରି ଘର ଆଗରେ ଅଟକିଲୁ । ମୁଁ ପଥମେ ଭାବିଥିଲି, ମୋ ବାପା ମୋ ଉପରେ ରାଗ କରିବେ, ମୋର ଏହି ଘର ବାହୁଡ଼ା ଦେଖି । ସେ ଜାଣିପାରିବେ ନାହିଁ ଯେ, ମୁଁ ବାଧ୍ୟ ହୋଇ ଫେରି ଆସିଛି ଏବଂ ମୁଁ ଜାଣିଶୁଣି ତାଙ୍କ ଆଜ୍ଞା ଉଲ୍ଲଙ୍ଘନ କରିଛି ବୋଲି ସେ ଭାବିବେ । ଉତ୍ତେଜନାରେ ଉତ୍‌ଫୁଲ୍ଲ ହୋଇ ମୁଁ ସ୍ଲେଜ୍‌ଗାଡ଼ି ଉପରୁ ଡେଇଁ ପଡ଼ିଲି ଏବଂ ଦେଖିଲି ମୋ ମା ଗଭୀର

ଭାବେ ଶୋକାତୁର ହୋଇ ମୋ ଆଡ଼କୁ ଆଗେଇ ଆସୁଛନ୍ତି । "ପାଟି କରନା", ମୋତେ ସେ କହିଲେ, "ତୋର ବାପା ଖୁବ୍ ଅସୁସ୍ଥ, ବଞ୍ଚିବାର ଆଶା ନାହିଁ । ତୋତେ ଶେଷଥର ପାଇଁ ଦେଖିବାକୁ ସେ ଚାହାନ୍ତି ।" ଭୟରେ ଅଭିଭୂତ ହୋଇ ମୁଁ ମାଙ୍କ ପଛେ ପଛେ ଏକ ଶୟନ କୋଠରୀ ମଧ୍ୟକୁ ଆଗେଇଗଲି । କୋଠରୀରେ ଝାପସା ଆଲୋକ, ଶୋକାକୁଳ ମୁଖରେ ପୁରୁଷ ଏବଂ ନାରୀମାନେ ଶେଯର ଚାରି ପାଖରେ ଛିଡ଼ା ହୋଇଛନ୍ତି । ଧୀରେ ଧୀରେ ପାଦ ଟିପିଟିପି ମୁଁ ଆଗେଇଗଲି ଶେଯ ପାଖକୁ । ମଶାରିର ଗୋଟିଏ କଣକୁ ଟେକିଦେଇ ମା କହିଲେ, "ଆନ୍ଦ୍ରେଇ ପେତ୍ରୋଭିଚ୍, ହେଇ ଦେଖ, ପେତ୍ରୁଶା ଆସିଯାଇଛି । ତମ ଅସୁସ୍ଥତା ଖବର ପାଇ ସେ ଫେରି ଆସିଲା । ତାକୁ ଆଶୀର୍ବାଦ କର ।" ଆଣ୍ଠେଇ ପଡ଼ି ମୁଁ ରୋଗୀଙ୍କ ଆଡ଼କୁ ଚାହିଁଲି । କିନ୍ତୁ ଏ କ'ଣ ମୁଁ ଦେଖୁଛି ? ଏତ ମୋ ବାପା ନୁହନ୍ତି, ଶେଯରେ ଶୋଇଛି ଜଣେ ଚାଷୀ । ମୁହଁରେ କଳା ଦାଢ଼ି । ପ୍ରସନ୍ନ ଦୃଷ୍ଟିରେ ମୋତେ ଅନାଇ ରହିଥାଏ ଲୋକଟି । ମୁଁ କିଛି ବୁଝି ପାରିଲି ନାହିଁ, ମାଙ୍କ ଆଡ଼କୁ ଚାହିଁ ପଚାରିଲି, "ଏସବୁର ମାନେ କ'ଣ ? ଏତ ମୋ ବାପା ନୁହନ୍ତି । ଏ ଚାଷୀଠାରୁ କାହିଁକି ମୁଁ ଆଶୀର୍ବାଦ ମାଗିବାକୁ ଯିବି ?" ମା ମୋର ଉତ୍ତର ଦେଲେ, "ପେତ୍ରୁଶା, ସେଥିରେ କିଛି ଯାଏ ଆସେ ନା । ତୋର ବିବାହ ସମୟରେ ସେ ତୋ ବାପା ହୋଇ ତୋତେ ଆଶୀର୍ବାଦ କରିବେ ... । ତା ହାତରେ ତୁ ଚୁମା ଦେ ଏବଂ ସେ ତୋତେ ଆଶୀର୍ବାଦ କରୁ ... ।" ମୁଁ ଏଥିରେ ରାଜି ହେଲି ନାହିଁ । ତା'ପରେ ଚାଷୀଟି ବିଛଣାରୁ ଡେଇଁ ଉଠି ତଳକୁ ଓହ୍ଲାଇ ପଡ଼ିଲା । ପଛ ଆଡ଼େ କେଉଁଠି ଥିବା ଗୋଟାଏ ଟାଙ୍ଗିଆକୁ ଧରି ଚାରିଆଡ଼କୁ ଘୂରେଇବାକୁ ଲାଗିଲା । ମୁଁ ଦୌଡ଼ି ପଳେଇ ଯିବାକୁ ଚେଷ୍ଟା କଲି ... କିନ୍ତୁ ପାରିଲି ନାହିଁ । ଘରଟା ଭରିଗଲା ମଲା ମଣିଷଗୁଡ଼ାଙ୍କର ଦେହରେ । ମୃତ ଦେହଗୁଡ଼ାକରେ ଝୁଣ୍ଟି ପଡ଼ି ମନ୍ଦା ମନ୍ଦା ରକ୍ତରେ ଗୋଡ଼ ମୋର ଖସଡ଼ିଗଲା ... । ଭୟଙ୍କର ସେହି ଚାଷୀଟି ମୋ ଆଡ଼କୁ ଚାହିଁ ଆନ୍ତରିକତାଭରା ସ୍ୱରରେ କହିଲା, "ଭୟ କରନା ! ମୋ ପାଖକୁ ଆ, ମୁଁ ତତେ ଆଶୀର୍ବାଦ କରିବି ... ।" ଭୟରେ ହତବୁଦ୍ଧି ହୋଇପଡ଼ିଲି ମୁଁ ... । ଠିକ୍ ଏହି ସମୟରେ

ମୋ ନିଦ ଭାଙ୍ଗିଗଲା । ଦେଖିଲି, ଘୋଡ଼ାଗୁଡ଼ାକ ନିଶ୍ଚଳ ହୋଇ ଛିଡ଼ା ହୋଇଛନ୍ତି । ସାଭେଲିଚ୍ ମୋ ଜାମାର ହାତକୁ ଧରି ଟାଣୁଛି ଏବଂ କହୁଛି, "ଏଥର ଓହ୍ଲାଇ ପଡ଼ନ୍ତୁ ହଜୁର, ଆମେ ପହଞ୍ଚି ଗଲେଣି ।"

"ପହଞ୍ଚି ଗଲେଣି ? କେଉଁଠି ପହଞ୍ଚି ଗଲେଣି ?" ଆଖି ମଳି ମଳି ମୁଁ ପଚାରିଲି ।

"ପାନ୍ଥଶାଳାରେ । ଭଗବାନଙ୍କ ଦୟାରୁ ପାନ୍ଥଶାଳାର ବେଢ଼ାରେ ଆମ ଗାଡ଼ିଟା ଆସି ହାବୁଡ଼ି ଯାଇଛି । ଶୀଘ୍ର ବାହାରି ଆସନ୍ତୁ, ହଜୁର ! ଭିତରକୁ ଯାଇ ଦେହକୁ ଟିକେ ଉଷୁମ କରି ନିଅନ୍ତୁ ।"

ସ୍ଲେଜ୍‌ଗାଡ଼ି ମଧ୍ୟରୁ ମୁଁ ବାହାରି ଆସିଲି । ବତାସ ସେତେବେଳେ ସୁସୁ ହୋଇ ବହୁଥାଏ, କିନ୍ତୁ ତା'ର ସେ ଉଦ୍ଦାମତା ଆଉ ନଥାଏ । ଚାରିଆଡ଼େ କିଟିକିଟି ଅନ୍ଧାର । ଆମକୁ ବାଟ କଢ଼େଇ ନେବା ପାଇଁ ପାନ୍ଥଶାଳାର ରକ୍ଷକ ହାତରେ ଗୋଟାଏ ଲଣ୍ଠନ ଧରି ଦୁଆର ମୁହଁକୁ ଚାଲି ଆସିଥିଲା । ଲଣ୍ଠନଟା ତା କୋଟ୍‌ର ଝୁଲର ତଳେ ଢଙ୍କାଥାଏ । ଗୋଟିଏ ଛୋଟ କୋଠରୀ ମଧ୍ୟକୁ ସେ ଆମକୁ ଆଗେଇ ନେଲା । କୋଠରୀଟି ଅପ୍ରଶସ୍ତ, କିନ୍ତୁ ବେଶ୍ ପରିଷ୍କାର ପରିଚ୍ଛନ୍ନ । ମିଞ୍ଜିମିଞ୍ଜି ହେଉଥିବା ଗୋଟିଏ ବତି ଛଡ଼ା ସେଥିରେ ଆଉ କୌଣସି ଆଲୁଅ ନଥିଲା । କାନ୍ଥରେ ଟଙ୍ଗା ହୋଇଥିଲା ଗୋଟାଏ ବନ୍ଧୁକ ଆଉ ଉଚ୍ଚା କସାକ୍ ଟୋପି ।

ପାନ୍ଥଶାଳାର ରକ୍ଷକଟି ହେଲା ଇଆଇକ୍ କସାକ୍ ।(୮) ବୟସ ପ୍ରାୟ ଷାଠିଏ ପାଖାପାଖି, କିନ୍ତୁ ଦେଖିବାକୁ ସୁସ୍ଥ ସବଳ ଚଟ୍‌ପଟିଆ । କିଛି କ୍ଷଣ ପରେ ଚା ତିଆରି କରିବାର ସରଞ୍ଜାମ ଧରି ହାଜିର ହେଲା ସାଭେଲିଚ୍ । ଚା ତିଆରି କରିବା ପାଇଁ ନିଆଁର ବ୍ୟବସ୍ଥା କରିବାକୁ କହିଲା । ଚା ପାଇଁ ମୁଁ ଉଦ୍‌ଗ୍ରୀବ ହୋଇ ଅପେକ୍ଷା କରିବାକୁ ଲାଗିଲି । ଇତି ପୂର୍ବରୁ ଚା ପାଇଁ ମୁଁ କେବେ ଏମିତି ଅପେକ୍ଷା କରି ନଥିଲି । ପାନ୍ଥଶାଳାର ରକ୍ଷକ ସାଭେଲିଚ୍‌ର କଥା ମୁତାବକ ନିଆଁର ବନ୍ଦୋବସ୍ତ କରିବା ପାଇଁ ଚାଲିଗଲା ।

"ଆମ ପଥପ୍ରଦର୍ଶକ କୁଆଡ଼େ ଗଲା ?" ମୁଁ ସାଭେଲିଚ୍‌କୁ ପଚାରିଲି ।

"ଏଇଠି, ହଜୁର !" ମୁଣ୍ଡ ଉପର ଦେଇ ତା କଥା ଭାସିଆସିଲା ।

କାନ୍ଥରେ ଅନେକ ଉପରକୁ ଗୋଟିଏ ଥାକ ରହିଛି । ଥାକ ଆଡ଼କୁ ଚାହିଁଦେଲା କ୍ଷଣି ଦୃଷ୍ଟିରେ ପଡ଼ିଲା ଦାଢ଼ି ଆଉ ଯୋଡ଼ିଏ ଚକ୍‌ଚକ୍ ଆଖି । ପଚାରିଲି, "କ'ଣ ଶୀତ ଲାଗୁଛି, ଭାଇ ?" ଲୋକଟି ଉତ୍ତର ଦେଲା, "କ'ଣ କରିବି ହଜୁର ? ଏ ପତଳା ଆଉ ଛିଡ଼ା ଜାମାରେ କ'ଣ ଶୀତ ସମ୍ଭାଳି ହେଉଛି ? ଗୋଟାଏ ମେଣ୍ଢାଚମଡ଼ାର କୋଟ୍ ଅବଶ୍ୟ ମୋର ଥିଲା, କିନ୍ତୁ ଆପଣଙ୍କୁ ଲୁଚେଇ ଲାଭ କ'ଣ ? ସେଟାକୁ କାଲି ରାତିରେ ସେ ମଦ ଖଟିରେ ବନ୍ଧା ପକେଇ ଦେଇଛି । ଶୀତ ଏତେ ପ୍ରବଳ ହେବ ବୋଲି ମୋର ଧାରଣା ନଥିଲା ।" ଠିକ୍ ଏତିକିବେଳେ ଗୋଟାଏ ଫୁଟନ୍ତା ସାମୋଭାର୍ ଧରି ଘର ମଧ୍ୟକୁ ପଶିଆସିଲା ପାନ୍ଥଶାଳାର ରକ୍ଷକ । ପଥପଦର୍ଶକକୁ ଚା ପିଇବା ପାଇଁ ମୁଁ ଡାକିଲି । ଲୋକଟି ଥାକ ଉପରୁ ତଳକୁ ଓହ୍ଲାଇ ଆସିଲା । ତା ଚେହେରାଟା ମୋତେ ଅସାଧାରଣ ମନେ ହେଲା । ବୟସ ପ୍ରାୟ ଚାଳିଶର ପାଖାପାଖି ହେବ, ମଧ୍ୟମ ଧରଣର ଉଚ୍ଚତା, ନଡ଼ବଡ଼ିଆ ଦେହ ଏବଂ ଚଉଡ଼ା କାନ୍ଧ । ମୁହଁର କଳା ମିଚିମିଚି ଦାଢ଼ିରେ ସଫେଦ ଝଲକ ପ୍ରାଣଭରା ଚିରଚଞ୍ଚଳ ବଡ଼ ବଡ଼ ଦୁଇଟି ଆଖି । ମୁହଁରେ ଏକାସାଙ୍ଗରେ ଫୁଟି ଉଠୁଛି ମାଧୁର୍ଯ୍ୟ ଆଉ ଧୂର୍ତ୍ତତା । କସାକ୍‌ମାନଙ୍କ ଭଳି ମୁଣ୍ଡବାଳ କଟା ହୋଇଛି । ଦେହରେ ଛିଡ଼ା କୋଟ୍ ଆଉ ତାତାର ପାଇଜାମା । ତା ହାତକୁ ମୁଁ ପିଆଲାଏ ଚା ବଢ଼ାଇ ଦେଲି । ଚା ପିଆଲାରେ ଚୁମାଟିଏ ଦେଇ ମୁହଁକୁ ବିକୃତ କରି ଲୋକଟି କହିଲା, "ହଜୁର, ଏତେ ତ ମୋ ପାଇଁ କରୁଛନ୍ତି, ଆଉ ଟିକିଏ ଅନୁଗ୍ରହ କରିଲେ ଭଲ ହୁଅନ୍ତା । ଗ୍ଲାସେ ଭୋଦ୍‌କା ଦେବାକୁ ସେମାନଙ୍କୁ କୁହନ୍ତୁ । ଚା କସାକ୍‌ମାନଙ୍କର ପାନୀୟ ନୁହେଁ, ଆଜ୍ଞା ।" ମୁଁ ଆନନ୍ଦର ସହିତ ତା ଅନୁରୋଧ ରକ୍ଷା କଲି । ପାନ୍ଥଶାଳାର ରକ୍ଷକ ଆଲମାରୀରୁ ଏକ ବୋତଲ ଆଉ ଗ୍ଲାସ ବାହାର କରି ତା ଆଡ଼କୁ ଆଗେଇ ଆସୁ ଆସୁ ତା ମୁହଁକୁ ଚାହିଁଲା । ତା'ପରେ କହିଲା, "ଆରେ ତୁ ପୁଣି ଏଠି ? ତୁ ପୁଣି ଆମ ଇଲାକାକୁ ଆସିଗଲୁଣି ! ଏଥର ତୋର ଉଦ୍ଦେଶ୍ୟଟା କ'ଣ ?" ପଥପ୍ରଦର୍ଶକଟି ଅର୍ଥପୂର୍ଣ୍ଣ ଭାବେ ଆଖିମିଟିକା ମାରି ରହସ୍ୟମିଶା ଭାଷାରେ ଉତ୍ତର ଦେଲା, "ଏସବୁ ପନିପରିବା କ୍ଷେତରେ ବୁଲିଲି ଏବଂ ଛଣପଟ ମଞ୍ଜି ବୁଣିଲି । ଏସବୁ

ଦେଖି ବୁଢ଼ୀମା ମୋଟେ ଇଟା ପଥର ଫୋପାଡ଼ିଲା । କିନ୍ତୁ ସେସବୁ ମୋ ଦେହରେ ବାଜିଲା ନାହିଁ ! ଆଚ୍ଛା , ତମ ଲୋକମାନଙ୍କ ଖବର କ'ଣ କୁହ ?"

"ଆମ ଲୋକ ?" ତା କଥାର ପୁନରାବୃତ୍ତି କରି ପାନ୍ଥଶାଳାର ରକ୍ଷକ ମଧ୍ୟ ସେଇ ଭଳି ରହସ୍ୟପୂର୍ଣ୍ଣ ଭାଷାରେ କହିଲା , "ସଂଧ୍ୟାର ଉପାସନା ଘଣ୍ଟା ବାଜିବାର ସମୟ ହୋଇଗଲାଣି , କିନ୍ତୁ ପାଦ୍ରିର ସ୍ତ୍ରୀ ଆମକୁ ଅନୁମତି ଦେଉ ନାହିଁ : ପାଦ୍ରି ଦୂରକୁ ଯାଇଛନ୍ତି , ସଇତାନ୍‌ମାନେ ଘୂରି ବୁଲୁଛନ୍ତି ।" ମୋର ବାରବୁଲା ସାଙ୍ଗଟି କହିଲା , "ହେଉ , ଚୁପ୍ କର , ବୃଦ୍ଧ ! ବର୍ଷା ହେଲେ ଛତୁ ଫୁଟିବ , ଆଉ ଛତୁ ଫୁଟିଲେ , ତୋଳିବା ପାଇଁ ପାଛିଆ ବି ଜୋଟିଯିବ । ଏବଂ ଏବେ (ସେ ପୁଣି ଆଖିମିଟିକା ମାରିଲା) ବଣରକ୍ଷକ ପାଖକୁ ଆସିଗଲାଣି , ଏଥର କୁରାଢ଼ିକୁ ଅଣ୍ଟାରେ ରଖି ଦିଅ । ହେଉ , ହଜୁରଙ୍କ ସ୍ୱାସ୍ଥ୍ୟ କାମନା କରୁଛି ... !" ଏତକ କହି ସେ ଗ୍ଲାସଟିକୁ ଟେକି କ୍ରୁଶଚିହ୍ନ ଆଙ୍କିଲା ଏବଂ ଏକା ଢୋକକେ ପୂରା ଗ୍ଲାସେ ଭୋଦ୍‌କା ଗିଳି ପକାଇଲା । ତା'ପରେ ମୋ ଆଡ଼କୁ ମୁଣ୍ଡ ନୁଆଁଇ ଅଭିବାଦନ ଜଣାଇଲା ଏବଂ ତା ବିଶ୍ରାମ ସ୍ଥଳୀଟିକୁ ଉଠିଗଲା ।

ସେତେବେଳେ ମୁଁ ଏହି ଦୁଇଟି ଲୋକଙ୍କ କଥାର କୌଣସି ଅର୍ଥ ଧରି ପାରି ନଥିଲି । କିନ୍ତୁ ପରେ ବୁଝିଲି ଯେ , ସେମାନେ ଇଆଇକ୍ ବାହିନୀ ସଂପର୍କରେ କଥା ହେଉଥିଲେ । ଇଆଇକ୍ ବାହିନୀ ୧୭୭୨ ମସିହାରେ ବିଦ୍ରୋହ କରିଥିଲା ଏବଂ ସେତେବେଳେ ସେ ବିଦ୍ରୋହକୁ ଦମନ କରାଯାଇଥିଲା (୯) । ସେ ଦୁଇଜଣଙ୍କର କଥାବାର୍ତ୍ତା ସାଭେଲିଚ୍ ବଡ଼ ଅସନ୍ତୁଷ୍ଟ ହୋଇ ଶୁଣୁଥିଲା । ସେ ଥରେ ପାନ୍ଥଶାଳାର ରକ୍ଷକର ମୁହଁକୁ ତ ଆଉ ଥରେ ପଥପ୍ରଦର୍ଶକର ମୁହଁକୁ ସନ୍ଦେହପୂର୍ଣ୍ଣ ଦୃଷ୍ଟିରେ ଚାହୁଁଥାଏ । ପାନ୍ଥଶାଳାଟି , ଯାହାକୁ ସ୍ଥାନୀୟ ଭାଷାରେ ଉମେତ୍ ବୋଲି କହନ୍ତି , ବଡ଼ ସଡ଼କଠାରୁ ଦୂରରେ ଅବସ୍ଥିତ ଥିଲା । ଚତୁର୍ପାର୍ଶ୍ୱରେ ତା'ର ଜନବସତିହୀନ ଷ୍ଟେପୀ ଭୂଇଁ । ଡକେଇତମାନଙ୍କର ଆଡ୍‌ଡା ଭଳି ଲାଗୁଥାଏ । କିନ୍ତୁ ଆମ ପକ୍ଷରେ ଅନ୍ୟ କୌଣସି ଉପାୟ ନଥିଲା । ଯାତ୍ରାରମ୍ଭ କରିବାର ଚିନ୍ତା ମଧ୍ୟ କରିବା ସେତେବେଳେ ସମ୍ଭବ ନଥାଏ । ତେବେ ସାଭେଲିଚ୍‌ର ଅସ୍ୱସ୍ତିଟା ମୋତେ ଖୁବ୍ ମଜା

ଲାଗୁଥିଲା । ମୋ ପକ୍ଷରୁ ମୁଁ ସ୍ଥିର କରିନେଲି ସେଇଠି ରାତିଟା କଟେଇ ଦେବାକୁ । ତା'ପରେ ଏକ ଲମ୍ବା ବେଞ୍ଚ ଉପରେ ଦେହକୁ ମେଲେଇ ଦେଇ ଶୋଇ ପଡ଼ିଲି । ସାଭେଲିଚ୍ ଘର ଉଷୁମକରା ଚୁଲୀ ଉପରେ ଥିବା ଥାକରେ ଶୋଇବାକୁ ଉଠିଗଲା । ପାନ୍ଥଶାଳାର ରକ୍ଷକ ମେଜିଆ ଉପରେ ଶୋଇପଡ଼ିଲା । ଅଳ୍ପ କ୍ଷଣ ପରେ ସମସ୍ତେ ଘୁଙ୍ଘୁଡ଼ି ମାରିବାକୁ ଲାଗିଲେ । କାଠ ଗଡ଼ ପରି ମୁଁ ମଧ୍ୟ ନିଘୋଡ଼ ନିଦରେ ଶୋଇପଡ଼ିଲି ।

ପର ଦିନ ସକାଳେ ନିଦ ଭାଙ୍ଗୁଭାଙ୍ଗୁ ଡେରି ହୋଇ ଯାଇଥାଏ । ଦେଖିଲି , ଝଡ଼ ଥାମି ଯାଇଛି ଏବଂ ଖରି ଆଢ଼େ ଖରା ପଡ଼ିଛି । ବରଫ ଚାଦରରେ ଢଙ୍କା ସୀମାହୀନ ଷ୍ଟେପୀ ଭୂଇଁ ଚକ୍‌ଚକ୍ କରି ଉଠୁଥାଏ ସେ ଖରାରେ । ପୁଣି ଯାତ୍ରାରମ୍ଭ ପାଇଁ ଘୋଡ଼ାସବୁ ଗାଡ଼ିରେ ଜୋଟା ହୋଇ ସାରିଥାନ୍ତି । ପାନ୍ଥଶାଳାର ରକ୍ଷକର ପାଉଣା ପତ୍ର ମୁଁ ଚୁକେଇ ଦେଲି । ତା'ର ପ୍ରାପ୍ୟ ଏତେ କମ୍ ଥିଲା ଯେ , ସାଭେଲିଚ୍ , ଯାହାର ଅଭ୍ୟାସ ହେଉଛି ଦର କଷାକଷି କରିବା , ସିଏ ବି ପ୍ରତିବାଦ କଲା ନାହିଁ । ଗତ ରାତ୍ରିରେ ତା ମନରେ ଯେଉଁ ସନ୍ଦେହ ଜାତ ହୋଇଥିଲା , ତାହା ସଂପୂର୍ଣ୍ଣ ରୂପେ ଦୂରେଇ ଯାଇଥିଲା । ମୁଁ ଆମ ପଥପ୍ରଦର୍ଶକକୁ ଡାକି ତା'ର ସାହାଯ୍ୟ ପାଇଁ ଧନ୍ୟବାଦ ଜଣାଇଲି ଏବଂ ତାଙ୍କୁ ଭୋଦ୍‌କା ନିମିତ୍ତ ପଚାଶ କୋପେକ୍ ଦେବାକୁ ସାଭେଲିଚ୍‌କୁ କହିଲି । ଭ୍ରୂକୁଞ୍ଚନ କରି ସାଭେଲିଚ୍ କହିଲା , "ଭୋଦ୍‌କା ପିଇବା ପାଇଁ ପଚାଶ କୋପେକ୍ ! କାହିଁକି ? ତାକୁ ଦୟା କରି ଆପଣ ଘୋଡ଼ା ଗାଡ଼ିରେ ଏ ପାନ୍ଥଶାଳାକୁ ନେଇ ଆସିଥିଲେ ବୋଲି ନା କ'ଣ ? ଦେଖନ୍ତୁ ହଜୁର , ଆପଣ ଯାହା କହନ୍ତୁ ନା କାହିଁକି , ଏମିତି ପାଣିରେ ପକାଇଲା ଭଳି ଆମ ପାଖରେ ପଚାଶ କୋପେକ୍ ନାହିଁ । ଆପଣ ଯଦି ଏମିତି ସମସ୍ତଙ୍କୁ ମଦ ପିଇବା ପାଇଁ ପଇସା ଦେବେ , ତେବେ ଶୀଘ୍ର ଏଭଳି ସମୟ ଆସିବ , ଯେତେବେଳେ ଆମକୁ ଭୋକରେ ରହିବାକୁ ହେବ ।" ସାଭେଲିଚ୍ ସହିତ ମୁଁ ଯୁକ୍ତି କଲି ନାହିଁ । ପଇସାପତ୍ର ସବୁ ତା ଦାୟିତ୍ୱରେ ଏବଂ ମୁଁ ମଧ୍ୟ ସେଥିରେ ରାଜି ହୋଇଥିଲି । କିନ୍ତୁ ମୋତେ ଖରାପ ଲାଗୁଥିଲା ଯେ , ଯିଏ ମୋତେ ଦୁର୍ବିପାକରୁ ନ ହେଲେ ବି ଏକ ଅତ୍ୟନ୍ତ ପ୍ରତିକୂଳ

ଅବସ୍ଥାରୁ ବଞ୍ଚେଇଛି – ତା ପ୍ରତି କୃତଜ୍ଞତା ପ୍ରଦର୍ଶନ କରି ପାରୁ ନି । ଶେଷକୁ ମୁଁ ଶାନ୍ତଭାବେ କହିଲି, "ଠିକ୍ ଅଛି, ତାକୁ ଯଦି ପଚାଶ କୋପେକ୍ ଦବାକୁ ତୁ ରାଜି ନହୁଁ, ତେବେ ପିନ୍ଧିବା ପାଇଁ ମୁଁ ତାକୁ ମୋ ପୋଷାକରୁ ଗୋଟେ ଦେଇ ଦେଉଛି । ତା'ର ଜାମାପଟା ନାହିଁ କହିଲେ ଚଳେ । ତାକୁ ମୋର ସେ ଠେକୁଆ ଚମଡ଼ାର କୋଟ୍‌ଟା ଦେଇ ଦେ ।"

"ଏ କ'ଣ କହୁଛନ୍ତି, ହଜୁର !" ସାଭେଲିଚ୍ କହିଲା, "ସେ କୋଟ୍‌ଟାକୁ ନେଇ ଏ କୁକୁରଟା କ'ଣ କରିବ ? ସେ ମଦଖାନାକୁ ଯାଇ ସେଟାକୁ ମଦ ପିଇବା ପାଇଁ ବିକିଦେବ ।"

"ହଇରେ ବୁଢ଼ା, କୋଟ୍‌ଟାକୁ ମୁଁ ମଦ ପିଇବା ପାଇଁ ବିକିବି କି ନ ବିକିବି, ସେଥିରେ ତୋର କ'ଣ ଯାଏ ଆସେ ।" ମୋର ସେ ବାରବୁଲାଟି କହିଲା "ହଜୁର ଚାହୁଁଛନ୍ତି ତାଙ୍କ ଦେହପିନ୍ଧା କୋଟ୍ ଖଣ୍ଡେ ମୋତେ ଦେବେ, ଏଟା ହେଉଛି ତାଙ୍କ ଖୁସି । ତୁ ହେଉଛୁ ହଜୁରଙ୍କ ନୌକର । ତୋର କାମ ହେଲା ହଜୁର ଯାହା କହୁଛନ୍ତି, ସେଇ ମୁତାବକ କରିବା, ଯୁକ୍ତି କରିବା ତୋ କାମ ନୁହଁ ।"

"ତୋତେ ଲଜ୍ଜା ଲାଗୁ ନି, ବାରବୁଲା ବଦମାସ !" ସାଭେଲିଚ୍ ରାଗରେ ଗର୍ଜି ଉଠିଲା, "ତୁ କ'ଣ ଭାବୁଛୁ ଏ ପିଲା କିଛି ବୁଝିସୁଝି ପାରେ ନା, ତୁ ଯାହା ପାରି ତାହା ଲୁଟ କରି ନେଇଯିବୁ ! ତୁ ଏ ଭଦ୍ରଲୋକଙ୍କ ପିନ୍ଧା କୋଟ୍ ନେଇ କ'ଣ କରିବୁ, କହତ ? ତୋର ସେ ନୁଙ୍ଗୁରା କାନ୍ଧ ଦିଇଟାକୁ ଯେତେ ଚେଷ୍ଟା କଲେ ବି ଏ କୋଟ୍ ମଧ୍ୟରେ ପୂରେଇ ପାରିବୁ ନାହିଁ ।"

"ଥାଉ, ବେଶି ଯୁକ୍ତି କରି ଲାଭ ନାହିଁ ।" ମୋର ପୁରୁଣା ସେବକକୁ ମୁଁ କହିଲି । "ଯାଆ, ମୋ କୋଟ୍‌ଟା ଆଣି ଦେଇ ଦେ ।"

"ହେ, ଭଗବାନ !" ସାଭେଲିଚ୍ ଦୀର୍ଘଶ୍ୱାସ ପକାଇ କହିଲା, "ଠେକୁଆ ଚମଡ଼ାର ସେ କୋଟ୍‌ଟା ଏକେବାରେ ଅର୍ଖ ନୂଆ, ହଜୁର ! ଆଉ କାହାକୁ ଦେଇଥିଲେ ଭିନ୍ନ କଥା, କିନ୍ତୁ ଗୋଟାଏ ବାରବୁଲା ମଦୁଆ ହାତକୁ ଜିନିଷଟା ଯିବ !"

ଶେଷକୁ ଠେକୁଆ ଚମଡ଼ାର କୋଟ୍‌ଟା ଅଣାଗଲା । ଗାଉଁଲୀ ଲୋକଟି

ସଙ୍ଗେ ସଙ୍ଗେ ସେଟାକୁ ପିନ୍ଧି ପକାଇ ପରୀକ୍ଷା କରି ଦେଖିଲା । ବାସ୍ତବରେ ମୋ ଦେହକୁ ସେଟା ଛୋଟ ହେଉଥିଲା ଏବଂ ଲୋକଟାର ଦେହକୁ ମଧ୍ୟ ଟିକିଏ କସ ହେଲା । କୋଟ୍‌ଟାକୁ କୌଣସି ପ୍ରକାରେ ଟଣାଟଣି କରି ପିନ୍ଧିଲା ବେଳେ ସିଲାଇ ହୋଇଥିବା ଜାଗାଟି ଟିକେ ଖୋଲିଗଲା । ସିଲେଇ ଖୋଲିଯିବାର ଶବ୍ଦ ଶୁଣି ସାଭେଲିଚ୍‌କୁ ଆଉ କିଏ ସମ୍ଭାଳେ । ଏକେବାରେ ଚିତ୍କାର କରି ଉଠିଲା ସେ । କିନ୍ତୁ କୋଟ୍‌ଟି ପାଇ ବାରବୁଲାଟି ଆନନ୍ଦରେ ଗଦ୍-ଗଦ୍ ହୋଇଗଲା । ସେ ସ୍ଲେଜ୍‌ଗାଡ଼ି ପର୍ଯ୍ୟନ୍ତ ଆମକୁ ବାଟେଇ ଦେବାକୁ ଆସି ମୁଣ୍ଡ ନୁଆଁଇ କୃତକୃତ୍ୟ ହୋଇ କହିଲା, "ହଜୁର, ଅଶେଷ ଧନ୍ୟବାଦ ଆପଣଙ୍କୁ । ଭଗବାନ ଆପଣଙ୍କର ମଙ୍ଗଳ କରନ୍ତୁ । ଆପଣଙ୍କର ଏ ଦୟା ମୁଁ ଜୀବନରେ ଭୁଲି ପାରିବି ନାହିଁ ।" ତା'ପରେ ଲୋକଟି ନିଜ ବାଟରେ ଚାଲିଗଲା ଏବଂ ଆମେ ଆମ ଗନ୍ତବ୍ୟ ବାଟ ଧରିଲୁ । ସାଭେଲିଚ୍ କିନ୍ତୁ ଅବସୋସ କରିବାରେ ଲାଗିଥାଏ । ମୁଁ ଆଉ ସେଥି ପ୍ରତି ନଜର ଦେଲି ନାହିଁ । କିଛି କ୍ଷଣ ପରେ ଗତକାଲିର ତୁଷାର ଝଡ଼, ମୋ ପଥପ୍ରଦର୍ଶକ ଓ ଠେକୁଆ ଚମଡ଼ାର କୋଟ୍ କଥା ମୁଁ ଭୁଲିଗଲି ।

ଓରେନ୍‌ବୁର୍ଗରେ ପହଞ୍ଚି ମୁଁ ସିଧାସଳଖ ଜେନେରାଲଙ୍କ ପାଖକୁ ଗଲି । ଜେନେରାଲ ଦେଖିବାକୁ ବେଶ୍ ଲମ୍ବା, ବୟସର ଚାପରେ ଟିକେ ନଇଁ ଯାଇଥାନ୍ତି । ମୁଣ୍ଡର ଲମ୍ବା ବାଳସବୁ ଧୋବ ଫରଫର ଦିଶୁଥାଏ । ଦେହରେ ତାଙ୍କର ରଙ୍ଗଛଡ଼ା ପୁରୁଣା ସାମରିକ ପୋଷାକ । ମନେ ହେଉଥାନ୍ତି ଆନ୍ନା ଇଓଆନୋଭ୍‌ନାଙ୍କ ସମୟର ଯୋଦ୍ଧା ଭଳି ।(୧୦) ମୋ ବାପା ଦେଇଥିବା ଚିଠିଟି ମୁଁ ତାଙ୍କ ହାତକୁ ବଢ଼େଇ ଦେଲି । ବାପାଙ୍କ ନାଁ ଶୁଣି ସେ ବିସ୍ମୟରେ ମୋ ମୁହଁକୁ ଚାହିଁଦେଲେ । "ହେ ଭଗବାନ୍ !" ସେ କହି ପକାଇଲେ । "ତମକୁ ଦେଖି ମନେ ହେଉଛି କିଛି କାଳ ପୂର୍ବେ ଆନ୍ଦ୍ରେଇ ପେଟ୍ରୋଭିଚ୍ ଠିକ୍ ତମରି ଭଳି ଯୁବକ ଥିଲେ । ଆଜି ତୁମେ କେଡ଼େ ସୁନ୍ଦର ଯୁବକ ହୋଇ ଗଲଣି ! ଆହା, ସମୟ କେତେ ଶୀଘ୍ର ବିତି ଯାଉଛି !" ତା'ପରେ ସେ ଲଫାପାଟି ଖୋଲି ଧୀରେ ଧୀରେ ଚିଠିଟି ପଢ଼ିବାକୁ ଆରମ୍ଭ କଲେ । ପଢ଼ିଲା ବେଳେ ଚିଠିର ବିଷୟବସ୍ତୁ ଉପରେ ଧାରାବାହିକ ମନ୍ତବ୍ୟ ମଧ୍ୟ କରୁଥାନ୍ତି, " 'ପ୍ରିୟ

ଆନ୍ଦ୍ରେଇ କାର୍ଲୋଭିଚ୍ ,(୧୧) ଆଶା କରୁଛି ମାନ୍ୟବର' ... ହୁଁ , ଏସବୁ ବାହ୍ୟ ଆଡ଼ମ୍ବରରେ କ'ଣ ଦରକାର ? ଏମିତି ଚିଠି ଲେଖିଲା ବେଳେ ତାଙ୍କର ଲଜ୍ଜା ବୋଧ କରିବା ଉଚିତ ! ଶୃଙ୍ଖଳା ମାନିବା ଭଲ , କିନ୍ତୁ ପୁରୁଣା ଜଣେ ସାଥୀକୁ ଏହି ଭାଷାରେ କିଏ ଚିଠି ଲେଖେ ?.. 'ମାନ୍ୟବର ଭୁଲି ଯାଇ ନଥିବେ?..' ହୁଁ ... 'ଯେତେବେଳେ ସ୍ୱର୍ଗତ ଫିଲ୍ଡମାର୍ଶାଲ ମିନ୍ ... ଅଭିଯାନ... ଆଉ ... କାରୋଲିନ୍‌କା ...'

ଆହା ସଇତାନ ! ଏବେ ବି ସେ ଆମର ପୁରୁଣା ଥଟା ତାମସାକୁ ମନେ ରଖିଛନ୍ତି ... 'ଏଥର ଅସଲ କଥାଟି କହୁଛି ... ମୋର ସର୍ବକନିଷ୍ଠ ପାଜିଟିକୁ ପଠାଉଛି ଆପଣଙ୍କ ପାଖକୁ' ... ହୁଁ ... 'ତାକୁ କଣ୍ଟା ଦସ୍ତାନା ଦେଇ ଶାସନ କରିବେ !' " କଥାଗୁଡ଼ିକୁ ଦୋହରାଇ ମୋ ମୁହଁକୁ ଗ୍ହିଁ ସେ ପଗ୍ଚରିଲେ , "ଏହାର ଅର୍ଥ କ'ଣ ? ଏହା କ'ଣ ରୁଷିଆର ଏକ ପ୍ରବାଦ ?"

ନିରୀହତାମିଶା ସ୍ୱରରେ ମୁଁ ଉତ୍ତର ଦେଲି , "ଏହାର ଅର୍ଥ , ଆପଣ ମୋ ପ୍ରତି ସଦୟ ବ୍ୟବହାର କରିବେ , ମୋ ବିଷୟରେ ଖୁବ୍ କଡ଼ା ହେବେ ନାହିଁ , ମୋତେ ଯଥେଷ୍ଟ ସ୍ୱାଧୀନତା ଦେବେ , ଅର୍ଥାତ୍ କଣ୍ଟା ଦସ୍ତାନା ଦେଇ ମୋତେ ଶାସନ କରିବେ ।"

"ଓ , ତା ମାନେ ଏଇଆ ... 'ତାକୁ ଖୁବ୍ ବେଶୀ ସ୍ୱାଧୀନତା ଦେବେ ନାହିଁ ' ... ହେଇ ତ ... ଖୁବ୍ ପରିଷ୍କାର ବୁଝି ହେଉଛି , କଣ୍ଟା ଦସ୍ତାନା ଦେଇ ଶାସନ କରିବା ଅର୍ଥ ତୁମେ ଯାହା କହିଲ , ତା ନୁହେଁ ... 'ତା'ର ପାସ୍‌ପୋର୍ଟଟି ଏଥି ସହିତ ପଠାଇଲି' ... କାହିଁ ପାସ୍‌ପୋର୍ଟ ? ହଁ , ଏଇଠି ... 'ତାକୁ ସେମ୍ୟୋନୋଭ୍ ସେନାଦଳକୁ ପଠାଇ ଦେବେ' ... ଭଲ କଥା , ତାହା କରିବି ... 'ଆପଣ ଏବେ ଅନେକ ଉଚ୍ଚପଦସ୍ଥ ବ୍ୟକ୍ତି , ତା ସତ୍ତ୍ୱେ ପୁରୁଣା ସାଥୀ ଆଉ ବନ୍ଧୁ ହିସାବରେ ଆପଣଙ୍କୁ ସାଦର ସମ୍ଭାଷଣ ଜଣାଉଛି'... ହଉ , ଶେଷକୁ ମନେ ପଡ଼ିଛି ... ଇତ୍ୟାଦି , ଇତ୍ୟାଦି ... ।"

ଚିଠିଟିକୁ ଶେଷ କରି ପାସ୍‌ପୋର୍ଟଟିକୁ ଗୋଟିଏ ପାଖକୁ ରଖି ଦେଇ ସେ କହିଲେ , "ତାହାହିଁ କରାଯିବ । ଅମୁକ ସେନାଦଳରେ ତୁମକୁ ଅଫିସର ହିସାବରେ ନିଯୁକ୍ତ କରାଯିବ ଏବଂ ସମୟ ନଷ୍ଟ ନକରି କାଲି ତମେ ବେଲୋଗୋର୍ସ୍କ ଗଡ଼କୁ ଯାତ୍ରା କରିବ । ସେଠି କ୍ୟାପ୍‌ଟେନ୍ ମିରୋନୋଭ୍ ଅଛନ୍ତି । ସେ ଖୁବ୍ ଯୋଗ୍ୟ ଏବଂ ସମ୍ମାନାସ୍ପଦ ଲୋକ । ତମକୁ ତାଙ୍କରି ଅଧୀନରେ ରହିବାକୁ ହେବ । ପ୍ରକୃତ ସୈନିକର ଜୀବନ ବୋଇଲେ କାହାକୁ କୁହାଯାଏ , ତାହା ତୁମେ ସେଠାରେ ଦେଖିବ ଓ ଶୃଙ୍ଖଳା ଶିକ୍ଷା କରିବ । ଓରେନ୍‌ବୁର୍ଗରେ ତମ ପକ୍ଷରେ କିଛି କରିବାର ନାହିଁ । ଯୁବକମାନଙ୍କ ପକ୍ଷରେ ଅଳସୁଆମିଟା ଖୁବ୍ ଖରାପ । ହଁ , ଆଜି ମୋ ସହିତ ରାତ୍ରିଭୋଜନ କଲେ ମୁଁ ଖୁସି ହେବି ।"

"ପରିସ୍ଥିତି ଏମିତି ତ ଖରାପ ଥିଲା , ଏବେ ଆଉରି ଖରାପ ହୋଇଗଲା" , ମନେ ମନେ ମୁଁ ଭାବିଲି , "ମା ପେଟରେ ଥିଲାବେଳେ ମୋ ନାମ ରକ୍ଷୀ ବାହିନୀର ସର୍ଜେଣ୍ଟ ହିସାବରେ ତାଲିକାଭୁକ୍ତ କରି ତେବେ ଲାଭ କ'ଣ ହେଲା ? ଶେଷକୁ ଆସିବାକୁ ପଡ଼ିଲା କିର୍‌ଘିଜ୍-କାଇସା ଷ୍ଟେପ୍‌ର ସୀମାନ୍ତରେ ଅବସ୍ଥିତ ଏକ ନିକାଞ୍ଚନ ଗଡ଼କୁ !.." ସନ୍ଧ୍ୟାବେଳେ ଆନ୍ଦ୍ରେଇ କାର୍ଲୋଭିଚ୍‌ଙ୍କ ସହିତ ଭୋଜନ କଲି । ଆମେ ମୋଟ ତିନି ଜଣ ଥିଲୁ – ସେ , ତାଙ୍କ ପୁରୁଣା ସହକାରୀ ଅଫିସର ଏବଂ ମୁଁ । ଖାଇଲା ବେଳେ ଦେଖିଲି , ଖିଆପିଆ ବ୍ୟାପାରରେ ତାଙ୍କର ଜର୍ମାନ୍‌ସୁଲଭ ଚରମ ମିତବ୍ୟୟିତା । ମୋର ମନେ ହୁଏ ତାଙ୍କର ଶ୍ରୀବିହୀନ ରାତ୍ରିଭୋଜନ ଟେବୁଲରେ ଭାଗ ନେବା ପାଇଁ ଆଉ କାହାକୁ ନିମନ୍ତ୍ରଣ କରାଯାଇପାରେ – ଏହି ଭୟରୁ ହୁଏତ ମୋତେ ସେ ଏତେ ତରବରରେ ସେନା ଛାଉଣୀକୁ ପଠାଇଦେଲେ । ପରଦିନ ଜେନେରାଲଙ୍କଠାରୁ ବିଦାୟ ନେଇ ମୁଁ ମୋ ଲକ୍ଷ୍ୟସ୍ଥଳକୁ ଯାତ୍ରା କଲି ।

ତୃତୀୟ ପରିଚ୍ଛେଦ

ଦୁର୍ଗ

"ଆମ କିଲ୍ଲ, ଦେଖିବାକୁ ଅନାବୃତ ଖୋଲ୍ଲ,
ରୁଟି ଆଉ ପାଣି ଆମ ଖାଦ୍ୟ,
ଶତ୍ରୁ ତହିଁ ଆସେ ଯଦି,
ଖୋଜିବାକୁ ଆମୋଦ,
ଭୂରିଭୋଜି ଦେବା ପାଇଁ ନାହିଁ ଆମ ଡର,
ଗୁଳିଗୋଳା ବୁଲେଟ୍ ଓ ସେଲ୍,
ସେମାନଙ୍କ ପାଇଁ ଏଠି ଅଛି ଭରପୂର,
କରିବୁ ସେମାନଙ୍କର ଯଥେଷ୍ଟ ସତ୍କାର।"

ସୈନିକମାନଙ୍କର ଗୀତ (୧୨)

"ପୁରୁଣାକାଳିଆ ଲୋକ, ହଜୁର।"

ବୟସ୍କ ନାବାଳକ (୧୩)

ବେଲୋଗୋର୍ସ୍କ ଗଡ଼ଟି ଓରେନ୍‌ବୁର୍ଗରୁ ପ୍ରାୟ ଚାଳିଶ କିଲୋମିଟର ଦୂରରେ ଅବସ୍ଥିତ। ଇଆଇକ୍ ନଦୀର ତୀଖ ଉଠାଣିଆ ତୀର ଦେଇ ସଡ଼କଟିଏ ପଡ଼ିଛି। ବରଫରେ ସେତେବେଳେ ନଦୀଟି ଜମିଯାଇ ନଥାଏ। ବୈଚିତ୍ର୍ୟହୀନ ବରଫଢଙ୍କା ଦୁଇ ତୀର ମଧ୍ୟ ଦେଇ ବହିଯାଉଥିବା ସୀସା ଭଳି ପାଣି ସୁଅ କଳା ଆଉ ଉଦାସ ଦିଶୁଥାଏ। ଦୁଇ ପାଖରେ ତା'ର ବିଛେଇ ହୋଇ ପଡ଼ିଛି କିର୍‌ଘିଜିଆର ଷ୍ଟେପୀ ଭୂଇଁ। ମୁଁ ଗଭୀର ଚିନ୍ତା ମଧ୍ୟରେ ହଜି ଯାଇଥିଲି। ମୋ ଚିନ୍ତାର ବେଶୀ ଅଂଶ ଥିଲା ବିଷାଦଭରା। ମୋ ପାଇଁ ଦୁର୍ଗ ଜୀବନର କୌଣସି ଆକର୍ଷଣ ନଥିଲା। ମୁଁ ମନେ ମନେ କଳ୍ପନା କରି ଚାଲିଥିଲି, ମୋର ଭାବୀ ଉପରିସ୍ଥ ଅଫିସର କ୍ୟାପ୍‌ଟେନ୍ ମିରୋନୋଭ୍ ଲୋକ ହିସାବରେ କେମିତି ହୋଇଥିବେ। କଳ୍ପନାରେ ମୁଁ ତାଙ୍କର ଏକ ଛବି ଆଙ୍କି ନେଲି — ଏକ କଠୋର, ଚିଡ଼ିଚିଡ଼ା, ନିଜର ଚାକିରି ବ୍ୟତୀତ ଦୁନିଆରେ ଆଉ କିଛି ଜାଣନ୍ତି ନାହିଁ, ସାମାନ୍ୟତମ ଅପରାଧ ପାଇଁ ମୋତେ ଗିରଫ କରି ଦିନ ପରେ ଦିନ ଶୁଖିଲା ରୁଟି ଆଉ ପାଣି ଦେଇ ରଖିବେ। ସନ୍ଧ୍ୟା ଘନେଇ ଆସୁଥାଏ। ଆମ ଗାଡ଼ିଟି ଚାଲୁଥାଏ ବେଶ୍ ଦ୍ରୁତ ଗତିରେ। "ଗଡ଼ରେ ପହଞ୍ଚିବାକୁ କ'ଣ ଆଉରି ଅନେକ ବାଟ ଅଛି?" ମୁଁ ଆମ ଗାଡ଼ିଆନ୍‌କୁ ପଚାରିଲି। ସେ ଉତ୍ତର ଦେଲା, "ବେଶୀ ଦୂର ନୁହେଁ। ହେଇ ପ୍ରାୟ ଦେଖା ଗଲାଣି।" ମୁଁ ଚାରି ଆଡ଼କୁ ଦୃଷ୍ଟି ବୁଲାଇ ନେଲି। ଭାବିଥିଲି ବଡ଼ ଉଚ୍ଚ ଉଚ୍ଚ ବୁରୁଜ ଆଉ ଖିଲାଣସବୁ ଦେଖିବି। କିନ୍ତୁ କେବଳ କାଠ ବେଡ଼ା ଘେରା କେଇଟି କାଠ ଘର ଛଡ଼ା ଆଉ କିଛି ଦୃଷ୍ଟିରେ ପଡ଼ିଲା ନାହିଁ। ସଡ଼କର ଗୋଟିଏ କଡ଼କୁ ତିନି ଚାରିଟା କୁଟାଗଦା, ବରଫରେ ଅଧା ଢାଙ୍କି ହୋଇ ପଡ଼ିଛି। ଅନ୍ୟ କଡ଼କୁ ହାମୁଡ଼େଇ ପଡ଼ିଥିବା ଗୋଟାଏ ପବନକଳ। ଗଛର ବକଳରେ ତିଆରି ତା'ର ପାଲଗୁଡ଼ାକ ଅଳସଭାବେ ଝୁଲି ପଡ଼ିଛି। ଆଶ୍ଚର୍ଯ୍ୟ ହୋଇ ମୁଁ ପଚାରିଲି, "ଗଡ଼ କାହିଁ?" ସେଇ ମୁହୂର୍ତ୍ତରେ ଆମେ ଯେଉଁ ଛୋଟ ଗାଁଟି ମଧ୍ୟକୁ ପ୍ରବେଶ କରୁଥିଲୁ ତା ଆଡ଼କୁ ଆଙ୍ଗୁଳି ଦେଖାଇ ଗାଡ଼ିଆନ୍‌ଟି କହିଲା, "ହେଇ ପା।" ଫାଟକର ଗୋଟିଏ ପାଖରେ ଦେଖିଲି ଗୋଟିଏ ପୁରୁଣାକାଳିଆ ଲୁହାରେ ତିଆରି କମାଣ ଥୁଆ ହୋଇଛି। ରାସ୍ତାଗୁଡ଼ାକ ସରୁସରୁ ଏବଂ ଅଙ୍କାବଙ୍କା। ଘରସବୁ ନୁଆଁଣିଆ ଏବଂ ଅଧିକାଂଶ ଛଣଛିଆ। ଗାଡ଼ିଆନ୍‌କୁ ଆଦେଶ ଦେଲି ଗଡ଼ନାୟକଙ୍କ ଅଫିସ୍ ଆଡ଼କୁ ଯିବାକୁ। କିଛି କ୍ଷଣ ମଧ୍ୟରେ ଗାଡ଼ିଟି ଯାଇ ଅଟକିଲା ଏକ ଉଚ୍ଚା ଜମି ଉପରେ ଅବସ୍ଥିତ ଛୋଟ କାଠଘର ଆଗରେ। ଘରଟିକୁ ଲାଗି ଛିଡ଼ା ହୋଇଛି ଏକ କାଠ ଗିର୍ଜା।

ମୋତେ ପାଛୋଟି ନେବା ପାଇଁ କେହି ଆସିଲେ ନାହିଁ। ଅଳିନ୍ଦକୁ ଯାଇ ପ୍ରବେଶ ପଥର ଦୁଆର ଖୋଲି ମୁଁ ଭିତରକୁ ଗଲି। ଜଣେ ଅକର୍ମଣ୍ୟ ବୃଦ୍ଧ ସୈନିକ ଟେବୁଲ ପାଖରେ ବସି ଏକ ସବୁଜ ଫୌଜୀ ପୋଷାକର ଅସ୍ତିନ୍‌ରେ ଖଣ୍ଡେ ନେଳିଆ ତାଳି ପକାଉଥାଏ। ମୋ ପହଞ୍ଚିବାର ଖବର ଘୋଷଣା କରିବାକୁ ମୁଁ ତାକୁ କହିଲି। "ହଜୁର, ଆପଣ ଭିତରକୁ ଯାଆନ୍ତୁ, ସେମାନେ

ଘରେ ଅଛନ୍ତି ।" ସେ କହିଲ । ମୁଁ ଭିତରକୁ ପବେଶ କଲି । ଛୋଟ ପରିଷ୍କାର ପରିଚ୍ଛନ୍ନ ଘରଟିଏ, ପୁରୁଣାକାଳିଆ ଆସବାବପତ୍ରରେ ସଜା ହୋଇଛି । ଘରର ଗୋଟିଏ କଣକୁ ଥିବା ଏକ ଆଲମାରିରେ ଚୀନାମାଟିର ପିଆଲ, ଡିସ୍ ଆଦି । କାନ୍ଥରେ ଝୁଲୁଛି କାଠ ଫ୍ରେମ୍ ଆଉ କାଚରେ ବନ୍ଧା ଅଫିସରଙ୍କ ପରିଚୟପତ୍ର । ପାଖକୁ ଲଗି କେତୋଟି ସ୍ଥୂଳ ଧରଣର ଚିତ୍ର । ଚିତ୍ରଗୁଡ଼ିକର ନାମ "କିଷ୍ଟ୍ରିନ୍ ଏବଂ ଓଗ୍ନକୋଭ୍ ଦଖଲ" (୧୪), "କନ୍ୟା ନିର୍ବାଚନ" ଓ "ବିଡ଼ାଳର ଶବସତ୍କାର" (୧୫) । ଝରକାକୁ ଲଗି ବସିଛନ୍ତି ଜଣେ ବୃଦ୍ଧା ମହିଳା, ଦେହରେ ତୂଳାଭରା ଜ୍ୟାକେଟ୍, ମୁଣ୍ଡରେ ରୁମାଲ । ମହିଳାଟି ବସି ବସି ପଶମ ଝାଡ଼ୁଛନ୍ତି । ଅଫିସର ପୋଷାକ ପରିହିତ ଜଣେ ଏକଆଖିଆ ବୃଦ୍ଧ ହାତ ଦୁଇଟିକୁ ଆଗକୁ କରି ପଶମକୁ ଟେକି ଧରିଛନ୍ତି । ପଶମ ଝାଡ଼ୁଝାଡ଼ୁ ବୃଦ୍ଧା ପଚାରିଲେ, "ଆପଣଙ୍କ ପାଇଁ ମୁଁ କ'ଣ କରିପାରେ, ହଜୁର ?" ମୁଁ ଉତ୍ତର ଦେଲି, ମୁଁ ସେନା ବିଭାଗରେ କାମ କରିବା ପାଇଁ ଆସିଛି । କ୍ୟାପ୍‌ଟେନ୍‌କୁ ମୋ ଆସିବାର ଖବର ଜଣାଇବାକୁ ମୋର କର୍ତ୍ତବ୍ୟ ବୋଲି ମନେ କରେ । ଏତକ କହି ଦେଇ ମୁଁ ସେ ଏକଆଖିଆ ବୃଦ୍ଧଙ୍କ ଆଡ଼କୁ ବୁଲିପଡ଼ି ଛିଡ଼ା ହେଲି । ମୋର ଧାରଣା ହୋଇଥିଲ ସିଏ ହିଁ ହେଉଛନ୍ତି ଗଡ଼ନାୟକ । ମୋତେ କ'ଣ କହିବାକୁ ହେବ, ସେ କଥା ମୁଁ ଆଗରୁ ମନେ ମନେ ସ୍ଥିର କରି ରଖିଥିଲି । କିନ୍ତୁ ଗୃହକର୍ତ୍ତୀ କଥାରେ ବାଧା ଦେଇ କହିଲେ, "ଇଭାନ୍ କୁଜ୍‌ମିଚ୍ ଘରେ ନାହାନ୍ତି, ପାଦ୍ରି ଗେରାସିମ୍‌ଙ୍କ ସହିତ ସାକ୍ଷାତ୍ କରିବାକୁ ଯାଇଛନ୍ତି । ସେଥି ପାଇଁ ଆପଣଙ୍କର ଚିନ୍ତା କରିବାର କିଛି ନାହିଁ । ମୁଁ ହେଉଛି ତାଙ୍କ ସ୍ତ୍ରୀ । ଆପଣଙ୍କୁ ମୁଁ ସ୍ୱାଗତ ଜଣାଉଛି, ଆପଣ ଆସନ ଗ୍ରହଣ କରନ୍ତୁ !" ତା'ପରେ ସେ ଗୃହ ପରିଚାରିକାକୁ ସର୍ଜେଣ୍ଟଙ୍କୁ ଡାକି ଆଣିବାକୁ କହିଲେ । ବୃଦ୍ଧ ଲୋକଟି ତାଙ୍କର ଏକମାତ୍ର ଆଖିରେ କୌତୂହଳ ନେଇ ମୋତେ ଚାହିଁ ରହିଥାନ୍ତି । ଏଥର ସେ ପଚାରିଲେ, "ଆପଣ କେଉଁ ସେନାଦଳରେ ଥିଲେ, ମୁଁ ଜାଣିପାରେ କି ?" ମୁଁ ତାଙ୍କ କୌତୂହଳ ଚରିତାର୍ଥ କଲି । ତା'ପରେ ସେ ପୁଣି ପଶ୍ନ କଲେ, "ଆପଣ କାହିଁକି ରକ୍ଷୀ ବାହିନୀ ପରିତ୍ୟାଗ କରି ଗଡ଼କୁ ଆସିଲେ, ମୁଁ ଜାଣିପାରେ କି ?" ଏହା ମୋର

ଉପରିସ୍ଥମାନଙ୍କ ଇଚ୍ଛା ବୋଲି ମୁଁ ତାଙ୍କୁ ଜଣାଇଲି । କିନ୍ତୁ ଦେଖିଲି, ପ୍ରଶ୍ନକର୍ତ୍ତା ବଡ଼ ନଛୋଡ଼ବନ୍ଧା ଲୋକ । ତାଙ୍କର ପରବର୍ତ୍ତୀ ପ୍ରଶ୍ନଟି ହେଲ, "ମୋର ମନେ ହେଉଛି, ଆପଣ ଏପରି କିଛି କାର୍ଯ୍ୟ କରିଥିଲେ ଯାହା ରକ୍ଷୀ ବାହିନୀର ଅଫିସରଙ୍କ ପକ୍ଷରେ ଅଶୋଭନୀୟ – କ'ଣ କହୁଛନ୍ତି ?" କ୍ୟାପ୍‌ଟେନ୍‌ଙ୍କ ସ୍ତ୍ରୀ ବାଧା ଦେଇ କହିଲେ, "ଅନେକ ହେଲଣି, ଏଥର କଥା ଟିକେ ବନ୍ଦ କର ତ ! ଦେଖି ପାରୁନା ଯୁବକଟି ପଥକ୍ଲାନ୍ତ ହୋଇପଡ଼ିଛନ୍ତି, ତାଙ୍କୁ ଟିକେ ବିଶ୍ରାମ ନେବାକୁ ଦିଅ ! (ଠିକ୍ କରି ହାତ ଟେକି ଧର, ଠିକ୍ କରି ...)" ତା'ପରେ ମୋତେ କହିଲେ, "ଶୁଣନ୍ତୁ ବାବୁ, ଏହି ଅପନ୍ତରା ଜାଗାକୁ ଆପଣଙ୍କୁ ପଠାଯାଇଛି ବୋଲି ମନ ଦୁଃଖ କରିବେ ନାହିଁ । ଆପଣ ପ୍ରଥମ ନୁହନ୍ତି, ଆଗରୁ ଅନେକ ଆସିଛନ୍ତି ଏବଂ ପରେ ଆଉରି ଅନେକ ଆସିବେ । ଅଭ୍ୟସ୍ତ ହୋଇଗଲ ପରେ ଆଉ କିଛି ଖରାପ ଲଗିବ ନାହିଁ । ଆଲେକ୍‌ସେଇ ଇଭାନୋଭିଚ୍ ଶ୍‌ଭାବ୍ରିନ୍ ଚାରି ବର୍ଷ ହେଲ ଏଠାକୁ ଆସିଲେଣି । ମଣିଷକୁ ଖୁନ୍ କରିବା ହେତୁ ତାଙ୍କୁ ଏଠାକୁ ଆସିବାକୁ ପଡ଼ିଛି । ଭଗବାନ୍ ଜାଣନ୍ତି ତାଙ୍କ ମୁଣ୍ଡରେ କାହିଁକି ସେ ଦୁର୍ବୁଦ୍ଧିଟା ପଶିଲ ! ସିଏ ଏବଂ ଆଉ ଜଣେ ଲେଫ୍‌ଟନାଣ୍ଟ ଦିନେ ତରବାରି ନେଇ ସହର ବାହାରକୁ ଯାଇଥିଲେ । ତା'ପରେ ପରସ୍ପର ସହିତ ତରବାରି ଖୁଞ୍ଚାଖୁଞ୍ଚି ହେଉଁ ହେଉଁ ହଠାତ୍ ଆଲେକ୍‌ସେଇ ଇଭାନୋଭିଚ୍ ତରବାରିଟାକୁ ଲେଫ୍‌ଟନାଣ୍ଟଙ୍କ ଦେହରେ ଭୁସି ଦେଲେ । ଘଟଣାସ୍ଥଳରେ ଦୁଇ ଜଣ ଲୋକ ସାକ୍ଷୀ ଥିଲେ ! କଥାଟାକୁ ଏଡ଼ାଇବାର କୌଣସି ଉପାୟ ନଥିଲ । ତେବେ ଏପରି ଘଟଣା ଯେକୌଣସି ଲୋକର ଜୀବନରେ ମଧ୍ୟ ଘଟିପାରେ ।"

ଠିକ୍ ଏହି ସମୟରେ ଘର ମଧ୍ୟକୁ ପଶିଆସିଲେ ଜଣେ ସର୍ଜେଣ୍ଟ – ଲମ୍ବା ଚଉଡ଼ା ଚେହେରାର ଏକ ତରୁଣ କସାକ୍ । ବୃଦ୍ଧା କହିଲେ, "ମାକ୍‌ସିମିଚ୍, ଏ ଅଫିସରଙ୍କ ପାଇଁ ଭଲ ରହିବାର ଜାଗାଟିଏ ଠିକ୍ କରି ଦିଅ ।" ସର୍ଜେଣ୍ଟ ଉତ୍ତର ଦେଲେ, "ଠିକ୍ ଅଛି, ଭାସିଲିସା ୟେଗୋରୋଭ୍‌ନା । ମାନ୍ୟବରଙ୍କ ପାଇଁ କ'ଣ ଇଭାନ୍ ପୋଲେଝାୟେଭ୍‌ଙ୍କ ପାଖରେ ଜାଗା କରିଦେବି ?" କ୍ୟାପ୍‌ଟେନ୍‌ଙ୍କ ପତ୍ନୀ କହିଲେ, "ନା,

ମାକ୍‌ସିମିଚ୍ , ସେଠି ଏମିତି ତ ବଡ଼ ଭିଡ଼, ପାଟିଗୋଳ । ତାଛଡ଼ା ପୋଲେଝାୟେଭ୍ ହେଉଛନ୍ତି ଆମ ବନ୍ଧୁ ଏବଂ ସେ ଜାଣନ୍ତି ଯେ, ଆମେ ହେଉଛେ ତାଙ୍କ ଉପରିକ । ବରଂ ଅଫିସରଙ୍କୁ ... ହଁ, ଆପଣଙ୍କ ନାମ କ'ଣ ? ପିଓତର ଆନ୍ଦ୍ରେଇଚ୍ ? ଠିକ୍ ଅଛି, ପିଓତର ଆନ୍ଦ୍ରେଇଚ୍‌ଙ୍କୁ ନେଇଯାଅ ସେମ୍ୟୋନ୍ କୁଜୋଭ୍‌ଙ୍କ ପାଖକୁ । ବଦମାସଟା ତା ଘୋଡ଼ାଟାକୁ ମୋ ପରିବା ବଗିଚ୍ଚରେ ଛାଡ଼ି ଦେଇଥିଲା । ହଁ, ମାକ୍‌ସିମିଚ୍ , ଆପଣଙ୍କର କୌଣସି ଅସୁବିଧା ହୋଇନି ତ ?"

କସାକ୍‌ଟି ଉତ୍ତର ଦେଲା, "ଭଗବାନ୍‌ଙ୍କ ଦୟାରୁ ସବୁ କିଛି ଶାନ୍ତ ଅଛି । କେବଳ ସେ ସୈନିକ ପ୍ରୋଖୋରୋଭ୍ ଓ ଉସ୍‌ତିନିଆ ନେଗୁଲିନା ବାଲ୍‌ଟିଏ ଗରମ ପାଣି ପାଇଁ ଗାଧୁଆଘରେ କଳି କରିଥିଲେ ।"

"ଇଭାନ୍ ଇଗ୍‌ନାତିଚ୍ !" କ୍ୟାପ୍‌ଟେନ୍‌ଙ୍କ ପତ୍‌ନୀ ସେଇ ଏକଆଖିଆ ବୃଦ୍ଧଙ୍କୁ ଉଦ୍ଦେଶ୍ୟ କରି କହିଲେ, "ପ୍ରୋଖୋରୋଭ୍ ଏବଂ ଉସ୍‌ତିନିଆଙ୍କ ସହିତ କଥାବାର୍ତ୍ତା କର । ସେମାନଙ୍କ ମଧ୍ୟରୁ ଦୋଷୀ କିଏ ଜାଣିବା ଦରକାର । ତେବେ ଦୋଷ ଯାହାର ହେଉନା କାହିଁକି ଉଭୟଙ୍କୁ ଶାସ୍ତି ଦେବାକୁ ହେବ । ହେଉ, ମାକ୍‌ସିମିଚ୍ ତୁମେ ଏଥର ଯାଇପାର । ପିଓତର ଆନ୍ଦ୍ରେଇଚ୍ , ଆପଣଙ୍କୁ ମାକ୍‌ସିମିଚ୍ ରହିବାର ସ୍ଥାନ ଦେଖାଇଦେବ ।"

ମଥା ନତ କରି ନମସ୍କାର ଜଣାଇ ମୁଁ ବାହାରି ଆସିଲି । ସର୍ଜେଣ୍ଟ ମୋତେ ନଦୀର ଉଚ୍ଚ କୂଳ ଦେଇ ନେଇଗଲେ ଗଡ଼ ଅନ୍ତର୍ଗତ ଇଲାକାର ସଂପୂର୍ଣ୍ଣ ଶେଷ ପ୍ରାନ୍ତକୁ । ଘରଟିର ଅର୍ଦ୍ଧେକରେ ରହୁଥିଲେ ସେମ୍ୟୋନ୍ କୁଜୋଭ୍ ଓ ତାଙ୍କ ପରିବାରବର୍ଗ । ବାକୀ ଅର୍ଦ୍ଧେକ ମୋତେ ଦିଆଗଲା । ଗୋଟିଏ ମାତ୍ର କୋଠରୀ, ମଝିରେ ପରଦା ଦେଇ ଦୁଇଭାଗ କରାଯାଇଛି । ପରିଷ୍କାର ପରିଚ୍ଛନ୍ନ । ସାଭେଲିଚ୍ ଗଣ୍ଠୁଲିପତ୍ର ଖୋଲିବାରେ ଲାଗିଗଲା ଏବଂ ମୁଁ ସରୁ ଏକ ଝରକା ଦେଇ ବାହାରକୁ ଚାହିଁ ରହିଲି । ଦୃଷ୍ଟି ଆଗରେ ମୋର ମେଲିଯାଇଥିଲା ବିଷଣ୍ଣ ଉଦାସ ଷ୍ଟେପୀ ଭୂଇଁ । ତା'ର ଠିକ୍ ଓଲଟା ଦିଗରେ କେଇଟି ଗୁଳଘର, କୁଡ଼ିଆ । କୁକୁଡ଼ା କେଇଟା ରାସ୍ତାରେ ଏଣେ ତେଣେ ବୁଲୁଥାନ୍ତି । ହାତରେ ଗାଙ୍ଗୁଲଟାଏ ଧରି ବୁଢ଼ୀଟିଏ ଦୁଆର ଆଗରେ ଛିଡ଼ା ହୋଇ ଘୁଷୁରିଗୁଡ଼ାଙ୍କୁ ଡାକୁଥାଏ । ତା ଡାକ ଶୁଣି ସେଗୁଡ଼ାକ ଘୁଁ ଘୁଁ ଶବ୍ଦ

କରୁଥାନ୍ତି । ମୋ ଭାଗ୍ୟରେ ଏହିଭଳି ଏକ ସ୍ଥାନରେ ମୋ ଯୌବନ କାଳ ବିତାଇବାକୁ ଲେଖାଥିଲା ! ମନ ମୋର ଉଦାସରେ ଭାରାକ୍ରାନ୍ତ ହୋଇ ଉଠିଲା । ଝରକା ପାଖରୁ ଦୂରେଇ ଆସି, କିଛି ଖିଆପିଆ ନକରି ବିଛଣାରେ ଶୋଇପଡ଼ିଲି । ସାଭେଲିଚ୍ ଅନେକ ଚେଷ୍ଟା କଲା, କିନ୍ତୁ ଶେଷକୁ ଖେଦାଚ୍ଛନ୍ନ ସ୍ୱରରେ ବାରମ୍ବାର କହିବାକୁ ଲଗିଲା, "ହେ ଭଗବାନ ! କିଛି ବି ଖାଇବେ ନାହିଁ ! ପିଲାଟା ଯଦି ଅସୁସ୍ଥ ହୋଇପଡ଼େ ତେବେ ସାଆନ୍ତାଣୀ କ'ଣ କହିବେ?"

ତହିଁଆରଦିନ ସକାଳେ ମୁଁ ପୋଷାକପତ୍ର ପିନ୍ଧୁଛି, ଠିକ୍ ଏଇ ସମୟରେ ଜଣେ ତରୁଣ ଅଫିସର ଦୁଆର ଖୋଲି ଭିତରକୁ ପଶିଆସିଲେ । ଦେଖିବାକୁ ଖର୍ବକାୟ, ଦେହର ରଙ୍ଗ କସରା, ମୋଟେ ସୁନ୍ଦର ନୁହନ୍ତି, କିନ୍ତୁ ଖୁବ୍ ଜୀବନ୍ତ, ପ୍ରାଣୋଚ୍ଛଳ ଚେହେରା । ଫରାସୀ ଭାଷାରେ ସେ ମୋତେ କହିଲେ, "ଏମିତି ଅଭଦ୍ରଭାବେ ଆପଣଙ୍କ ସହିତ ଆଳାପ କରିବା ପାଇଁ ଆସିଛି ବୋଲି କ୍ଷମା କରିବେ । ଗତକାଲି ଆପଣଙ୍କ ଆସିବା ଖବର ଶୁଣିବାକୁ ପାଇଲି । ଶୁଣିଲା ପରେ ଆଉ ଅପେକ୍ଷା କରିପାରିଲି ନାହିଁ । ଅନେକ ଦିନ ପରେ ଜଣେ ମଣିଷର ମୁହଁ ଦେଖିବାକୁ ମିଳିଲା ! କିଛି ଦିନ ଏଠି ରହିଲା ପରେ ଆପଣ ମୋ କଥାର ମର୍ମ ବୁଝିପାରିବେ ।" ମୋର ମନେ ହେଲା, ଦ୍ୱନ୍ଦ୍ୱ ଯୁଦ୍ଧ ଲଢ଼ିଥିବା ହେତୁ ଏହି ଅଫିସରଟିକୁ ରକ୍ଷୀ ବାହିନୀରୁ ଏଠାକୁ ପଠାଇ ଦିଆଯାଇଛି । ଆମ ଦିହିଁଙ୍କ ମଧ୍ୟରେ ଅନ୍ତରଙ୍ଗତା ଜମି ଉଠିବାକୁ ବେଶୀ ସମୟ ଲଗିଲା ନାହିଁ । ଶ୍‌ଭାବ୍ରିନ୍ ଖୁବ୍ ବୁଦ୍ଧିମାନ ବୋଲି ମନେ ହେଉଥିଲେ, ତାଛଡ଼ା ବାକ୍‌ପଟୁ ଏବଂ ମିଷ୍ଟାଳାପୀ । ଗଡ଼ନାୟକ ଏବଂ ତାଙ୍କ ପରିବାର ସଂପର୍କରେ, ମୋ ଭାଗ୍ୟ ମୋତେ ଯେଉଁଠିକି ଘେନି ଆସିଛି ସେଠାକାର ଲୋକ ଆଉ ପରିବେଶ ସଂପର୍କରେ ସେ ଏକ ଉଦ୍ଦୀପ୍ତ ବର୍ଣ୍ଣନା ପ୍ରଦାନ କଲେ । ଆନନ୍ଦରେ ବିଭୋର ହୋଇ ମୁଁ ହସୁଥାଏଁ, ଏହି ସମୟରେ ଘର ମଧ୍ୟକୁ ପଶିଆସିଲା ସେଇ ସୈନିକଟି, ଯାହାକୁ ମୁଁ ଗତକାଲି କ୍ୟାପ୍‌ଟେନ୍‌ଙ୍କ ଅଳିନ୍ଦରେ ବର୍ଦ୍ଦି ପୋଷାକରେ ତାଳି ପକାଉଥିବାର ଦେଖିଥିଲି । ଘର ମଧ୍ୟକୁ ପ୍ରବେଶ କରି ସେ ଜଣାଇଲା ଯେ, ଭାସିଲିସା ୟେଗୋରୋଭ୍‌ନା ମୋତେ ପ୍ରାତଃ ଭୋଜନ ପାଇଁ ନିମନ୍ତ୍ରଣ କରିଛନ୍ତି । ଶ୍‌ଭାବ୍ରିନ୍ ନିଜ ତରଫରୁ କହିଲେ, ସେ ମୋତେ ସାଙ୍ଗରେ ନେଇଯିବେ ।

ଗଡ଼ନାୟକଙ୍କ ଘର ପାଖକୁ ଆସି ଆମେ ଦେଖିଲୁ, ପଡ଼ିଆ ଉପରେ କୋଡ଼ିଏ ଜଣ ଖଣ୍ଡ ରୁଗ୍‌ଣ ବୃଦ୍ଧ ଲୋକଙ୍କୁ ଆଟେନ୍‌ସନ୍ ଭଙ୍ଗିରେ ଛିଡ଼ା କରାଯାଇଛି । ମୁଣ୍ଡରେ ଲମ୍ବ ଚୁଟି ଏବଂ ତିନିକୋଣିଆ ଟୋପି । ସେମାନଙ୍କ ସମ୍ମୁଖରେ ଦଣ୍ଡାୟମାନ ଗଡ଼ନାୟକ । ଦେଖିବାକୁ ବୃଦ୍ଧ, ଲମ୍ବାଚଉଡ଼ା ଚେହେରା, ଗ୍ଭଲିଚଳନରେ କ୍ଷିପ୍ରତା, ମୁଣ୍ଡରେ ରାତ୍ରି ଟୋପି ଆଉ ଡ୍ରେସିଂଗାଉନ୍ । ଆମକୁ ଦେଖି ସେ ଆମ ଆଡ଼କୁ ଆଗେଇ ଆସିଲେ । ମୋତେ କେଇପଦ ସ୍ନେହବ୍ୟଞ୍ଜକ କଥା କହିଲେ । ତା'ପରେ ପୁଣି ସେଇସବୁ ଲୋକଙ୍କୁ ଡ୍ରିଲ୍ କରାଇବାରେ ଲଗିଗଲେ । ଆମର ଇଚ୍ଛା ହେଉଥିଲା, କିଛି ସମୟ ସେଠି ଛିଡ଼ା ହୋଇ ଡ୍ରିଲ୍ ଦେଖିବାକୁ । କିନ୍ତୁ ଭାସିଲିସା ୟେଗୋରୋଭ୍‌ନାଙ୍କ ପାଖକୁ ଯିବା ପାଇଁ ସେ ଆମକୁ ଅନୁରୋଧ କଲେ ଏବଂ ନିଜେ କିଛି ସମୟ ପରେ ଆସିବେ ବୋଲି କହିଲେ । "ଏଠି ତୁମେ କ'ଣ ଦେଖିବ – କିଛି ଦେଖିବାର ନାହିଁ ।"

ଭାସିଲିସା ୟେଗୋରୋଭ୍‌ନା ସରଳ ହାର୍ଦ୍ଦିକତାର ସହିତ ଆମକୁ ଘରକୁ ଡାକି ନେଇ ବସାଇଲେ । ମୋ ସହିତ ଏଭଳିଭାବେ କଥାବାର୍ତ୍ତା କଲେ ସତେ ଯେମିତି ତାଙ୍କ ସହିତ ମୋର ପରିଚୟ ଅନେକ ଦିନର । ପରିଗ୍ଭରିକା ଟେବୁଲ ସଜାଉଥିଲା ଏବଂ ତାକୁ ସାହାଯ୍ୟ କରୁଥିଲା ସେଇ ବିକଳାଙ୍ଗ ସୈନିକଟି । ଗଡ଼ନାୟକଙ୍କ ପତ୍‌ନୀ କହିଲେ, "ଇଭାନ୍ କୁଜ୍‌ମିଚ୍ ଆଜି ଖୁବ୍ ବେଶୀ ସମୟ ଧରି ଡ୍ରିଲ୍ କରୁଛନ୍ତି । ପାଲଶ୍‌କା, ଯାଅ ସାହେବଙ୍କୁ ଡାକି ଆଣ । ଆଉ ମାଶା କୁଆଡ଼େ ଗଲା ?" ଏହି ସମୟରେ ଗୃହ ମଧ୍ୟକୁ ପ୍ରବେଶ କଲା ଗୋଲମୁଖୀ ଗୋଲପୀ ରଙ୍ଗର ଝିଅଟିଏ । ବୟସ ହେବ ପ୍ରାୟ ଅଠର ପାଖାପାଖି । ଉଜ୍ଜ୍ୱଳ କାନ ଦୁଇଟି ପଛକୁ ସୁନେଲି କେଶରାଶି ସୁସ୍ପଷ୍ଟଭାବେ କୁଣ୍ଡା ହୋଇଛି । ପ୍ରଥମ ଦୃଷ୍ଟିରେ ଝିଅଟି ମୋତେ ଭଲ ଲଗିଲା ନାହିଁ । ଶ୍‌ଭାବ୍ରିନ୍ ମୋତେ ଇତିପୂର୍ବରୁ, କ୍ୟାପ୍‌ଟେନ୍‌ଙ୍କ କନ୍ୟା, ମାଶାକୁ ବୁଦ୍ଧି-ହୀନା ବୋଲି ବର୍ଣ୍ଣନା କରିଥିଲେ । ତେଣୁ ଏକ ପୂର୍ବଧାରଣା ଦ୍ୱାରା ବଶୀଭୂତ ହୋଇ ମୁଁ ତାକୁ ଦେଖିଥିଲି । ତରୁଣୀଟି ଘରର ଗୋଟିଏ କଣକୁ ବସି ସିଲେଇ କରିବାକୁ ଲଗିଲା । ଇତିମଧ୍ୟରେ କୋବି ସୁପ୍ ଆସିଯାଇଥାଏ । ସ୍ୱାମୀଙ୍କୁ ନଦେଖି ଭାସିଲିସା ୟେଗୋରୋଭ୍‌ନା ପୁଣି ପାଲଶ୍‌କାକୁ ପଠେଇଲେ ତାଙ୍କୁ ଡାକି ଆଣିବାକୁ । କହିଲେ, "ସାହେବଙ୍କୁ କହିବୁ, ଅତିଥିମାନେ ତାଙ୍କ ପାଇଁ ଅପେକ୍ଷା କରିଛନ୍ତି, ଖାଦ୍ୟପେୟ ଥଣ୍ଡା ହୋଇ ଯାଉଛି । ଡ୍ରିଲ୍ ତ ପରେ କରିହେବ – ଭଗବାନଙ୍କ ଦୟାରୁ ଲୋକଙ୍କ ଉପରେ ପାଟିତୁଣ୍ଡ କରିବାର ସମୟ ତ ଅନେକ ପଡ଼ିଛି ।" କିଛି କ୍ଷଣ ପରେ କ୍ୟାପ୍‌ଟେନ୍ ଆସିଗଲେ, ତାଙ୍କ ସହିତ ଆସିଲେ ସେଇ ଏକଆଖିଆ ବୃଦ୍ଧ ଲୋକ ଜଣକ । "ଏ କି କଥା ଆଜ୍ଞା ? ଖାଦ୍ୟପେୟସବୁ କେତେବେଳୁ ଟେବୁଲ ଉପରେ ରଖାଗଲଣି, ଆପଣଙ୍କର ଦେଖା ନାହିଁ !" ପତ୍‌ନୀ କହିଲେ । "ଶୁଣ ଭାସିଲିସା ୟେଗୋରୋଭ୍‌ନା", ଗଡ଼ନାୟକ ଉତ୍ତର ଦେଲେ, "ଏତେ ବେଳ ଯାଏ ମୁଁ ମୋର ବୁଢ଼ା ସୈନ୍ୟମାନଙ୍କୁ ଡ୍ରିଲ୍ କରାଇବାରେ ବ୍ୟସ୍ତ ଥିଲି ।"

"ହେଉ, ଥାଉ ତମ କଥା ! ସେମାନଙ୍କୁ ଡ୍ରିଲ୍ କରେଇ ଲଭ କ'ଣ କୁହତ ? ସେମାନେ କେବେ ଏସବୁ ଶିଖି ପାରିବେ ନାହିଁ । ତାଛଡ଼ା ସେ ବିଷୟରେ ତମେ ମଧ୍ୟ ଭଲ ଭାବେ ଜାଣନା । ତମ ପକ୍ଷରେ ଘରେ ରହି ଭଗବାନଙ୍କ ନାମ ନେବା ଭଲ । ହେଉ, ଅତିଥିମାନେ ଆସନ୍ତୁ ଏଥର ଟେବୁଲକୁ ।"

ଆମେ ଖିଆପିଆ ଆରମ୍ଭ କରି ଦେଲୁ । ଭାସିଲିସା ୟେଗୋରୋଭ୍‌ନାଙ୍କ ମୁହଁରୁ ମୁହୂର୍ତ୍ତକ ପାଇଁ କଥା ବନ୍ଦ ହେଉ ନଥାଏ । ପ୍ରଶ୍ନ ପରେ ପ୍ରଶ୍ନ ମୋତେ କରିଗ୍ଭଲିଥାନ୍ତି । ମୋର ବାପା ମା କିଏ ? ସେମାନେ ଏବେ ଜୀବିତ କି ନା ? କେଉଁଠି ସେମାନେ ରହୁଛନ୍ତି ? ଟଙ୍କା ପଇସା ସେମାନଙ୍କ ପାଖରେ କେତେ ଅଛି ? ମୋ ବାପାଙ୍କର ତିନି ଶହ ଭୂମିଦାସ ଅଛନ୍ତି ଶୁଣି ସେ ବିସ୍ମୟରେ କହିଉଠିଲେ :

"ବାଃ, କେତେ ମଜା କଥା ! ଏ ଦୁନିଆରେ କେତେ ଧନୀ ଲୋକ ଅଛନ୍ତି ! କିନ୍ତୁ ଆମର ଦାସ-ଦାସୀ ବୋଇଲେ ଏହି ପାଲଶ୍‌କା । ତେବେ ଈଶ୍ୱରଙ୍କ ଦୟାରୁ ଆମର ଦିନ ଖରାପରେ କଟୁନି । ଆମର କେବଳ ଗୋଟିଏ ଚିନ୍ତା – ଏହି ମାଶାକୁ ନେଇ । ଝିଅଟାର ବିଭା ହେବାର ବୟସ ହୋଇଗଲଣି, କିନ୍ତୁ ଯୌତୁକ କାହିଁ ? ଯୌତୁକ ବୋଇଲେ ଅଛି ଖଣ୍ଡେ

ଚିରୁଣୀ, ଏକ ଝାଡ଼ୁ ଆଉ ଗୋଟିଏ ରୁପା ଟଙ୍କା (ମୋର ଏ କଥା ପାଇଁ ଭଗବାନ କ୍ଷମା ଦିଅ !) । କୌଣସି ଭଲ ଲୋକ ଯଦି ତା'ର ପାଣିଗ୍ରହଣ କରିବାକୁ ଚାହେଁ ତ ଭଲ, ନହେଲେ ଜୀବନ ସାରା ଝିଅଟାକୁ କୁମାରୀ ହୋଇ ରହିବାକୁ ପଡ଼ିବ ।" ମାରିୟା ଇଭାନୋଭ୍ନା ଆଡ଼କୁ ମୁଁ ଚାହିଁଲି । ମୁହଁଟି ତା'ର ଲାଜରେ ଲାଲ ପଡ଼ିଯାଇଥାଏ ଏବଂ ଆଖି ଦୁଇଟିରୁ ସତକୁ ସତ ଲୁହ ଝରି ପଡ଼ୁଥାଏ ପ୍ଲେଟ୍ ଉପରକୁ । ଝିଅଟି ପାଇଁ ମନଟା ମୋର ଦୁଃଖରେ ଭରିଉଠିଲା । ସଙ୍ଗେ ସଙ୍ଗେ କଥାର ଖିଅ ବଦଳେଇ ଦେବା ପାଇଁ ବିନାପ୍ରସଙ୍ଗରେ ମୁଁ କହି ପକାଇଲି, "ମୁଁ ଶୁଣିବାକୁ ପାଇଲି, ବାଶ୍କିର୍‌ମାନେ କାଳେ ଆପଣଙ୍କ ଗଡ଼ ଆକ୍ରମଣ କରିବାକୁ ଚାହୁଁଛନ୍ତି ?" "ଆପଣ ଏହା କେଉଁଠୁ ଶୁଣିବାକୁ ପାଇଛନ୍ତି, ମହାଶୟ ?" ଇଭାନ୍ କୁଜ୍‌ମିଚ୍ ପଚାରିଲେ । ମୁଁ ଉତ୍ତର ଦେଲି, "ଓରେନ୍‌ବୁର୍ଗରେ ଶୁଣିଛି ।" "ଏକେବାରେ ବାଜେ କଥା !" ଗଡ଼ନାୟକ କହିଲେ, "ଅନେକ ଦିନ ଧରି ଏଠାକାର ଅବସ୍ଥା ଶାନ୍ତ । ବାଶ୍କିର୍‌ମାନଙ୍କ ମଧ୍ୟରେ ଭୀତି ସୃଷ୍ଟି କରାଯାଇଛି, କିର୍‌ଘିଜ୍‌ମାନେ ମଧ୍ୟ ଉପଯୁକ୍ତ ଶିକ୍ଷା ଲାଭ କରିଛନ୍ତି । ଏଭଳି ଅବସ୍ଥାରେ ସେମାନେ କୌଣସି ଉତ୍‌ପାତ ସୃଷ୍ଟି କରିବାକୁ ସାହସ କରିବେ ନାହିଁ । ଯଦିବା କରନ୍ତି ତେବେ ଏଭଳି ପାନେ ଦେବି ଯେ, ଦଶବର୍ଷ ପାଇଁ ଭୁଲି ପାରିବେ ନାହିଁ ।"

ଭାସିଲିସା ୟେଗୋରୋଭ୍‌ନାଙ୍କ ଆଡ଼କୁ ଦୃଷ୍ଟି ଫେରେଇ ମୁଁ ପଚାରିଲି, "ଏହିଭଳି ଏକ ବିପଦାପନ୍ନ ଗଡ଼ରେ ରହିବାକୁ ଆପଣ କ'ଣ ଭୟ କରନ୍ତି ନାହିଁ ?" ଭାସିଲିସା ୟେଗୋରୋଭ୍‌ନା ଉତ୍ତର ଦେଲେ, "ମୁଁ ଏସବୁ ପ୍ରତି ଅଭ୍ୟସ୍ତ ହୋଇଗଲିଣି, ବାବୁ । କୋଡ଼ିଏ ବର୍ଷ ପୂର୍ବେ ଆମେ ଯେତେବେଳେ ସେନାଦଳରୁ ବଦଳି ହୋଇ ଏଠାକୁ ଆସିଲୁ, ଏହିସବୁ ବିଧର୍ମୀମାନଙ୍କ କଥା ଭାବି ମୁଁ କେତେ ଯେ ଭୟଭୀତ ହେଉଥିଲି, ତାହା ଭଗବାନ କେବଳ ଜାଣନ୍ତି ! ବଣୁଆ କଟାସ ଲୋମରେ ତିଆରି ସେମାନଙ୍କ ଟୋପି ଆଖିରେ ପଡ଼ିଗଲେ କିମ୍ବା ସେମାନଙ୍କ କୁହାଟ କାନରେ ବାଜିଲେ ମୋ ବୁକୁର ଦୁକୁଦୁକି ବନ୍ଦ ହୋଇଯାଉଥିଲା ! ମୁଁ ଜମାରୁ ଅତିରଞ୍ଜିତ କରି କହୁନି, ଆଜ୍ଞା । କିନ୍ତୁ ସେମାନଙ୍କୁ ଦେଖି ଦେଖି ଏବେ ଅଭ୍ୟସ୍ତ ହୋଇ ଗଲିଣି । କିଏ ଯଦି ଆସି କହିବ ଯେ, ସେ ବଦମାସଗୁଡ଼ାକ ଗଡ଼ ଚାରିପଟେ ବୁଲୁଛନ୍ତି, ତେବେ ମୁଁ ନିଜ ଜାଗାରୁ ପାଦଟିଏ ବି ଘୁଞ୍ଚିବି ନାହିଁ ।"

"ଭାସିଲିସା ୟେଗୋରୋଭ୍‌ନା ହେଉଛନ୍ତି ପ୍ରକୃତ ବୀରାଙ୍ଗନା", ଅର୍ଥପୂର୍ଣ୍ଣ ସ୍ୱରରେ ଶ୍‌ଭାବ୍ରିନ୍ ମନ୍ତବ୍ୟ କଲେ । "ଇଭାନ୍ କୁଜ୍‌ମିଚ୍ ଏ ସଂପର୍କରେ ସାକ୍ଷୀ ଦେଇ ପାରନ୍ତି ।"

"ଠିକ୍ କହିଛନ୍ତି", ଗଡ଼ନାୟକ କହିଲେ । "ସେ ଭୀରୁ, ଦୁର୍ବଳଚିତ୍ତ ମହିଳା ନୁହନ୍ତି ।"

ମୁଁ ପଚାରିଲି, "ଆଉ ମାରିୟା ଇଭାନୋଭ୍‌ନା ? ସିଏ କ'ଣ ଆପଣଙ୍କ ଭଳି ସାହସୀ ?"

"ମାଶା କଥା ପଚାରୁଛ, ବାପ ?" ମା ଉତ୍ତର ଦେଲେ, "ନା, ସେ ଭୟଙ୍କର ଡରକୁଳୀ । ବନ୍ଧୁକର ଆବାଜ ବି ସେ ସହ୍ୟ କରିପାରେ ନାହିଁ । ଶୁଣିଲେ ଭୟରେ ଥରିଉଠେ । ଦୁଇ ବର୍ଷ ଆଗେ ମୋ ଜନ୍ମ ଦିନରେ ଇଭାନ୍ କୁଜ୍‌ମିଚ୍ କମାଣ ଫୁଟେଇବାକୁ ଆଦେଶ ଦେଇଥିଲେ । ମୋ ଝିଅ ଡରରେ ମରୁ ମରୁ ବଞ୍ଚିଗଲା । ତା' ପରଠୁଁ ଏ ମୁହଁପୋଡ଼ା କମାଣଟାକୁ ଆଉ ବ୍ୟବହାର କରାଯାଉ ନି ।"

ଆମେ ସମସ୍ତେ ପାନାହାର କରି ଏକା ସାଙ୍ଗରେ ଉଠିଲୁ । କ୍ୟାପ୍‌ଟେନ୍ ଏବଂ ତାଙ୍କ ସ୍ତ୍ରୀ ଟିକେ ତନ୍ଦ୍ରାଳସ ମେଣ୍ଟାଇବା ପାଇଁ ନିଜ କୋଠରୀକୁ ଗଲେ । ମୁଁ ଶ୍‌ଭାବ୍ରିନ୍‌ଙ୍କ କୋଠରୀକୁ ଯାଇ ସାରା ସନ୍ଧ୍ୟାବେଳଟା ତାଙ୍କ ସହିତ କଟାଇଲି ।

ଚତୁର୍ଥ ପରିଛେଦ

ଦ୍ୱନ୍ଦ୍ୱଯୁଦ୍ଧ

"ଠିକ୍‌ଭାବେ ଛିଡ଼ା ହୁଅ ବାବୁ
ପ୍ରାଣପଣେ ଚେଷ୍ଟା ମୁଁ କରିବି
ବିଶ୍ୱସ୍ତ ଏ ତରବାରିଟିକୁ
ବକ୍ଷେ ତୁମ ସଯତ୍ନେ ଭୁସିବି ।" (୧୬)
କ୍ନ୍ୟାଝନିନ୍

ଇତିମଧ୍ୟରେ କେଇଟି ସପ୍ତାହ ବିତିଗଲା । ବେଲୋଗୋର୍ସ୍କି ଗଡ଼ରେ ମୋ ଜୀବନ ଯେ କେବଳ ସହନୀୟ ହୋଇଉଠିଲା ତା ନୁହେଁ, ସୁଖକର ମଧ୍ୟ ହୋଇଉଠିଲା । ଗଡ଼ନାୟକଙ୍କ ପରିବାରରେ ମୁଁ ଜଣେ ସଦସ୍ୟ ପାଲଟି ଗଲି । ଗଡ଼ନାୟକ ଏବଂ ତାଙ୍କ ସ୍ତ୍ରୀ ଥିଲେ ଖୁବ୍ ଉତ୍ତମ ଲୋକ । ଇଭାନ୍ କୁଜ୍‌ମିଚ୍ ଜଣେ ସୈନିକର ପୁତ୍ର ଭାବେ ଜନ୍ମ ଗ୍ରହଣ କରି ଅଫିସର ହୋଇଥିଲେ । ତାଙ୍କର ଶିକ୍ଷାଦୀକ୍ଷା ନଥିଲା, ଖୁବ୍ ସରଳ ମଣିଷ । କିନ୍ତୁ ଅତିମାତ୍ରାରେ ସତ୍ ଏବଂ ଦୟାଳୁ ଥିଲେ । ତାଙ୍କୁ ପରିଚାଳନା କରୁଥିଲେ ତାଙ୍କ ସ୍ତ୍ରୀ । ତାଙ୍କର ସହଜଗମ୍ୟ ସ୍ୱଭାବ ସହିତ ସ୍ତ୍ରୀଙ୍କର ଶାସନଟା ଖାପ ଖାଇ ଯାଉଥିଲା । ଭାସିଲିସା ୟେଗୋରୋଭ୍‌ନା ଏହି ସୈନ୍ୟ ଛାଉଣୀଟିକୁ ନିଜର ଘରକରଣାର ଏକ ଅଙ୍ଗ ହିସାବରେ ଦେଖୁଥିଲେ । ତେଣୁ ନିଜର ପରିବାର ଉପରେ ସେ ଯେମିତି ଆଧିପତ୍ୟ କରୁଥିଲେ ସେଇପରି ଆଧିପତ୍ୟ କରୁଥିଲେ ସେ ଗଡ଼ ଉପରେ । ମୋ ପ୍ରତି ମାରିୟା ଇଭାନୋଭ୍‌ନାର ଲଜ୍ଜାଭାବଟା ମଧ୍ୟ ଅଳ୍ପ ଦିନ ମଧ୍ୟରେ କଟିଗଲା । ଆମେ ଦିହେଁ ପରସ୍ପରର ବନ୍ଧୁ ହୋଇଉଠିଲୁ । ମୁଁ ଅନୁଭବ କଲି ଝିଅଟି ଯେମିତି ବୁଦ୍ଧିମତୀ ସେଇମିତି ସହାନୁଭୂତିଶୀଳା । ନିଜର ଅଜ୍ଞାତରେ ଏହି ଉଦାର ଦୟାବନ୍ତ ପରିବାର ସହିତ ମୁଁ ଜଡ଼ିତ ହୋଇପଡ଼ିଲି । ଏପରିକି ସେ କଣା ଛାଉଣୀ – ଲେଫ୍‌ଟନାଣ୍ଟ

ଇଭାନ୍ ଇଗ୍‌ନାତିଚ୍ ପ୍ରତି ମୁଁ ଆନ୍ତରିକ ହୋଇ ଉଠିଲି । ଶ୍‌ଭାବ୍ରିନ୍ ଏହି ଲୋକଟି ବିରୁଦ୍ଧରେ ବକ୍ରୋକ୍ତି କରି କହୁଥିଲା ଯେ, ଗୃହକର୍ତ୍ତୀଙ୍କ ସହିତ ତା'ର କାଳେ ଅବୈଧ ସଂପର୍କ ରହିଛି । ଏହିଭଳି ଏକ ଧାରଣା ପଛରେ ସାମାନ୍ୟତମ ପ୍ରମାଣ ଅଛି ବୋଲି ମୋର ମନେ ହେଲା ନାହିଁ । କିନ୍ତୁ ଶ୍‌ଭାବ୍ରିନ୍ ସେଥିପ୍ରତି ନିର୍ବିକାର ଥିଲା ।

ଯଥା ସମୟରେ ମୁଁ ଅଫିସର ପଦ ଲାଭ କଲି । ମୋତେ ଯେଉଁ ଦାୟିତ୍ୱ ପାଳନ କରିବାକୁ ପଡ଼ୁଥିଲା ତାହା କଷ୍ଟକର ନଥିଲା । ଭଗବାନଙ୍କ ଦ୍ୱାରା ପରିତ୍ୟକ୍ତ ଏହି ଛାଉଣୀରେ ନିୟମିତ ପରିଦର୍ଶନ ନଥିଲା କି ସାମରିକ ଅଭ୍ୟାସ ବା ପହରା-ଡିଉଟି ବି ନଥିଲା । ଗଡ଼ନାୟକ ତାଙ୍କ ଖୁସି ମୁତାବକ କଦବା କେମିତି ସୈନ୍ୟମାନଙ୍କୁ ଟିକେ ସାମରିକ ଅଭ୍ୟାସ କରାଉଥିଲେ । କିନ୍ତୁ ତାସତ୍ତ୍ୱେ ସେ ସୈନ୍ୟମାନଙ୍କୁ ବାଁ ଆଉ ଡାହାଣର ତଫାତ୍‌ଟା କ'ଣ ଶିଖାଇବାକୁ ସକ୍ଷମ ହୋଇ ପାରି ନଥିଲେ । ସେମାନଙ୍କ ମଧ୍ୟରୁ ଅନେକେ କାଳେ ଭୁଲ କରି ପକାଇବେ ବୋଲି ପ୍ରତିଥର ବାଁ ଆଉ ଡାହାଣକୁ ଘୂରିଲା ବେଳେ ଭୟରେ କ୍ରୁଶଚିହ୍ନ ଆଙ୍କୁଥିଲେ । ଶ୍‌ଭାବ୍ରିନ୍‌ଙ୍କ ପାଖରେ କେଇଖଣ୍ଡ ଫରାସୀ ପୁସ୍ତକ ଥିଲା । ସେସବୁ ମୁଁ ପଢ଼ିବାକୁ ଆରମ୍ଭ କରିଦେଲି ଏବଂ କ୍ରମଶଃ ମୋ ମଧ୍ୟରେ ଏକ ସାହିତ୍ୟିକ ପ୍ରେରଣା ଜାଗ୍ରତ ହେବାକୁ ଲାଗିଲା । ସକାଳ ବେଳଟା ମୋର କଟୁଥିଲା ବହି ପଢ଼ାରେ । ଅନୁବାଦ କରିବାକୁ ଚେଷ୍ଟା କରୁଥିଲି ଏବଂ ଏପରିକି କେବେ କେମିତି କବିତା ବି ଲେଖୁଥିଲି । ପ୍ରାୟ ପ୍ରତିଦିନ ମୁଁ ଗଡ଼ନାୟକଙ୍କ ଘରେ ଭୋଜନ କରୁଥିଲି ଏବଂ ଦିନର ଅବଶିଷ୍ଟ ସମୟତକ ମୋର କଟୁଥିଲା ସେଇଠି । ବେଳେ ବେଳେ ସନ୍ଧ୍ୟା ଆଡ଼କୁ ପାଦ୍ରି ଗେରାସିମ୍ ଓ ତାଙ୍କ ସ୍ତ୍ରୀ ଆକୁଲିନା ପାମ୍‌ଫିଲୋଭ୍‌ନା ସେଠାକୁ ବୁଲିବାକୁ ଆସୁଥିଲେ । ଗୁଜବ ରଟେଇବା କାମରେ ଏହି ମହିଳାଙ୍କ ସହିତ ସରି ହେଲା ଭଳି ସେ ଜିଲାରେ କେହି ନଥିଲେ । କହିବା ବାହୁଲ୍ୟ ଯେ, ଶ୍‌ଭାବ୍ରିନ୍ ସହିତ ମୋର ପ୍ରତିଦିନ ଦେଖା ସାକ୍ଷାତ୍ ହେଉଥିଲା । କିନ୍ତୁ ସମୟ ବିତିଚାଲିବା ସାଥେ ସାଥେ ତା'ର କଥାବାର୍ତ୍ତା କାହିଁକି ମୋତେ ଅରୁଚିକର ବୋଧ ହେବାକୁ ଲାଗିଲା । ଗଡ଼ନାୟକଙ୍କ ପରିବାରକୁ ନେଇ ତା'ର ବ୍ୟଙ୍ଗ ବିଦ୍ରୁପ ଏବଂ ବିଶେଷ

କରି ମାରିୟା ଇଭାନୋଭ୍ନା ସଂପର୍କରେ ତା'ର ବ୍ୟଙ୍ଗୋକ୍ତି ଶୁଣି ମୁଁ ଖୁବ୍ ବିରକ୍ତି ବୋଧ କରୁଥିଲି । ଦୁର୍ଗଟି ମଧ୍ୟରେ ମିଳାମିଶା କରିବା ଭଳି ଅନ୍ୟ କେହି ଲୋକ ନଥିଲେ । ଏବଂ ମୁଁ ମଧ୍ୟ ଏତେ ଖୁସି ଥିଲି ଯେ, ଆଉ କିଛି ଚାହୁଁ ନଥିଲି ।

ନାନା ଭବିଷ୍ୟଦ୍‌ବାଣୀ ସତ୍ତ୍ୱେ ବି ବାଶ୍‌କିର୍‌ମାନଙ୍କ ମଧ୍ୟରେ କୌଣସି ଅଶାନ୍ତି ବା ଗୋଳମାଳର ଚିହ୍ନ ଦେଖିବାକୁ ମିଳିଲା ନି । ଦୁର୍ଗର ଚତୁଃପାର୍ଶ୍ୱସ୍ଥ ଅଞ୍ଚଳରେ ଅଖଣ୍ଡ ଶାନ୍ତି ବିରାଜ କରୁଥାଏ । କିନ୍ତୁ ଆମମାନଙ୍କର ଶାନ୍ତିଭଙ୍ଗ ହେଲା ଏକ ଅପ୍ରତ୍ୟାଶିତ ଆଭ୍ୟନ୍ତରୀଣ କଳହରୁ ।

ଇତିପୂର୍ବରୁ କହିଛି ଯେ, ମୁଁ ସେଠାରେ ଲେଖାଲେଖି କରିବାକୁ ଆରମ୍ଭ କରିଥିଲି । ତତ୍‌କାଳୀନ ବିଚାର ଦୃଷ୍ଟିରୁ ମୋ ଲେଖାଗୁଡ଼ିକ ଥିଲା ଉଚ୍ଚ କୋଟିର । କେଇ ବର୍ଷ ପରେ ଆଲେକ୍‌ଜାନ୍ଦର ପେଟ୍ରୋଭିଚ୍ ସୁମାରୋକୋଭ୍ (୧୭)ଆନ୍ତରିକତାର ସହିତ ସେଗୁଡ଼ିକୁ ଉଚ୍ଚ ପ୍ରଶଂସା କରିଥିଲେ । ଥରେ କବିତାଟିଏ ଲେଖିବା ପାଇଁ ଚେଷ୍ଟା କରି ମୁଁ ସଫଳ ହୋଇଥିଲି ଏବଂ କବିତାଟି ମୋତେ ଭଲ ଲାଗିଥିଲା । ଏକଥା ସମସ୍ତଙ୍କୁ ଜଣା ଯେ, ଲେଖକମାନେ ମତାମତ ଲୋଡ଼ିବାର ଆଳରେ ବେଳେ ବେଳେ ଏପରି ଜଣେ ଶ୍ରୋତାକୁ ଚାହାନ୍ତି ଯା' ମୁହଁରୁ କିଛି ପ୍ରଶଂସା ଶୁଣିବାକୁ ମିଳେ । ତେଣୁ କବିତାଟି ରଚନା କଲା ପରେ ମୁଁ ଯାଇ ହାଜର ହେଲି ଶ୍‌ଭାବ୍ରିନ୍ ପାଖରେ । ଦୁର୍ଗ ମଧ୍ୟରେ କବିତା ବୁଝିଲା ଭଳି ଲୋକ ବୋଇଲେ ସିଏ ହିଁ ଥିଲା ଏକମାତ୍ର ବ୍ୟକ୍ତି । ପ୍ରଥମେ ଟିକିଏ ଭଣିତା କରି ମୁଁ ପକେଟ୍‌ରୁ ଟିପାଖାତାଟିକୁ ବାହାର କଲି ଏବଂ ନିମ୍ନୋକ୍ତ କବିତାଟି ତାକୁ ଆବୃତ୍ତି କରି ଶୁଣାଇଲି :

ଆଶା କରେ ପ୍ରେମାତୁର ଚିନ୍ତାର ମୋ ହେବ ଅବସାନ
ପ୍ରିୟତମା ମାଶାଠାରୁ ଯିବି ମୁଁ ଦୂରେଇ,
ଯେପର୍ଯ୍ୟନ୍ତ ରହିଛି ତା ପାଖେ
ଚିନ୍ତା ମୋର ବନ୍ଦୀ ତା ପାଖରେ ।

ଚକ୍ଷୁ ତା'ର ମୁଗ୍‌ଧ କରେ ମୋତେ
ଶାନ୍ତି ମୁଁ ପାଏ ନା, ଦିବା ନିଶି
ଭାସି ଉଠେ ମୋ ଅନ୍ତରେ,
ତା ଆଲୋକ ଜାଳି ଦିଏ ମୋତେ ।

ମାଶା, ବୁଝ ତୁମେ ମୋ ମର୍ମ ବେଦନା
ଦୟାକର ଏ ଦୁଃଖୀ ଜନରେ
ତୁମେ ମୋତେ ଦେଇ ପାର ମୁକ୍ତି
ଚିର ମୁଁ ଯେ ବନ୍ଦୀ ତୁମ ପାଶେ । (୧୮)

"କେମିତି ତମକୁ ଲାଗିଲା ?" ଶ୍‌ଭାବ୍ରିନ୍‌କୁ ପଚାରିଲି । ଆଶା କରୁଥିଲି, ମୋର ଯେତିକି ପ୍ରାପ୍ୟ ସେଇଭାବେ ସେ ମୋତେ ପ୍ରଶଂସା କରିବ । କିନ୍ତୁ ଗଭୀର କ୍ଷୋଭର ସହିତ ଶୁଣିଲି, ଯେଉଁ ଶ୍‌ଭାବ୍ରିନ୍ ସବୁ ବିଷୟରେ ଏତେ ପ୍ରଶ୍ରୟ ଦେଇଥାଏ, ସେ ଦୃଢ଼ ଭାବେ ଘୋଷଣା କଲା ଯେ, ମୋ କବିତାଟି ଭଲ ହୋଇ ନି ।

"କିନ୍ତୁ, କାହିଁକି ଭଲ ହୋଇ ନି ?" ମନର କ୍ଷୋଭକୁ ଲୁକ୍‌କାୟିତ କରି ମୁଁ ପଚାରିଲି ।

"କାହିଁକି ଜାଣିବାକୁ ଚାହୁଁଛ", ସେ ଉତ୍ତର ଦେଲା, "ମୋ ଗୁରୁ ଭାସିଲି କିରିଲୋଭିଚ୍ ତ୍ରେଦ୍ୟାକୋଭ୍‌ସ୍କି ହିଁ କେବଳ ଏମିତି ଲେଖି ପାରନ୍ତି ।(୧୯) ଏହା ତାଙ୍କର ଏକ କବିତାର ନକଲ । ତମ ଏ କବିତାଟି ତାଙ୍କର ପ୍ରେମ କବିତାଗୁଡ଼ିକୁ ମନେ ପକାଇ ଦିଏ ।"

ଏତିକି କହିଦେଇ ସେ ମୋ ହାତରୁ ଖାତାଟି ନେଇ କବିତାର ପ୍ରତିଟି ଛନ୍ଦ ଏବଂ ପ୍ରତିଟି ଶବ୍ଦକୁ ନିର୍ମମଭାବେ ସମାଲୋଚନା କରିବାକୁ ଲାଗିଲା ଏବଂ ତୀବ୍ରଭାବେ ବିଦ୍ରୁପ କରି ମୋତେ ଅସ୍ଥିର କରିଦେଲା । ଶେଷକୁ ମୁଁ ଆଉ ସହ୍ୟ କରି ନପାରି ତା ହାତରୁ ଖାତାଟି ଛଡ଼େଇ ନେଲି ଏବଂ ଭବିଷ୍ୟତରେ ମୋର କୌଣସି କବିତା ତାକୁ ଶୁଣାଇବି ନାହିଁ ବୋଲି କହିଲି । ମୋର

ଏ ଧମକ ଶୁଣି ଶ୍ଭାବ୍ରିନ୍ ଫେଁ କରି ହସିଦେଲା । କହିଲା, "ଠିକ୍ ଅଛି, ଦେଖିବା ତମେ କେତେଦୂର ତମ ପଣ ରଖିପାରୁଛ । ଇଭାନ୍ କୁଜ୍‌ମିଚ୍‌ଙ୍କର ଯେମିତି ଖାଇବା ଆଗରୁ ଗ୍ଲାସେ ଦୁଇ ଗ୍ଲାସ ଭୋଦ୍‌କା ଦରକାର ପଡ଼େ, ସେଇମିତି କବିର ଆବଶ୍ୟକ ପଡ଼େ ଜଣେ ଶ୍ରୋତାର । ଆଚ୍ଛା, ଏହି ମାଶାଟି କିଏ କୁହତ ? ଯା' ପାଇଁ ତମର ଏତେ କୋମଳ ଆବେଗ ଆଉ ପ୍ରେମ ଯନ୍ତ୍ରଣା ? ମାରିୟା ଇଭାନୋଭ୍‌ନା ନିଶ୍ଚୟ ନୁହେଁ ?"

"ସେ କିଏ, ସେଥିରେ ତମର କ'ଣ ଯାଏ ଆସେ !" ଭ୍ରୁ କୁଞ୍ଚିତ କରି ଉତ୍ତର ଦେଲି । "ତମର ମତାମତ କିମ୍ବା ସନ୍ଦେହକୁ ମୁଁ ଖାତିର କରେ ନାହିଁ ।"

"ଓହୋ ! ଏକାବେଳକେ ଅଭିମାନୀ କବି ଆଉ ସତର୍କ ପ୍ରେମିକ !" ଶ୍ଭାବ୍ରିନ୍ କହିଗ୍ଲାଲା । ତା'ର କଥା ଶୁଣି ମୋ ଭିତରେ କ୍ରୋଧର ନିଆଁଟା କୁହୁଳିବାରେ ଲାଗିଥାଏ । "ଶୁଣ, ବନ୍ଧୁ ହିସାବରେ ତମକୁ ମୋର ପରାମର୍ଶ ହେଉଛି : ଯଦି ସଫଳ ହେବାକୁ ଗ୍ଚାହଁ ତେବେ ମୋର ଉପଦେଶ ହେଉଛି, ଖାଲି କଥାର ମାଳା ଗୁନ୍ଥି ଚୁପ୍ ହୋଇ ରୁହ ନା ।"

"ହଜୁର କ'ଣ କହିବାକୁ ଗ୍ଚାହାନ୍ତି, ଟିକେ ଦୟାକରି ବ୍ୟାଖ୍ୟା କରିବେ କି !"

"ନିଶ୍ଚୟ, ନିଶ୍ଚୟ ! ମୁଁ କହିବାକୁ ଗ୍ଚାହେଁ – ମାଶା ମିରୋନୋଭା ଗୋଧୂଳିରେ ତମ ପାଖକୁ ଆସନ୍ତୁ ବୋଲି ତୁମେ ଯଦି ଗ୍ଚାହୁଁଛ, ତେବେ କେବଳ ଏ ମଧୁମୟ କବିତା ଉପହାର ଦେଲେ ଚଳିବ ନାହିଁ, ହଳେ କାନ ନୋଳି ଦେବାକୁ ହେବ ।"

ମୋ ଦେହର ରକ୍ତ ଟକମକ ହୋଇ ଫୁଟିଉଠିଲା ।

ମନର ଜ୍ୱାଳାକୁ କୌଣସି ମତେ ଗ୍ଚାପି ରଖି ତାକୁ ପଗ୍ଚାରିଲି, "ମାଶା ମିରୋନୋଭା ସଂପର୍କରେ ଏପରି ଏକ ନୀଚ ଧାରଣା ପୋଷଣ କରିବାର କାରଣ କ'ଣ ମୁଁ ଜାଣି ପାରେକି ?"

ଏକ କ୍ରୁର ବିଦ୍ରୁପର ସହିତ ସେ ଉତ୍ତର ଦେଲା, "କାରଣ, ତା'ର ନୈତିକ ଚରିତ୍ର କ'ଣ ତାହା ମୁଁ ମୋ ଅଭିଜ୍ଞତାରୁ ଜାଣିଛି ।"

"ସବୁ ମିଥ୍ୟା କଥା, ସଇତାନ୍ କେଉଁଠିକାର", ରାଗରେ ଅସମ୍ଭାଳ ହୋଇ ମୁଁ ଚିତ୍‌କାର କରିଉଠିଲି । "ବେହିଆଙ୍କ ଭଳି ମିଥ୍ୟା କଥା କହୁଛୁ !"

ଶ୍ଭାବ୍ରିନ୍‌ର ମୁହଁଟା ଫିକା ପଡ଼ିଗଲା । "ତୋର ଏସବୁ କଥାକୁ ମୁଁ ସହଜରେ ଛାଡ଼ି ଦେବି ନାହିଁ ।" ମୋ ହାତକୁ ଜୋରରେ ଗ୍ଚାପିଧରି କହିଲା । "ମୁଁ ଏହାର ପ୍ରତିଶୋଧ ନେଇ ମୋ ମନକୁ ଶାନ୍ତ କରିବି ।"

"ଠିକ୍ ଅଛି ! ଯେତେବେଳେ ତୁ ଗ୍ଚାହିଁବୁ ସେତେବେଳେ", ମୁଁ ଜବାବ ଦେଲି । ମନ ମୋର ଉଶ୍ୱାସ ହୋଇ ଉଠିଲା ଭଳି ଲାଗିଲା । ସେଇ ମୁହୂର୍ତ୍ତରେ ତାକୁ ଟିକିଟିକି କରି ଚିରି ଫିଙ୍ଗି ଦେବାକୁ ମୋର ମନ ହେଉଥିଲା ।

ସଙ୍ଗେ ସଙ୍ଗେ ମୁଁ ବାହାରି ପଡ଼ିଲି ଇଭାନ୍ ଇଗ୍‌ନାତିଚ୍‌ଙ୍କ ଖୋଜି ବାହାର କରିବା ପାଇଁ । ଦେଖିଲି, ସେ ଗୋଟାଏ ଛୁଞ୍ଚି ନେଇ ବସିଛନ୍ତି । ଗଡ଼ନାୟକଙ୍କ ସ୍ତ୍ରୀଙ୍କ ହୁକୁମ ଅନୁଯାୟୀ ସୂତାରେ ଛତୁସବୁ ଗୁନ୍ଥିବାରେ ଲାଗିଛନ୍ତି । ଶୀତ କାଳ ପାଇଁ ସେସବୁକୁ ଶୁଖାଇ ରଖାଯିବ । ମୋତେ ଦେଖି ସେ କହି ପକାଇଲେ, "ଆରେ, ପିଓତର ଆନ୍ଦ୍ରେଇଚ୍ ଯେ, ଆସନ୍ତୁ, ଆସନ୍ତୁ ! ମୋର ବଡ଼ ସୌଭାଗ୍ୟ ଯେ, ଆପଣ ଆସିଛନ୍ତି ! ଆପଣଙ୍କ ଶୁଭାନୁଗମନର ଉଦ୍ଦେଶ୍ୟ ଜଣାଇବେ କି ?" ମୁଁ ତୁମ୍ଭକରେ ତାଙ୍କୁ ବୁଝେଇ କହିଲି ଯେ, ଆଲେକ୍‌ସେଇ ଇଭାନିଚ୍ ସହିତ ମୋର କଳି ହୋଇଛି । ମୁଁ ଗ୍ଚାହେଁ ଦ୍ୱନ୍ଦ୍ୱଯୁଦ୍ଧ ବେଳେ ମୋ ପକ୍ଷରୁ ଆପଣ ମଧ୍ୟସ୍ଥ ରହନ୍ତୁ । ଗୋଟିଏ ଆଖିରେ ସେ ମୋ ଆଡ଼କୁ ଗ୍ଚାହିଁଲେ । ଆଖିଟିକୁ ବିସ୍ଫାରିତ କରି ଏବଂ ମନୋଯୋଗ ସହକାରେ ମୋ କଥା ଶୁଣି କହିଲେ, "ଆପଣ ଆଲେକ୍‌ସେଇ ଇଭାନିଚ୍‌ଙ୍କ ଦେହରେ ତରବାରି ଭୁସି ଦେବାକୁ ଗ୍ଚାହାନ୍ତି ଏବଂ ଆପଣଙ୍କ ଇଚ୍ଛା ମୁଁ ସେଥିରେ ସାକ୍ଷୀ ରହିବି – ଏଇଆ ତ ? ଆପଣଙ୍କ କଥାର ଅର୍ଥ ମୁଁ ବୁଝିପାରିଛି ତ ?"

"ଠିକ୍ ବୁଝିଛନ୍ତି ।"

"ପିଓତର ଆନ୍ଦ୍ରେଇଚ୍, ଆପଣଙ୍କର କ'ଣ ହୋଇଛି ? ଆପଣ କ'ଣ ଭାବୁଛନ୍ତି, କୁହନ୍ତୁ ତ ? ଆଲେକ୍‌ସେଇ ଇଭାନିଚ୍‌ଙ୍କ ସହିତ ଆପଣ କଳି କରିଛନ୍ତି – ତା ଦ୍ୱାରା ଅସୁବିଧାଟା କ'ଣ ହେଲା ? ମୁହଁର କଥାରେ କେବେ କାହାର ହାଡ଼ ଭାଙ୍ଗେ ନାହିଁ । ସେ ଆପଣଙ୍କୁ ଗାଳି ଦେଲେ, ଆପଣ ତାଙ୍କୁ

ଓଲଟା ଗାଳି ଦେବେ । ସେ ଆପଣଙ୍କୁ ଗାଲରେ ଚାପଡ଼େ ପକେଇଲେ ଆପଣ ତାଙ୍କ କାନ ମୋଡ଼ିଦେବେ । ଏହିଭାବେ କିଛି ସମୟ ଚାଲିଲା ପରେ ପୁଣି ଅଲଗା ହୋଇ ଚାଲିଯିବେ । ଆମେ ଚାହିଁବୁ, ଆପଣମାନଙ୍କ ମଧ୍ୟରେ ଯେପରି ଗୋଟାଏ ମିଳାମିଶା ହୋଇଯାଉ । ଆପଣ କୁହନ୍ତୁ ତ, ପ୍ରତିବେଶୀ ଦେହରେ ତରବାରି ଭୁସି ଦେବା କ'ଣ ଭଲ କଥା ? ତାକୁ ଯଦି ଜୀବନରୁ ମାରିଦିଅନ୍ତି ତାହେଲେ ତ ଅଲଗା କଥା ! ମୋତେ ବି ଆଲେକ୍‌ସେଇ ଇଭାନିଚ୍ କେବେ ଭଲ ଲାଗେ ନାହିଁ – ତେଣୁ ସେ ମଲେ କି ବଞ୍ଚିଲେ ମୋର କିଛି ଯାଏ ଆସେ ନାହିଁ । କିନ୍ତୁ ମନେ କରନ୍ତୁ, ଘଟଣାଟା ଯଦି ଭିନ୍ନ ରକମର ହୋଇଯାଏ ? ଅର୍ଥାତ୍ ତାଙ୍କ ତରବାରି ଯଦି ଆପଣଙ୍କ ଦେହରେ ବିଦ୍ଧ ହୋଇ ଯାଏ ? ତାହେଲେ କ'ଣ ହେବ ? କିଏ ତାହେଲେ ବୋକା ବୋଲି ପ୍ରମାଣିତ ହେବ ? ଆପଣଙ୍କୁ ଏଭଳି ପ୍ରଶ୍ନ କରୁଛି ବୋଲି ମୋର ଧୃଷ୍ଟତା ମାର୍ଜନା କରି ଉତ୍ତର ଦେବେ କି ?"

ଏହି ସୁବିବେକୀ ଲେଫ୍‌ଟନାଣ୍ଟଙ୍କର ଯୁକ୍ତି ମୋ ମନକୁ ଦୋହଲେଇ ଦେଇ ପାରିଲା ନାହିଁ । ମୋର ଅଭିଳାସରେ ମୁଁ ଅଟଳ ରହିଲି । "ଆପଣ ଯେମିତି ଚାହାନ୍ତି, ଯାହା ଭଲ ମନେ କରନ୍ତି, ତାହା ହିଁ କରନ୍ତୁ", ଇଭାନ୍ ଇଗ୍‌ନାତିଚ୍ କହିଲେ, "ମୁଁ ସେସବୁ କାହିଁକି ଦେଖିବାକୁ ଯିବି ? ସେଠି ରହି ମୁଁ ବା କ'ଣ କରି ପାରିବି ? ଆପଣ କ'ଣ ଭାବୁଛନ୍ତି ମୁଁ ମଣିଷ ମଣିଷ ମଧ୍ୟରେ ଲଢ଼େଇ କେବେ ଦେଖି ନି ? ତୁରସ୍କ ଆଉ ସୁଇଡେନ୍ ବିରୁଦ୍ଧରେ ମୁଁ ଲଢ଼େଇ କରିଛି । ବୟସ ଥିଲା ବେଳେ ସବୁକିଛି ମୁଁ ଦେଖିଛି ।"

ମୁଁ ମୋ ସାଧ୍ୟ ମୁତାବକ ତାଙ୍କୁ ଦ୍ୱନ୍ଦ୍ୱଯୁଦ୍ଧରେ ମଧ୍ୟସ୍ଥର କର୍ତ୍ତବ୍ୟ କ'ଣ ବୁଝାଇବାକୁ ଚେଷ୍ଟା କଲି । କିନ୍ତୁ ସେ ମୋ କଥାର ଅର୍ଥ ବୁଝିଲେ ବୋଲି ମୋର ମୋଟେ ମନେ ହେଲା ନାହିଁ । ସେ କହିଲେ, "ଆପଣ ଯାହା ଚାହୁଁଛନ୍ତି ତାହାହିଁ କରନ୍ତୁ । କିନ୍ତୁ ମୁଁ ଅନ୍ୟ କଥା ଚିନ୍ତା କରୁଛି । ମୋତେ ଏ ବିଷୟରେ ଏକ କର୍ତ୍ତବ୍ୟ ପାଳନ କରିବାକୁ ପଡ଼ିବ । ଇଭାନ୍ କୁଜ୍‌ମିଚ୍‌ଙ୍କ ପାଖକୁ ସିଧାସଳଖ ଯାଇ ମୋତେ କହିବାକୁ ହେବ ଯେ, ଏହି ଦୁର୍ଗରେ ଏକ ଦୁଷ୍କର୍ମ ଘଟିବାର ଯୋଜନା ଚାଲିଛି । ଏହି ଦ୍ୱାରା ରାଷ୍ଟ୍ରର ସ୍ୱାର୍ଥହାନି

ହେବ । ତେଣୁ ଗଡ଼ନାୟକ ଦୟାକରି ଏହି ଦୁଷ୍କର୍ମଟିକୁ ବନ୍ଦ କରିବା ପାଇଁ ଯଥାରୀତି ବ୍ୟବସ୍ଥା ଗ୍ରହଣ କରନ୍ତୁ ..."

ତାଙ୍କର ଏକଥା ଶୁଣି ମୁଁ ଆତଙ୍କିତ ହୋଇପଡ଼ିଲି । ଇଭାନ୍ ଇଗ୍‌ନାତିଚ୍ ଗଡ଼ନାୟକଙ୍କୁ କିଛି ନକହିବା ପାଇଁ ମୁଁ ଅନୁନୟ କରିବାକୁ ଲାଗିଲି । ତାଙ୍କୁ ନିବୃତ୍ତ କରିବା ପାଇଁ ମୋତେ ଭୟଙ୍କର କଷ୍ଟ ସ୍ୱୀକାର କରିବାକୁ ପଡ଼ିଲା । ଶେଷକୁ ସେ ମୋତେ କଥା ଦେଲେ ଏବଂ ମୁଁ ମଧ୍ୟ ସ୍ଥିର କରିନେଲି ଯେ, ତାଙ୍କୁ ଆଉ ଏଥିରେ ଜଡ଼ିତ କରିବି ନାହିଁ ।

ଗଡ଼ନାୟକଙ୍କ ଘରେ ସେଦିନର ସନ୍ଧ୍ୟାଟା ମୋର ଅନ୍ୟ ଦିନ ଭଳି କଟିଲା । ମୁଁ ଚେଷ୍ଟା କଲି ପ୍ରଫୁଲ୍ଲତା ଏବଂ ଅନୁଦ୍‌ବେଗତା ପ୍ରକାଶ କରିବା ପାଇଁ, ଯା' ଫଳରେ କାହା ମନରେ କୌଣସି ସନ୍ଦେହ ଉପୁଜିବ ନାହିଁ ବା କେହି କୌଣସି ବିରକ୍ତିକର ପ୍ରଶ୍ନ ମୋତେ ପଚାରିବେ ନାହିଁ । କିନ୍ତୁ ମୋ ଭଳି ଅବସ୍ଥାରେ ଅନ୍ୟମାନେ ଯେତେ ଉଦାସୀନତା ପ୍ରଦର୍ଶନ କରନ୍ତି ଏବଂ ସେଥି ପାଇଁ ବଡ଼ାଇ କରନ୍ତି – ତାହା ମୁଁ ହାସଲ କରି ପାରିଥିଲି ବୋଲି ଦାବି କରି ପାରିବି ନାହିଁ । ସେଦିନ ସନ୍ଧ୍ୟାରେ ମୋର ମନ ଅତି କୋମଳତା ଆଉ ଆବେଗରେ ଭିଜି ଉଠିଥିଲା । ମାରିୟା ଇଭାନୋଭ୍‌ନା ସେଦିନ ମୋ ମନକୁ ଯେତେ ଆକର୍ଷଣ କରିପାରିଥିଲା ସେପରି କେବେ ଘଟି ନଥିଲା । ମୁଁ ଭାବିଥିଲି ତା ସହିତ ଏ ମୋର ହୁଏତ ଶେଷ ଦେଖା । ତେଣୁ ଏହି ଭାବନାଟା ତା ପ୍ରତି ମୋ ଦୃଷ୍ଟିରେ ଏକ କରୁଣତା ଆଣି ଦେଇଥିଲା । ଶ୍‌ଭାବ୍ରିନ୍ ମଧ୍ୟ ଉପସ୍ଥିତ ଥିଲା ସେଠି । ମୁଁ ତାକୁ ଟିକିଏ ଆଢ଼ୁଆଳକୁ ଡାକି ଆଣି ଇଭାନ୍ ଇଗ୍‌ନାତିଚ୍‌ଙ୍କ ସହିତ ମୋର ଯେଉଁ ଆଲୋଚନା ହୋଇଥିଲା କହିଲି । ସେ ନିସ୍ପୃହ ସ୍ୱରରେ କହିଲା, "ଆମର ପୁଣି ମଧ୍ୟସ୍ଥରେ କ'ଣ ଦରକାର ଅଛି ? ମଧ୍ୟସ୍ଥ ବିନା ଆମେ ଆମ କାର୍ଯ୍ୟ ସଂପନ୍ନ କରିପାରିବା ।" ତା'ପରେ ଆମେ ସ୍ଥିର କରିନେଲୁ, ଆମର ଲଢ଼େଇ ହେବ ଦୁର୍ଗଠାରୁ ଅନତିଦୂରରେ ଏକ କୁଟାଗଦାର ପଛପଟେ । ତହିଁଆରଦିନ ସକାଳେ, ଠିକ୍ ସାତଟା ବେଳେ ଆମେ ଦିହେଁ ସେଠାରେ ଉପସ୍ଥିତ ହେବୁ । ଆମକୁ ଦେଖିଲେ ମନେ ହେଉଥିଲା, ଆମେ ଯେପରି ଖୁବ୍ ଅନ୍ତରଙ୍ଗତାର ସହିତ କୌଣସି

ବିଷୟରେ ଆଲୋଚନା କରୁନ୍ତୁ । ଆମ ମଧ୍ୟରେ ଏହି ଅନ୍ତରଙ୍ଗତାକୁ ଲକ୍ଷ୍ୟ କରି ଇଭାନ୍ ଇଗ୍ନାଟିଚ୍ ଆନନ୍ଦ ବିଭୋର ହୋଇ ଅସଲ କଥାଟିକୁ ପ୍ରକାଶ କରିଦେଲେ । "ଖୁବ୍ ଭଲ କଥା ! ଭଲ କଳହ ଅପେକ୍ଷା ଖରାପ ଶାନ୍ତିଟା ଅନେକ ଭଲ । ସମ୍ମାନ ଅପେକ୍ଷା ନିର୍ବିଘ୍ନରେ ଫେରିଆସିବା ଆଉରି ଭଲ ।"

ଗଡ଼ନାୟକଙ୍କ ସ୍ତ୍ରୀ ଘରର ଗୋଟିଏ କୋଣକୁ ବସିଥିଲେ ଏବଂ ତାସ୍ ପଟ ସାହାଯ୍ୟରେ ଭାଗ୍ୟ ଫଳ ଗଣନା କରୁଥିଲେ । ସେ ପଚ୍ଚରିଲେ, "ଇଭାନ୍ ଇଗ୍ନାଟିଚ୍, କ'ଣ କହିଲେ, ମୁଁ ଶୁଣି ପାରିଲି ନାହିଁ ।"

ମୋ ମୁହଁରେ ଅସନ୍ତୋଷର ଚିହ୍ନ ଫୁଟି ଉଠିବାର ଦେଖି ଇଭାନ୍ ଇଗ୍ନାଟିଚ୍‌ଙ୍କର ନିଜ ପ୍ରତିଶ୍ରୁତି କଥା ମନେ ପଡ଼ିଗଲା । କ'ଣ ସେ ଉତ୍ତର ଦେବେ ଭାବି ସ୍ଥିର କରି ପାରିଲେ ନାହିଁ । ଏତିକିବେଳେ ଶ୍ୱାବ୍ରିନ୍ ତାଙ୍କୁ ବଞ୍ଚାଇଦେଲା । ସେ କହିଲା :

"ଆମ ଦିହିଁଙ୍କ ମଧ୍ୟରେ ବନ୍ଧୁତ୍ୱ ପୁଣି ଫେରି ଆସିଥିବାର ଦେଖି ଇଭାନ୍ ଇଗ୍ନାଟିଚ୍ ଖୁସି ହୋଇଛନ୍ତି ।"

"ତମେ ପୁଣି କାହା ସହିତ କଳି କରୁଥିଲ, ବାବୁ ?"

"ପିଓତର ଆନ୍ଦ୍ରେଇଚ୍ ଓ ମୋ ମଧ୍ୟରେ ଏକ ଗୁରୁତର କଳି ଲାଗିଯାଇଥିଲା ।"

"କାହିଁକି ?"

"ସାମାନ୍ୟ ଏକ କଥାକୁ ନେଇ – ଏକ ଗୀତକୁ ନେଇ, ଭାସିଲିସା ୟେଗୋରୋଭ୍ନା ।"

"ଗୀତ ? ସେ ପୁଣି କଳହ କରିବାର ବିଷୟ ହୋଇପଡ଼ିଲା ? କେମିତି ହେଲା କୁହତ ଟିକେ ?"

"କଳିଟା ଏଇଭାବେ ଉପୁଜିଲା – ପିଓତର ଆନ୍ଦ୍ରେଇଚ୍ କିଛି ସମୟ ପୂର୍ବରୁ ଏକ ଗୀତ ଲେଖିଥିଲେ । ଗୀତଟିକୁ ସେ ମୋତେ ପଢ଼ି ଶୁଣାଇଲେ । ମୁଁ ମଧ୍ୟ ସଙ୍ଗେ ସଙ୍ଗେ ମୋର ପ୍ରିୟ ଗୀତଟିକୁ ଗୁଣୁ ଗୁଣୁ କରି ଗାଇଉଠିଲି :

କ୍ୟାପ୍ଟେନ୍‌ଙ୍କ କନ୍ୟା ଗୋ, ବନ୍ଦି ଗୃହ ଘରେ
ବୁଲନା ବାହାରେ ଏ ଅର୍ଦ୍ଧ ରାତ୍ରିରେ ... ।(୨୦)

ଏହି କଥା ଉପରେ ଆମ ମଧ୍ୟରେ କଳି ଆରମ୍ଭ ହୋଇଗଲା । ପିଓତର ଆନ୍ଦ୍ରେଇଚ୍ ପ୍ରକୃତରେ ରାଗି ଉଠୁଥିଲେ । କିନ୍ତୁ ଠିକ୍ ସେତିକିବେଳେ ତାଙ୍କର ମନେ ପଡ଼ିଗଲା ଯେ, ପ୍ରତ୍ୟେକ ବ୍ୟକ୍ତିର ଖୁସି ମୁତାବକ ଗୀତ ଗାଇବାର ଅଧିକାର ରହିଛି । ତା'ପରେ ଘଟଣାଟା ଆଉ ବେଶି ଦୂର ଆଗେଇଲା ନାହିଁ ।"

ଶ୍ୱାବ୍ରିନ୍‌ର ଏହି ନିର୍ଲଜ ବ୍ୟବହାର ଦେଖି କ୍ରୋଧରେ ମୁଁ ହିତାହିତ ଜ୍ଞାନ ହରେଇ ପକେଇଥିଲି । କିନ୍ତୁ ତା କଥାର ଅଭଦ୍ର ଇଙ୍ଗିତଟିକୁ ମୋ ବ୍ୟତୀତ ଆଉ କେହି ବୁଝି ପାରି ନଥିଲେ । ଅନ୍ତତଃ ସେଥି ପ୍ରତି କେହି ଆଗ୍ରହ ପ୍ରଦର୍ଶନ କଲେ ନାହିଁ । ଗୀତରୁ କବିମାନଙ୍କ ସଂପର୍କରେ ଆଲୋଚନା ଆରମ୍ଭ ହୋଇଗଲା । ଗଡ଼ନାୟକ ମନ୍ତବ୍ୟ କଲେ, କବିମାନେ ହେଉଛନ୍ତି ଲମ୍ପଟ ଆଉ ମତୁଆଲ । ମୋତେ ସେ କବିତା ଲେଖିବା ବର୍ଜନ କରିବାକୁ ବନ୍ଧୁଜନୋଚିତ ଉପଦେଶ ଦେଲେ । ସେନା ବିଭାଗର ଜୀବନ ସହିତ କବିତା ଲେଖିବା ଖାପଖାଏ ନାହିଁ ଏବଂ ଏହା ଦ୍ୱାରା କାହାର କିଛି ଉପକାର ହୁଏ ନା ବୋଲି କହିଲେ ।

ଶ୍ୱାବ୍ରିନ୍‌ର ଉପସ୍ଥିତି ମୋ ପକ୍ଷରେ ଅସହ୍ୟ ବୋଧ ହେଉଥିଲା । ଶୀଘ୍ର ଗଡ଼ନାୟକ ଓ ତାଙ୍କ ପରିବାରବର୍ଗଙ୍କଠାରୁ ବିଦାୟ ନେଇ ମୁଁ ଚାଲି ଆସିଲି । ଘରକୁ ଫେରି ମୋ ତରବାରିଟିକୁ ପରୀକ୍ଷା କରିନେଲି, ତରବାରିର ଧାର ଠିକ୍ ଅଛି କି ନାହିଁ ଦେଖିଲି । ସାଭେଲିଚ୍‌କୁ କହିଲି ମୋତେ ସକାଳ ଛଟାର ଠିକ୍ ପରେ ଉଠାଇଦେବାକୁ । ତା'ପରେ ଯାଇ ଶୋଇପଡ଼ିଲି ।

ତହିଁଆରଦିନ ସକାଳେ ନିର୍ଦ୍ଦିଷ୍ଟ ସମୟରେ କୁଟାଗଦାର ପଛପଟେ ଯାଇ ଛିଡ଼ା ହୋଇଗଲି ପ୍ରତିଦ୍ୱନ୍ଦ୍ୱୀର ଅପେକ୍ଷାରେ । ବେଶୀ ସମୟ ମୋତେ ଅପେକ୍ଷା କରିବାକୁ ପଡ଼ିଲା ନାହିଁ । "ଆମେ ଧରା ପଡ଼ିଯାଇ ପାରନ୍ତି", ସେ ପହଞ୍ଚି ଯାଇ ମୋତେ କହିଲା, "ତେଣୁ ଆମକୁ ଶୀଘ୍ର ଶୀଘ୍ର ଶେଷ କରିବାକୁ ହେବ ।" ସଙ୍ଗେ ସଙ୍ଗେ ଫୌଜୀ କୋଟ୍ ଖୋଲି ପକାଇ ଜଙ୍ଘିଆ ପିନ୍ଧା ଅବସ୍ଥାରେ ତରବାରି ହାତରେ ନେଇ ଦଣ୍ଡାୟମାନ ହେଲୁ । ହଠାତ୍ ଏକ କୁଟାଗଦା ପଛରୁ ଗ୍ୱରି ପାଞ୍ଚଜଣ ସୈନ୍ୟଙ୍କ ସହିତ ବାହାରି ଆସିଲେ ଇଭାନ୍ ଇଗ୍ନାଟିଚ୍ । ଆମ ଦୁଇଜଣଙ୍କୁ ଗଡ଼ନାୟକଙ୍କ ପାଖକୁ ଯିବାକୁ ସେ

ଜଣାଇଦେଲେ । ଖୁବ୍ ମନଦୁଃଖରେ ଆମେ ଆତ୍ମସମର୍ପଣ କଲୁ । ସୈନ୍ୟମାନେ ଆମକୁ ଘେରିଗଲେ ଏବଂ ଇଭାନ୍ ଇଗ୍ନାତିଚ୍‌ଙ୍କ ପଛେ ପଛେ ଆମେ ଦୁର୍ଗ ଆଡ଼କୁ ଆଗେଇଲୁ । ସେ ବିଜୟଗର୍ବରେ ଛାତି ଫୁଲେଇ ଆଗେ ଆଗେ ଚାଲିଲେ ।

ଆମେ ସମସ୍ତେ ଗଡ଼ନାୟକଙ୍କ ଘରେ ପହଞ୍ଚିଗଲୁ । ଇଭାନ୍ ଇଗ୍ନାତିଚ୍ ଏକ ଦୁଆର ଖୋଲିଦେଇ ଗୁରୁଗମ୍ଭୀର ଗଳାରେ ଘୋଷଣା କଲେ : "ସେମାନଙ୍କୁ ଧରିଆଣିଛି !" ଭାସିଲିସା ୟେଗୋରୋଭ୍‌ନା ଘର ମଧ୍ୟରୁ ବାହାରି ଆସିଲେ । "ହେ ଭଗବାନ ! ତମେସବୁ କ'ଣ କରୁଛ କୁହତ ? ଏସବୁ କ'ଣ ହେଉଛି ? ଆମ ଏ ଛାଉଣୀ ମଧ୍ୟରେ ପୁଣି ଖୁନ୍ କରିବାର ଯୋଜନା ! ଇଭାନ୍ କୁଜ୍‌ମିଚ୍ , ସଙ୍ଗେ ସଙ୍ଗେ ଏ ଦିଇଜଣଙ୍କୁ ଗିରଫ୍ କର ! ପିଓତର ଆନ୍ଦ୍ରେଇଚ୍ , ଆଲେକ୍‌ସେଇ ଇଭାନିଚ୍ , ତମ ତରବାରି ଦେଇ ଦିଅ ଏହି କ୍ଷଣି ! ପାଲାଶ୍‌କା , ଏ ତରବାରି ଦିଇଟାକୁ ନେଇ କୋଠରୀ ମଧ୍ୟରେ ବନ୍ଦ କରି ରଖି ଦେ । ପିଓତର ଆନ୍ଦ୍ରେଇଚ୍ , ତମଠାରୁ ମୁଁ ଏପରି ଆଚରଣ କେବେ ଆଶା କରି ନଥିଲି । ତୁମର ଲଜ୍ଜା ବୋଧ କରିବାର କଥା । ଆଲେକ୍‌ସେଇ ଇଭାନିଚ୍‌ଙ୍କ କଥା ଅଲଗା – ତାଙ୍କୁ ତ ମଣିଷ ହତ୍ୟାର ଅପରାଧରେ ରକ୍ଷୀ ବାହିନୀରୁ ଏଠାକୁ ବଦଳି କରାଯାଇଛି , ସେ ଭଗବାନଙ୍କ ଉପରେ ବିଶ୍ୱାସ କରନ୍ତି ନାହିଁ । କିନ୍ତୁ ତୁମେ , ତୁମେ ! ତୁମେ କ'ଣ ତାଙ୍କରି ଭଳି ହେବାକୁ ଚାହିଁ ?"

ସ୍ତ୍ରୀଙ୍କର ପ୍ରତିଟି କଥା ସହିତ ଇଭାନ୍ କୁଜ୍‌ମିଚ୍ ପୁରା ଏକମତ ହୋଇ ବାରମ୍ବାର କହିବାକୁ ଲାଗିଲେ , "ମୁଁ ତମମାନଙ୍କୁ କହିରଖୁଛି , ଭାସିଲିସା ୟେଗୋରୋଭ୍‌ନା ଯାହା କହିଲେ ସବୁ ଠିକ୍ । ସାମରିକ ଆଇନରେ ଦ୍ୱନ୍ଦ୍ୱଯୁଦ୍ଧ ପୁରାପୁରି ନିଷିଦ୍ଧ ।" ଇତିମଧ୍ୟରେ ଆମଠାରୁ ତରବାରି ଦୁଇଟିକୁ ନେଇ ପାଲାଶ୍‌କା କୋଠରୀରେ ରଖି ଦେଇଥିଲା । ମୁଁ ଆଉ ନ ହସି ରହିପାରିଲି ନାହିଁ । ଶ୍‌ଭାବ୍ରିନ୍ କିନ୍ତୁ ନିଜର ଗାମ୍ଭୀର୍ଯ୍ୟ ବଜାଏ ରଖିଥାଏ । ଭାସିଲିସା ୟେଗୋରୋଭ୍‌ନାଙ୍କୁ ଉଦ୍ଦେଶ୍ୟ କରି ସେ ନିରୁତ୍ତାପ ଗଳାରେ କହିଲା , "ଭାସିଲିସା ୟେଗୋରୋଭ୍‌ନା , ଆପଣ ଭାବିବେ ନାହିଁ ଯେ , ମୁଁ ଆପଣଙ୍କୁ ଅସମ୍ମାନ କରୁଛି ବୋଲି । କିନ୍ତୁ ମୋତେ ବାଧ୍ୟ ହୋଇ ମନ୍ତବ୍ୟ କରିବାକୁ ପଡ଼ୁଛି ଯେ , ଆପଣ ଆମର ବିଚାରକ ନହେଲେ ଚଳିବ । ଏହା ଇଭାନ୍ କୁଜ୍‌ମିଚ୍‌ଙ୍କର କାମ , ତାଙ୍କ ଉପରେ ସେ ଦାୟିତ୍ୱ ଛାଡ଼ି ଦିଅନ୍ତୁ ।" ଗଡ଼ନାୟକଙ୍କ ପତ୍ନୀ ଉର୍ଦ୍ଧ୍ୱନାମିଶା ଗଳାରେ କହି ପକାଇଲେ , "କ'ଣ କହିଲ ତୁମେ ? ଦେହ ଆଉ ମନ ଦିଗରୁ ସ୍ୱାମୀ ସ୍ତ୍ରୀ କ'ଣ ଏକ ନୁହନ୍ତି ? ଇଭାନ୍ କୁଜ୍‌ମିଚ୍ ! ନିରବରେ ତୁମେ କାହିଁକି ଛିଡ଼ା ହୋଇଛ ? ଏ ଦିଇଜଣଙ୍କୁ ଗିରଫ୍ କରି ଅଲଗା ଅଲଗା କୋଠରୀରେ ଅଟକ ରଖିଦିଅ । ସେମାନଙ୍କ ମୁଣ୍ଡରୁ ସଇତାନ୍ ଯେପର୍ଯ୍ୟନ୍ତ ବାହାରି ନଯାଇଛି ସେପର୍ଯ୍ୟନ୍ତ ପାଣି ଆଉ ରୁଟି ଛଡ଼ା ଆଉ କିଛି ଦିଅ ନାହିଁ । ତା'ପରେ ପାଦ୍ରି ଗେରାସିମ୍ ଆସନ୍ତୁ , ସେମାନଙ୍କର ପ୍ରାୟଶ୍ଚିତ୍ତ ବିଧାନ କରନ୍ତୁ । ଭଗବାନଙ୍କ ପାଖରେ ଦିଜଣଯାକ ମୁଣ୍ଡ ପିଟି କ୍ଷମା ମାଗନ୍ତୁ ଏବଂ ଲୋକଙ୍କ ଆଗରେ ନିଜର ପାପ ପାଇଁ ପ୍ରାୟଶ୍ଚିତ୍ତ କରନ୍ତୁ ।"

କ'ଣ କରିବାକୁ ହେବ ଇଭାନ୍ କୁଜ୍‌ମିଚ୍ ସ୍ଥିର କରି ପାରୁ ନଥିଲେ । ମାରିୟା ଇଭାନୋଭ୍‌ନାର ମୁହଁଟି ଖୁବ୍ ଫିକା ପଡ଼ିଯାଇଥାଏ । ତା'ପରେ ଧୀରେ ଧୀରେ ଝଡ଼ଟା ଥମିବାକୁ ଆରମ୍ଭ କଲା । ଗଡ଼ନାୟକଙ୍କ ସ୍ତ୍ରୀ ଶାନ୍ତ ହୋଇଆସିଲେ ଏବଂ ଆମ ଦିଇଜଣଙ୍କ ମଧ୍ୟରେ ଚୁମା ଦିଆ ନିଆ କରାଇ ମେଣ୍ଟମାଣ୍ଟ କରିଦେଲେ । ପାଲାଶ୍‌କା ଆମ ତରବାରି ଦୁଇଟିକୁ ଆଣି ଫେରେଇ ଦେଲା । ଗଡ଼ନାୟକଙ୍କ ଘରୁ ବାହାରି ଆସିଲା ବେଳେ ଆମ ଦିଇଜଣଙ୍କୁ ଦେଖି ମନେ ହେଉଥିଲା ମିଳାମିଶା ହୋଇଯାଇଛି । ଇଭାନ୍ ଇଗ୍ନାତିଚ୍ ଆମଙ୍କୁ ଆଗେଇ ଦେବାକୁ ଆସିଲେ । ମୁଁ ରାଗାନ୍ୱିତ ହୋଇ ତାଙ୍କୁ କହିଲି , "ଆପଣଙ୍କୁ ଲଜ୍ଜା ଲାଗୁ ନି ? ଆପଣ ମୋତେ କଥା ଦେଇଥିଲେ ଯେ , କାହାକୁ କିଛି କହିବେ ନାହିଁ , କିନ୍ତୁ ଶେଷକୁ ଗଡ଼ନାୟକଙ୍କ ପାଖରେ ଆମ ନାଁରେ ନାଲିଶ୍ କରିବସିଲେ ।" ସେ କହିଲେ , "ଉପରେ ଭଗବାନ ଅଛନ୍ତି , ସିଏ ହିଁ ସବୁ କିଛି ବିଚାର କରିବେ । ଇଭାନ୍ କୁଜ୍‌ମିଚ୍‌ଙ୍କୁ ମୁଁ କିଛି କହିନି । ଭାସିଲିସା ୟେଗୋରୋଭ୍‌ନା ଖୋଳି ତାଡ଼ି ପଚାରି ମୋଠାରୁ ସବୁ କିଛି ଆଦାୟ କରି ନେଇଥିଲେ । ସେ ଗଡ଼ନାୟକଙ୍କୁ କୌଣସି କିଛି ନଜଣେଇ ନିଜେ ସବୁ କିଛି ବନ୍ଦୋବସ୍ତ କରିଥିଲେ । ତେବେ ଭଗବାନ ଯାହା କରନ୍ତି ଭଲ କରନ୍ତି ।"

ଏତିକ କହି ସେ ନିଜ ଘର ଆଡ଼କୁ ଗ୍ଲିଗଲେ । ଶ୍ଭାବ୍ରିନ୍ ଆଉ ମୁଁ କେବଳ ରହିଗଲୁ । "ଆମ କଳିଟା ଏହିଭାବେ ଶେଷ ହେବ ନାହିଁ", ମୁଁ କହିଲି । ଶ୍ଭାବ୍ରିନ୍ ଉତ୍ତର ଦେଲା, "କେବେ ନୁହେଁ । ତମ ଦୁଃସାହସର ଜବାବ ରକ୍ତ ଦେଇ ତମକୁ ଦେବାକୁ ପଡ଼ିବ । ତେବେ ସେମାନେ ଖୁବ୍ ସମ୍ଭବତଃ କେତେ ଦିନ ଆମ ଉପରେ ନଜର ରଖିବେ ବୋଲି ମନେ ହୁଏ । କିଛି ଦିନ ପାଇଁ ଆମକୁ ଛଳନା କରିବାକୁ ହେବ ଯେ, ଆମେ ବନ୍ଧୁ ହୋଇଯାଇଛେ । ହେଉ ମୁଁ ଗ୍ଲିଲି !" କିଛି ନଘଟିଲା ଭଳି ଭାବ କରି ଆମେ ପରସ୍ପରଠାରୁ ବିଦାୟ ନେଇ ଗ୍ଲିଗଲୁ ।

ଗଡ଼ନାୟକଙ୍କ ଘରକୁ ଫେରି ପ୍ରତିଦିନ ଭଳି ମାରିୟା ଇଭାନୋଭ୍ନାଙ୍କ ପାଖରେ ଯାଇ ବସିଲି । ଇଭାନ୍ କୁଜ୍ମିଚ୍ ଘରେ ନଥାନ୍ତି, ଭାସିଲିସା ୟେଗୋରୋଭ୍ନା ଘର କାମରେ ବ୍ୟସ୍ତ । ଅନୁଚ୍ଚ ସ୍ୱରରେ ଆମେ ଦିହେଁ କଥାବାର୍ତ୍ତା ହେଲୁ । ଶ୍ଭାବ୍ରିନ୍ ସହିତ ମୋର କଳହ ଖବର ଶୁଣି ସେମାନେ ଯେ କେତେ ବ୍ୟସ୍ତ ହୋଇ ପଡ଼ିଥିଲେ, ସେ ବିଷୟରେ କହି ମାରିୟା ଇଭାନୋଭ୍ନା କୋମଳ ସ୍ୱରରେ ମୋତେ ଭର୍ତ୍ସନା କରିବାକୁ ଲଗିଲା । କହିଲା, "ତରବାରି ନେଇ ତମେ ଦିହେଁ ଯୁଦ୍ଧ କରିବାକୁ ସ୍ଥିର କରିଛ ବୋଲି ସେମାନେ ଯେତେବେଳେ ମୋତେ କହିଲେ, ମୁଁ ପ୍ରାୟ ମୂର୍ଚ୍ଛା ଯାଇଥିଲି । ପୁରୁଷମାନେ ସତରେ ଅଦ୍ଭୁତ ! ସାମାନ୍ୟ ଗୋଟାଏ କଥା, ଯାହାକି ସପ୍ତାହକ ପରେ ହୁଏତ ମନରେ ନଥିବ, ସେଥି ପାଇଁ ସେମାନେ ପରସ୍ପରକୁ ଖୁନ୍ କରନ୍ତି । ଏହା ଦ୍ୱାରା ସେମାନେ ଯେ ନିଜର ଜୀବନକୁ ବଳି ଦିଅନ୍ତି ତା ନୁହେଁ, ତା ସହିତ ନିଜର ବିବେକ ବୁଦ୍ଧି ଆଉ ସେଇସବୁ ଲୋକଙ୍କର ସୁଖକୁ ଖୁନ୍ କରନ୍ତି, ଯେଉଁମାନେ ...। କିନ୍ତୁ ମୋର ବିଶ୍ୱାସ, ତମେ ପ୍ରଥମେ ଏ କଳହ ସୃଷ୍ଟି କରିନ । ଦୋଷଟା ନିଶ୍ଚୟ ଆଲେକ୍‌ସେଇ ଇଭାନିଚ୍‌ର ।"

"ମାରିୟା ଇଭାନୋଭ୍ନା, ତମେ କାହିଁକି ଏମିତି ଭାବୁଛ ?"

"ଲୋକଟା ସବୁକଥାକୁ ନାକ ଟେକେ ବୋଲି ମୁଁ କ'ଣ ଜାଣିଥିଲି ! ଆଲେକ୍‌ସେଇ ଇଭାନିଚ୍ ମୋତେ ଭଲ ଲଗେ ନାହିଁ । ତେବେ ମୁଁ ତାକୁ ଭଲ ଲଗେ ନା ବୋଲି ମୁଁ ଯଦି ଶୁଣେ, ତେବେ ମୁଁ ଖୁବ୍ ଦୁଃଖିତ ହେବି, ଖୁବ୍ ଅସ୍ୱସ୍ତି ବୋଧ କରିବି ।"

"ମାରିୟା ଇଭାନୋଭ୍ନା ତମର ମତ କ'ଣ – ତମେ କ'ଣ ତାକୁ ଭଲ ଲଗ ?"

ମାରିୟା ଇଭାନୋଭ୍ନାର ମୁହଁଟା ଲଜ୍ଜରେ ଲଲ ପଡ଼ିଗଲା ।

"ତାହା ହିଁ ମୋର ମନେ ହୁଏ ।" ଥଙ୍ଗଥଙ୍ଗ ହୋଇ ସେ ଉତ୍ତର ଦେଲା ।

"କାହିଁକି ତମର ଏମିତି ମନେ ହୁଏ ?"

"କାରଣ ସେ ମୋତେ ବିବାହ କରିବାକୁ ଗ୍ହିଁଥିଲା ।"

"ବିବାହ କରିବାକୁ ଗ୍ହିଁଥିଲା ? ତମକୁ ସେ ବିଭା ହେବାକୁ ପ୍ରସ୍ତାବ ଦେଇଥିଲା ? କେବେ ?"

"ଗଲା ବର୍ଷ । ତୁମେ ଏଠାକୁ ଆସିବାର ମାସେ ଦିମାସ ଆଗରୁ ।"

"ତୁମେ କ'ଣ ସେ ପ୍ରସ୍ତାବରେ ରାଜି ହେଲ ନାହିଁ ?"

"ଦେଖି ତ ପାରୁଥିବ । ଆଲେକ୍‌ସେଇ ଇଭାନିଚ୍ ଯେ ଅତି ଗ୍ଲକ ଚତୁର ଲୋକ ସେଥିରେ ମୋଟେ ସନ୍ଦେହ ନାହିଁ । ଭଲ ବଂଶରେ ଜନ୍ମ, ବିଷୟ ସଂପତ୍ତି ମଧ୍ୟ ଅଛି । କିନ୍ତୁ ମୁଁ ଯେତେବେଳେ ଭାବେ ତାକୁ ବିବାହ କରିବାକୁ ଯାଇ ଗିର୍ଜାରେ ସମସ୍ତଙ୍କ ଆଗରେ ତାକୁ ଚୁମା ଦେବାକୁ ହେବ ...। ନା, ନା ମୁଁ ତାହା କେବେ କରି ପାରିବି ନାହିଁ, ଦୁନିଆ ଉଜୁଡ଼ିଗଲେ ବି ପାରିବି ନାହିଁ !"

ମାରିୟା ଇଭାନୋଭ୍ନାର କଥା ଶୁଣି ମୋ ଆଖି ଖୋଲିଗଲା ଏବଂ ଅନେକ କଥା ବୁଝିପାରିଲି । ତା ନାଁ ଉଠିଲା କ୍ଷଣି ଶ୍ଭାବ୍ରିନ୍ କାହିଁକି ମନ୍ଦ ଛଡ଼ା ଭଲ କହେ ନାହିଁ ତାହା ଏତେବେଳକେ ମୋ ପାଖରେ ପରିଷ୍କାର ହୋଇଗଲା । ଆମ ଦିଜଣଙ୍କ ମଧ୍ୟରେ ପରସ୍ପର ପ୍ରତି ମନୋଭାବ କେମିତି, ସେ ନିଶ୍ଚୟ ଲକ୍ଷ୍ୟ କରିଛି ଏବଂ ଆମ ଦିହିଁଙ୍କ ମଧ୍ୟରେ ଭୁଲ ଧାରଣା ସୃଷ୍ଟି କରିବା ପାଇଁ ସେ ଅନବରତ ଉଦ୍ୟମ କରିଛି । ଯେଉଁସବୁ କଥାକୁ ନେଇ ଆମ ମଧ୍ୟରେ କଳହ ଜନ୍ମିଛି ସେସବୁ ଏବେ ମୋତେ ତୁଚ୍ଛ ମନେ ହେଲା । ସେସବୁ କଥା ମଧ୍ୟରେ କେବଳ କୁତ୍ସିତ ଅଶ୍ଳୀଳତା ଯେ ଥିଲା ତା ନୁହେଁ, ଇଚ୍ଛାକୃତ ଭାବେ ଅପବାଦ ରଟନା ବି ଥିଲା । ଏହିଭଳି ଏକ ଉଦ୍ଧତ ପ୍ରକୃତିର ଅପବାଦ ରଟନାକାରୀକୁ ଶାସ୍ତି ଦେବା ପାଇଁ ମୋର ଇଚ୍ଛାଟା

ପୂର୍ବ ଅପେକ୍ଷା ଆଉରି ପ୍ରବଳ ହୋଇଉଠିଲା । ଧୈର୍ଯ୍ୟହୀନ ହୋଇ ଏକ ସୁଯୋଗର ଅପେକ୍ଷାରେ ରହିଲି ।

ମୋତେ ବେଶୀ ଦିନ ଅପେକ୍ଷା କରିବାକୁ ପଡ଼ିଲା ନାହିଁ । ଠିକ୍ ତହିଁଆରଦିନ ଶ୍ୱାବ୍ରିନ୍ ଆସି ମୋ ଘରର ଝରକାରେ ଠକ୍‌ଠକ୍ କଲା । ମୁଁ ସେତେବେଳେ ଏକ ଶୋକ କବିତା ରଚନା କରିବାରେ ବ୍ୟସ୍ତ । ଛନ୍ଦ ଆଉ ଜତି ଖୋଜିଁଖୋଜିଁ ପରକଲମଟାକୁ ବସି କାମୁଡ଼ୁଥାଏଁ । ଝରକାରେ ଠକ୍‌ଠକ୍ ଶବ୍ଦ ଶୁଣି କଲମଟିକୁ ତଳେ ଥୋଇଦେଇ ହାତରେ ଏକ ତରବାରି ଧରି ତା ପାଖକୁ ବାହାରିଗଲି । ଶ୍ୱାବ୍ରିନ୍ ମୋତେ ସଙ୍ଗେ ସଙ୍ଗେ କହି ପକାଇଲା, "ଆଉ ଡେରି କରି ଲାଭ କ'ଣ ? ଏବେ ଆମ ଉପରେ କେହି ନଜର ରଖି ନାହାନ୍ତି, ଚାଲ ଯିବା ନଦୀ କୂଳକୁ । ସେଠି ଆମକୁ ବାଧା ଦେବାକୁ କେହି ଆସିବେ ନାହିଁ ।" ଆମେ ସ୍ୱର ଶବ୍ଦ ନକରି ବାହାରି ପଡ଼ିଲୁ । ଏକ ଗଡ଼ାଣିଆ ରାସ୍ତା ଦେଇ ଚାଲି ଚାଲି ଏକେବାରେ ନଈ ଧାରରେ ଯାଇ ପହଞ୍ଚିଗଲୁ । ତା'ପରେ ଖୋଳ ମଧ୍ୟରୁ ଆମର ତରବାରିଗୁଡ଼ିକୁ ବାହାର କଲୁ । ତରବାରି ଚଳେଇବାରେ ଶ୍ୱାବ୍ରିନ୍ ଥିଲା ମୋ ଅପେକ୍ଷା ପାରଙ୍ଗମ, କିନ୍ତୁ ମୁଁ ଥିଲି ତା ଅପେକ୍ଷା ଶକ୍ତିଶାଳୀ ଆଉ ସାହସୀ । Monsieur ବୋପ୍ରେ, ଯିଏକି ଏକଦା ସୈନ୍ୟବାହିନୀରେ ଥିଲେ, ତାଙ୍କଠାରୁ ମୁଁ ତରବାରି ଚାଳନା କିଛି କିଛି ଶିଖିଥିଲି । ସେଇ ଶିକ୍ଷାଟା ଏଥର କାମରେ ଲାଗିଲା । ଶ୍ୱାବ୍ରିନ୍ ଆଶା କରି ନଥିଲା ଯେ, ମୁଁ ତା ସହିତ ଏତେ ପରାକ୍ରମ ନେଇ ଯୁଦ୍ଧ କରି ପାରିବି ବୋଲି । ଅନେକ ସମୟ ପର୍ଯ୍ୟନ୍ତ ଆମେ କେହି କାହାକୁ ଆଘାତ କରି ପାରିଲୁ ନାହିଁ । ଶେଷକୁ ମୁଁ ଯେତେବେଳେ ବୁଝି ପାରିଲି ଯେ, ଶ୍ୱାବ୍ରିନ୍ କ୍ରମଶଃ ଦୁର୍ବଳ ହୋଇ ପଡ଼ୁଛି, ସଙ୍ଗେ ସଙ୍ଗେ ମୁଁ ତା ଉପରେ ନୂତନ ବଳ ନେଇ ଆକ୍ରମଣ କଲି । ତାକୁ ପାଣି ମଧ୍ୟକୁ ଗଡ଼େଇ ପକେଇଲା ବେଳେ ହଠାତ୍ ଶୁଣିବାକୁ ପାଇଲି, କିଏ ଜଣେ ମୋ ନାଁ ଧରି ଚିତ୍କାର କରି ଡାକୁଛି । ପଛକୁ ଦୃଷ୍ଟି ଫେରାଇ ନେଇ ଦେଖିଲି—ସାଭେଲିଚ୍ । ପାହାଡ଼ିଆ ପଥରେ ଧାଇଁ ଧାଇଁ ସେ ମୋ ପାଖକୁ ଛୁଟି ଆସୁଛି ...। ଏବଂ ଠିକ୍ ସେଇ ମୁହୂର୍ତ୍ତରେ ମୋର ଡାହାଣ କାନ୍ଧ ତଳେ ବୁକୁ ମଧ୍ୟରେ ଅନୁଭବ କଲି ତୀକ୍ଷ୍ଣ ଏକ ଆଘାତ । ସଙ୍ଗେ ସଙ୍ଗେ ବେହୋସ ହୋଇ ମୁଁ ମାଟି ଉପରେ ପଡ଼ିଗଲି ।

ପଞ୍ଚମ ପରିଚ୍ଛେଦ

ପ୍ରେମ

"ରୂପସୀ ଗୋ ରୂପସୀ !
ବିବାହ ପାଇଁ ବୟସ
ହୋଇନି ତୁମର,
ପଚ୍ଚର ତମ ମାଙ୍କୁ,
ପଚ୍ଚର ତମ ବାପାଙ୍କୁ,
ପଚ୍ଚର ପରିଜନଙ୍କୁ,
ଅପେକ୍ଷା କର ବୁଦ୍ଧି ଟିକିଏ
ପୋଖତ ହେବା ଯାଏ ।" (୨୧)

ଲୋକଗୀତ

"ମୋଠାରୁ ମିଳିଲେ ଭଲ
ମୋତେ ଯିବ ଭୁଲି
ମୋଠାରୁ ଯଦି ନିରସ ମିଳେ
ମୋତେ ରଖିବୁ ମନେ ଧରି ।" (୨୨)

ଲୋକଗୀତ

ହୋସ ଫେରି ଆସିଲା ପରେ କିଛି ସମୟ ପାଇଁ ମୁଁ ମନେ ପକାଇ ପାରିଲି ନାହିଁ କ'ଣ ସବୁ ଘଟିଯାଇଛି । ସଂପୂର୍ଣ୍ଣ ଅପରିଚିତ ଏକ କୋଠରୀରେ ବିଛଣା ଉପରେ ମୁଁ ଶୋଇଥାଏ ଏବଂ ଭୟଙ୍କର ଦୁର୍ବଳ ବୋଧ କରୁଥାଏ । ହାତରେ ଏକ ମହମବତି ନେଇ ସାଭେଲିଚ୍ ବିଛଣା ପାଖରେ ଛିଡ଼ା ହୋଇଥାଏ ।

ମୋ ବୁକୁ ଆଉ କାନ୍ଧ ଘରିପାଖରେ ବ୍ୟାଣ୍ଡେଜ ବନ୍ଧା ଏବଂ କିଏ ଜଣେ ସନ୍ତର୍ପଣରେ ସେ ବ୍ୟାଣ୍ଡେଜକୁ ଖୋଲୁଥାଏ । ତା'ପରେ କ୍ରମଶଃ ମୋ ଭାବନା ସ୍ୱଚ୍ଛ ହୋଇ ଆସିଲା, ମନେ ପଡ଼ିଗଲା ଦ୍ୱନ୍ଦ୍ୱଯୁଦ୍ଧ କଥା । ଅନୁମାନ କଲି ମୁଁ ଆହତ ହୋଇଛି । ଠିକ୍ ଏତିକିବେଳେ ଦୁଆର ଖୋଲିବାର କଟ୍‌କଟ୍ ଶବ୍ଦ ଶୁଣାଗଲା, ତା'ପରେ ଏକ ଫୁସ୍‌ଫୁସ୍ ସ୍ୱର : "କେମିତି ଅଛି ?" ଏବଂ ସେ ସ୍ୱର ଶୁଣି ମୋ ଦେହ ଭିତରେ ଖେଳିଗଲା ଏକ ଶିହରଣ । "ପୂର୍ବ ପରି ବେହୋସ ହୋଇ ରହିଛନ୍ତି । ଆଜିକୁ ନେଇ ପାଞ୍ଚ ଦିନ ହେଲା", ଦୀର୍ଘଶ୍ୱାସ ପକାଇ ଜବାବ ଦେଲା ସାଭେଲିଚ୍ । କଡ଼ ମୋଡ଼ିବାକୁ ମୁଁ ଚେଷ୍ଟା କଲି, କିନ୍ତୁ ପାରିଲି ନାହିଁ । "କେଉଁଠି ମୁଁ ? କିଏ କଥା କହୁଛି ?" ଖୁବ୍ କଷ୍ଟରେ ମୁଁ କହିଲି । ମାରିୟା ଇଭାନୋଭ୍‌ନା ବିଛଣା ପାଖକୁ ଘୁଞ୍ଚି ଆସି ମୋ ଉପରକୁ ନଇଁ ପଡ଼ି ପଚାରିଲା, "କେମିତି ଲାଗୁଛି ?" ଦୁର୍ବଳ କ୍ଷୀଣ ସ୍ୱରରେ ମୁଁ ଉତ୍ତର ଦେଲି, "ଈଶ୍ୱରଙ୍କୁ ଧନ୍ୟବାଦ ! କିଏ କଥା କହୁଛନ୍ତି, ମାରିୟା ଇଭାନୋଭ୍‌ନା ? ଆଚ୍ଛା କୁହତ ... ।" କଥାଟା ଶେଷ କରି ପାରିଲି ନାହିଁ, ଅଧାରେ ଅଟକିଗଲି । ଶେଷ କରିଲା ଭଳି କ୍ଷମତା ମୋର ନଥିଲା । ସାଭେଲିଚ୍‌ର ବୁକୁ ଭିତରୁ ବାହାରି ଆସିଲା ଏକ ଦୀର୍ଘଶ୍ୱାସ । ମୁହଁରେ ତା'ର ଆନନ୍ଦର ଝଲକ । ବାରମ୍ବାର ଖାଲି ସେ କହି ଚାଲିଛି, "ହୋସ ଫେରି ଆସିଛି ! ହୋସ ଫେରି ଆସିଛି ! ହେ ଭଗବାନ ତମକୁ ଅଶେଷ ଧନ୍ୟବାଦ ! ଆଜ୍ଞା, ଆପଣ ଯେ ମୋତେ କି ଭୟଭୀତ କରି ପକାଇଥିଲେ ! ପାଞ୍ଚ ଦିନ କାଳ !.. ଟିକିଏ ଚିନ୍ତା କରନ୍ତୁ ତ !" ସାଭେଲିଚ୍‌କୁ ଚୁପ୍ କରାଇ ଦେଇ ମାରିୟା ଇଭାନୋଭ୍‌ନା କହିଲା, "ଏବେ ତାଙ୍କୁ ବେଶୀ କଥା କୁହ ନାହିଁ ସାଭେଲିଚ୍ । ସେ ଏବେ ଖୁବ୍ ଦୁର୍ବଳ ।" ଏତିକି କହି ସେ ଘର ମଧ୍ୟରୁ ବାହାରି ଗଲା ଏବଂ ନିଃଶବ୍ଦରେ କବାଟଟିକୁ ବନ୍ଦ କରିଦେଲା । ମୋ ଚିନ୍ତା ରାଜ୍ୟରେ ସେତେବେଳେ ଝଡ଼ ବହୁଥାଏ । ତା ହେଲେ ମୁଁ କ୍ୟାପ୍‌ଟେନ୍‌ଙ୍କ ଘରେ ଅଛି, ମାରିୟା ଇଭାନୋଭ୍‌ନା ଆସିଥିଲା ମୋତେ ଦେଖିବାକୁ । ସାଭେଲିଚ୍‌କୁ ମୁଁ କେଇଟି ପ୍ରଶ୍ନ କରିବାକୁ ଚେଷ୍ଟା କଲି, କିନ୍ତୁ ସେ ମୁଣ୍ଡ ହଲେଇ ତା କାନରେ ଆଙ୍ଗୁଳି ଦେଇ ମୋତେ ବାରଣ କଲା । ବିରକ୍ତିରେ

ମୁଁ ଆଖି ବୁଜିଦେଲି ଏବଂ ତା'ପରେ ଗଭୀର ନିଦ୍ରାର ବିସ୍ମୃତି ଗର୍ଭରେ କେଉଁଠି ହଜିଗଲି ।

ନିଦ ଭାଙ୍ଗିଲା ପରେ ମୁଁ ସାଭେଲିଚ୍‌କୁ ଡାକିଲି । କିନ୍ତୁ ତା ପରିବର୍ତ୍ତେ ମୁଁ ଦେଖିବାକୁ ପାଇଲି ମାରିୟା ଇଭାନୋଭ୍‌ନା ମୋ ପାଖରେ ବସିଛି । ସ୍ୱର୍ଗର ଦେବୀ ଭଳି ମଧୁର ସ୍ୱରରେ ସେ ମୋତେ ଅଭିନନ୍ଦନ ଜଣାଇଲା । ଠିକ୍ ସେଇ ମୁହୂର୍ତ୍ତରେ ମୋ ମନ ଯେଉଁ ଗଭୀର ଆବେଗରେ ଆଚ୍ଛନ୍ନ ହୋଇ ପଡ଼ିଥିଲା, ତା'ର ମାଧୁର୍ଯ୍ୟକୁ ଭାଷାରେ କେବେ ପ୍ରକାଶ କରିପାରିବି ନାହିଁ । ହାତକୁ ତା'ର ମୁଁ ନିବିଡ଼ ଭାବେ ଚାପି ଧରିଲି ଏବଂ ଉଚ୍ଛୁଳା ଆବେଗରେ ହାତଟି ଆଖିର ଲୁହରେ ଭିଜିଗଲା । ସେ ହାତଟିକୁ ଦୂରେଇ ନେଲା ନାହିଁ ... । ଏବଂ ତା'ପରେ ତା ଓଠର ସ୍ପର୍ଶ ମୁଁ ଅନୁଭବ କଲି ମୋ ଗଣ୍ଡ ଦେଶରେ ।

ସେ ଚୁମ୍ବନ ଥିଲା ତା'ର ସରଳ ଉଚ୍ଛ୍ୱାସଭରା ପ୍ରାଣର ଏକ ପରିପ୍ରକାଶ । ମୋର ଦେହ ସାରା ଏକ ଆଗ୍ନେୟ ସ୍ରୋତ ଖେଳିଗଲା । "ମାରିୟା

ଇଭାନୋଭ୍ନା", ମୁଁ ତାକୁ କହିଲି "ସୁନାଟି ମୋର, ମୋତେ ବିବାହ କରି ଜୀବନକୁ ମୋର ଆନନ୍ଦରେ ଭରିଦିଅ !" ସେ ସଂଯତ ହୋଇଯାଇ ତା'ର ହାତଟିକୁ ଦୂରେଇ ନେଇ କହିଲା, "ଭଗବାନଙ୍କ ରାଣ, କଥାବାର୍ତ୍ତା କରନା, ଶାନ୍ତ ରୁହ ! ତୁମ କ୍ଷତଟା ପୁଣି ଖୋଲି ଯାଇପାରେ । ଆଉ କିଛି ପାଇଁ ନହେଉ ପଛେ ମୋ ପାଇଁ ଅନ୍ତତଃ ଟିକେ ନିଜର ଯତ୍ନ ନିଅ ।" ଏତିକି କହି ସେ ଘର ମଧ୍ୟରୁ ବାହାରି ଗଲା । ତା'ପରେ ମୁଁ ଆନନ୍ଦରେ ଉଦ୍‌ବେଳିତ ହେବାକୁ ଲାଗିଲି । ସେ ଆନନ୍ଦ ମୋତେ ଫେରେଇ ଆଣିଲା ଜୀବନର ପଥକୁ । ମୋ ଜୀବନର ସଙ୍ଗିନୀ ହେବ ! ସେ ମୋତେ ଭଲ ପାଏ ! ମୋ ଜୀବନର ସମଗ୍ର ସତ୍ତା ଭରି ଉଠିଲା ଏହି ଚିନ୍ତାରେ ।

ସେଇ ମୁହୂର୍ତ୍ତରୁ ମୁଁ କ୍ରମଶଃ ଆରୋଗ୍ୟ ହେବାକୁ ଲାଗିଲି । ସେଠାରେ କୌଣସି ଚିକିତ୍ସକ ନଥିଲେ, ତେଣୁ ମୋତେ ଛାଉଣୀର ନାପିତ ଚିକିତ୍ସା କରୁଥିଲା । ଭଗବାନଙ୍କ ଦୟାରୁ ସେ ମୋ ଉପରେ କୌଣସି ପରୀକ୍ଷା ଚଳେଇବାକୁ ଚେଷ୍ଟା କରି ନଥିଲା । ମୋର ତାରୁଣ୍ୟ ଆଉ ପ୍ରକୃତି ମୋତେ ଦ୍ରୁତ ଆରୋଗ୍ୟ ଲାଭ କରିବାରେ ସାହାଯ୍ୟ କଲା । ଗଡ଼ନାୟକଙ୍କ ଘରର ସମସ୍ତେ ମୋତେ ଆଦର ଯତ୍ନ କରୁଥିଲେ । ମାରିୟା ଇଭାନୋଭ୍ନା ପ୍ରାୟ ସବୁବେଳେ ମୋ ପାଖରେ ବସି ରହୁଥିଲା । ତେଣୁ ପ୍ରଥମ ସୁଯୋଗ ପାଇଲା କ୍ଷଣି ସେଦିନର ସେ ଅସଂପୂର୍ଣ୍ଣ ପ୍ରେମ ନିବେଦନଟିକୁ ପୂର୍ଣ୍ଣ କରିନେବାକୁ ମୁଁ ଚାହିଁଲି । ଏଥର ମାରିୟା ଇଭାନୋଭ୍ନା ଆଉରି ଅଧିକ ଧୈର୍ଯ୍ୟ ଧରି ମୋ କଥା ଶୁଣିଲା । ଅତି ସହଜଭାବେ ମୋ ପ୍ରତି ତା'ର ମନୋଭାବକୁ ବ୍ୟକ୍ତ କଲା । ତାକୁ ସୁଖୀ ହେବାର ଦେଖିଲେ ତା'ର ବାପାମା ଖୁସୀ ହେବେ ବୋଲି କହିଲା । "କିନ୍ତୁ ତମେ ଟିକେ ଆଉରି ଭଲ କରି ଚିନ୍ତା କର", ସେ ଯୋଗ କଲା, "ତମ ବାପା ମା ଏଥିରେ ବାଧା ଦେବେ ନାହିଁ ତ?"

ମନେ ମନେ ମୁଁ ଚିନ୍ତା କରିବାକୁ ଲାଗିଲି । ମୋ ମାଙ୍କ ମନ କୋମଳ, ତେଣୁ ତାଙ୍କ ବିଷୟରେ ମୋର କୌଣସି ସନ୍ଦେହ ନଥିଲା । କିନ୍ତୁ ବାପାଙ୍କର ମିଜାଜ ଓ ମତାମତ ସଂପର୍କରେ ମୋତେ ଯେତେଦୂର ଜଣା, ମୋର ଏ ପ୍ରେମ ତାଙ୍କ ହୃଦୟକୁ ବିଶେଷ ଭାବେ ସ୍ପର୍ଶ କରିବ ନାହିଁ ବୋଲି ମୋର

ମନେ ହେଲା । ସେ ସମଗ୍ର ଘଟଣାକୁ ଏକ ତରୁଣ ମନର ଖିଆଲ ବୋଲି ଭାବିବେ । ଏସବୁ କଥା ଖୋଲଖୋଲି ଭାବେ ମୁଁ ମାରିୟା ଇଭାନୋଭ୍ନାକୁ କହିଦେଲି । ତା ସତ୍ତ୍ୱେ ସ୍ଥିର କଲି ବାପାଙ୍କୁ ସବୁ କଥା ବୁଝାଇ ଏକ ଚିଠି ଲେଖିବି ଏବଂ ତାଙ୍କର ଆଶୀର୍ବାଦ ଭିକ୍ଷା କରିବି । ପରେ ଚିଠିଟିଏ ଲେଖି ମାରିୟା ଇଭାନୋଭ୍ନାକୁ ଦେଖାଇଲି । ଚିଠିଟିକୁ ପଢ଼ି ତା'ର ମନେ ହେଲା ଚିଠିଟି ଖୁବ୍ ହୃଦ୍‌ବୋଧୀ ଏବଂ ମର୍ମସ୍ପର୍ଶୀ ହୋଇଛି । ବାପା ଚିଠିଟି ପଢ଼ି ଅମଙ୍ଗ ହେବେ ବୋଲି ତା'ର ସନ୍ଦେହ ହେଲା ନାହିଁ । ତା'ପରେ ସେ ତା'ର ଯୌବନ ଆଉ ପ୍ରେମର ସମସ୍ତ ନିଷ୍ଠା ନେଇ ନିଜର କୋମଳ ହୃଦୟର ଆବେଗ ନିକଟରେ ନିଜକୁ ସଁପି ଦେଲା ।

ଆରୋଗ୍ୟ ଲାଭ କରିବା ପରେ ତିଳେମାତ୍ର ବିଳମ୍ବ ନକରି ମୁଁ ଶ୍‌ଭାବ୍ରିନ୍ ସହିତ ମେଣ୍ଟମାଣ୍ଡ କରିନେଲି । ଦ୍ୱନ୍ଦ୍ୱଯୁଦ୍ଧ କରିଥିବାରୁ ଇଭାନ୍ କୁଜ୍‌ମିଚ୍ ମୋତେ ଭର୍ତ୍ସନା କରି କହିଥିଲେ, "ପିଓତର ଆନ୍ଦ୍ରେଇଚ୍, ତୁମକୁ ଗିରଫ୍ କରିଥିଲେ ଠିକ୍ ହୋଇଥାନ୍ତା । ତେବେ ଏମିତି ମଧ୍ୟ ତମେ ଯଥେଷ୍ଟ ଶାସ୍ତି ପାଇଛ । ଆଲେକ୍‌ସେଇ ଇଭାନିଚ୍‌କୁ କିନ୍ତୁ ରୁଟି ଗୋଦାମରେ ଅଟକ ରଖାଯାଇଛି । ତା'ର ତରବାରିକୁ କାଢ଼ିନେଇ ଭାସିଲିସା ୟେଗୋରୋଭ୍ନା ସିନ୍ଦୁକରେ ରଖି ତାଲା ପକେଇ ଦେଇଛନ୍ତି ।" ଆନନ୍ଦର ଅନୁଭୂତିରେ ମନ ମୋର ଏତେ ଭରି ଉଠିଥିଲା ଯେ, ସେଥିରେ କାହାରି ଅନିଷ୍ଟ କାମନା କରିବାକୁ ସ୍ଥାନ ନଥିଲା । ଶ୍‌ଭାବ୍ରିନ୍‌କୁ ସମର୍ଥନ କରି ମୁଁ ଯୁକ୍ତି କରିବାକୁ ଆରମ୍ଭ କରିଦେଲି । ମୋର କଥା ଶୁଣି ଦୟାର୍ଦ୍ର ଗଡ଼ନାୟକ ନିଜ ସ୍ତ୍ରୀଙ୍କ ସହିତ ପରାମର୍ଶ କରି ଶ୍‌ଭାବ୍ରିନ୍‌କୁ ଛାଡ଼ିଦେଲେ । ଶ୍‌ଭାବ୍ରିନ୍ ମୋ ସହିତ ଦେଖା କରିବାକୁ ଆସିଲା । ଆମ ଦିହିଁଙ୍କ ମଧ୍ୟରେ ଯାହାସବୁ ଘଟି ଯାଇଛି ସେଥି ପାଇଁ ଗଭୀର ଦୁଃଖ ପ୍ରକାଶ କରି ସବୁ ତା'ରି ଦୋଷ ବୋଲି ସ୍ୱୀକାର କଲା । ମୋତେ ଅନୁରୋଧ କଲା ସବୁକିଛି ଭୁଲିଯିବା ପାଇଁ । କାହା ପ୍ରତି ମନ ମଧ୍ୟରେ ରାଗରୋଷ ପୋଷଣ କରିବା ମୋର ସ୍ୱଭାବର ବିରୋଧୀ, ତେଣୁ ମୁଁ ତାକୁ ଆନ୍ତରିକତାର ସହିତ କ୍ଷମା ଦେଲି । ମୋ ପ୍ରତି ସେ ଯେଉଁ ଅନ୍ୟାୟ ଆଚରଣ କରିଛି ଏବଂ ମୋତେ ଆହତ କରିଛି—ଉଭୟ ଅପରାଧ ପାଇଁ

6—1030

ତାକୁ କ୍ଷମା କରିଦେଲି । ତା'ର ସେ ଅପବାଦ ରଟନା କରିବାର କାରଣ ଆହତ ଆତ୍ମସମ୍ମାନ ଓ ପ୍ରତ୍ୟାଖ୍ୟାତ ପ୍ରେମ ବୋଲି ଧରିନେଲି ଏବଂ ମହାନୁଭବତାର ପରିଚୟ ଦେଇ ମୋର ସେ ହତଭାଗ୍ୟ ପ୍ରତିଦ୍ୱନ୍ଦ୍ୱୀକୁ ମାର୍ଜନା କଲି ।

ତା'ପରେ କିଛିଦିନ ମଧ୍ୟରେ ମୁଁ ସଂପୂର୍ଣ୍ଣ ଆରୋଗ୍ୟ ହୋଇ ଫେରିଗଲି ମୋର ନିଜ ବାସସ୍ଥଳୀକୁ । ଚିଠିର ଉତ୍ତର ଅପେକ୍ଷାରେ ମନ ମୋର ଅଧୈର୍ଯ୍ୟ ହୋଇ ପଡ଼ିଥାଏ । ଆଶା କରିବାକୁ ଆଉ ସାହସ ପାଉ ନଥାଏ । ତେଣୁ ଚେଷ୍ଟା କରୁଥାଏ ମନର ଦୁଶ୍ଚିନ୍ତାକୁ ଗୁପ୍ତ ରଖିବାକୁ । ଭାସିଲିସା ୟେଗୋରୋଭ୍ନା ଏବଂ ତାଙ୍କ ସ୍ୱାମୀଙ୍କ ପାଖରେ ସେପର୍ଯ୍ୟନ୍ତ ମୁଁ ମନର କଥା ପ୍ରକାଶ କରି ନଥାଏ । କିନ୍ତୁ ମୋତେ ଜଣାଥିଲା ଯେ, ସେମାନେ ମୋ ପ୍ରସ୍ତାବ ଶୁଣି ଆଶ୍ଚର୍ଯ୍ୟ ହେବେ ନାହିଁ । ମାରିୟା ଇଭାନୋଭ୍ନା କିମ୍ବା ମୁଁ, କେହି ସେମାନଙ୍କ ପାଖରେ ମନର କଥା ଗୋପନ ରଖିବାକୁ ଚେଷ୍ଟା କରିନୁ । ସେମାନଙ୍କ ସମ୍ମତି ଯେ ମିଳିଯିବ, ସେ ବିଷୟରେ ଆମେ ନିଶ୍ଚିତ ଥିଲୁ ।

ଅବଶେଷରେ ଦିନେ ସକାଳେ ହାତରେ ଏକ ଚିଠି ନେଇ ହାଜିର୍ ହେଲା ସାଭେଲିଚ୍ । ମୁଁ ଛୁ ମାରିଲା ଭଳି ଚିଠିଟିକୁ ତା ହାତରୁ ଛଡ଼େଇ ନେଲି । ଲଫାପା ଉପରେ ବାପାଙ୍କ ହାତ ଲେଖା ଠିକଣା । ତେଣୁ କଥାଟା ଗୁରୁତ୍ୱପୂର୍ଣ୍ଣ ବୋଲି ମୋର ମନେ ହେଲା । ସାଧାରଣତଃ ମା ହିଁ ମୋତେ ଚିଠି ଲେଖିଥାନ୍ତି ଏବଂ ଚିଠିର ଶେଷକୁ ବାପା କେଇଟି ଧାଡ଼ି ଯୋଡ଼ି ଦିଅନ୍ତି । ଚିଠିଟିକୁ ମୁଁ ଅନେକ ସମୟ ପର୍ଯ୍ୟନ୍ତ ଖୋଲି ପାରିଲି ନାହିଁ । ମନର ଅବସ୍ଥା ଆୟତ୍ତ କରିବାକୁ ମୋତେ କିଛି ସମୟ ଲାଗିଗଲା । ସେପର୍ଯ୍ୟନ୍ତ ମୁଁ ଚାହିଁ ରହିଲି ଲଫାପାର ଉପରର ସେଇ ଗୁରୁଗମ୍ଭୀର ଅକ୍ଷରଗୁଡ଼ିକୁ । ସେ ଲେଖିଥିଲେ, "ମୋର ପୁତ୍ର, ପିଓତର ଆନ୍ଦ୍ରେୟେଭିଚ୍ ଗ୍ରିନ୍ୟୋଭ୍‌କୁ, ଓରେନ୍‌ବୁର୍ଗ ପ୍ରଦେଶ, ବେଲୋଗୋର୍ସ୍କ ଗଡ଼" । ହାତ ଲେଖା ଦେଖି ମନେ ମନେ ଅନୁମାନ କରିବାକୁ ଚେଷ୍ଟା କଲି, କେଉଁ ମାନସିକ ଅବସ୍ଥାରେ ଚିଠିଟି ଲେଖା ହୋଇଛି । ଶେଷକୁ ଚିଠିଟି ଖୋଲିଲି, ପ୍ରଥମ କେଇଟି ଧାଡ଼ି ପାଠ କଲା ପରେ ମୁଁ ଜାଣି ପାରିଲି ଯେ, ସବୁ କିଛିର ଇତି ଘଟିଲା ଏଇଠି । ଚିଠିରେ ଲେଖା ହୋଇଥିଲା :

"ପୁତ୍ର ପିଓତର! ମିରୋନୋଭ୍‌ଙ୍କ କନ୍ୟା ମାରିୟା ଇଭାନୋଭ୍ନାକୁ ବିବାହ କରିବା ପାଇଁ ପ୍ରସ୍ତାବ ଦେଇ ତୁମେ ଯେଉଁ ପତ୍ରଟି ଲେଖିଥିଲ ତାହା ଗତ ୧୫ ତାରିଖରେ ଆମର ହସ୍ତଗତ ହୋଇଛି । ପତ୍ରରେ ତୁମେ ଏହି ବିବାହ ପାଇଁ ପିତାମାତାଙ୍କର ସମ୍ମତି ଆଉ ଆଶୀର୍ବାଦ ଭିକ୍ଷା କରିଛ । ତମକୁ ମୁଁ ଜଣାଇ ଦେବାକୁ ଚାହେଁ ଯେ, ଏହି ବିବାହ ପ୍ରତି କୌଣସି ସମ୍ମତି ବା ଆଶୀର୍ବାଦ ଦେବାର ଅଭିପ୍ରାୟ ମୋର ନାହିଁ । କେବଳ ସେତିକି ନୁହେଁ, ଅଫିସର ପଦ ଲାଭ କରିବା ସତ୍ତ୍ୱେ ତମର ଏହି ଶିଶୁସୁଲଭ ଚପଳତା ପାଇଁ ତମକୁ ଶାସ୍ତି ବିଧାନ କରିବାକୁ ମୁଁ କର୍ତ୍ତବ୍ୟ ବୋଲି ମନେ କରୁଛି । ତମକୁ ଯେଉଁ ତରବାରି ଅର୍ପଣ କରାଯାଇଛି ନିଜର ଜନ୍ମଭୂମିକୁ ରକ୍ଷା କରିବା ପାଇଁ, ତାହା ତମ ଭଳି ଆଉ କେତେ ଅର୍ବାଚୀନଙ୍କ ସହିତ ଦ୍ୱନ୍ଦ୍ୱଯୁଦ୍ଧ ଲଢ଼ିବା ପାଇଁ ନୁହେଁ । ତମେ ତମ ଆଚରଣ ଦ୍ୱାରା ପ୍ରମାଣ କରିଛ ଯେ, ତାହାକୁ ଧାରଣ କରିବାର ଯୋଗ୍ୟତା ତମର ନାହିଁ । ଆନ୍ଦ୍ରେଇ କାର୍ଲୋଭିଚ୍‌ଙ୍କୁ ଅନୁରୋଧ ଜଣେଇ ମୁଁ ସଙ୍ଗେ ସଙ୍ଗେ ଚିଠି ଲେଖୁଛି, ସେ ତୁମକୁ ବେଲୋଗୋର୍ସ୍କ ଗଡ଼ରୁ ଏପରି ଏକ ଦୂର ସ୍ଥାନକୁ ପଠାଇଦେବେ, ଯେଉଁଠି ତୁମେ ଏସବୁ ବାଜେ ଚିନ୍ତାକୁ ପାସୋରି ପକାଇବ । ତୁମର ଦ୍ୱନ୍ଦ୍ୱଯୁଦ୍ଧ ଏବଂ ଆହତ ହେବାର ଖବର ଶୁଣି ତୁମ ମା ଶୋକାଭିଭୂତ ହୋଇ ଅସୁସ୍ଥ ହୋଇ ପଡ଼ିଛନ୍ତି ଏବଂ ଆଜି ପର୍ଯ୍ୟନ୍ତ ଶଯ୍ୟାଶାୟୀ ଅଛନ୍ତି । ତୁମଠାରୁ ମୁଁ ଆଉ କ'ଣ ଆଶା କରିବି ? ଭଗବାନଙ୍କୁ ପ୍ରାର୍ଥନା କରୁଛି ସେ ତୁମକୁ ସୁବୁଦ୍ଧି ଦିଅନ୍ତୁ, ଯଦିଓ ତାଙ୍କଠାରୁ ଏତେ ବିରାଟ କରୁଣା ଆଶା କରିବାର ସାହସ ମୋର ନାହିଁ ।

ତୁମର ପିତା ଏ. ଜି."

ଚିଠିଟିକୁ ଭଲଭାବେ ପଢ଼ିଲା ପରେ ମନରେ ମୋର ଏକ ବିଚିତ୍ର ଅନୁଭୂତି ଜାଗ୍ରତ ହେଲା । ବାପା ଯେଉଁସବୁ କଠୋର ବାକ୍ୟବାଣ ମୋ ଉପରେ ନିକ୍ଷେପ କରିଥିଲେ, ତାହା ମୋର ହୃଦୟକୁ ଗଭୀର ଭାବେ ଆହତ କରିଦେଲା । ମାରିୟା ଇଭାନୋଭ୍ନାର ନାମଟିକୁ ଯେପରି ଅସମ୍ମାନଜନକ ଭାବେ ଉଲ୍ଲେଖ କରିଥିଲେ, ତାହା ମୋତେ ଯେମିତି ଅସଙ୍ଗତ ସେଇମିତି

6*

ଅହେତୁକ ମନେ ହେଲା । ବେଲେଗୋର୍ସ ଗଡ଼ରୁ ମୋତେ ଅନ୍ୟତ୍ର ପଠାଇ ଦିଆଯିବ – ଏହି ଚିନ୍ତାଟି ମୋତେ ଭୟଭୀତ କରି ପକାଇଲା । କିନ୍ତୁ ସେସବୁଠାରୁ ମୋ ପକ୍ଷରେ ଅତୀବ ଦୁଃଖଦାୟକ ଖବରଟି ହେଲା ମୋ ମାଙ୍କର ଅସୁସ୍ଥତା । ସାଭେଲିଚ୍ ପ୍ରତି ମନଟା ମୋର ଘୃଣାରେ ଜର୍ଜରିତ ହୋଇଉଠିଲା, କାରଣ ମୋ ଦ୍ୱନ୍ଦ୍ୱଯୁଦ୍ଧର ଖବର ସିଏହିଁ ଯେ ମୋ ବାପା ମାଙ୍କୁ ଦେଇଛି ଏଥିରେ ମୋର ସନ୍ଦେହ ନଥିଲା । ଛୋଟ କୋଠରୀଟି ମଧ୍ୟରେ ପଦଘ୍ୱରଣା କରୁକରୁ ହଠାତ୍ ତା ଆଗରେ ଆସି ଛିଡ଼ା ହୋଇଗଲି । ହିଂସ୍ର ଦୃଷ୍ଟିରେ ତାକୁ ଲକ୍ଷ୍ୟ କରି କହିଲି, "ଏଥର ହେଲା ତ ? ସେଦିନ ମୁଁ ତୋରି ପାଇଁ ଆହତ ହୋଇଥିଲି, ମାସେ କାଳ ମୋତେ ମୃତ୍ୟୁର ଦ୍ୱାର ଦେଶରେ ଶୋଇ ରହିବାକୁ ପଡ଼ିଲା – ସେଥିରେ ତୁ ଖୁସି ହେଲୁ ନାହିଁ ? ମୋର ମାଙ୍କୁ ବି ମାରି ପକାଇବାକୁ ଗ୍ହୁଁଛୁ ?" ସାଭେଲିଚ୍‌ର ମୁଣ୍ଡରେ ବଜ୍ର ପଡ଼ିଲା ଭଳି ଲଗିଲା । "କାହିଁକି ହଜୁର", କାନ୍ଦ କାନ୍ଦ ହୋଇ ସେ କହିଉଠିଲା, "କ'ଣ ମୋତେ ଏସବୁ କହୁଛନ୍ତି ? ସେ ଦିନ ଆପଣ କ'ଣ ମୋରି ପାଇଁ ଆହତ ହୋଇଥିଲେ ? ଭଗବାନ ଜାଣନ୍ତି, ସେଦିନ ମୁଁ ଧାଇଁ ଯାଇଥିଲି ନିଜର ଦେହ ଦେଇ ତମକୁ ଆଲେକ୍‌ସେଇ ଇଭାନିଚ୍‌ର ତରବାରିର ଆଘାତରୁ ରକ୍ଷା କରିବା ପାଇଁ ! କିନ୍ତୁ ମୋର ବୃଦ୍ଧ ବୟସଟା ମୋତେ ତାହା କରିବାକୁ ଦେଲା ନାହିଁ । ଏବଂ ଆପଣଙ୍କ ମାଙ୍କ ପାଖରେ ମୁଁ ବା କି ଦୋଷ କରିଛି ?" ମୁଁ କହିଲି, "କି ଦୋଷ କରିଛୁ ? ତୋତେ କିଏ କହିଥିଲା ମୋ ବିଷୟରେ ଏସବୁ ସେମାନଙ୍କୁ ଚୁଗୁଲି କରିବାକୁ ? ତୋତେ କ'ଣ ପଠାଯାଇଛି ମୋ ପଛରେ ଗୁଇନ୍ଦାଗିରି କରିବା ପାଇଁ ?" ସାଭେଲିଚ୍ ଆଖିରୁ ଲୁହ ଝରେଇ ବିସ୍ମୟରେ କହିଉଠିଲା, "ମୁଁ ଆପଣଙ୍କ ବିଷୟରେ ଚୁଗୁଲି କରିଛି ? ହେ ଭଗବାନ ! ଦେଖନ୍ତୁ, ହେଇ ମୁନିବ କ'ଣ ମୋତେ ଲେଖିଛନ୍ତି । ଏହି ଚିଠିଟି ପଢ଼ିଲେ, ଆପଣ ବୁଝି ପାରିବେ ମୁଁ ଚୁଗୁଲି କରିଛି କି ନାହିଁ ।" ସଙ୍ଗେ ସଙ୍ଗେ ସେ ପକେଟ୍‌ରୁ ଗୋଟିଏ ଚିଠି ବାହାର କରି ପକାଇଲା । ଚିଠିଟିକୁ ମୁଁ ପଢ଼ିଲି । ସେଥିରେ ଲେଖା ହୋଇଥିଲା :

"ଆରେ ବୁଢ଼ା କୁକୁର, ତୋତେ ମୋର କଡ଼ା ହୁକୁମ ଥିଲା, ମୋ

ପୁଅ ପିଓତର ସଂପର୍କରେ ସମସ୍ତ ଖବର ମୋତେ ଜଣାଇବାକୁ । ତାହା ଅମାନ୍ୟ କରିଥିବାରୁ ତୋର ଲଜ୍ଜିତ ହେବାର କଥା । ମୋ ପୁଅର ଅର୍ବାଚୀନତା ସଂପର୍କରେ ମୋତେ ଶୁଣିବାକୁ ହେଲା ଅଜ୍ଞାତ ଲୋକଙ୍କଠାରୁ । ଏହାହିଁ କ'ଣ ହେଉଛି ମୁନିବର ଇଛା ପୂରଣ ଓ ପାଳନ କବିବାର ପଦ୍ଧତି ! ଶୁଣ ବୁଢ଼ା କୁକୁର, ତୁ ପ୍ରକୃତ ସତ୍ୟକୁ ଗୋପନ ରଖିଛୁ ଏବଂ ଅପ୍ରାପ୍ତବୟସ୍କକୁ ପ୍ରଶ୍ରୟ ଦେଇଛୁ, ସେଥି ପାଇଁ ତୋତେ ମୁଁ ଘୁଷୁରି ଚରାଇବାକୁ ପଠାଇଦେବି । ମୋର ନିର୍ଦ୍ଦେଶ ହେଲା, ଏହି ଚିଠିଟି ପାଇଲା କ୍ଷଣି ମୋତେ ଜଣାଇବୁ ପିଓତର ଆନ୍ଦ୍ରେଇଚ୍ କେମିତି ଅଛି । ଶୁଣିଲି ତା'ର ସ୍ୱାସ୍ଥ୍ୟୋନ୍ନତି ଘଟୁଛି । ମୋତେ ଜଣାଇବୁ ଶରୀରର କେଉଁ ସ୍ଥାନରେ ଆଘାତ ଲଗିଥିଲା ଏବଂ ଠିକ୍ ଭାବେ ତା'ର ସେବା ଶୁଶ୍ରୂଷା କରାଯାଉଛି କି ନାହିଁ ।"

ଏଥିରୁ ସ୍ପଷ୍ଟ ହୋଇଗଲା ଯେ, ସାଭେଲିଚ୍ ମୋ ପ୍ରତି କୌଣସି ଦୋଷ କରି ନାହିଁ । ତାକୁ ସନ୍ଦେହ ଏବଂ ତିରସ୍କାର କରିବାଟା ମୋ ପକ୍ଷରେ ଠିକ୍ ହୋଇ ନାହିଁ । ତା ନିକଟରେ ମୁଁ କ୍ଷମା ଗ୍ହିଁଲି, କିନ୍ତୁ ବୃଦ୍ଧ ମୋତେ ଶାନ୍ତ ହେଲା ନାହିଁ । ବାରମ୍ବାର ସେ ଦୁଃଖରେ କହିବାକୁ ଲଗିଲା, "ମୋ ଭାଗ୍ୟ ଖରାପ । ଯେଉଁ ମୁନିବମାନଙ୍କର ଏତେ ସେବା କଲି ସେମାନେ ଶେଷକୁ ଏହି ପୁରସ୍କାର ଦେଲେ । ମୁଁ ବୁଢ଼ା କୁକୁର, ମୋତେ ଘୁଷୁରି ରଖିବାକୁ ହେବ, ମୋରି ପାଇଁ ଆପଣଙ୍କ ଦେହରେ ଆଘାତ ଲଗିଲା ! ଆପଣ ହେଉଛନ୍ତି ମୋର ଛୋଟ ମୁନିବ, ଆପଣଙ୍କୁ ମୁଁ କହିପାରେ, ସବୁ ଦୋଷ ପାଇଁ ଦାୟୀ ହେଉଛି ସେଇ ବଦମାସ ଫରାସୀ ଲୋକଟା । ସିଏ ହିଁ ଆପଣଙ୍କୁ ଶିଖାଇଛି ଲୁହା ଖଣ୍ଡାରେ କେମିତି ଖୁଞ୍ଚିବାକୁ ହୁଏ ଏବଂ ମାଟିକୁ କିପରି ଗୋଡ଼ରେ ଆଘାତ କରିବାକୁ ହୁଏ । ଖୁଞ୍ଚିଦେଲେ ଏବଂ ଆଘାତ କଲେ ଯେମିତି ଦୁଷ୍ଟ ଲୋକଙ୍କ ହାତରୁ ରକ୍ଷା ମିଳିଯିବ ! ସେ ଫରାସୀ ଲୋକଟାକୁ ଏତେ ଖର୍ଚ୍ଚ କରି ଆଣିବାର କ'ଣ ଦରକାର ଥିଲା, ପଇସାଗୁଡ଼ାକ ଖାଲି ପାଣିରେ ପଡ଼ିଲା !"

ମୋର ଆଚରଣ ସଂପର୍କରେ ଏତେ କଷ୍ଟକରି କିଏ ତେବେ ମୋ ବାପାଙ୍କୁ ଜଣାଇଲା ? ଜେନେରାଲ କ'ଣ ଜଣାଇଛନ୍ତି ? କିନ୍ତୁ ତାଙ୍କୁ ଦେଖିଲେ ମନେ ହୁଏ ନା ଯେ, ମୋ ସଂପର୍କରେ ତାଙ୍କର ବିଶେଷ ଆଗ୍ରହ ଅଛି ବୋଲି । ତା'ଛଡ଼ା ଦ୍ୱନ୍ଦ୍ୱଯୁଦ୍ଧ ସଂପର୍କରେ ଉପରବାଲାମାନଙ୍କ ପାଖକୁ ଇଭାନ୍ କୁଜ୍‌ମିଚ୍ ଖବର ପଠାଇ ନାହାନ୍ତି । ପଠାଇବାକୁ ହୁଏତ କୌଣସି ପ୍ରୟୋଜନ ମନେ କରି ନଥିବେ । ତା ହେଲେ କିଏ ଆଉ ପଠାଇଲା ? ଭାବି କିଛି ଠିକ୍ କରିପାରିଲି ନାହିଁ । ଶେଷକୁ ମୋର ସନ୍ଦେହ ହେଲା ଶ୍‌ଭାବ୍ରିନ୍‌କୁ । ଏ ବିଷୟରେ ତା'ରି ହିଁ କିଛି ସ୍ୱାର୍ଥ ରହିଛି । ଏହି ଖବରଟି ପଠାଇ ଦେଲେ ଗଡ଼ ମଧ୍ୟରୁ ମୋତେ ବାହାର କରି ଦିଆଯିବ ଓ ଗଡ଼ନାୟକଙ୍କ ପରିବାର ସହିତ ମୋର ସଂପର୍କ ଛେଦ ହୋଇଯିବ – ଏହି କଥା ଭାବି ସେ ଏହା କରିଥିବ । ମାରିୟା ଇଭାନୋଭ୍‌ନାକୁ ସବୁ କଥା ଖୋଲି କହିବା ପାଇଁ ମୁଁ ଚାଲିଲି । ତା ସହିତ ମୋର ବାରନ୍ଦାରେ ଦେଖା ହୋଇଗଲା । ମୋ ମୁହଁକୁ ଚାହିଁ ସେ ଚିତ୍କାର କରିଉଠିଲା, "ତମର କ'ଣ ହୋଇଛି ? ଏମିତି ଫିକା କାହିଁକି ଦେଖାଯାଉଛ ?" ମୁଁ ତା ହାତକୁ ବାପାଙ୍କ ଚିଠିଟି ବଢ଼େଇ ଦେଇ କହିଲି, "ସବୁ ଶେଷ ହୋଇଯାଇଛି !" ଏଥର ସିଏ ଫିକା ପଡ଼ିଗଲା । ଚିଠିଟିକୁ ଆଦ୍ୟରୁ ଶେଷ ଯାଏ ପଢ଼ି ଥରଥର ହାତରେ ସେ ଫେରେଇଦେଲା ମୋତେ । "ଦେଖୁଛ ତ, ଏହା ହୋଇପାରିବ ନାହିଁ ..." କମ୍ପିତ ଗଳାରେ କହିଲା ସେ । "ତମ ବାପା ମା ଚାହାନ୍ତି ନାହିଁ, ମୁଁ ତମ ପରିବାରର ଲୋକ ହୁଏ ବୋଲି । ଭଗବାନଙ୍କର ଯାହା ଇଚ୍ଛା, ତାହାହିଁ ହେବ ! ଆମର ମଙ୍ଗଳ କେମିତି ହେବ ସେ ବିଷୟରେ ସିଏ ଆମଠୁଁ ବେଶୀ ଜାଣନ୍ତି । ଆମେ ଏ ବିଷୟରେ ନାଚାର, ନିରୁପାୟ । କେବଳ ତମେ ଯଦି ସୁଖୀ ହୋଇପାର ... ।" ତା'ର ହାତକୁ ଚାପି ଧରି ମୁଁ କହିଲି, "ତାହା ହୋଇ ପାରିବ ନାହିଁ ! ତମେ ଯଦି ମୋତେ ଭଲ ପାଅ, ତେବେ ମୁଁ ସବୁକିଛି ପାଇଁ ପ୍ରସ୍ତୁତ ଅଛି ! ଚାଲ, ତମ ବାପା ମାଙ୍କ ପାଦ ତଳେ ପଡ଼ିଯିବା । ସେମାନେ ଦିହେଁ ସରଳ ନିଛନ୍ଦ ଲୋକ । ଗର୍ବରେ ସେମାନଙ୍କ ହୃଦୟ ପଥର ପାଲଟି ଯାଇ ନି । ସେମାନେ ନିଶ୍ଚୟ ଆମକୁ ଆଶୀର୍ବାଦ କରିବେ ଏବଂ ଆମେ ବିବାହ କରି ପାରିବା ... ।

ତା'ପରେ କିଛି ଦିନ ବିତିଗଲେ ମୋ ବାପାଙ୍କ ରାଗ ଶାନ୍ତ ହୋଇଯିବ । ମୋ ମା ତ ଆମକୁ ସମର୍ଥନ କରନ୍ତି, ତେଣୁ ଶେଷକୁ ବାପା ଆମକୁ କ୍ଷମା କରିଦେବେ ... ।" ମାଶା ଉତ୍ତର ଦେଲା, "ନା, ପିଓତର ଆନ୍ଦ୍ରେଇଚ୍, ସେମିତି ହୋଇ ପାରିବ ନାହିଁ । ତମ ବାପାମାଙ୍କ ଆଶୀର୍ବାଦ ନପାଇଲେ ମୁଁ ତମକୁ ବିବାହ କରି ପାରିବି ନାହିଁ । ସେମାନଙ୍କ ଆଶୀର୍ବାଦ ବିନା ତମେ କେବେ ସୁଖୀ ହୋଇ ପାରିବ ନାହିଁ । ଭଗବାନଙ୍କ ଇଚ୍ଛା ଆଗରେ ଆମକୁ ମଥା ନୁଆଁଇବାକୁ ପଡ଼ିବ । ତମେ ଯଦି ତମ ଅଦୃଷ୍ଟରେ ଥିବା ଝିଅକୁ ବିବାହ କର, ତାକୁ ଭଲ ପାଅ, ତାହାହିଁ ହେବାକୁ ଦିଅ । ଈଶ୍ୱର ତମକୁ ଆଶୀର୍ବାଦ କରନ୍ତୁ ! ତମ ଦିଜଣଙ୍କ ପାଇଁ ତାଙ୍କ ନିକଟରେ ମୁଁ ପ୍ରାର୍ଥନା କରିବି ... ।" ଏତିକି କହି ସେ କାନ୍ଦରେ ଫାଟି ପଡ଼ିଲା ଏବଂ ସଙ୍ଗେ ସଙ୍ଗେ ସେଠାରୁ ଚାଲିଗଲା । ମୋର ଇଚ୍ଛା ହେଉଥିଲା ତା ପଛେ ପଛେ ତା ଘରକୁ ଯିବି, କିନ୍ତୁ ଭାବିଲି, ମୋର ମଧ୍ୟ ଅବସ୍ଥା ଏମିତି ଯେ, ମୁଁ ନିଜକୁ ସମ୍ଭାଳି ପାରିବି ନାହିଁ । ତେଣୁ ମୁଁ ନିଜ ଘରକୁ ଫେରି ଆସିଲି ।

ଗଭୀର ଚିନ୍ତାରେ ନିମଗ୍ନ ହୋଇ ଘର ମଧ୍ୟରେ ମୁଁ ବସିଥାଏ । ଏହି ସମୟରେ ସାଭେଲିଚ୍ ଆସି ମୋର ଚିନ୍ତାର ଖିଅକୁ ଛିନ୍ନ କରିଦେଲା । "ହେଇ ନିଅନ୍ତୁ ଆଜ୍ଞା", ସେ ଲେଖା ହୋଇଥିବା ଖଣ୍ଡେ କାଗଜ ମୋ ହାତକୁ ବଢ଼େଇ ଦେଇ କହିଲା । "ଦେଖନ୍ତୁ, ମୁଁ କ'ଣ ଲେଖିଛି ! ମୋ ମୁନିବଙ୍କ ନାଁରେ ଚୁଗୁଲି କରି ବାପ ପୁଅଙ୍କ ମଧ୍ୟରେ କଳି ଲଗାଇ ଦେବାକୁ କେମିତି ଚାହୁଁଛି ଦେଖନ୍ତୁ ।" ତା ହାତରୁ କାଗଜଟି ନେଲି । ସାଭେଲିଚ୍ ଯେଉଁ ଚିଠିଟି ପାଇଥିଲା ସେ କାଗଜଟି ଥିଲା ତା'ର ଜବାବ । ଚିଠିଟିରେ ଯାହା ଥିଲା ଅବିକଳ ସେଇଭାବେ ମୁଁ ଏଠି ପ୍ରଦାନ କରୁଛି :

"ମୋର ଦୟାମୟ ମୁନିବ,

ମାନନୀୟ ଆନ୍ଦ୍ରେଇ ପେଟ୍ରୋଭିଚ୍, ମହୋଦୟ ସମୀପେଷୁ !

ଆପଣଙ୍କ ଅନୁଗ୍ରହଭରା ପତ୍ରଟି ପାଇଛି । ମୁଁ ଆପଣଙ୍କର ଜଣେ ଦାସାନୁଦାସ । ଆପଣ ଲେଖିଛନ୍ତି, ମୁଁ ମୁନିବଙ୍କ ହୁକୁମ୍ ଅମାନ୍ୟ କରିଥିବାରୁ

ଆଉ ମୁହଁ ଦେଖାଇବି ନାହିଁ । ଆପଣ ମୋ ଉପରେ କ୍ରୁଦ୍ଧ ହୋଇଛନ୍ତି । କିନ୍ତୁ ମୁଁ ଏକ ବୁଢ଼ା କୁକୁର ନୁହେଁ, ମୁଁ ହେଉଛି ଆପଣଙ୍କର ଏକାନ୍ତ ଅନୁଗତ ସେବକ । ମୁନିବଙ୍କ ହୁକୁମ୍ ମୁଁ ସର୍ବଦା ମାନି ଆସିଛି ଏବଂ ଚିର ଦିନ ଅତି ବିଶ୍ୱସ୍ତଭାବେ ଆପଣଙ୍କର ସେବା କରିଛି । ଆପଣଙ୍କ ସେବାରେ ମୋର ମୁଣ୍ଡ ବାଳସବୁ ଧଳା ପାଲଟି ଗଲଣି । ପିଓତର ଆନ୍ଦ୍ରେଇଚ୍ ଆହତ ହେବା ଖବରଟି ଆପଣଙ୍କୁ ଏଇଥି ପାଇଁ ଲେଖି ଜଣାଇ ନାହିଁ ଯେ, ଆପଣ ତାହା ଶୁଣି ଅନାବଶ୍ୟକ ଭାବେ ଆତଙ୍କିତ ହୋଇପଡ଼ିବେ । ଏବେ ମୁଁ ଶୁଣିବାକୁ ପାଇଲି ଯେ, ଆମର ସାଆନ୍ତାଣୀ ଆତଙ୍କରେ ଶଯ୍ୟାଶାୟୀ ହୋଇ ପଡ଼ିଛନ୍ତି । ଭଗବାନଙ୍କୁ ପ୍ରାର୍ଥନା କରୁଛି ସେ ନିରୋଗ ହୋଇ ଉଠନ୍ତୁ । ଛୋଟ ସାହେବଙ୍କ ବୁକୁରେ ଆଘାତ ଲଗିଛି । ଡାହାଣ ପାଖ କାନ୍ଧର ଠିକ୍ ହାଡ଼ ତଳକୁ । କ୍ଷତଟା ଦେଢ଼ ଇଞ୍ଚ ଗଭୀରର ହୋଇଥିଲା । ନଦୀ ଧାରରୁ ଆମେ ତାଙ୍କୁ ଗଡ଼ନାୟକଙ୍କ ଘରକୁ ନେଇ ଆସିଥିଲୁ । ସେଇଠି ସେ ରହୁଥିଲେ । ତାଙ୍କର ସେବା ଶୁଶ୍ରୂଷା କରିଥିଲା ନାପିତ ଷ୍ଟେପାନ୍ ପାରାମୋନୋଭ୍ । ଏବେ ଈଶ୍ୱରଙ୍କ କରୁଣାରୁ ଛୋଟ ସାହେବ ପୁଣି ସୁସ୍ଥ ହୋଇ ଉଠିଛନ୍ତି ଏବଂ ବର୍ତ୍ତମାନ ତାଙ୍କ ଆଚରଣରେ ଭଲ ବ୍ୟତୀତ ଖରାପ କିଛି ନାହିଁ । ଶୁଣିଲି, ଉପରବାଲା ଅଫିସରମାନେ ତାଙ୍କ ଉପରେ ଖୁବ୍ ଖୁସୀ । ଭାସିଲିସା ୟେଗୋରୋଭ୍ନା ତାଙ୍କୁ ନିଜର ସନ୍ତାନ ଭଳି ଯତ୍ନ କରନ୍ତି । ତା ସତ୍ତ୍ୱେ ବି ସେ ଏହି କଳି ବିବାଦରେ ଜଡ଼ିତ ହୋଇ ପଡ଼ିଲେ – ପିଲାମାନେ ତ ଆଉ ବୁଢ଼ାଙ୍କ ଭଳି ବିଚ୍ଚର ବିବେଚନା କରି ପାରିବେ ନାହିଁ । ଘୋଡ଼ାର ଚାରିଟା ଗୋଡ଼ ଥିଲେ ବି ସେ ବେଳେ ବେଳେ ଝୁଣ୍ଟିପଡ଼େ । ଆପଣ ମୋତେ ଦୟାପୂର୍ବକ ଘୁଷୁରି ଚରାଇବା ପାଇଁ ପଠାଇବାକୁ ଲେଖିଛନ୍ତି । ଆପଣ ମୋର ମୁନିବ, ମୋର ମା-ବାପ । ଆପଣ ଯାହା ଭଲ ମନେ କରିବେ ତାହା ନିଶ୍ଚୟ କରିବେ । ମୋର ବିନୀତ ପ୍ରଣାମ ଗ୍ରହଣ କରିବେ । ଇତି

ଆପଣଙ୍କର ଏକାନ୍ତ ବିଶ୍ୱସ୍ତ ଦାସ

ଆର୍‌ଖିପ୍ ସାଭେଲିଚ୍"

ନିରୀହ ବୃଦ୍ଧଟିର ଚିଠିଟିକୁ ପଢ଼ୁ ପଢ଼ୁ ମୁଁ ମଝିରେ ମଝିରେ ମୋ ହସକୁ ଚପେଇ ରଖି ପାରି ନଥିଲି । ମୋର ଅବସ୍ଥା ଦୃଷ୍ଟିରୁ ବାପାଙ୍କ ଚିଠିର ଉତ୍ତର ଦେବା ମୋ ପକ୍ଷରେ ସମ୍ଭବ ନଥିଲା । ମୋର ମନେ ହେଲା, ମୋ ମାଙ୍କ ଦୁଷ୍ଚିନ୍ତା ଦୂର କରିବା ପାଇଁ ସାଭେଲିଚ୍‌ର ଚିଠିଟି ଯଥେଷ୍ଟ ହେବ ।

ସେହି ସମୟରୁ ମୋର ଅବସ୍ଥା ବଦଳିଗଲା । ମାରିୟା ଇଭାନୋଭ୍ନା ପ୍ରାୟ ମୋ ସହିତ କଥାବାର୍ତ୍ତା କଲା ନାହିଁ ଏବଂ ଯଥାସମ୍ଭବ ମୋଠାରୁ ଦୂରେଇ ରହିଲା । ଗଡ଼ନାୟକଙ୍କ ଘରେ ଆଉ କିଛି ରହିଲା ନାହିଁ ମୋତେ ଆକର୍ଷଣ କଲା ଭଳି । କୋଠରୀ ମଧ୍ୟରେ ଏକା ଏକା ବସି ସମୟ କାଟିବାକୁ ମୁଁ କ୍ରମଶଃ ଅଭ୍ୟସ୍ତ ହୋଇ ପଡ଼ିଲି । ପ୍ରଥମେ ପ୍ରଥମେ ଭାସିଲିସା ୟେଗୋରୋଭ୍ନା ଏଥିପାଇଁ ଭର୍ତ୍ସନା କରିଥିଲେ । କିନ୍ତୁ ଶେଷକୁ ମୋର ଅବିଚଳ ମନୋଭାବ ଦେଖି ଆଉ କିଛି କହିଲେ ନାହିଁ । ଇଭାନ୍ କୁଜ୍‌ମିଚ୍‌ଙ୍କ ସହିତ ମୋର କେବଳ ଦେଖା ସାକ୍ଷାତ୍ ହେଉଥିଲା କାମ ସମୟରେ । ଶ୍ୱାବ୍ରିନ୍‌କୁ ବି ଖୁବ୍ କମ୍ ଭେଟୁଥିଲି ଏବଂ ତାହା ଘଟୁଥିଲା ଅତ୍ୟନ୍ତ ଅନିଚ୍ଛାକୃତ ଭାବେ । କାରଣ, ମୋତେ ଲାଗୁଥିଲା ତା ମନରେ ଏକ ଗୋପନ ଘୃଣା ରହିଛି, ଯାହାକୁ ସେ ଲୁଚେଇ ପାରୁ ନାହିଁ । ଫଳରେ ତା ପ୍ରତି ମୋର ସନ୍ଦେହ ବଦ୍ଧମୂଳ ହୋଇଗଲା । ଜୀବନ ମୋ ପକ୍ଷରେ ହୋଇ ଉଠିଲା ଅସହ୍ୟ । ଏକ ନିରାନନ୍ଦ ଭାବାବେଗ ମଧ୍ୟରେ ମୁଁ କ୍ରମଶଃ ବୁଡ଼ିଯିବାକୁ ଲାଗିଲି । ମୋର ନିଃସଙ୍ଗତା ଏବଂ ନିଷ୍କର୍ମତା ତାକୁ ଆଉରି ତୀବ୍ର କରିଦେଲା । ନିଭୃତତା ମଧ୍ୟରେ ପ୍ରେମ ମୋର ଉଦ୍ଦୀପିତ ହେବାକୁ ଲାଗିଲା ଏବଂ ମୋ ଉପରେ ତାହା ଏକ କ୍ରମବର୍ଦ୍ଧମାନ ବୋଝ ଭଳି ମନେ ହେଲା । ପୁସ୍ତକ ଅଧ୍ୟୟନ କରିବା ବା କବିତା ରଚନା ପ୍ରତି ଆଉ ଆଗ୍ରହ ହେଲା ନାହିଁ । ବିଷାଦ ମଧ୍ୟରେ ମୁଁ ବୁଡ଼ିଗଲି । ଭୟ ହେଲା, ମୁଁ ହୁଏତ ପାଗଳ ହୋଇଯିବି କିମ୍ବା ମଦ୍ୟାସକ୍ତ ହୋଇପଡ଼ିବି । କିନ୍ତୁ ତା'ପରେ ଏପରି ଏକ ଅପ୍ରତ୍ୟାଶିତ ଘଟଣା ଘଟିଲା, ଯା' ମୋର ସମସ୍ତ ଜୀବନକୁ ପ୍ରଭାବିତ କରିଦେଲା । ଏହି ଘଟଣାଟି ମୋ ଜୀବନରେ ଏକ ପ୍ରବଳ ଧକ୍କା ଦେଇଥିଲା ଏବଂ ସେ ଧକ୍କା ଥିଲା ମୋ ପକ୍ଷରେ ଶୁଭଙ୍କର ।

ଷଷ୍ଠ ପରିଚ୍ଛେଦ

ପୁଗାଶ୍ୱେଭ୍‌ଙ୍କ ବିଦ୍ରୋହ

"ଶୁଣ ହେ ତରୁଣଗଣ, କାନପାତି ଶୁଣ
ଆମ ଏହି ବୁଢ଼ାଙ୍କର ଯେତେକ ବୟାନ ।"

ପୁରାତନ ଗୀତ (୨୩)

ମୁଁ ସ୍ୱଚକ୍ଷୁରେ ଯେଉଁ ଅଦ୍‌ଭୁତ ଘଟଣାବଳୀ ଦେଖିଛି ସେ ସଂପର୍କରେ ବର୍ଣ୍ଣନା କରିବା ପୂର୍ବରୁ ମୋର ଏକ ଅବଶ୍ୟପାଳନୀୟ କର୍ତ୍ତବ୍ୟ ରହିଛି । ସେ କର୍ତ୍ତବ୍ୟଟି ହେଲା, ୧୭୭୩ ମସିହା ଶେଷ ଆଡ଼କୁ ଓରେନ୍‌ବୁର୍ଗ ପ୍ରଦେଶର ପରିସ୍ଥିତି ସଂପର୍କରେ କିଛି କହିବା ।

ଏହି ସୁବିସ୍ତୃତ ଓ ସମୃଦ୍ଧ ଅଞ୍ଚଳଟି ଥିଲା କେତେକ ଅର୍ଦ୍ଧସଭ୍ୟ ଜାତିଙ୍କର ବାସଭୂମି । ଖୁବ୍ ଅଳ୍ପଦିନ ପୂର୍ବେ ସେମାନେ ରୁଷ୍ ଜାର୍‌ଙ୍କର ଆନୁଗତ୍ୟକୁ ମାନି ନେଇଥିଲେ । ସେମାନେ ଅନବରତ ବିଦ୍ରୋହ କରୁଥିଲେ, ଆଇନ କାନୁନ୍ ଏବଂ ନାଗରିକ ଜୀବନ ସହିତ କୌଣସି ପ୍ରକାରେ ନିଜକୁ ଖାପ ଖୁଆଇ ନେଇପାରୁ ନଥିଲେ । ସେମାନଙ୍କର ସ୍ୱଭାବ ଥିଲା ଅପରିଣାମଦର୍ଶୀ, ନିଷ୍ଠୁର । ତେଣୁ ସେମାନଙ୍କୁ ଶାସନ କରିବା ପାଇଁ ସରକାରକୁ ସବୁବେଳେ ସତର୍କ ଦୃଷ୍ଟି ରଖିବାକୁ ପଡ଼ୁଥିଲା । ଆବଶ୍ୟକୀୟ ଉପଯୁକ୍ତ ସ୍ଥାନମାନଙ୍କରେ ଦୁର୍ଗସବୁ ଗଢ଼ାଯାଇଥିଲା, ସେସବୁ ଦୁର୍ଗରେ ରହୁଥିବା ସୈନ୍ୟମାନେ ଥିଲେ ମୁଖ୍ୟତଃ କସାକ୍, ଯେଉଁମାନେ ଦୀର୍ଘକାଳ ଧରି ଇଆଇକ୍ ନଦୀକୂଳରେ ବସବାସ କରୁଥିଲେ । କିନ୍ତୁ ଏହିସବୁ ଇଆଇକ୍ କସାକ୍ ସେ ଅଞ୍ଚଳରେ ଶାନ୍ତି ଆଉ ନିରାପତ୍ତା ବଜାଏ ରଖିବେ କ'ଣ, ନିଜେ ଅଶାନ୍ତ ପ୍ରଜାରେ ପରିଣତ ହୋଇ ସରକାର ପକ୍ଷରେ ବିପଦର କାରଣ ରୂପ ଦେଖା ଦେଇଥିଲେ । ୧୭୭୨ ମସିହାରେ ସେମାନଙ୍କର ପ୍ରଧାନ ଘାଟୀରେ ଏକ ବିଦ୍ରୋହ ଦେଖା ଦେଇଥିଲା । (୨୪) ଏହି ବିଦ୍ରୋହର କାରଣ ହେଲା ଲେଫ୍‌ଟନାଣ୍ଟ-ଜେନେରାଲ

ଟ୍ରାଉବେନ୍‌ବେର୍ଗଙ୍କ ଦ୍ୱାରା ପ୍ରବର୍ତ୍ତିତ କେତେକ କଡ଼ା ନିୟମ । ସୈନ୍ୟମାନଙ୍କୁ ଠିକ୍ ଭାବେ କର୍ତ୍ତୃତ୍ୱରେ ରଖିବା ପାଇଁ ସେ ସେସବୁ ପଦକ୍ଷେପ ଗ୍ରହଣ କରିଥିଲେ । ତା'ର ଫଳସ୍ୱରୂପ ଟ୍ରାଉବେନ୍‌ବେର୍ଗ ନୃଶଂସ ଭାବେ ନିହତ ହେଲେ ଏବଂ କସାକ୍‌ମାନଙ୍କ ପ୍ରଶାସନ ବ୍ୟବସ୍ଥାରେ କେତେକ ମନଇଛା ପରିବର୍ତ୍ତନ ଘଟିଥିଲା । ଶେଷକୁ ନିର୍ମମ ଦମନଲୀଳା ଆଉ ଶାସ୍ତି ଦ୍ୱାରା ବିଦ୍ରୋହକୁ ଦମନ କରିଦିଆଗଲା ।

ବେଲୋଗୋର୍ସ୍କ ଦୁର୍ଗରେ ମୁଁ ପହଞ୍ଚିବାର ଅଳ୍ପଦିନ ପୂର୍ବରୁ ଏସବୁ ଘଟଣା ଘଟିଥିଲା । ମୁଁ ପହଞ୍ଚିଲା ବେଳକୁ ଅବସ୍ଥା ଅବଶ୍ୟ ସଂପୂର୍ଣ୍ଣ ଶାନ୍ତ ହୋଇ ଯାଇଥାଏ, କିମ୍ବା ଅନ୍ତତଃ ବାହାରୁ ସେଇପରି ମନେ ହେଉଥାଏ । ଚତୁର ବିଦ୍ରୋହୀମାନଙ୍କର ତଥାକଥିତ ଅନୁତାପ ଉପରେ କର୍ତ୍ତୃପକ୍ଷ ଅତି ସହଜରେ ବିଶ୍ୱାସ କରି ଯାଇଥିଲେ । କିନ୍ତୁ ପ୍ରକୃତରେ ସେମାନଙ୍କ ମନରେ ଭୟଙ୍କର କ୍ରୋଧର ନିଆଁ ଜଳୁଥିଲା ଏବଂ ନୂତନ ବିଶୃଙ୍ଖଳା ସୃଷ୍ଟି କରିବା ପାଇଁ ସେମାନେ ସୁଯୋଗ ଖୋଜୁଥିଲେ ।

ଏଥର ମୋ କାହାଣୀଟି ଆରମ୍ଭ କରିବି ।

ଦିନେ ସନ୍ଧ୍ୟାବେଳେ (୧୭୭୩, ମସିହା ଅକ୍ଟୋବର ମାସ ଆରମ୍ଭରେ) ମୁଁ ଏକାକୀ ଘରେ ବସିଥାଏ । କାନପାତି ଶୁଣୁଥାଏ ଶାରଦ ପବନର ବିଳାପ ଆଉ ଝରକା ଦେଇ ଦେଖୁଥାଏ ଖଣ୍ଡିଖଣ୍ଡିକିଆ ମେଘ ଭିତରେ ଜହ୍ନର ଲୁଚକାଳି । ଏହି ସମୟରେ କିଏ ଜଣେ ଆସି ଖବର ଦେଲା, ମୋତେ ଗଡ଼ନାୟକ ଡାକୁଛନ୍ତି । ସଙ୍ଗେ ସଙ୍ଗେ ମୁଁ ଗଡ଼ନାୟକଙ୍କ ଘରକୁ ଛୁଟିଗଲି । ସେଠାରେ ପହଞ୍ଚି ଦେଖିଲି ଶ୍‌ଭାବ୍ରିନ୍, ଇଭାନ୍ ଇଗ୍‌ନାତିଚ୍ ଓ କସାକ୍ ସର୍ଜେଣ୍ଟ ଉପସ୍ଥିତ ଅଛନ୍ତି । ଭାସିଲିସା ୟେଗୋରୋଭ୍‌ନା କିମ୍ବା ମାରିୟା ଇଭାନୋଭ୍‌ନା କେହି ଘରେ ନଥାନ୍ତି । ଗଡ଼ନାୟକ ଅନ୍ୟମନସ୍କ ଭାବେ ମୋତେ ସମ୍ଭାଷଣ ଜଣାଇଲେ । ତା'ପରେ ଦୁଆର ବନ୍ଦ କରିଦେଇ ଆମ ସମସ୍ତଙ୍କୁ ବସିବାକୁ କହିଲେ । ସର୍ଜେଣ୍ଟ କିନ୍ତୁ ବସିଲେ ନାହିଁ, ଦୁଆର ପାଖରେ ଯାଇ ଛିଡ଼ା ହୋଇ ରହିଲେ । ପକେଟରୁ ଖଣ୍ଡେ କାଗଜ ବାହାର କରି ଗଡ଼ନାୟକ କହିଲେ, "ଆପଣମାନଙ୍କ ପାଇଁ ଅତୀବ ଗୁରୁତ୍ୱପୂର୍ଣ୍ଣ ଖବର ମୁଁ ରଖିଛି !

ଜେନେରାଲ କ'ଣ ଲେଖିଛନ୍ତି ଶୁଣନ୍ତୁ ।" ଏତକ କହି ସେ ଆଖିରେ ଚଷମା ପିନ୍ଧି ନିମ୍ନୋକ୍ତ ଚିଠିଟିକୁ ପଢ଼ିଲେ :

"କ୍ୟାପ୍‌ଟେନ୍ ମିରୋନୋଭ୍ ,
ବେଲୋଗୋର୍ସ ଗଡ଼ର ଗଡ଼ନାୟକ ।
(ଅତୀବ ଗୋପନୀୟ)

ଏତଦ୍ୱାରା ମୁଁ ଆପଣଙ୍କୁ ଜଣାଉଛି ଯେ, ଡନ୍ କସାକ୍ ଏବଂ ମତାନ୍ଧ (୨୫) ୟେମେଲ୍ୟାନ୍ ପୁଗାଚ୍ଚେଭ୍ ବନ୍ଦୀଶାଳାରୁ ପଳାୟନ କରିଛି ଏବଂ ନିଜକୁ ଭୂତପୂର୍ବ ସମ୍ରାଟ୍ ତୃତୀୟ ପିଟରଙ୍କ ନାମରେ ନାମିତ କରି ଅମାର୍ଜନୀୟ ଧୃଷ୍ଟତାର ପରିଚୟ ଦେଇଛି ।(୨୬) ଏକ ବିଶୃଙ୍ଖଳ ବିଦ୍ରୋହୀ ଦଳକୁ ସେ ତା'ର ନେତୃତ୍ୱରେ ସମାବିଷ୍ଟ କରାଇଛି । ଇଆଇକ୍ ଅଞ୍ଚଳର ଗ୍ରାମାଞ୍ଚଳରେ ଅସନ୍ତୋଷ ସୃଷ୍ଟି କରିଛି । ଇତିମଧ୍ୟରେ ଅନେକଗୁଡ଼ିଏ ଗଡ଼ ଅଧିକାର କରି ସେସବୁକୁ ସେ ଧୂଳିସାତ୍ କରିଦେଲଣି, ସର୍ବତ୍ର ଲୁଣ୍ଠନ ଆଉ ହତ୍ୟାଲୀଳା ଚଳାଇଛି । ତେଣୁ କ୍ୟାପ୍‌ଟେନ୍, ଆପଣଙ୍କ ପ୍ରତି ନିର୍ଦ୍ଦେଶ ହେଲା, ଯଦି ଆପଣଙ୍କ ଅଧୀନସ୍ଥ ଦୁର୍ଗ ଆକ୍ରାନ୍ତ ହୁଏ, ତେବେ ଉପରୋକ୍ତ ଅପରାଧୀ ଓ ଭଣ୍ଡକୁ ପ୍ରତିରୋଧ କରିବା ପାଇଁ ବା ସମ୍ଭବ ହେଲେ ସଂପୂର୍ଣ୍ଣ ଧ୍ୱଂସ କରିଦେବା ପାଇଁ ଅବିଳମ୍ବେ ଆବଶ୍ୟକୀୟ ପଦକ୍ଷେପମାନ ନେବେ ।"

"ଆବଶ୍ୟକୀୟ ପଦକ୍ଷେପମାନ ନେବେ !" ଚଷମା ଖୋଲି ଚିଠିଟିକୁ ଭାଙ୍ଗୁଭାଙ୍ଗୁ ଗଡ଼ନାୟକ କଥାଗୁଡ଼ିକୁ ପୁନରାବୃତ୍ତି କଲେ । "କହିବା ଯେତେ ସହଜ, କରିବା ସେତେ ନୁହେଁ ! ଏଥିରୁ ପରିଷ୍କାର ଜଣାଯାଉଛି ଦୁର୍ବୃତ୍ତ ଶକ୍ତିଶାଳୀ । ଆମ ଏଠି କସାକ୍‌ମାନଙ୍କୁ ବାଦ୍ ଦେଲେ ମାତ୍ର ଏକ ଶହ ତିରିଶ ଜଣ ସୈନ୍ୟ । କସାକ୍‌ମାନଙ୍କୁ ବାଦ୍ ଦେବାକୁ ପଡ଼ିବ, କାରଣ ସେମାନଙ୍କ ଉପରେ ନିର୍ଭର କରି ହେବ ନାହିଁ । ମାକ୍‌ସିମିଚ୍, ତମେ କିଛି ମନେ କରିବ ନି, ତମକୁ ମୁଁ କିଛି କହି ନି । (ସର୍ଜେଣ୍ଟଙ୍କ ମୁହଁରେ ମୃଦୁ ହସ ଫୁଟି ଉଠିଲା) କିନ୍ତୁ କୌଣସି ଅନ୍ୟ ଉପାୟ ନାହିଁ, ଭଦ୍ରମହୋଦୟଗଣ !

ପ୍ରତ୍ୟେକକୁ ଆଦର୍ଶ ଭାବେ କର୍ତ୍ତବ୍ୟ ପାଳନ କରିବାକୁ ପଡ଼ିବ, ଛାଉଣୀ ଚୌକି ଆଉ ରାତ୍ରି ପହରାର ବ୍ୟବସ୍ଥା କରିବାକୁ ହେବ । ଆକ୍ରମଣ ହେଲେ ଗଡ଼ ଦୁଆର ବନ୍ଦ କରିଦେଇ ସୈନ୍ୟମାନଙ୍କୁ ଜାଗ୍ରତ କରିଦେବାକୁ ପଡ଼ିବ । ଶୁଣ ମାକ୍‌ସିମିଚ୍, ତମର କାମ ହେବ କସାକ୍‌ମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିବା । କମାଣଟା ଠିକ୍ ଅଛି କି ନାହିଁ ଦେଖିବାକୁ ହେବ ଏବଂ ସେଟାକୁ ଭଲଭାବେ ପରିଷ୍କାର କରିନେବାକୁ ହେବ । ହଁ, ସବୁଠାରୁ ବଡ଼ କଥା ହେଲା – ଏସବୁ କଥା ଗୋପନ ରଖିବାକୁ ହେବ, ଗଡ଼ର କୌଣସି ଲୋକ ଯେପରି ଏସବୁର ଟେର୍ ନପାଏ ।"

ଏହିସବୁ ନିର୍ଦ୍ଦେଶ ପ୍ରଦାନ କରି ଇଭାନ୍ କୁଜ୍‌ମିଚ୍ ଆମମାନଙ୍କୁ ବିଦାୟ ଦେଲେ । ଶ୍‌ଭାବ୍ରିନ୍ ଏବଂ ମୁଁ ଏକାଠି ଘର ମଧ୍ୟରୁ ବାହାରିଲୁ । ସଦ୍ୟ ଶୁଣିଥିବା କଥାଗୁଡ଼ିକୁ ନେଇ ଆମେ ଆଲୋଚନା କରିବାକୁ ଲାଗିଲୁ । ମୁଁ ପଚାରିଲି, "ଏସବୁର ସମାପ୍ତି କିପରି ଘଟିବ, ତମେ କିଛି ଭାବୁଛ କି ?" ସେ ଉତ୍ତର ଦେଲା, "ଭଗବାନ କେବଳ ଜାଣନ୍ତି ! ଦେଖାଯାଉ କ'ଣ ହେଉଛି । ଏପର୍ଯ୍ୟନ୍ତ ଘଟଣାଟା ଅବଶ୍ୟ ଖୁବ୍ ଭୟଙ୍କର ମନେ ହେଉନି । ତେବେ ଯଦି..." କଥା ଶେଷ ନକରି ଅନ୍ୟମନସ୍କ ଭାବେ ଏକ ଫରାସୀ ପ୍ରେମଗୀତର ସ୍ୱର ଉପରେ ସୁସୁରି ବଜାଉ ବଜାଉ ଏକ ଗଭୀର ଚିନ୍ତାରେ ସେ ହଜିଗଲା ।

ଆମର ସମସ୍ତ ସତର୍କତା ସତ୍ତ୍ୱେ ପୁଗାଚ୍ଚେଭ୍‌ର ଆବିର୍ଭାବ ଖବର ଗଡ଼ ସାରା ପ୍ରଘଟ ହୋଇଗଲା । ଇଭାନ୍ କୁଜ୍‌ମିଚ୍ ନିଜ ସ୍ତ୍ରୀଙ୍କୁ ଯେତେ ସମ୍ମାନ କଲେ ବି ସାମରିକ ପ୍ରୟୋଜନ ଦୃଷ୍ଟିରୁ ତାଙ୍କ ନିକଟକୁ ଆସିଥିବା କୌଣସି ଗୋପନ ସଂବାଦ ପୃଥିବୀ ରସାତଳକୁ ଗଲେ ମଧ୍ୟ ସ୍ତ୍ରୀଙ୍କୁ କୁହନ୍ତି ନାହିଁ । ଜେନେରାଲଙ୍କ ଚିଠିଟି ପାଇଲା ପରେ ଅତି କୌଶଳର ସହିତ ସେ ଭାସିଲିସା ୟେଗୋରୋଭ୍‌ନାଙ୍କୁ ଅନ୍ୟତ୍ର ପଠାଇ ଦେଇଥିଲେ । ତାଙ୍କୁ କହିଥିଲେ, ପାଦ୍ରି ଗେରାସିମ୍ ଓରେନ୍‌ବୁର୍ଗରୁ କେତେକ ଆଶ୍ଚର୍ଯ୍ୟଜନକ ସଂବାଦ ପାଇଛନ୍ତି ଏବଂ ସେସବୁ ସଂବାଦ ସେ କାହା ପାଖରେ ପ୍ରକାଶ କରୁ ନାହାନ୍ତି । ସ୍ୱାମୀଙ୍କଠାରୁ ଏତକ ଶୁଣିଲା କ୍ଷଣି ଭାସିଲିସା ୟେଗୋରୋଭ୍‌ନା ପାଦ୍ରିଙ୍କ ସ୍ତ୍ରୀ ସହିତ ସାକ୍ଷାତ୍ କରିବା ପାଇଁ ସଙ୍ଗେ ସଙ୍ଗେ ଯିବାକୁ ପ୍ରସ୍ତୁତ ହୋଇଗଲେ । ଜେନେରାଲ ତାଙ୍କୁ

ପରାମର୍ଶ ଦେଲେ, ମାଶାକୁ ସାଙ୍ଗରେ ନେଇଯିବା ପାଇଁ । କାରଣ ଘରେ ତାକୁ ଏକାକୀ ଭଲ ଲାଗିବ ନାହିଁ ।

ମା ଝିଅ ବାହାରିଗଲା ପରେ ଇଭାନ୍ କୁଜ୍‌ମିଚ୍ ଘରେ ସର୍ବମୟ କର୍ତ୍ତା ହୋଇଗଲେ ଏବଂ ସଙ୍ଗେ ସଙ୍ଗେ ଆମକୁ ଡକେଇ ପଠାଇଲେ । ଆମ କଥାବାର୍ତ୍ତା ପାଲାଶ୍‌କା ନ ଶୁଣିବା ପାଇଁ ସେ ତାକୁ ଏକ କୋଠରୀ ମଧ୍ୟରେ ତାଲା ଦେଇ ବନ୍ଦ କରି ଦେଇଥିଲେ ।

ଏଣେ ଭାସିଲିସା ୟେଗୋରୋଭ୍‌ନା କିନ୍ତୁ ପାଦ୍ରିଙ୍କ ସ୍ତ୍ରୀଙ୍କ ପେଟରୁ କୌଣସି ଖବର ବାହାର କରି ପାରିଲେ ନାହିଁ । ଘରକୁ ଫେରି ଆସି ଜାଣିପାରିଲେ ଯେ, ତାଙ୍କ ଅନୁପସ୍ଥିତିରେ ଇଭାନ୍ କୁଜ୍‌ମିଚ୍ ଯୁଦ୍ଧ ପରିଷଦର ବୈଠକ ଡାକିଥିଲେ । ଏହି ବୈଠକ ଚାଲିଥିଲା ବେଳେ ପାଲାଶ୍‌କାକୁ କୋଠରୀ ଭିତରେ ତାଲା ବନ୍ଦ କରି ରଖାଯାଇଥିଲା । ସ୍ୱାମୀ ତାଙ୍କୁ ବୋକା ବନେଇଛନ୍ତି ବୋଲି ବୁଝିବାକୁ ତାଙ୍କୁ ଅସୁବିଧା ହେଲା ନାହିଁ । ତା'ପରେ ସେ ସ୍ୱାମୀଙ୍କୁ ଗୁଡ଼େଇ ତୁଡ଼େଇ ପ୍ରଶ୍ନ କରିବାକୁ ଆରମ୍ଭ କରିଦେଲେ । ଏହି ଧରଣର ଏକ ଆକ୍ରମଣ ପାଇଁ ଇଭାନ୍ କୁଜ୍‌ମିଚ୍ ପ୍ରସ୍ତୁତ ଥିଲେ । ତେବେ କୌତୂହଳୀ ଜୀବନସଙ୍ଗିନୀର ପ୍ରଶ୍ନରାଜି ଦ୍ୱାରା ବିଚଳିତ ନହୋଇ ସେ ଫଟଫାଟ ଜବାବ ଦେଇଦେଲେ । କହିଲେ, "ଘଟଣା କ'ଣ ଜାଣିଛ ମାଶା ମା, ଆମ ଏଠାକାର ସ୍ତ୍ରୀଲୋକମାନଙ୍କ ମୁଣ୍ଡରେ ହଠାତ୍ ଏକ ଝୁଙ୍କ ଉଠିଛି । ସେମାନେ ସମସ୍ତେ କୁଟାରେ ଘର ଉଷୁମକରା ଚୁଲୀ ଜଳଉଛନ୍ତି । ଏହା ଦ୍ୱାରା ହଠାତ୍ ଏକ ବିପର୍ଯ୍ୟୟ ଘଟି ଯାଇପାରେ । ତେଣୁ ମୁଁ କଡ଼ା ନିର୍ଦ୍ଦେଶ ଦେଇଛି, ଭବିଷ୍ୟତରେ କେହି ଯେମିତି କୁଟା ଦେଇ ଘର ଉଷୁମକରା ଚୁଲୀ ନଜଳାନ୍ତି । ଗଛର ଡାଳ ବା କଣ୍ଟାଗଛକୁ ଶୁଖାଇ କେବଳ ଜାଳିବାକୁ ହେବ ।" ତା'ପରେ ଗଡ଼ନାୟକଙ୍କ ସ୍ତ୍ରୀ ପଚାରିଲେ, "ଏହାହିଁ ଯଦି ହୋଇଥାଏ ତେବେ ପାଲାଶ୍‌କାକୁ ବନ୍ଦ କରି ରଖିବାର କ'ଣ ଆବଶ୍ୟକ ଥିଲା ? ଆମେ ଫେରି ଆସିଲା ଯାଏ ବିଚାରୀଟି କୋଠରୀ ମଧ୍ୟରେ ଅଟକି ରହିଥିଲା କାହିଁକି ?" ଗଡ଼ନାୟକ ଏହି ପ୍ରଶ୍ନଟିର ଉତ୍ତର ଦେବା ପାଇଁ ପ୍ରସ୍ତୁତ ନଥିଲେ । ବିଡ଼ିବିଡ଼ି ହୋଇ କ'ଣ ଉତ୍ତର ଦେଲେ, ଯେଉଁଥିରେ କୌଣସି ଅର୍ଥ ନଥିଲା । ଭାସିଲିସା ୟେଗୋରୋଭ୍‌ନା ସ୍ୱାମୀଙ୍କର

ଏହି ଦୋଫାଙ୍କିଆ କଥା ମଧ୍ୟରେ କିଛି ରହସ୍ୟ ଅଛି ବୋଲି ବୁଝିପାରିଲେ । ତା'ଛଡ଼ା ସେ ବୁଝିପାରିଲେ ଯେ, ସ୍ୱାମୀଙ୍କଠାରୁ ପ୍ରକୃତ କଥାଟାକୁ ସେ ଆଦାୟ କରିପାରିବେ ନାହିଁ । ତେଣୁ ଆଉ କୌଣସି ପ୍ରଶ୍ନ ନପଚାରି ସେ ପ୍ରସଙ୍ଗଟା ବଦଳେଇ ଦେଲେ । ଆକୁଲିନା ପାମ୍‌ଫିଲେଭ୍‌ନା ସଂପୂର୍ଣ୍ଣ ଏକ ବିଶେଷ ପଦ୍ଧତିରେ କାକୁଡ଼ି ଆଚାର କରିଛନ୍ତି ବୋଲି ସେ ବର୍ଣ୍ଣନା କରିବାକୁ ଆରମ୍ଭ କରିଦେଲେ । କିନ୍ତୁ ରାତି ସାରା ତାଙ୍କ ଆଖିକୁ ନିଦ ଆସିଲା ନାହିଁ । କେବଳ ଭାବିବାକୁ ଲାଗିଲେ, ଏମିତି କ'ଣ କଥା ଥାଇ ପାରେ, ଯାହାକୁ ତାଙ୍କ ସ୍ୱାମୀ ଜାଣନ୍ତି, ଅଥଚ ତାଙ୍କୁ କହୁ ନାହାନ୍ତି । ସେ କିନ୍ତୁ କିଛି ଅନୁମାନ କରି ପାରିଲେ ନାହିଁ ।

ତହିଁଆରଦିନ ସକାଳେ ଗିର୍ଜାରୁ ଫେରିଲା ବେଳେ ସେ ଲକ୍ଷ୍ୟ କଲେ, ଇଭାନ୍ ଇଗ୍‌ନାଟିଚ୍ କମାଣର ନଳୀ ଭିତରେ ପଶିଥିବା ଛିଡ଼ା କନା, ଗୋଡ଼ି, ପଥର, ଟୁକୁରା ଟୁକୁରା ହାଡ଼ ଏବଂ ପିଲାମାନେ ଖେଳିଲା ବେଳେ ତା ମଧ୍ୟରେ ପୂରେଇଥିବା ଅଳିଆକୁ ପରିଷ୍କାର କରୁଛନ୍ତି । "ଏ କ'ଣ ? ଯୁଦ୍ଧ ପାଇଁ ପ୍ରସ୍ତୁତି କ'ଣ ଏସବୁର କାରଣ ହୋଇପାରେ ?" ଗଡ଼ନାୟକଙ୍କ ପତ୍ନୀ ନିଜକୁ ନିଜେ ପ୍ରଶ୍ନ କଲେ । "କିର୍‌ଘିଜ୍‌ମାନେ ଗଡ଼ ଆକ୍ରମଣ କରିବେ ବୋଲି ସେମାନେ କ'ଣ ଭାବୁଛନ୍ତି? କିନ୍ତୁ ଏଭଳି ଏକ ସାମାନ୍ୟ ତୁଚ୍ଛ ଖବରକୁ ମୋଠାରୁ ଇଭାନ୍ କୁଜ୍‌ମିଚ୍ କାହିଁକି ବା ଗୋପନ ରଖିବେ ?" ଖବର ଜାଣିବା ପାଇଁ ନାରୀସୁଲଭ କୌତୂହଳ ତାଙ୍କୁ ଅସ୍ଥିର କରି ପକାଇଲା । ଯେକୌଣସି ପ୍ରକାରେ ଖବର ଜାଣିବା ପାଇଁ ଦୃଢ଼ ସିଦ୍ଧାନ୍ତ ନେଇ ସେ ସ୍ୱାମୀଙ୍କ ସହିତ କଥା ଆରମ୍ଭ କରିଦେଲେ ।

ଆସାମୀକୁ ଅସତର୍କ କରିଦେବା ପାଇଁ ହାକିମ ଯେପରି ମୂଳ ଖବର ସହିତ ସଂପର୍କ ନଥିବା ଗୋଟିଏ ଦୁଇଟି ପ୍ରଶ୍ନ ପଚାରି ଜେରା କରନ୍ତି, ସେଇପରି ଭାସିଲିସା ୟେଗୋରୋଭ୍‌ନା ପ୍ରଥମେ ଘରୋଇ କାମଦାମ ବିଷୟରେ କେତେକ କଥା ଉଠାଇଲେ । ତା'ପରେ କ୍ଷଣକ ପାଇଁ ନିରବ ରହି ଗଭୀର ଦୀର୍ଘଶ୍ୱାସ ପକାଇ ମୁଣ୍ଡ ହଲେଇ କହି ଉଠିଲେ, "ହେ ଭଗବାନ ! କି ଭୟଙ୍କର ଖବର, କ'ଣ ଯେ ହେବ ?"

"ମାଶା ମା, ଦୁଶ୍ଚିନ୍ତା କରିବାର କୌଣସି କାରଣ ନାହିଁ", ଇଭାନ୍ ଇଗ୍ନାତିଚ୍ ଉତ୍ତର ଦେଲେ । "ଭଗବାନ ହେଉଛନ୍ତି କରୁଣାମୟ । ଆମର ଅସଂଖ୍ୟ ସୈନ୍ୟସାମନ୍ତ ଅଛନ୍ତି, ଗୋଳାବାରୁଦ ମଧ୍ୟ ଯଥେଷ୍ଟ । ହେଇ ଦେଖୁଛ, ମୁଁ କମାଣଟାକୁ କେମିତି ପରିଷ୍କାର କରିଦେଲିଣି । ମନେ ହେଉଛି ଆମେ ପୁଗାଚ୍ଚେଭ୍‌କୁ ଖତମ ଦେଇ ପାରିବା । ପ୍ରଭୁଙ୍କର ଦୟା ହେଲେ ଆମର କିଛି ଦୁର୍ଗତି ହେବ ନାହିଁ !"

"ଆଚ୍ଛା, ଏହି ପୁଗାଚ୍ଚେଭ୍‌ଟି କିଏ କୁହତ ?" ଭାସିଲିସା ୟେଗୋରୋଭ୍‌ନା ପଚ୍ଚରିଲେ ।

ଗୋପନ କଥାଟିକୁ ପ୍ରକାଶ କରି ପକାଇଥିବାରୁ ଇଭାନ୍ ଇଗ୍ନାତିଚ୍ ଜିଭ କାମୁଡ଼ି ପକାଇଲେ । କିନ୍ତୁ କିଛି କରିବାର ଉପାୟ ନଥିଲା । ଭାସିଲିସା ୟେଗୋରୋଭ୍‌ନାଙ୍କ ଚାପରେ ପଡ଼ି ସେ ତାଙ୍କୁ ସମସ୍ତ କଥା କହିବାକୁ ବାଧ୍ୟ ହେଲେ । ସେ ପ୍ରତିଜ୍ଞା କଲେ – କାହା ପାଖରେ ଏସବୁ କଥା ପ୍ରକାଶ କରିବେ ନାହିଁ ।

ଭାସିଲିସା ୟେଗୋରୋଭ୍‌ନା ତାଙ୍କ ପ୍ରତିଜ୍ଞା ରକ୍ଷା କରିଥିଲେ ବୋଲି କହିବାକୁ ହେବ । ପାଦ୍ରିଙ୍କ ସ୍ତ୍ରୀଙ୍କ ବ୍ୟତୀତ ଅନ୍ୟ କାହାରି ପାଖରେ ସେ ପଦେ ହେଲେ କହି ନଥିଲେ । ତାଙ୍କୁ ମଧ୍ୟ ସେ କେବଳ ଏଇଥି ପାଇଁ କହିଥିଲେ ଯେ, ପାଦ୍ରିଙ୍କ ଗାଈଟା ଷ୍ଟେପୀ ଭୂଇଁରେ କେଉଁଠି ଚରୁଥିଲା, କାଳେ ବଦମାସଗୁଡ଼ାକ ସେଟାକୁ ଧରିନେଇ ପଳାଇଯିବେ ।

ତା'ପରେ ସମସ୍ତେ ପୁଗାଚ୍ଚେଭ୍ ବିଷୟରେ କୁହାକୁହି ହେବାକୁ ଲାଗିଲେ । ଚାରି ଆଡ଼େ ବିଭିନ୍ନ ରକମର ଗୁଜବ ଖେଳିଗଲା । ଗଡ଼ନାୟକ କସାକ୍ ସର୍ଜେଣ୍ଟକୁ ପଠେଇଥିଲେ ଆଖପାଖରେ ଥିବା ଗାଁ ଆଉ ଦୁର୍ଗସମୂହକୁ । ଚାରିଆଡ଼ର ଅବସ୍ଥା ସଂପର୍କରେ ସାଧ୍ୟମୁତାବକ ଖବର ଅନ୍ତର ନେଇ ଆସିବାକୁ ତାକୁ କହିଥିଲେ । ସର୍ଜେଣ୍ଟ ଦୁଇ ଦିନ ମଧ୍ୟରେ ଫେରି ଆସି ଜଣାଇଲେ ଯେ, ଦୁର୍ଗଠାରୁ ପ୍ରାୟ ଷାଠିଏ କିଲୋମିଟର ଦୂରରେ ଷ୍ଟେପୀ ଭୂଇଁରେ ଶିବିରାଗ୍ନି ଜଳୁଥିବାର ସେ ଦେଖିଛନ୍ତି । ବାଶ୍‌କିର୍‌ମାନେ ତାଙ୍କୁ କହିଛନ୍ତି ଯେ, ଏକ ବିରାଟ ସେନାବାହିନୀ ମାର୍ଚ୍ଚ କରି ଆଗେଇ ଆସୁଛନ୍ତି । ତେବେ ସେ ନିର୍ଦ୍ଦିଷ୍ଟ ଭାବେ କିଛି କହିପାରିଲେ ନାହିଁ, କାରଣ ଆଉ ବେଶି ଦୂରକୁ ଆଗେଇ ଯିବାକୁ ତାଙ୍କର ସାହସ ପାଇଲା ନାହିଁ ।

ଗଡ଼ ମଧ୍ୟରେ ଥିବା କସାକ୍‌ମାନଙ୍କ ମଧ୍ୟରେ ଅସ୍ୱାଭାବିକ ଉତ୍ତେଜନା ଦେଖିବାକୁ ମିଳିଲା । ସେମାନେ ରାସ୍ତାମାନଙ୍କରେ ଦଳ ଦଳ ହୋଇ ଫୁସ୍‌ଫୁସ୍ କଥା ହେଉଥିଲେ । ଡ୍ରାଗୁନ୍ (୨୭) କିମ୍ବା ଛାଉଣୀର ସୈନ୍ୟଙ୍କୁ ଦେଖିଲେ ଅପସରି ଯାଉଥିଲେ । ସେମାନଙ୍କ ମଧ୍ୟକୁ ଦଳେ ଗୁଇନ୍ଦାଙ୍କୁ ପଠାଯାଇଛି । ଖ୍ରୀଷ୍ଟିଆନ୍ ଧର୍ମ ଗ୍ରହଣ କରିଥିବା ୟୁଲଇ ନାମକ ଗୁଇନ୍ଦାଟି ଗଡ଼ନାୟକଙ୍କୁ କେତେକ ଗୁରୁତ୍ୱପୂର୍ଣ୍ଣ ଖବର ଆଣି ଦେଇଛି । ୟୁଲଇର ମତାନୁଯାୟୀ ସର୍ଜେଣ୍ଟ ଦେଇଥିବା ଖବରସବୁ ମିଥ୍ୟା । ଏହି ଧୂର୍ତ୍ତ କସାକ୍‌ଟି ଫେରି ଆସି ତାଙ୍କ ସାଙ୍ଗ ସାଥୀମାନଙ୍କୁ କହିଛନ୍ତି ଯେ, ସେ କାଳେ ବିଦ୍ରୋହୀମାନଙ୍କ ଶିବିରକୁ ଯାଇଥିଲେ । ଏପରିକି ବିଦ୍ରୋହର ନେତାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ବି ତାଙ୍କର ହୋଇଛି । ବିଦ୍ରୋହର ନେତା କାଳେ ଚୁମ୍ବନ କରିବା ପାଇଁ ତାଙ୍କ ହାତଟିକୁ ବଢ଼ାଇ ଦେଇଥିଲେ ଏବଂ ଅନେକ ସମୟ ଯାଏ ଆଳାପ ଆଲୋଚନା କରିଥିଲେ । ଗଡ଼ନାୟକ ସଙ୍ଗେ ସଙ୍ଗେ ସର୍ଜେଣ୍ଟଙ୍କୁ ପହରା ଘରେ ଅଟକ କଲେ ଏବଂ ୟୁଲଇକୁ ତାଙ୍କ ଜାଗାରେ ନିଯୁକ୍ତି ଦେଲେ । କସାକ୍‌ମାନଙ୍କ ପାଖରେ ଏହି ଖବରଟି ପହଞ୍ଚିଲା କ୍ଷଣି ସେମାନେ ଅସନ୍ତୁଷ୍ଟ ହେବାର ଦେଖାଗଲା । ସେମାନେ ପ୍ରକାଶ୍ୟରେ ମନର ଅସନ୍ତୋଷକୁ ଘୋଷଣା କଲେ । ଗଡ଼ନାୟକଙ୍କ ନିର୍ଦ୍ଦେଶ ପାଳନ କରିବାକୁ ଯାଇ ଇଭାନ୍ ଇଗ୍ନାତିଚ୍ ନିଜ କାନରେ ଶୁଣି ଆସିଲେ ଯେ, ସେମାନେ କହୁଛନ୍ତି, "ଆରେ ଗଡ଼ ମୂଷା ! ଏହା ପରେ ତୋ'ରି ପାଳି ।" ସେଇ ଦିନ ବନ୍ଦୀକୁ ଜେରା କରିବା ପାଇଁ ଗଡ଼ନାୟକଙ୍କର ଇଚ୍ଛା ହୋଇଥିଲା, କିନ୍ତୁ ଦେଖାଗଲା ସର୍ଜେଣ୍ଟ ପହରାଘରୁ ପଳେଇ ଯାଇଛନ୍ତି । ତାଙ୍କ ଦଳର ଲୋକମାନେ ତାଙ୍କୁ ପଳାଇ ଯିବାରେ ଯେ ସାହାଯ୍ୟ କରିଥିଲେ ଏଥିରେ ସନ୍ଦେହ ନାହିଁ ।

ଇତିମଧ୍ୟରେ ଆଉ ଏକ ନୂଆ ଘଟଣା ଗଡ଼ନାୟକଙ୍କ ଉଦ୍‌ବେଗକୁ ଆଉରି ବଢ଼ାଇଦେଲା । ଉତ୍ତେଜନାକର ଭାଷାରେ ଲିଖିତ କେତେକ ପ୍ରଚାରପତ୍ର ସମେତ ଧରା ପଡ଼ିଗଲା ଜଣେ ବାଶ୍‌କିର୍ । (୨୮) ଏହା ପରେ ଦୁର୍ଗର

ଅଫିସରମାନଙ୍କୁ ପୁଣି ଡକେଇ ପଠାଇବାକୁ ଗଡ଼ନାୟକ ସ୍ଥିର କଲେ । ଏବଂ ତାଙ୍କୁ ପୁଣି ଏକ ଫିକର ପାଞ୍ଚିବାକୁ ପଡ଼ିଲା ଭାସିଲିସା ୟେଗୋରୋଭ୍‌ନାଙ୍କୁ କୌଣସି ଏକ ସୁବିଧାଜନକ ଆଳରେ ବାହାରକୁ ପଠାଇ ଦେବା ପାଇଁ । କିନ୍ତୁ ଇଭାନ୍ କୁଜ୍‌ମିଚ୍ ମଣିଷ ହିସାବରେ ସାଦାସିଧା ଏବଂ ସତ୍ୟ ପରାୟଣ ଥିଲେ । ତେଣୁ ଏଥରକ ମଧ୍ୟ ଅନ୍ୟ କୌଣସି ଉପାୟ ଚିନ୍ତା ନକରି ପାରି ଆଗଥର ଯେଉଁ ଉପାୟଟି ପ୍ରୟୋଗ କରିଥିଲେ ତାକୁ ଅନୁସରଣ କଲେ ।

"ଶୁଣୁଛ ମାଶା ମା , ପାଦ୍ରି ଗେରାସିମ୍‌ଙ୍କ ପାଖକୁ କାଲେ ଖବର ଆସିଛି ..." ଗଳା ପରିଷ୍କାର କରି ନେଇ ସେ କହିଲେ । ଗଡ଼ନାୟକଙ୍କ କଥାରେ ବାଧା ଦେଇ ଭାସିଲିସା ୟେଗୋରୋଭ୍‌ନା କହିଲେ , "ଥାଉ ଅନେକ ହୋଇଯାଇଛି , ଆଉ ମିଛ କଥା କହି ଲାଭ ନାହିଁ । ତମେ ଚାହୁଁଛ ମୋତେ ବାହାରକୁ ପଠେଇ ଦେଇ ଯୁଦ୍ଧ ପରିଷଦର ବୈଠକ ଡାକିବ ଏବଂ ୟେମେଲ୍ୟାନ୍ ପୁଗାଚେଭ୍ ବିଷୟରେ ଆଲୋଚନା କରିବ । ଏଥର ମୋତେ ଏତେ ସହଜରେ ବୋକା ବନେଇ ପାରିବ ନାହିଁ , କହୁଛି ।" ଆଖି ଦୁଇଟି ମେଲା କରି ଗଡ଼ନାୟକ କହିଉଠିଲେ , "ଭାସିଲିସା ୟେଗୋରୋଭ୍‌ନା , ମୁଁ ଦେଖୁଛି, ତମେ ସବୁ ଜାଣି ସାରିଲେଣି । ତମର ଯଦି ଇଚ୍ଛା ହେଉଛି ତମେ ରହିପାର । ତମ ଆଗରେ ଆମେ ସବୁ କଥା ଆଲୋଚନା କରିବୁ ।" ଭାସିଲିସା ୟେଗୋରୋଭ୍‌ନା ଉତ୍ତର ଦେଲେ , "ତାହା ହିଁ ଭଲ ହେବ । ଅନ୍ୟର ଆଖିରେ ଧୂଳି ଦେବାର କାଇଦା ତମକୁ ଭଲକରି ଜଣା ନାହିଁ । ଏଥର ଅଫିସରମାନଙ୍କୁ ଡାକି ପଠାଅ ।"

ଆମେ ପୁଣି ଏକତ୍ର ହେଲୁ । ସ୍ତ୍ରୀଙ୍କ ଆଗରେ ଇଭାନ୍ କୁଜ୍‌ମିଚ୍ ବଡ଼ ପାଟି କରି ପୁଗାଚେଭ୍‌ର ଇସ୍ତାହାର ପଢ଼ିଲେ । ଶୁଣି ମନେ ହେଲା ଇସ୍ତାହାରଟି ଜଣେ ଅର୍ଦ୍ଧଶିକ୍ଷିତ କସାକ୍‌ର ଲେଖା । ଇସ୍ତାହାରଟିରେ ସଇତାନଟା ତା'ର ଉଦ୍ଦେଶ୍ୟ ଘୋଷଣା କରିଥିଲା – ଅବିଳମ୍ବେ ସେ ଆମ ଗଡ଼ ଆକ୍ରମଣ କରିବ । କସାକ୍‌ମାନଙ୍କୁ ଏବଂ ସୈନ୍ୟମାନଙ୍କୁ ଆହ୍ୱାନ ଦେଇଥିଲା , ତା ଦଳରେ ଯୋଗ ଦେବା ପାଇଁ । ଅଫିସରମାନଙ୍କୁ ସେ ପରାମର୍ଶ ଦେଇଥିଲା , ମୃତ୍ୟୁ ପ୍ରତି ଭୟ ଥିଲେ ସେମାନେ ବିରୋଧ କରିବେ ନାହିଁ । ଆବେଦନ ପତ୍ରଟିର ଭାଷା ଅମାର୍ଜିତ ହେଲେ ବି ଅତୀବ ଓଜସ୍ୱିନୀ ଥିଲା । ସାଧାରଣ

ମଣିଷର ମନରେ ଭୟଙ୍କର ପ୍ରତିକ୍ରିୟା ସୃଷ୍ଟି କରିବା ଉଦ୍ଦେଶ୍ୟରେ ତାହା ଲେଖା ହୋଇଥିଲା ।

"ବଦମାସ !" ଗଡ଼ନାୟକଙ୍କ ପତ୍‌ନୀ ମନ୍ତବ୍ୟ କରି କହିଲେ । "ଲୋକଟାର କି ଦୁଃସାହସ , ଆମକୁ ଏହିସବୁ ପ୍ରସ୍ତାବ ଲେଖି ପଠାଇଛି ! ଆମେ ଯେମିତି ଏଇକ୍ଷଣି ଯାଇ ତା ପାଦ ତଳେ ନିଶାଣ ପକାଇ ଦେଇ ତାକୁ ସ୍ୱାଗତ ଜଣାଇବୁ । (୨୯) କୁତୀକା ବଚ୍ଚା ! ସେ କ'ଣ ଜାଣେ ନାହିଁ ଯେ , ଆମେ ଚାଳିଶ ବର୍ଷ ଧରି ପଲଟଣରେ ଅଛୁ ଏବଂ ଭଗବାନଙ୍କ ଦୟାରୁ ଅନେକ କିଛି ଦେଖିଛୁ ? ଏମିତି କେହି ସେନାପତି ଅଛି , ଯିଏ ଗୋଟିଏ ବଦମାସର କଥା ପ୍ରତି କାନ ଦେବ !"

"କେବେ ନୁହେଁ" , ଇଭାନ୍ କୁଜ୍‌ମିଚ୍ ସଙ୍ଗେ ସଙ୍ଗେ ଉତ୍ତର ଦେଲେ । "କିନ୍ତୁ ଶୁଣିବାକୁ ମିଳୁଛି ସଇତାନଟା କାଳେ ଅନେକଗୁଡ଼ାଏ ଦୁର୍ଗ ଦଖଲ କରିନେଲାଣି ।"

"ତା ଅର୍ଥ ଲୋକଟା ପ୍ରକୃତରେ ଶକ୍ତିଶାଳୀ" , ଶ୍‌ଭାବ୍ରିନ୍ ମନ୍ତବ୍ୟ କଲା ।

"ତା'ର ଶକ୍ତି କେତେ ଆମେ ଶୀଘ୍ର ଜାଣି ପାରିବା" , ଗଡ଼ନାୟକ କହିଲେ , "ଭାସିଲିସା ୟେଗୋରୋଭ୍‌ନା ଅମ୍ବାରର ଚାବିଟା ମୋତେ ଦିଅ ତ । ଇଭାନ୍ ଇଗ୍‌ନାତିଚ୍ , ସେ ବାଶ୍‌କିର୍‌ଟାକୁ ଏଠିକି ଧରିଆଣ ଏବଂ ୟୁଲାଇକୁ କୁହ ସେ ତା ଚାବୁକଟା ନେଇ ଆସିବ ।"

"ଟିକିଏ ଅପେକ୍ଷା କର ଇଭାନ୍ କୁଜ୍‌ମିଚ୍" , ଭାସିଲିସା ୟେଗୋରୋଭ୍‌ନା ନିଜ ଆସନରୁ ଉଠୁ ଉଠୁ କହିଲେ । "ପ୍ରଥମେ ମାଶାକୁ ମୁଁ ଘର ବାହାରେ ଛାଡ଼ି ଦେଇ ଆସେ । ନ ହେଲେ ଚିତ୍କାର ଶୁଣି ସେ ହୁଏତ ଭୟ ପାଇଯିବ । କିନ୍ତୁ ସତ କହିବାକୁ ଗଲେ , ମୁଁ ନିଜେ ତମମାନଙ୍କର ସେସବୁ ତଦନ୍ତ ଫଦନ୍ତକୁ ମୋଟେ ପସନ୍ଦ କରେ ନାହିଁ । ହେଉ , ତମମାନଙ୍କ ମନୋବାଞ୍ଛା ଭଗବାନ ପୂରଣ କରନ୍ତୁ !"

ପୂର୍ବକାଳରେ ଆଇନଗତ ଦଣ୍ଡଦାନ କ୍ଷେତ୍ରରେ ଦୈହିକ ଅତ୍ୟାଚାର କରିବାଟା ଏକ ବିଶେଷ ଅଙ୍ଗ ଥିଲା । ଏହାର ପ୍ରୟୋଗ ଏତେ ଦୃଢ଼ ଥିଲା ଯେ , ତାହାକୁ ଲୋପ କରିବା ପାଇଁ ଯେଉଁ ସଦୟ ଆଇନ ଜାରି ହୋଇଥିଲା ,

ତାହା ଅନେକ କାଳ ଯାଏ କାର୍ଯ୍ୟକାରୀ ହୋଇ ପାରି ନଥିଲା । ଲୋକଙ୍କର ଧାରଣା ଥିଲା, ଅପରାଧୀକୁ ନିଶ୍ଚିତ ରୂପେ ନିଜ ମୁହଁରେ ଦୋଷ ସ୍ୱୀକାର କରିବାକୁ ହେବ, ନହେଲେ ଦୋଷ ପୂରାମାତ୍ରାରେ ପ୍ରକାଶ ପାଇବ ନାହିଁ । ଏହି ଧାରଣା ଯେ କେବଳ ଯୁକ୍ତିହୀନ ତା ନୁହେଁ, ଯୁକ୍ତିସମ୍ମତ ଅଦାଲତୀ ବିଚାରର ବିରୋଧୀ ମଧ୍ୟ । କାରଣ, ଆସାମୀ ଦ୍ୱାରା ଦୋଷ ଅସ୍ୱୀକାର କରିବାକୁ ଯଦି ତା'ର ନିର୍ଦ୍ଦୋଷିତାର ପ୍ରମାଣ ବୋଲି ଧରା ନଯାଏ, ତେବେ ଆସାମୀ ଦ୍ୱାରା ଦୋଷ ସ୍ୱୀକାର କରିବା ମଧ୍ୟ ତାକୁ ଦୋଷୀ ବୋଲି ସାବ୍ୟସ୍ତ କରିବା ପାଇଁ ଯୁକ୍ତି ରୂପେ ଆଉରି କମ୍ ଗ୍ରହଣଯୋଗ୍ୟ ହେବ । ଏବେ ବି ବେଳେବେଳେ ଏପରି କେତେକ ପୁରୁଣା ଅମଳର ବିଚାରପତିମାନଙ୍କ ସହିତ ମୋର ଦେଖାହୁଏ, ଯେଉଁମାନେ ଏହି ବର୍ବର ପ୍ରଥାକୁ ଲୋପ କରି ଦିଆଯାଇଛି ବୋଲି ଦୁଃଖ ପ୍ରକାଶ କରନ୍ତି । ତେବେ ଦୈହିକ ଅତ୍ୟାଚାରର ପ୍ରୟୋଜନୀୟତା ଅଛି କି ନାହିଁ—ଏହି ପ୍ରଶ୍ନଟି ସେ କାଳରେ ବିଚାରପତିମାନଙ୍କ ମନରେ ଉଠି ନଥିଲା କି ଆସାମୀମାନଙ୍କ ମନରେ ବି ଉଠୁ ନଥିଲା । ତେଣୁ ଗଡ଼ନାୟକଙ୍କର ଆଦେଶ ଶୁଣି ଉପସ୍ଥିତ ଲୋକମାନଙ୍କ ମଧ୍ୟରୁ କେହି ଅବାକ୍ ହେଲେ ନାହିଁ କି ଅସ୍ୱସ୍ତି ବୋଧ କଲେ ନାହିଁ । ବାଶ୍‌କିର୍‌ଟିକୁ ଯେଉଁ ଅମ୍ବାର ମଧ୍ୟରେ ଅଟକ ରଖାଯାଇଥିଲା ତା'ର ଚାବିକାଠି ଥିଲା ଗଡ଼ନାୟକଙ୍କ ସ୍ତ୍ରୀଙ୍କ ପାଖରେ । ଇଭାନ୍ ଇଗ୍‌ନାତିଚ୍ ଗଲେ ସେ ବାଶ୍‌କିର୍‌ଟିକୁ ଆଣିବା ପାଇଁ । କିଛି କ୍ଷଣ ପରେ ବନ୍ଦୀକୁ ଆଣି ହାଜିର କରାଗଲା ବାରଣ୍ଡାରେ । ତାକୁ ଘର ମଧ୍ୟକୁ ଆଣିବା ପାଇଁ ଗଡ଼ନାୟକ ହୁକୁମ ଦେଲେ ।

ବାଶ୍‌କିର୍‌ଟିର ଗୋଡ଼ରେ ବେଡ଼ି ପଡ଼ିଥାଏ । ଅତି କଷ୍ଟରେ ଦୁଆର ବନ୍ଧକୁ ଡେଇଁ ଘର ମଧ୍ୟକୁ ସେ ଆସିଲା ଏବଂ ମୁଣ୍ଡରୁ ଲମ୍ବା ଟୋପିଟିକୁ ଖୋଲି ଦୁଆର ପାଖରେ ଛିଡ଼ା ହେଲା । ତା ଆଡ଼କୁ ଚାହିଁଦେଲା କ୍ଷଣି ମୋ ଦେହର ରକ୍ତ ହିମ ପାଲଟି ଗଲା ଭଳି ଲାଗିଲା । ଲୋକଟିକୁ ମୁଁ ମୋ ଜୀବନରେ କେବେ ଭୁଲି ପାରିବି ନାହିଁ । ବୟସ ତା'ର ସତୁରିରୁ ଟିକେ ବେଶି ହେବ । ତା'ର କାନ ନଥାଏ କି ନାକ ବି ନଥାଏ । ମୁଣ୍ଡ ନଣ୍ଡା ହୋଇଥାଏ । ଗାଲ ଉପରେ ଏଠି ସେଠି କେଇଟା ପାଚିଲା ବାଳ ଶୁଖି ଡୋଳିଲା ଭଳି ଦିଶୁଥାଏ । ଲୋକଟି

ଦେଖିବାକୁ ଖର୍ବକାୟ, ରୁଗ୍‌ଣ ଏବଂ କୁଜା । କିନ୍ତୁ ଆଖିର କୋଟର ମଧ୍ୟରୁ ନିଆଁର ଝଲକ ବାହାରି ଆସିଲା ଭଳି ଲାଗୁଥାଏ । ଏହିସବୁ ଭୟଙ୍କର ଲକ୍ଷଣକୁ ଦେଖି ଗଡ଼ନାୟକ ତାକୁ ଚିହ୍ନି ପାରିଲେ—୧୭୪୧ ମସିହାରେ ବିଦ୍ରୋହ ପାଇଁ ଲୋକଟି ଦଣ୍ଡ ପାଇଥିଲା । (୩୦) "ଆଚ୍ଛା !" ଗଡ଼ନାୟକ କହିଉଠିଲେ, "ଦେଖୁଛି ତୁତ ଗୋଟାଏ ପୁରୁଣା ହେଟା, ଆଗେ ତୁ ଥରେ ଆମ ଜାଲରେ ପଡ଼ିଥିଲୁ ନା ! ତୋ ମୁଣ୍ଡରେ ଯେଉଁସବୁ କଟା ଦାଗ ଦେଖାଯାଉଛି ସେଥିରୁ ଜଣାଯାଏ ତୁ ପ୍ରଥମ ଥର ପାଇଁ ବିଦ୍ରୋହ କରୁ ନାହୁଁ । ଆଉରି ପାଖକୁ ଆଗେଇ ଆ । ଏଥର କହ, ତୋତେ କିଏ ଏଠିକି ପଠାଇଛି ?"

ବୃଦ୍ଧ ବାଶ୍‌କିର୍‌ଟି ହାଁ କରି ଗଡ଼ନାୟକଙ୍କୁ ଚାହିଁ ରହିଲା, କିଛି କହିଲା ନାହିଁ । "କହୁ ନୁ କାହିଁକି ?" ଇଭାନ୍ କୁଜ୍‌ମିଚ୍ ପଚାରିଲେ । "ତୁ କ'ଣ ରୁଷ୍ ଭାଷା ବୁଝୁ ନା ? ୟୁଲାଇ, ତାକୁ ତା ଭାଷାରେ ପଚାର ତ, ତାକୁ କିଏ ଏ ଦୁର୍ଗକୁ ପଠାଇଛି ?"

ଗଡ଼ନାୟକଙ୍କର ଏହି ପ୍ରଶ୍ନଟିକୁ ୟୁଲାଇ ତାତାର ଭାଷାରେ ଅନୁବାଦ କରି ତାକୁ ଶୁଣାଇ ଦେଲା । କିନ୍ତୁ ବାଶ୍‌କିର୍‌ଟିର ମୁହଁ ଆଉ ଆଖିରେ କୌଣସି ପରିବର୍ତ୍ତନ ଦେଖାଗଲା ନାହିଁ, ସେ ସେଇଭଳି ନିର୍ବାକ୍ ହୋଇ ଛିଡ଼ା ହୋଇ ରହିଲା ।

"ୟାକ୍‌ଶି", * ଗଡ଼ନାୟକ କହିଉଠିଲେ, "ଏଇକ୍ଷଣି ତୋ ମୁହଁରୁ ମୁଁ କଥା ବାହାର କରିନେବି । ସୈନ୍ୟମାନେ, ତା'ର ସେ ବେହୁଦା ଡୋରିପକା ଜାମାଟାକୁ ଖୋଲି ତା ପିଠିରେ ଚାବୁକ ଲଗାଅ ! ୟୁଲାଇ, ଆଚ୍ଛା କରି ଲଗା ତ ଦେଖି !"

ଦୁଇଜଣ ବୃଦ୍ଧ ସୈନିକ ବାଶ୍‌କିର୍‌ଟିର ଦେହରୁ ଜାମା ଖୋଲି ପକାଇଲେ । ହତଭାଗ୍ୟ ଲୋକଟି ମୁହଁରେ ଆତଙ୍କ ଫୁଟି ଉଠୁଥାଏ । ପିଲାମାନଙ୍କ ହାତରେ ଧରା ପଡ଼ିଥିବା ଏକ ଛୋଟ ପ୍ରାଣୀ ପରି ସେ ଚାରି ଆଡ଼କୁ ଖାଲି ଚାହୁଁଥାଏ । ତା'ପରେ ଜଣେ ସୈନିକ ବନ୍ଦୀର ହାତ ଦୁଇଟିକୁ

* ତାତାର ଭାଷାରେ "ଆଚ୍ଛା"—ସଂପାଦକ ।

ତା ନିଜ କାନ୍ଧ ଉପରେ ରଖି ପିଠି ଉପରକୁ ପକାଇ ତାକୁ ତୋଳି ଧରିଲା । ୟୁଲାଇ ସଙ୍ଗେ ସଙ୍ଗେ ଗୁବୁକଟାକୁ ଉଞ୍ଚେଇ ପଟାଙ୍ଗ ପଟାଙ୍ଗ କରି ଶବ୍ଦ କରିବାକୁ ଲାଗିଲା । ଏତିକି ବେଳେ ବାଶ୍‌କିର୍‌ଟିର ମୁହଁରୁ ଶୁଣାଗଲା ଏକ କାତର କ୍ଷୀଣ ଗଁ ଗଁ ଶବ୍ଦ । ମୁଣ୍ଡଟିକୁ ଝିଙ୍କି ଦେଇ ପାଟିକୁ ହାଁ କରି ମେଲାଇ ଦେଲା । ହଠାତ୍ ଦେଖାଗଲା ପାଟି ମଧ୍ୟରେ ତା'ର ଜିଭ ନାହିଁ, ଜିଭ ଜାଗାରେ କ'ଣ ଟିକିଏ ହଲ ହଲ ହେଉଛି ।

ମୁଁ ଯେତେବେଳେ ଭାବେ ଯେ, ମୋ ଜୀବନ କାଳରେ ଏହିସବୁ ଘଟଣା ଘଟିଛି ଏବଂ ସମ୍ରାଟ୍ ଆଲେକ୍‌ଜାନ୍ଦରଙ୍କ ଦୟାଶୀଳ ଶାସନକୁ ମୁଁ ଅଙ୍ଗେଲିଭେଇଛି, ସେତେବେଳେ ମୁଁ ବିସ୍ମିତ ନହୋଇ ରହିପାରେ ନା । (୩୧) ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ଏବଂ ମାନବ ପ୍ରେମର ପ୍ରସାର ବା କେତେ ନହୋଇଛି ! ହେ ତରୁଣ ଯୁବକ ! ଯଦି କେବେ ମୋ ଲେଖାର ଏହି ପଂକ୍ତିଗୁଡ଼ିକ ଉପରେ ତୁମର ଦୃଷ୍ଟି ପଡ଼େ, ତେବେ ଏହି କଥାଟିକୁ ମନେ ରଖିଥିବ – ସର୍ବଶ୍ରେଷ୍ଠ ଏବଂ ସବୁଠାରୁ ସ୍ଥାୟୀ ପରିବର୍ତ୍ତନଗୁଡ଼ିକ ହିଂସାପୂର୍ଣ୍ଣ ଅଭ୍ୟୁତ୍‌ଥାନ ଦ୍ୱାରା ଆସେ ନାହିଁ, ସେସବୁ ଆସିଥାଏ ମଣିଷର ନୀତିବୋଧର ଉନ୍ନତି ଦ୍ୱାରା ।

ଲୋକଟିର ଜିଭ ନାହିଁ ଦେଖି ସମସ୍ତେ ସ୍ତମ୍ଭୀଭୂତ ହୋଇଗଲେ । ଗଡ଼ନାୟକ କହିଲେ, "ହେଉ, ତାଠାରୁ କୌଣସି ଗୁରୁତ୍ୱପୂର୍ଣ୍ଣ କଥା ଜାଣିବାର ଉପାୟ ନାହିଁ ମୁଁ ଦେଖୁଛି । ୟୁଲାଇ, ତାକୁ ପୁଣି ଅନ୍ଧାର ମଧ୍ୟକୁ ନେଇଯାଅ । ଏବେ ଆମେ ଅନ୍ୟାନ୍ୟ କେତେକ ବିଷୟ ନେଇ ଆଲୋଚନା କରିବା ।"

ଆମର ପରିସ୍ଥିତି ସଂପର୍କରେ ଆଲୋଚନା କରିବାକୁ ଯାଉଛୁ, ଏହି ସମୟରେ ଝଡ଼ ଭଳି ଘର ମଧ୍ୟକୁ ଧଇଁସଇଁ ହୋଇ ପଶିଆସିଲେ ଭାସିଲିସା ୟେଗୋରୋଭ୍‌ନା । ମୁହଁରେ ତାଙ୍କର ଫୁଟି ଉଠୁଛି ଅତ୍ୟଧିକ ଉତ୍ତେଜନାର ଛାପ ।

"କ'ଣ ହେଲା ତମର ?" ଆଶ୍ଚର୍ଯ୍ୟ ହୋଇ ଗଡ଼ନାୟକ ପଚାରିଲେ । "ବଡ଼ ଖରାପ ଖବର !" ଭାସିଲିସା ୟେଗୋରୋଭ୍‌ନା ଉତ୍ତର ଦେଲେ, "ଆଜି ସକାଳେ ନିଜ୍‌ନି-ଓଜେର୍‌ସ୍କାୟା ଦୁର୍ଗଟି ଦଖଲ ହୋଇଯାଇଛି । ପାଦ୍ରି

ଗେରାସିମ୍‌ଙ୍କ ଚାକର ଏଇକ୍ଷଣି ସେଠାରୁ ଫେରିଛି । ସମସ୍ତ ଘଟଣା ସେ ନିଜ ଆଖିରେ ଦେଖିଛି । ଦୁର୍ଗର ଅଧିପତି ଏବଂ ଅନ୍ୟ ସମସ୍ତ ଅଫିସରଙ୍କୁ ଫାଶି ଦିଆଯାଇଛି । ସୈନ୍ୟମାନେ ସମସ୍ତେ ବନ୍ଦୀ । ଆମ ଅବସ୍ଥା ସଂପର୍କରେ ବୁଝିବା ପୂର୍ବରୁ ମୋର ମନେ ହୁଏ, ବଦମାସଟା ଆସି ହୁଏତ ଏଠାରେ ପହଞ୍ଚିଯିବ ।"

ଏହି ଅପ୍ରତ୍ୟାଶିତ ସଂବାଦ ଶୁଣି ମୁଁ ବିସ୍ମୟ ବିଭୋର ହୋଇଉଠିଲି । ମନରେ ମୋର ଦାରୁଣ ଆଘାତ ଲାଗିଲା । ନିଜ୍‌ନି-ଓଜେର୍‌ସ୍କାୟାର ଅଧିନାୟକ ମୋର ପରିଚିତ ଥିଲେ । ଶାନ୍ତ ବିନୟୀ ଲୋକ, ବୟସରେ ତରୁଣ । ଦୁଇ ମାସ ଆଗେ ନବବଧୂ ସହିତ ଓରେନ୍‌ବୁର୍ଗରୁ ଫେରିଲା ବେଳେ ଇଭାନ୍ କୁଜ୍‌ମିଚ୍‌ଙ୍କ ଘରେ ଅତିଥି ହୋଇଥିଲେ । ଆମ ଦୁର୍ଗରୁ ନିଜ୍‌ନି-ଓଜେର୍‌ସ୍କାୟା ଦୁର୍ଗର ଦୂରତ୍ୱ ପଚିଶ କିଲୋମିଟରରୁ ଅଧିକ ହେବ ନାହିଁ । ତେଣୁ ଯେକୌଣସି ସମୟରେ ପୁଗାଚେଭ୍‌ଙ୍କ ବାହିନୀ ଆମକୁ ଆକ୍ରମଣ କରିପାରେ । ମାରିୟା ଇଭାନୋଭ୍‌ନାର ଭାଗ୍ୟ କଥା ଭାବି ବୁକୁ ଭିତରଟା ମୋର ଶୀତେଇ ଉଠିଲା ।

"ଇଭାନ୍ କୁଜ୍‌ମିଚ୍ !" ଗଡ଼ନାୟକଙ୍କୁ ମୁଁ କହିଲି, "ଜୀବନର ଶେଷ ରକ୍ତ ଟୋପାକ ଦେଇ ଏ ଦୁର୍ଗକୁ ରକ୍ଷା କରିବା ହେଉଛି ଆମର କର୍ତ୍ତବ୍ୟ, ଏହା ଆମେ ସମସ୍ତେ ଜାଣେ । କିନ୍ତୁ ମହିଳାମାନଙ୍କର ନିରାପତ୍ତା ସଂପର୍କରେ ଆମକୁ ନିଶ୍ଚୟ ଚିନ୍ତା କରିବାକୁ ହେବ । ରାସ୍ତା ଯଦି ନିରାପଦ ଥାଏ, ତେବେ ଓରେନ୍‌ବୁର୍ଗକୁ କିମ୍ବା ଆଉରି ଦୂରବର୍ତ୍ତୀ ଅନ୍ୟ କୌଣସି ନିରାପଦ ଗଡ଼କୁ ସେମାନଙ୍କୁ ପଠାଇ ଦିଅନ୍ତୁ, ଯେଉଁଠିକି ସେ ବଦମାସ ଯାଇପାରିବ ନାହିଁ ।"

ଗଡ଼ନାୟକ ସ୍ତ୍ରୀଙ୍କ ଆଡ଼କୁ ମୁହଁ ବୁଲାଇ ପଚାରିଲେ :

"ଶୁଣୁଛ, ଭାସିଲିସା ୟେଗୋରୋଭ୍‌ନା । ଏ ବିଦ୍ରୋହୀମାନଙ୍କୁ ଯେପର୍ଯ୍ୟନ୍ତ ଆମେ ଜବଦ ନକରିଛୁ ସେପର୍ଯ୍ୟନ୍ତ ତମମାନଙ୍କୁ ଅନ୍ୟତ୍ର କେଉଁଠିକି ପଠାଇଦେଲେ କେମିତି ହୁଅନ୍ତା ?"

"ମୋତେ ଭଲ ହେବ ନାହିଁ !" ସ୍ତ୍ରୀ ଜବାବ ଦେଲେ, "ଏମିତି କୌଣସି ଦୁର୍ଗ କେଉଁଠି ଅଛି, ଯା ଦେହରେ ଗୁଳି ଭେଦି ପାରିବ ନାହିଁ । ସେ ଦୃଷ୍ଟିରୁ ବେଲୋଗୋର୍ସ୍କ ଦୁର୍ଗ ନିରାପଦ ହେବ ନାହିଁ କାହିଁକି ? ଭଗବାନଙ୍କ ଦୟାରୁ

ଆମେ ଏଠି ବାଇଶ ବର୍ଷ କଟେଇଲେଣି । ବାଶ୍କିର୍, କିର୍‌ଘିଜ୍‌ମାନଙ୍କୁ ତ ଦେଖିଛେ—ଏ ପୁଗାଚ୍ଚେଭ୍‌କୁ ବି ସେଇଭଳି ମୁକାବିଲା କରି ପାରିବା ବୋଲି ମୁଁ ଆଶା କରେ !"

"ଠିକ୍ ଅଛି, ତାହା ହିଁ ହେଉ", ଗଡ଼ନାୟକ କହିଲେ, "ଏ ଦୁର୍ଗ ଉପରେ ତମର ଯଦି ଏତେ ବିଶ୍ୱାସ, ତେବେ ତମେ ଯେଉଁଠି ଅଛ ସେଇଠି ରୁହ । କିନ୍ତୁ ମାଶା ବିଷୟରେ କ'ଣ କରିବା କୁହ ? ଆମେ ଯଦି ଆକ୍ରମଣକୁ ପ୍ରତିହତ କରିପାରିବା ବା କୌଣସି ପ୍ରକାରେ ନିଜକୁ ରକ୍ଷା କରିପାରିବା, ତେବେ ତ ଭଲ କଥା । କିନ୍ତୁ ସେମାନେ ଯଦି ଏ ଦୁର୍ଗକୁ ଦଖଲ କରି ନିଅନ୍ତି ?"

"ତା ହେଲେ... ତା ହେଲେ..." ଭାସିଲିସା ୟେଗୋରୋଭ୍‌ନାଙ୍କ ପାଟିରେ କଥା ଅଟକି ଗଲା । ସେ ଏକ ତୀବ୍ର ଉତ୍ତେଜନାରେ ଅସ୍ଥିର ହୋଇ ଉଠି ନିଜକୁ ସମ୍ଭାଳି ନେଲେ ।

"ନା, ତା ହୋଇପାରିବ ନାହିଁ", ଗଡ଼ନାୟକ ମନା କରିଦେଲେ । ବୋଧହୁଏ ଜୀବନର ପ୍ରଥମ ଥର ପାଇଁ ସ୍ତ୍ରୀଙ୍କ ଇଚ୍ଛା ଉପରେ ତାଙ୍କ କଥା କାମ ଦେଉଛି ବୋଲି ତାଙ୍କର ମନେ ହେଲା । "ମାଶାକୁ ଏଠାରେ କୌଣସି ମତେ ରଖି ହେବ ନାହିଁ, ଆମେ ତାକୁ ତା'ର ଧରମମା ପାଖକୁ ଓରେନ୍‌ବୁର୍ଗକୁ ପଠାଇଦେବା । ସେଠି ପ୍ରଚୁର କମାଣ ଆଉ ସୈନ୍ୟ ଅଛନ୍ତି । ଦୁର୍ଗର ପ୍ରାଚୀର ପଥରରେ ତିଆରି । ଆଉ ତମକୁ ମଧ୍ୟ ମୁଁ ପରାମର୍ଶ ଦେବି ତା ସହିତ ଚାଲିଯିବା ପାଇଁ । ତୁମେ ବୁଢ଼ୀ ହେଲଣି, ଏ ଦୁର୍ଗ ଯଦି ଦଖଲ ହୋଇଯାଏ, ତେବେ ତମ କପାଳରେ କ'ଣ ଘଟିବ ତମେ ଚିନ୍ତା କରି ପାରୁଛ ?"

ଭାସିଲିସା ୟେଗୋରୋଭ୍‌ନା କହିଲେ, "ବେଶ୍, ତାହା ହିଁ ହେଉ । ମାଶାକୁ ଆମେ ଏଠୁ ପଠାଇଦେବା । କିନ୍ତୁ ମତେ ଏଠୁ ପଠାଇ ଦେବ ବୋଲି ସ୍ୱପ୍ନରେ ମଧ୍ୟ ଭାବ ନାହିଁ, ମୁଁ କହୁଛି ! ମୁଁ କୌଣସିମତେ ଏ ଦୁର୍ଗ ଛାଡ଼ି ଯାଉ ନାହିଁ । ଏ ବୃଦ୍ଧ ବୟସରେ ତମକୁ ଛାଡ଼ି କେଉଁ ଏକ

ଅଜଣା ଭୂଇଁରେ ଏକା ଏକା ମରିବି, ତା ହୋଇ ପାରିବ ନାହିଁ । ଆମେ ଏକାଠି ରହି ଆସିଛେ, ଏକାଠି ପୁଣି ମରିବା ।"

"ବେଶ୍, ତାହା ହିଁ କରାଯାଉ", ଗଡ଼ନାୟକ ସମ୍ମତ ହେଲେ । "ଆଉ ଡେରି କରି ଲାଭ ନାହିଁ । ଯାଅ, ମାଶା ଯିବା ପାଇଁ ବନ୍ଦୋବସ୍ତ କର । କାଲି ବଡ଼ିସକାଳୁ ତାକୁ ପଠାଇଦେବା । ଆମ ଏଠି ଲୋକବାକ ଯଥେଷ୍ଟ ନଥିଲେ ମଧ୍ୟ ତା ସହିତ ଦଳେ ରକ୍ଷୀ ସୈନ୍ୟ ଯିବେ । କିନ୍ତୁ ମାଶା କେଉଁଠି ?"

"ଆକୁଲିନା ପାମ୍‌ଫିଲୋଭ୍‌ନାଙ୍କ ପାଖରେ", ସ୍ତ୍ରୀ ଉତ୍ତର ଦେଲେ । "ନିଜ୍‌ନି-ଓଜେର୍‌ନାୟା ଦୁର୍ଗ ଦଖଲ ହୋଇଯାଇଛି ଶୁଣି ସେ ପ୍ରାୟ ମୂର୍ଚ୍ଛା ଗଲା ଭଳି ହୋଇ ଯାଇଥିଲା । ମୋର ଭୟ ହେଉଛି, ସେ କାଳେ ଅସୁସ୍ଥ ହୋଇ ପଡ଼ିବ । ହେ ଭଗବାନ, ହେ ସୃଷ୍ଟିକର୍ତ୍ତା, ଆମକୁ କି ବିପଦରେ ପକାଇଲ ପ୍ରଭୁ !"

ଝିଅ ଯିବା ପାଇଁ ଆୟୋଜନ କରିବାକୁ ଭାସିଲିସା ୟେଗୋରୋଭ୍‌ନା ଉଠି ଚାଲିଗଲେ । ତା'ପରେ ମଧ୍ୟ ଗଡ଼ନାୟକଙ୍କ ଘରେ ଆଲୋଚନା ଚାଲିଲା । ମୁଁ କିନ୍ତୁ ଆଉ ସେ ଆଲୋଚନାରେ ଯୋଗ ଦେଇ ନଥିଲି କି କିଏ କ'ଣ କହିଲା ସେସବୁ ଶୁଣି ନଥିଲି । ରାତ୍ରି ଭୋଜନ ବେଳେ ମାରିୟା ଇଭାନୋଭ୍‌ନା ସହିତ ଦେଖା ହେଲା । ମୁହଁ ତା'ର ଫିକା ପଡ଼ିଯାଇଥାଏ, ଆଖି ଯୋଡ଼ିକ ଲାଲ ଲାଲ । ନିରବରେ ଆମେ ଖିଆପିଆ ସାରି ସ୍ୱାଭାବିକ ସମୟ ପୂର୍ବରୁ ଉଠିପଡ଼ିଲୁ । ତା'ପରେ ଗଡ଼ନାୟକଙ୍କ ପରିବାରର ଲୋକଙ୍କଠାରୁ ବିଦାୟ ନେଇ ଯେଝା ଯେଝାର ଘରକୁ ଚାଲିଗଲୁ । କିନ୍ତୁ ଗଲାବେଳେ ମୁଁ ଇଚ୍ଛା କରି ମୋ ତରବାରିଟି ଛାଡ଼ି ଆସିଥିଲି । ସେଟିକୁ ଆଣିବା ପାଇଁ ମୁଁ ପୁଣି ଫେରିଗଲି । ମୋର ମନେ ହୋଇଥିଲା, ଏଥର ଯାଇଁ ମାରିୟା ଇଭାନୋଭ୍‌ନାକୁ ଏକୁଟିଆ ପାଇବି । ସତକୁ ସତ ତାହା ହିଁ ହେଲା । ମୋ ତରବାରିଟି ନେଇ ସେ ଛିଡ଼ା ହୋଇଥିଲା ଦୁଆର ମୁହଁରେ । ଆଖିରୁ ଲୁହ ଗଡ଼ାଇ ସେ ମୋ ହାତକୁ ତରବାରିଟି ବଢ଼ାଇ ଦେଲା ଏବଂ କହିଲା, "ବିଦାୟ ପିଓତର ଆନ୍ଦ୍ରେଇଚ୍ ! ମୋତେ ଓରେନ୍‌ବୁର୍ଗ ଯିବାକୁ ହେବ । ତୁମେ

ଦୀର୍ଘଜୀବୀ ହୁଅ ଏବଂ ଶାନ୍ତିରେ ରୁହ ! ଭଗବାନଙ୍କର ଦୟା ହେଲେ ଆମେ ହୁଏତ ପୁଣି ମିଶିବା । ତା ଯଦି ନହୁଏ ... ।" କଥା ଶେଷ କରିବା ପୂର୍ବରୁ କାନ୍ଦରେ ସେ ଫାଟି ପଡ଼ିଲା । ମୁଁ ତାକୁ ମୋର ବାହୁ ମଧ୍ୟକୁ ଟାଣିନେଇ କହିଲି, "ବିଦାୟ ପ୍ରିୟା, ବିଦାୟ ମୋ ହୃଦୟର ରାଣୀ ! ମୋର ଯାହା ହେଉନା କାହିଁକି, ତମେ ମନେ ରଖିଥା, ମରିବା ବେଳେ ତମରି କଥା ମୁଁ ଭାବିବି ଏବଂ ତମ ପାଇଁ ପ୍ରାର୍ଥନା କରିବି !" ମୋ ବୁକୁ ଉପରେ ମଥାଟିକୁ ଥୋଇ ମାଶା ସୁଁସୁଁ ହୋଇ କାନ୍ଦିବାକୁ ଲାଗିଲା । ମୁଁ ତାକୁ ଆବେଗର ସହିତ ଚୁମା ଦେଲି ଏବଂ ଘର ମଧ୍ୟରୁ ବାହାରି ଆସିଲି ।

ସପ୍ତମ ପରିଚ୍ଛେଦ

ଆକ୍ରମଣ

"ମୋ ମସ୍ତକ, ସୈନିକ ମସ୍ତକ
ତିନି ଆଉ ତିରିଶଟି ବର୍ଷ
କରିଛୁ ତୁ ସେବା ।
କିନ୍ତୁ ହାୟ ଆରେ ମୋର
ସୈନିକ ମସ୍ତକ
ଶୁଣିଲୁ ନି ଆଦରର କଥା
ପଦେ ଦିନେ
ପାଇଲୁ ନି ଧନ କି ସଂପଦ
ସୁଖ ଶାନ୍ତି ଯୋଟିଲା
ନି ଭାଗ୍ୟେ ।
ସାଧାରଣ ସଇନିକ ହୋଇ
ରହିଲୁ ତୁ ଚିର
କେତେ ହତଭାଗ୍ୟ ଯେ ତୋହର !
ଆରେ ମୋର ସୈନିକ ମସ୍ତକ
ପାଇଲୁ କେବଳ ଫାଶିଖୁଣ୍ଟ ଦୁଇ
ରେଶମର ଦୌଡ଼ିରେ ଅଣ୍ଟା
ଝୁଲିଲା ତୋ ମଥା ।"

ଲୋକଗୀତ (୩୨)

ସେଦିନ ରାତି ସାରା ମୁଁ ଶୋଇ ପାରିଲି ନାହିଁ କି ପୋଷାକ ବି ବଦଳେଇଲି ନି । ମୋର ଇଚ୍ଛା ଥିଲା, ବଡ଼ିଭୋରୁ ଉଠି ଗଡ଼ ଦୁଆର ପାଖରେ ଯାଇ ଛିଡ଼ା ହେବି ଏବଂ ମାରିୟା ଇଭାନୋଭ୍ନା ଗଲାବେଳେ ତାକୁ ଶେଷଥର ପାଇଁ

ବିଦାୟ ଜଣାଇବି । ମୋ ମଧ୍ୟରେ ଏକ ବିରାଟ ପରିବର୍ତ୍ତନ ଘଟିଛି ବୋଲି ମୁଁ ଅନୁଭବ କରୁଥାଏଁ । ଏତେ ଦିନ ଧରି ଏକ ବିଷାଦ ବିମର୍ଷ ଭାବ ମଧ୍ୟରେ ମୁଁ ବୁଡ଼ି ରହିଥିଲି, ଏବେ କିନ୍ତୁ ମନରେ ଖୁବ୍ ଉତ୍ତେଜନା – ତେବେ ଆଗ ଅପେକ୍ଷା ବର୍ତ୍ତମାନ ଅବସ୍ଥାକୁ ସହଜରେ ସହ୍ୟ କରି ହେଉଥିଲା । ବିଚ୍ଛେଦ ବେଦନା ସହିତ ଏକ ମିଳନର ଆଶା ଗୁନ୍ଥି ହୋଇ ରହିଥାଏ, ସେ ଆଶା ଅସ୍ପଷ୍ଟ ହେଲେ ମଧ୍ୟ ଖୁବ୍ ମଧୁର ଲାଗୁଥାଏ । ସେଥିରେ ଥାଏ ବିପଦ ସଂପର୍କରେ ଅସ୍ଥିର ପ୍ରତ୍ୟାଶା ସାଙ୍ଗକୁ ମହତ ଉଚ୍ଚାଶାଭରା ଆବେଗ । ସେଦିନ ରାତିଟି କେମିତି ବିତିଗଲା ମୁଁ ଜାଣି ପାରିଲି ନାହିଁ । ଭୋରୁ ବାହାରକୁ ଯିବା ପାଇଁ ପ୍ରସ୍ତୁତ ହେଉଛି ଏହି ସମୟରେ ଦୁଆର ଖୋଲି ଭିତରକୁ ପଶିଆସିଲା ଜଣେ ସାଧାରଣ ସୈନିକ । ଖବର ଦେଲା, କସାକ୍‌ମାନେ ରାତ୍ରିରେ ଗଡ଼ ଭିତରୁ ପଳାଇ ଯାଇଛନ୍ତି ଏବଂ ଗଲାବେଳେ ୟୁଲାଇକୁ ବଳପୂର୍ବକ ଧରି ନେଇଛନ୍ତି । ଗଡ଼ର ଆଖପାଖରେ ଘୋଡ଼ାରେ ଚଢ଼ି ଏଣେତେଣେ ଘୂରି ବୁଲୁଛନ୍ତି ଅପରିଚିତ ଲୋକସବୁ । ଏହି ଖବର ଶୁଣି ମନକୁ ମୋର ଏକ ଆତଙ୍କର ଛାଇ ଢାଙ୍କି ପକାଇଲା । ମାରିୟା ଇଭାନୋଭ୍‌ନା ଆଉ ଠିକ୍ ସମୟରେ ଗଡ଼ ମଧ୍ୟରୁ ଯାଇ ପାରିବ ନାହିଁ ବୋଲି ମୁଁ ଭାବିଲି । ସୈନିକଟିକୁ କେତେକ ନିର୍ଦ୍ଦେଶ ଦେଇ ସଙ୍ଗେ ସଙ୍ଗେ ମୁଁ ଛୁଟିଲି ଗଡ଼ନାୟକଙ୍କ ଘରକୁ ।

ସିନ୍ଦୂରା ଫାଟି ଆସୁଥାଏ । ଖୁବ୍ ଜୋର୍‌ରେ ମୁଁ ଯାଉଥାଏ ରାସ୍ତା ଦେଇ । ଏହି ସମୟରେ କିଏ ଜଣେ ମୋ ନାଁ ଧରି ଡାକ ପକାଇଲା । ସଙ୍ଗେ ସଙ୍ଗେ ମୁଁ ଅଟକି ଗଲି । ମୋ ପଛରେ ଆସି ଛିଡ଼ା ହୋଇଗଲେ ଇଭାନ୍ ଇଗ୍‌ନାତିଚ୍ । କହିଲେ, "କୁଆଡ଼କୁ ଯାଉଛ ? ଗଡ଼ ପାଚିରି ନିକଟସ୍ଥ ଉଚ୍ଚ ମାଟି ସ୍ତୂପ ଉପରେ ଇଭାନ୍ କୁଜ୍‌ମିଚ୍ ଅଛନ୍ତି । ଆପଣଙ୍କୁ ଡକେଇ ପଠାଇଛନ୍ତି ଯିବା ପାଇଁ । ପୁଗାଚ୍ଚେଭ୍ ଆସିଗଲାଣି !" ବୁକୁ ଭିତରଟା ମୋର ଧକ୍‌ପକ୍ ହେବାକୁ ଲାଗିଲା । "ମାରିୟା ଇଭାନୋଭ୍‌ନା ଚାଲିଗଲେଣି କି ?" ମୁଁ ପଚାରିଲି । "ନା, ସେ ଯାଇ ପାରିଲେ ନାହିଁ", ଇଭାନ୍ ଇଗ୍‌ନାତିଚ୍ ଉତ୍ତର ଦେଲେ, "ଆମେ ଖୁବ୍ ଡେରି କରି ଦେଇଛେ । ଓରେନ୍‌ବୁର୍ଗ ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି, ଆମ ଗଡ଼କୁ ମଧ୍ୟ ଚାରିଆଡ଼ୁ ଘେରଉ କରି ନେଲେଣି । ଅବସ୍ଥା ସାଂଘାତିକ, ପିଓତର ଆନ୍ଦ୍ରେଇଚ୍ !"

ଗଡ଼ ପାଚିରି ନିକଟକୁ ଆମେ ଚାଲିଲୁ । ପାଚିରି ପାଖରେ ପ୍ରାକୃତିକ କାରଣରୁ ମଲାଏ ଉଚ୍ଚ ଜମି । ଚାରିପାଖରେ ତା'ର ବେଢ଼ା ଦେଇ ଘେରା ହୋଇଛି । ଗଡ଼ର ସମସ୍ତ ଅଧିବାସୀ ଇତିମଧ୍ୟରେ ସେଇଠି ଯାଇ ଜମା ହୋଇଥାନ୍ତି । ସୈନ୍ୟମାନେ ବନ୍ଧୁକ କାନ୍ଧରେ ଥୋଇ ଧାଡ଼ି ଧାଡ଼ି ହୋଇ ଛିଡ଼ା ହୋଇଛନ୍ତି । ଏହାର ପୂର୍ବ ଦିନ କମାଣଟାକୁ ସେଠାକୁ ଟାଣି ଟାଣି ଅଣାଯାଇଛି । ଗଡ଼ନାୟକ ତାଙ୍କର ଏହି କ୍ଷୁଦ୍ର ସେନାବାହିନୀର ଧାଡ଼ିଗୁଡ଼ିକ ମଧ୍ୟରେ ଅନବରତ ଆଗକୁ ଆଉ ପଛକୁ ଯିବା ଆସିବା କରୁଥାନ୍ତି । ଦେଖିଲେ ମନେ ହେଉଥାଏ ଆସନ୍ନ ବିପଦର ଆଶଙ୍କା ଏହି ପ୍ରବୀଣ ଯୋଦ୍ଧାଙ୍କୁ ଉଦ୍ଦୀପିତ କରିଦେଇଛି । ଗଡ଼ଠାରୁ ଅନତିଦୂରରେ ଷ୍ଟେପୀ ଭୂଇଁ ଉପରେ ଦେଖାଯାଉଛନ୍ତି କୋଡ଼ିଏ ଜଣ ଖଣ୍ଡ ଅଶ୍ୱାରୋହୀ । କସାକ୍ ଭଳି ମନେ ହେଉଛନ୍ତି, କିନ୍ତୁ ସେମାନଙ୍କ ମଧ୍ୟରେ ବାଶ୍‌କିର୍ ବି ଅଛନ୍ତି । ମୁଣ୍ଡରେ ପିନ୍ଧିଥିବା ବଣବିଲେଇ ଚମଡ଼ାର ଟୋପି ଆଉ ତୀରଭରା ତୂଣୀ ଦେଖି ସେମାନଙ୍କୁ ଚିହ୍ନି ହେଉଥାଏ । ସେନାଦଳ ପରିଦର୍ଶନ କରି ସାରିଲା ପରେ ଗଡ଼ନାୟକ ସୈନ୍ୟମାନଙ୍କ ଉଦ୍ଦେଶ୍ୟରେ ଭାଷଣ ଦେଇ କହିଲେ, "ମୋର ପ୍ରିୟ ଜବାନମାନେ, ଆଜି ଆମକୁ ଏହି ଯୁଦ୍ଧ ମଧ୍ୟ ଦେଇ ପ୍ରମାଣ କରିବାକୁ ହେବ ଯେ, ଆମେ ଆମ ସାମ୍ରାଜ୍ଞୀଙ୍କୁ ଭଲପାଏ । ସମସ୍ତ ପୃଥିବୀକୁ ଆମେ ଦେଖାଇଦେବା ଆମେ କେତେ ସାହସୀ ଆଉ ରାଜଭକ୍ତ ପ୍ରଜା ।" ଗଡ଼ନାୟକଙ୍କ ଏହି କଥା ପ୍ରତି ସୈନ୍ୟମାନେ ଉତ୍ସାହପୂର୍ଣ୍ଣ ଉଚ୍ଚ କଣ୍ଠରେ ସମର୍ଥନ ଜଣାଇଲେ । ମୋ ସହିତ ଛିଡ଼ା ହୋଇଥାଏ ଶ୍‌ଭାବ୍ରିନ୍, ତା'ର ସ୍ଥିର ଦୃଷ୍ଟି ନିବଦ୍ଧ ଥାଏ ଶତ୍ରୁ ଉପରେ । ଦୁର୍ଗରେ ସୈନ୍ୟ ସମାବେଶ ଦେଖି ଦୂରରେ ଥିବା ଅଶ୍ୱାରୋହୀ ଦଳଟି ସଂଘବଦ୍ଧ ହୋଇ ଛିଡ଼ା ହୋଇଥାନ୍ତି । ମନେ ହେଉଥାଏ ସେମାନେ ପରିସ୍ଥିତି ନେଇ ନିଜ ମଧ୍ୟରେ ଆଲୋଚନା କରୁଛନ୍ତି । ସେମାନଙ୍କ ଆଡ଼କୁ ଲକ୍ଷ୍ୟ କରି କମାଣ ଦାଗିବାକୁ ଇଭାନ୍ ଇଗ୍‌ନାତିଚ୍‌ଙ୍କୁ ଗଡ଼ନାୟକ ହୁକୁମ ଦେଲେ ଏବଂ କମାଣରେ ନିଜେ ନିଆଁ ଧରେଇଲେ । ସଅଁ କରି ଆବାଜ ତୋଳି କମାଣର

ଗୁଳାଟା ଛୁଟିଗଲା ସେମାନଙ୍କ ମୁଣ୍ଡ ଉପର ଦେଇ, କାହାରି କିଛି କ୍ଷତି ହେଲା ନାହିଁ । ଅଶ୍ୱାରୋହୀ ଦଳଟି ସଙ୍ଗେ ସଙ୍ଗେ ଦଳଭାଙ୍ଗି କିଏ କୁଆଡ଼େ ଉଭାନ ହୋଇଗଲେ । ଷ୍ଟେପୀ ଭୂଇଁଟା ପୁଣି ଜନଶୂନ୍ୟ ଦିଶିଲା ।

ଠିକ୍ ଏତିକିବେଳେ ଭାସିଲିସା ୟେଗୋରୋଭ୍ନା ମାଶାକୁ ସଙ୍ଗରେ ଧରି ଗଡ଼ ପାଚିରି ପାଖରେ ପହଞ୍ଚି ଗଲେ । ମାଶା ତାଙ୍କୁ କୌଣସି ମତେ ଛାଡ଼ିବାକୁ ରାଜି ନୁହେଁ । ଗଡ଼ନାୟକଙ୍କ ପତ୍ନୀ ପଚାରିଲେ, "ଖବର କ'ଣ ? ଯୁଦ୍ଧ କେମିତି ଚାଲିଛି ? ଶତ୍ରୁ କେତେ ଦୂରରେ ?" ଇଭାନ୍ କୁଜ୍‌ମିଚ୍ ଉତ୍ତର ଦେଲେ, "ଶତ୍ରୁ ଖୁବ୍ ବେଶି ଦୂରରେ ନାହିଁ ! ଭଗବାନ କରନ୍ତୁ, ସବୁ କିଛି ଠିକ୍ ହୋଇଯାଉ ! ମାଶା ତୁ କ'ଣ ଭୟ କରୁଛୁ କି ରେ ?" ମାଶା କହିଲା, "ନା ବାପା ! ବରଂ ଘରେ ଏକାକୀ ରହିଲେ ମୋତେ ବେଶି ଭୟ ଲାଗୁଛି ।" ଏତକ କହି ଦେଇ ମୋ ଆଡ଼କୁ ସେ ଚାହିଁ ଓଠରେ ସ୍ମିତ ହସ ଟେନାଏଁ ଫୁଟାଇଦେଲା । ନିଜର ଅଜାଣତରେ ମୁଁ ତରବାରିର ବେଣ୍ଟକୁ ଦୃଢ଼ଭାବେ ଚାପିଧରିଲି । ମନେ ପଡ଼ିଗଲା, ଗତକାଲି ତା'ରି ହାତରୁ ତରବାରିଟି ମୁଁ ନେଇଥିଲି ଏବଂ ସେଇ ନେବାଟା ଯେମିତି ଥିଲା ମୋର ପ୍ରେମିକାକୁ ରକ୍ଷା କରିବା ପାଇଁ । ହୃଦୟ ଭିତରଟା ଜଳି ଉଠିଲା ଭଳି ଲାଗିଲା । ମନେ ମନେ କଳ୍ପନା କରିନେଲି, ମୁଁ ହେଉଛି ତା'ର ବୀର-ରକ୍ଷାକର୍ତ୍ତା । ତା'ର ସେଇ ବିଶ୍ୱାସ ପୂରଣ କରିବାକୁ ମୁଁ ଯେ ଉପଯୁକ୍ତ, ତାହା ପ୍ରମାଣ କରିବା ପାଇଁ ମନରେ ମୋର ଏକ ପ୍ରବଳ ବାସନା ଜାଗିଉଠିଲା । ଅଧୈର୍ଯ୍ୟ ହୋଇ ସେଇ ଅନ୍ତିମ ମୁହୂର୍ତ୍ତ ପାଇଁ ଅପେକ୍ଷା କରି ରହିଲି ।

ଗଡ଼ଠାରୁ ପ୍ରାୟ ଅଧ କିଲୋମିଟର ଦୂରରେ ଏକ ପାହାଡ଼ ମୁଣ୍ଡିଆର ଆଡ଼ୁଆଳରୁ ଆଉ ଏକ ନୂଆ ଅଶ୍ୱାରୋହୀ ଦଳ ବାହାରି ଆସୁଥିବାର ଦେଖାଗଲା । ଅବିଳମ୍ବେ ଷ୍ଟେପୀ ଅଞ୍ଚଳଟା ଛାଇ ହୋଇଗଲା ବର୍ଚ୍ଛା ଓ ଧନୁଶରରେ ସଜ୍ଜିତ ଲୋକମାନଙ୍କରେ । ସେମାନଙ୍କ ମଧ୍ୟରେ ଜଣେ ଲୋକ ସବାର ହୋଇଥାଏ ଏକ ଧଳା ଘୋଡ଼ା ପିଠିରେ, ଦେହରେ ତା'ର ଗାଢ଼ ଲାଲ ରଙ୍ଗର ପୋଷାକ, ହାତରେ କୋଷମୁକ୍ତ ତରବାରି । ସିଏ ହିଁ ହେଉଛି ପୁଗାଚେଭ୍ । ଲୋକଟି ଘୋଡ଼ାଟାକୁ ଛିଡ଼ା କରାଇ ଦେଲା କ୍ଷଣି ସମସ୍ତେ ତା'ର ଚାରିପାଖରେ ଘେର ବାନ୍ଧି ଛିଡ଼ା ହୋଇଗଲେ । ତା'ପରେ, ମନେ ହୁଏ ତା'ର ନିର୍ଦ୍ଦେଶ ଅନୁଯାୟୀ ଚାରିଜଣ ଘୋଡ଼ସବାର ପୂରା ଦମ୍‌ରେ ଘୋଡ଼ା ଛୁଟେଇ ଆଗେଇ ଆସିଲେ ଏକେବାରେ ଆମ ଗଡ଼ ପର୍ଯ୍ୟନ୍ତ । ଏହି ଚାରିଜଣଙ୍କୁ ଆମେ ଚିହ୍ନି ପାରିଲୁ । ସେମାନେ ଥିଲେ ଆମ ପାଖରୁ ପଳେଇ ଯାଇଥିବା ଚାରିଜଣ ବିଶ୍ୱାସଘାତକ । ସେମାନଙ୍କ ମଧ୍ୟରୁ ଜଣେ ତା'ର ଟୋପିରେ କାଗଜ ଖଣ୍ଡେ ଲଗେଇଛି ; ଆଉ ଜଣକର ବର୍ଚ୍ଛା ଅଗରେ ୟୁଲାଇର ମୁଣ୍ଡଟା ଝୁଲୁଛି । ବର୍ଚ୍ଛାଟାକୁ ଝିଙ୍କିଦେଇ ସେ ମୁଣ୍ଡଟାକୁ ପାଚିରି ଉପର ଦେଇ ଫିଙ୍ଗିଦେଲା ଆମ ଆଡ଼କୁ । ବିଚରା ୟୁଲାଇର ମୁଣ୍ଡଟି ଆସିପଡ଼ିଲା ଗଡ଼ନାୟକଙ୍କ ଗୋଡ଼ ପାଖରେ । ବିଶ୍ୱାସଘାତକମାନେ ଚିତ୍କାର କରି ଉଠିଲେ : "ଗୁଳିଗୁଳା ମାରିବା ବନ୍ଦ କର ! ଜାର୍‌ଙ୍କ ପାଖକୁ ଆସ ! ଜାର୍ ଅଛନ୍ତି ଏଇଠି !"

"ରୁହ, ତମମାନଙ୍କୁ ମୁଁ 'ଜାର୍' ଦେଖାଇବି !" ଗଡ଼ନାୟକ ହୁଙ୍କାର ଛାଡ଼ି କହିଲେ ଏବଂ ସୈନ୍ୟମାନଙ୍କୁ ନିର୍ଦ୍ଦେଶ ଦେଲେ, "ଗୁଳି ଚଳାଅ !" ଆମ ସୈନ୍ୟମାନେ ଏକାବେଳକେ ଗୁଡ଼ାଏ ଗୁଳି ବର୍ଷଣ କଲେ । ଯେଉଁ କସାକ୍‌ଟି ହାତରେ ଚିଠିଟି ଧରିଥିଲା ସେ ଘୋଡ଼ାର ଜିନ୍ ଉପରୁ ଢଳି ପଡ଼ିଲା ମାଟି ଉପରେ । ଅନ୍ୟମାନେ ଘୋଡ଼ା ଛୁଟେଇ ପଳେଇଗଲେ । ମାରିୟା ଇଭାନୋଭ୍ନା ଆଡ଼କୁ ମୁଁ ଚାହିଁଦେଲି । ୟୁଲାଇର ରକ୍ତାକ୍ତ ମୁଣ୍ଡଟି ଦେଖି ସେ ଭୟରେ ଶିହରି ଉଠିଥିଲା । ବନ୍ଧୁକ ଗୁଳିର ଆବାଜ ଶୁଣି ହତବୁଦ୍ଧି ହୋଇପଡ଼ିଲା । ତାକୁ ଦେଖି ମନେ ହେଲା ସେ ଯେମିତି ଅର୍ଦ୍ଧମୂର୍ଚ୍ଛା ହୋଇପଡ଼ିଛି । ଏହି ସମୟରେ ଗଡ଼ନାୟକ ଜଣେ ସୈନିକକୁ ହୁକୁମ ଦେଲେ ମୃତ କସାକ୍‌ଟି ହାତରେ ଥିବା କାଗଜ ଖଣ୍ଡକୁ ନେଇ ଆସିବାକୁ । ସୈନିକଟି ଦୌଡ଼ିଗଲା ପ୍ରାନ୍ତର ମଧ୍ୟକୁ । ଫେରି ଆସିଲା ବେଳେ ମୃତ ଲୋକଟାର ଘୋଡ଼ାକୁ ଲଗାମ ଧରି ନେଇ ଆସିଲା ଏବଂ ଗଡ଼ନାୟକଙ୍କ ହାତକୁ ବଢ଼ାଇ ଦେଲା ଚିଠିଟିକୁ । ଗଡ଼ନାୟକ ଚିଠିଟିକୁ ପଢ଼ି ସଙ୍ଗେ ସଙ୍ଗେ ଟିକିଟିକି କରି ଚିରି ଫିଙ୍ଗିଦେଲେ । ଇତିମଧ୍ୟରେ ଅନ୍ୟ ଦିଗରେ ବିଦ୍ରୋହୀମାନେ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଥିଲେ ବୋଲି ସେମାନଙ୍କ ହାବଭାବ ଦେଖି ମନେ ହେଉଥାଏ । ଅବିଳମ୍ବେ ଗୁଳିସବୁ ଆମ କାନ ପାଖ ଦେଇ ସୁସୁ କରି ଛୁଟିବାକୁ ଲାଗିଲା ।

କେଇଟି ତୀର ଆସି ବିନ୍ଧି ହୋଇଗଲା ଆମ ପାଖ ମାଟି ଆଉ ପାଚିରି ଦେହରେ । "ଭାସିଲିସା ୟେଗୋରୋଭ୍ନା !" ଗଡ଼ନାୟକ କହିଉଠିଲେ, "ଏ ସ୍ଥାନ ମହିଳାମାନଙ୍କ ପାଇଁ ନୁହେଁ, ମାଶାକୁ ଏଠାରୁ ନେଇ ଯାଅ । ଝିଅଟାକୁ ଦେଖୁଛ ତ, ସିଏ କେମିତି ମଲାଭଳି ହୋଇଗଲାଣି ।"

ଗ୍ରେପ୍‌ଶଟ୍ ବୃଷ୍ଟି ଦେଖି ଭାସିଲିସା ୟେଗୋରୋଭ୍ନା ଦବି ଯାଇଥିଲେ । ଷ୍ଟେପୀ ଭୂଇଁ ଆଡ଼କୁ ନିରିଖେଇ ଦେଖିଲେ, ଖୁବ୍ ଜୋର୍‌ରେ ସଳବଳ ଚାଲିଥାଏ ସେଠି । ଗଡ଼ନାୟକଙ୍କୁ ସେ କହିଲେ, "ଇଭାନ୍ କୁଜ୍‌ମିଚ୍, ଆମମାନଙ୍କର ମରିବା ବଞ୍ଚିବା ଏବେ ଭଗବାନଙ୍କ ହାତରେ । ମାଶାକୁ ତମେ ଆଶୀର୍ବାଦ କର ! ମାଶା, ଯାଆ ତୋ ବାପାଙ୍କୁ ପ୍ରଣାମ କର ।"

ମାଶାର ମୁହଁଟି ମଉଳି ପଡ଼ିଥାଏ, ଦେହ କଂପୁଥାଏ । ଗଡ଼ନାୟକଙ୍କ ପାଖକୁ ଆଗେଇ ଆସି ଆଣ୍ଠୁମାଡ଼ି ସେ ପ୍ରଣାମ କଲା । ବୃଦ୍ଧ ଗଡ଼ନାୟକ ଝିଅର ମଥା ଉପରେ ତିନିଥର କ୍ରୁଶଚିହ୍ନ ଆଙ୍କିଲେ ଏବଂ ତା'ର ହାତ ଧରି ଉଠାଇ ନେଇ ତା କପାଳରେ ଚୁମା ଦେଲେ । ତା'ପରେ ଆବେଗରୁଦ୍ଧ ଗଳାରେ କହିଲେ, "ମାଶା, ମୁଁ ଆଶୀର୍ବାଦ କରୁଛି, ମା ତୁ ସୁଖୀ ହଅ ! ଭଗବାନଙ୍କୁ ପ୍ରାର୍ଥନା କର, ଭଗବାନ ତୋର ସହାୟକ ହେବେ ! ଯଦି କୌଣସି ଭଲ ଲୋକ ସହିତ ତୋର ଦେଖା ହୁଏ, ତେବେ ଭଗବାନ ତମ ଦିହିଙ୍କୁ ପ୍ରେମ ବନ୍ଧନରେ ବାନ୍ଧି ଦିଅନ୍ତୁ ଓ ସଦୁପଦେଶ ଦିଅନ୍ତୁ ! ତୋ ମା ଆଉ ମୁଁ ଯେମିତି ଏକାଠି ଜୀବନ କାଟିଛୁ, ତା ସହିତ ତୁ ସେଇ ଭଳି ରହିବୁ । ବିଦାୟ ଝିଅ ! ଭାସିଲିସା ୟେଗୋରୋଭ୍ନା, ଆଉ ଡେରି କରନା, ଯେତେ ଶୀଘ୍ର ପାର ତାକୁ ଏଠାରୁ ନେଇ ଚାଲିଯାଅ ।" ବାପାଙ୍କ କାନ୍ଧ ଉପରକୁ ଢଳି ପଡ଼ି ମାଶା ସୁଁସୁଁ ହୋଇ କାନ୍ଦିବାକୁ ଲାଗିଲା । ଗଡ଼ନାୟକଙ୍କ ପତ୍ନୀ କାନ୍ଦ କାନ୍ଦ ହୋଇ କହିଲେ, "ଆସ, ଆମେ ମଧ୍ୟ ପରସ୍ପରଠାରୁ ବିଦାୟ ନେବା ! ବିଦାୟ ଇଭାନ୍ କୁଜ୍‌ମିଚ୍ ! ଯଦି କେବେ ତମ ମନରେ କୌଣସି କାରଣରୁ କଷ୍ଟ ଦେଇଥାଏ, ତେବେ ମୋତେ କ୍ଷମା କର ।" ସ୍ତ୍ରୀଙ୍କୁ ଆଲିଙ୍ଗନ କରି ଗଡ଼ନାୟକ କହିଲେ, "ବିଦାୟ ପ୍ରିୟା, ବିଦାୟ ! ଏଥର ଘରକୁ ଯାଅ !

ଆଉ ଡେରି କରନା ! ହଁ, ଯଦି ସମୟ ମିଳେ ତେବେ ମାଶାକୁ ସାରାଫାନ୍ * ପିନ୍ଧେଇ ଦିଅ !" ମା ଆଉ ଝିଅ ସେଠାରୁ ଚାଲିଗଲେ । ମାରିୟା ଇଭାନୋଭ୍ନା ଯାଉଥିବା ପଥକୁ ମୁଁ ଚାହିଁ ରହିଲି । ଯାଉଁ ଯାଉଁ ସେ ଥରଟିଏ ପଛକୁ ମୁହଁ ଫେରାଇ ମୋ ଆଡ଼କୁ ଚାହିଁ ହାତ ହଲେଇଲା । ଇଭାନ୍ କୁଜ୍‌ମିଚ୍ ଏଥର ଆମ ଆଡ଼କୁ ଦୃଷ୍ଟି ଫେରାଇଲେ । ତାଙ୍କର ସମସ୍ତ ମନୋଯୋଗ ଏବେ ଶତ୍ରୁ ଉପରେ । ବିଦ୍ରୋହୀମାନେ ଏତେବେଳ ଯାଏ ସେମାନଙ୍କ ନେତାଙ୍କ ଆଡ଼କୁ ଘୋଡ଼ା ଛୁଟେଇ ଯାଉଥିଲେ, ଏବେ କିନ୍ତୁ ହଠାତ୍ ସମସ୍ତେ ଏକାବେଳକେ ଘୋଡ଼ା ପିଠିରୁ ଓହ୍ଲେଇ ପଡ଼ିଲେ । "ଏଥର ପ୍ରସ୍ତୁତ ହୋଇପଡ଼ !" ଗଡ଼ନାୟକ ହୁକୁମ ଦେଲେ, "ସେମାନେ ଏବେ ଆକ୍ରମଣ କରିବେ ... ।" ଠିକ୍ ସେଇ ମୁହୂର୍ତ୍ତରେ ଶୁଣାଗଲା ଏକ ଭୟଙ୍କର ହୁଙ୍କାର ଆଉ ଗର୍ଜନ । ବିଦ୍ରୋହୀମାନେ ସମସ୍ତ ଶକ୍ତି ପ୍ରୟୋଗ କରି ଆମ ଗଡ଼ ଆଡ଼କୁ ଛୁଟି ଆସିବାକୁ ଲାଗିଲେ । ଆମ କମାଣଟିକୁ ଗୋଳା ଫାଏର କରିବା ପାଇଁ ପ୍ରସ୍ତୁତ କରି ନିଆଗଲା । ଆକ୍ରମଣକାରୀମାନେ ଏକେବାରେ ପାଖକୁ ଚାଲି ଆସିବା ଯାଏ ଗଡ଼ନାୟକ ଅପେକ୍ଷା କଲେ । ତା'ପରେ ହଠାତ୍ କମାଣ ଟିପିବାକୁ ଆରମ୍ଭ କରି ଦେଲେ । ଗୋଳାଟା ଯାଇ ଫାଟିଲା ବିଦ୍ରୋହୀମାନଙ୍କର ଗହଳି ମଧ୍ୟରେ । ସେମାନେ ଏଣେତେଣେ ଛିନ୍ନଛତ୍ର ହୋଇ ପଛକୁ ହଟିବାକୁ ଲାଗିଲେ । କେବଳ ସେମାନଙ୍କ ନେତା ସାମନାରେ ଦଣ୍ଡାୟମାନ ହୋଇ ରହିଗଲା । ତରବାରିଟାକୁ ସେ ବୁଲଉଥାଏ ଏବଂ ମନେ ହେଉଥାଏ, ସେ ଯେମିତି ତା'ର ପଛରେ ଥିବା ଲୋକମାନଙ୍କୁ ଉଦ୍‌ଗ୍ରୀବ ହୋଇ ଡାକୁଛି ... । ମୁହୂର୍ତ୍ତକ ପାଇଁ ଯେଉଁ ହୁଙ୍କାର ଆଉ ଗର୍ଜନ ଥମି ଯାଇଥିଲା, ପୁଣି ଆରମ୍ଭ ହୋଇଗଲା । ସୈନ୍ୟମାନଙ୍କ ଆଡ଼କୁ ମୁହଁ ବୁଲାଇ ଗଡ଼ନାୟକ ନିର୍ଦ୍ଦେଶ ଦେଲେ, "ସୈନ୍ୟଗଣ, ଏଥର ଗଡ଼ର ଦୁଆର ଖୋଲି ଦିଅ ! ଭେରୀ ବଜାଅ ! ଆଗେଇ ଚାଲ ଜବାନମାନେ ! ଆଗେଇ ଆସ ମୋ ପଛରେ !"

---

* ରୁଷ୍ ସାଧାରଣ କୃଷକ ରମଣୀମାନଙ୍କର ଜାତୀୟ ପୋଷାକ — ସଂପାଦକ ।

8*

ସଙ୍ଗେ ସଙ୍ଗେ ଗଡ଼ନାୟକ, ଇଭାନ୍ ଇଗ୍‌ନାତିଚ୍ ଓ ମୁଁ ପାଚିରିର ଆର ପାଖକୁ ଚାଲିଗଲୁ । କିନ୍ତୁ ସୈନ୍ୟମାନେ ଏତେ ଭୟ ପାଇ ଯାଇଥିଲେ ଯେ, ଟିକିଏ ହେଲେ ଘୁଞ୍ଚିଲେ ନାହିଁ । ଇଭାନ୍ କୁଜ୍‌ମିଚ୍ ଚିତ୍‌କାର କରି କହିଲେ, "ତମେମାନେ କାହିଁକି ଏଠାରେ ଛିଡ଼ା ହୋଇଛ ? ଯଦି ମରିବାକୁ ହୁଏ ତେବେ ଆମେ ମରିବା । ଏହା ହିଁ ତ ସୈନ୍ୟମାନଙ୍କର ଧର୍ମ !" ଇତିମଧ୍ୟରେ ବିଦ୍ରୋହୀମାନେ ଗଡ଼ ମଧ୍ୟକୁ ପଶି ଆସିଥିଲେ । ଆମ ଉପରକୁ ସେମାନେ ଝାମ୍ପି ପଡ଼ିଲେ । ଭେରୀ ଶବ୍ଦ ବନ୍ଦ ହୋଇଗଲା । ଗଡ଼ର ସୈନ୍ୟମାନେ ବନ୍ଧୁକସବୁକୁ ତଳକୁ ନୁଆଇଁ ନେଲେ । ମୋ ଦେହରେ ଏକ ଧକ୍କା ଲାଗିବା ଫଳରେ ମୁଁ ତଳେ ପଡ଼ିଯାଇ ପୁଣି ଉଠି ଛିଡ଼ା ହେଲି । ତା'ପରେ ବିଦ୍ରୋହୀମାନଙ୍କ ସହିତ ମୁଁ ପ୍ରବେଶ କଲି ଗଡ଼ ମଧ୍ୟକୁ । ଗଡ଼ନାୟକଙ୍କ ମୁଣ୍ଡରେ ଆଘାତ ଲାଗିଥାଏ । ସେ ଦଳେ ଦୁର୍ବୃତ୍ତଙ୍କ ମଝିରେ ଛିଡ଼ା ହୋଇଥାନ୍ତି । ସେମାନେ ଚେଷ୍ଟା କରୁଥାନ୍ତି ଚାବି ନେଛାଟାକୁ ତାଙ୍କଠାରୁ ବଳପୂର୍ବକ ଛଡ଼େଇ ନେବାକୁ । ଗଡ଼ନାୟକଙ୍କୁ ସାହାଯ୍ୟ କରିବା ପାଇଁ ମୁଁ ଦୌଡ଼ିଯିବାକୁ ଚେଷ୍ଟା କଲି । କିନ୍ତୁ କେଇଜଣ କସାକ୍ ସୈନ୍ୟ ମୋତେ ସେମାନଙ୍କ କମର ପଟିରେ ବାନ୍ଧି ପକାଇଲେ । ତା'ପରେ କହିଲେ, "ଟିକିଏ ଅପେକ୍ଷା କର, ଜାର୍‌ଙ୍କ କଥା ନମାନିବାର ମଜା ଦେଖିବୁ !" ଆମମାନଙ୍କୁ ରାସ୍ତା ଦେଇ ଘୋଷାରି ଘୋଷାରି ନିଆଗଲା । ସ୍ଥାନୀୟ ଅଧିବାସୀମାନେ ରୁଟି ଆଉ ଲୁଣ ହାତରେ ନେଇ ଘର ମଧ୍ୟରୁ ବାହାରି ଆସିଥାନ୍ତି । ଗିର୍ଜାରେ ଘଣ୍ଟା ବାଜି ଉଠୁଥାଏ । ହଠାତ୍ ଜନଗହଳି ମଧ୍ୟରୁ ଶୁଣାଗଲା, ଜାର୍ ପଡ଼ିଆରେ ଅପେକ୍ଷା କରିଛନ୍ତି ବନ୍ଦୀମାନଙ୍କଠାରୁ ଆନୁଗତ୍ୟର ଶପଥ ନେବା ପାଇଁ । ଜନଗହଳି ଭାଙ୍ଗି ଲୋକେ ପଡ଼ିଆକୁ ଛୁଟିଲେ ଏବଂ ଆମକୁ ମଧ୍ୟ ସେଇଠିକୁ ତଡ଼ିତଡ଼ି ନିଆଗଲା ।

ଗଡ଼ନାୟକଙ୍କ ଘରର ଅଳିନ୍ଦରେ ଏକ ଚୌକି ଉପରେ ବସିଥାଏ ପୁଗାଚେଭ୍ । ଦେହରେ ଲେସ୍‌ଲଗା ଲାଲ କସାକ୍ ଜାମା । ମୁଣ୍ଡରେ ବଣ ବିଲେଇ ଲୋମର ଉଚ୍ଚା ଟୋପି । ଟୋପିରୁ ଝୁଲୁଥାଏ ସୁନାର ଏକ ଝୁମ୍ପା । ଚକ୍‌ଚକ୍ କରୁଥିବା ଆଖି ଯୋଡ଼ିକ ଉପରକୁ ଟୋପିଟି ସେ ପିନ୍ଧିଥାଏ । ଲୋକଟାର

ମୁହଁ ଚିହ୍ନାଲା ଚିହ୍ନାଲା ଭଳି ଲାଗିଲା । ଚତୁର୍ପାର୍ଶ୍ୱରେ ତା'ର କସାକ୍ ଅଫିସରମାନେ ଘେରି ରହିଥାନ୍ତି । ହାତରେ କ୍ରୁଶ ଧରି ଅଳିନ୍ଦ ଆଗରେ ଛିଡ଼ା ହୋଇଥାନ୍ତି ପାଦ୍ରି ଗେରାସିମ୍ । ତାଙ୍କ ମୁହଁଟି ଫିକା ପଡ଼ିଯାଇଥାଏ ଏବଂ ଭୟରେ ଦେହ କଂପୁଥାଏ । ଦେଖିଲେ ମନେ ହେଉଥାଏ, ଯେଉଁମାନଙ୍କୁ ଶାସ୍ତି ଦିଆଯିବ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ପାଇଁ ସେ ନିରବରେ କରୁଣା ଭିକ୍ଷା କରୁଛନ୍ତି । ପଡ଼ିଆର ମଝି ସ୍ଥଳରେ ତରବରରେ ତିଆରି ହେଉଥାଏ ଏକ ଫାଶି ମଞ୍ଚ । ଆମେ ଆସିଗଲା କ୍ଷଣି ବାଶ୍‌କିର୍‌ମାନେ ଲୋକମାନଙ୍କୁ ଠେଲି ଆମ ପାଇଁ ପଥ ପରିଷ୍କାର କରିଦେଲେ ଏବଂ ଆମକୁ ନେଇ ଛିଡ଼ା କରାଇଲେ ପୁଗାଚେଭ୍ ସାମନାରେ । ଗିର୍ଜାର ଘଣ୍ଟା ଶବ୍ଦ ଥମିଗଲା, ଚାରିଆଡ଼େ ନଇଁ ଆସିଲା ନିସ୍ତବ୍ଧ ନିରବତା । "କିଏ ଗଡ଼ନାୟକ ?" ନକଲି ଜାର୍ ପଚାରିଲା । ଆମ ଗଡ଼ରୁ ସେଇ ସର୍ଜେଣ୍ଟଟି ଭିଡ଼ ମଧ୍ୟରୁ ଆଗେଇ ଆସି ଆଙ୍ଗୁଳି ଦେଇ ଦେଖାଇ ଦେଲା ଇଭାନ୍ କୁଜ୍‌ମିଚ୍‌ଙ୍କୁ । ବୃଦ୍ଧଙ୍କ ଆଡ଼କୁ କୋପାତୁର ଦୃଷ୍ଟିରେ ଥରେ ଚାହିଁ ଦେଇ ପୁଗାଚେଭ୍ କହିଲା, "ତୋର ତ ସାହସ କମ୍ ନୁହେଁ ! ମୁଁ ହେଉଛି ତୋର ଜାର୍ । ମୋ ବିରୁଦ୍ଧରେ ଯିବାକୁ ତୋର ସାହସ କେମିତି ହେଲା ?" ଦେହର କ୍ଷତ ସ୍ଥାନରୁ ରକ୍ତ ପ୍ରବାହ ଫଳରେ ଗଡ଼ନାୟକ ଦୁର୍ବଳ ହୋଇ ପଡ଼ିଥାନ୍ତି, କିନ୍ତୁ ତଥାପି ନିଜର କ୍ଷୟମାଣ ଶକ୍ତିକୁ ସଂଘବଦ୍ଧ କରି ଦୃଢ଼ କଣ୍ଠରେ ଜବାବ ଦେଲେ, "ତୁ ମୋର ଜାର୍ ନୁହଁ ! ତୁ ଏକ ଡକାଏତ, ଏକ ଭଣ୍ଡ ! ଏହା ଛଡ଼ା ଆଉ କିଛି ନୁହଁ ! ଶୁଣିଲୁ ମୁଁ କ'ଣ କହିଲି ?" ଭୟଙ୍କର ଭାବେ ଭ୍ରୂ କୁଞ୍ଚନ କରି ପୁଗାଚେଭ୍ ତାଙ୍କୁ ଚାହିଁଲା ଏବଂ ତା'ପରେ ଏକ ସଫେଦ ରୁମାଲ ହଲେଇ ଦେଲା । କେଇଜଣ କସାକ୍ ବୃଦ୍ଧ ଗଡ଼ନାୟକଙ୍କୁ ଟାଣି ଟାଣି ନେଇଗଲେ ଫାଶି ମଞ୍ଚ ପାଖକୁ । ପୂର୍ବ ଦିନ ଯେଉଁ ବିକଳାଙ୍ଗ ବାଶ୍‌କିର୍‌ଟିକୁ ଆମେ ଜେରା କରିଥିଲୁ, ସିଏ ହାତରେ ଦୌଡ଼ିଟାଏ ଧରି ଫାଶି କାଠ ଉପରେ ଦୁଇ ପାଖକୁ ଗୋଡ଼ ଝୁଲେଇ ବସିଥାଏ । କିଛିକ୍ଷଣ ମଧ୍ୟରେ ହତଭାଗ୍ୟ ଇଭାନ୍ କୁଜ୍‌ମିଚ୍‌ଙ୍କୁ ଫାଶି ଖୁଣ୍ଟରେ ଝୁଲିବାର ଦେଖିଲି । ତା'ପରେ ଇଭାନ୍ ଇଗ୍‌ନାତିଚ୍‌ଙ୍କୁ ପୁଗାଚେଭ୍ ସମ୍ମୁଖକୁ ଅଣାଗଲା । ପୁଗାଚେଭ୍ ତାଙ୍କୁ କହିଲା, "ଜାର୍ ପିଟର

ଫିଓଦୋରୋଭିଚ୍ ତୋ ସାମନାରେ ବସିଛନ୍ତି, ତାଙ୍କ ପ୍ରତି ଆନୁଗତ୍ୟର ଶପଥ ନେ !" କ୍ୟାପ୍ଟେନ୍‌ଙ୍କ କଥାଗୁଡ଼ିକୁ ପୁନରାବୃତ୍ତି କରି ଇଭାନ୍ ଇଗ୍ନାତିଚ୍ ଉତ୍ତର ଦେଲେ, "ତୁ ଆମର ଜାର୍ ନୁହଁ, ତୁ ବୁଢ଼ା ହେଉଛୁ ଏକ ଡକାଏତ ଓ ଭଣ୍ଡ !" ପୁଗାଚ୍ଚେଭ୍ ପୁଣି ରୁମାଲ ହଲେଇ ଦେଲା । ସଙ୍ଗେ ସଙ୍ଗେ ବୃଦ୍ଧ ଗଡ଼ନାୟକଙ୍କ ପାଖରେ ଏହି ସୁଯୋଗ୍ୟ ଲେଫ୍ଟନାଣ୍ଟଟି ଶୂନ୍ୟରେ ଝୁଲିବାକୁ ଲାଗିଲେ ।

ଏହା ପରେ ଆସିଲା ମୋ ପାଳି । ସାହସର ସହିତ ମୁଁ ପୁଗାଚ୍ଚେଭ୍‌କୁ ଚାହିଁଲି । ମନେ ମନେ ମୁଁ ସଂପୂର୍ଣ୍ଣ ରୂପେ ପ୍ରସ୍ତୁତ ହୋଇ ଯାଇଥିଲି ସେଇ କଥାଗୁଡ଼ିକୁ ପୁନରାବୃତ୍ତି କରିବା ପାଇଁ, ଯାହାକୁ ମୋର ମହାନୁଭବ ସାଥୀମାନେ କହିଥିଲେ । ଏହି ସମୟରେ ମୁଁ ବିଦ୍ରୋହୀ ଅଫିସରମାନଙ୍କ ମଧ୍ୟରେ ଦେଖିବାକୁ ପାଇଲି ଶ୍‌ଭାବ୍ରିନ୍‌କୁ । ସେ କସାକ୍ ଜାମା ପିନ୍ଧିଥାଏ ଏବଂ କସାକ୍ ଢଙ୍ଗରେ ବାଳ କାଟିଥାଏ ଦେଖି ମୁଁ ଏତେ ଆଶ୍ଚର୍ଯ୍ୟ ହୋଇଗଲି ଯେ, କହି ହେବ ନାହିଁ । ପୁଗାଚ୍ଚେଭ୍ ପାଖକୁ ଯାଇ ଚୁପ୍‌ଚୁପ୍ କରି କ'ଣ ସେ କହିଲା । ପୁଗାଚ୍ଚେଭ୍ ମୋ ଆଡ଼କୁ ଦୃଷ୍ଟି ନପକେଇ ହୁକୁମ୍ ଦେଲା, "ଫାଶିରେ ଝୁଲାଇ ଦିଅ !" ସଙ୍ଗେ ସଙ୍ଗେ ମୋ ଗଳାରେ ଦଉଡ଼ି ପିନ୍ଧେଇ ଦିଆଗଲା । ମୁଁ ମନେ ମନେ ଭଗବାନଙ୍କୁ ପ୍ରାର୍ଥନା କରିବାକୁ ଆରମ୍ଭ କରିଦେଲି, ମୋର ସମସ୍ତ ପାପ ପାଇଁ ଆନ୍ତରିକ ମାର୍ଜନା ଚାହିଁ ଅନୁତାପ କଲି, ମୋ ପ୍ରିୟଜନଙ୍କୁ ବଞ୍ଚାଇବା ପାଇଁ ମିନତି ଜଣାଇଲି । ମୋତେ ଟାଣିଟାଣି ଫାଶି ମଞ୍ଚ ପାଖକୁ ନିଆଗଲା । "ଭୟ କରନା !" ଫାଶି ମଞ୍ଚ ପାଖକୁ ମୋତେ ଧରିନେଲା ବେଳେ ମୋର ଘାତକମାନେ ଫୁସ୍‌ଫୁସ୍ କରି କହୁଥାନ୍ତି । ସେମାନେ ହୁଏତ ମୋତେ ସତରେ ଟିକେ ଉତ୍ସାହିତ କରିବାକୁ ଚାହୁଁଥିଲେ । ଏହି ସମୟରେ ହଠାତ୍ ଏକ ଆର୍ତ୍ତନାଦ ମୋ କାନରେ ବାଜିଲା, "ଅପେକ୍ଷା କର ! ପାପିଷ୍ଠମାନେ, ଅପେକ୍ଷା କର !" ଘାତକମାନେ ଅଟକିଗଲେ । ମୁଁ ଚାରିଆଡ଼କୁ ଦୃଷ୍ଟି ପକାଇ ଦେଖିଲି, ସାଭେଲିଚ୍ ପୁଗାଚ୍ଚେଭ୍‌ର ପାଦକୁ ଜାବୁଡ଼ି ଧରିଛି । "ଦୟାଳୁ ପିତା ମୋର ! ମୋ ମୁନିବଙ୍କ ପୁଅକୁ ହତ୍ୟା କରି ଆପଣଙ୍କୁ କ'ଣ ମିଳିବ ?" ମୋର ହତଭାଗ୍ୟ ସେବକଟି କାନ୍ଦିଉଠି କହିଲା ।

"ତାକୁ ଆପଣ ଛାଡ଼ି ଦିଅନ୍ତୁ, ତା ପରିବାରର ଲୋକେ ଆପଣଙ୍କୁ ମୁକ୍ତି ମୂଲ୍ୟ ହିସାବରେ ପ୍ରଚୁର ଧନ ଦୌଲତ ଦେବେ । ତାଛଡ଼ା ଆପଣ ଯଦି ଲୋକମାନଙ୍କୁ ଦେଖାଇବା ପାଇଁ ଫାଶି ଦେବାକୁ ଚାହାନ୍ତି, ତେବେ ମୁଁ ହାଜିର ଅଛି, ଏ ବୁଢ଼ାଟାକୁ ଫାଶିରେ ଝୁଲେଇ ଦିଅନ୍ତୁ !" ପୁଗାଚ୍ଚେଭ୍ ସଙ୍ଗେ ସଙ୍ଗେ ଇଙ୍ଗିତ ଦେଲା ଏବଂ ମୋର ଗଳାରୁ ଦୌଡ଼ି ଖୋଲି ଦିଆଗଲା । "ଆମ ଜାର୍ ତୋତେ କ୍ଷମା ଦେଇ ଦେଲେ", ଘାତକମାନେ ମୋତେ କହିଲେ । ଏହିଭାବେ ମୁକ୍ତିଲାଭ କଲାବେଳେ ମୁଁ ଯେ ଖୁବ୍ ଆନନ୍ଦିତ ହୋଇଥିଲି ତାହା ନୁହେଁ, କିନ୍ତୁ ଅନୁତାପ କରୁଥିଲି ବୋଲି ବି କହି ପାରିବି ନାହିଁ । ମୁଁ ଏକ ମାନସିକ ଦ୍ୱନ୍ଦ୍ୱ ମଧ୍ୟରେ ପଡ଼ିଯାଇଥିଲି । ମୋତେ ନେଇ ସେ ଭଣ୍ଡ ଜାର୍ ଆଗରେ ନତଜାନୁ କରି ବସାଇ ଦିଆଗଲା । ପୁଗାଚ୍ଚେଭ୍ ତା'ର ପେଶୀବହୁଳ ବାହୁଟିକୁ ବଢ଼ାଇଦେଲା ମୋ ଆଡ଼କୁ । "ହାତରେ ଚୁମା ଦିଅ, ହାତରେ ଚୁମା ଦିଅ", ଚାରିଆଡ଼ୁ ଆବାଜ ଉଠିଲା । ମୁଁ କିନ୍ତୁ ଏଭଳି ଏକ ନୀଚ ଅପମାନକର କାର୍ଯ୍ୟ ଅପେକ୍ଷା ଅତି ବର୍ବର ପ୍ରାଣଦଣ୍ଡକୁ ଆନନ୍ଦରେ ଗ୍ରହଣ କରିବାକୁ ରାଜି ଥିଲି । ସାଭେଲିଚ୍ ମୋ ପାଖରେ ଛିଡ଼ା ହୋଇଥାଏ । ପଛ ଆଡ଼େ ମୋର ଢିଅଟିଏ ମାରି ଫୁସ୍‌ଫୁସ୍ କରି ସେ କହିଲା, "ଆଜ୍ଞା, ଆଉ ଅବାଧ୍ୟ ହୁଅନ୍ତୁ ନାହିଁ ! ଏଥିରେ ଆପଣଙ୍କର କ'ଣ କ୍ଷତି ହୋଇ ଯାଉଛି ? ଛେପ ମେଞ୍ଚାଏ ପକାଇ ଦେଇ ସଇତାନ୍‌କୁ ଚୁମା ଖାଅ—ଅର୍ଥାତ୍ ତା ହାତରେ ଚୁମା ଦିଅ ।" ମୁଁ କିନ୍ତୁ ହଲଚଲ ହେଲି ନାହିଁ । ପୁଗାଚ୍ଚେଭ୍ ହାତଟିକୁ ଉଠାଇନେଇ ବିଦ୍ରୂପମିଶା ସ୍ୱରରେ କହିଲା, "ହଜୁର ହୁଏତ ଆନନ୍ଦରେ ବିଭୋର ହୋଇ ପଡ଼ିଛନ୍ତି ! ତାକୁ ଛିଡ଼ା କରାଇ ଦିଅ !" ମୋତେ ଛିଡ଼ା କରାଇ ଦିଆଗଲା, ମୁଁ ମୁକ୍ତି ଲାଭ କଲି । ତା'ପରେ ମୋ ଆଖି ଆଗରେ ଯେଉଁସବୁ ଭୟଙ୍କର ପ୍ରହସନ ଚାଲିଲା ସେସବୁକୁ ମୋତେ ଦଣ୍ଡାୟମାନ ହୋଇ ଦେଖିବାକୁ ପଡ଼ିଲା ।

ଦୁର୍ଗବାସୀମାନେ ଆନୁଗତ୍ୟର ଶପଥ ନେବାକୁ ଆରମ୍ଭ କଲେ— ସେମାନେ ଜଣ ଜଣ କରି ଆସି କ୍ରୁଶ ଦେହରେ ଚୁମା ଖାଉଥାନ୍ତି, ଭଣ୍ଡ ଜାର୍ ଆଗରେ ମଥାନତ କରୁଥାନ୍ତି । ଛାଉଣୀର ସୈନ୍ୟମାନେ ବି ଛିଡ଼ା

ହୋଇଥାନ୍ତି । ସୈନ୍ୟବାହିନୀର ଦର୍ଜି ହାତରେ ଗୋଟାଏ ଦନ୍ତରା କତୁରି ନେଇ ସୈନ୍ୟମାନଙ୍କର ଜଟକୁ କାଟି ପକାଉଥାଏ । ସୈନ୍ୟମାନେ ଆଗେଇ ଆସି ଟିକେ ନତମସ୍ତକ ହୋଇ ପୁଗାଚେଭ୍‌ର ହାତରେ ଚୁମା ଦେଉଥାନ୍ତି । ପୁଗାଚେଭ୍ ସେମାନଙ୍କୁ ସେମାନଙ୍କ ଦୋଷ ମାର୍ଜନା କରି ନିଜ ଦଳରେ ମିଶାଇ ନେଉଥାଏ । ଏହିସବୁ କାର୍ଯ୍ୟ ଶେଷ ହେଉ ହେଉ ପ୍ରାୟ ତିନିଘଣ୍ଟା ଖଣ୍ଡ ବିତିଗଲା । ତା'ପରେ ଚୌକିରୁ ଉଠି ପୁଗାଚେଭ୍ ତା'ର ଅଫିସରମାନଙ୍କ ଗହଣରେ ଚାଲିଗଲା ଅଳିନ୍ଦରୁ । ମୂଲ୍ୟବାନ ସାଜ ପୋଷାକରେ ସଜ୍ଜିତ ଏକ ଧଳା ଘୋଡ଼ା ତା ପାଇଁ ଅଣାଯାଇଥାଏ । ଦୁଇଜଣ କସାକ୍ ତା'ର ବାହୁକୁ ଧରି ଘୋଡ଼ାର ଜିନ୍ ଉପରକୁ ଉଠାଇଦେଲେ । ପାଦ୍ରି ଗେରାସିମ୍‌ଙ୍କୁ ପୁଗାଚେଭ୍ କହିଲା ଯେ, ସେ ତାଙ୍କ ଘରେ ମଧ୍ୟାହ୍ନ ଭୋଜନ କରିବ । ଏବଂ ଠିକ୍ ଏତିକିବେଳେ ଶୁଣାଗଲା ଏକ ନାରୀ କଣ୍ଠର ଆର୍ତ୍ତନାଦ । ଡକାଏତମାନଙ୍କ ମଧ୍ୟରୁ କେତେଜଣ ଭାସିଲିସା ୟେଗୋରୋଭ୍‌ନାଙ୍କୁ ଟାଣି ଟାଣି ଘେନି ଆସୁଥାନ୍ତି ଅଳିନ୍ଦକୁ । ମୁଣ୍ଡର ବାଳସବୁ ଅସଂଯତ, ସଂପୂର୍ଣ୍ଣ ଉଲଗ୍ନ । ସେ ପିନ୍ଧିଥିବା ତୁଳାଦିଆ ଜ୍ୟାକେଟ୍‌ଟିକୁ ଇତିମଧ୍ୟରେ ସେମାନଙ୍କ ମଧ୍ୟରୁ କିଏ ଜଣେ ପିନ୍ଧି ପକାଇଥାଏ । ଅନ୍ୟମାନେ ପଲଙ୍କର ପରଭରା ତୋଷକ, ସିନ୍ଦୁକ, ଚା ତିଆରି କରିବାର ସରଞ୍ଜାମ, ଘରୋଇ ବେଶ ପୋଷାକ ଏବଂ ଅନ୍ୟାନ୍ୟ ଛୋଟ ଛୋଟ ଜିନିଷପତ୍ର ଟାଣି ଟାଣି ଘର ବାହାରକୁ ନେଇ ଆସିଥାନ୍ତି । "ମହାଶୟଗଣ !" ହତଭାଗିନୀ ବୃଦ୍ଧା ଚିତ୍‌କାର କରି କହି ଉଠିଲେ, "ମୋତେ ଟିକେ ଶାନ୍ତିରେ ମରିବାକୁ ଦିଅନ୍ତୁ ! ଆପଣମାନଙ୍କ ହୃଦୟରେ ଯଦି ଦୟା ଅଛି ତେବେ ମୋତେ ଇଭାନ୍ କୁଜ୍‌ମିଚ୍‌ଙ୍କ ପାଖକୁ ନେଇଚାଲନ୍ତୁ ।" ହଠାତ୍ ତାଙ୍କର ନଜର ପଡ଼ିଗଲା ଫାଶି ମଞ୍ଚ ଉପରେ । ନିଜର ସ୍ୱାମୀଙ୍କୁ ସେ ଚିହ୍ନି ପକାଇଲେ । କ୍ରୋଧରେ ପାଗଳୀ ପରି ଚିତ୍‌କାର କରି କହିଲେ, "ବଦମାସ ଦଳସବୁ ! ତମେ ତାଙ୍କୁ କ'ଣ କରିଛ ! ଇଭାନ୍ କୁଜ୍‌ମିଚ୍, ମୋ ଆଖିର ପିତୁଳା ! ବୀର ସୈନିକ ତମେ ! ପ୍ରୁସୀୟମାନଙ୍କର ସଙ୍ଗିନ୍ କିମ୍ବା ତୁର୍କୀମାନଙ୍କର ବନ୍ଧୁକର ଗୁଳି ତୁମ ଦେହକୁ ସ୍ପର୍ଶ କରି ପାରି ନଥିଲା ! ସମ୍ମୁଖ ଲଢ଼େଇରେ ତୁମେ ପ୍ରାଣ ହରେଇ ନାହଁ । ଶେଷକୁ ତମକୁ ପ୍ରାଣ ଦେବାକୁ ହେଲା ଏକ ବନ୍ଦୀଶାଳାରୁ ପଳାତକ ଅପରାଧୀ ହାତରେ !" ପୁଗାଚେଭ୍ ସଙ୍ଗେ ସଙ୍ଗେ ହୁକୁମ୍ ଦେଲା, "ଏ ବୁଢ଼ୀ ଡାଆଣୀର ମୁହଁ ବନ୍ଦ କର !" ଏତକ ଶୁଣି ଜଣେ ତରୁଣ କସାକ୍ ତରବାରି ଉଠାଇ ଆଘାତ କଲା ତାଙ୍କ ମସ୍ତକ ଉପରେ । ଭାସିଲିସା ୟେଗୋରୋଭ୍‌ନାଙ୍କ ପ୍ରାଣହୀନ ଶରୀର ଲୋଟିଗଲା ଅଳିନ୍ଦ ଉପରେ । ପୁଗାଚେଭ୍ ତା'ପରେ ଘୋଡ଼ା ଛୁଟେଇ ସେଠାରୁ ଚାଲିଗଲା ଏବଂ ଲୋକେ ତା ପଛେ ପଛେ ଛୁଟିଲେ ।

ଅଷ୍ଟମ ପରିଚ୍ଛେଦ

ଅନିମନ୍ତ୍ରିତ ଅତିଥି

"ନିମନ୍ତା ନ ପାଇ ଭୋଜିକୁ ଆସେ
ତାତାରଠାରୁ ଖରାପ ସେ ।"
ପ୍ରବାଦ (ଋଷ)

ପଡ଼ିଆଟା ଜନଶୂନ୍ୟ ହୋଇଗଲା । ମୁଁ ଯେଉଁଠି ଥିଲି ସେଇଠି ସ୍ଥାଣୁ ଭଳି ଛିଡ଼ା ହୋଇ ରହିଲି । ଠିକ୍ ଭାବେ ଚିନ୍ତା କରିବାର ଶକ୍ତି ମୋର ନଥାଏ । ଗୋଟାକ ପରେ ଗୋଟାଏ ଭୟଙ୍କର ଘଟଣା ଦ୍ୱାରା ମୁଁ ବିଭ୍ରାନ୍ତ ହୋଇ ପଡ଼ିଥାଏ ।

ସବୁଠାରୁ ମୋତେ ବେଶି ବିବ୍ରତ କରି ଦେଇଥିଲା ମାରିୟା ଇଭାନୋଭ୍ନାର ଅନିଶ୍ଚିତ ଭାଗ୍ୟ ସଂପର୍କରେ ଚିନ୍ତାଟା । କେଉଁଠି ସେ ଏବେ ? କ'ଣ ତା'ର ହେଲା ? ସେ କ'ଣ ନିଜକୁ ଲୁଚାଇ ପାରିଛି ? ଯେଉଁଠି ଲୁଚାଇଛି ତାହା କ'ଣ ନିରାପଦ ସ୍ଥାନ ?.. ଏହିଭଳି ନାନା ଚିନ୍ତାରେ ମୁଁ ଉଦ୍‌ବିଗ୍ନ ହୋଇ ଗଡ଼ନାୟକଙ୍କ ଘର ଆଡ଼କୁ ଗଲିଲି ... । ଘର ମଧ୍ୟରେ ଛିନ୍ନଛତ୍ର ଅବସ୍ଥା ; ଚୌକି , ମେଜ , ସିନ୍ଦୁକସବୁ ଭଙ୍ଗା , କାଚ ଜିନିଷସବୁ ଖଣ୍ଡବିଖଣ୍ଡ ହୋଇ ଏଣେତେଣେ ପଡ଼ିଛି । ସେମାନେ ଯାହା ପାରିଛନ୍ତି ଜିନିଷପତ୍ର ନେଇ ପଳାଇ ଯାଇଛନ୍ତି । ଶୋଇବା ଘରକୁ ଯାଇଥିବା ଶିଡ଼ିରେ କେଇ ପାହାଚ ଉଠି ଜୀବନରେ ପ୍ରଥମ ଥର ପାଇଁ ମାରିୟା ଇଭାନୋଭ୍ନାର କୋଠରୀକୁ ମୁଁ ପଶିଲି । କୋଠରୀର ଗୋଟିଏ ପାଖକୁ ତା'ର ବିଛଣାକୁ ଡକେଇତମାନେ ଏଣେତେଣେ ଫିଙ୍ଗାଫିଙ୍ଗି କରିଛନ୍ତି , ପୋଷାକ ଆଲମାରିଟାକୁ ଭାଙ୍ଗିଛନ୍ତି , ଭିତରେ ଯାହା ଥିଲା ସବୁ ଲୁଟପାଟ କରି ନେଇ ଯାଇଛନ୍ତି । ଯିଶୁଙ୍କର ବିଗ୍ରହଟି ଯେଉଁ ସ୍ଥାନରେ ଥିଲା ସେ ସ୍ଥାନଟି ଶୂନ୍ୟ ପଡ଼ିଛି । ସେଠି କେବଳ ବତିଟିଏ ମିଞ୍ଜିମିଞ୍ଜି ହୋଇ ଜଳୁଥାଏ । ଦୁଇ ଝରକା ମଝିରେ ଝୁଲୁଥିବା ଆରିଶିଟି ଅକ୍ଷତ ଥାଏ । କିନ୍ତୁ ଏହି ଅନାଡ଼ମ୍ବର କୁମାରୀ-ପ୍ରକୋଷ୍ଠର ଅଧିବାସିନୀଟି

କାହିଁ ? ମନ ମଧ୍ୟରେ ମୋର ଏକ ଭୟଙ୍କର ଚିତ୍ରର ଝଲକ ଖେଳିଗଲା । ଭାବିଲି ସେ ଡକେଇତମାନଙ୍କ ହାତରେ ଧରାପଡ଼ିଛି ... । ସଙ୍ଗେ ସଙ୍ଗେ ମୋ ବୁକୁ ଭିତରର ସ୍ପନ୍ଦନ ବନ୍ଦ ହୋଇଗଲା ଭଳି ଲାଗିଲା ... । ଆଖିରୁ ଝରି ପଡ଼ିଲା ଦୁଃଖର ଲୁହ , ମୋ ପ୍ରେମିକାର ନାମ ଧରି ଜୋର୍‌ରେ ଡାକି ଉଠିଲି ... । ତା'ପରେ କାନରେ ମୋର ବାଜିଲା ଅସ୍ପଷ୍ଟ ଏକ ଶବ୍ଦ । ଆଲମାରିର ପଛପଟୁ ଥରି ଥରି ବାହାରି ଆସିଲା ପାଲାଶ୍‌କା , ମୁହଁଟି ତା'ର ଫିକା ପଡ଼ିଯାଇଥାଏ ।

"ଓହୋ , ପିଓତର ଆନ୍ଦ୍ରେଇଚ୍ !" ହତାଶାରେ ହାତକୁ ହଲାଇ ପାଲାଶ୍‌କା କହିଲା , "କି ଭୟଙ୍କର ଦିନ ଆଜି ! କି ଭୟାନକ କାଣ୍ଡସବୁ !.."

"ମାରିୟା ଇଭାନୋଭ୍ନା କାହିଁ ?" ଅଧୀର ହୋଇ ମୁଁ ପଚାରିଲି , "ତା'ର ଖବର କ'ଣ ?"

ପାଲାଶ୍‌କା ଉତ୍ତର ଦେଲା , "ସାନ ସାଆନ୍ତାଣୀ ବଞ୍ଚିଛନ୍ତି । ଆକୁଲିନା ପାମ୍‌ଫିଲୋଭ୍ନାଙ୍କ ଘରେ ସେ ଲୁଚିଛନ୍ତି ।"

"ପାଦ୍ରିଙ୍କ ଘରେ !" ମୁଁ ଭୟଭୀତ ହୋଇ ଚିତ୍କାର କରିଉଠିଲି , "ହେ ଭଗବାନ , ପୁଗାଚେଭ୍ ସେଇଠିକି ଯାଇଛି !.."

ପାଗଳ ପରି ଘର ମଧ୍ୟରୁ ବାହାରି ଆସି ଆଖି ପଲକକେ ଛୁଟିଗଲି ରାସ୍ତା ଉପରକୁ । ତା'ପରେ କୁଆଡ଼କୁ ନଚାହିଁ ସିଧା ଧାଇଁଲି ପାଦ୍ରିଙ୍କ ଘରକୁ । ପାଦ୍ରିଙ୍କ ଘରୁ ଗୋଳଚହଳ , ହସ ଆଉ ଗାନର ଆବାଜ ଭାସି ଆସୁଥାଏ ... । ସାଙ୍ଗସାଥୀଙ୍କୁ ନେଇ ଉତ୍ସବରେ ମାତିଛି ପୁଗାଚେଭ୍ । ପାଲାଶ୍‌କା ମୋ ପଛେ ପଛେ ଦୌଡ଼ି ଦୌଡ଼ି ଆସୁଥାଏ । ମୁଁ ତାକୁ କହିଲି, "ପାଟିତୁଣ୍ଡ ନକରି ଚୁପ୍‌ଚାପ୍ ଆକୁଲିନା ପାମ୍‌ଫିଲୋଭ୍ନାଙ୍କୁ ଡାକି ଆଣ ।" କିଛି କ୍ଷଣ ମଧ୍ୟରେ ଗୋଟିଏ ଖାଲି ବୋତଲ ହାତରେ ଧରି ପାଦ୍ରିଙ୍କ ସ୍ତ୍ରୀ ବାରନ୍ଦାକୁ ବାହାରି ଆସିଲେ ।

"ଭଗବାନଙ୍କ ରାଣ , ମାରିୟା ଇଭାନୋଭ୍ନା କେଉଁଠି ଅଛି କୁହନ୍ତୁ !" ଅତି ଉତ୍ତେଜିତ କଣ୍ଠରେ ମୁଁ ତାଙ୍କୁ ପଚାରିଲି ।

"ପରଦାର ଆଢ଼ୁଆଳରେ ମୋ ବିଛଣା ଉପରେ ବିଚାରୀଟି ଶୋଇଛି" , ପାଦ୍ରିଙ୍କ ସ୍ତ୍ରୀ ଉତ୍ତର ଦେଲେ । "କ'ଣ କହିବି , ପିଓତର ଆନ୍ଦ୍ରେଇଚ୍ ,

ଆଉ ଟିକେକେ ଭୟଙ୍କର କେତେ କ'ଣ ଘଟି ଯାଇଥାନ୍ତା ! ଭଗବାନଙ୍କ ଦୟାରୁ ବିପଦଟା କଟିଯାଇଛି । କ'ଣ ହେଲା ଜାଣନ୍ତି, ସଇତାନ୍‌ଟା ଖାଇବା ପାଇଁ ଟେବୁଲରେ ବସିବାକୁ ଯାଉଛି, ଏହି ସମୟରେ ମୋ କୁନିଟାର ନିଦ ଭାଙ୍ଗିଗଲା ଏବଂ ସୁଁସୁଁ ହୋଇ କାନ୍ଦିବାକୁ ଲଗିଲା !.. ମୋ ଛାତି ଭିତରଟା ବନ୍ଦ ହୋଇଗଲା ଭଳି ଲଗିଲା । ସଇତାନ୍ ଶୁଣି ପାରିଲା କାନ୍ଦଣା ଶବ୍ଦ । ମୋତେ ପଚାରିଲା, 'ଏ ବୁଢ଼ୀ, କିଏ କାନ୍ଦୁଛି ସେଠି ?' ନତମସ୍ତକ ହୋଇ ମୁଁ କହିଲି, 'ହଜୁର ମୋ ଝିଆରୀ । ତା ଦେହ ଭଲ ନାହିଁ, ସପ୍ତାହେ ହେଲା ବିଛଣାରେ ପଡ଼ିଛି ।' 'ତୋ ଝିଆରୀ କ'ଣ ଯୁବତୀ ?' 'ହଁ, ହଜୁର !' 'ତାହେଲେ ତୋ ଝିଆରୀକୁ ଟିକେ ଦେଖାଇଲୁ ମୋତେ !' ତା କଥା ଶୁଣି ଛାତି ଭିତରଟା ମୋର ଧକ୍‌ଧକ୍ କରି ଉଠିଲା । କିନ୍ତୁ କ'ଣ କରିବି, କିଛି ଉପାୟ ନଥାଏ । 'ନିଶ୍ଚୟ ନେଇ ଆସନ୍ତି ହଜୁର, କିନ୍ତୁ ଝିଅଟାର ଉଠିବାର କ୍ଷମତା ନାହିଁ । ହଜୁରଙ୍କ ପାଖକୁ ଆସିବ ବା କେମିତି ?' ମୁଁ କହିଲି । 'ସେଥି ପାଇଁ ତୁ ବ୍ୟସ୍ତ ହଅନା, ମୁଁ ନିଜେ ଯାଇ ଦେଖି ନେବି ।' କହୁଁକହୁଁ ସଇତାନ୍‌ଟା ଘର ଭିତରକୁ ପଶିଗଲା । ତା'ପରେ କ'ଣ ହେଲା ଜାଣନ୍ତି ? ପର୍ଦାକୁ ଘୁଞ୍ଚେଇ ଦେଇ ଛଞ୍ଚାଣ ଭଳି ଆଖିରେ ସେ ଚାହିଁଦେଲା – ବାଶ୍, ତା'ପରେ ସବୁ ଶେଷ ! ଭଗବାନଙ୍କର କି ଯେ ଦୟା ! ଆପଣ ହୁଏତ ବିଶ୍ୱାସ କରିବେ ନାହିଁ, ମୁଁ ଏବଂ ମୋ ସ୍ୱାମୀ ତ ଶହୀଦ ହୋଇ ମରିବା ପାଇଁ ପ୍ରସ୍ତୁତ ହୋଇ ଯାଇଥିଲୁ । କିନ୍ତୁ ଭାଗ୍ୟର ଆଶୀର୍ବାଦରୁ ସୁନାଟା ମୋର ଲୋକଟାକୁ ଚିହ୍ନି ପାରି ନି । ହେ ଭଗବାନ, ଏ ପୋଡ଼ା ଜୀବନରେ କ'ଣସବୁ ଦେଖିବାକୁ ପଡ଼ିଲା ! ଏଇଥି ପାଇଁ କ'ଣ ବଞ୍ଚି ରହିଲି ! ଭାବିଲେ ଦେହ ଶୀତେଇ ଉଠୁଛି ! ବିଚରା ଇଭାନ୍ କୁଜ୍‌ମିଚ୍ ! କିଏ ବିଶ୍ୱାସ କରିଥିଲା ଏମିତି ଘଟିବ ବୋଲି ! ଆଉ ଭାସିଲିସା ୟେଗୋରୋଭ୍‌ନା ? ଇଭାନ୍ ଇଗ୍‌ନାତିଚ୍ ? ସିଏ ବା କ'ଣ ଦୋଷ କରିଥିଲେ ? ଆପଣଙ୍କୁ ସେମାନେ କେମିତି ଛାଡ଼ି ଦେଲେ ? ଆଲେକ୍‌ସେଇ ଇଭାନିଚ୍ ଶ୍‌ଭାବ୍ରିନ୍‌ର କାମ ଦେଖିଲେ ତ ? କସାକ୍‌ଙ୍କ ଭଳି ବାଳ କାଟିଛି ଏବଂ ସେମାନଙ୍କ ସହିତ ଆମ ଘରେ ବସି ଖାନାପିନା କରୁଛି ! ଲୋକଟା କି ଧୂର୍ତ୍ତ ଜୁହନ୍ତୁ ତ ? ମୁଁ ଯେତେବେଳେ କହିଲି ମୋ ଝିଆରୀ

ଦେହ ଭଲ ନାହିଁ, ସେ ଯେପରି ଚାହିଁଲା, ଆପଣ ଦେଖିବାର କଥା । ଯା ହେଉ, ସେ ଧରା ପକେଇ ଦେଇ ନାହିଁ । ତେଣୁ ତା ପାଖରେ ଆମେ ନିଶ୍ଚୟ କୃତଜ୍ଞ ରହିବା ।" ଏତିକିବେଳେ ଘର ମଧ୍ୟରୁ ଅତିଥିମାନଙ୍କର ମତୁଆଲ କୋଳାହଳ ଶୁଣାଗଲା । ତନ୍‌ମଧ୍ୟରେ ଶୁଣାଯାଉଥିଲା ପାଦ୍ରି ଗେରାସିମ୍‌ଙ୍କ କଣ୍ଠସ୍ୱର । ଅତିଥିମାନେ ଭୋଦ୍‌କା ମାଗୁଛନ୍ତି ଏବଂ ଗୃହକର୍ତ୍ତା ଖୋଜୁଛନ୍ତି ଗୃହକର୍ତ୍ତୀଙ୍କୁ । ସ୍ୱାମୀଙ୍କ ଡାକ ଶୁଣି ଆକୁଲିନା ପାମ୍‌ଫିଲୋଭ୍‌ନା ଅସ୍ଥିର ହୋଇ କହି ପକାଇଲେ, "ପିଓତର ଆନ୍ଦ୍ରେଇଚ୍ ଆପଣ ଘରକୁ ଚାଲି ଯାଆନ୍ତୁ । ଏଠାରେ ଆପଣଙ୍କ ପକ୍ଷରେ ରହିବା ଠିକ୍ ନୁହେଁ । ବଦମାସଗୁଡ଼ାକ ଖିଆପିଆରେ ମାତିଛନ୍ତି । ଏବେ ସେମାନେ ମଦପିଇ ମତୁଆଲ, ସେମାନଙ୍କ ସାମନାକୁ ଆପଣ ନ ଯିବା ଭଲ । ଏଠୁ ପଳାଇ ଯାଆନ୍ତୁ । ଯାହା ହେବାକୁ ଥିବ, ତାହା ହିଁ ହେବ । ଭଗବାନ ହୁଏତ ଆମକୁ ରକ୍ଷା କରିବେ ।"

ପାଦ୍ରିଙ୍କ ସ୍ତ୍ରୀ ଘର ମଧ୍ୟକୁ ଚାଲିଗଲେ । କିଛି ପରିମାଣରେ ଆଶ୍ୱସ୍ତ ହୋଇ ମୁଁ ମଧ୍ୟ ମୋ ବାସସ୍ଥାନକୁ ଫେରିଗଲି । ପଡ଼ିଆ ଉପର ଦେଇ ଗଲା ବେଳେ ଦେଖିଲି, ଦଳେ ବାଶ୍‌କିର୍ ଫାଶି ମଞ୍ଚର ଚାରିପାଖରେ ଗହଳି କରିଛନ୍ତି । ଫାଶିରେ ଝୁଲୁଥିବା ମୃତ ଦେହଗୁଡ଼ିକର ଗୋଡ଼ରୁ ଟାଣି ଟାଣି ଜୋତାସବୁ ଖୋଲିବାରେ ଲଗିଥାନ୍ତି ସେମାନେ । ରାଗରେ ମୋ ଭିତରଟା ଜଳି ଉଠିଲା, କିନ୍ତୁ କୌଣସି ମତେ ନିଜକୁ ସମ୍ଭାଳି ନେଲି । ଏ କାର୍ଯ୍ୟରେ ବାଧା ଦେବା ଏକେବାରେ ଅର୍ଥହୀନ ବୋଲି ମୁଁ ଭଲ କରି ଜାଣିଥିଲି । ଡକେଇତଗୁଡ଼ାକ ଗଡ଼ ସାରା ଧାଁଧପଡ଼ କରୁଥାନ୍ତି, ଅଫିସରମାନଙ୍କ ଘର ଦୁଆର ଲୁଟ କରୁଥାନ୍ତି । ସର୍ବତ୍ର ଶୁଣାଯାଉଥାଏ ମତୁଆଲ ବିଦ୍ରୋହୀମାନଙ୍କର ହୁଙ୍କାର, କୋଳାହଳ । ମୁଁ ଘରେ ପହଞ୍ଚିଗଲି । ଦୁଆର ମୁହଁରେ ମୋତେ ଅପେକ୍ଷା କରିଥାଏ ସାଭେଲିଚ୍ । "ଯାହେଉ, ଭଗବାନଙ୍କ ଦୟାରୁ ଆପଣ ଫେରି ଆସିଛନ୍ତି !" ମୋତେ ଦେଖିଲା କ୍ଷଣି ସେ କହିଉଠିଲା, "ମୁଁ ତ ଭାବୁଥିଲି ଆପଣ ହୁଏତ ପୁଣି ସେ ବଦମାସମାନଙ୍କ ପାଲରେ ପଡ଼ିଗଲେଣି । ଏଣେ କ'ଣ ହୋଇଛି ଟିକେ ଦେଖନ୍ତୁ, ହଜୁର ! ଡକେଇତଗୁଡ଼ାକ ଆମର ସବୁ ଜିନିଷପତ୍ର ଲୁଟ୍ କରି ନେଇଛନ୍ତି । ପୋଷାକପତ୍ର, ଥାଳି ଡାଟିଆ

କିଛି ରଖି ନାହାନ୍ତି । ତେବେ ସେଥି ପାଇଁ ଅବଶ୍ୟ ଚିନ୍ତା କରି ଲାଭ ନାହିଁ । ଈଶ୍ୱରଙ୍କ ଦୟାରୁ ସେମାନେ ଆପଣଙ୍କ ଜୀବନ ନେଇ ନାହାନ୍ତି, ତାହା ହିଁ ବଡ଼ କଥା । ଆପଣ ସେ ସର୍ଦାରଟାକୁ ଚିହ୍ନି ପାରିଲେ ତ ଆଜ୍ଞା ?"

"ନା , ଚିହ୍ନି ପାରିନି ତ । କିଏ ସେ ?"

"କ'ଣ କହୁଛନ୍ତି ହଜୁର ! ସେ ମଦୁଆଟାକୁ ଆପଣ ଭୁଲି ଗଲେଣି , ଯାହାକୁ ସେ ଚଟିଘରେ ଆପଣଙ୍କ ଠେକୁଆ ଚମର କୋଟ୍‌ଟା ଦେଇଥିଲେ ? ଆହା , କୋଟ୍‌ଟା ଅର୍ଖ ନୂଆ ଥିଲା ! ଜାନୁଆରଟା ଦେହରେ ପିନ୍ଧିଲାବେଳେ ପଡ଼ପଡ଼ କରି ଛିଡ଼ାଇ ଦେଇଥିଲା !"

ମୁଁ ଏକେବାରେ ଅବାକ୍ ହୋଇଗଲି । ପ୍ରକୃତରେ ସେଦିନର ସେଇ ପଥପ୍ରଦର୍ଶକ ସହିତ ଆଜିର ଏହି ପୁଗାଚ୍ଛେଭ୍ ଚେହେରାର ସାଦୃଶ୍ୟ ରହିଛି । ଏଥର ଆଉ ମନରେ ମୋର ସନ୍ଦେହ ରହିଲା ନାହିଁ ଯେ, ପୁଗାଚ୍ଛେଭ୍ ଆଉ ସେଇ ପଥପ୍ରଦର୍ଶକ ହେଉଛନ୍ତି ଅଭିନ୍ନ ଲୋକ । ଏଥର ମୁଁ ବୁଝି ପାରିଲି ସେ କାହିଁକି ମୋତେ କ୍ଷମା ପ୍ରଦର୍ଶନ କରିଛି । ଘଟଣାବଳୀର ଏହି ବିସ୍ମୟକର ଯୋଗାଯୋଗ ଦେଖି ମୁଁ ଆଶ୍ଚର୍ଯ୍ୟ ନହୋଇ ରହି ପାରିଲି ନାହିଁ । ଗୋଟାଏ ବାରବୁଲା ଲୋକକୁ ଦେଇଥିବା ପିଲା ବେଳର ଖଣ୍ଡେ କୋଟ୍ ଆଜି ମୋତେ ଫାଶିର ଦୌଡ଼ିରୁ ବଞ୍ଚେଇ ଦେଲା ! ଏବଂ ଯେଉଁ ଲୋକଟା ଦିନେ ଏ ଚଟିଘରୁ ସେ ଚଟିଘରକୁ ଘୂରି ବୁଲୁଥିଲା ସିଏ ପୁଣି ଆଜି ଗଡ଼ ପରେ ଗଡ଼ ଅଧିକାର କରି ନେଉଛି ଏବଂ ରାଷ୍ଟ୍ରର ଭିତ୍ତିକୁ ଦୋହଲେଇ ଦେଉଛି !

"ଆପଣ କ'ଣ କିଛି ଖାଇବେ ନାହିଁ ?" ସ୍ୱାଭାବିକ ଅଭ୍ୟାସ ବଶତଃ ସାଭେଲିଚ୍ ପଚାରିଲା , "ଘରେ ଅବଶ୍ୟ କିଛି ନାହିଁ । ତେବେ ଏଠୁ ସେଠୁ କିଛି ଯୋଗାଡ଼ କରି ଆପଣଙ୍କ ପାଇଁ ରାନ୍ଧି ଦେବି ।"

ସାଭେଲିଚ୍ ଚାଲିଗଲା ପରେ ମୁଁ ନିଜକୁ ଚିନ୍ତା ମଧ୍ୟରେ ହଜେଇ ଦେଲି । ଏବେ ମୋତେ କ'ଣ କରିବାକୁ ପଡ଼ିବ ? ଏହି ଦୁର୍ବୃତ୍ତ ଅଧୀନରେ ଏହି ଗଡ଼ ମଧ୍ୟରେ ରହିଯିବି ନା ତା ଦଳ ସହିତ ମିଶି ଯିବି—ଏ ଦୁଇଟି ଯାକ କାମ ଜଣେ ସେନାବିଭାଗର ଅଫିସର ପକ୍ଷରେ ଶୋଭା ପାଏ ନାହିଁ । କର୍ତ୍ତବ୍ୟର ଆହ୍ୱାନ ଦୃଷ୍ଟିରୁ ମୋ ପକ୍ଷରେ ଉଚିତ ହେବ ଏପରି ଏକ ସ୍ଥାନରେ

ରହିବା , ଯେଉଁଠି ଏ ଦୁର୍ଦ୍ଦିନରେ ମୋ ମାତୃଭୂମିର ସେବାରେ ମୁଁ ନିଜକୁ ନିୟୋଜିତ କରି ପାରିବି ...। କିନ୍ତୁ ମୋର ପ୍ରେମ ମୋତେ ବାଧ୍ୟ କରୁଥିଲା ମାରିୟା ଇଭାନୋଭ୍‌ନା ପାଖରେ ରହିବାକୁ , ତା'ର ଉଦ୍ଧାରକର୍ତ୍ତା ଏବଂ ରକ୍ଷାକର୍ତ୍ତା ହେବାକୁ । ମୁଁ ଅବଶ୍ୟ ଦେଖି ପାରୁଥିଲି ଯେ , ନିଶ୍ଚୟ ଅବସ୍ଥାର ଦ୍ରୁତ ପରିବର୍ତ୍ତନ ଘଟିବ , କିନ୍ତୁ ତା ସତ୍ତ୍ୱେ ମାରିୟା ଇଭାନୋଭ୍‌ନାର ବିପଦ କଥା ଚିନ୍ତା କରି ଶିହରି ଉଠୁଥିଲି ।

ଏହି ସମୟରେ ଜଣେ କସାକ୍‌ର ଆଗମନ ଫଳରେ ମୋର ଚିନ୍ତାର ଝିଅଟା ଛିଡ଼ିଗଲା । କସାକ୍‌ଟି ଘର ମଧ୍ୟକୁ ଦୌଡ଼ି ଆସି ଜଣାଇଲା , "ମହାନ୍ ଜାର୍ ଆପଣଙ୍କୁ ତାଙ୍କ ସମ୍ମୁଖରେ ହାଜିର ହେବା ପାଇଁ ହୁକୁମ୍ ଦେଇଛନ୍ତି ।" ଯିବା ପାଇଁ ପ୍ରସ୍ତୁତ ହେଉଁ ହେଉଁ ପଚାରିଲି , "ସେ କେଉଁଠି ଅଛନ୍ତି ?"

"ଗଡ଼ନାୟକଙ୍କ ଘରେ" , କସାକ୍‌ଟି ଉତ୍ତର ଦେଲା । "ଖିଆପିଆ ପରେ ମହାରାଜ ସ୍ନାନ ଘରକୁ ଯାଇଥିଲେ, ଏବେ ବିଶ୍ରାମ ନେଉଛନ୍ତି । ତାଙ୍କର ଲକ୍ଷଣ ଦେଖି ମନେ ହେଉଛି ସେ ଜଣେ ବିରାଟ ଲୋକ । ଖାଇଲା ବେଳେ ସେ ନିଆଁରେ ପୋଡ଼ା ଲାଲ ଟକ୍ ଟକ୍ ଦିଇଟା ଘୁଷୁରି ଛୁଆକୁ ଶେଷକରି ଦେଲେ ! ଏମିତି ଗରମ ପାଣିରେ ସ୍ନାନ କଲେ ଯେ , ତାରାସ୍ କୁରୋଚ୍‌କିନ୍ ଭଳି ଲୋକ ବି ସହ୍ୟ କରି ପାରିଲା ନାହିଁ । ମହାରାଜଙ୍କର ଦେହ ଘଷିବାର ଦାୟିତ୍ୱ ଫୋମ୍‌କା ବିକ୍‌ବାୟେଭ୍‌କୁ ଦେଇ ନିଜେ ଥଣ୍ଡା ପାଣିରେ ବୁଡ଼ି ନିଜକୁ ବିଚରା କୌଣସି ପ୍ରକାରେ ସମ୍ଭାଳି ନେଲା । ଆପଣ ଯାହା କହନ୍ତୁ ନା କାହିଁକି , ତାଙ୍କ ହାବଭାବ ଜଣେ ବିରାଟ ଲୋକ ଭଳି ...। ସେମାନେ କହୁଥିଲେ , ସେ କାଳେ ସ୍ନାନ ଘରକୁ ଯାଇ ବୁକୁ ଖୋଲି ଦେଖାଇ ଦେଇଥିଲେ । ବୁକୁର ଗୋଟିଏ ପାଖକୁ ରହିଛି ଦୁଇମୁଣ୍ଡିଆ ଏକ ବାଜପକ୍ଷୀ , ପ୍ରାୟ ପାଞ୍ଚ କୋପେକ୍ ଭଳି ବଡ଼ , ଅନ୍ୟ ପାଖକୁ ତାଙ୍କ ନିଜର ଛବି ।"

କସାକ୍‌ଟିର ମତକୁ ବିରୋଧ କରିବା ଉଚିତ ହେବ ବୋଲି ମୁଁ ମନେ କଲି ନାହିଁ । ତା ସହିତ ବାହାରି ପଡ଼ିଲି ଗଡ଼ନାୟକଙ୍କ ଘରକୁ ଯିବା ପାଇଁ । ଗଲାବେଳେ ମନେ ମନେ କଳ୍ପନା କରୁଥିଲି ପୁଗାଚ୍ଛେଭ୍ ସହିତ ମୋର ଏହି ଆସନ୍ନ ସାକ୍ଷାତ୍କାରର ପରିଣତି କ'ଣ ହୋଇପାରେ । ପାଠକଗଣ ସହଜରେ

ଅନୁମାନ କରି ପାରୁଥିବେ ଯେ, ମୁଁ ମୋଟେ ସ୍ୱସ୍ତି ବୋଧ କରୁ ନଥିଲି ।

ଗଡ଼ନାୟକଙ୍କ ଘରେ ପହଞ୍ଚିଲା ବେଳକୁ ସଂଧ୍ୟା ଘନେଇ ଆସିଥାଏ । ଫାଶି ମଞ୍ଚରେ ଶାସ୍ତିପ୍ରାପ୍ତ ଲୋକମାନଙ୍କର ଦେହସବୁ ଝୁଲୁଥାଏ ଏବଂ ମଞ୍ଚଟା ଏକ କଳା ଭୟଙ୍କର ବିଭୀଷିକା ଭଳି ଦିଶୁଥାଏ । ବିଗ୍ରୀ ଭାସିଲିସା ୟେଗୋରୋଭ୍‌ନାଙ୍କ ଶବଟି ସେ ପର୍ଯ୍ୟନ୍ତ ପଡ଼ିରହିଥାଏ ଅଳିନ୍ଦରେ ଏବଂ ଅଳିନ୍ଦ ଆଗରେ ଦୁଇ ଜଣ କସାକ୍ ପହରା ଦେଉଥାନ୍ତି । ମୋତେ ସାଙ୍ଗରେ ନେଇ ଆସିଥିବା କସାକ୍‌ଟି ଭିତରକୁ ଗଲା ମୋ ଆଗମନ ସଂବାଦ ଜଣାଇଦେବା ପାଇଁ । ଏବଂ ସଙ୍ଗେ ସଙ୍ଗେ ଫେରି ଆସି ମୋତେ ସେଇ ପ୍ରକୋଷ୍ଠଟି ମଧ୍ୟକୁ ନେଇଗଲା, ଯେଉଁଠି ଦିନକ ଆଗରୁ କୋମଳ ଭାବାବେଗରେ ମୁଁ ମାରିୟା ଇଭାନୋଭ୍‌ନା ପାଖରୁ ବିଦାୟ ନେଇଥିଲି ।

ପ୍ରକୋଷ୍ଠ ମଧ୍ୟକୁ ପ୍ରବେଶ କରି ଏକ ଅପୂର୍ବ ଦୃଶ୍ୟର ସମ୍ମୁଖୀନ ହେଲି । ସଫେଦ କପଡ଼ାରେ ଢଙ୍କା ଏକ ଟେବୁଲ ଉପରେ ବୋତଲ ଆଉ ଗ୍ଲାସ୍‌ସବୁ

ଜମା ହୋଇଛି । ଦଶଜଣ ଖଣ୍ଡ କସାକ୍ ଅଫିସରଙ୍କ ମେଳରେ ବସିଛି ପୁଗାଚ୍ଚେଭ୍ । କସାକ୍ ଅଫିସରଙ୍କ ମୁଣ୍ଡରେ ଉଚ୍ଚା ଉଚ୍ଚା ଟୋପି, ଦେହରେ ରଙ୍ଗରଙ୍ଗିଆ ଜାମା । ମଦ ନିଶାରେ ସମସ୍ତେ ଚୁର୍, ରୁକ୍ଷ ମୁହଁସବୁ ଝଲସି ଉଠୁଛି, ଆଖିଗୁଡ଼ାକ ଚକ୍‌ଚକ୍ କରୁଛି । ସଂପ୍ରତି ଏମାନଙ୍କ ଦଳରେ ଯୋଗ ଦେଇଥିବା ବିଶ୍ୱାସଘାତକ ଶ୍‌ଭାବ୍ରିନ୍ ଏବଂ ମାକ୍‌ସିମିଚ୍ କିନ୍ତୁ ସେମାନଙ୍କ ମଧ୍ୟରେ ନଥାନ୍ତି । ମୋତେ ଦେଖି ପୁଗାଚ୍ଚେଭ୍ କହିଲା, "ଆସନ୍ତୁ ମହାଭାଗ ! ଆମର ଅଭିନନ୍ଦନ ଗ୍ରହଣ କରନ୍ତୁ ! ଆମକୁ ଆପଣଙ୍କ ସଙ୍ଗ ଦେଇ କୃତାର୍ଥ କରନ୍ତୁ ! ବସିବା ହୁଅନ୍ତୁ ଏଥର !" ଘର ମଧ୍ୟରେ ହଟଗୋଳ କରୁଥିବା ଲୋକେ ମୋତେ ବସିବା ପାଇଁ ସ୍ଥାନ ଛାଡ଼ି ଦେଲେ । ନିରବରେ ମୁଁ ଯାଇ ବସିଲି ଟେବୁଲର ଗୋଟିଏ ପାଖକୁ । ମୋ ପାଖକୁ ଲଗି ବସିଥିଲା ଜଣେ କସାକ୍ ଯୁବକ, ଚେହେରା ଖୁବ୍ ସୁନ୍ଦର । (୩୪) ମୋ ପାଇଁ ସେ ଗ୍ଲାସ୍‌ରେ ଗ୍ଲାସେ ଭୋଦ୍‌କା ଢାଳିଦେଲା । ମୁଁ କିନ୍ତୁ ସେ ଭୋଦ୍‌କା ସ୍ପର୍ଶ କଲି ନାହିଁ । ଜିଜ୍ଞାସୁ ଦୃଷ୍ଟିରେ ଘୂରି ପାଖରେ ବସିଥିବା ଲୋକମାନଙ୍କୁ ଦେଖିବାକୁ ଲାଗିଲି । ଟେବୁଲର ଶେଷ ପ୍ରାନ୍ତକୁ ବସିଛି ପୁଗାଚ୍ଚେଭ୍, କହୁଣି ଦୁଇଟିକୁ ଟେବୁଲ ଉପରେ ରଖିଛି । ହାତର ବିରାଟ ମୁଷ୍ଟି ଉପରକୁ ଝୁଲିପଡ଼ିଛି ତା'ର କଳା ଦାଢ଼ି । ମୁହଁର ଭଙ୍ଗିମାରେ ତା'ର ଫୁଟି ଉଠୁଥାଏ ଏକ ଛନ୍ଦ, ଦେଖିବାକୁ କମନୀୟ, ସେଥିରେ କ୍ରୁରତାର କୌଣସି ଚିହ୍ନବର୍ଣ୍ଣ ନଥାଏ । ମଝିରେ ମଝିରେ ଜଣେ ଲୋକ ସହିତ ସେ ବାରମ୍ବାର କଥା କହୁଥାଏ । ଲୋକଟିକୁ ପ୍ରାୟ ପଚାଶ ଖଣ୍ଡ ବର୍ଷ ହେବ । ପୁଗାଚ୍ଚେଭ୍ କେତେବେଳେ ତାକୁ କାଉଣ୍ଟ ବୋଲି ସମ୍ଭାଷଣ କରୁଥାଏ ତ ଆଉ କେତେବେଳେ ତିମୋଫେଇଚ୍ ବୋଲି କହୁଥାଏ । ବେଳେବେଳେ କେବଳ ଦାଦା ବୋଲି ମଧ୍ୟ ଡାକି ଦେଉଥାଏ । ସମସ୍ତେ ସେଠି ପରସ୍ପରକୁ ସାଥୀ ଭଳି ବ୍ୟବହାର କରୁଥାନ୍ତି । ସେମାନଙ୍କ ନେତା ସହିତ ବ୍ୟବହାରରେ ମଧ୍ୟ କୌଣସି ବିଶେଷତା ନଥାଏ । ଆଲୋଚନା ଚାଲିଥାଏ ସକାଳ ବେଳାର ଆକ୍ରମଣ, ବିଦ୍ରୋହର ସାଫଲ୍ୟ ଏବଂ ଭବିଷ୍ୟତର କର୍ମପନ୍ଥା ଘେନି । ସମସ୍ତେ ଗର୍ବ ଅନୁଭବ କରୁଥାନ୍ତି, ନିଜର ମତ ପ୍ରକାଶ କରୁଥାନ୍ତି ଏବଂ ପୁଗାଚ୍ଚେଭ୍‌ର ମତ ବିରୁଦ୍ଧରେ ମତ ପ୍ରକାଶ କରିବାକୁ ସେମାନଙ୍କର

୨ — 1030

ସଙ୍କୋଚ ନଥାଏ । ଏହି ଅଦ୍ଭୁତ ଯୁଦ୍ଧ-ପରିଷଦର ଆଲୋଚନାରେ ସ୍ଥିର ହେଲା ଯେ, ଓରେନ୍‌ବୁର୍ଗ ଉପରେ ଚଢ଼ଉ ହେବ । ସେମାନଙ୍କର ଏହି ପରିକଳ୍ପନାଟି ଥିଲା ବଡ଼ ଦୁଃସାହସିକ, ଯାହାକି ଦୁର୍ବିପାକମୟ ସାଫଲ୍ୟର ଗୌରବରେ ମଣ୍ଡିତ ହେବାର ସମସ୍ତ ସମ୍ଭାବନା ଥିଲା ! ପରଦିନ ସକାଳେ ଅଭିଯାନ ଆରମ୍ଭ ହେବ ବୋଲି ଘୋଷଣା କରାଗଲା । ପୁଗାଚେଭ୍ କହିଲା, "ଭାଇମାନେ, ଏଥର ଆସନ୍ତୁ ଶୋଇବା ପୂର୍ବରୁ ମୋର ସେ ପ୍ରିୟ ଗୀତଟି ଗାଇବା । ଚୁମାକୋଭ୍, ତମେ ଆରମ୍ଭ କର !" ମୋ ପାଖରେ ବସିଥିବା ଲୋକଟି ସରୁ ଗଳାରେ ଗାଇବାକୁ ଆରମ୍ଭ କରିଦେଲା ମତ୍ସ୍ୟଜୀବୀମାନଙ୍କର ଏକ ଉଦାସଭରା ଗାନ । ସମସ୍ତେ ତା ସହିତ ସ୍ୱର ମିଳାଇଲେ :

ସ୍ତବ୍ଧ କର ମର୍ମର ତୋ ସବୁଜ ବନାନୀ ମା ଲୋ !
ତୋ ସାହସୀ ସନ୍ତାନର ଚିନ୍ତାରେ ତୁ ଦିଅନା ମା ବାଧା,
କାଲି ସୂର୍ଯ୍ୟ ଉଠିଲେ ମୁଁ ଯିବି ବିଗ୍ରରକ ପାଖେ,
ଭୟଙ୍କର ବିଗ୍ରରକ ଜାର୍‌ର ନିକଟେ,
ସମ୍ରାଟ ଜାର୍ ଆମ ପଗ୍ରରିବେ ମୋତେ,
କହ ଚଷା ପୁଅ, କହ ସତ କରି
କିଏ ତୋ ସଙ୍ଗରେ ଥିଲେ ଗ୍ରେରି ଲୁଣ୍ଠନରେ,
ସାଙ୍ଗ ସାଥୀ କ'ଣ ତୋର ଅଛନ୍ତି ଅନେକେ ?
ମୁଁ କହିବି, ପ୍ରଭୁ ମୋର ଧର୍ମ ଅବତାର, ହେ ସମ୍ରାଟ ଜାର୍,
ସତ ମୁଁ କହୁଛି, ସବୁକିଛି ଅତି ଖୋଲାଖୋଲି,
ସାଙ୍ଗ ସାଥୀ ବୋଇଲେ ମୋ ମୋଟ୍ ଗ୍ରରିଜଣ —
ପ୍ରଥମ ସାଥୀଟି ମୋର ଅନ୍ଧକାର ରାତ୍ରି
ଦ୍ୱିତୀୟ ସାଥୀଟି ମୋର ଶାଣ ଦିଆ ଅସି
ତୃତୀୟ ସାଥୀଟି ମୋର ବିଶ୍ୱସ୍ତ ଘୋଟକ
ଚତୁର୍ଥଟି ଥିଲା ମୋର ତୂଣ ଦିଆ ଧନୁ ।
ଦୂତମାନେ ଥିଲେ ମୋର ତୀକ୍ଷ୍ଣ ତୀରରାଶି,

ତାହାପରେ ଧର୍ମରାଜ ପଗ୍ରରିବେ ମୋତେ,
ସାବାସ୍ କୃଷକ ପୁତ୍ର ବୀର ତୁ ସତରେ,
ଜାଣିଛୁ ତୁ ଗ୍ରେରିବିଦ୍ୟା, ଦେଉ ପୁଣି ସଳଖ ଉତ୍ତର !
ତେଣୁ ତୋତେ ଦେବି ପୁରସ୍କାର
ପ୍ରାନ୍ତର ମଧ୍ୟରେ ଏକ ପ୍ରାସାଦ ସୁନ୍ଦର
ଦୁଇ ପାଖେ ଶକ୍ତ ଦୁଇ ଖୁଣ୍ଟ, ତା ଉପରେ ଆଡ଼କାଠ ଏକ । (୩୫)

ଏହି ଲୋକଗୀତଟି ଥିଲା ଫାଶି ମଞ୍ଚକୁ ନେଇ । ଯେଉଁମାନେ ସେ ଗୀତଟିକୁ ଗାଉଥିଲେ ସେମାନଙ୍କୁ ଶେଷରେ ସେଇ ଫାଶି ମଞ୍ଚରେ ପ୍ରାଣ ଦେବାକୁ ପଡ଼ିଥିଲା । ଗୀତଟି ଶୁଣି ମୋ ମନର ଅବସ୍ଥା କ'ଣ ଯେ ହୋଇଥିଲା ତାହା ବର୍ଣ୍ଣନା କରିବା ଅସମ୍ଭବ । ଗୀତଟିର ଶବ୍ଦଗୁଡ଼ିକର ଆବେଗଭରା ଶକ୍ତି ଏବଂ ସେସବୁକୁ ଯେଉଁମାନେ ସୁର ଦେଇ ଗାଉଥିଲେ, ସେମାନଙ୍କ କଣ୍ଠସ୍ୱର ଏବଂ ମୁହଁର ଉଦାସ ଅଭିବ୍ୟକ୍ତି — ସବୁ ମିଶି ମନରେ ମୋର ଏକ ଭୀତିପ୍ରଦ ଅନୁଭୂତି ଜାଗ୍ରତ କରିଥିଲା ।

ଅତିଥିମାନେ ଆଉ ଗ୍ଲାସେ ଲେଖାଏଁ ମଦ୍ୟ ପାନ କଲେ ଏବଂ ତା'ପରେ ପୁଗାଚେଭ୍‌ଠାରୁ ବିଦାୟ ନେଇ ଦଣ୍ଡାୟମାନ ହେଲେ । ସେମାନଙ୍କ ସହିତ ଗ୍ରଲିଗଲା ଭଳି ଭାବ କରି ମୁଁ ମଧ୍ୟ ଛିଡ଼ା ହୋଇଗଲି, କିନ୍ତୁ ପୁଗାଚେଭ୍ ମୋତେ କହିଲା : "ତୁମେ ବସ, ତୁମ ସହିତ ମୋର କିଛି ଆଲୋଚନା କରିବାକୁ ଅଛି ।" ଆମେ ଦୁଇଜଣ ବସି ରହିଲୁ ।

କିଛି କ୍ଷଣ ଆମେ ଚୁପ୍‌ଗ୍ରପ୍ ରହିଲୁ । ପୁଗାଚେଭ୍ ନିର୍ନିମେଷ ଦୃଷ୍ଟିରେ ମୋତେ ଗ୍ରହିଁ ରହିଥାଏ । ତା'ର ବାଆଁ ଆଖିଟି ଏପରି ଏକ ଭଙ୍ଗିରେ ଆକୁଞ୍ଚିତ ହୋଇ ରହିଥାଏ ଯେ, ସେଥିରୁ ଧୂର୍ତ୍ତତା ଆଉ ବିଦ୍ରୂପ ଫୁଟି ଉଠୁଥାଏ । ଶେଷକୁ ହଠାତ୍ ସେ ହୋ ହୋ ଶବ୍ଦ କରି ହସି ଉଠିଲା । ତା'ର ସେ ହସ ମଧ୍ୟରେ ଏପରି ଏକ ଅକୃତ୍ରିମ ଆନନ୍ଦ ଫୁଟି ଉଠିଲା ଯେ, ମୁଁ ମଧ୍ୟ ଅଜାଣତରେ ହସି ଉଠିଲି ।

"ଆଚ୍ଛା, ମହାଭାଗ !" ସେ କହିଲା, "କୁହନ୍ତୁ ତ, ଆମ ଲୋକେ ଯେତେବେଳେ ତମ ଗଳାରେ ଫାଶି ଦୌଡ଼ି ପିନ୍ଧାଇ ଦେଉଥିଲେ ତୁମେ କ'ଣ ଭୟ ପାଇ ଯାଇଥିଲ ? ମୁଁ ହଲପ କରି କହି ପାରେ ଯେ, ଭୟରେ ତୁମ ମୁଣ୍ଡଟା ବିଗିଡ଼ି ଯାଇଥିଲା ସେତେବେଳେ ... । ତୁମର ସେ ଗ୍ରକରଟି ନଥିଲେ ତୁମେ ବି ଏବେ ଫାଶି ଖୁଣ୍ଟରେ ଝୁଲୁଥାନ୍ତ । ମୁଁ କିନ୍ତୁ ସଙ୍ଗେ ସଙ୍ଗେ ସେ ବୁଢ଼ା ଭାଲୁଟାକୁ ଚିହ୍ନି ପକାଇଥିଲି । ସେଦିନ ଯେଉଁ ଲୋକଟି ତୁମକୁ ପଥ ଦେଖାଇ ଚଟିଘରକୁ ନେଇ ଯାଇଥିଲା ସିଏ ଯେ ସ୍ୱୟଂ ଏ ମହାନ୍ ଜାର୍ ହୋଇଥିବେ, ସେ କଥା ତୁମେ ନିଶ୍ଚୟ ଭାବି ପାରି ନଥିଲ ! କୁହ, ଭାବିଥିଲ କି ? (ଏତକ କହିଲା ପରେ ମୁହଁରେ ତା'ର ଫୁଟି ଉଠିଲା ଗର୍ବଭରା ରହସ୍ୟପୂର୍ଣ୍ଣ ଏକ ଭାବ) ମୋର ବିରୁଦ୍ଧାଚରଣ କରି ତୁମେ ଏକ ଭୟଙ୍କର ପାପ କରିଛ । କିନ୍ତୁ ତା ସତ୍ତ୍ୱେ ମୁଁ ତୁମକୁ ଛାଡ଼ି ଦେଇଛି ତୁମର ସଦୟ ବ୍ୟବହାର ପାଇଁ । ତୁମର ସେ ବ୍ୟବହାର ମୋର ଉପକାରରେ ଏପରି ଏକ ସମୟରେ ଲାଗିଥିଲା, ଯେତେବେଳେ ମୁଁ ମୋ ଶତ୍ରୁମାନଙ୍କ ଭୟରେ ଆତ୍ମଗୋପନ କରିବାକୁ ବାଧ୍ୟ ହୋଇଥିଲି । କିନ୍ତୁ ଆଉ କିଛି ଦିନ ଅପେକ୍ଷା କର ! ମୋ ରାଜ୍ୟ ଫେରି ପାଇଲା ପରେ ମୁଁ ତୁମ ପାଇଁ ଆଉରି ଅନେକ କିଛି କରିବି । ତେବେ ତୁମକୁ ପ୍ରତିଜ୍ଞା କରିବାକୁ ହେବ ଯେ, ତୁମେ ମୋ ପ୍ରତି ବିଶ୍ୱସ୍ତ ରହିବ ।"

ଦୁର୍ବୃତ୍ତଟାର ଏହି ପ୍ରଶ୍ନ ଆଉ ତା'ର ଔଦ୍ଧତ୍ୟ ଦେଖି ମୋତେ ଏତେ କୌତୂହଳ ଲାଗିଲା ଯେ, ମୁଁ ନହସି ରହି ପାରିଲି ନାହିଁ ।

"ତୁମେ ହସୁଛ କାହିଁକି ?" ଭ୍ରୂକୁଞ୍ଚନ କରି ସେ ପଚାରିଲା । "ତୁମର କ'ଣ ବିଶ୍ୱାସ ହେଉ ନି ଯେ, ମୁଁ ହେଉଛି ମହାନ୍ ଜାର୍ ? ସତ କଥା କୁହ ।"

ମୁଁ ବଡ଼ ସଂକଟରେ ପଡ଼ିଗଲି । ରାସ୍ତାରେ ଘୂରୁଥିବା ଏହି ଲୋକଟାକୁ ମୋର ସର୍ବମୟ ଶାସକ ହିସାବରେ ମୁଁ ତ ଗ୍ରହଣ କରି ପାରିବି ନାହିଁ । ଯଦି କରେ, ତେବେ ତାହା ହେବ ମୋ ପକ୍ଷରେ ଏକ ଅମାର୍ଜନୀୟ କାପୁରୁଷତା । ଅନ୍ୟ ଦିଗରେ ଯଦି ତା ମୁହଁ ଉପରେ ଭଣ୍ଡ ଧୋକାବାଜ ବୋଲି

କହେଁ, ତେବେ ନିଜର ସର୍ବନାଶକୁ ବରଣ କରି ଆଣିବି । ଫାଶିମଞ୍ଚ ତଳେ ସମବେତ ଲୋକମାନଙ୍କ ଆଗରେ ତାକୁ ଦେଖି ଯେଉଁ ପ୍ରଥମ ଘୃଣାର ନିଆଁ ମନରେ ମୋର ଦପ୍ କରି ଜଳି ଉଠିଥିଲା ଏବଂ ତାକୁ ଯାହା କହିବା ପାଇଁ ପ୍ରସ୍ତୁତ ହୋଇ ଯାଇଥିଲି ଏବେ ତାହା କହିବା ଅର୍ଥହୀନ ଦମ୍ଭୋକ୍ତି ଛଡ଼ା ଆଉ କିଛି ହୋଇ ନଥାନ୍ତା । କ'ଣ କହିବି ଠିକ୍ କରି ପାରିଲି ନାହିଁ । ପୁଗାଚେଭ୍ ଗମ୍ଭୀର ଭାବେ ମୋ ଉତ୍ତରକୁ ଅପେକ୍ଷା କରିଥାଏ । ଶେଷକୁ ମାନବିକ ଦୁର୍ବଳତା ଉପରେ ବିଜୟ ହାସଲ କଲା କର୍ତ୍ତବ୍ୟବୋଧ । (ସେଇ ମୁହୂର୍ତ୍ତଟି କଥା ଭାବିଲେ ମୁଁ ଏବେ ଆତ୍ମସନ୍ତୋଷ ଅନୁଭବ କରିଥାଏ ।) ପୁଗାଚେଭ୍‌କୁ ମୁଁ କହିଲି, "ଠିକ୍ ଅଛି, ମୁଁ ପୂରା ସତ କଥା କହିବି । ଆପଣ ନିଜକୁ ପଚାରନ୍ତୁ ତ, ଆପଣଙ୍କୁ ମୁଁ ସର୍ବମୟ ଶାସକ ବୋଲି ମାନି ପାରିବି କି ନାହିଁ ? ଆପଣ ହେଉଛନ୍ତି ଜଣେ ଚତୁର ବୁଦ୍ଧିମାନ ଲୋକ – ଆପଣଙ୍କୁ ଯଦି ମୁଁ ସର୍ବମୟ ଶାସକ ବୋଲି ମାନିନିଏ, ତେବେ ଆପଣ ଦେଖିବେ ମୁଁ ମିଥ୍ୟା କଥା କହୁଛି ।"

"ତାହେଲେ ତୁମ ମତରେ ମୁଁ କ'ଣ ?"

"ଭଗବାନ ଜାଣନ୍ତି ଆପଣ କିଏ ? କିନ୍ତୁ ଆପଣ ଯିଏ ହୁଅନ୍ତୁ ନା କାହିଁକି, ଆପଣ ଏକ ବିପଜ୍ଜନକ ଖେଳରେ ମାତିଛନ୍ତି ।"

ମୋ ଆଡ଼କୁ ବିସ୍ମୟଭରା ଦୃଷ୍ଟିପାତ କରି ସେ କହିଲା, "ତାହେଲେ ତୁମେ ବିଶ୍ୱାସ କରୁନା ଯେ, ମୁଁ ହେଉଛି ଜାର୍ ପିଟର ଫିଓଦୋରୋଭିଚ୍ ? ଠିକ୍ ଅଛି ! ତେବେ ତମେ କ'ଣ ଜାଣନା ଯେ ସାହସୀ ଲୋକ ହିଁ ବିଜୟୀ ହୋଇଥାଏ ? ଅତୀତରେ ଗ୍ରିଶ୍‌କା ଓଟ୍ରେପ୍ୟେଭ୍ (୩୬) କ'ଣ ରାଜତ୍ୱ କରି ନଥିଲେ ? ମୋ ସଂପର୍କରେ ତୁମେ ଯାହା ଭାବୁଥାଅ ନା କାହିଁକି ମୋ ସହିତ ରହିଯାଅ । ମୁଁ ଯାହା ହୁଏ ନା କାହିଁକି ସେଥିରେ ତୁମର କ'ଣ ଯାଏ ଆସେ ? ବିଶ୍ୱାସ ଆଉ ନିଷ୍ଠାର ସହିତ ମୋର ସେବା କର । ମୁଁ ତୁମକୁ ସେନାବିଭାଗର ସର୍ବାଧିନାୟକ କରିଦେବି । କ'ଣ ଏଥର ରାଜି ତ ?"

"ନା, ହୋଇ ପାରିବ ନାହିଁ", ଦୃଢ଼ ସ୍ୱରରେ ମୁଁ ଜବାବ ଦେଲି, "ସମ୍ଭ୍ରାନ୍ତ ବଂଶରେ ମୋର ଜନ୍ମ, ସମ୍ରାଜ୍ଞୀଙ୍କ ପ୍ରତି ଅନୁଗତ ରହିବା ପାଇଁ

ଶପଥ ମୁଁ ନେଇଛି । ଆପଣଙ୍କ ସେବା କରିବା ମୋ ପକ୍ଷରେ ସମ୍ଭବ ନୁହେଁ । ଆପଣ ଯଦି ପ୍ରକୃତରେ ମୋର ଶୁଭ କାମନା କରୁଥାନ୍ତି, ତେବେ ମୋତେ ଛାଡ଼ି ଦିଅନ୍ତୁ । ମୁଁ ଓରେନ୍‌ବୁର୍ଗ ଚାଲିଯିବି ।"

ପୁଗାଚେଭ୍ ମୋ ପ୍ରସ୍ତାବଟିକୁ ବିବେଚନା କଲା ଭଳି ମନେ ହେଲା । "ଆଚ୍ଛା, ଯଦି ତମକୁ ଛାଡ଼ିଦିଏଁ, ତେବେ ତୁମେ ଏତିକି ପ୍ରତିଜ୍ଞା କରିପାରିବ କି ଯେ ମୋ ବିରୁଦ୍ଧରେ କେବେ ତୁମେ ଅସ୍ତ୍ର ଉତ୍ତୋଳନ କରିବ ନାହିଁ ?" ସେ କହିଲା ।

ମୁଁ ଜବାବ ଦେଲି, "ତାହା କେମିତି ମୁଁ ପ୍ରତିଜ୍ଞା କରିବି ? ଆପଣ ତ ଭଲଭାବେ ଜାଣନ୍ତି ଯେ, ନିଜ ଇଚ୍ଛାନୁଯାୟୀ କାମ କଲା ଭଳି କ୍ଷମତା ମୋର ନାହିଁ । ଆପଣଙ୍କ ବିରୁଦ୍ଧରେ ଅସ୍ତ୍ର ଉତ୍ତୋଳନ କରିବା ପାଇଁ ନିର୍ଦ୍ଦେଶ ଆସିଲେ, ମୋତେ ତାହା କରିବାକୁ ପଡ଼ିବ, ଅନ୍ୟଥା କରିବାର ମୋର ଉପାୟ ନଥିବ । ଆପଣ ଏବେ ନିଜେ ସେନାଧ୍ୟକ୍ଷ, ଆପଣ ନିଜର ଅଧୀନସ୍ଥମାନଙ୍କଠାରୁ ଆନୁଗତ୍ୟ ଦାବି କରୁଛନ୍ତି । ମୋତେ ଯେତେବେଳେ ନିର୍ଦ୍ଦେଶ ଦିଆଯିବ କାର୍ଯ୍ୟ କରିବା ପାଇଁ, ମୁଁ ଯଦି ନକରେ ତେବେ କ'ଣ ହେବ ଆପଣ ଭାବୁଛନ୍ତି କି ? ଏବେ ଆପଣଙ୍କ ହାତରେ ମୋର ଜୀବନ—ଆପଣ ଯଦି ମୋତେ ଛାଡ଼ି ଦିଅନ୍ତି, ତେବେ ଆପଣଙ୍କୁ ଧନ୍ୟବାଦ ଜଣାଇବି ; ଯଦି ଫାଶି କାଠରେ ଝୁଲାଇ ଦିଅନ୍ତି, ତେବେ ଈଶ୍ୱର ଆପଣଙ୍କର ବିଚାର କରିବେ । ଏହା ହିଁ ହେଉଛି ମୋ ମନର କଥା, ଆପଣଙ୍କୁ କହିଦେଲି ।"

ମୋ ସ୍ପଷ୍ଟବାଦିତା ଦ୍ୱାରା ପୁଗାଚେଭ୍ ବିସ୍ମିତ ହୋଇଗଲା । "ଖୁବ୍ ଭଲ କଥା, ତାହା ହିଁ ହେଉ", ମୋ କାନ୍ଧକୁ ଥାପୁଡ଼େଇ ଦେଇ ସେ କହିଲା । "ଶାସ୍ତି ଦେବାକୁ ହେଲେ ମୁଁ ଶାସ୍ତି ଦିଏଁ, କ୍ଷମା ଦେବାକୁ ହେଲେ କ୍ଷମା ଦିଏଁ । ତୁମେ ଯେଉଁଠିକି ଯିବାକୁ ଚାହୁଁଛ ଯାଅ, ଯାହା କରିବାକୁ ଚାହୁଁଛ କର । ଆସନ୍ତାକାଲି ଆସି ମୋଠାରୁ ବିଦାୟ ନେଇ ଯାଅ । ଏବେ ଘରକୁ ଯାଇ ଶୋଇପଡ଼ । ମୋତେ ମଧ୍ୟ ନିଦ ଆସିଲାଣି ।"

ପୁଗାଚେଭ୍‌ଠାରୁ ବିଦାୟ ନେଇ ମୁଁ ଘରୁ ବାହାରି ଆସିଲି । ଚାରିଆଡ଼େ ତୁଷାରଢଙ୍କା ନିସ୍ତବ୍ଧ ରାତ୍ରି । ଆକାଶରେ ଜହ୍ନ ଆଉ ତାରାମାନେ ଝକ୍‌ଝକ୍ କରୁଥାନ୍ତି । ସେମାନଙ୍କ ଆଲୋକରେ ପଡ଼ିଆ ଏବଂ ଫାଶି ମଞ୍ଚ ତୋଫା ଦିଶୁଥାଏ । ଗଡ଼ଟା ଢାଙ୍କି ହୋଇ ପଡ଼ିଥାଏ ଅନ୍ଧକାର ଭିତରେ, କେଉଁଠି ଟିକେ ସ୍ୱର ଶବ୍ଦ ନଥାଏ । କେବଳ ଚଟିଘର ମଧ୍ୟରେ ଆଲୁଅ ଜଳୁଛି, ସେଠାରେ ଦଳେ ଲୋକ ଏବେ ବି ଚିଲଚିଲି କରୁଛନ୍ତି । ପାଦ୍ରିଙ୍କ ଘର ଉପରେ ମୋର ଦୃଷ୍ଟି ଯାଇ ପଡ଼ିଲା । ଫାଟକ ଏବଂ ଦୁଆର ଝରକାସବୁ ବନ୍ଦ । ଦେଖିଲେ ମନେ ହେଉଛି ସବୁକିଛି ଯେମିତି ସେଠାରେ ଶାନ୍ତ ।

ଘରକୁ ଫେରି ଦେଖିଲି, ସାଭେଲିଚ୍ ମୋତେ ଅପେକ୍ଷା କରି କରି ଦୁଃଖରେ ମ୍ରିୟମାଣ ହୋଇପଡ଼ିଛି । ମୋ ମୁକ୍ତି ଖବର ପାଇ ସେ ଆନନ୍ଦରେ ଏତେ ବିଭୋର ହୋଇପଡ଼ିଲା ଯେ, ଭାଷାରେ ବର୍ଣ୍ଣନା କରିହେବ ନାହିଁ । ଛାତି ଉପରେ କ୍ରୁଶଚିହ୍ନ ଆଙ୍କି ସେ କହିଲା, "ହେ ସୃଷ୍ଟିକର୍ତ୍ତା, ଆପଣଙ୍କୁ ଅଶେଷ ଧନ୍ୟବାଦ୍ ! ସକାଳ ହେଲା କ୍ଷଣି ଆମେ ଗଡ଼ ଛାଡ଼ି ଯୁଆଡ଼କୁ ଇଚ୍ଛା ସିଆଡ଼େ ଚାଲିଯିବୁ । ହେଉ, ଏଥର ହଜୁର ଖାଇ ନିଅନ୍ତୁ, ମୁଁ ଆପଣଙ୍କ ପାଇଁ ରନ୍ଧାବଢ଼ା କରି ରଖିଦେଇଛି । ତା'ପରେ ନିଶ୍ଚିନ୍ତ ମନରେ ଶୋଇ ପଡ଼ନ୍ତୁ ସକାଳ ହେଲା ଯାଏ । ଭଗବାନଙ୍କ ଦୟାରୁ ଆମର ବିପଦ କଟିଯାଇଛି ।"

ଭୋକରେ ପେଟ ମୋର ଆଉଟି ହେଉଥାଏ । ସାଭେଲିଚ୍‌ର କଥା ଅନୁଯାୟୀ ମୁଁ ତୃପ୍ତିର ସହିତ ପାନାହାର କଲି । ତା'ପରେ ଶ୍ରାନ୍ତକ୍ଳାନ୍ତ ଦେହ ଆଉ ମନ ନେଇ ଶୋଇ ପଡ଼ିଲି ଖାଲି ମେଜିଆ ଉପରେ ।

ନବମ ପରିଚ୍ଛେଦ

ବିଚ୍ଛେଦ

"ତମ ପ୍ରେମେ ଆବଦ୍ଧ ମୁଁ
ଜାଣିଲି ଯେ ଦିନ
ସେ କି ଅନୁଭୂତି
ମଧୁର , ଗୋ ପ୍ରିୟତମ ମୋର,
ବିଚ୍ଛେଦ ଘଟିଲା ଯେବେ
କି ବିଷାଦ
ଅନ୍ତରେ ମୋ ଭରିଗଲା
ଦୁଃଖର ଅନ୍ଧାର ।" (୩୭)
ଖେରାସ୍କୋଭ୍

ବଡ଼ିସକାଳୁ ଦୁନ୍ଦୁଭିର ଶବ୍ଦରେ ମୋ ନିଦ ଭାଙ୍ଗିଗଲା । ମୁଁ ସିଧା ଚାଲିଲି ସମାବେଶ ସ୍ଥାନକୁ । ଫାଶି ମଞ୍ଚ ପାଖରେ ପୁଗାଚେଭ୍‌ଙ୍କ ଲୋକମାନେ ଯାଇ ଏକତ୍ର ହୋଇଥାନ୍ତି । ଗତକାଲି ଯେଉଁମାନଙ୍କୁ ଫାଶି ଦିଆ ଯାଇଥିଲା ସେମାନେ ଫାଶି କାଠରେ ଝୁଲୁଥାନ୍ତି । କସାକ୍‌ମାନେ ଘୋଡ଼ା ଉପରେ ବସିଥାନ୍ତି ଏବଂ ସୈନ୍ୟମାନେ ହାତରେ ବନ୍ଧୁକ ଧରି ଉଭା ହୋଇଥାନ୍ତି । ପତାକାସବୁ ଉଡ଼ୁଥାଏ । କମାଣଟଣା ଗାଡ଼ିରେ କେଇଟି କମାଣ ଯୋଗ୍ ହୋଇଥାଏ । ସେସବୁ ମଧ୍ୟରେ ଥାଏ ଆମ କମାଣଟି – ଦେଖିଲା କ୍ଷଣି ମୁଁ ସଙ୍ଗେ ସଙ୍ଗେ ସେଟିକୁ ଚିହ୍ନି ପାରିଲି । ଭଣ୍ଡ ଜାର୍‌ର ଅପେକ୍ଷାରେ ସମସ୍ତ ଅଧିବାସୀ ଛିଡ଼ା ହୋଇଥାନ୍ତି । ଏକ ଚମତ୍କାର ସଫେଦ କିର୍‌ଘିଜ୍ ଘୋଡ଼ାର ଲଗାମ ଧରି ଗଡ଼ନାୟକଙ୍କ ଘର ସାମନାରେ ଛିଡ଼ା ହୋଇଥାଏ ଜଣେ କସାକ୍ । ଗଡ଼ନାୟକଙ୍କ ସ୍ତ୍ରୀଙ୍କ ମୃତ ଦେହ ସେଠାରେ ପଡ଼ିଛି କି ନାହିଁ ଦେଖିବା ପାଇଁ ମୁଁ ଚାହିଁଦେଲି । ମୃତ ଦେହଟିକୁ ଗୋଟିଏ ପାଖକୁ ଠେଲି ଦେଇ ତା ଉପରେ

ଖଣ୍ଡେ ଅଖା ଢାଙ୍କି ଦିଆ ଯାଇଥାଏ । ତା'ପରେ ଘର ମଧ୍ୟରୁ ବାହାରି ଆସିଲା ପୁଗାଚେଭ୍ । ସମସ୍ତେ ମୁଣ୍ଡରୁ ଟୋପି ଖୋଲି ପକାଇଲେ । ଅଳିନ୍ଦରେ ଦଣ୍ଡାୟମାନ ହୋଇ ସେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଲା । ଅଫିସରମାନଙ୍କ ମଧ୍ୟରୁ ଜଣେ ତା ହାତକୁ ବଢ଼ େଇ ଦେଲା ତାମ୍ର ମୁଦ୍ରାରେ ଭରା ଏକ ଥଳୀ । ଥଳୀ ମଧ୍ୟରୁ ମୁଠା ମୁଠା ମୁଦ୍ରା କାଢ଼ି ପୁଗାଚେଭ୍ ବିଛୁଡ଼ିବାକୁ ଲାଗିଲା ଲୋକ ଗହଳି ମଧ୍ୟକୁ । ମୁଦ୍ରା ଗୋଟେଇବା ପାଇଁ ଲୋକମାନେ ଠେଲାଠେଲି ହେବାରେ ଲାଗିଲେ । ଠେଲାଠେଲି ଭିତରେ କେତେକ ଲୋକଙ୍କର ହାତ ଗୋଡ଼ ବି ଭାଙ୍ଗିଗଲା । ପୁଗାଚେଭ୍‌ର ମୁଖ୍ୟ ବିଦ୍ରୋହୀ ସାଥୀମାନେ ତା'ର ଚାରିପାଖରେ ଛିଡ଼ା ହୋଇଥାନ୍ତି । ସେମାନଙ୍କ ମଧ୍ୟରେ ଥାଏ ଶ୍ୱାବ୍ରିନ୍ । ଆମେ ପରସ୍ପରକୁ ଚାହିଁଦେଲୁ । ଆଖିରେ ମୋର ଘୃଣାର ନିଆଁ ଜଳି ଉଠିଲା । ଶ୍ୱାବ୍ରିନ୍ ତାହା ଲକ୍ଷ୍ୟ କରି ସଙ୍ଗେ ସଙ୍ଗେ ଆନ୍ତରିକ ବିଦ୍ୱେଷ ଆଉ ଚେଷ୍ଟାକୃତ ଉପହାସରେ ମୁହଁ ବୁଲେଇ ନେଲା । ଗହଳି ମଧ୍ୟରେ ମୋତେ ଦେଖି ପୁଗାଚେଭ୍ ଇଙ୍ଗିତ ଦେଲା ତା ପାଖକୁ ଯିବା ପାଇଁ । "ମୋ କଥା ଶୁଣ", ମୋତେ କହିଲା , "ଏଠୁ ତୁମେ ସିଧା ଚାଲିଯାଅ ଓରେନ୍‌ବୁର୍ଗକୁ , ସେଠାକାର ଶାସନକର୍ତ୍ତା ଓ ସେନାପତିଙ୍କୁ କହିବ ମୁଁ ସପ୍ତାହ ଖଣ୍ଡ ମଧ୍ୟରେ ସେଠି ପହଞ୍ଚି ଯିବି । ସେମାନଙ୍କୁ କହିବ , ସେମାନେ ଶିଶୁସୁଲଭ ଶ୍ରଦ୍ଧା ନେଇ ମୋତେ ସମ୍ବର୍ଦ୍ଧନା ଜଣାଇବେ ଏବଂ ମୋ କଥା ମାନିବେ । ତା ନହେଲେ ନିଷ୍ଠୁର ମୃତ୍ୟୁ ହାତରୁ ସେମାନଙ୍କୁ କେହି ବଞ୍ଚେଇପାରିବ ନାହିଁ । ଯାଅ , ତମ ଯାତ୍ରା ଶୁଭ ହେଉ !" ତା'ପରେ ଶ୍ୱାବ୍ରିନ୍‌କୁ ଆଙ୍ଗୁଳି ନିର୍ଦ୍ଦେଶ କରି ସମବେତ ଲୋକମାନଙ୍କୁ ଚାହିଁ କହିଲା , "ଏ ହେଉଛନ୍ତି ତମର ନୂତନ ଗଡ଼ନାୟକ । ଯାଙ୍କ କଥା ମାନି ଚଳ । ଯାଙ୍କ ଉପରେ ତମମାନଙ୍କର ଏବଂ ଏ ଗଡ଼ର ଦାୟିତ୍ୱ ଅର୍ପଣ କରାଯାଇଛି । ସବୁକିଛି ପାଇଁ ମୋତେ ସେ ଜବାବ ଦେବେ ।" ପୁଗାଚେଭ୍‌ର କଥା ଶୁଣି ଆତଙ୍କରେ ମୋ ଛାତି ଭିତରଟା ଶୀତେଇ ଉଠିଲା । ଗଡ଼ର ଗଡ଼ନାୟକ ହେବ ଶ୍ୱାବ୍ରିନ୍ ! ମାରିୟା ଇଭାନୋଭ୍‌ନା ତା ହାତରେ ଯାଇ ପଡ଼ିବ ! ହାୟ ଭଗବାନ୍ , ଝିଅଟାର ଅବସ୍ଥା କ'ଣ ହେବ ? ଏହି ସମୟରେ ଅଳିନ୍ଦରୁ ଶିଡ଼ି ଦେଇ ଓହ୍ଲାଇ ଆସିଲା ପୁଗାଚେଭ୍ । ଘୋଡ଼ାକୁ

ତା ପାଖକୁ ଆଗେଇ ନିଆଗଲା । ତାକୁ ଘୋଡ଼ା ଉପରକୁ ଉଠିବା ପାଇଁ ସାହାଯ୍ୟ କରିବାକୁ ରହୁଁଥିବା କସାକ୍‌ମାନଙ୍କୁ ଅପେକ୍ଷା ନକରି ସେ ଏକ କୁଦାକେ ଅତି ଅନାୟସରେ ବସିପଡ଼ିଲା ଘୋଡ଼ା ପିଠିରେ ।

ଏବଂ ଠିକ୍ ସେଇ ମୁହୂର୍ତ୍ତରେ ମୁଁ ଦେଖିଲି, ସାଭେଲିଚ୍ ଭିଡ଼ ମଧ୍ୟରୁ ଠେଲିପେଲି ଆଗେଇ ଆସି ପୁଗାଚ୍ଚେଭ୍ ହାତକୁ ଖଣ୍ଡେ କାଗଜ ବଢ଼ାଇ ଦେଲା । କଥାଟା କ'ଣ ମୁଁ କିଛି ଅନୁମାନ କରି ପାରିଲି ନାହିଁ । ଶୁଣିବାକୁ ପାଇଲି ପୁଗାଚ୍ଚେଭ୍ ସଗର୍ବରେ ପଚାରିଲା , "ଏ କ'ଣ ?" ସାଭେଲିଚ୍ ଉତ୍ତର ଦେଲା , "ପଢ଼ନ୍ତୁ , ବୁଝିପାରିବେ ।" ପୁଗାଚ୍ଚେଭ୍ କାଗଜଟିକୁ ହାତକୁ ନେଇ ଗମ୍ଭୀର ଆଖିରେ ଅନେକ କ୍ଷଣ ଯାଏ ଦେଖିବାକୁ ଲାଗିଲା । ଶେଷକୁ କହିଲା , "କ'ଣସବୁ ଲିଙ୍ଗିରି ମିଙ୍ଗିରି କରି ଲେଖିଛୁ ? ଏ ମହାମାନ୍ୟ ଜାର୍‌ଙ୍କ ପକ୍ଷରେ ଏଥିରୁ କିଛି ବୁଝିବା ସମ୍ଭବ ନୁହେଁ । ମୋ ପ୍ରଥମ ସଚିବ ଗଲେ କୁଆଡ଼େ ?"

ସାଧାରଣ ସୈନିକ ପୋଷାକ ପରିହିତ ଜଣେ ଯୁବକ ଧାଇଁ ଆସିଲା ପୁଗାଚ୍ଚେଭ୍ ପାଖକୁ । "ବଡ଼ ପାଟି କରି ଏଟାକୁ ପଢ଼ ତ !" ତା ହାତକୁ କାଗଜଟି ବଢ଼େଇ ଦେଇ ନକଲି ଜାର୍ କହିଲା । ମୋର ସେବକ ସାଭେଲିଚ୍ କେଉଁ ଉଦ୍ଦେଶ୍ୟ ନେଇ ସେ ଚିଠିଟି ଲେଖିଛି ଜାଣିବା ପାଇଁ ମୁଁ ଅତୀବ କୌତୂହଳୀ ହୋଇଉଠିଲି । ପୁଗାଚ୍ଚେଭ୍‌ର ପ୍ରଥମ ସଚିବ ଶବ୍ଦର ପ୍ରତିଟି ମାତ୍ରାକୁ ଅଲଗା ଅଲଗା ଭାବେ ବଡ଼ ପାଟିରେ ପଢ଼ି ଶୁଣାଇଲା :

"ଦୁଇଟି ପୋଷାକ , ଗୋଟିଏ ମୋଟା କପଡ଼ାର , ଅନ୍ୟଟି ଗାରପକା ଟସରର । ଛଅ ରୁବଲ ।"

"ଏହାର ଅର୍ଥ କ'ଣ ?" ଭ୍ରୂକୁଟି କରି ପୁଗାଚ୍ଚେଭ୍ ପଚାରିଲା ।

ଶାନ୍ତ ସ୍ୱରରେ ସାଭେଲିଚ୍ ଜବାବ ଦେଲା , "ଆଉରି ପଢ଼ି ଯିବାକୁ କୁହନ୍ତୁ ।"

ମୁଖ୍ୟ ସଚିବ ପଢ଼ିବାକୁ ଲାଗିଲା :

"ଚମତ୍କାର ସବୁଜ କପଡ଼ାର ଏକ ପୋଷାକ । ସାତ ରୁବଲ ।

ଧଳା କପଡ଼ାର କେତୋଟି ପ୍ୟାଣ୍ଟ । ପାଞ୍ଚ ରୁବଲ ।

ପୂରା ହାତବାଲା ବାରୋଟି ହଲାଣ୍ଡୀୟ ଜାମା । ଦଶ ରୁବଲ ।

ଚା ତିଆରିର ସରଞ୍ଜାମ ଭର୍ତ୍ତି ଗୋଟିଏ ବାକ୍‌ସ । ଦୁଇ ରୁବଲ ପଚାଶ କୋପେକ୍ ..."

ପୁଗାଚ୍ଚେଭ୍ କ୍ରୋଧରେ ଫାଟି ପଡ଼ିଲା , "ଏସବୁର ମାନେ କ'ଣ ? ତୋର ସେ ଚା ତିଆରି ସରଞ୍ଜାମ ଭର୍ତ୍ତି ବାକ୍‌ସ , ପ୍ୟାଣ୍ଟ ବା ଜାମା ସହିତ ମୋର ସଂପର୍କ କ'ଣ ?"

ଗଳା ପରିଷ୍କାର କରି ନେଇ ସାଭେଲିଚ୍ ବୁଝାଇବାକୁ ଚେଷ୍ଟା କଲା , "ଦେଖନ୍ତୁ ହଜୁର , ଏସବୁ ହେଉଛି ମୋ ଖାମିନ୍ଦଙ୍କ ଜିନିଷପତ୍ରର ତାଲିକା । ଏସବୁକୁ ହଜୁରଙ୍କ ଗୁଣ୍ଡାମାନେ ଚୋରି କରି ନେଇଛନ୍ତି ...।"

"କ'ଣ ଗୁଣ୍ଡାମାନେ ?" ପୁଗାଚ୍ଚେଭ୍ ହୁଙ୍କାର କରି ଉଠିଲା ।

"କ୍ଷମା କରନ୍ତୁ , ଭୁଲ କ୍ରମେ ମୁହଁରୁ ବାହାରି ପଡ଼ିଛି । ଗୁଣ୍ଡାମାନେ ନୁହେଁ , ଆପଣଙ୍କ ଦଳର ଲୋକମାନେ । ସେମାନେ ଆମ ଘର ଲୁଟପାଟ କରି ସମସ୍ତ ଜିନିଷପତ୍ର ନେଇ ଯାଇଛନ୍ତି । ଗୁଣ୍ଡାମାନେ କହିଛି ବୋଲି ରାଗ କରନ୍ତୁ ନାହିଁ – ଚାରିଚାରିଟା ଗୋଡ଼ ଥିବା ସତ୍ତ୍ୱେ ବି ଘୋଡ଼ା ବେଳେବେଳେ ହାମୁଡ଼େଇ ପଡ଼େ । ତାଲିକାଟିକୁ ପୂରା ପଢ଼ିବାକୁ କୁହନ୍ତୁ ।"

"ପଢ଼", ପୁଗାଚ୍ଚେଭ୍ କହିଲା କ୍ଷଣି ସଚିବ ପଢ଼ିବାକୁ ଲାଗିଲା ।

"ତୁଳାରେ ତିଆରି ଏକ ରେଜେଇ । ଏକ ରେଶମ ରେଜେଇ । ଚାରି ରୁବଲ ।

କୋକିଶିଆଳି ଲୋମର ପାଢ଼ ଦିଆ ଲାଲ କପଡ଼ାର ଏକ କୋଟ୍ । ଚାଳିଶ ରୁବଲ ।

ଠେକୁଆ ଚମଡ଼ାର ଏକ କୋଟ୍ । ଏହି କୋଟ୍‌ଟି ହଜୁରଙ୍କୁ ଚଟିଘରେ ଦିଆଯାଇଥିଲା । ପନ୍ଦର ରୁବଲ ।"

"ଏସବୁର ମାନେ କ'ଣ ?" ଆଖିରେ ନିଆଁର ଝଲକ ଫୁଟାଇ ଚିତ୍କାର କରିଉଠିଲା ପୁଗାଚ୍ଚେଭ୍ ।

ମୋତେ ସ୍ୱୀକାର କରିବାକୁ ପଡ଼ିବ ଯେ , ବିଚରା ସାଭେଲିଚ୍ କଥା ଶୁଣି ମୁଁ ଆତଙ୍କିତ ହୋଇ ପଡ଼ିଥିଲି । ସେ ଆଉରି କ'ଣ ବ୍ୟାଖ୍ୟା କରିବାକୁ ଯାଉଥିଲା , କିନ୍ତୁ ପୁଗାଚ୍ଚେଭ୍ ତାକୁ ଚୁପ୍ କରିଦେଲା । "ତୋର ତ ସାହସ

କମ୍ ନୁହେଁ ଦେଖୁଛି ! ଏସବୁ ତୁଚ୍ଛ କଥା ନେଇ ମୋ ସାମନାକୁ ଆସିଛୁ ?” ସଚିବ ହାତରୁ କାଗଜ ଖଣ୍ଡକୁ ଛଡ଼େଇ ନେଇ ହାତରେ ଦଳି ସାଭେଲିଚ୍‌ର ମୁହଁକୁ ଫିଙ୍ଗି କହିଲା, “ଆରେ ବୁଢ଼ା ଓଲୁ ! ସାମାନ୍ୟ କେଇଟା ଜିନିଷ ଚୋରି ଯାଇଛି ସେଇଥି ପାଇଁ ତୁ ଅଭିଯୋଗ କରୁଛୁ ! ମୋ ହୁକୁମ ନମାନିବାରୁ ମୁଁ ଯେଉଁମାନଙ୍କୁ ଏଠି ଫାଶି ଖୁଣ୍ଟରେ ଝୁଲାଇଛି ସେମାନଙ୍କ ସହିତ ତୋତେ ଆଉ ତୋର ମୁନିବକୁ ମୁଁ ଝୁଲାଇ ଦେଇ ପାରିଥାନ୍ତି ! ତମ ଦିଇଜଣଙ୍କ ଜୀବନ ମୁଁ ବଞ୍ଚେଇଲି, ସେଥି ପାଇଁ ବାକି ଜୀବନସାରା ମୋ ପାଇଁ ଓ ମୋ ଲୋକଙ୍କ ପାଇଁ ତୋର ଭଗବାନଙ୍କ ପାଖରେ ପ୍ରାର୍ଥନା କରିବାର କଥା । ଠେକୁଆ ଚମଡ଼ା କୋଟ୍ ଗୁହିଁଛୁ ! ରହ, ଠେକୁଆ ଚମଡ଼ା କୋଟ୍ ତତେ ଦେଖେଇ ଦେଉଛି ! ଜାଣିଛୁ, ତୋ ଚମଡ଼ାକୁ ଉତାରି ସେଥିରେ କୋଟ୍ ମୁଁ ତିଆରି କରିପାରେ !”

ସାଭେଲିଚ୍ ଉତ୍ତର ଦେଲା, “ଆପଣଙ୍କର ଯାହା ଇଚ୍ଛା । ମୁଁ ତ ମୋ ମୁନିବଙ୍କର ଗୋଲାମ ମାତ୍ର । ମୁନିବଙ୍କ ସଂପତ୍ତି ଚୋରି ଗଲେ ମତେ ଜବାବ ଦେବାକୁ ହେବ !”

ପୁଗାଚେଭ୍ ମିଜାଜଟା ବେଶ୍ ଦୟାର୍ଦ୍ର ଥିଲା ଭଳି ମନେ ହେଲା । ଆଉ କୌଣସି ବାକ୍ୟବ୍ୟୟ ନକରି ସେ ଆଗେଇ ଗଲା ଘୋଡ଼ାରେ ବସି । ଶ୍ୱାବ୍ରିନ୍ ଏବଂ ଅନ୍ୟ ଅଫିସରମାନେ ତା ପଛେ ପଛେ ଗଲିଲେ । ଶୃଙ୍ଖଳାର ସହିତ ଦଙ୍ଗଲଟି ବାହାରିଗଲେ ଗଡ଼ ମଧ୍ୟରୁ । ପୁଗାଚେଭ୍‌କୁ ବିଦାୟ ଦେବା ପାଇଁ ଲୋକମାନେ ତା ପଛେ ପଛେ ଭିଡ଼ କରି ଆଗେଇଲେ । ମୁଁ ଏବଂ ସାଭେଲିଚ୍ ପଡ଼ିଆରେ ରହିଗଲୁ । ସାଭେଲିଚ୍ ହାତରେ ସେଇ ତାଲିକାଟି । ଗଭୀର ଦୁଃଖରେ ସେଟିକୁ ସେ ପରୀକ୍ଷା କରି ଦେଖୁଛି ।

ସାଭେଲିଚ୍ ଭାବିଥିଲା ପୁଗାଚେଭ୍ ସହିତ ମୋର ସଂପର୍କ ଭଲ ଅଛି, ତେଣୁ ଏହି ସୁଯୋଗରେ ସେ କିଛି ସୁବିଧା କରିନେବ । କିନ୍ତୁ ତା'ର ସେ ସାଧୁ ସରଳ ଉଦ୍ଦେଶ୍ୟ ସଫଳ ହେଲା ନାହିଁ । ମୋର ଇଚ୍ଛା ହେଉଥିଲା, ତା'ର ଅସଂଯତ ବ୍ୟଗ୍ରତା ପାଇଁ ତାକୁ ଦିପଦ ଶୁଣାଇବି । କିନ୍ତୁ ତାହା

କରିବାକୁ ଯାଇ ନିଜେ ଫେଁ କରି ହସି ପକାଇଲି । “ଆପଣ ଆଜ୍ଞା ହସି ପାରନ୍ତି”, ସାଭେଲିଚ୍ କହିଲା, “କିନ୍ତୁ ଆମେ ଯେତେବେଳେ ପୁଣି ନୂଆ କରି ରହିବାର ବନ୍ଦୋବସ୍ତ କରିବା ସେତେବେଳେ ଦେଖିବେ ଏହା ହସିବାର ବିଷୟ ନୁହେଁ ।”

ମାରିୟା ଇଭାନୋଭ୍‌ନା ସହିତ ଦେଖା କରିବା ପାଇଁ ମୁଁ ପାଦ୍ରିଙ୍କ ଘରକୁ ଗଲିଲି । ପାଦ୍ରିଙ୍କ ସ୍ତ୍ରୀ ମୋତେ ଏକ ଖୁବ୍ ଅଶୁଭ ଖବର ଶୁଣାଇଲେ । ରାତ୍ରିରେ ମାରିୟା ଇଭାନୋଭ୍‌ନାକୁ ପ୍ରବଳ ଜ୍ୱର ଆସିଛି ଏବଂ ଏବେ ଅଜ୍ଞାନ ହୋଇ ପ୍ରଳାପ କରୁଛି । ପାଦ୍ରିଙ୍କ ସ୍ତ୍ରୀ ମୋତେ ମାରିୟା ଇଭାନୋଭ୍‌ନାର କୋଠରୀକୁ ନେଇଗଲେ । ପା ଟିପିଟିପି ମୁଁ ବିଛଣା ପାଖକୁ ଆଗେଇ ଗଲି । ତା'ର ମୁଖମଣ୍ଡଳରେ ପରିବର୍ତ୍ତନ ଦେଖି ମୁଁ ଅବାକ୍ ହୋଇଗଲି । ମୋତେ ସେ ଚିହ୍ନି ପାରିଲା ନାହିଁ । ଅନେକ ସମୟ ପର୍ଯ୍ୟନ୍ତ ତା'ର ବିଛଣା ପାଖରେ ଛିଡ଼ା ହୋଇ ରହିଲି । ପାଦ୍ରି ଗେରାସିମ୍ ଏବଂ ତାଙ୍କ

ସ୍ତ୍ରୀ ମୋତେ ଅନେକ ସାନ୍ତ୍ୱନାର ବାଣୀ ଶୁଣାଉଥାନ୍ତି, କିନ୍ତୁ ସେସବୁ ମୋ କାନରେ ପଶୁ ନଥାଏ । ଏହି ବିଷାଦଭରା ଚିନ୍ତାରେ ମନ ମୋର ଆଚ୍ଛନ୍ନ ହୋଇ ପଡ଼ିଥାଏ । ପିତୃ-ମାତୃହୀନ ଏକ ହତଭାଗିନୀଟିକୁ ଅସହାୟ ଅବସ୍ଥାରେ ଦଳେ ହିଂସ୍ର ବିଦ୍ରୋହୀଙ୍କ ଭିତରେ ଛାଡ଼ିଯିବାକୁ ପଡ଼ିବ । ଅଥଚ ମୋର କିଛି କରିବାର କ୍ଷମତା ନାହିଁ । ଏହି ଚିନ୍ତାଟା ମୋତେ ବଡ଼ ଆତଙ୍କିତ କରିଦେଲା । ଶ୍ୱାବ୍ରିନ୍, ବିଶେଷ କରି ଶ୍ୱାବ୍ରିନ୍, ମୋର ମନକୁ ଗୋଟାଏ ବିଭୀଷିକା ଭଳି ଗ୍ରାସ କରିଥିଲା । ଭଣ୍ଡ ଜାର୍ ତାକୁ କ୍ଷମତାର ଆସନରେ ବସେଇ ଦେଇ ଯାଇଛି । ସେ ହେଉଛି ଏବେ ଏହି ଗଡ଼ର ନାୟକ ଏବଂ ଏହି ଗଡ଼ ମଧ୍ୟରେ ଏହି ନିରୀହ ହତଭାଗିନୀକୁ ରହିବାକୁ ପଡ଼ିବ । ଏ ହେଉଛି ତା'ର ଘୃଣାର ପାତ୍ରୀ, ତେଣୁ ସୁଯୋଗ ପାଇଲେ ସେ କ'ଣ ଯେ କରି ପକାଇବ କହି ହେଉ ନାହିଁ । କିନ୍ତୁ ମୋ ପକ୍ଷରୁ କିଛି କରିବାର ଅଛିକି ? କିମିତି ତାକୁ ସାହାଯ୍ୟ କରିବି ? ଏ ଦୁର୍ବୃତ୍ତମାନଙ୍କ କବଳରୁ କେମିତି ତାକୁ ଉଦ୍ଧାର କରିହେବ ? ମୋ ଆଗରେ ଗୋଟିଏ ମାତ୍ର ପଥ ମୁକ୍ତ ଥାଏ, ଅବିଳମ୍ବେ ଓରେନ୍‌ବୁର୍ଗ ଦୁର୍ଗକୁ ଯାଇ ଯେତେ ଶୀଘ୍ର ସମ୍ଭବ ବେଲୋଗୋର୍ସ୍କ ଦୁର୍ଗକୁ ମୁକ୍ତ କରିବାର ଆୟୋଜନ କରିବା ଏବଂ ଏଦିଗରେ ମୋର ସମସ୍ତ ଶକ୍ତିକୁ ନିୟୋଗ କରିବା । ମନେ ମନେ ସେଇଆ ସ୍ଥିର କରି ନେଇ ପାଦ୍ରି ଏବଂ ଆକୁଲିନା ପାମ୍‌ଫିଲେଭ୍‌ନାଙ୍କଠାରୁ ବିଦାୟ ନେଲି । ଆକୁଲିନା ପାମ୍‌ଫିଲେଭ୍‌ନାଙ୍କୁ ବିନୀତ ଅନୁରୋଧ କଲି, ହତଭାଗିନୀଟିର ସେବା ଶୁଶ୍ରୂଷା କରିବାକୁ ଏବଂ ତାକୁ ମୋର ସହଧର୍ମିଣୀ ବୋଲି ଗ୍ରହଣ କରିନେଲି । ହାତଟିକୁ ତା'ର ଟେକି ଧରି ଚୁମା ଦେଲି । ମୋର ଆଖି ଲୁହରେ ତା'ର ହାତ ଭିଜିଗଲା । ସଦର ଦୁଆର ପର୍ଯ୍ୟନ୍ତ ମୋ ସହିତ ଆସିଲା ବେଳେ ପାଦ୍ରିଙ୍କ ସ୍ତ୍ରୀ କହିଲେ, "ବିଦାୟ ! ବିଦାୟ ପିଓତର ଆନ୍ଦ୍ରେଇଚ୍ ! ଭଗବାନଙ୍କ ଦୟାରୁ ଆମେ ପୁଣି ଏକ ସୁସମୟରେ ମିଶିବା । ଆମକୁ ଭୁଲି ଯିବେ ନାହିଁ, ନିୟମିତ ଚିଠିପତ୍ର ଦେବେ । ବିଚରୀ ମାରିୟା ଇଭାନୋଭ୍‌ନାର ଆପଣଙ୍କ ବ୍ୟତୀତ ଅନ୍ୟ କେହି ସାନ୍ତ୍ୱନାଦାତା ବା ରକ୍ଷାକର୍ତ୍ତା ନାହାନ୍ତି ।"

ପଡ଼ିଆ ଉପରକୁ ଚାଲିଆସି ଫାଶି ମଞ୍ଚ ପାଖରେ ମୁଁ ଟିକେ ଅଟକି ଗଲି । ମଥା ନତ କରି ପ୍ରଣାମ ଜଣାଇଲି ଫାଶି ମଞ୍ଚ ଉଦ୍ଦେଶ୍ୟରେ । ତା'ପରେ ଗଡ଼ର ସୀମା ପାର ହୋଇ ଚାଲିଲି ଓରେନ୍‌ବୁର୍ଗ ପଥରେ । ସାଭେଲିଚ୍ ଚାଲିଲା ମୋ ସହିତ । ସବୁବେଳେ ସେ ମୋ ସହିତ ରହିଥାଏ ଛାୟା ଭଳି ।

ରାସ୍ତାରେ ଗଲାବେଳେ ଚିନ୍ତା ମଧ୍ୟରେ ମୁଁ ନିଜକୁ ହଜେଇ ଦେଇଥାଏ । ହଠାତ୍ ପଛ ଆଡ଼ୁ ଶୁଣିବାକୁ ପାଇଲି ଘୋଡ଼ାଟାପୁର ଶବ୍ଦ । ପଛକୁ ମୁହଁ ଫେରାଇ ଦେଖିଲି, ଜଣେ କସାକ୍ ଗଡ଼ ମଧ୍ୟରୁ ଘୋଡ଼ା ଛୁଟେଇ ଆସୁଛି । ଆଉ ଏକ ବାଶ୍‌କିର୍ ଘୋଡ଼ାର ଲଗାମକୁ ଧରି ସେ ସାଙ୍ଗରେ ଘେନି ଆସୁଛି । ଦୂରରୁ ମୋତେ ହାତ ଠାରୁଛି ଅଟକିବା ପାଇଁ । ମୁଁ ଅଟକି ଗଲି । କିଛି କ୍ଷଣ ମଧ୍ୟରେ ଲୋକଟି ମୋ ପାଖରେ ପହଞ୍ଚିଯାଇ ଘୋଡ଼ା ଉପରୁ ଓହ୍ଲାଇ ପଡ଼ିଲା । ମୁଁ ତାକୁ ଚିହ୍ନି ପାରିଲି । ସିଏ ହେଲା ମୋର ସେଇ ପୂର୍ବପରିଚିତ ସର୍ଜେଣ୍ଟ । ଦ୍ୱିତୀୟ ଘୋଡ଼ାର ଲଗାମଟି ମୋ ହାତକୁ ବଢ଼େଇ ଦେଇ ସେ କହିଲା, "ହଜୁର, ଆମ କର୍ତ୍ତା ଏହି ଘୋଡ଼ାଟିକୁ ଏବଂ ନିଜ ଦେହରୁ ଖୋଲି ଏହି କୋଟ୍‌ଟିକୁ ଆପଣଙ୍କ ପାଇଁ ପଠାଇଛନ୍ତି । (ମେଣ୍ଢା ଚମଡ଼ାର କୋଟ୍‌ଟିଏ ଘୋଡ଼ାର ଜିନ୍‌ରେ ବନ୍ଧା ହୋଇଥାଏ ।) ହଁ, ଆଉ ଗୋଟିଏ ଜିନିଷ ସେ ଆପଣଙ୍କ ପାଇଁ ପଠାଇଥିଲେ ..." ଏତକ କହି ସର୍ଜେଣ୍ଟ ଅଟକି ଯାଇ ଥଙ୍ଗଥଙ୍ଗ ହୋଇ କହିଲା, "ପଚାଶଟି କୋପେକ୍ । କିନ୍ତୁ ରାସ୍ତାରେ ଆସିଲାବେଳେ ତାହା କେଉଁଠି ଖସି ପଡ଼ିଲା । ମୁଁ ଆପଣଙ୍କ ପାଖରେ କ୍ଷମା ଭିକ୍ଷା କରୁଛି ।" ଆଡ଼ ଆଖିରେ ଲୋକଟିକୁ ଚାହିଁ ସାଭେଲିଚ୍ ବିଡ଼ିବିଡ଼ି ହୋଇ କହିଲା, "ରାସ୍ତାରେ ଆସୁ ଆସୁ ପଡ଼ିଗଲା ? ତମ ସେ ଜାମା ଭିତରେ ସେ ଯେଉଁ ଜିନିଷଟା ଝଣଝଣ କରୁଛି ସେଟା କ'ଣ ? ବେହିଆ କେଉଁଠିକାର !" ଟିକେ ମାତ୍ର ଉଦ୍‌ବେଗ ପ୍ରକାଶ ନକରି ସର୍ଜେଣ୍ଟ ଉତ୍ତର ଦେଲା, "ମୋ ଜାମା ଭିତରେ ଝଣଝଣ କରୁଛି ? ତୁ ବୁଢ଼ା ଲୋକ ନା, ତେଣୁ ତତେ ସେମିତି ଲାଗୁଥିବ ! ସେଟା ପଇସା ନୁହେଁ, ଘୋଡ଼ାର ଲଗାମ ।" ଦିଜଣଙ୍କ ମଧ୍ୟରେ ଜବାବ ସୁଆଲ ବନ୍ଦ କରି ଦେଇ ମୁଁ କହିଲି, "ଭଲ କଥା, ଯିଏ ତମକୁ ପଠାଇଛନ୍ତି, ତାଙ୍କୁ ମୋର ଧନ୍ୟବାଦ ଜଣାଅ ଏବଂ ଫେରିଗଲା

ବେଳେ ଯେଉଁ ପଗ୍ରଶ କୋପେକ୍ ତମ ପକେଟ୍ରୁ ପଡ଼ିଯାଇଛି ତାକୁ ଖୋଜିବାକୁ ଚେଷ୍ଟା କର । ସେତକ ମୁଁ ତୁମକୁ ଦେଉଛି ମଦ୍ୟପାନ ପାଇଁ ।" ଘୋଡ଼ାର ମୁହଁକୁ ବୁଲାଇ ନେଇ ସେ କହିଲା, "ଅଶେଷ ଧନ୍ୟବାଦ, ହଜୁର । ଭଗବାନ ଆପଣଙ୍କର ସର୍ବଦା ମଙ୍ଗଳ କରନ୍ତୁ ।" ଏତକ କହି ସେ ଫେରନ୍ତା ରାସ୍ତାରେ ଘୋଡ଼ା ଛୁଟେଇ ଦେଲା । ଗଲା ବେଳେ ଗୋଟିଏ ହାତ ଜାମା ଉପରେ ଗୁପି ରଖିଥାଏ । କିଛି କ୍ଷଣ ପରେ ଦୃଷ୍ଟିପଥରୁ ସେ କୁଆଡ଼େ ଦୂରେଇଗଲା ।

ମେଣ୍ଢା ଚମଡ଼ାର କୋଟ୍‌ଟିକୁ ମୁଁ ପିନ୍ଧି ପକାଇଲି । ତା'ପରେ ନିଜେ ଘୋଡ଼ା ଉପରେ ସବାର ହୋଇ ସାଭେଲିଚ୍‌କୁ ପଛରେ ବସାଇଲି । "ଦେଖିଲେ ତ ହଜୁର", ସାଭେଲିଚ୍ କହିଲା, "ବଦମାସଟା ପାଖରେ ଯେଉଁ ଅର୍ଜି ପେଶ୍ କରିଥିଲି ତା'ର ଫଳ କେମିତି ମିଳିଲା ! ଗ୍ଧେରଟା ନିଜର କାମ ପାଇଁ ନିଜେ ଲଜ୍ଜିତ ହୋଇଛି । ଏହି ଲମ୍ବାଗୋଡ଼ିଆ ବାଶ୍‌କିର୍ ଘୋଡ଼ା ଆଉ ଏ ମେଣ୍ଢା ଚମଡ଼ା କୋଟ୍‌ର ଦାମ୍ ଅବଶ୍ୟ ବେଶି ନୁହେଁ । ଆମର ଯେଉଁସବୁ ଜିନିଷ ବଦମାସ ଗ୍ଧେରି କରିଛି ତା'ର ଅର୍ଦ୍ଧେକ ହେବ ନାହିଁ । ତା'ଛଡ଼ା ଆପଣ ଦୟା ଦେଖାଇ ତାକୁ ଯାହାସବୁ ଦେଇଛନ୍ତି ତାକୁ ମୁଁ ହିସାବ କରୁ ନି । ତା ସତ୍ତ୍ୱେ ଯାହା ମିଳିଛି ତାହା ଭଲ, କାମରେ ଆସିବ । ଜାଦୁଆ କୁକୁରର କିଛି ନଥିବା ଅପେକ୍ଷା ପୁଳାଏ ଲୋମ ଥିବା ବି ଭଲ ।"

ଦଶମ ପରିଚ୍ଛେଦ

ଅବରୁଦ୍ଧ ସହର

"ପାହାଡ଼ ଓ ପ୍ରାନ୍ତରରେ
ସେନା ଦଳ ସାଜି
ଊର୍ଦ୍ଧ୍ୱଗାମୀ ଛଞ୍ଚାଣ ପରି
ଘୁହେଁ ସେ ସହରରେ
ଗର୍ଜ୍ଜିଛି ସେ ଦୁର୍ଗ ପାଚିରି
ଛପି ରହେ ଗର୍ଜନ ନକରି
ରାତ୍ରି ହେଲେ ପଡ଼ିବ ଝାମ୍ପେଇ
ସହର ଉପରେ ।" (୩୮)

ଖେରାସ୍କୋଭ୍

ଓରେନ୍‌ବୁର୍ଗ ନିକଟରେ ପହଞ୍ଚି ମୁଁ ଦଳେ କଇଦୀଙ୍କୁ ଦେଖିଲି । ସେମାନଙ୍କ ମୁଣ୍ଡସବୁ ଲଣ୍ଡିତ ଏବଂ ଶାସ୍ତିଦାତାମାନଙ୍କର ସଣ୍ଡୁଆଶିରେ ମୁହଁସବୁ ବିକୃତ ହୋଇ ଯାଇଥାଏ । ଗଡ଼ ପାଖରେ ସେମାନେ କାମ କରୁଥାନ୍ତି ଏବଂ ସେମାନଙ୍କ କାମକୁ ତଦାରଖ କରୁଥାନ୍ତି ସେନା ଛାଉଣୀର କେତେକ ବିକଳାଙ୍ଗ ସୈନିକ । ସେମାନଙ୍କ ମଧ୍ୟରୁ କେତେକ ପରିଖାରୁ ଆବର୍ଜନାସବୁ ଗାଡ଼ିରେ ବୋଝାଇ କରି ଦୂରରେ ଫିଙ୍ଗୁଥାନ୍ତି, ଆଉ କେତେକ କୋଦାଳ ନେଇ ମାଟି କାଟୁଥାନ୍ତି । ସହରର ପ୍ରାଚୀର ମରାମତ କରିବା ପାଇଁ ରାଜମିସ୍ତ୍ରୀମାନେ ଇଟା ଧରି ପ୍ରାଚୀର ପାର୍ଶ୍ୱସ୍ଥ କୁଦ ଉପରକୁ ଉଠୁଥାନ୍ତି । ସହରର ପ୍ରବେଶ ପଥରେ ଦ୍ୱାରରକ୍ଷୀମାନେ ଆମକୁ ଅଟକେଇଲେ ଏବଂ ଆମର ପରିଚୟପତ୍ର ଦେଖିବାକୁ ଗ୍ଧହିଁଲେ । ମୁଁ ବେଲୋଗୋର୍ସ୍କ ଗଡ଼ରୁ ଆସିଛି ଶୁଣି ଦ୍ୱାରରକ୍ଷୀମାନଙ୍କର ସର୍ଜେଣ୍ଟ ମୋତେ ସଙ୍ଗେ ସଙ୍ଗେ ନେଇଗଲେ ଜେନେରାଲଙ୍କ ଘରକୁ ।

ଜେନେରାଲଙ୍କ ସହିତ ଦେଖା ହେଲା ତାଙ୍କ ଉଦ୍ୟାନରେ । ହେମନ୍ତର ଦମକା ପବନରେ ପତ୍ରଝରା ଆପେଲଗଛଗୁଡ଼ିକୁ ସେ ପରୀକ୍ଷା କରୁଥାନ୍ତି । ସାଙ୍ଗରେ ତାଙ୍କର ଜଣେ ବୁଢ଼ା ମାଳୀ । ଅତ୍ୟନ୍ତ ସ୍ନେହର ସହିତ ଗଛର ଗଣ୍ଡିଗୁଡ଼ିକୁ ସେ କୁଟା ଦେଇ ବାନ୍ଧି ଦେଉଥାନ୍ତି । ମୁଖମଣ୍ଡଳରେ ତାଙ୍କର ଫୁଟି ଉଠୁଥାଏ ପ୍ରଶାନ୍ତି, ସ୍ୱାସ୍ଥ୍ୟ ଆଉ ପ୍ରସନ୍ନତାର ଝଲକ । ମୋତେ ଦେଖି ସେ ଉତ୍‌ଫୁଲ୍ଲ ହୋଇ ଉଠିଲେ ଏବଂ ଯେଉଁସବୁ ଭୟଙ୍କର ଘଟଣାବଳୀ ମୁଁ ଦେଖିଆସିଛି ସେସବୁ ସଂପର୍କରେ ତନ୍ନତନ୍ନ କରି ପଚାରିବାକୁ ଆରମ୍ଭ କଲେ । ମୁଁ ତାଙ୍କୁ ସବୁକିଛି ଜଣାଇଲି । ଗଛର ଶୁଖିଲା ଡାଳଗୁଡ଼ିକୁ କାଟୁକାଟୁ ବୃଦ୍ଧ ମନୋଯୋଗ ସହକାରେ ମୋ କଥା ଶୁଣୁଥାନ୍ତି । ବେଲୋଗୋର୍ସ୍କର ମର୍ମାହତ କାହାଣୀ ମୁଁ ବର୍ଣ୍ଣନା କରିଗଲା ପରେ ସେ କହି ପକାଇଲେ, "ବିଚରା ମିରୋନୋଭ୍ ! କେଡ଼େ ଦୁର୍ଭାଗ୍ୟର କଥା ! ସେ ଜଣେ ଭଲ ଅଫିସର ଥିଲେ । ଆଉ ଶ୍ରୀମତୀ ମିରୋନୋଭା ଥିଲେ ଅତ୍ୟନ୍ତ ଦୟାଶୀଳା ନାରୀ, କେଡ଼େ ସୁସ୍ୱାଦୁ ଛତୁ ଆଚାର ତିଆରି କରୁଥିଲେ ! ଆଚ୍ଛା, କ୍ୟାପ୍‌ଟେନ୍‌ଙ୍କ ଝିଅ ମାଶା ଖବର କ'ଣ ?" ମୁଁ ଉତ୍ତର ଦେଇ କହିଲି, ଗଡ଼ ମଧ୍ୟରେ ପାଦ୍ରିଙ୍କ ସ୍ତ୍ରୀଙ୍କ ହେପାଜତରେ ସେ ଅଛି । "ସେତ ଅତ୍ୟନ୍ତ ଖରାପ କଥା", ଜେନେରାଲ ମନ୍ତବ୍ୟ କଲେ, "ମୋଟେ ଭଲ ନୁହଁ । ସେ ବଦମାସଗୁଡ଼ାଙ୍କର ଶୃଙ୍ଖଳାବୋଧ ଉପରେ ମୋଟେ ଭରସା ରଖିହେବ ନାହିଁ । ବିଚାରୀ ଝିଅଟିର କପାଳରେ କ'ଣ ଘଟିପାରେ, କିଏ କହିବ ?" ମୁଁ ତାଙ୍କୁ କହିଲି, ବେଲୋଗୋର୍ସ୍କ ଗଡ଼ର ଦୂରତ୍ୱ ଏଠାରୁ ଖୁବ୍ ବେଶି ନୁହେଁ । ମୋର ବିଶ୍ୱାସ, ବେଲୋଗୋର୍ସ୍କର ହତଭାଗ୍ୟ ଅଧିବାସୀମାନଙ୍କୁ ମୁକ୍ତ କରିବା ପାଇଁ ମାନ୍ୟବର ଜେନେରାଲ ସୈନ୍ୟ ପଠାଇବାକୁ ବିଳମ୍ବ କରିବେ ନାହିଁ । ଏକ ଅନିଶ୍ଚିତ ଭଙ୍ଗିରେ ମୁଣ୍ଡ ହଲାଇ ଜେନେରାଲ କହିଲେ, "ଦେଖିବା କ'ଣ କରା ଯାଇପାରେ । ସେ ସଂପର୍କରେ ଆଲୋଚନା କରିବା ପାଇଁ ଏବେ ବି ଆମ ହାତରେ ସମୟ ଅଛି । ମୁଁ ଆଶା କରୁଛି ତମେ ଆଜି ମୋ ସହିତ ଚା ପାନ କରିବାକୁ ଆସିବ । ମୁଁ ଆଜି ଯୁଦ୍ଧ ପରିଷଦର ବୈଠକ ଡାକୁଛି । ଦୁର୍ବୃତ୍ତ ପୁଗାଚେଭ୍ ଏବଂ

ତା'ର ସେନାଦଳ ସଂପର୍କରେ ତୁମେ ଆମକୁ ନିର୍ଭରଯୋଗ୍ୟ ଖବର ଦେଇ ପାରିବ । ହେଉ ତମେ ଏବେ ଯାଇ ବିଶ୍ରାମ କର ।"

ମୋତେ ଦିଆଯାଇଥିବା ଘରକୁ ମୁଁ ଗଲି । ସାଭେଲିଚ୍ ଇତିମଧ୍ୟରେ ସେଠି ଘର ଦ୍ୱାର ସଜଡ଼ାସଜଡ଼ି କାମରେ ଲାଗିଯାଇଥାଏ । ଧୈର୍ଯ୍ୟହୀନ ହୋଇ ମୁଁ ନିର୍ଦ୍ଦିଷ୍ଟ ସମୟ ପାଇଁ ସେଠାରେ ଅପେକ୍ଷା କଲି । ପାଠକମାନେ ଅନାୟାସରେ ବୁଝି ପାରୁଥିବେ ଯେ, ଯୁଦ୍ଧ ପରିଷଦର ବୈଠକ ଉପରେ ମୋ ଭାଗ୍ୟ ନିର୍ଭର କରୁଥାଏ । ତେଣୁ ସେ ବୈଠକରେ ଉପସ୍ଥିତ ହେବାକୁ ମୁଁ ଅସଫଳ ହୋଇ ନଥିଲି । ନିର୍ଦ୍ଦିଷ୍ଟ ସମୟରେ ଯାଇ ହାଜିର ହୋଇଥିଲି ଜେନେରାଲଙ୍କ ଘରେ ।

ଦେଖିଲି, ସହରର ରାଜପୁରୁଷମାନଙ୍କ ମଧ୍ୟରୁ ଜଣେ ମୋ ପୂର୍ବରୁ ସେଠାରେ ପହଞ୍ଚି ଯାଇଛନ୍ତି । ମୋର ଯାହା ମନେ ପଡ଼େ, ସେ ଥିଲେ ଶୁଳ୍କ ଦପ୍ତରର ପରିଚାଳକ । ଦେଖିବାକୁ ମୋଟାସୋଟା, ଲାଲ ଟକଟକ ଗାଲ, ଦେହରେ ବୁଟିଦାର ପୋଷାକ । ସେ ମୋତେ ଇଭାନ୍ କୁଜ୍‌ମିଚ୍‌ଙ୍କ ବିଷୟରେ ବାରମ୍ବାର ପଚାରିଲେ । ଇଭାନ୍ କୁଜ୍‌ମିଚ୍ କାଳେ ତାଙ୍କର ଜଣେ ପୁରୁଣା ବନ୍ଧୁ । ମୁଁ କହିଲାବେଳେ ସେ ମୋ କଥାରେ ବାଧା ଦେଇ ଅନେକ ଉପଦେଶାତ୍ମକ ଟିପ୍‌ପଣୀ ଯୋଗ କରି ଦେଉଥାନ୍ତି । ତାଙ୍କର ସେସବୁ ପ୍ରଶ୍ନ ଆଉ ମନ୍ତବ୍ୟ ଶୁଣି ମନେ ହେଲା ସେ ସାମରିକ ବିଦ୍ୟାରେ ନିପୁଣ ନହେଲେ ମଧ୍ୟ ଅନ୍ତତଃପକ୍ଷେ ତାଙ୍କର ବୁଦ୍ଧିମତ୍ତା ଆଉ ଉପଲବ୍ଧି କ୍ଷମତା ଥିଲା । ଇତିମଧ୍ୟରେ ଅନ୍ୟାନ୍ୟ ନିମନ୍ତ୍ରିତ ବ୍ୟକ୍ତିମାନେ ଆସି ପହଞ୍ଚିଗଲେ । ସେମାନଙ୍କ ମଧ୍ୟରେ ଜେନେରାଲଙ୍କୁ ଛାଡ଼ିଦେଲେ ଆଉ କେହି ସେନା ବିଭାଗର ଲୋକ ନଥିଲେ । ସମସ୍ତେ ଆସନ ଗ୍ରହଣ କଲା ପରେ ସେମାନଙ୍କୁ ପିଆଲାରେ ଚା' ଅର୍ପଣ କରାଗଲା । ତା'ପରେ ପରିସ୍ଥିତି ବିଶ୍ଳେଷଣ କରି ଜେନେରାଲ ଏକ ସ୍ୱଚ୍ଛ ଏବଂ ବିଷଦ ବିବରଣୀ ପ୍ରଦାନ କଲେ । "ଭଦ୍ରମହୋଦୟଗଣ", ସେ କହିଲେ, "ବିଦ୍ରୋହୀମାନଙ୍କ ବିରୁଦ୍ଧରେ କି ବ୍ୟବସ୍ଥା ଗ୍ରହଣ କରିବାକୁ ହେବ ସେ ସଂପର୍କରେ ଏବେ ଆମକୁ ନିଷ୍ପତ୍ତି ନେବାକୁ ହେବ । ଆକ୍ରମଣମୂଳକ ଉପାୟ ନା ଆତ୍ମରକ୍ଷାମୂଳକ ଉପାୟ ? ଏହି ଦୁଇଟି ଉପାୟ ମଧ୍ୟରୁ ପ୍ରତ୍ୟେକଟିରେ ସୁବିଧା ଅଛି ଏବଂ ଅସୁବିଧା ବି ଅଛି । ଆକ୍ରମଣମୂଳକ ଉପାୟ

ଦ୍ୱାରା ଶତ୍ରୁକୁ ଶୀଘ୍ର ଧ୍ୱଂସ କରି ଦେବାର ଆଶା ଥାଏ । କିନ୍ତୁ ଆତ୍ମରକ୍ଷାମୂଳକ ଉପାୟ ହେଉଛି ଅଧିକ ନିର୍ଭରଯୋଗ୍ୟ ଏବଂ ନିରାପଦ ... । ସୁତରାଂ ଏ ବିଷୟଟି ଉପରେ ଆମକୁ ଯଥୋଚିତ ଭୋଟ ନେବାକୁ ହେବ । ଯିଏ ପଦମର୍ଯ୍ୟାଦା ଦିଗରୁ ସବୁଠାରୁ ନିମ୍ନରେ ସିଏ ସର୍ବପ୍ରଥମେ ଭୋଟ ଦେବେ, ତା'ପରେ କ୍ରମଶଃ ଉପର ଆଡ଼କୁ ଯିବାକୁ ହେବ । ଛୋଟ ଲେଫ୍‌ଟନାଣ୍ଟ !" ଏତକ କହି ସେ ମୋ ଆଡ଼କୁ ମୁହଁ କରି କହିଲେ, "ଏଥର ଆପଣଙ୍କୁ ଅନୁରୋଧ କରୁଛି ଆପଣଙ୍କ ମତାମତ ଆମ ଆଗରେ ରଖିବାକୁ ।"

ମୁଁ ଛିଡ଼ା ହୋଇ ପଡ଼ିଲି । ପୁଗାଶ୍ଚେଭ୍ ଏବଂ ତା'ର ଦଳବଳ ସଂପର୍କରେ ଏକ ସଂକ୍ଷିପ୍ତ ବିବରଣୀ ଦେଇ କହିଲି, "ନିୟମିତ ଓ ସ୍ଥାୟୀ ସେନାଦଳର ଆକ୍ରମଣକୁ ରୋକିଲା ଭଳି କ୍ଷମତା ନକଲି ଜାର୍‌ର ନାହିଁ ।"

ମୋର ଏହି ମତକୁ ନଗରଅଧିକାରୀମାନେ ଗ୍ରହଣ କଲେ ନାହିଁ । ପରିଷ୍କାରଭାବେ ଜଣା ପଡ଼ିଗଲା, ସେମାନେ ଏହାକୁ ଏକ ଯୁବକସୁଲଭ ଉଗ୍ରମସ୍ତିଷ୍କ ଆଉ ଦୁଃସାହସିକ କାର୍ଯ୍ୟ ବୋଲି ଭାବିଲେ । ସମସ୍ତେ ନିଜ ମଧ୍ୟରେ ଫୁସ୍‌ଫାସ୍ ହେବାକୁ ଲାଗିଲେ । ଜିଏ ଜଣେ ଚୁପା ଗଳାରେ କହିଲେ, "ପିଲାଟାଏ ।" କଥାଟାକୁ ମୁଁ ପରିଷ୍କାରଭାବେ ଶୁଣିପାରିଲି । ମୋ ଆଡ଼କୁ ଚାହିଁ ମୁହଁରେ ମୃଦୁ ହସ ଫୁଟେଇ ଜେନେରାଲ କହିଲେ, "ଛୋଟ ଲେଫ୍‌ଟନାଣ୍ଟ, ଯୁଦ୍ଧ ପରିଷଦର ବୈଠକରେ ସାଧାରଣତଃ ଦେଖିବାକୁ ମିଳେ ଆକ୍ରମଣମୂଳକ ଉପାୟ ସପକ୍ଷରେ ପ୍ରଥମେ ମତ ଦିଆଯାଇଥାଏ । ଏହା ଏକ ସ୍ୱାଭାବିକ କଥା । ହେଉ, ଆମେ ଏଥର ଅନ୍ୟମାନଙ୍କୁ ମତ ବ୍ୟକ୍ତ କରିବାକୁ କହିବା । କାଉନ୍‌ସିଲର ସାହେବ, ଆପଣଙ୍କ ମତ କ'ଣ କୁହନ୍ତୁ ।"

ବୁଟିଦାର ପୋଷାକ ପରିହିତ ବୃଦ୍ଧ ଜଣଙ୍କ ଏକଥା ଶୁଣି ସଙ୍ଗେ ସଙ୍ଗେ ତୃତୀୟ ପିଆଲାର ଚ଼' ତକ ଗଳାଧଃକରଣ କରିନେଲେ । ସେ ଚା ସହିତ ଅନେକ ପରିମାଣର ରମ୍ ମିଶା ହୋଇଥିଲା । ଜେନେରାଲଙ୍କୁ ସେ ଯେଉଁ ଉତ୍ତର ଦେଇଥିଲେ ତାହା ହେଲା : "ମାନନୀୟ ମହୋଦୟ, ମୋ ମତରେ ଆକ୍ରମଣମୂଳକ ବା ଆତ୍ମରକ୍ଷାମୂଳକ – କୌଣସି ଉପାୟ ଠିକ୍ ନୁହେଁ ।"

"କ'ଣ କହିଲେ କାଉନ୍‌ସିଲର ସାହେବ ?" ଜେନେରାଲ ଆଶ୍ଚର୍ଯ୍ୟ ହୋଇ

ପ୍ରଶ୍ନ କଲେ, "ରଣନୀତିରେ ହୁଏତ ଆତ୍ମରକ୍ଷାମୂଳକ ଉପାୟ, ନଚେତ୍ ଆକ୍ରମଣମୂଳକ ଉପାୟ ... ଏହା ବ୍ୟତୀତ ତୃତୀୟ ତ ଉପାୟ ନାହିଁ !"

"ମାନନୀୟ ମହୋଦୟ, ଏକ୍ଷେତ୍ରରେ କ୍ରୟମୂଳକ ରଣନୀତିଟି ପ୍ରୟୋଗ କରିବାକୁ ହେବ ।"

"ଆହା, ଆପଣ ଏକେବାରେ ଯଥାର୍ଥ ମତ ଦେଇଛନ୍ତି", ଜେନେରାଲ କହିଲେ, "କ୍ରୟମୂଳକ ରଣକୌଶଳ ଗ୍ରହଣ କରିବାରେ କୌଣସି ଆପତ୍ତି ନାହିଁ । ଆପଣଙ୍କ ଉପଦେଶକୁ କାର୍ଯ୍ୟରେ ଲଗାଇବୁ । ଦୁର୍ବୃତ୍ତର ମସ୍ତକ ପାଇଁ ଆମେ ଗୋପନ ପାଣ୍ଠିରୁ ସତୁରି ରୁବଲ, ଏପରିକି ଶହେ ରୁବଲ ଯାଏ ପୁରସ୍କାର ଘୋଷଣା କରି ପାରିବା ... ।"

"ବେଶ୍, ତା'ପରେ ଦେଖିବେ", ଜେନେରାଲଙ୍କ କଥାରେ ବାଧା ଦେଇ ଶୁଳ୍କ ଦସ୍ତରର ପରିଚାଳକ କହିଉଠିଲେ, "ସେ ଡକେଇତମାନେ ତାଙ୍କ ସର୍ଦ୍ଦାରର ହାତ ଗୋଡ଼ ବାନ୍ଧି ଆମ ଆଗରେ ପହଞ୍ଚେଇ ଦେଇଯିବେ । ତା ଯଦି ନକରନ୍ତି, ମୋତେ କାଉନ୍‌ସିଲର ନକହି କହିବେ କିର୍‌ଘିଜିଆର ମେଣ୍ଢା ବୋଲି ।"

ଜେନେରାଲ ଉତ୍ତର ଦେଲେ, "ଏହି ପ୍ରସ୍ତାବଟିକୁ ଆମେ ଆଉରି ଗଭୀର ଭାବେ ବିଚାର ବିବେଚନା କରିବା । କିନ୍ତୁ ପ୍ରସ୍ତାବ ଯାହା ହେଉନା କାହିଁକି, ସାମରିକ ପଦକ୍ଷେପ ମଧ୍ୟ ଆମକୁ ନେବାକୁ ପଡ଼ିବ । ଭଦ୍ରମହୋଦୟଗଣ, ଆପଣମାନେ କ୍ରମାନ୍ୱୟରେ ଆପଣମାନଙ୍କର ମତାମତ ବ୍ୟକ୍ତ କରନ୍ତୁ ।"

ଦେଖାଗଲା, ସମସ୍ତେ ମୋ ମତର ବିରୁଦ୍ଧରେ ମତ ଦେଲେ । ସୈନ୍ୟଦଳ ଉପରେ ନିର୍ଭର କରିହେବ ନାହିଁ, ସାଫଲ୍ୟ ଲାଭର ନିଶ୍ଚୟତା ନାହିଁ, ସତର୍କ ହେବାର ପ୍ରୟୋଜନତା ଆଦି କଥା ସେମାନେ କହିଲେ । ସମସ୍ତେ ଭାବୁଥିଲେ, ଖୋଲା ପଡ଼ିଆରେ ଯୁଦ୍ଧର ଫଳାଫଳ ଉପରେ ବିଶ୍ୱାସ ନକରି ଶକ୍ତ ପଥର ପାଚିରି ପଛରେ କମାଣ ବନ୍ଧୁକ ନେଇ ଅପେକ୍ଷା କରିବା ହେଉଛି ଅନେକ ବୁଦ୍ଧିମତ୍ତାର କାର୍ଯ୍ୟ । ସମସ୍ତେ କହି ସାରିଲା ପରେ,

ପାଇପ୍ରୁ ପାଉଁଶ ଝାଡ଼ି ଜେନେରାଲ ଛିଡ଼ା ହେଲେ । ସେ ଯେଉଁ ବକ୍ତୃତାଟି ଦେଲେ ତାହା ହେଲ :

"ଭଦ୍ରମହୋଦୟଗଣ, ମୁଁ ପ୍ରଥମେ କହି ରଖୁଛି ଯେ, ଛୋଟ ଲେଫ୍‌ଟନାଣ୍ଟଙ୍କ ମତ ସହିତ ମୁଁ ସଂପୂର୍ଣ୍ଣ ଏକମତ । ସଠିକ୍ ରଣକୌଶଳର ନିୟମାବଳୀ ଉପରେ ତାଙ୍କ ମତଟି ପ୍ରତିଷ୍ଠିତ । ରଣକୌଶଳ ସର୍ବଦା ଆକ୍ରମଣର ସପକ୍ଷରେ, ଆତ୍ମରକ୍ଷାର ସପକ୍ଷରେ ନୁହେଁ ।"

ଏତିକି କହି ସେ ତାଙ୍କ ପାଇପ୍‌ରେ ତମାଖୁ ଭରିବାକୁ ଲଗିଲେ । ବିଜୟ ଗର୍ବରେ ଛାତି ଭିତରଟା ମୋର ଫୁଲି ଉଠିଲ, ଉଦ୍ଧତ ଦୃଷ୍ଟିରେ ମୁଁ ଗ୍ରହିଁଲି ସରକାରୀ କର୍ମକର୍ତ୍ତାମାନଙ୍କୁ । ସେମାନଙ୍କ ମୁଖମଣ୍ଡଳରେ ଫୁଟି ଉଠିଥାଏ ଉଦ୍‌ବେଗ ଆଉ ଅସନ୍ତୋଷର ଚିହ୍ନ । ନିଜ ନିଜ ମଧ୍ୟରେ ସେମାନେ ଫୁସ୍‌ଫାସ୍ ହେଉଥାନ୍ତି ।

"କିନ୍ତୁ ଭଦ୍ରମହୋଦୟଗଣ", ଏକ ଗଭୀର ଦୀର୍ଘଶ୍ୱାସ ସହିତ ପୁଳାଏ ଘନ ଧୂଆଁ ଛାଡ଼ି ଜେନେରାଲ କହିବାକୁ ଲଗିଲେ, "ମୁଁ ନିଜ ଉପରେ ଏହି ବିରାଟ ଦାୟିତ୍ୱ ନେବାକୁ ସାହସ କରିପାରୁ ନାହିଁ । ପରମ ଦୟାଳୁ ମହାମାନ୍ୟା ସମ୍ରାଜ୍ଞୀ ମୋ ଉପରେ ଏହି ପ୍ରଦେଶର ନିରାପତ୍ତା ଦାୟିତ୍ୱ ଅର୍ପଣ କରିଛନ୍ତି । ଏକ୍ଷେତ୍ରରେ ଏହି ନିରାପତ୍ତାର ପ୍ରଶ୍ନଟି ରହିଛି । ତେଣୁ ସଂଖ୍ୟାଗରିଷ୍ଠ ମତକୁ ମୁଁ ଗ୍ରହଣ କରିନେଉଛି, ଅର୍ଥାତ୍ ସବୁଠାରୁ ଯୁକ୍ତିସମ୍ମତ ଓ ନିରାପଦ ବ୍ୟବସ୍ଥା ହେଉଛି ସହର ମଧ୍ୟରେ ଅବରୋଧ ପାଇଁ ଅପେକ୍ଷା କରି ରହିବା ଏବଂ ଗୋଳା ବର୍ଷଣ କରି କିମ୍ବା (ସମ୍ଭବ ହେଲେ) ଅଗ୍ରନକ ଭାବେ ମୁଖାମୁଖି ଆକ୍ରମଣ କରି ଶତ୍ରୁକୁ ହଟେଇ ଦେବା ।"

ଏଥର ମୋ ଆଡ଼କୁ ବିଦ୍ରୂପଭରା ଦୃଷ୍ଟିରେ ଗ୍ରହିଁବାର ପାଳି ପଡ଼ିଲ ନଗରାଧିକାରୀମାନଙ୍କର । ପରିଷଦର ବୈଠକ ଶେଷ ହେଲ । ଜେନେରାଲଙ୍କ ଭଳି ଜଣେ ପ୍ରବୀଣ ଯୋଦ୍ଧାଙ୍କ ପକ୍ଷରେ ଏହି ଦୁର୍ବଳତା ଲକ୍ଷ୍ୟ କରି ମନେ ମନେ ଦୁଃଖ କରିବା ବ୍ୟତୀତ ମୋର ଅନ୍ୟ ଉପାୟ ନଥିଲ । ନିଜର ବିଶ୍ୱାସ ବିରୁଦ୍ଧରେ ସେ ଅଜ୍ଞ ଅନଭିଜ୍ଞ ଲେକଙ୍କର ମତକୁ ଗ୍ରହଣ କରି ନେଇଥିଲେ ।

ପରିଷଦର ଏହି ବିଖ୍ୟାତ ବୈଠକର କେଇଦିନ ପରେ ଆମେ

ଜାଣିବାକୁ ପାଇଲୁ ଯେ, ପୁଗାଚ୍ଚେଭ୍ ତା'ର କଥାନୁଯାୟୀ ଓରେନ୍‌ବୁର୍ଗ ଅଭିଯାନ ଆରମ୍ଭ କରିଦେଇଛି । ସହରର ପ୍ରାଚୀର ଉପରୁ ବିଦ୍ରୋହୀ ସୈନ୍ୟମାନଙ୍କୁ ଆମେ ଦେଖିପାରିଲୁ । ଦେଖି ମନେ ହେଲ, ଗତ ଆକ୍ରମଣ ବେଳେ ମୁଁ ସ୍ୱଚକ୍ଷୁରେ ଯାହା ଦେଖିଥିଲି ତାଠାରୁ ବିଦ୍ରୋହୀମାନଙ୍କ ସଂଖ୍ୟା ଅନେକ ଗୁଣ ବୃଦ୍ଧି ପାଇଛି । ଏଥର ସେମାନଙ୍କ ପାଖରେ ଅଛି କମାଣସବୁ । ଇତିମଧ୍ୟରେ ଯେଉଁସବୁ ଛୋଟ ଛୋଟ ଗଡ଼ ସେମାନେ ଅଧିକାର କରିନେଇଥିଲେ, ସେସବୁ ହେଉଛି ସେଇସବୁ ଗଡ଼ର କମାଣ । ଯୁଦ୍ଧ ପରିଷଦ ଯେଉଁ ନିଷ୍ପତ୍ତି ନେଇଥିଲେ ତଦ୍ୱାରା ମନେ ହେଲ ଅବରୁଦ୍ଧ ଅବସ୍ଥାରେ ଓରେନ୍‌ବୁର୍ଗ ସହରର ପ୍ରାଚୀର ମଧ୍ୟରେ ରହିବାକୁ ପଡ଼ିବ । ଦାରୁଣ କ୍ଷୋଭରେ ଅନ୍ତର ମୋର କାନ୍ଦରେ ଫାଟି ପଡ଼ିଲ ଭଳି ଲଗିଲ ।

ଓରେନ୍‌ବୁର୍ଗ ଅବରୋଧର ବର୍ଣ୍ଣନା ଦେବାକୁ ମୁଁ ଯାଉନି । (୩୯) ସେ କାହାଣୀ ଇତିହାସ ପୃଷ୍ଠାରେ ଖୋଜିଲେ ମିଳିବ, ଘରୋଇ ଇତିବୃତ୍ତରେ ତାହା ସ୍ଥାନ ପାଇ ନି । ମୁଁ କେବଳ ଯଥାସମ୍ଭବ ସଂକ୍ଷିପ୍ତଭାବେ ସେ ବିଷୟରେ ଉଲ୍ଲେଖ କରି ବିରତ ରହିବି । ପ୍ରଶାସନିକ କର୍ତ୍ତୃପକ୍ଷଙ୍କର ଅସାବଧାନତା ହେତୁ ସହରବାସୀଙ୍କୁ ଅନେକ ମୂଲ୍ୟ ଦେବାକୁ ପଡ଼ିଥିଲ । ସେମାନେ ଅନାହାର ତଥା ସମସ୍ତ ପ୍ରକାରର ଦୁର୍ଦ୍ଦଶା ଭୋଗିଥିଲେ । ସହଜରେ ଅନୁମାନ କରି ହେବ ଯେ, ଓରେନ୍‌ବୁର୍ଗର ଜୀବନ କେତେ ଅସହ୍ୟ ହୋଇ ପଡ଼ିଥିଲ । ଭାଗ୍ୟ ହାତରେ ନିଜକୁ ସଅଁପି ଦେଇ ସମସ୍ତେ ଅନ୍ତିମ ପରିଣତି ପାଇଁ ଅପେକ୍ଷା କରି ରହିଥିଲେ । ଜିନିଷପତ୍ରର ଆକାଶଛୁଆଁ ମୂଲ୍ୟ ଦ୍ୱାରା ଲେକେ ଅତିଷ୍ଠ ହୋଇ ପଡ଼ିଥିଲେ । ଘର ଅଗଣାମାନଙ୍କରେ କମାଣର ଗୋଳାସବୁ ଆସି ପଡ଼ୁଥିଲ । ସେଥି ପ୍ରତି ଲେକେ ଅଭ୍ୟସ୍ତ ହୋଇ ପଡ଼ିଲେ । ଏପରିକି ପୁଗାଚ୍ଚେଭ୍‌ର ଚଢ଼ଉ ସଂପର୍କରେ ଲେକେ ଆଉ କୌତୂହଳ ପ୍ରକାଶ କଲେ ନାହିଁ । ନିଷ୍କ୍ରିୟ ଅବସ୍ଥାରେ ରହି ରହି ମୁଁ ମରିଲ ଭଳି ଅବସ୍ଥାକୁ ଆସିଗଲି । ସମୟ ଖାଲି ଗଡ଼ି ଗ୍ଲିଥାଏ । ବେଲେଗୋର୍ସ୍କ ଗଡ଼ରୁ କୌଣସି ଚିଠି ମୁଁ ପାଉ ନଥାଏଁ । ସମସ୍ତ ପଥ ବିଚ୍ଛିନ୍ନ । ମାରିୟା ଇଭାନୋଭ୍‌ନା ସହିତ ବିଚ୍ଛେଦ ମୋ ପକ୍ଷରେ ଅସହ୍ୟ ହୋଇ ପଡ଼ିଥାଏ । ତା ଭାଗ୍ୟରେ କ'ଣ ଘଟିଲ ଜାଣି

ନପାରି କେବଳ ଯନ୍ତ୍ରଣାରେ ଆଉଟି ହେଉଥାଏ । ନିଜକୁ ଭୁଲାଇ ରଖିବା ପାଇଁ ଘୋଡ଼ାରେ ଚଢ଼ି ବୁଲିବାଟା ମୋ ପାଇଁ ଏକମାତ୍ର ଉପାୟ ଥିଲା । ପୁଗାଚେଭ୍‌ର କଲ୍ୟାଣରୁ ଭଲ ଘୋଡ଼ାଟିଏ ପାଇଥିଲି । ମୋ ପାଖରେ ଯେଉଁ ସାମାନ୍ୟ ଖାଦ୍ୟ ସାମଗ୍ରୀ ଥିଲା ସେଥିରୁ ତାକୁ ଖୁଆଉଥିଲି ଏବଂ ତା ପିଠିରେ ବସି ପ୍ରତିଦିନ ଚାଲି ଯାଉଥିଲି ସହର ବାହାରକୁ । ପୁଗାଚେଭ୍‌ର ଅଶ୍ୱାରୋହୀମାନଙ୍କ ସହିତ ମୋର ଗୁଳି ବିନିମୟ ହେଉଥିଲା । ଏହିଭଳି ଲଢ଼େଇରେ ବିଦ୍ରୋହୀମାନଙ୍କର ବେଶି ସୁବିଧା ହେଉଥାଏ । ସେମାନେ ଭଲ ଖାଦ୍ୟପେୟ ପାଉଥିଲେ, ଭଲ ଘୋଡ଼ାମାନଙ୍କରେ ଚଢ଼ୁଥିଲେ । ସହରର କ୍ଷୀଣକାୟ ଅଶ୍ୱାରୋହୀ ବାହିନୀ ସେମାନଙ୍କ ସହିତ ତାଳ ଦେଇପାରିଲା ନାହିଁ । ବେଳେବେଳେ ଆମ କ୍ଷୁଧାର୍ତ୍ତ ପଦାତିକ ବାହିନୀ ଯୁଦ୍ଧରେ ଯୋଗ ଦେଉଥିଲେ, କିନ୍ତୁ ପ୍ରଚୁର ବରଫପାତ ହେତୁ ବିକ୍ଷିପ୍ତଭାବେ ଖେଳେଇ ହୋଇ ରହିଥିବା ବିଦ୍ରୋହୀ ଅଶ୍ୱାରୋହୀ ବାହିନୀର ବିଶେଷ କିଛି କ୍ଷତି କରି ପାରି ନଥିଲେ । ଗଡ଼ ପ୍ରାଚୀର ପାର୍ଶ୍ୱସ୍ଥ ଉଚ୍ଚ ବୁରୁଜଗୁଡ଼ିକ ଉପରୁ ଆମ କମାଣଗୁଡ଼ିକ ବୃଥାରେ ଗର୍ଜନ କରୁଥିଲେ, କିନ୍ତୁ ସେସବୁକୁ ଯୁଦ୍ଧ କ୍ଷେତ୍ରକୁ ନେଇଗଲେ ବରଫରେ ଅଟକି ଯାଉଥିଲେ । ତା'ର କାରଣ ହେଲା, ଆମ ଘୋଡ଼ାଗୁଡ଼ାକ ଏତେ ଅବସନ୍ନ ହୋଇ ପଡ଼ିଥିଲେ ଯେ, ସେସବୁକୁ ଟାଣି ପାରୁନଥିଲେ । ଏହା ହିଁ ଥିଲା ଆମ ସାମରିକ କ୍ରିୟାକଳାପର ଢଙ୍ଗଢାଙ୍ଗ ! ଓରେନ୍‌ବୁର୍ଗର ଅଫିସରମାନେ ଏହାକୁ ସତର୍କତା ଆଉ ବିଜ୍ଞତା ବୋଲି କହୁଥିଲେ !

ଦିନେ କୌଣସି ପ୍ରକାରେ ଶତ୍ରୁପକ୍ଷର ଏକ ବଡ଼ ସେନାଦଳକୁ ଆମେ ଛତ୍ରଭଙ୍ଗ କରିଦେଲୁ । ଦଳ ମଧ୍ୟରୁ ବିଛିନ୍ନ ହୋଇ ପଡ଼ିଥିବା ଜଣେ କସାକ୍ ପଛରେ ମୁଁ ଧାଇଁବାକୁ ଲାଗିଲି । ତାକୁ ମୋର ତୁର୍କୀ ତରବାରିରେ ବଧ କରିବାକୁ ଗଲାବେଳେ ଲୋକଟା ତା ଟୋପି କାଢ଼ି ପକାଇ ଚିତ୍କାର କରିଉଠିଲା : "ନମସ୍କାର ପିଓତର ଆନ୍ଦ୍ରେଇଚ୍, ଆପଣ କେମିତି ଅଛନ୍ତି ?"

ଲୋକଟାକୁ ଦେଖି ମୁଁ ଚିହ୍ନି ପାରିଲି । ସେ ହେଉଛି ଆମ ସେଇ ସର୍ଜେଣ୍ଟ । ତାକୁ ଦେଖି ମୁଁ ଏତେ ଆନନ୍ଦିତ ହୋଇପଡ଼ିଲି ଯେ, କହିହେବ ନାହିଁ ।

"ଆରେ, ମାକ୍‌ସିମିଚ୍ !" କହିଉଠିଲି, "ତୁମେ କ'ଣ ବେଲୋଗୋର୍ସ୍କରୁ ଅନେକ ଦିନ ହେଲା ଆସିଲଣି ?"

"ନା, ଆଜ୍ଞା ଅନେକ ଦିନ ନୁହଁ । ମାତ୍ର ଗତକାଲି ଆସିଛି । ଆପଣଙ୍କ ପାଇଁ ମୋ ପାଖରେ ଗୋଟିଏ ଚିଠି ଅଛି ।"

"କାହିଁ ?" ଗଭୀର ଭାବେ ଉଚ୍ଛ୍ୱସିତ ହୋଇ ଚିତ୍କାର କରିଉଠିଲି ।

"ହେଇ ଏଇଠି ।" କହି ସେ ତା ଜାମା ଭିତର ପକେଟ୍‌ରେ ହାତ ଗଳେଇଦେଲା । "ପାଲଶ୍‌କାକୁ ମୁଁ କଥା ଦେଇଥିଲି ଯେକୌଣସି ପ୍ରକାରେ ଚିଠିଟି ଆପଣଙ୍କ ପାଖରେ ପହଞ୍ଚାଇ ଦେବି ।" ଭାଙ୍ଗକରା କାଗଜ ଖଣ୍ଡେ ସେ ମୋ ହାତକୁ ବଢ଼ାଇ ଦେଇ ତା'ପରେ ଘୋଡ଼ା ଛୁଟେଇ ଚାଲିଗଲା । ଉତ୍ତେଜନାରେ ଅଧୀର ହୋଇ ଚିଠିଟିକୁ ମୁଁ ଖୋଲିଲି । ସେଥିରେ ଲେଖାଥିଲା :

"ଭଗବାନ ମୋ ବାପା ମାଙ୍କୁ ମୋଠାରୁ ଅପ୍ରନକ ଭାବେ ଛଡ଼େଇ ନେଲେ । ଏ ଦୁନିଆରେ ମୋର ଆତ୍ମୀୟ କିମ୍ବା ରକ୍ଷା କଲାଭଳି କେହି ନାହାନ୍ତି । ତମକୁ ମୁଁ ଚାହିଁ ରହିଛି । ମୁଁ ଜାଣେ ତମେ ମୋର ଶୁଭାକାଂକ୍ଷୀ ଏବଂ ଦରକାର ବେଳେ ତମେ ସମସ୍ତଙ୍କୁ ସାହାଯ୍ୟ କରିବା ପାଇଁ ଆଗଭର ହୋଇ ଆଗେଇ ଆସ । ଭଗବାନଙ୍କୁ ପ୍ରାର୍ଥନା କରୁଛି ଏ ଚିଠିଟି ଯେପରି ତମ ପାଖରେ ପହଞ୍ଚୁ ! ମାକ୍‌ସିମିଚ୍ ପ୍ରତିଶ୍ରୁତି ଦେଇଛି ଚିଠିଟିକୁ ତମ ପାଖରେ ପହଞ୍ଚେଇ ଦେବ । ସେ ଅନେକ ସମୟରେ ତମକୁ ଯୁଦ୍ଧ କ୍ଷେତ୍ରରେ ଦେଖେ ବୋଲି ପାଲଶ୍‌କାକୁ କହିଛି । ତମେ କାଳେ ନିଜ ପ୍ରତି ମୋଟେ ସାବଧାନ ରହୁନା । ଯେଉଁମାନେ ଆଖିରୁ ଲୁହ ଢାଳି ତମ ପାଇଁ ପ୍ରାର୍ଥନା କରନ୍ତି ସେମାନଙ୍କ କଥା କ'ଣ ତମ ମନେ ପଡ଼େ ନାହିଁ ? ମୁଁ ଅନେକ ଦିନ ଅସୁସ୍ଥ ରହିଲା ପରେ ଆରୋଗ୍ୟ ଲାଭ କରିଛି । ଆରୋଗ୍ୟ ଲାଭ କଲା ପରେ ଆଲେକ୍‌ସେଇ ଇଭାନୋଭିଚ୍ ପାଦ୍ରି ଗେରାସିମ୍‌ଙ୍କୁ ନିର୍ଦ୍ଦେଶ ଦେଇଛି ମୋତେ ତା ହାତରେ ଅର୍ପଣ କରିଦେବାକୁ । ବାପାଙ୍କ ପରେ ସେ ଏବେ ଏହି ଗଡ଼ର ଅଧିକର୍ତ୍ତା । ପାଦ୍ରି ଗେରାସିମ୍‌କୁ ସେ ଧମକ ଦେଇଛି, ତା କଥା ନଶୁଣିଲେ ସେ ତାଙ୍କ ନାମରେ ପୁଗାଚେଭ୍ ପାଖରେ ନାଲିଶ କରିବ । ଏବେ ମୁଁ ଆମ

ପୁରୁଣା ଘରେ ଅଟକ ରହିଛି । ଆଲେକ୍‌ସେଇ ଇଭାନୋଭିଚ୍ ଗ୍ୱହୁଁଛି ମୁଁ ତାଙ୍କୁ ବିବାହ କରେ । ସେ କହୁଛି ଯେ, ସେ ମୋତେ ବଞ୍ଚେଇଛି । ଆକୁଲିନା ପାମ୍‌ଫିଲେଭ୍‌ନା ଦୁର୍ବୃତ୍ତମାନଙ୍କୁ ମୋତେ ତାଙ୍କ ଝିଆରୀ ବୋଲି କହିଲା ବେଳେ ସେ ସତକଥା ପ୍ରକାଶ କରି ନାହିଁ । କିନ୍ତୁ ଆଲେକ୍‌ସେଇ ଇଭାନୋଭିଚ୍ ଭଳି ଲୋକର ସ୍ତ୍ରୀ ହବା ଅପେକ୍ଷା ମୋ ପକ୍ଷରେ ସେତେବେଳେ ମୃତ୍ୟୁବରଣ କରିବା ଶ୍ରେୟ ଥିଲା । ମୋ ସହିତ ସେ ଅତି ନିଷ୍ଠୁର ବ୍ୟବହାର କରୁଛି ଏବଂ କହୁଛି ଯେ, ମୁଁ ମତ ପରିବର୍ତ୍ତନ ନକଲେ ଏବଂ ତାଙ୍କୁ ବିବାହ ନକଲେ ସେ ମୋତେ ବିଦ୍ରୋହୀମାନଙ୍କ ଶିବିରରେ ଛାଡ଼ି ଦେଇ ଆସିବ । ତା'ପରେ ମୋତେ ଶୁଣେଇ ଶୁଣେଇ କହୁଛି, ଏଲିଜାବେଥ୍ ଖାର୍ଲୋଭାର କପାଳରେ ଯାହା ଘଟିଥିଲା, ମୋର ସେଇଆ ଘଟିବ । (୪୦) ମୁଁ ଆଲେକ୍‌ସେଇ ଇଭାନୋଭିଚ୍‌କୁ ଅନୁରୋଧ କରିଥିଲି ଏ ବିଷୟରେ ଚିନ୍ତା କରିବା ପାଇଁ ମୋତେ ସମୟ ଦେବାକୁ । ସେ ତିନିଦିନ ଅପେକ୍ଷା କରିବାକୁ ରାଜି ହୋଇଛି । ତିନିଦିନ ପରେ ତାଙ୍କୁ ବିବାହ ନକଲେ ସେ ମୋତେ କ୍ଷମା ଦେବ ନାହିଁ । ପ୍ରିୟ ପିଓତର ଆନ୍ଦ୍ରେଇଚ୍ ! ତମ ବ୍ୟତୀତ ମୋର କେହି ରକ୍ଷାକର୍ତ୍ତା ନାହିଁ । ଏ ହତଭାଗିନୀକୁ ରକ୍ଷା କର ! ସେନାଧ୍ୟକ୍ଷ ଏବଂ ଅଧିନାୟକମାନଙ୍କୁ କୁହ ସେମାନେ ଯେତେ ଶୀଘ୍ର ସମ୍ଭବ ଆମକୁ ସାହାଯ୍ୟ କରିବା ପାଇଁ ସୈନ୍ୟ ପଠାଇବେ । ସମ୍ଭବ ହେଲେ ତୁମେ ଆସ । ଇତି

ହୀନିମାନୀ

ମାରିୟା ମିରୋନୋଭା ।"

ଚିଠିଟି ପଢ଼ି ମୁଁ ଆଉ ନିଜକୁ ସମ୍ଭାଳି ପାରିଲି ନାହିଁ । ଘୋଡ଼ା ଛୁଟେଇ ଫେରି ଆସିଲି ସହରକୁ । ଫେରିଲା ବେଳେ ମୋର ସେ ନିରୀହ ଘୋଡ଼ାଟିକୁ ନିର୍ଦ୍ଦୟଭାବେ ଅଶ୍ୱତାଡ଼ନୀ କଣ୍ଟାରେ ଆଘାତ କରିଥିଲି । ରାସ୍ତାସାରା ଯେତେ ଚିନ୍ତା କଲେ ମଧ୍ୟ ହତଭାଗୀଟିକୁ ଉଦ୍ଧାର କରିବାର କୌଣସି ଉପାୟ ଖୋଜି ବାହାର କରି ପାରିଲି ନାହିଁ । ସହରରେ ପହଞ୍ଚି ସିଧାସଳଖ ଗଲି ଜେନେରାଲଙ୍କ ଘରକୁ, ସିଧା ତାଙ୍କ ଆଗରେ ଯାଇ ପହଞ୍ଚିଗଲି ।

ଜେନେରାଲ ସେତେବେଳେ ପାଇପ୍‌ରେ ତମାଖୁ ଧୂଆଁ ପିଇ ପିଇ ଘର ମଧ୍ୟରେ ପାଦଚାରଣ କରୁଥିଲେ । ମୋତେ ଦେଖି ସେ ଅଟକି ଗଲେ । ମୋର ଅପ୍ରତ୍ୟାଶିତ ଆଗମନ ଦେଖି ସେ ସମ୍ଭବତଃ ଆଶ୍ଚର୍ଯ୍ୟ ହୋଇଥିଲେ ଏବଂ ଉଦ୍‌ବିଗ୍ନ କଣ୍ଠରେ ପଚାରିଥିଲେ, ମୁଁ କାହିଁକି ଏତେ ଅସ୍ତବ୍ୟସ୍ତ ହୋଇ ଛୁଟି ଆସିଛି ।

"ମାନ୍ୟବର", ମୁଁ କହିଲି, "ଆପଣ ହେଉଛନ୍ତି ମୋର ପିତୃତୁଲ୍ୟ । ଆପଣଙ୍କୁ ସନିର୍ବନ୍ଧ ଅନୁରୋଧ, ଆପଣ ମୋତେ ନିରାଶ କରିବେ ନାହିଁ ! ମୋ ସାରା ଜୀବନର ସୁଖ ଶାନ୍ତି ବିପନ୍ନ ହୋଇ ପଡ଼ିଛି ।"

"କ'ଣ ହୋଇଛି କୁହ ବନ୍ଧୁ", ବୃଦ୍ଧ ବିସ୍ମିତ ହୋଇ ପଚାରିଲେ, "ମୁଁ ତମ ପାଇଁ କ'ଣ କରି ପାରିବି କୁହ !"

"ମାନ୍ୟବରଙ୍କ ପାଖରେ ମୋର ଅନୁରୋଧ, ଆପଣ ମୋତେ ନିର୍ଦ୍ଦେଶ ଦିଅନ୍ତୁ ପଚାଶ ଜଣ ଖଣ୍ଡ କସାକ୍ ଓ ଦଳେ ସୈନ୍ୟ ନେଇ ବେଲୋଗୋର୍ସ୍କ ଗଡ଼ରୁ ବିଦ୍ରୋହୀମାନଙ୍କୁ ହଟେଇ ଦେଇ ଆସିବାକୁ !"

ଜେନେରାଲ ବିସ୍ଫାରିତ ଆଖିରେ ମୋତେ ଚାହିଁ ରହିଲେ । ସେ ନିଶ୍ଚୟ ଭାବୁଥିଲେ ଯେ, ମୋର ବୁଦ୍ଧିସୁଦ୍ଧି ଲୋପ ପାଇଗଲାଣି (ସେ ଯେ ଭୁଲ କରିଥିଲେ ତା ନୁହେଁ ।)

"କ'ଣ କହିଲ ? ବେଲୋଗୋର୍ସ୍କ ଗଡ଼ରୁ ବିଦ୍ରୋହୀମାନଙ୍କୁ ହଟେଇ ଦେବ ?" ଅବଶେଷରେ ସେ କହିଲେ ।

ଆଗ୍ରହର ସହିତ ମୁଁ ଉତ୍ତର ଦେଲି, "ସାଫଲ୍ୟ ସଂପର୍କରେ ମୁଁ ନିଶ୍ଚିତତା ଦେଇପାରେ । ଆପଣ କେବଳ ମୋତେ ଯିବାକୁ ଦିଅନ୍ତୁ ।"

"ନା, ଯୁବକ, ତା ହୋଇପାରିବ ନାହିଁ", ମୁଣ୍ଡ ହଲେଇ ସେ କହିଲେ, "ବେଲୋଗୋର୍ସ୍କ ଗଡ଼ ଏଠୁ ଅନେକ ଦୂର । ମୂଳ ଘାଟିଠାରୁ ତମର ଯୋଗାଯୋଗ ବିଚ୍ଛିନ୍ନ କରି ଦେଇ ତମକୁ ସଂପୂର୍ଣ୍ଣ ପରାଜିତ କରିଦେବାରେ ଶତ୍ରୁର ଅସୁବିଧା ହେବ ନାହିଁ । ଯୋଗାଯୋଗ ବିଚ୍ଛିନ୍ନ ହୋଇଗଲା ପରେ ..."

ମୋର ଭୟ ହେଲା, ସିଏ ହୁଏତ ରଣକୌଶଳ ସଂପର୍କରେ ଆଲୋଚନା କରିଦେବେ । ତେଣୁ ସଙ୍ଗେ ସଙ୍ଗେ ତାଙ୍କ କଥାରେ ବାଧା ଦେଇ କହିଲି :

"କ୍ୟାପ୍‌ଟେନ୍ ମିରୋନୋଭ୍‌ଙ୍କ କନ୍ୟା ମୋତେ ଚିଠି ଲେଖିଛନ୍ତି ।

ଚିଠିରେ ସେ ସାହାଯ୍ୟ ଭିକ୍ଷା କରିଛନ୍ତି । ଶ୍ୱାବ୍ରିନ୍ ତାକୁ ବାଧ୍ୟ କରୁଛି ବିବାହ କରିବା ପାଇଁ ।"

"ସତେ ! ସେ ଶ୍ୱାବ୍ରିନ୍‌ଟା ହେଉଛି ଗୋଟାଏ ପକ୍‌କା Schelm * ! ସେ ଯଦି ମୋ ହାତରେ ପଡ଼ନ୍ତା ନା , ତାକୁ ଚବିଶ ଘଣ୍ଟା ମଧ୍ୟରେ ତା'ର ବିଗ୍ଭର କରି ଗଡ଼ ପ୍ରାଚୀର ଆଗରେ ଛିଡ଼ା କରାଇ ଗୁଳି କରି ମାରନ୍ତି ! କିନ୍ତୁ ଏବେ ତ କିଛି କରିହେବ ନାହିଁ , ଧୈର୍ଯ୍ୟ ଧରି ଅପେକ୍ଷା କରିବାକୁ ପଡ଼ିବ ... ।"

"ଧୈର୍ଯ୍ୟ !" ଉନ୍ମାଦ ଭଳି କଥାଟିକୁ ମୁଁ ପୁନରାବୃତ୍ତି କଲି । "ଆମେ ଧୈର୍ଯ୍ୟ ଧରି ଅପେକ୍ଷା କରିବା ଆଉ ସିଏ ସେଠି ମାରିୟା ଇଭାନୋଭ୍‌ନାକୁ ବିଭା ହୋଇଯିବ !.."

"ଓହୋ ! କେବଳ ବିବାହ କାହିଁକି , ଆଉରି ଖରାପ କାମ ବି ସେ କରିପାରେ !" ଜେନେରାଲ ନିର୍ବିକାର କଣ୍ଠରେ କହିଲେ "ତା ପକ୍ଷରେ ଆପାତତଃ ଶ୍ୱାବ୍ରିନ୍‌ର ସ୍ତ୍ରୀ ହୋଇ ରହିବା ଭଲ । ତା'ଫଳରେ ଲୋକଟା ତା'ର ଯତ୍ନ ନେବ । ତା'ପରେ ଆମେ ଯେତେବେଳେ ତାକୁ ଗୁଳି କରି ମାରିବା ସେତେବେଳେ ତା ପାଇଁ ଆଉ ଗୋଟିଏ ବରର ବ୍ୟବସ୍ଥା କରିଦେଲେ ହେବ । ଭଗବାନଙ୍କ ଦୟାରୁ ସେଥିରେ କିଛି ଅସୁବିଧା ଘଟିବ ନାହିଁ । ସୁନ୍ଦରୀ ବିଧବାମାନେ ତ ଚିରକାଳ ବିଧବା ହୋଇ ରହନ୍ତି ନାହିଁ । ଅର୍ଥାତ୍ , ମୋ ମତରେ , କୁମାରୀମାନଙ୍କ ଅପେକ୍ଷା ତରୁଣୀ ବିଧବାମାନଙ୍କୁ ଶୀଘ୍ର ସ୍ୱାମୀ ମିଳି ଯାଆନ୍ତି ।"

"ଶ୍ୱାବ୍ରିନ୍ ହାତରେ ତାକୁ ସଅଁପି ଦେବା ଅପେକ୍ଷା ମୁଁ ବରଂ ମରିବାକୁ ଶ୍ରେୟ ମନେ କରିବି !" ରାଗରେ ଉତ୍ତେଜିତ ହୋଇ ମୁଁ ଚିତ୍‌କାର କରିଉଠିଲି ।

"ଓହୋ , ତା ହେଲେ ଏଇଆ !" ପ୍ରଲମ୍ବିତ ସ୍ୱରରେ ବୃଦ୍ଧ କହିଲେ , "ଏବେ ମୁଁ ବୁଝିଗଲି ! ତୁମେ ନିଜେ ମାରିୟା ଇଭାନୋଭ୍‌ନାର ପ୍ରେମରେ ପଡ଼ିଛ , ମୁଁ ଦେଖୁଛି । କଥାଟା ତ ତେବେ ଭିନ୍ନ ରକମର । ତୁମ ପାଇଁ ମୋତେ ଦୁଃଖ ଲାଗୁଛି । କିନ୍ତୁ ତମକୁ ଦଳେ ସୈନ୍ୟ ଆଉ ପଗ୍ଭଶ ଜଣ କସାକ୍ ମୁଁ ତ କୌଣସିମତେ ଦେଇ ପାରିବି ନାହିଁ । ଏହିଭଳି ଏକ ଅଭିଯାନ କରିବା ପଛରେ କୌଣସି ଯୁକ୍ତି ନାହିଁ । ମୁଁ ଏ ଦାୟିତ୍ୱ ନେଇ ପାରିବି ନାହିଁ ।"

ହତାଶାରେ ମଥା ନୁଆଁଇ ଛିଡ଼ା ହୋଇ ରହିଲି । ହଠାତ୍ ଗୋଟାଏ ଚିନ୍ତାର ଝଲକ ମନ ମଧ୍ୟରେ ମୋର ଖେଳିଗଲା । ପୁରୁଣାକାଳିଆ ଔପନ୍ୟାସିକମାନଙ୍କ ଢଙ୍ଗରେ କହିବାକୁ ଗଲେ , ପାଠକମାନେ ସେ ଚିନ୍ତାଟି ସଂପର୍କରେ ଜାଣିପାରିବେ ପରବର୍ତ୍ତୀ ପରିଚ୍ଛେଦଟି ପାଠ କଲେ ।

---

* ବଦମାସ – ସଂପାଦକ ।

ଏକାଦଶ ପରିଛେଦ

ବିଦ୍ରୋହୀ ଗ୍ରାମ

"ହେଲେ ହେଁ ଅତି ହିଂସ୍ର ସ୍ୱଭାବ ତା'ର
ଉଦର ପୂର୍ଣ୍ଣ ଅଛି ପଶୁରାଜର ।
'ଆସିଲେ ତେବେ କିଆଁ ଗୁହାରେ ମୋର'
ପୁଛିଲା ଭଦ୍ରଭାବେ ..." (୪୧)

ଆଲେକ୍ଜାନ୍ଦର ସୁମାରୋକୋଭ୍

ଜେନେରାଲଙ୍କଠାରୁ ବିଦାୟ ନେଇ ମୁଁ ଦ୍ରୁତ ପଦରେ ଫେରିଆସିଲି ମୋ ନିଜ ଘରକୁ । ସାଭେଲିଚ୍ ମୋତେ ଦେଖିଲା କ୍ଷଣି ତା'ର ସେ ନିତିଦିନିଆ ଅଭିଯୋଗଟା ଆରମ୍ଭ କରିଦେଲା, "ହଜୁର, ସେ ମଦୁଆ ବଦମାସଗୁଡ଼ାଙ୍କ ସାଙ୍ଗରେ ମରାମରି କରି କ'ଣ ଲାଭ ହେଉଛି କୁହନ୍ତୁ ତ ! ଏସବୁ କ'ଣ ଭଦ୍ରଲୋକଙ୍କ କାମ ? ଯଦି କିଛି ଗୋଟାଏ ଘଟିଯାଏ ତେବେ ବୃଥାରେ ଜୀବନଟା ଯିବ । ଯଦି ତୁର୍କୀ ବା ସୁଇଡେନ୍ କଥା ହୋଇଥାନ୍ତା ତେବେ ଅନ୍ୟ କଥା । କିନ୍ତୁ ଆପଣ ଯେଉଁମାନଙ୍କ ସହିତ ଲଢ଼େଇ କରୁଛନ୍ତି ସେମାନଙ୍କ ନାମ ମୁହଁରେ ଧରିବାକୁ ମୋତେ ଲଜ୍ଜା ଲାଗେ ।"

ସାଭେଲିଚ୍‌ର ବକ୍ତୃତାରେ ବାଧା ଦେଇ ମୁଁ ତାକୁ ପଚାରିଲି, "ଆମ ପାଖରେ ଏବେ ସର୍ବମୋଟ କେତେ ଟଙ୍କା ଅଛି ?" ମୁହଁରେ ସନ୍ତୋଷର ହସ ଫୁଟାଇ ସେ ଉତ୍ତର ଦେଲା, "ହଜୁର, ସେ ବିଷୟରେ ନିଶ୍ଚିନ୍ତ ରହନ୍ତୁ, ଆମର ଟଙ୍କା ଅଛି । ବଦମାସମାନେ ଆମର ସବୁ କିଛି ଲୁଟପାଟ କରି ନେଇଗଲେ । ମୁଁ କିନ୍ତୁ କିଛି ଟଙ୍କା ଲୁଚେଇ ରଖି ଦେଇଥିଲି ।" ଏତକ କହି ସେ ତା'ର ପକେଟ୍‌ରୁ ରୂପା ମୁଦ୍ରାଭର୍ତ୍ତି ଗୋଟିଏ ଲମ୍ବ ହାତବୁଣା ଗେଞ୍ଜିଆ ବାହାର କରି ପକାଇଲା । "ସାଭେଲିଚ୍, ଏଠିକି ଆସ", ମୁଁ କହିଲି, "ସେ ଟଙ୍କାରୁ ଅଧେ ମୋତେ ଦେଇ ଦିଅ ଆଉ ଅଧେ ତମ ନିଜ ପାଇଁ ରଖିଦିଅ । ମୁଁ ବେଲୋଗୋର୍ସ୍କ ଗଡ଼କୁ ଯାଉଛି ।"

"ହଜୁର, ଭଗବାନଙ୍କ ରାଣ, ହଜୁର !" ମୋର ଦୟାଳୁ ସେବକ କଂପିତ ଗଳାରେ ଚିତ୍କାର କରିଉଠିଲା, "ରାସ୍ତାଟା ସାରା ବିଦ୍ରୋହୀ ଦଳଗୁଡ଼ାକ ଭରି ରହିଛନ୍ତି ! ଏଭଳି ସମୟରେ ଆପଣ କେମିତି ଯିବେ ? ଆପଣଙ୍କର ନିଜ ପ୍ରତି ଯଦି ମାୟା ନାହିଁ ତେବେ ଅନ୍ତତଃ ଆପଣଙ୍କ ବାପ ମାଙ୍କ କଥା ଟିକେ ଭାବନ୍ତୁ ! ତାଛଡ଼ା ସେ ବେଲୋଗୋର୍ସ୍କ ଗଡ଼କୁ କାହିଁକି ଯିବେ ? ସେଠି କ'ଣ ଅଛି ? କେଇ ଦିନ ଟିକେ ସବୁର କରିଯାଆନ୍ତୁ । ଆମ ସୈନ୍ୟମାନେ ଆସି ବଦମାସଗୁଡ଼ାଙ୍କୁ ଧରି ପକାନ୍ତୁ । ତା'ପରେ ଯେଉଁଠିକି ଖୁସି ସେଠିକି ଯିବେ ।"

କିନ୍ତୁ ଯିବା ପାଇଁ ମୁଁ ମନେ ମନେ ସ୍ଥିର କରିନେଇ ସାରିଥିଲି ।

"ଏବେ ସେ ସଂପର୍କରେ କହି ଲାଭ ନାହିଁ", ବୃଦ୍ଧକୁ ମୁଁ କହିଲି, "ମୁଁ ଯିବି, ମୋତେ ଯିବାକୁ ହେବ । ମନ ଦୁଃଖ କରନା ସାଭେଲିଚ୍ । ଭଗବାନ ବଡ଼ ଦୟାଳୁ, ହୁଏତ ଆମ ମଧ୍ୟରେ ପୁଣି ଦେଖା ସାକ୍ଷାତ୍ ହେବ ! ହଁ ଶୁଣ, ଟଙ୍କା ପଇସା ଯାହା ଅଛି ସେସବୁକୁ ଖର୍ଚ୍ଚ କରିବାରେ କୁଣ୍ଠାବୋଧ କରିବ ନାହିଁ, କଞ୍ଜୁସ୍ ହେବା ଦରକାର ନାହିଁ । ତମର ଯାହା ଦରକାର, ଯେତେ ଦାମ୍ ହେଲେ ବି କିଣିବ । ଏ ଟଙ୍କାତକ ମୁଁ ତମକୁ ପୁରସ୍କାର ସ୍ୱରୂପ ଦେଉଛି । ଯଦି ତିନିଦିନ ମଧ୍ୟରେ ମୁଁ ଫେରି ନ ଆସେ ..."

"ଏସବୁ କ'ଣ କହୁଛନ୍ତି ହଜୁର ?" ମୋ କଥାରେ ବାଧା ଦେଇ ସାଭେଲିଚ୍ କହିଲା । "ଆପଣଙ୍କୁ ମୁଁ କ'ଣ ଏକା ଏକା ଛାଡ଼ି ଦେବି ! ସେପରି କାମ କରିବାକୁ ମୋତେ କହିବା ପାଇଁ ଆପଣ ସ୍ୱପ୍ନରେ ଭାବନ୍ତୁ ନାହିଁ । ଆପଣ ଯେତେବେଳେ ଯିବା ପାଇଁ ପ୍ରତିଜ୍ଞା କରିଛନ୍ତି, ତେଣୁ ମୁଁ ଆପଣଙ୍କ ସାଙ୍ଗରେ ଯିବି । ଚାଲି ଚାଲି ଯିବାକୁ ପଡ଼ିଲେ ବି ଯିବି, ଏକାକୀ ଆପଣଙ୍କୁ ଛାଡ଼ିବି ନାହିଁ । ଆପଣ ଏଠି ରହିବେ ନାହିଁ ଆଉ ମୁଁ ଏହି ପଥର କାନ୍ଥ ମଧ୍ୟରେ ନିଶ୍ଚିନ୍ତରେ ବସି ରହିବି ବୋଲି କେମିତି ବିଶ୍ୱାସ କରିପାରିଲେ ? ମୋର ମୁଣ୍ଡ ତ ଖରାପ ହୋଇଯାଇନି, ଆଜ୍ଞା ! ଆପଣ ମୋତେ ଯାହା ଇଚ୍ଛା ତାହା କହି ପାରନ୍ତି, କିନ୍ତୁ ମୁଁ ଆପଣଙ୍କୁ ଏକାକୀ ଛାଡ଼ିବି ନାହିଁ !"

ସାଭେଲିଚ୍ ସହିତ ତର୍କ କରି କିଛି ଲାଭ ହେବ ନାହିଁ ବୋଲି ମୋତେ

ଜେନେରାଲଙ୍କ ସହିତ ଦେଖା ହେଲା ତାଙ୍କ ଉଦ୍ୟାନରେ । ହେମନ୍ତର ଦମକା ପବନରେ ପତ୍ରଝରା ଆପେଲଗଛଗୁଡ଼ିକୁ ସେ ପରୀକ୍ଷା କରୁଥାନ୍ତି । ସାଙ୍ଗରେ ତାଙ୍କର ଜଣେ ବୁଢ଼ା ମାଳୀ । ଅତ୍ୟନ୍ତ ସ୍ନେହର ସହିତ ଗଛର ଗଣ୍ଡିଗୁଡ଼ିକୁ ସେ କୁଟା ଦେଇ ବାନ୍ଧି ଦେଉଥାନ୍ତି । ମୁଖମଣ୍ଡଳରେ ତାଙ୍କର ଫୁଟି ଉଠୁଥାଏ ପ୍ରଶାନ୍ତି, ସ୍ୱାସ୍ଥ୍ୟ ଆଉ ପ୍ରସନ୍ନତାର ଝଲକ । ମୋତେ ଦେଖି ସେ ଉତ୍‌ଫୁଲ୍ଲ ହୋଇ ଉଠିଲେ ଏବଂ ଯେଉଁସବୁ ଭୟଙ୍କର ଘଟଣାବଳୀ ମୁଁ ଦେଖିଆସିଛି ସେସବୁ ସଂପର୍କରେ ତନ୍ନତନ୍ନ କରି ପଚାରିବାକୁ ଆରମ୍ଭ କଲେ । ମୁଁ ତାଙ୍କୁ ସବୁକିଛି ଜଣାଇଲି । ଗଛର ଶୁଖିଲା ଡାଳଗୁଡ଼ିକୁ କାଟୁକାଟୁ ବୃଦ୍ଧ ମନୋଯୋଗ ସହକାରେ ମୋ କଥା ଶୁଣୁଥାନ୍ତି । ବେଲୋଗୋର୍ସ୍କର ମର୍ମାହତ କାହାଣୀ ମୁଁ ବର୍ଣ୍ଣନା କରିଗଲା ପରେ ସେ କହି ପକାଇଲେ, "ବିଚରା ମିରୋନୋଭ୍ ! କେଡ଼େ ଦୁର୍ଭାଗ୍ୟର କଥା ! ସେ ଜଣେ ଭଲ ଅଫିସର ଥିଲେ । ଆଉ ଶ୍ରୀମତୀ ମିରୋନୋଭା ଥିଲେ ଅତ୍ୟନ୍ତ ଦୟାଶୀଳା ନାରୀ, କେଡ଼େ ସୁସ୍ୱାଦୁ ଛତୁ ଆଚାର ତିଆରି କରୁଥିଲେ ! ଆଚ୍ଛା, କ୍ୟାପ୍‌ଟେନ୍‌ଙ୍କ ଝିଅ ମାଶା ଖବର କ'ଣ ?" ମୁଁ ଉତ୍ତର ଦେଇ କହିଲି, ଗଡ଼ ମଧ୍ୟରେ ପାଦ୍ରିଙ୍କ ସ୍ତ୍ରୀଙ୍କ ହେପାଜତରେ ସେ ଅଛି । "ସେତ ଅତ୍ୟନ୍ତ ଖରାପ କଥା", ଜେନେରାଲ ମନ୍ତବ୍ୟ କଲେ, "ମୋଟେ ଭଲ ନୁହଁ । ସେ ବଦମାସଗୁଡ଼ାଙ୍କର ଶୃଙ୍ଖଳାବୋଧ ଉପରେ ମୋଟେ ଭରସା ରଖିହେବ ନାହିଁ । ବିଚରୀ ଝିଅଟିର କପାଳରେ କ'ଣ ଘଟିପାରେ, କିଏ କହିବ ?" ମୁଁ ତାଙ୍କୁ କହିଲି, ବେଲୋଗୋର୍ସ୍କ ଗଡ଼ର ଦୂରତ୍ୱ ଏଠାରୁ ଖୁବ୍ ବେଶି ନୁହେଁ । ମୋର ବିଶ୍ୱାସ, ବେଲୋଗୋର୍ସ୍କର ହତଭାଗ୍ୟ ଅଧିବାସୀମାନଙ୍କୁ ମୁକ୍ତ କରିବା ପାଇଁ ମାନ୍ୟବର ଜେନେରାଲ ସୈନ୍ୟ ପଠାଇବାକୁ ବିଳମ୍ବ କରିବେ ନାହିଁ । ଏକ ଅନିଶ୍ଚିତ ଭଙ୍ଗିରେ ମୁଣ୍ଡ ହଲାଇ ଜେନେରାଲ କହିଲେ, "ଦେଖିବା କ'ଣ କରା ଯାଇପାରେ । ସେ ସଂପର୍କରେ ଆଲୋଚନା କରିବା ପାଇଁ ଏବେ ବି ଆମ ହାତରେ ସମୟ ଅଛି । ମୁଁ ଆଶା କରୁଛି ତମେ ଆଜି ମୋ ସହିତ ଚା ପାନ କରିବାକୁ ଆସିବ । ମୁଁ ଆଜି ଯୁଦ୍ଧ ପରିଷଦର ବୈଠକ ଡାକୁଛି । ଦୁର୍ବ୍ରୁଭ ପୁଗାଚେଭ୍ ଏବଂ

ତା'ର ସେନାଦଳ ସଂପର୍କରେ ତୁମେ ଆମକୁ ନିର୍ଭରଯୋଗ୍ୟ ଖବର ଦେଇ ପାରିବ । ହେଉ ତମେ ଏବେ ଯାଇ ବିଶ୍ରାମ କର ।"

ମୋତେ ଦିଆଯାଇଥିବା ଘରକୁ ମୁଁ ଗଲି । ସାଭେଲିଚ୍ ଇତିମଧ୍ୟରେ ସେଠି ଘର ଦ୍ୱାର ସଜଡ଼ାସଜଡ଼ି କାମରେ ଲାଗିଯାଇଥାଏ । ଧୈର୍ଯ୍ୟହୀନ ହୋଇ ମୁଁ ନିର୍ଦ୍ଦିଷ୍ଟ ସମୟ ପାଇଁ ସେଠାରେ ଅପେକ୍ଷା କଲି । ପାଠକମାନେ ଅନାୟାସରେ ବୁଝି ପାରୁଥିବେ ଯେ, ଯୁଦ୍ଧ ପରିଷଦର ବୈଠକ ଉପରେ ମୋ ଭାଗ୍ୟ ନିର୍ଭର କରୁଥାଏ । ତେଣୁ ସେ ବୈଠକରେ ଉପସ୍ଥିତ ହେବାକୁ ମୁଁ ଅସଫଳ ହୋଇ ନଥିଲି । ନିର୍ଦ୍ଦିଷ୍ଟ ସମୟରେ ଯାଇ ହାଜିର ହୋଇଥିଲି ଜେନେରାଲଙ୍କ ଘରେ ।

ଦେଖିଲି, ସହରର ରାଜପୁରୁଷମାନଙ୍କ ମଧ୍ୟରୁ ଜଣେ ମୋ ପୂର୍ବରୁ ସେଠାରେ ପହଞ୍ଚି ଯାଇଛନ୍ତି । ମୋର ଯାହା ମନେ ପଡ଼େ, ସେ ଥିଲେ ଶୁଳ୍କ ଦପ୍ତରର ପରିଚାଳକ । ଦେଖିବାକୁ ମୋଟାସୋଟା, ଲାଲ ଟକଟକ ଗାଲ, ଦେହରେ ବୁଟିଦାର ପୋଷାକ । ସେ ମୋତେ ଇଭାନ୍ କୁଜ୍‌ମିଚ୍‌ଙ୍କ ବିଷୟରେ ବାରମ୍ବାର ପଚାରିଲେ । ଇଭାନ୍ କୁଜ୍‌ମିଚ୍ କାଳେ ତାଙ୍କର ଜଣେ ପୁରୁଣା ବନ୍ଧୁ । ମୁଁ କହିଲାବେଳେ ସେ ମୋ କଥାରେ ବାଧା ଦେଇ ଅନେକ ଉପଦେଶାତ୍ମକ ଟିପ୍‌ପଣୀ ଯୋଗ କରି ଦେଉଥାନ୍ତି । ତାଙ୍କର ସେସବୁ ପ୍ରଶ୍ନ ଆଉ ମନ୍ତବ୍ୟ ଶୁଣି ମନେ ହେଲା ସେ ସାମରିକ ବିଦ୍ୟାରେ ନିପୁଣ ନହେଲେ ମଧ୍ୟ ଅନ୍ତତଃପକ୍ଷେ ତାଙ୍କର ବୁଦ୍ଧିମତ୍ତା ଆଉ ଉପଲବ୍ଧି କ୍ଷମତା ଥିଲା । ଇତିମଧ୍ୟରେ ଅନ୍ୟାନ୍ୟ ନିମନ୍ତ୍ରିତ ବ୍ୟକ୍ତିମାନେ ଆସି ପହଞ୍ଚିଗଲେ । ସେମାନଙ୍କ ମଧ୍ୟରେ ଜେନେରାଲଙ୍କୁ ଛାଡ଼ିଦେଲେ ଆଉ କେହି ସେନା ବିଭାଗର ଲୋକ ନଥିଲେ । ସମସ୍ତେ ଆସନ ଗ୍ରହଣ କଲା ପରେ ସେମାନଙ୍କୁ ପିଆଲାରେ ଚା' ଅର୍ପଣ କରାଗଲା । ତା'ପରେ ପରିସ୍ଥିତି ବିଶ୍ଳେଷଣ କରି ଜେନେରାଲ ଏକ ସ୍ୱଚ୍ଛ ଏବଂ ବିଷଦ ବିବରଣୀ ପ୍ରଦାନ କଲେ । "ଭଦ୍ରମହୋଦୟଗଣ", ସେ କହିଲେ, "ବିଦ୍ରୋହୀମାନଙ୍କ ବିରୁଦ୍ଧରେ କି ବ୍ୟବସ୍ଥା ଗ୍ରହଣ କରିବାକୁ ହେବ ସେ ସଂପର୍କରେ ଏବେ ଆମକୁ ନିଷ୍ପତ୍ତି ନେବାକୁ ହେବ । ଆକ୍ରମଣମୂଳକ ଉପାୟ ନା ଆତ୍ମରକ୍ଷାମୂଳକ ଉପାୟ ? ଏହି ଦୁଇଟି ଉପାୟ ମଧ୍ୟରୁ ପ୍ରତ୍ୟେକଟିରେ ସୁବିଧା ଅଛି ଏବଂ ଅସୁବିଧା ବି ଅଛି । ଆକ୍ରମଣମୂଳକ ଉପାୟ

ଦ୍ୱାରା ଶତ୍ରୁକୁ ଶୀଘ୍ର ଧ୍ୱଂସ କରି ଦେବାର ଆଶା ଥାଏ । କିନ୍ତୁ ଆତ୍ମରକ୍ଷାମୂଳକ ଉପାୟ ହେଉଛି ଅଧିକ ନିର୍ଭରଯୋଗ୍ୟ ଏବଂ ନିରାପଦ ...। ସୁତରାଂ ଏ ବିଷୟଟି ଉପରେ ଆମକୁ ଯଥୋଚିତ ଭୋଟ ନେବାକୁ ହେବ । ଯିଏ ପଦମର୍ଯ୍ୟାଦା ଦିଗରୁ ସବୁଠାରୁ ନିମ୍ନରେ ସିଏ ସର୍ବପ୍ରଥମେ ଭୋଟ ଦେବେ, ତା'ପରେ କ୍ରମଶଃ ଉପର ଆଡ଼କୁ ଯିବାକୁ ହେବ । ଛୋଟ ଲେଫ୍‌ଟନାଣ୍ଟ !" ଏତକ କହି ସେ ମୋ ଆଡ଼କୁ ମୁହଁ କରି କହିଲେ, "ଏଥର ଆପଣଙ୍କୁ ଅନୁରୋଧ କରୁଛି ଆପଣଙ୍କ ମତାମତ ଆମ ଆଗରେ ରଖିବାକୁ ।"

ମୁଁ ଛିଡ଼ା ହୋଇ ପଡ଼ିଲି । ପୁଗାଚେଭ୍ ଏବଂ ତା'ର ଦଳବଳ ସଂପର୍କରେ ଏକ ସଂକ୍ଷିପ୍ତ ବିବରଣୀ ଦେଇ କହିଲି, "ନିୟମିତ ଓ ସ୍ଥାୟୀ ସେନାଦଳର ଆକ୍ରମଣକୁ ରୋକିଲା ଭଳି କ୍ଷମତା ନକଲି ଜାର୍‌ର ନାହିଁ ।"

ମୋର ଏହି ମତକୁ ନଗରଅଧିକାରୀମାନେ ଗ୍ରହଣ କଲେ ନାହିଁ । ପରିଷ୍କାରଭାବେ ଜଣା ପଡ଼ିଗଲା, ସେମାନେ ଏହାକୁ ଏକ ଯୁବକସୁଲଭ ଉଗ୍ରମସ୍ତିଷ୍କ ଆଉ ଦୁଃସାହସିକ କାର୍ଯ୍ୟ ବୋଲି ଭାବିଲେ । ସମସ୍ତେ ନିଜ ମଧ୍ୟରେ ଫୁସ୍‌ଫାସ୍ ହେବାକୁ ଲାଗିଲେ । କିଏ ଜଣେ ଚାପା ଗଳାରେ କହିଲେ, "ପିଲାଟାଏ ।" କଥାଟାକୁ ମୁଁ ପରିଷ୍କାରଭାବେ ଶୁଣିପାରିଲି । ମୋ ଆଡ଼କୁ ଚାହିଁ ମୁହଁରେ ମୃଦୁ ହସ ଫୁଟେଇ ଜେନେରାଲ କହିଲେ, "ଛୋଟ ଲେଫ୍‌ଟନାଣ୍ଟ, ଯୁଦ୍ଧ ପରିଷଦର ବୈଠକରେ ସାଧାରଣତଃ ଦେଖିବାକୁ ମିଳେ ଆକ୍ରମଣମୂଳକ ଉପାୟ ସପକ୍ଷରେ ପ୍ରଥମେ ମତ ଦିଆଯାଇଥାଏ । ଏହା ଏକ ସ୍ୱାଭାବିକ କଥା । ହେଉ, ଆମେ ଏଥର ଅନ୍ୟମାନଙ୍କୁ ମତ ବ୍ୟକ୍ତ କରିବାକୁ କହିବା । କାଉନ୍‌ସିଲର ସାହେବ, ଆପଣଙ୍କ ମତ କ'ଣ କୁହନ୍ତୁ ।"

ବୁଟିଦାର ପୋଷାକ ପରିହିତ ବୃଦ୍ଧ ଜଣଙ୍କ ଏକଥା ଶୁଣି ସଙ୍ଗେ ସଙ୍ଗେ ତୃତୀୟ ପିଆଲାର ଚା' ତକ ଗଳାଧଃକରଣ କରିନେଲେ । ସେ ଚା ସହିତ ଅନେକ ପରିମାଣର ରମ୍ ମିଶା ହୋଇଥିଲା । ଜେନେରାଲଙ୍କୁ ସେ ଯେଉଁ ଉତ୍ତର ଦେଇଥିଲେ ତାହା ହେଲା : "ମାନନୀୟ ମହୋଦୟ, ମୋ ମତରେ ଆକ୍ରମଣମୂଳକ ବା ଆତ୍ମରକ୍ଷାମୂଳକ–କୌଣସି ଉପାୟ ଠିକ୍ ନୁହେଁ ।"

"କ'ଣ କହିଲେ କାଉନ୍‌ସିଲର ସାହେବ ?" ଜେନେରାଲ ଆଶ୍ଚର୍ଯ୍ୟ ହୋଇ

ପ୍ରଶ୍ନ କଲେ, "ରଣନୀତିରେ ହୁଏତ ଆତ୍ମରକ୍ଷାମୂଳକ ଉପାୟ, ନଚେତ୍ ଆକ୍ରମଣମୂଳକ ଉପାୟ ... ଏହା ବ୍ୟତୀତ ତୃତୀୟ ତ ଉପାୟ ନାହିଁ !"

"ମାନନୀୟ ମହୋଦୟ, ଏକ୍ଷେତ୍ରରେ କ୍ରୟମୂଳକ ରଣନୀତିଟି ପ୍ରୟୋଗ କରିବାକୁ ହେବ ।"

"ଆହା, ଆପଣ ଏକେବାରେ ଯଥାର୍ଥ ମତ ଦେଇଛନ୍ତି", ଜେନେରାଲ କହିଲେ, "କ୍ରୟମୂଳକ ରଣକୌଶଳ ଗ୍ରହଣ କରିବାରେ କୌଣସି ଆପତ୍ତି ନାହିଁ । ଆପଣଙ୍କ ଉପଦେଶକୁ କାର୍ଯ୍ୟରେ ଲଗାଇବୁ । ଦୁର୍ବୃତ୍ତର ମସ୍ତକ ପାଇଁ ଆମେ ଗୋପନ ପାଣ୍ଠିରୁ ସତୁରି ରୁବଲ, ଏପରିକି ଶହେ ରୁବଲ ଯାଏ ପୁରସ୍କାର ଘୋଷଣା କରି ପାରିବା ... ।"

"ବେଶ୍, ତା'ପରେ ଦେଖିବେ", ଜେନେରାଲଙ୍କ କଥାରେ ବାଧା ଦେଇ ଶୁଳ୍କ ଦସ୍ତରର ପରିଚାଳକ କହିଉଠିଲେ, "ସେ ଡକେଇତମାନେ ତାଙ୍କ ସର୍ଦ୍ଦାରର ହାତ ଗୋଡ଼ ବାନ୍ଧି ଆମ ଆଗରେ ପହଞ୍ଚେଇ ଦେଇଯିବେ । ତା ଯଦି ନକରନ୍ତି, ମୋତେ କାଉନ୍‌ସିଲର ନକହି କହିବେ କିର୍‌ଘିଜିଆର ମେଣ୍ଢା ବୋଲି ।"

ଜେନେରାଲ ଉତ୍ତର ଦେଲେ, "ଏହି ପ୍ରସ୍ତାବଟିକୁ ଆମେ ଆଉରି ଗଭୀର ଭାବେ ବିଚାର ବିବେଚନା କରିବା । କିନ୍ତୁ ପ୍ରସ୍ତାବ ଯାହା ହେଉନା କାହିଁକି, ସାମରିକ ପଦକ୍ଷେପ ମଧ୍ୟ ଆମକୁ ନେବାକୁ ପଡ଼ିବ । ଭଦ୍ରମହୋଦୟଗଣ, ଆପଣମାନେ କ୍ରମାନ୍ୱୟରେ ଆପଣମାନଙ୍କର ମତାମତ ବ୍ୟକ୍ତ କରନ୍ତୁ ।"

ଦେଖାଗଲା, ସମସ୍ତେ ମୋ ମତର ବିରୁଦ୍ଧରେ ମତ ଦେଲେ । ସୈନ୍ୟଦଳ ଉପରେ ନିର୍ଭର କରିହେବ ନାହିଁ, ସାଫଲ୍ୟ ଲାଭର ନିଶ୍ଚୟତା ନାହିଁ, ସତର୍କ ହେବାର ପ୍ରୟୋଜନତା ଆଦି କଥା ସେମାନେ କହିଲେ । ସମସ୍ତେ ଭାବୁଥିଲେ, ଖୋଲା ପଡ଼ିଆରେ ଯୁଦ୍ଧର ଫଳାଫଳ ଉପରେ ବିଶ୍ୱାସ ନକରି ଶକ୍ତ ପଥର ପାଚିରି ପଛରେ କମାଣ ବନ୍ଧୁକ ନେଇ ଅପେକ୍ଷା କରିବା ହେଉଛି ଅନେକ ବୁଦ୍ଧିମତ୍ତାର କାର୍ଯ୍ୟ । ସମସ୍ତେ କହି ସାରିଲା ପରେ,

ପାଇପ୍‌ରୁ ପାଉଁଶ ଝାଡ଼ି ଜେନେରାଲ ଛିଡ଼ା ହେଲେ । ସେ ଯେଉଁ ବକ୍ତୃତାଟି ଦେଲେ ତାହା ହେଲା :

"ଭଦ୍ରମହୋଦୟଗଣ , ମୁଁ ପ୍ରଥମେ କହି ରଖୁଛି ଯେ , ଛୋଟ ଲେଫ୍‌ଟନାଣ୍ଟଙ୍କ ମତ ସହିତ ମୁଁ ସଂପୂର୍ଣ୍ଣ ଏକମତ । ସଠିକ୍ ରଣକୌଶଳର ନିୟମାବଳୀ ଉପରେ ତାଙ୍କ ମତଟି ପ୍ରତିଷ୍ଠିତ । ରଣକୌଶଳ ସର୍ବଦା ଆକ୍ରମଣର ସପକ୍ଷରେ , ଆତ୍ମରକ୍ଷାର ସପକ୍ଷରେ ନୁହେଁ ।"

ଏତିକି କହି ସେ ତାଙ୍କ ପାଇପ୍‌ରେ ତମାଖୁ ଭରିବାକୁ ଲଗିଲେ । ବିଜୟ ଗର୍ବରେ ଛାତି ଭିତରଟା ମୋର ଫୁଲି ଉଠିଲା , ଉଦ୍ଧତ ଦୃଷ୍ଟିରେ ମୁଁ ଚାହିଁଲି ସରକାରୀ କର୍ମକର୍ତ୍ତାମାନଙ୍କୁ । ସେମାନଙ୍କ ମୁଖମଣ୍ଡଳରେ ଫୁଟି ଉଠିଥାଏ ଉଦ୍‌ବେଗ ଆଉ ଅସନ୍ତୋଷର ଚିହ୍ନ । ନିଜ ନିଜ ମଧ୍ୟରେ ସେମାନେ ଫୁସ୍‌ଫାସ୍ ହେଉଥାନ୍ତି ।

"କିନ୍ତୁ ଭଦ୍ରମହୋଦୟଗଣ ", ଏକ ଗଭୀର ଦୀର୍ଘଶ୍ୱାସ ସହିତ ପୁଳାଏ ଘନ ଧୂଆଁ ଛାଡ଼ି ଜେନେରାଲ କହିବାକୁ ଲଗିଲେ , "ମୁଁ ନିଜ ଉପରେ ଏହି ବିରାଟ ଦାୟିତ୍ୱ ନେବାକୁ ସାହସ କରିପାରୁ ନାହିଁ । ପରମ ଦୟାଳୁ ମହାମାନ୍ୟା ସମ୍ରାଜ୍ଞୀ ମୋ ଉପରେ ଏହି ପ୍ରଦେଶର ନିରାପତ୍ତା ଦାୟିତ୍ୱ ଅର୍ପଣ କରିଛନ୍ତି । ଏକ୍ଷେତ୍ରରେ ଏହି ନିରାପତ୍ତାର ପ୍ରଶ୍ନଟି ରହିଛି । ତେଣୁ ସଂଖ୍ୟାଗରିଷ୍ଠ ମତକୁ ମୁଁ ଗ୍ରହଣ କରିନେଉଛି , ଅର୍ଥାତ୍ ସବୁଠାରୁ ଯୁକ୍ତିସମ୍ମତ ଓ ନିରାପଦ ବ୍ୟବସ୍ଥା ହେଉଛି ସହର ମଧ୍ୟରେ ଅବରୋଧ ପାଇଁ ଅପେକ୍ଷା କରି ରହିବା ଏବଂ ଗୋଳା ବର୍ଷଣ କରି କିମ୍ବା (ସମ୍ଭବ ହେଲେ) ଅଗ୍ନେୟ ଭାବେ ମୁଖାମୁଖି ଆକ୍ରମଣ କରି ଶତ୍ରୁକୁ ହଟେଇ ଦେବା ।"

ଏଥର ମୋ ଆଡ଼କୁ ବିଦ୍ରୂପଭରା ଦୃଷ୍ଟିରେ ଚାହିଁବାର ପାଳି ପଡ଼ିଲା ନଗରାଧିକାରୀମାନଙ୍କର । ପରିଷଦର ବୈଠକ ଶେଷ ହେଲା । ଜେନେରାଲଙ୍କ ଭଳି ଜଣେ ପ୍ରବୀଣ ଯୋଦ୍ଧାଙ୍କ ପକ୍ଷରେ ଏହି ଦୁର୍ବଳତା ଲକ୍ଷ୍ୟ କରି ମନେ ମନେ ଦୁଃଖ କରିବା ବ୍ୟତୀତ ମୋର ଅନ୍ୟ ଉପାୟ ନଥିଲା । ନିଜର ବିଶ୍ୱାସ ବିରୁଦ୍ଧରେ ସେ ଅଜ୍ଞ ଅନଭିଜ୍ଞ ଲୋକଙ୍କର ମତକୁ ଗ୍ରହଣ କରି ନେଇଥିଲେ ।

ପରିଷଦର ଏହି ବିଖ୍ୟାତ ବୈଠକର କେଇଦିନ ପରେ ଆମେ

ଜାଣିବାକୁ ପାଇଲୁ ଯେ , ପୁଗାଚେଭ୍ ତା'ର କଥାନୁଯାୟୀ ଓରେନ୍‌ବୁର୍ଗ ଅଭିଯାନ ଆରମ୍ଭ କରିଦେଇଛି । ସହରର ପ୍ରାଚୀର ଉପରୁ ବିଦ୍ରୋହୀ ସୈନ୍ୟମାନଙ୍କୁ ଆମେ ଦେଖିପାରିଲୁ । ଦେଖି ମନେ ହେଲା , ଗତ ଆକ୍ରମଣ ବେଳେ ମୁଁ ସ୍ୱଚକ୍ଷୁରେ ଯାହା ଦେଖିଥିଲି ତାଠାରୁ ବିଦ୍ରୋହୀମାନଙ୍କ ସଂଖ୍ୟା ଅନେକ ଗୁଣ ବୃଦ୍ଧି ପାଇଛି । ଏଥର ସେମାନଙ୍କ ପାଖରେ ଅଛି କମାଣସବୁ । ଇତିମଧ୍ୟରେ ଯେଉଁସବୁ ଛୋଟ ଛୋଟ ଗଡ଼ ସେମାନେ ଅଧିକାର କରିନେଇଥିଲେ , ସେସବୁ ହେଉଛି ସେଇସବୁ ଗଡ଼ର କମାଣ । ଯୁଦ୍ଧ ପରିଷଦ ଯେଉଁ ନିଷ୍ପତ୍ତି ନେଇଥିଲେ ତଦ୍ୱାରା ମନେ ହେଲା ଅବରୁଦ୍ଧ ଅବସ୍ଥାରେ ଓରେନ୍‌ବୁର୍ଗ ସହରର ପ୍ରାଚୀର ମଧ୍ୟରେ ରହିବାକୁ ପଡ଼ିବ । ଦାରୁଣ କ୍ଷୋଭରେ ଅନ୍ତର ମୋର କାନ୍ଦରେ ଫାଟି ପଡ଼ିଲା ଭଳି ଲଗିଲା ।

ଓରେନ୍‌ବୁର୍ଗ ଅବରୋଧର ବର୍ଣ୍ଣନା ଦେବାକୁ ମୁଁ ଯାଉନି । (୩୯) ସେ କାହାଣୀ ଇତିହାସ ପୃଷ୍ଠାରେ ଖୋଜିଲେ ମିଳିବ , ଘରୋଇ ଇତିବୃତ୍ତରେ ତାହା ସ୍ଥାନ ପାଇ ନି । ମୁଁ କେବଳ ଯଥାସମ୍ଭବ ସଂକ୍ଷିପ୍ତଭାବେ ସେ ବିଷୟରେ ଉଲ୍ଲେଖ କରି ବିରତ ରହିବି । ପ୍ରଶାସନିକ କର୍ତ୍ତୃପକ୍ଷଙ୍କର ଅସାବଧାନତା ହେତୁ ସହରବାସୀଙ୍କୁ ଅନେକ ମୂଲ୍ୟ ଦେବାକୁ ପଡ଼ିଥିଲା । ସେମାନେ ଅନାହାର ତଥା ସମସ୍ତ ପ୍ରକାରର ଦୁର୍ଦ୍ଦଶା ଭୋଗିଥିଲେ । ସହଜରେ ଅନୁମାନ କରି ହେବ ଯେ , ଓରେନ୍‌ବୁର୍ଗର ଜୀବନ କେତେ ଅସହ୍ୟ ହୋଇ ପଡ଼ିଥିଲା । ଭାଗ୍ୟ ହାତରେ ନିଜକୁ ସଅଁପି ଦେଇ ସମସ୍ତେ ଅନ୍ତିମ ପରିଣତି ପାଇଁ ଅପେକ୍ଷା କରି ରହିଥିଲେ । ଜିନିଷପତ୍ରର ଆକାଶଛୁଆଁ ମୂଲ୍ୟ ଦ୍ୱାରା ଲୋକେ ଅତିଷ୍ଠ ହୋଇ ପଡ଼ିଥିଲେ । ଘର ଅଗଣାମାନଙ୍କରେ କମାଣର ଗୋଳାସବୁ ଆସି ପଡ଼ୁଥିଲା । ସେଥି ପ୍ରତି ଲୋକେ ଅଭ୍ୟସ୍ତ ହୋଇ ପଡ଼ିଲେ । ଏପରିକି ପୁଗାଚେଭ୍‌ର ଚଢ଼ଉ ସଂପର୍କରେ ଲୋକେ ଆଉ କୌତୂହଳ ପ୍ରକାଶ କଲେ ନାହିଁ । ନିଷ୍କ୍ରିୟ ଅବସ୍ଥାରେ ରହି ରହି ମୁଁ ମରିଲା ଭଳି ଅବସ୍ଥାକୁ ଆସିଗଲି । ସମୟ ଖାଲି ଗଡ଼ି ଚାଲିଥାଏ । ବେଲୋଗୋର୍ସ୍କ ଗଡ଼ରୁ କୌଣସି ଚିଠି ମୁଁ ପାଉ ନଥାଏଁ । ସମସ୍ତ ପଥ ବିଛିନ୍ନ । ମାରିୟା ଇଭାନୋଭ୍‌ନା ସହିତ ବିଚ୍ଛେଦ ମୋ ପକ୍ଷରେ ଅସହ୍ୟ ହୋଇ ପଡ଼ିଥାଏ । ତା ଭାଗ୍ୟରେ କ'ଣ ଘଟିଲା ଜାଣି

ନପାରି କେବଳ ଯନ୍ତ୍ରଣାରେ ଆଉଟି ହେଉଥାଏ । ନିଜକୁ ଭୁଲାଇ ରଖିବା ପାଇଁ ଘୋଡ଼ାରେ ଚଢ଼ି ବୁଲିବାଟା ମୋ ପାଇଁ ଏକମାତ୍ର ଉପାୟ ଥିଲା । ପୁଗାଚ୍ଚେଭ୍‌ର କଲ୍ୟାଣରୁ ଭଲ ଘୋଡ଼ାଟିଏ ପାଇଥିଲି । ମୋ ପାଖରେ ଯେଉଁ ସାମାନ୍ୟ ଖାଦ୍ୟ ସାମଗ୍ରୀ ଥିଲା ସେଥିରୁ ତାକୁ ଖୁଆଉଥିଲି ଏବଂ ତା ପିଠିରେ ବସି ପ୍ରତିଦିନ ଚାଲି ଯାଉଥିଲି ସହର ବାହାରକୁ । ପୁଗାଚ୍ଚେଭ୍‌ର ଅଶ୍ୱାରୋହୀମାନଙ୍କ ସହିତ ମୋର ଗୁଳି ବିନିମୟ ହେଉଥିଲା । ଏହିଭଳି ଲଢ଼େଇରେ ବିଦ୍ରୋହୀମାନଙ୍କର ବେଶି ସୁବିଧା ହେଉଥାଏ । ସେମାନେ ଭଲ ଖାଦ୍ୟପେୟ ପାଉଥିଲେ, ଭଲ ଘୋଡ଼ାମାନଙ୍କରେ ଚଢ଼ୁଥିଲେ । ସହରର କ୍ଷୀଣକାୟ ଅଶ୍ୱାରୋହୀ ବାହିନୀ ସେମାନଙ୍କ ସହିତ ତାଳ ଦେଇପାରିଲା ନାହିଁ । ବେଳେବେଳେ ଆମ କ୍ଷୁଧାର୍ତ୍ତ ପଦାତିକ ବାହିନୀ ଯୁଦ୍ଧରେ ଯୋଗ ଦେଉଥିଲେ, କିନ୍ତୁ ପ୍ରଚୁର ବରଫପାତ ହେତୁ ବିକ୍ଷିପ୍ତଭାବେ ଖେଳେଇ ହୋଇ ରହିଥିବା ବିଦ୍ରୋହୀ ଅଶ୍ୱାରୋହୀ ବାହିନୀର ବିଶେଷ କିଛି କ୍ଷତି କରି ପାରି ନଥିଲେ । ଗଡ଼ ପ୍ରାଚୀର ପାର୍ଶ୍ୱସ୍ଥ ଉଚ୍ଚ କୁଦଗୁଡ଼ିକ ଉପରୁ ଆମ କମାଣଗୁଡ଼ିକ ବୃଥାରେ ଗର୍ଜନ କରୁଥିଲେ, କିନ୍ତୁ ସେସବୁକୁ ଯୁଦ୍ଧ କ୍ଷେତ୍ରକୁ ନେଇଗଲେ ବରଫରେ ଅଟକି ଯାଉଥିଲେ । ତା'ର କାରଣ ହେଲା, ଆମ ଘୋଡ଼ାଗୁଡ଼ାକ ଏତେ ଅବସନ୍ନ ହୋଇ ପଡ଼ିଥିଲେ ଯେ, ସେସବୁକୁ ଟାଣି ପାରୁନଥିଲେ । ଏହା ହିଁ ଥିଲା ଆମ ସାମରିକ କ୍ରିୟାକଳାପର ଢଙ୍ଗଢାଙ୍ଗ ! ଓରେନ୍‌ବୁର୍ଗର ଅଫିସରମାନେ ଏହାକୁ ସତର୍କତା ଆଉ ବିଜ୍ଞତା ବୋଲି କହୁଥିଲେ !

ଦିନେ କୌଣସି ପ୍ରକାରେ ଶତ୍ରୁପକ୍ଷର ଏକ ବଡ଼ ସେନାଦଳକୁ ଆମେ ଛତ୍ରଭଙ୍ଗ କରିଦେଲୁ । ଦଳ ମଧ୍ୟରୁ ବିଚ୍ଛିନ୍ନ ହୋଇ ପଡ଼ିଥିବା ଜଣେ କସାକ୍ ପଛରେ ମୁଁ ଧାଇଁବାକୁ ଲାଗିଲି । ତାକୁ ମୋର ତୁର୍କୀ ତରବାରିରେ ବଧ କରିବାକୁ ଗଲାବେଳେ ଲୋକଟା ତା ଟୋପି କାଢ଼ି ପକାଇ ଚିତ୍କାର କରିଉଠିଲା : "ନମସ୍କାର ପିଓତର ଆନ୍ଦ୍ରେଇଚ୍, ଆପଣ କେମିତି ଅଛନ୍ତି ?"

ଲୋକଟାକୁ ଦେଖି ମୁଁ ଚିହ୍ନି ପାରିଲି । ସେ ହେଉଛି ଆମ ସେଇ ସର୍ଜେଣ୍ଟ । ତାକୁ ଦେଖି ମୁଁ ଏତେ ଆନନ୍ଦିତ ହୋଇପଡ଼ିଲି ଯେ, କହିହେବ ନାହିଁ ।

"ଆରେ, ମାକ୍‌ସିମିଚ୍ !" କହିଉଠିଲି, "ତୁମେ କ'ଣ ବେଲୋଗୋର୍ସ୍କରୁ ଅନେକ ଦିନ ହେଲା ଆସିଲଣି ?"

"ନା, ଆଜ୍ଞା ଅନେକ ଦିନ ନୁହଁ । ମାତ୍ର ଗତକାଲି ଆସିଛି । ଆପଣଙ୍କ ପାଇଁ ମୋ ପାଖରେ ଗୋଟିଏ ଚିଠି ଅଛି ।"

"କାହିଁ ?" ଗଭୀର ଭାବେ ଉଚ୍ଛ୍ୱସିତ ହୋଇ ଚିତ୍କାର କରିଉଠିଲି ।

"ହେଇ ଏଇଠି ।" କହି ସେ ତା ଜାମା ଭିତର ପକେଟ୍‌ରେ ହାତ ଗଳେଇଦେଲା । "ପାଲାଶ୍‌କାକୁ ମୁଁ କଥା ଦେଇଥିଲି ଯେକୌଣସି ପ୍ରକାରେ ଚିଠିଟି ଆପଣଙ୍କ ପାଖରେ ପହଞ୍ଚାଇ ଦେବି ।" ଭାଙ୍ଗକରା କାଗଜ ଖଣ୍ଡେ ସେ ମୋ ହାତକୁ ବଢ଼ାଇ ଦେଇ ତା'ପରେ ଘୋଡ଼ା ଛୁଟେଇ ଚାଲିଗଲା । ଉତ୍ତେଜନାରେ ଅଧୀର ହୋଇ ଚିଠିଟିକୁ ମୁଁ ଖୋଲିଲି । ସେଥିରେ ଲେଖାଥିଲା :

"ଭଗବାନ ମୋ ବାପା ମାଙ୍କୁ ମୋଠାରୁ ଅସ୍ୱାଭାବିକ ଭାବେ ଛଡ଼େଇ ନେଲେ । ଏ ଦୁନିଆରେ ମୋର ଆତ୍ମୀୟ କିମ୍ବା ରକ୍ଷା କଲାଭଳି କେହି ନାହାନ୍ତି । ତମକୁ ମୁଁ ଚାହିଁ ରହିଛି । ମୁଁ ଜାଣେ ତମେ ମୋର ଶୁଭାକାଂକ୍ଷୀ ଏବଂ ଦରକାର ବେଳେ ତମେ ସମସ୍ତଙ୍କୁ ସାହାଯ୍ୟ କରିବା ପାଇଁ ଆଗଭର ହୋଇ ଆଗେଇ ଆସ । ଭଗବାନଙ୍କୁ ପ୍ରାର୍ଥନା କରୁଛି ଏ ଚିଠିଟି ଯେପରି ତମ ପାଖରେ ପହଞ୍ଚୁ ! ମାକ୍‌ସିମିଚ୍ ପ୍ରତିଶ୍ରୁତି ଦେଇଛି ଚିଠିଟିକୁ ତମ ପାଖରେ ପହଞ୍ଚେଇ ଦେବ । ସେ ଅନେକ ସମୟରେ ତମକୁ ଯୁଦ୍ଧ କ୍ଷେତ୍ରରେ ଦେଖେ ବୋଲି ପାଲାଶ୍‌କାକୁ କହିଛି । ତମେ କାଳେ ନିଜ ପ୍ରତି ମୋଟେ ସାବଧାନ ରହୁନା । ଯେଉଁମାନେ ଆଖିରୁ ଲୁହ ଢାଳି ତମ ପାଇଁ ପ୍ରାର୍ଥନା କରନ୍ତି ସେମାନଙ୍କ କଥା କ'ଣ ତମ ମନେ ପଡ଼େ ନାହିଁ ? ମୁଁ ଅନେକ ଦିନ ଅସୁସ୍ଥ ରହିଲା ପରେ ଆରୋଗ୍ୟ ଲାଭ କରିଛି । ଆରୋଗ୍ୟ ଲାଭ କଲା ପରେ ଆଲେକ୍‌ସେଇ ଇଭାନୋଭିଚ୍ ପାଦ୍ରି ଗେରାସିମ୍‌ଙ୍କୁ ନିର୍ଦ୍ଦେଶ ଦେଇଛି ମୋତେ ତା ହାତରେ ଅର୍ପଣ କରିଦେବାକୁ । ବାପାଙ୍କ ପରେ ସେ ଏବେ ଏହି ଗଡ଼ର ଅଧିକର୍ତ୍ତା । ପାଦ୍ରି ଗେରାସିମ୍‌ଙ୍କୁ ସେ ଧମକ ଦେଇଛି, ତା କଥା ନଶୁଣିଲେ ସେ ତାଙ୍କ ନାମରେ ପୁଗାଚ୍ଚେଭ୍ ପାଖରେ ନାଲିଶ କରିବ । ଏବେ ମୁଁ ଆମ

ପୁଷ୍ଟୁଣା ଘରେ ଅଟକ ରହିଛି । ଆଲେକ୍‌ସେଇ ଇଭାନୋଭିଚ୍ ଚାହୁଁଛି ମୁଁ ତାକୁ ବିବାହ କରେ । ସେ କହୁଛି ଯେ, ସେ ମୋତେ ବଞ୍ଚେଇଛି । ଆକୁଲିନା ପାମ୍‌ଫିଲେଭ୍‌ନା ଦୁର୍ବ୍ୟୁତମାନଙ୍କୁ ମୋତେ ତାଙ୍କ ଝିଆରୀ ବୋଲି କହିଲା ବେଳେ ସେ ସତକଥା ପ୍ରକାଶ କରି ନାହିଁ । କିନ୍ତୁ ଆଲେକ୍‌ସେଇ ଇଭାନୋଭିଚ୍ ଭଳି ଲୋକର ସ୍ତ୍ରୀ ହବା ଅପେକ୍ଷା ମୋ ପକ୍ଷରେ ସେତେବେଳେ ମୃତ୍ୟୁବରଣ କରିବା ଶ୍ରେୟ ଥିଲା । ମୋ ସହିତ ସେ ଅତି ନିଷ୍ଠୁର ବ୍ୟବହାର କରୁଛି ଏବଂ କହୁଛି ଯେ, ମୁଁ ମତ ପରିବର୍ତ୍ତନ ନକଲେ ଏବଂ ତାକୁ ବିବାହ ନକଲେ ସେ ମୋତେ ବିଦ୍ରୋହୀମାନଙ୍କ ଶିବିରରେ ଛାଡ଼ି ଦେଇ ଆସିବ । ତା'ପରେ ମୋତେ ଶୁଣେଇ ଶୁଣେଇ କହୁଛି, ଏଲିଜାବେଥ୍ ଖାର୍ଲୋଭାର କପାଳରେ ଯାହା ଘଟିଥିଲା, ମୋର ସେଇଆ ଘଟିବ । (୪୦) ମୁଁ ଆଲେକ୍‌ସେଇ ଇଭାନୋଭିଚ୍‌କୁ ଅନୁରୋଧ କରିଥିଲି ଏ ବିଷୟରେ ଚିନ୍ତା କରିବା ପାଇଁ ମୋତେ ସମୟ ଦେବାକୁ । ସେ ତିନିଦିନ ଅପେକ୍ଷା କରିବାକୁ ରାଜି ହୋଇଛି । ତିନିଦିନ ପରେ ତାକୁ ବିବାହ ନକଲେ ସେ ମୋତେ କ୍ଷମା ଦେବ ନାହିଁ । ପ୍ରିୟ ପିଓତର ଆନ୍ଦ୍ରେଇଚ୍ ! ତମ ବ୍ୟତୀତ ମୋର କେହି ରକ୍ଷାକର୍ତ୍ତା ନାହିଁ । ଏ ହତଭାଗିନୀକୁ ରକ୍ଷା କର ! ସେନାଧ୍ୟକ୍ଷ ଏବଂ ଅଧିନାୟକମାନଙ୍କୁ କୁହ ସେମାନେ ଯେତେ ଶୀଘ୍ର ସମ୍ଭବ ଆମକୁ ସାହାଯ୍ୟ କରିବା ପାଇଁ ସୈନ୍ୟ ପଠାଇବେ । ସମ୍ଭବ ହେଲେ ତୁମେ ଆସ । ଇତି

ହୀନିମାନୀ

ମାରିୟା ମିରୋନୋଭା ।"

ଚିଠିଟି ପଢ଼ି ମୁଁ ଆଉ ନିଜକୁ ସମ୍ଭାଳି ପାରିଲି ନାହିଁ । ଘୋଡ଼ା ଛୁଟେଇ ଫେରି ଆସିଲି ସହରକୁ । ଫେରିଲା ବେଳେ ମୋର ସେ ନିରୀହ ଘୋଡ଼ାଟିକୁ ନିର୍ଦ୍ଦୟଭାବେ ଅଶ୍ୱତାଡ଼ନୀ କଣ୍ଟାରେ ଆଘାତ କରିଥିଲି । ରାସ୍ତାସାରା ଯେତେ ଚିନ୍ତା କଲେ ମଧ୍ୟ ହତଭାଗୀଟିକୁ ଉଦ୍ଧାର କରିବାର କୌଣସି ଉପାୟ ଖୋଜି ବାହାର କରି ପାରିଲି ନାହିଁ । ସହରରେ ପହଞ୍ଚି ସିଧାସଳଖ ଗଲି ଜେନେରାଲଙ୍କ ଘରକୁ, ସିଧା ତାଙ୍କ ଆଗରେ ଯାଇ ପହଞ୍ଚିଗଲି ।

ଜେନେରାଲ ସେତେବେଳେ ପାଇପ୍‌ରେ ତମାଖୁ ଧୂଆଁ ପିଇ ପିଇ ଘର ମଧ୍ୟରେ ପାଦଚାରଣ କରୁଥିଲେ । ମୋତେ ଦେଖି ସେ ଅଟକି ଗଲେ । ମୋର ଅଗ୍ରନକ ଆଗମନ ଦେଖି ସେ ସମ୍ଭବତଃ ଆଶ୍ଚର୍ଯ୍ୟ ହୋଇଥିଲେ ଏବଂ ଉଦ୍‌ବିଗ୍ନ କଣ୍ଠରେ ପଚାରିଥିଲେ, ମୁଁ କାହିଁକି ଏତେ ଅସ୍ତବ୍ୟସ୍ତ ହୋଇ ଛୁଟି ଆସିଛି ।

"ମାନ୍ୟବର", ମୁଁ କହିଲି, "ଆପଣ ହେଉଛନ୍ତି ମୋର ପିତୃତୁଲ୍ୟ । ଆପଣଙ୍କୁ ସନିର୍ବନ୍ଧ ଅନୁରୋଧ, ଆପଣ ମୋତେ ନିରାଶ କରିବେ ନାହିଁ ! ମୋ ସାରା ଜୀବନର ସୁଖ ଶାନ୍ତି ବିପନ୍ନ ହୋଇ ପଡ଼ିଛି ।"

"କ'ଣ ହୋଇଛି କୁହ ବନ୍ଧୁ", ବୃଦ୍ଧ ବିସ୍ମିତ ହୋଇ ପଚାରିଲେ, "ମୁଁ ତମ ପାଇଁ କ'ଣ କରି ପାରିବି କୁହ !"

"ମାନ୍ୟବରଙ୍କ ପାଖରେ ମୋର ଅନୁରୋଧ, ଆପଣ ମୋତେ ନିର୍ଦ୍ଦେଶ ଦିଅନ୍ତୁ ପଚାଶ ଜଣ ଖଣ୍ଡ କସାକ୍ ଓ ଦଳେ ସୈନ୍ୟ ନେଇ ବେଲୋଗୋର୍ସ୍କ ଗଡ଼ରୁ ବିଦ୍ରୋହୀମାନଙ୍କୁ ହଟେଇ ଦେଇ ଆସିବାକୁ !"

ଜେନେରାଲ ବିସ୍ଫାରିତ ଆଖିରେ ମୋତେ ଚାହିଁ ରହିଲେ । ସେ ନିଶ୍ଚୟ ଭାବୁଥିଲେ ଯେ, ମୋର ବୁଦ୍ଧିସୁଦ୍ଧି ଲୋପ ପାଇଗଲଣି (ସେ ଯେ ଭୁଲ କରିଥିଲେ ତା ନୁହେଁ ।)

"କ'ଣ କହିଲ ? ବେଲୋଗୋର୍ସ୍କ ଗଡ଼ରୁ ବିଦ୍ରୋହୀମାନଙ୍କୁ ହଟେଇ ଦେବ ?" ଅବଶେଷରେ ସେ କହିଲେ ।

ଆଗ୍ରହର ସହିତ ମୁଁ ଉତ୍ତର ଦେଲି, "ସାଫଲ୍ୟ ସଂପର୍କରେ ମୁଁ ନିଶ୍ଚିତତା ଦେଇପାରେ । ଆପଣ କେବଳ ମୋତେ ଯିବାକୁ ଦିଅନ୍ତୁ ।"

"ନା, ଯୁବକ, ତା ହୋଇପାରିବ ନାହିଁ", ମୁଣ୍ଡ ହଲେଇ ସେ କହିଲେ, "ବେଲୋଗୋର୍ସ୍କ ଗଡ଼ ଏଠୁ ଅନେକ ଦୂର । ମୂଳ ଘାଟିଠାରୁ ତମର ଯୋଗାଯୋଗ ବିଛିନ୍ନ କରି ଦେଇ ତମକୁ ସଂପୂର୍ଣ୍ଣ ପରାଜିତ କରିଦେବାରେ ଶତ୍ରୁର ଅସୁବିଧା ହେବ ନାହିଁ । ଯୋଗାଯୋଗ ବିଛିନ୍ନ ହୋଇଗଲା ପରେ ..."

ମୋର ଭୟ ହେଲା, ସିଏ ହୁଏତ ରଣକୌଶଳ ସଂପର୍କରେ ଆଲୋଚନା କରିଦେବେ । ତେଣୁ ସଙ୍ଗେ ସଙ୍ଗେ ତାଙ୍କ କଥାରେ ବାଧା ଦେଇ କହିଲି :

"କ୍ୟାପ୍‌ଟେନ୍ ମିରୋନୋଭ୍‌ଙ୍କ କନ୍ୟା ମୋତେ ଚିଠି ଲେଖିଛନ୍ତି ।

ଚିଠିର ସେ ସାହାଯ୍ୟ ଭିକ୍ଷା କରିଛନ୍ତି । ଶ୍ଭାବ୍ରିନ୍ ତାକୁ ବାଧ୍ୟ କରୁଛି ବିବାହ କରିବା ପାଇଁ ।"

"ସତେ ! ସେ ଶ୍ଭାବ୍ରିନ୍‌ଟା ହେଉଛି ଗୋଟାଏ ପକ୍‌କା Schelm * ! ସେ ଯଦି ମୋ ହାତରେ ପଡ଼ନ୍ତା ନା, ତାକୁ ଚବିଶ ଘଣ୍ଟା ମଧ୍ୟରେ ତା'ର ବିଗ୍ଭର କରି ଗଡ଼ ପ୍ରାଚୀର ଆଗରେ ଛିଡ଼ା କରାଇ ଗୁଳି କରି ମାରନ୍ତି ! କିନ୍ତୁ ଏବେ ତ କିଛି କରିହେବ ନାହିଁ, ଧୈର୍ଯ୍ୟ ଧରି ଅପେକ୍ଷା କରିବାକୁ ପଡ଼ିବ ... ।"

"ଧୈର୍ଯ୍ୟ !" ଉନ୍ମାଦ ଭଳି କଥାଟିକୁ ମୁଁ ପୁନରାବୃତ୍ତି କଲି । "ଆମେ ଧୈର୍ଯ୍ୟ ଧରି ଅପେକ୍ଷା କରିବା ଆଉ ସିଏ ସେଠି ମାରିୟା ଇଭାନୋଭ୍‌ନାକୁ ବିଭା ହୋଇଯିବ !.."

"ଓହୋ ! କେବଳ ବିବାହ କାହିଁକି, ଆଉରି ଖରାପ କାମ ବି ସେ କରିପାରେ !" ଜେନେରାଲ ନିର୍ବିକାର କଣ୍ଠରେ କହିଲେ "ତା ପକ୍ଷରେ ଆପାତତଃ ଶ୍ଭାବ୍ରିନ୍‌ର ସ୍ତ୍ରୀ ହୋଇ ରହିବା ଭଲ । ତା'ଫଳରେ ଲୋକଟା ତା'ର ଯତ୍ନ ନେବ । ତା'ପରେ ଆମେ ଯେତେବେଳେ ତାକୁ ଗୁଳି କରି ମାରିବା ସେତେବେଳେ ତା ପାଇଁ ଆଉ ଗୋଟିଏ ବରର ବ୍ୟବସ୍ଥା କରିଦେଲେ ହେବ । ଭଗବାନଙ୍କ ଦୟାରୁ ସେଥିରେ କିଛି ଅସୁବିଧା ଘଟିବ ନାହିଁ । ସୁନ୍ଦରୀ ବିଧବାମାନେ ତ ଚିରକାଳ ବିଧବା ହୋଇ ରହନ୍ତି ନାହିଁ । ଅର୍ଥାତ୍, ମୋ ମତରେ, କୁମାରୀମାନଙ୍କ ଅପେକ୍ଷା ତରୁଣୀ ବିଧବାମାନଙ୍କୁ ଶୀଘ୍ର ସ୍ୱାମୀ ମିଳି ଯାଆନ୍ତି ।"

"ଶ୍ଭାବ୍ରିନ୍ ହାତରେ ତାକୁ ସଅଁପି ଦେବା ଅପେକ୍ଷା ମୁଁ ବରଂ ମରିବାକୁ ଶ୍ରେୟ ମନେ କରିବି !" ରାଗରେ ଉତ୍ତେଜିତ ହୋଇ ମୁଁ ଚିତ୍‌କାର କରିଉଠିଲି ।

"ଓହୋ, ତା ହେଲେ ଏଇଆ !" ପ୍ରଲମ୍ବିତ ସ୍ୱରରେ ବୃଦ୍ଧ କହିଲେ, "ଏବେ ମୁଁ ବୁଝିଗଲି ! ତୁମେ ନିଜେ ମାରିୟା ଇଭାନୋଭ୍‌ନାର ପ୍ରେମରେ ପଡ଼ିଛ, ମୁଁ ଦେଖୁଛି । କଥାଟା ତ ତେବେ ଭିନ୍ନ ରକମର । ତୁମ ପାଇଁ ମୋତେ ଦୁଃଖ ଲାଗୁଛି । କିନ୍ତୁ ତମକୁ ଦଳେ ସୈନ୍ୟ ଆଉ ପଗ୍ଭଶ ଜଣ କସାକ୍ ମୁଁ ତ କୌଣସିମତେ ଦେଇ ପାରିବି ନାହିଁ । ଏହିଭଳି ଏକ ଅଭିଯାନ କରିବା ପଛରେ କୌଣସି ଯୁକ୍ତି ନାହିଁ । ମୁଁ ଏ ଦାୟିତ୍ୱ ନେଇ ପାରିବି ନାହିଁ ।"

ହତାଶାରେ ମଥା ନୁଆଁଇ ଛିଡ଼ା ହୋଇ ରହିଲି । ହଠାତ୍ ଗୋଟାଏ ଚିନ୍ତାର ଝଲକ ମନ ମଧ୍ୟରେ ମୋର ଖେଳିଗଲା । ପୁରୁଣାକାଳିଆ ଔପନ୍ୟାସିକମାନଙ୍କ ଢଙ୍ଗରେ କହିବାକୁ ଗଲେ, ପାଠକମାନେ ସେ ଚିନ୍ତାଟି ସଂପର୍କରେ ଜାଣିପାରିବେ ପରବର୍ତ୍ତୀ ପରିଚ୍ଛେଦଟି ପାଠ କଲେ ।

* ବଦମାସ – ସଂପାଦକ ।

ଏକାଦଶ ପରିଚ୍ଛେଦ

ବିଦ୍ରୋହୀ ଗ୍ରାମ

"ହେଲେ ହେଁ ଅତି ହିଂସ୍ର ସ୍ୱଭାବ ତା'ର
ଉଦର ପୂର୍ଣ୍ଣ ଅଛି ପଶୁରାଜର ।
'ଆସିଲେ ତେବେ କିଆଁ ଗୁହାରେ ମୋର'
ପୁଛିଲ ଭଦ୍ରଭାବେ ..." (୪୧)

ଆଲେକ୍‌ଜାନ୍ଦର ସୁମାରୋକୋଭ୍

ଜେନେରାଲଙ୍କଠାରୁ ବିଦାୟ ନେଇ ମୁଁ ଦ୍ରୁତ ପଦରେ ଫେରିଆସିଲି ମୋ ନିଜ ଘରକୁ । ସାଭେଲିଚ୍ ମୋତେ ଦେଖିଲା କ୍ଷଣି ତା'ର ସେ ନିତିଦିନିଆ ଅଭିଯୋଗଟା ଆରମ୍ଭ କରିଦେଲା, "ହଜୁର, ସେ ମଦୁଆ ବଦମାସଗୁଡ଼ାଙ୍କ ସାଙ୍ଗରେ ମରାମରି କରି କ'ଣ ଲାଭ ହେଉଛି କୁହନ୍ତୁ ତ ! ଏସବୁ କ'ଣ ଭଦ୍ରଲୋକଙ୍କ କାମ ? ଯଦି କିଛି ଗୋଟାଏ ଘଟିଯାଏ ତେବେ ବୃଥାରେ ଜୀବନଟା ଯିବ । ଯଦି ତୁର୍କୀ ବା ସୁଇଡେନ୍ କଥା ହୋଇଥାନ୍ତା ତେବେ ଅନ୍ୟ କଥା । କିନ୍ତୁ ଆପଣ ଯେଉଁମାନଙ୍କ ସହିତ ଲଢ଼େଇ କରୁଛନ୍ତି ସେମାନଙ୍କ ନାମ ମୁହଁରେ ଧରିବାକୁ ମୋତେ ଲଜ୍ଜା ଲାଗେ ।"

ସାଭେଲିଚ୍‌ର ବକ୍ତୃତାରେ ବାଧା ଦେଇ ମୁଁ ତାକୁ ପଗ୍ଚରିଲି, "ଆମ ପାଖରେ ଏବେ ସର୍ବମୋଟ କେତେ ଟଙ୍କା ଅଛି ?" ମୁହଁରେ ସନ୍ତୋଷର ହସ ଫୁଟାଇ ସେ ଉତ୍ତର ଦେଲା, "ହଜୁର, ସେ ବିଷୟରେ ନିଶ୍ଚିନ୍ତ ରହନ୍ତୁ, ଆମର ଟଙ୍କା ଅଛି । ବଦମାସମାନେ ଆମର ସବୁ କିଛି ଲୁଟପାଟ କରି ନେଇଗଲେ । ମୁଁ କିନ୍ତୁ କିଛି ଟଙ୍କା ଲୁଚେଇ ରଖି ଦେଇଥିଲି ।" ଏତକ କହି ସେ ତା'ର ପକେଟ୍‌ରୁ ରୂପା ମୁଦ୍ରାଭର୍ତ୍ତି ଗୋଟିଏ ଲମ୍ବ ହାତବୁଣା ଗେଞ୍ଜିଆ ବାହାର କରି ପକାଇଲା । "ସାଭେଲିଚ୍, ଏଠିକି ଆସ", ମୁଁ କହିଲି, "ସେ ଟଙ୍କାରୁ ଅଧେ ମୋତେ ଦେଇ ଦିଅ ଆଉ ଅଧେ ତମ ନିଜ ପାଇଁ ରଖିଦିଅ । ମୁଁ ବେଲେଗୋର୍ସ୍କ ଗଡ଼କୁ ଯାଉଛି ।"

"ହଜୁର, ଭଗବାନଙ୍କ ରାଣ, ହଜୁର !" ମୋର ଦୟାଳୁ ସେବକ କମ୍ପିତ ଗଳାରେ ଚିତ୍କାର କରିଉଠିଲା, "ରାସ୍ତାଟା ସାରା ବିଦ୍ରୋହୀ ଦଳଗୁଡ଼ାକ ଭରି ରହିଛନ୍ତି ! ଏଭଳି ସମୟରେ ଆପଣ କେମିତି ଯିବେ ? ଆପଣଙ୍କର ନିଜ ପ୍ରତି ଯଦି ମାୟା ନାହିଁ ତେବେ ଅନ୍ତତଃ ଆପଣଙ୍କ ବାପ ମାଙ୍କ କଥା ଟିକେ ଭାବନ୍ତୁ ! ତାଛଡ଼ା ସେ ବେଲେଗୋର୍ସ୍କ ଗଡ଼କୁ କାହିଁକି ଯିବେ ? ସେଠି କ'ଣ ଅଛି ? କେଇ ଦିନ ଟିକେ ସବୁର କରିଯାଆନ୍ତୁ । ଆମ ସୈନ୍ୟମାନେ ଆସି ବଦମାସଗୁଡ଼ାଙ୍କୁ ଧରି ପକାନ୍ତୁ । ତା'ପରେ ଯେଉଁଠିକି ଖୁସି ସେଠିକି ଯିବେ ।"

କିନ୍ତୁ ଯିବା ପାଇଁ ମୁଁ ମନେ ମନେ ସ୍ଥିର କରିନେଇ ସାରିଥିଲି ।

"ଏବେ ସେ ସଂପର୍କରେ କହି ଲାଭ ନାହିଁ", ବୃଦ୍ଧକୁ ମୁଁ କହିଲି, "ମୁଁ ଯିବି, ମୋତେ ଯିବାକୁ ହେବ । ମନ ଦୁଃଖ କରନା ସାଭେଲିଚ୍ । ଭଗବାନ ବଡ଼ ଦୟାଳୁ, ହୁଏତ ଆମ ମଧ୍ୟରେ ପୁଣି ଦେଖା ସାକ୍ଷାତ୍ ହେବ ! ହଁ ଶୁଣ, ଟଙ୍କା ପଇସା ଯାହା ଅଛି ସେସବୁକୁ ଖର୍ଚ୍ଚ କରିବାରେ କୁଣ୍ଠାବୋଧ କରିବ ନାହିଁ, କଞ୍ଜୁସ୍ ହେବା ଦରକାର ନାହିଁ । ତମର ଯାହା ଦରକାର, ଯେତେ ଦାମ୍ ହେଲେ ବି କିଣିବ । ଏ ଟଙ୍କାତକ ମୁଁ ତମକୁ ପୁରସ୍କାର ସ୍ୱରୂପ ଦେଉଛି । ଯଦି ତିନିଦିନ ମଧ୍ୟରେ ମୁଁ ଫେରି ନ ଆସେ ..."

"ଏସବୁ କ'ଣ କହୁଛନ୍ତି ହଜୁର ?" ମୋ କଥାରେ ବାଧା ଦେଇ ସାଭେଲିଚ୍ କହିଲା । "ଆପଣଙ୍କୁ ମୁଁ କ'ଣ ଏକା ଏକା ଛାଡ଼ି ଦେବି ! ସେପରି କାମ କରିବାକୁ ମୋତେ କହିବା ପାଇଁ ଆପଣ ସ୍ୱପ୍ନରେ ଭାବନ୍ତୁ ନାହିଁ । ଆପଣ ଯେତେବେଳେ ଯିବା ପାଇଁ ପ୍ରତିଜ୍ଞା କରିଛନ୍ତି, ତେଣୁ ମୁଁ ଆପଣଙ୍କ ସାଙ୍ଗରେ ଯିବି । ଚ୍ଚଲି ଚ୍ଚଲି ଯିବାକୁ ପଡ଼ିଲେ ବି ଯିବି, ଏକାକୀ ଆପଣଙ୍କୁ ଛାଡ଼ିବି ନାହିଁ । ଆପଣ ଏଠି ରହିବେ ନାହିଁ ଆଉ ମୁଁ ଏହି ପଥର କାନ୍ଥ ମଧ୍ୟରେ ନିଶ୍ଚିନ୍ତରେ ବସି ରହିବି ବୋଲି କେମିତି ବିଶ୍ୱାସ କରିପାରିଲେ ? ମୋର ମୁଣ୍ଡ ତ ଖରାପ ହୋଇଯାଇନି, ଆଜ୍ଞା ! ଆପଣ ମୋତେ ଯାହା ଇଚ୍ଛା ତାହା କହି ପାରନ୍ତି, କିନ୍ତୁ ମୁଁ ଆପଣଙ୍କୁ ଏକାକୀ ଛାଡ଼ିବି ନାହିଁ !"

ସାଭେଲିଚ୍ ସହିତ ତର୍କ କରି କିଛି ଲାଭ ହେବ ନାହିଁ ବୋଲି ମୋତେ

ଜଣା ଥିଲା । ତେଣୁ ତାକୁ ଯିବା ପାଇଁ ପ୍ରସ୍ତୁତ ହେବାକୁ କହିଲି । ଅଧଘଣ୍ଟାକ ଭିତରେ ଆମେ ବାହାରି ପଡ଼ିଲୁ । ମୋ ଘୋଡ଼ାଟି ଉପରେ ମୁଁ ସବାର ହେଲି ଏବଂ ସାଭେଲିଚ୍ ସବାର ହେଲା ହାଡ଼ସାର ଏକ ଲେଙ୍ଗଡ଼ା ଘୋଡ଼ା ପିଠିରେ । ସହରର ଜଣେ ଭଦ୍ରଲୋକ ତାକୁ ସେ ଘୋଡ଼ାଟି ଉପହାର ଦେଇଥିଲେ । ଘୋଡ଼ାଟିକୁ ଖୁଆଇବାକୁ ତାଙ୍କର ସାମର୍ଥ୍ୟ ନଥିଲା । ନଗର ଦ୍ୱାରଦେଶରେ ଆମେ ପହଞ୍ଚିଗଲୁ । ଦ୍ୱାରପାଳମାନେ ଆମକୁ ଛାଡ଼ି ଦେଲେ । ଓରେନ୍‌ବୁର୍ଗକୁ ପଛରେ ରଖି ଆମେ ଦିଜଣ ଆଗେଇ ଚାଲିଲୁ ।

ସନ୍ଧ୍ୟା ନଇଁ ଆସୁଥାଏ । ବେର୍ଦା ଗ୍ରାମ ପାରି ହୋଇ ଆମକୁ ଯିବାକୁ ପଡ଼ିବ । ସେଇ ଗାଁରେ ଏବେ ଘାଟି ପାତିଛି ପୁଗାଚେଭ୍ । ବରଫରେ ରାସ୍ତା ଢାଙ୍କି ହୋଇ ପଡ଼ିଥାଏ , କିନ୍ତୁ ବରଫ ଉପରେ ସବୁଠି ଘୋଡ଼ା ଖୁରାର ଛାପ । ଏହିସବୁ ଛାପ ପ୍ରତିଦିନ ନୂଆ କରିପଡ଼େ । ମୁଁ କଦମ୍ ପକାଇ ଦ୍ରୁତ ଗତିରେ ଘୋଡ଼ା ଛୁଟେଇ ଦେଲି । ମୋ ସହିତ ଗତି ମିଳେଇ ଯିବା ସାଭେଲିଚ୍ ପକ୍ଷରେ ଅସମ୍ଭବ ହୋଇ ପଡ଼ୁଥାଏ । ଥରକୁ ଥର ଚିତ୍କାର କରି ସେ କହୁଥାଏ , "ହଜୁର , ଆଉ ଟିକେ ଧୀରେ ଧୀରେ ଚାଲନ୍ତୁ ! ଭଗବାନଙ୍କ ରାଣ , ହଜୁର ! ଆପଣଙ୍କ ସେ ଲମ୍ବାଗୋଡ଼ିଆ ଜନ୍ତୁଟା ସହିତ ମୋର ଏ ଧଚରା ଘୋଡ଼ାଟା ତାଳ ରଖି ପାରୁ ନାହିଁ । ତାଛଡ଼ା ଆପଣ ଏତେ ତରବର କାହିଁକି ? କିଏ ହୁଏତ ଭାବୁଥିବ ଆମେ ଭୋଜି ଖାଇବାକୁ ଯାଉଛେ ... କିନ୍ତୁ ଆମେ ଯାଉଛେ ଫାଶି ମଞ୍ଚ ପାଖକୁ । ମୋ କଥା ପ୍ରତି ଟିକେ ଧ୍ୟାନ ଦିଅନ୍ତୁ , ହଜୁର ! ହେ ଭଗବାନ , ମୋ ମୁନିବଙ୍କ ପିଲାଟିର ପ୍ରାଣ ରକ୍ଷା କରନ୍ତୁ !"

କିଛି କ୍ଷଣ ମଧ୍ୟରେ ଦୃଷ୍ଟିରେ ପଡ଼ିଲା ବେର୍ଦା ଗ୍ରାମର ଆଲୁଅ । ଆମେ ଆସି ଏକ ଗୋହିରି ପାଖରେ ପହଞ୍ଚିଗଲୁ । ଏହି ଗୋହିରିଟି ଗ୍ରାମର ଏକ ପ୍ରାକୃତିକ ପରିଖା ଭଳି କାମ ଦେଉଥାଏ । ରାସ୍ତା ସାରା ସାଭେଲିଚ୍ ମୋ ପଛେ ପଛେ ଆସୁଥାଏ ଏବଂ ତା'ର ସେଇ କରୁଣ ଆବେଦନଟିକୁ ସଶବ୍ଦରେ ଉଚ୍ଚାରଣ କରି ଚାଲିଥାଏ । ମୁଁ ଆଶା କରୁଥିଲି ଗାଁ ପାଖଦେଇ ନିରାପଦ ଇଲାକାକୁ ଚାଲିଯିବୁ । ହଠାତ୍ ଦେଖିବାକୁ ପାଇଲି ସନ୍ଧ୍ୟାର ଅନ୍ଧକାର ମଧ୍ୟରେ

ପାଞ୍ଚଜଣ ଖଣ୍ଡ ଚାଷୀ ହାତରେ ଲାଠି ନେଇ ମୋ ଆଗରେ ଛିଡ଼ା ହୋଇଯାଇଛନ୍ତି । ସେଟା ଥିଲା ପୁଗାଚେଭ୍ ସେନା ଛାଉଣୀର ଏକ ଅଗ୍ରଣୀ ପହରା ଘାଟି । ଲୋକମାନେ ଆମକୁ ଡାକ ପକାଇଲେ । ସାଙ୍କେତିକ ଶବ୍ଦ ମୋତେ ଜଣା ନଥିବାରୁ ମୁଁ ଚୁପ୍‌ଚାପ୍ ପଳେଇ ଯିବାକୁ ଚାହିଁଲି । କିନ୍ତୁ ଲୋକମାନେ ମୋତେ ସଙ୍ଗେ ସଙ୍ଗେ ଘେରିଗଲେ । ଜଣେ ଆସି ମୋ ଘୋଡ଼ାର ଲଗାମକୁ ଧରିପକାଇଲା । ମୁଁ ସଙ୍ଗେ ସଙ୍ଗେ ତରବାରି ବାହାର କରି ତା ମୁଣ୍ଡକୁ ଲକ୍ଷ୍ୟ କରି ଚୋଟ ବସାଇଦେଲି । ଲୋକଟିର ମଥାର ଟୋପିଟା ତାକୁ ବଞ୍ଚେଇ ଦେଲା । କିନ୍ତୁ ଏତେ ସେ ଟଳମଳ ହୋଇ ପଡ଼ିଥିଲା ଯେ , ଘୋଡ଼ାର ଲଗାମଟାକୁ ଛାଡ଼ି ଦେଲା । ଅନ୍ୟମାନେ ହତଚକିତ ହୋଇ ପଳେଇଗଲେ । ଏହି ନିଶ୍ୱାସ ମାରିବାର ଫୁରୁସତଟିର ସୁଯୋଗ ମୁଁ ନେଲି । ମୋ ଜୋତାରେ ଲାଗିଥିବା ଅଶ୍ୱତାଡ଼ନୀ କଣ୍ଟାରେ ଘୋଡ଼ାର ପେଟକୁ ଆଘାତ କରିବା ଫଳରେ ଘୋଡ଼ାଟା କଦମ୍ ପକାଇ ଛୁଟି ଚାଲିଲା ।

ନଇଁ ଆସୁଥିବା ରାତ୍ରିର ଅନ୍ଧକାର ମୋତେ ହୁଏତ ସମସ୍ତ ବିପଦରୁ ବଞ୍ଚେଇ ଦେଇ ପାରିଥାନ୍ତା । କିନ୍ତୁ ହଠାତ୍ ପଛ ଆଡ଼କୁ ଚାହିଁ ଦେଖିଲି , ସାଭେଲିଚ୍ ନାହିଁ । ନେଙ୍ଗଡ଼ା ଘୋଡ଼ାରେ ଚଢ଼ି ବୁଢ଼ା ବିଚରା ହୁଏତ ସେ ବିଦ୍ରୋହୀମାନଙ୍କ ପାଲରୁ ଖସି ଆସି ପାରି ନି । କ'ଣ ତାହେଲେ କରିବାକୁ ହେବ ? ତାକୁ ଧରି ପକେଇଛନ୍ତି କି ନାହିଁ ଜାଣିବା ନିମିତ୍ତ କିଛି କ୍ଷଣ ଅପେକ୍ଷା କଲି । ତା'ପରେ ଘୋଡ଼ାର ମୁହଁ ଘୂରେଇ ନେଇ ଚାଲିଲି ସାଭେଲିଚ୍‌କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ।

ଗୋହିରି ନିକଟକୁ ଆସିଗଲା ପରେ ଅନେକ ଲୋକଙ୍କର କୋଳାହଳ ଶୁଣିବାକୁ ପାଇଲି । ସେଇ କୋଳାହଳ ମଧ୍ୟରେ ସାଭେଲିଚ୍‌ର କଣ୍ଠ ମଧ୍ୟ ଶୁଣାଯାଉଥାଏ । ମୁଁ ଆଉରି ଜୋରରେ ଘୋଡ଼ା ଛୁଟେଇଦେଲି । ତା'ପରେ କିଛି କ୍ଷଣ ମଧ୍ୟରେ ପୁଣି ଯାଇ ଦଣ୍ଡାୟମାନ ହେଲି ସେଇ ଚାଷୀମାନଙ୍କ ମଧ୍ୟରେ , ଯେଉଁମାନେ ମୋତେ ଅଟକେଇବାକୁ ଚେଷ୍ଟା କରିଥିଲେ । ସାଭେଲିଚ୍‌କୁ ସେମାନେ ଚାରିପଟୁ ଘେରି ଯାଇ ଘୋଡ଼ା ପିଠିରୁ ଟାଣି ଓହ୍ଲେଇ ଦେଇଥାନ୍ତି ଏବଂ ବାନ୍ଧିବାକୁ ଚେଷ୍ଟା କରୁଥାନ୍ତି । ମୋତେ ଦେଖିଲା କ୍ଷଣି

ସେମାନେ ଆନନ୍ଦରେ ଉତ୍ଫୁଲ୍ଲ ହୋଇ ଉଠିଲେ ଏବଂ ମୋ ଆଡ଼କୁ ଛୁଟି ଆସିଲେ କୋଳାହଳ କରି । ସଙ୍ଗେ ସଙ୍ଗେ ମୋତେ ଘୋଡ଼ା ପିଠିରୁ ଟାଣି ଓହ୍ଲେଇ ଦେଲେ । ସେମାନଙ୍କ ମଧ୍ୟରେ ଯେଉଁ ଲୋକଟି ସର୍ଦ୍ଦାର ବୋଲି ମନେ ହେଉଥିଲା, ସେ ଘୋଷଣା କଲା ଯେ, ଅବିଳମ୍ବେ ଆମ ଦିହିଁଙ୍କୁ ଜାର୍ ଆଗରେ ହାଜିର କରାଯିବ । "ତମକୁ ଏବେ ଫାଶି ଖୁଣ୍ଟରେ ଟଙ୍ଗା ଯିବ ନା ସକାଳ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ", ସେ ଯୋଗ କଲା, "ତାହା ଆମ ଜାର୍ କହିବେ ।" ମୁଁ ସେମାନଙ୍କୁ ବାଧା ଦେଲି ନାହିଁ, ସେମାନଙ୍କ ହାତରେ ନିଜକୁ ସମର୍ପଣ କରିଦେଲି । ମୋ ଦେଖାଦେଖି ସାଭେଲିଚ୍ ମଧ୍ୟ ସେଇଆ କଲା । ବିଜୟ ଉଲ୍ଲାସରେ ରକ୍ଷୀମାନେ ଆମକୁ ଘେନିଗଲେ ।

ଗୋହିରିର ଆରପାରିକୁ ଉଠି ଯାଇ ଆମେ ଗ୍ରାମ ମଧ୍ୟକୁ ଗଲୁ । ସମସ୍ତଙ୍କ କୁଡ଼ିଆରେ ବତି ଜଳୁଥାଏ । କୋଳାହଳ ଏବଂ ଚିତ୍କାର ଚାରିଆଡ଼ୁ ଭାସି ଆସୁଥାଏ । ରାସ୍ତାରେ ଲୋକମାନେ ଗହଳି କରିଥାନ୍ତି, କିନ୍ତୁ ଏତେ ଅନ୍ଧାର ଯେ କେଇ ମୋ ପ୍ରତି ନଜର ଦେଉ ନଥାନ୍ତି, ମୋତେ ଓରେନ୍‌ବୁର୍ଗର ଅଫିସର ବୋଲି ଚିହ୍ନି ପାରୁ ନଥାନ୍ତି । ଆମ ଦିହିଁଙ୍କୁ ସିଧା ଛକ ପାଖରେ ଥିବା ଏକ ଘରକୁ ନିଆଗଲା । ଫାଟକ ପାଖରେ ଥୁଆ ହୋଇଥାଏ କେଇ ପିମ୍ପା ମଦ ଆଉ ଦିଇଟା କମାଣ । ଜଣେ ରକ୍ଷୀ କହିଲା, "ଏଇ ହେଉଛି ରାଜ ନଅର, ମୁଁ ଭିତରକୁ ଯାଇ ତମ ଖବର ଜଣାଇ ଆସୁଛି ।" ରକ୍ଷୀଟି ଭିତରକୁ ଚାଲିଗଲା । ସାଭେଲିଚ୍ ଆଡ଼କୁ ଚାହିଁ ଦେଖିଲି – ବୁଢ଼ା ବୁକୁ ଉପରେ ବାରମ୍ବାର କ୍ରୁଶଚିହ୍ନ ଆଙ୍କୁଛି ଏବଂ ବିଡ଼ିବିଡ଼ି ହୋଇ ପ୍ରାର୍ଥନା କରିଚାଲିଛି । ଅନେକ ସମୟ ଯାଏ ମୋତେ ଅପେକ୍ଷା କରିବାକୁ ପଡ଼ିଲା । ଶେଷକୁ ରକ୍ଷୀଟି ବାହାରି ଆସି ମୋତେ କହିଲା, "ଭିତରକୁ ଚାଲ । ଆମ ଜାର୍ ତତେ ଭିତରକୁ ନେଇ ଯିବାକୁ କହିଛନ୍ତି ।"

ମୁଁ ଗୃହ ମଧ୍ୟକୁ ପ୍ରବେଶ କଲି, ରକ୍ଷୀମାନେ ଯାହାକୁ ରାଜ ନଅର ବୋଲି କହୁଥାନ୍ତି । ଭିତରେ ଦୁଇଟି ଚର୍ବିର ମହମବତି ଜଳୁଥାଏ, କାନ୍ଥରେ ସୁନେଲି କାଗଜ ସଟା ହୋଇଥାଏ । ଏହା ଛଡ଼ା ଆଉ ସବୁ ଏକ କୁଡ଼ିଆ ଘର ଭଳି । କେଇ ଖଣ୍ଡ ବେଞ୍ଚ, ଖଣ୍ଡେ ଟେବୁଲ, ମୁହଁ ହାତ ଧୋଇବା

ପାଇଁ ଝୁଲନ୍ତ ପାତ୍ର । ତଉଲିଆଟିଏ ଟଙ୍ଗା ହୋଇଥାଏ କଣ୍ଟାରେ, ଘରର ଗୋଟିଏ କଣକୁ ଦୁଇଟି ଚୁଲି ଏବଂ ଚଉଡ଼ା ପଥର ଥାକ ଉପରେ ସଜା ହୋଇ ରହିଥାଏ ହାଣ୍ଡି ମାଠିଆ ଆଦି । ପୁଗାଚେଭ୍ ବସିଥାଏ ଯିଶୁ ଖ୍ରୀଷ୍ଟଙ୍କ ପ୍ରତିମା ତଳେ, ଦେହରେ ଲାଲ ରଙ୍ଗର ପୋଷାକ, ମୁଣ୍ଡରେ ଉଚ୍ଚା ଟୋପି । ହାତ ଦୁଇଟି କମର ଉପରେ ଥୁଆ ହୋଇଥାଏ । ପାଖରେ ତା'ର କେଇ ଜଣ ଅନୁଚର ଦଣ୍ଡାୟମାନ ଥାନ୍ତି । ସମସ୍ତଙ୍କ ହାବଭାବ ମଧ୍ୟରେ ଫୁଟି ଉଠୁଥାଏ ଏକ କୃତ୍ରିମ ବିନୀତ ଭାବ । ଓରେନ୍‌ବୁର୍ଗରୁ ଜଣେ ଅଫିସର ଆସିଛନ୍ତି ଶୁଣି ସମସ୍ତେ ବିଶେଷ କୌତୂହଳୀ ହୋଇ ପଡ଼ିଛନ୍ତି ବୋଲି ପରିଷ୍କାର ବୁଝାଯାଉଥାଏ । ସେମାନେ ସ୍ଥିର କରିଥାନ୍ତି ମୋତେ ଆଡ଼ମ୍ବର ସହକାରେ ସମ୍ବର୍ଦ୍ଧନା ଜଣାଇବେ । ମୁଁ ପ୍ରବେଶ କଲା କ୍ଷଣି ପୁଗାଚେଭ୍ ମୋତେ ଚିହ୍ନି ପାରିଲା । ତା'ର ସେ ଇଚ୍ଛାକୃତ ଗାମ୍ଭୀର୍ଯ୍ୟ ହଠାତ୍ ଉଭେଇଗଲା । "ଆରେ ତୁମେ ଆସିଛ !" ଆନନ୍ଦରେ ଗଦ୍‌ଗଦ୍ ହୋଇ ସେ କହିଉଠିଲା, "କେମିତି ଅଛ ? ଏଠାକୁ ଆସିଛ କାହିଁକି ?" ମୁଁ ତାକୁ କହିଲି, "ମୁଁ ଏକ ବ୍ୟକ୍ତିଗତ କାମରେ ରାସ୍ତା ଦେଇ ଯାଉଥିଲି । ଆପଣଙ୍କ ଲୋକମାନେ ମୋତେ ଧରି ନେଇ ଆସିଛନ୍ତି ।"

"କି କାମରେ ଯାଉଥିଲ ?" ସେ ମୋତେ ପଚାରିଲା । କ'ଣ ଉତ୍ତର ଦେବି ଭାବି ପାରିଲି ନାହିଁ । ପୁଗାଚେଭ୍ କିନ୍ତୁ ଭାବିଲା, ମୁଁ ହୁଏତ ଅନ୍ୟମାନଙ୍କ ଆଗରେ କହିବାକୁ ସଂକୋଚବୋଧ କରୁଛି । ସଙ୍ଗେ ସଙ୍ଗେ ସେ ସମସ୍ତଙ୍କୁ ଘରୁ ବାହାରି ଯିବାକୁ କହିଲା । ଦୁଇଜଣଙ୍କୁ ଛାଡ଼ି ଅନ୍ୟ ସମସ୍ତେ ଚାଲିଗଲେ । ସେ ଦୁଇଜଣ ଛିଡ଼ା ହୋଇ ରହିଲେ । ପୁଗାଚେଭ୍ କହିଲା, "ତମର ଯାହା କହିବାର କଥା ଏମାନଙ୍କ ଉପସ୍ଥିତିରେ କହିପାର । ଏମାନଙ୍କ ପାଖରେ ମୁଁ କୌଣସି କଥା ଗୋପନ ରଖେ ନାହିଁ ।" ନକଲି ଜାର୍‌ର ଏହି ଦୁଇ ସହଯୋଗୀଙ୍କୁ ମୁଁ ଆଡ଼ ଆଖିରେ ଚାହିଁଦେଲି । ଜଣେ ପୁରୁଣାକାଳିଆ ଲୋକ, ଦେଖିବାକୁ ବାଙ୍ଗରା, ଦେହଟି ସମ୍ମୁଖକୁ ନଇଁ ଯାଇଛି, ମୁହଁରେ ସାମାନ୍ୟ ପାକଲା ଦାଢ଼ି । ଦେହରେ ପିନ୍ଧିଥିବା ମୋଟା ପଶମ କୋଟ୍ ଉପରେ ଏକ ନୀଳ ଫିତା ବନ୍ଧା ହୋଇଥାଏ ଏବଂ ସେଇ ଫିତାଟି ପାଇଁ

ସେ ଦୃଷ୍ଟି ଆକର୍ଷଣ କରୁଥାଏ । ଅନ୍ୟ ଲୋକଟିକୁ ମୁଁ ମୃତ୍ୟୁ ପର୍ଯ୍ୟନ୍ତ ଭୁଲି ପାରିବି ନାହିଁ । ଶକ୍ତ ସବଳ ଲମ୍ବା ଚେହେରା, ପ୍ରଶସ୍ତ କାନ୍ଧ, ଦେଖିଲେ ମନେ ହୁଏ ବୟସ ପଇଁଚାଳିଶ ଖଣ୍ଡ ହେବ । ଗହଳିଆ ଲାଲ ଦାଢ଼ି, ଦପ୍‌ଦପ୍ କସରା ଆଖି, ଚେପଟା ନାକ, କପାଳ ଆଉ ଗାଲରେ ନାଲି ନାଲି ଦାଗ – ସବୁ ମିଶି ତା'ର ବସନ୍ତଦାଗଭରା ମୁହଁରେ ଏକ କୁଟିଳ ଭାବ ସୃଷ୍ଟି କରିଥାଏ । ଦେହରେ ପିନ୍ଧିଥାଏ ଲାଲ ରଙ୍ଗର ଜାମା, କିର୍‌ଘିଜ୍ ଆଲଖାଲ୍ଲା ଆଉ କସାକ୍ ପାଇଜାମା । ପ୍ରଥମ ଲୋକଟିର ନାମ (ମୁଁ ପରେ ଜାଣିବାକୁ ପାଇଥିଲି) ବେଲୋବୋରୋଦୋଭ୍, ସୈନ୍ୟ ବାହିନୀରେ ଜଣେ ସାଧାରଣ ସୈନିକ ଥିଲା, ପଳେଇ ଆସିଛି । (୪୨) ଦ୍ୱିତୀୟ ଲୋକଟିର ନାମ ହେଲା ଆଫାନାସି ସୋକୋଲୋଭ୍ (୪୩) (ସମସ୍ତେ ଖ୍‌ଲୋପୁଶା ବୋଲି ଡାକନ୍ତି) ନିର୍ବାସିତ କଇଦୀ ଥିଲା, ତିନିଥର ସାଇବେରିଆର ଖଣି ଅଞ୍ଚଳରୁ ପଳେଇ ଆସିଛି । ମନ ମୋର ଅନ୍ୟ ଏକ ଚିନ୍ତାରେ ଆଚ୍ଛନ୍ନ ଥିଲେ ମଧ୍ୟ ଅପ୍ରତ୍ୟାଶିତ ଭାବେ ଏହି ଲୋକମାନଙ୍କ ଗହଣକୁ ଆସିଗଲା ପରେ କଳ୍ପନାକୁ ମୋର ସେମାନେ ବଳପୂର୍ବକ ଆଚ୍ଛନ୍ନ କରି ପକାଇଲେ । କିନ୍ତୁ ପୁଗାଚେଭ୍‌ର ପ୍ରଶ୍ନଟା ମୋତେ ହଠାତ୍ ସଜାଗ କରିଦେଲା ମୋ ନିଜ ଅବସ୍ଥା ସଂପର୍କରେ । ସେ ପଚାରିଲା, "ଓରେନ୍‌ବୁର୍ଗରୁ ତମେ କାହିଁକି ଆସିଛ ? କୁହ !"

ଏତିକିବେଳେ ମନରେ ମୋର ଏକ ଅଦ୍ଭୁତ ଚିନ୍ତା ଖେଳିଗଲା । ଭାବିଲି, ପୁଗାଚେଭ୍ ସହିତ ମୋର ଏ ଦ୍ୱିତୀୟ ଥର ଦେଖା ବିଧାତାର ଅନୁଗ୍ରହରୁ ଏଇଥି ପାଇଁ ହୋଇଛି ଯେ, ମୁଁ ମୋ ଉଦ୍ଦେଶ୍ୟ ପୂର୍ଣ୍ଣ କରିବା ପାଇଁ ସୁଯୋଗ ପାଏଁ । ମନେ ମନେ ସ୍ଥିର କରିନେଲି, ଏହି ସୁଯୋଗର ସଦ୍‌ବ୍ୟବହାର କରିବି ଏବଂ ମୋ ଏହି ନିଷ୍ପତ୍ତି ସଂପର୍କରେ ଭଲ ମନ୍ଦ କିଛି ବିଚାର ନକରି ପୁଗାଚେଭ୍ ପ୍ରଶ୍ନର ଉତ୍ତର ଦେଇ କହିଲି :

"ଏକ ଅନାଥିନୀକୁ ବଞ୍ଚାଇବା ପାଇଁ ମୁଁ ବେଲୋଗୋର୍ସ୍କ ଗଡ଼କୁ ଯାଉଥିଲି । ସେ ଅନାଥିନୀଟି ଉପରେ ସେଠାରେ ଦୁର୍ବ୍ୟବହାର କରାଯାଉଛି ।"

ପୁଗାଚେଭ୍‌ର ଆଖି ଯୋଡ଼ିକରେ ନିଆଁର ଝଲକ ଫୁଟି ଉଠିଲା । ସେ ଚିତ୍କାର କରି କହିଲା, "ମୋ ପ୍ରଜାମାନଙ୍କ ମଧ୍ୟରୁ କାହାର ଏଡ଼େ ସାହସ

ଅଛି ଯେ, ଏକ ଅନାଥିନୀ ଉପରେ ଦୁର୍ବ୍ୟବହାର କରିବ ? ସେ ଯେତେ ଧୂର୍ତ୍ତ ହେଲେ ମଧ୍ୟ ତାକୁ ନ୍ୟାୟ ବିଚାର ଅନୁଯାୟୀ ଶାସ୍ତି ଭୋଗିବାକୁ ପଡ଼ିବ ! କୁହ, ସେ ବଦମାସଟା କିଏ ?"

"ଶ୍‌ଭାବ୍ରିନ୍ !" ମୁଁ କହିଲି, "ପାଦ୍ରିଙ୍କ ଘରେ ଆପଣ ଯେଉଁ ଅସୁସ୍ଥ ଝିଅଟିକୁ ଦେଖିଥିଲେ, ତାକୁ ସେ ବନ୍ଦୀ କରି ରଖିଛି । ଝିଅଟିକୁ ସେ ବଳପୂର୍ବକ ବିବାହ କରିବାକୁ ଚାହେଁ ।"

"ଶ୍‌ଭାବ୍ରିନ୍‌କୁ ଉଚିତ ଶିକ୍ଷା ଦେଇ ଛାଡ଼ିବି", ଏକ ଭୟଙ୍କର ସ୍ୱରରେ ପୁଗାଚେଭ୍ କହିଲା, "ମୋର ହୁକୁମ ବିନା କାମ କଲେ ଓ ଜନସାଧାରଣଙ୍କ ଉପରେ ଅତ୍ୟାଚାର କଲେ ଫଳ କ'ଣ ହୁଏ ତାହା ତାକୁ ଶିକ୍ଷା କରିବାକୁ ପଡ଼ିବ । ଫାଶିକାଠରେ ତାକୁ ଝୁଲାଇ ଦେବି ।"

ଭଙ୍ଗା କର୍କଶ ଗଳାରେ ଖ୍‌ଲୋପୁଶା କହିଲା, "ମୋତେ କିଛି କହିବାକୁ ଅନୁମତି ଦିଅନ୍ତୁ । ଶ୍‌ଭାବ୍ରିନ୍‌କୁ ଆପଣ ଅତି ତରବରରେ ଗଡ଼ର ଅଧିପତି କରି ଦେଇଥିଲେ, ଏବେ ତାକୁ ଫାଶି ଦେବା ପାଇଁ ଆପଣ ମଧ୍ୟ ଚଞ୍ଚଳ ହୋଇପଡ଼ିଛନ୍ତି । ଜଣେ ସମ୍ଭ୍ରାନ୍ତ ପରିବାରର ଲୋକକୁ କସାକ୍‌ମାନଙ୍କ ଉପରେ ବସେଇ ଆପଣ କସାକ୍‌ମାନଙ୍କୁ ଅପମାନିତ କରିଛନ୍ତି । ଏବେ ତା ବିରୁଦ୍ଧରେ ପ୍ରଥମ ଅଭିଯୋଗଟି ଉଠିଲା ମାତ୍ରେ ତାକୁ ଫାଶି ଦେଇ ସମ୍ଭ୍ରାନ୍ତମାନଙ୍କୁ ଭୟଭୀତ କରନ୍ତୁ ନାହିଁ ।"

ନୀଳ ଫିତା ପରିହିତ ବୃଦ୍ଧଟି କହିଲା, "ତାକୁ ଛାଡ଼ି ଦେବାର ଦରକାର ନାହିଁ କି ଉପରକୁ ଉଠାଇବାର ଦରକାର ନାହିଁ । ଶ୍‌ଭାବ୍ରିନ୍‌କୁ ଫାଶି ଦେଲେ କିଛି କ୍ଷତି ହେବ ନାହିଁ । ଏବଂ ଏହି ଅଫିସରକୁ ମଧ୍ୟ ଜେରା କରିବା ଦରକାର । ସେ ଏଠାକୁ କାହିଁକି ଆସିଛି ? ଆପଣଙ୍କୁ ଯଦି ସେ ସମ୍ରାଟ ବୋଲି ସ୍ୱୀକାର ନକରେ, ତେବେ ଆପଣଙ୍କ ପାଖରୁ ସୁବିଚାର ପାଇଁ କାହିଁକି ଆସିଛି ? ଯଦି ସେ ଆପଣଙ୍କୁ ସମ୍ରାଟ ବୋଲି ସ୍ୱୀକାର କରେ, ତେବେ ଆପଣଙ୍କର ପ୍ରବଳ ଶତ୍ରୁମାନଙ୍କ ସହିତ ସେ ଏତେଦିନ ଧରି କ'ଣ କରୁଥିଲା ? ଆପଣ ଯଦି ଅନୁମତି ଦେବେ, ମୁଁ ତାକୁ ସଦର ଦପ୍ତରକୁ ନେଇ ତା ଦେହରେ ଲୁହା ତତେଇ ଚିଇଙ୍କା ମାରିବି । ମୋର ମନେ ହେଉଛି, ଓରେନ୍‌ବୁର୍ଗର ଅଫିସରମାନେ ତାକୁ ଆମ ଏଠାକୁ ପଠେଇଛନ୍ତି ।"

ଏହି ବୁଢ଼ା ସଇତାନ୍‌ଟାର ଯୁକ୍ତିକୁ ସହଜରେ ଉଡ଼େଇ ଦେଇ ହେବ ନାହିଁ ବୋଲି ମୋର ମନେ ହେଲା । କିଭଳି ଲୋକଙ୍କ ହାତରେ ମୁଁ ଆସି ପଡ଼ିଯାଇଛି, ଏଥର ବୁଝି ପାରିଲି । ଦେହ ମଧ୍ୟରେ ରକ୍ତ ମୋର ହିମ ପାଲଟି ଗଲା ଭଳି ଲାଗିଲା । ମୋର ଏହି ଅସ୍ୱସ୍ତି ଭାବକୁ ଲକ୍ଷ୍ୟ କରୁଥିଲା ପୁଗାଚ୍ଚେଭ୍ । ମୋ ଆଡ଼କୁ ଆଖି ମିଟିକା ମାରି ପଚାରିଲା, "ଶୁଣିଲେ ତ ଆଜ୍ଞା ! ମୋର ମନେ ହୁଏ ମୋ ସର୍ବାଧିନାୟକ ଠିକ୍ କଥା କହୁଛନ୍ତି । ତମେ କ'ଣ କହିବାକୁ ଚାହଁ ?"

ପୁଗାଚ୍ଚେଭ୍‌ର ବିଦ୍ରୂପାତ୍ମକ କଥା ଶୁଣି ମୋ ସାହସ ଫେରି ଆସିଲା । ଶାନ୍ତ ସ୍ୱରରେ ମୁଁ ଜବାବ ଦେଲି, ମୁଁ ଏବେ ପୁଗାଚ୍ଚେଭ୍‌ଙ୍କ ହାତରେ ପଡ଼ିଛି, ସିଏ ଯାହା ଭଲ ମନେ କରିବେ ତାହା କରିବେ ।

"ଭଲ କଥା", ପୁଗାଚ୍ଚେଭ୍ କହିଲା, "ବର୍ତ୍ତମାନ ତୁମେ କୁହ ତୁମ ସେ ସହରର ପରିସ୍ଥିତି କିପରି ?"

ମୁଁ କହିଲି, "ପରିସ୍ଥିତି ଭଲ, ଭଗବାନଙ୍କ ଦୟାରୁ ସେଠାରେ କୌଣସି ଗଣ୍ଡଗୋଳ ନାହିଁ ।"

"ପରିସ୍ଥିତି ଭଲ !" ପୁଗାଚ୍ଚେଭ୍ ପୁନରାବୃତ୍ତି କରି କହିଉଠିଲା, "ଲୋକମାନେ ତ ଖାଇବାକୁ ନପାଇ ମରୁଛନ୍ତି !"

ଭଣ୍ଡ ଜାର୍ ସତ କଥା କହିଥିଲା, କିନ୍ତୁ ମୁଁ ତ ଆନୁଗତ୍ୟର ଶପଥ ନେଇଥିଲି । ତାକୁ ଭଙ୍ଗ କରିଥାନ୍ତି କେମିତି ! ତେଣୁ ତାକୁ ନିଶ୍ଚିତିଭରା ସ୍ୱରରେ କହିଲି, ଖାଇବାକୁ ନପାଇ ମରିବା କଥାଟା ହେଉଛି ଏକ ଗୁଜବ । କାରଣ ଓରେନ୍‌ବୁର୍ଗରେ ଯଥେଷ୍ଟ ଖାଦ୍ୟ ସାମଗ୍ରୀ ଗଚ୍ଛିତ ଅଛି ।

ଏଥର ବୃଦ୍ଧ କହିଲା, "ଦେଖୁଛନ୍ତି ତ, ଆପଣଙ୍କ ଆଗରେ କିପରି ମିଛ କଥା କହୁଛି । ସହର ଛାଡ଼ି ଯେଉଁମାନେ ପଳେଇ ଆସିଛନ୍ତି, ସେମାନେ ସମସ୍ତେ ଏକ ମୁଖରେ କହୁଛନ୍ତି ଓରେନ୍‌ବୁର୍ଗରେ ଦୁର୍ଭିକ୍ଷ ଆଉ ମହାମାରୀ ବ୍ୟାପି ଗଲଣି । ଲୋକମାନେ ମଲା ଜୀବଜନ୍ତୁଙ୍କର ମାଂସ ଖାଇବାକୁ ଲାଗିଲେଣି । ତାହା ବି ମିଳୁ ନାହିଁ, ମିଳିଲେ ଲୋକେ ବଞ୍ଚି ଯାଆନ୍ତେ । ଏହି ଅଫିସର ଆଉରି କହୁଛି ଯେ, ସହରରେ ଯଥେଷ୍ଟ ଖାଦ୍ୟ ସାମଗ୍ରୀ ଗଚ୍ଛିତ

ଅଛି । ଆପଣ ଯଦି ଶ୍ୱାବ୍ରିନ୍‌କୁ ଫାଶି ଦେବାକୁ ଚାହାନ୍ତି ତେବେ ସେଇ ଫାଶି ଖୁଣ୍ଟରେ ଏହି ଦୁଃସାହସୀ ଟୋକାକୁ ବି ଟାଙ୍ଗି ଦିଅନ୍ତୁ । ଏ ଦିହେଁ ଆଉ କେହି କାହାକୁ ଈର୍ଷା କରିବେ ନାହିଁ ।"

ଘୃଣ୍ୟ ବୁଢ଼ାର କଥାଟା ପୁଗାଚ୍ଚେଭ୍ ମନରେ ପ୍ରଭାବ ପାତ କରିଛି ବୋଲି ମୋର ମନେ ହେଲା । ମୋର ଭାଗ୍ୟ ଭଲ ଯେ, ଏହି ସମୟରେ ଖ୍ଲୋପୁଶା ତା ସାଙ୍ଗ କଥାରେ ପ୍ରତିବାଦ ଆରମ୍ଭ କରିଦେଲା । କହିଲା :

"ନାଉମିଚ୍, ସେସବୁ କଥା ବନ୍ଦ କର ! ତୁମ କଥା ଶୁଣି ମନେ ହେଉଛି, ପୃଥିବୀର ସମସ୍ତ ଲୋକଙ୍କୁ ଗଳାଟିପି ମାରିଦେଲେ କିମ୍ବା ଫାଶିରେ ଝୁଲେଇଦେଲେ ତୁମେ ଖୁସିହେବ । କେଡ଼େ ମହା ବୀର ପୁରୁଷ ତୁମେ, କୁହ ତ ? ତମକୁ ଦେଖିଲେ ମନେ ହେଉଛି ତୁମେ ଦେହ ଆଉ ପ୍ରାଣକୁ ଅଲଗା ଅଲଗା କରି ରଖିଛ । ଗାତକୁ ତ ଯିବାକୁ ବସିଲଣି ତଥାପି ତମ ମୁଣ୍ଡରେ ଅନ୍ୟକୁ ହତ୍ୟା କରିବା ଛଡ଼ା ଅନ୍ୟ କିଛି ନାହିଁ । ଜୀବନରେ କ'ଣ ତମେ କମ୍ ଲୋକଙ୍କୁ ହତ୍ୟା କଲଣି ?"

"ତୁମେ କ'ଣ ନିଜକୁ ସାଧୁ ବୋଲି ବିଚାର କରୁଛ ?" ବେଲୋବୋରୋଦୋଭ୍ ପ୍ରତିଉତ୍ତର ଦେଲା, "ହଠାତ୍ ତମ ପ୍ରାଣରେ ଦୟା କିପରି ଜାଗ୍ରତ ହୋଇଗଲା କୁହ ତ ?"

"ମୁଁ ଯେ ପାପୀ ତାହା ମୋତେ ଜଣା", ଖ୍ଲୋପୁଶା ଜବାବ ଦେଲା, "ଏହି ହାତରେ (କେହୁଁ କହୁଁ ସେ ଜାମାର ଅସ୍ତିନ୍‌ଟାକୁ ଟାଣି ଦେଇ ତା'ର ହାଡ଼ୁଆ ମୁଠିକୁ ଶକ୍ତ କରିଦେଲା ଏବଂ ଏକ ଲୋମଶ ହାତ ବାହାରି ଆସିଲା ଅସ୍ତିନ୍ ମଧ୍ୟରୁ) ମୁଁ କେତେ ଖ୍ରୀଷ୍ଟିଆନ୍‌ଙ୍କୁ ହତ୍ୟା କରିଛି । କିନ୍ତୁ ଅତିଥିମାନଙ୍କୁ ହତ୍ୟା କରି ନି, ହତ୍ୟା କରିଛି ଶତ୍ରୁମାନଙ୍କୁ । ମୁଁ ମଣିଷକୁ ହତ୍ୟା କରେ ରାସ୍ତାର ଛକମାନଙ୍କରେ, ଗଭୀର ଜଙ୍ଗଲ ଭିତରେ । ମଣିଷ ଘର ମଧ୍ୟରେ ବସି ଚୁଲି ପାଖରେ ବିଶ୍ରାମ ନେଲା ବେଳେ ମୁଁ ତାକୁ ହତ୍ୟା କରି ନାହିଁ । ମୁଁ ହତ୍ୟା କରିଛି ବାଡ଼ି ଆଉ କୁରାଢ଼ି ଦେଇ, ବୁଢ଼ୀ ମାଇପିଙ୍କ ଭଳି ନିନ୍ଦା-ଚୁଗୁଲି କରି ନୁହେଁ ।"

ବୁଢ଼ା ବିଡ଼ିବିଡ଼ି ହୋଇ ମୁହଁ ବୁଲେଇ ନେଇ କହିଲା, "କଟାନାକିଆ !.."

"କ'ଣ ବିଡ଼ିବିଡ଼ି ହୋଇ କହୁଛୁ, ବୁଢ଼ା ମୂଷା ?" ଖ୍ଲେପୁଶା ଚିତ୍କାର କରି ଉଠିଲା, "ଅପେକ୍ଷା କର, କଟାନାକିଆ କାହାକୁ କହନ୍ତି ତତେ ଦେଖେଇ ଦେବି । ତୋ ପାଳି ବି ପଡ଼ିବ । ଭଗବାନ କରନ୍ତୁ, ତୁ ବି ଚିମୁଟାର ଗନ୍ଧ କେମିତି ଲାଗେ ଅନୁଭବ କରି ପାରିବୁ...। ସେଇ ଦିନଟି ନ ଆସିଲା ଯାଏ ଟିକେ ଭାବିଚିନ୍ତି ଚାଲ, ନହେଲେ ତୋ ଦାଢ଼ିକୁ ଉପାଡ଼ି ଦେବି କହୁଛି !"

"ସେନାପତିମାନେ, ଝଗଡ଼ା ବନ୍ଦ କରନ୍ତୁ !" ପୁଗାଚେଭ୍ ଏକ ରାଜକୀୟ ଢଙ୍ଗରେ ଘୋଷଣା କଲା, "ଓରେନ୍‌ବୁର୍ଗର କୁକୁରଗୁଡ଼ାଙ୍କୁ ଯଦି ଏକାଠି ଫାଶି ମଞ୍ଚରେ ଝୁଲେଇ ଦିଆଯାଏ, ତେବେ ସେଥିରେ କିଛି ହେବ ନାହିଁ। କିନ୍ତୁ ଆମ ଏଠାକାର କୁକୁରମାନେ ଯଦି କାମୁଡ଼ାକାମୁଡ଼ି ହୁଅନ୍ତି, ତେବେ କ୍ଷତି ହେବ । ଅନେକ ହୋଇଗଲାଣି, ଏଥର ମେଣ୍ଟମାଣ୍ଟ କରି ନିଅନ୍ତୁ !"

ଖ୍ଲେପୁଶା ଓ ବେଲୋବୋରୋଦୋଭ୍ ମୁହଁକୁ ଫୁଲାଇ ପରସ୍ପରକୁ ଚାହିଁ ରହିଲେ । ମୁଁ ବୁଝି ପାରିଲି, କଥାବାର୍ତ୍ତାର ମୋଡ଼ଟା ବଦଳେଇ ଦେବାକୁ ହେବ । ଏହିଭଳି ହେବାକୁ ଦେଲେ ମୋ ପକ୍ଷରେ ଅସୁବିଧାଜନକ ହୋଇ ପଡ଼ିବ ବୋଲି ମୋର ଆଶଙ୍କା ହେଲା । ପୁଗାଚେଭ୍ ଆଡ଼କୁ ଚାହିଁ ଆନନ୍ଦଭରା ସ୍ୱରରେ କହିଲି, "ଓ ! ମୁଁ ଭୁଲିଯାଇଥିଲି, ମେଣ୍ଢା ଚମଡ଼ାର କୋଟ୍ ଆଉ ଘୋଡ଼ାଟି ପାଇଁ ଆପଣଙ୍କୁ ଧନ୍ୟବାଦ ଜଣାଇବାକୁ । ଆପଣଙ୍କ ସାହାଯ୍ୟ ନ ପାଇଥିଲେ ଏ ସହରରେ ପହଞ୍ଚି ପାରି ନଥାନ୍ତି । ଶୀତରେ କାଲୁଆମାରି ଯାଇ ରାସ୍ତାରେ ମରିଯାଇଥାନ୍ତି ।"

ମୋର ଏହି ଚାଲକି କାମ ଦେଲା । ପୁଗାଚେଭ୍‌କୁ ଭଲ ଲାଗିଲା ମୋ କଥା । ଆଖି ମିଟିକା ମାରି ସେ କହିଲା, "ଭଲ କାମ କଲେ ଭଲ ଫଳ ମିଳିଥାଏ । ଏଥର କୁହ, ଶ୍ୱାବ୍ରିନ୍ ଯେଉଁ ଝିଅଟି ଉପରେ ଦୁର୍ବ୍ୟବହାର କରୁଛି ସେ ତମର କ'ଣ ହୁଏ ? ଝିଅଟି ତମର ପ୍ରେମିକା ନା କ'ଣ ? ସେଇଆ ତ ?"

"ସେ ମୋର ବାଗ୍‌ଦତ୍ତା", ଅବସ୍ଥା ମୋ ଅନୁକୂଳରେ ଯାଉଥିବାର ଦେଖି ଏବଂ ସତ୍ୟକୁ ଗୋପନ କରିବାର ପ୍ରୟୋଜନୀୟତା ନାହିଁ ବୋଲି ଭାବି ମୁଁ କହି ପକାଇଲି ।

"ତମର ବାଗ୍‌ଦତ୍ତା !" ପୁଗାଚେଭ୍ ପଚାରିଲା, "ସେ କଥା ମୋତେ ଆଗରୁ କହି ନାହଁ କାହିଁକି ? ଆମେ ତମକୁ ବିବାହ ଦେବୁ ଏବଂ ବିବାହ ଭୋଜି ଖାଇବୁ ।" ତା'ପରେ ବେଲୋବୋରୋଦୋଭ୍ ଆଡ଼କୁ ଚାହିଁ କହିଲା, "ଶୁଣ ସେନାଧିନାୟକ ! ଆମେ ଦିହେଁ ହେଉଛୁ ପୁରୁଣା ବନ୍ଧୁ । ଆସ ଏଥର ଆମେ ସମସ୍ତେ ମିଳି ରାତ୍ରିଭୋଜନ କରିବା । ସକାଳ ହେଲେ ବୁଦ୍ଧି ଦେଖାଯାଏ । କାଲି ସକାଳେ ଠିକ୍ କରିବା କ'ଣ କରିବାକୁ ହେବ ।"

ମୋ ପ୍ରତି ଯେଉଁ ସମ୍ମାନ ପ୍ରଦର୍ଶନ କରାଗଲା ସେଥିରେ ରାଜି ନ ହୋଇଥିଲେ ମୁଁ ଖୁସି ହୋଇଥାନ୍ତି । କିନ୍ତୁ ରାଜି ନ ହେବାର ଉପାୟ ନଥିଲା । ଦୁଇଟି କସାକ୍ ଯୁବତୀ – ସେଇ ଘରର ମାଲିକଙ୍କ ଦୁଇ ଝିଅ – ଟେବୁଲ ଉପରେ ସଫେଦ ଚାଦର ପାତି ଦେଇ ନେଇ ଆସିଲେ ରୁଟି, ମାଛ ଝୋଳ, କେଇ ବୋତଲ ଭୋଦ୍‌କା ଆଉ ବିଅର । ଘଟଣା ଚକ୍ରରେ ପଡ଼ି ମୋତେ ପୁଗାଚେଭ୍ ଏବଂ ତା'ର ସେଇ ଦୁର୍ଦ୍ଦାନ୍ତ ସାଥୀମାନଙ୍କ ସହିତ ଟେବୁଲରେ ବସି ପୁଣି ପାନାହାର କରିବାକୁ ପଡ଼ିଲା ।

ପାନାହାର ଆମୋଦ ପ୍ରମୋଦ ଚାଲିଲା ଅନେକ ରାତ୍ରି ଯାଏଁ । ମୁଁ ଥିଲି ସେଥିରେ ଅନିଚ୍ଛୁକ ଦର୍ଶକ ଭଳି । ଶେଷକୁ ମୋ ସାଙ୍ଗମାନେ ମଦ ନିଶାରେ ଚୁର୍ ହୋଇ ପଡ଼ିଲେ । ପୁଗାଚେଭ୍ ଚୌକିରେ ବସି ଢୋଳେଇବାରେ ଲାଗିଥାଏ । ଏହି ସମୟରେ ତା ସାଙ୍ଗମାନେ ଉଠି ପଡ଼ି ମୋତେ ବାହାରି ଯିବାକୁ ଇଙ୍ଗିତ ଦେଲେ । ଘର ମଧ୍ୟରୁ ଚାଲି ଆସି ମୁଁ ସେମାନଙ୍କ ସହିତ ଚାଲିଲି । ଖ୍ଲେପୁଶାର ନିର୍ଦ୍ଦେଶରେ ମୋତେ ଦ୍ୱାର ରକ୍ଷୀମାନେ ସଦର ଦପ୍ତରକୁ ନେଇଗଲେ । ସାଭେଲିଚ୍ ସେଇଠି ଥାଏ । ଆମ ଦିଜଣଙ୍କୁ ରାତିସାରା ସେଇଠି ତାଲା ବନ୍ଦ କରି ରଖାଗଲା । ବୁଢ଼ା ଘଟଣାବଳୀ ଦ୍ୱାରା ଏତେ ଚକିତ ହୋଇପଡ଼ିଥିଲା ଯେ, ମୋତେ କିଛି ପଚାରିଲା ନାହିଁ । ଅନ୍ଧାର ମଧ୍ୟରେ ଶୋଇ ଶୋଇ ଅନେକ ସମୟ ଯାଏ ସେ ଦୀର୍ଘଶ୍ୱାସ ମାରୁଥାଏ ଏବଂ ହାଉଳୁ ମାଉଳୁ ହେଉଥାଏ । ଶେଷକୁ ଦେଖିଲି ନିଦରେ ଘୁଙ୍ଗୁଡ଼ି ମାରୁଛି । ମୁଁ ଏତେ ଚିନ୍ତା ମଧ୍ୟରେ ବୁଡ଼ି ଯାଇଥିଲି ଯେ, ରାତିସାରା ଆଖିକୁ ମୋର ନିଦ ଆସିଲା ନାହିଁ ।

ତହିଁଆରଦିନ ସକାଳେ ପୁଗାଶ୍ଚେଭ୍ ମୋତେ ଡାକି ପଠାଇଲା । ତା ପାଖକୁ ଗଲି । ଫାଟକ ଆଗରେ ଗୋଟିଏ ସ୍ଲେଜ୍‌ଗାଡ଼ି ଥୁଆ ହୋଇଥାଏ ଏବଂ ସେଥିରେ ତିନିଟା ତାତାର ଘୋଡ଼ା ଯୋଖା ହୋଇଥାନ୍ତି । ରାସ୍ତାରେ ଲୋକମାନଙ୍କର ଗହଳି । ଅଳିନ୍ଦରେ ପୁଗାଶ୍ଚେଭ୍ ସହିତ ମୋର ଦେଖା ହେଲା । ଦେହରେ ଫର୍ ଧଡ଼ିଦିଆ କୋଟ୍ , ମୁଣ୍ଡରେ କିର୍‌ଘିଜ୍ ଟୋପି – ଭ୍ରମଣ ପାଇଁ ଉପଯୁକ୍ତ ପୋଷାକ ପିନ୍ଧିଥାଏ । ଗତ ରାତ୍ରିରେ ତା'ର ସାଥୀମାନେ ତାକୁ ଏପରି ଆନୁଗତ୍ୟ ଭାବ ନେଇ ଘେରି ରହିଥିଲେ ଯେ , ସେ ଦୃଶ୍ୟ ସହିତ ଏ ଦୃଶ୍ୟର କୌଣସି ମେଳ ନଥିଲା । ହସହସ ମୁହଁରେ ମୋତେ ସମ୍ଭାଷଣ ଜଣାଇଲା ପୁଗାଶ୍ଚେଭ୍ ଏବଂ ତା'ପରେ ସ୍ଲେଜ୍‌ଗାଡ଼ିରେ ବସିବା ପାଇଁ ଆମନ୍ତ୍ରଣ କଲା ।

ଗାଡ଼ିରେ ଆମେ ଦିହେଁ ବସିଲୁ । ଜଣେ ପ୍ରଶସ୍ତ କାନ୍ଧ ତାତାର ଲୋକ ଘୋଡ଼ା ତିନିଟାକୁ ଚଳେଇବା ପାଇଁ ଛିଡ଼ା ହୋଇଥାଏ । ପୁଗାଶ୍ଚେଭ୍ ତାକୁ ନିର୍ଦ୍ଦେଶ ଦେଲା , "ବେଲୋଗୋର୍ସ୍କି ଗଡ଼କୁ ଚାଲ !" ଏଥର ମୋ ହୃତ୍‌ସ୍ପନ୍ଦନ ଖୁବ୍ ଦ୍ରୁତ ବଢ଼ିଯିବାକୁ ଲାଗିଲା । ଟଂଟଂ ଶବ୍ଦ କରି ଘୋଡ଼ାମାନେ ଦୌଡ଼ିବାକୁ ଆରମ୍ଭ କରିଦେଲେ । ବରଫ ଉପରେ ଉଡ଼ିଲା ଭଳି ଛୁଟି ଚାଲିଲା ସ୍ଲେଜ୍‌ଟି ... ।

"ରହନ୍ତୁ ! ରହନ୍ତୁ !" କିଏ ଜଣେ ଡାକ ପକାଇଲା ପଛ ପଟୁ । ସେ ସ୍ୱରଟି ମୋର ଅତି ପରିଚିତ । ଦେଖିଲି ସାଭେଲିଚ୍ ଆମ ଆଡ଼କୁ ଧାଇଁ ଧାଇଁ ଆସୁଛି । ପୁଗାଶ୍ଚେଭ୍ ହୁକୁମ୍ ଦେଲା ଗାଡ଼ି ରୋକିବାକୁ । ସାଭେଲିଚ୍ କହିଲା , "ହଜୁର , ମତେ ଆଉ ଏ ବୁଢ଼ା ବୟସରେ ଛାଡ଼ି ଯାଆନ୍ତୁ ନାହିଁ ସେ ବଦମା ... ।" ପୁଗାଶ୍ଚେଭ୍ କହିଲା , "ଆରେ ତୁ ସେଇ ବୁଢ଼ା ମୂଷା ! ଭଗବାନଙ୍କ ଦୟାରୁ ପୁଣି ଦେଖା ହୋଇଗଲା । ଆ , ସେ କୋଚ୍‌ମ୍ୟାନ୍ ପାଖରେ ବସିପଡ଼ ।"

"ଅଶେଷ ଧନ୍ୟବାଦ ହଜୁର" , ଯଥାସ୍ଥାନରେ ବସି ପଡ଼ି ସାଭେଲିଚ୍ ବଡ଼ ପାଟିରେ କହିଲା , "ଆପଣ ମୋର ତ୍ରାଣକର୍ତ୍ତା , ଆପଣଙ୍କୁ ଅଶେଷ ଧନ୍ୟବାଦ ! ଏ ବୁଢ଼ା ଲୋକଟାକୁ ଆପଣ ଦୟା ଦେଖାଇଥିବାରୁ ଭଗବାନ

ଆପଣଙ୍କୁ କୋଟି ପରମାୟୁ ଦିଅନ୍ତୁ । ଜୀବନ ସାରା ମୁଁ ଆପଣଙ୍କ ମଙ୍ଗଳ ପାଇଁ ପ୍ରାର୍ଥନା କରିଯିବି । ଆଉ କେବେ ଆପଣଙ୍କୁ ସେ ଠେକୁଆ ଚମଡ଼ା କୋଟ୍ କଥା କହିବି ନାହିଁ ।"

ଠେକୁଆ ଚମଡ଼ା କୋଟ୍ କଥା ଶୁଣି ପାରିଥିଲେ ପୁଗାଶ୍ଚେଭ୍ ନିଶ୍ଚୟ ହୁଏତ ରାଗି ଉଠିଥାନ୍ତା । କିନ୍ତୁ ସୌଭାଗ୍ୟକୁ ସେ ସାଭେଲିଚ୍ କଥା ଶୁଣି ପାରିନି କିମ୍ବା ଏହି ଅସଙ୍ଗତ ଇଙ୍ଗିତଟାକୁ ବେଖାତିର କରିଛି । କଦମ୍ ପକାଇ ଘୋଡ଼ାମାନେ ଛୁଟି ଚାଲିଥାନ୍ତି , ଲୋକମାନେ ରାସ୍ତାରେ ଛିଡ଼ା ହୋଇପଡ଼ି ନତମସ୍ତକ ହୋଇ ପ୍ରଣାମ କରୁଥାନ୍ତି । ପୁଗାଶ୍ଚେଭ୍ ମୁଣ୍ଡ ହଲାଇ ରାସ୍ତାର ଦୁଇ ପାର୍ଶ୍ୱର ଲୋକମାନଙ୍କୁ ଅଭିବାଦନ ଜଣାଉଥାଏ । କିଛି କ୍ଷଣ ମଧ୍ୟରେ ଆମେ ଗାଁ ବାହାରକୁ ଚାଲି ଆସିଲୁ । ମସୃଣ ସଡ଼କ ଉପରେ ଆମ ସ୍ଲେଜ୍‌ଗାଡ଼ିଟି ଛୁଟି ଚାଲିଲା ।

ଏହି ମୁହୂର୍ତ୍ତରେ ମୋ ମନୋଭାବ କେମିତି ଥିବ ଆପଣମାନେ ସହଜରେ ଅନୁମାନ କରି ପାରୁଥିବେ । ଆଉ କେଇ ଘଣ୍ଟା ପରେ ତା ସହିତ ମୋର ଦେଖା ହେବ , ଯାହାକୁ ସବୁଦିନ ପାଇଁ ହରେଇ ବସିଛି ବୋଲି ଭାବୁଥିଲି । ସେଇ ମିଳନର ମୁହୂର୍ତ୍ତଟି କଥା ମନେ ମନେ ଆଙ୍କିବାକୁ ଚେଷ୍ଟା କଲି ... ଏବଂ ଯେଉଁ ଲୋକଟି ଉପରେ ମୋ ଭାଗ୍ୟ ନିର୍ଭର କରୁଛି ତା କଥା ମଧ୍ୟ ଚିନ୍ତା କଲି । କେତେକ ଅସ୍ୱାଭାବିକ ଘଟଣାରେ ଦେଖା ହୋଇଥିବା ଏହି ଲୋକଟି ସହିତ ମୋର ଏକ ରହସ୍ୟଜନକ ସଂପର୍କ ଗଢ଼ିଉଠିଛି । ମନେ ପଡ଼ିଗଲା ତା'ର ବେପରୁଆ ନିଷ୍ଠୁରତା , ରକ୍ତପିପାସୁ ଅଭ୍ୟାସରାଜି କଥା । ସିଏ ପୁଣି ମୋ ପ୍ରେମିକାର ତ୍ରାଣକର୍ତ୍ତା ହେବାକୁ କହିଛି ! ପୁଗାଶ୍ଚେଭ୍ ଜାଣେ ନି ସେ କ୍ୟାପ୍‌ଟେନ୍‌ଙ୍କ କନ୍ୟା ବୋଲି । ଶ୍‌ଭାବ୍ରିନ୍ ହୁଏତ ହତାଶ ହୋଇ ତା'ର ପ୍ରକୃତ ପରିଚୟ ପ୍ରକାଶ କରିଦେବ । କିମ୍ବା ଅନ୍ୟ କୌଣସି ଉପାୟରେ ପୁଗାଶ୍ଚେଭ୍ ବି ତା ପରିଚୟ ଜାଣିପାରେ ... । ତା ଯଦି ହୁଏ ତେବେ ମାରିୟା ଇଭାନୋଭ୍‌ନାର କପାଳରେ କ'ଣ ଘଟିବ କିଏ କହିପାରେ ? ମୋର ମେରୁହାଡ଼ ମଧ୍ୟ ଦେଇ ଏକ ହିମପ୍ରବାହ ପ୍ରବାହିତ ହୋଇଗଲା ଏବଂ ଦେହର ଲୋମରାଶି ଟାଙ୍କୁରି ଉଠିଲା ... ।

"କ'ଣ ଭାବୁଛ ?" ଏହି ପ୍ରଶ୍ନଟି ପୁଗାଚ୍ଛେଭ୍ ପଚାରି ମୋ ଭାବନାରେ ବାଧା ଦେଲା ।

"ମୋର କ'ଣ ଭାବନାର ଶେଷ ଅଛି ?" ମୁଁ ତାକୁ କହିଲି, "ମୁଁ ହେଉଛି ସେନାବାହିନୀର ଜଣେ ଅଫିସର ଏବଂ ଏକ ସମ୍ଭ୍ରାନ୍ତ ବଂଶରେ ଜନ୍ମ । କାଲି ମୁଁ ଆପଣଙ୍କ ସହିତ ଲଢ଼େଇ କରୁଥିଲି ଏବଂ ଆଜି ପୁଣି ଏକା ଗାଡ଼ିରେ ଆପଣଙ୍କ ପାଖରେ ବସି ଯାଉଛି । ମୋ ସାରା ଜୀବନର ସୁଖ ନିର୍ଭର କରୁଛି ଆପଣଙ୍କ ଉପରେ ।"

"ସେଥିରେ କ'ଣ ଅଛି ?" ପୁଗାଚ୍ଛେଭ୍ କହିଲା, "ତମକୁ ଭୟ ଲାଗୁଛି ନା କ'ଣ ?"

ପୁଗାଚ୍ଛେଭ୍ ପ୍ରଶ୍ନର ଉତ୍ତର ଦେଇ ମୁଁ କହିଲି, ସିଏ ଯେତେବେଳେ ମୋତେ ଥରେ କ୍ଷମା ଦେଇଛି, ମୋର ଆଶା, ସିଏ କେବଳ ମୋତେ ପୁଣି କ୍ଷମା ଦେବ ନି, ସାହାଯ୍ୟ ମଧ୍ୟ କରିବ ।

"ଠିକ୍ କଥା କହିଛ, ଏକେବାରେ ଠିକ୍ କଥା !" ନକଲି ଜାର୍ କହି ଉଠିଲା, "ତୁମେ ତ ଦେଖିଲ ମୋ ଲୋକମାନେ ତମକୁ କେମିତି ଦେଖୁଥିଲେ । ଆଜି ପୁଣି ସେ ବୁଢ଼ାଟା ହଲପ କରି କହୁଥିଲା ଯେ, ତମେ ହେଉଛ ଗୁପ୍ତଚର, ତେଣୁ ତମକୁ ଦଣ୍ଡ-ଯନ୍ତ୍ରଣା ଦେଇ ଫାଶି ଖୁଣ୍ଟରେ ଝୁଲାଇବା ଦରକାର ।" ସାଭେଲିଚ୍ ଏବଂ ତାତାର ଲୋକଟି ଯେପରି ନଶୁଣି ପାରନ୍ତି, ସେ ଗଳା ନୁଆଁଇ କହିଲା, "କିନ୍ତୁ ମୁଁ ସେଥିରେ ରାଜି ହୋଇ ନି । ତୁମେ ମୋତେ ଯେଉଁ ଗ୍ଲାସେ ଭୋଦ୍‌କା ଆଉ ଠେକୁଆ ଚମଡ଼ାର କୋଟ୍ ଦେଇଥିଲ, ତାହା ମୁଁ ଭୁଲି ପାରି ନି । ଦେଖୁଛ ତ, ତମ ଲୋକ ମୋତେ ଯେଉଁ ରକ୍ତପିପାସୁ ଦାନବ ବୋଲି କହନ୍ତି, ମୁଁ ତାହା ନୁହେଁ ।"

ବେଲୋଗୋର୍ସ୍କ ଗଡ଼ ଅଧିକାର କଲା ସମୟର ଦୃଶ୍ୟ ମୋ ଆଖି ଆଗରେ ନାଚି ଉଠିଲା, କିନ୍ତୁ ପୁଗାଚ୍ଛେଭ୍ କଥାର ପ୍ରତିବାଦ କରିବା ଯୁକ୍ତିଯୁକ୍ତ ହେବ ନାହିଁ ବୋଲି ଭାବି ମୁଁ ନିରବ ରହିଗଲି ।

ପୁଗାଚ୍ଛେଭ୍ କିଛି କ୍ଷଣ ଚୁପ୍ ରହିଯାଇ ପୁଣି ମୋତେ ପଚାରିଲା, "ଆଚ୍ଛା, ଓରେନ୍‌ବୁର୍ଗର ଲୋକେ ମୋ ବିଷୟରେ କ'ଣ କହୁଛନ୍ତି ?"

"ସେମାନେ କହନ୍ତି ଆପଣଙ୍କୁ ଦମନ କରିବାଟା ଏତେ ସହଜ କଥା ନୁହେଁ । ଆପଣ ସମସ୍ତଙ୍କୁ ବାଧ୍ୟ କରିଛନ୍ତି ନିଜ ସଂପର୍କରେ ସଜାଗ ହୋଇ ଉଠିବାକୁ ।"

ଭଣ୍ଡ ଜାର୍‌ର ମୁଖମଣ୍ଡଳରେ ଏକ ସନ୍ତୋଷଭରା ଆତ୍ମଗର୍ବର ଭାବ ଚହଟି ଉଠିଲା । ଆନନ୍ଦରେ ସେ କହି ଉଠିଲା, "ହଁ, ଠିକ୍ କହିଛ । କେମିତି ଲଢ଼େଇ କରିବାକୁ ହୁଏ ମୁଁ ଜାଣିଛି । ୟୁଜେୟେଭାରେ (୪୪) ଯେଉଁ ଯୁଦ୍ଧ ହୋଇଥିଲା ଓରେନ୍‌ବୁର୍ଗର ଲୋକେ କ'ଣ ସେ ବିଷୟରେ ଜାଣିଛନ୍ତି ? ଚାଳିଶ ଜଣ ଜେନେରାଲ ପ୍ରାଣ ଦେଇଥିଲେ, ଚାରି ଚାରିଟା ବାହିନୀ ଯୁଦ୍ଧ ବନ୍ଦୀ ହୋଇଥିଲେ । ତମେ କ'ଣ ଭାବୁଛ ? ପ୍ରୁସିଆର ରାଜା କ'ଣ ମୋ ବିରୁଦ୍ଧରେ ଛିଡ଼ା ହୋଇ ପାରିବ ?"

ବଦମାସଟାର ସ୍ପର୍ଦ୍ଧା ଦେଖି ମୋତେ କୌତୁକ ଲାଗିଲା ।

"ଆପଣ ନିଜେ ସେ ସଂପର୍କରେ କ'ଣ ଭାବୁଛନ୍ତି ?" ତାକୁ ପ୍ରଶ୍ନ କଲି । "ଫ୍ରେଡେରିକ୍‌ଙ୍କୁ ଆପଣ କ'ଣ ହଟେଇ ଦେଇ ପାରିବେ ?"

"ଫିଓଦର ଫିଓଦୋରୋଭିଚ୍‌ଙ୍କୁ ? (୪୫) କାହିଁକି ପାରିବି ନାହିଁ ? ତମର ଯେଉଁ ଜେନେରାଲମାନଙ୍କୁ ମୁଁ ଭଗେଇ ଦେଇଥିଲି ସେଇମାନେ ତାକୁ ହରେଇ ଦେଇଥିଲେ । ଆଜି ଯାଏ କୌଣସି ଯୁଦ୍ଧରେ ମୁଁ ହାରି ନାହିଁ । ଆଉ କିଛି ଦିନ ଅପେକ୍ଷା କର, ଦେଖିବ ମୁଁ କିପରି ମସ୍କୋ ଉପରେ ଚଢ଼ଉ କରିବି !"

"ଆପଣ କ'ଣ ମସ୍କୋ ଅଭିଯାନ କରିବାକୁ ଭାବୁଛନ୍ତି ?"

ଭଣ୍ଡ ଜାର୍ କିଛି ସମୟ ପାଇଁ ଭାବିବାକୁ ଲାଗିଲା । ତା'ପରେ ଅନୁଚ୍ଚ ସ୍ୱରରେ କହିଲା :

"ଭଗବାନଙ୍କୁ ହିଁ ଜଣା ! ମୋ ପଥ ସଂକୀର୍ଣ୍ଣ, ତା'ର ବିସ୍ତୃତି ବେଶି ନୁହେଁ । ମୋ ସୈନ୍ୟମାନଙ୍କ ମୁଣ୍ଡରେ ନାନା ରକମର ଚିନ୍ତା ଭାବନା ଖେଳୁଛି । ସେସବୁ ହେଉଛନ୍ତି ଚୋର ଦଳ । ସେମାନଙ୍କ ପ୍ରତି ସବୁବେଳେ ମୋତେ ସାବଧାନ ରହିବାକୁ ପଡ଼ୁଛି । ମୋର ପ୍ରଥମ ପରାଜୟଟି ଘଟିଲେ ସେମାନେ ମୋ ମୁଣ୍ଡ କାଟି ନିଜ ମୁଣ୍ଡ ବଞ୍ଚେଇବେ ।"

"ଠିକ୍ କହିଛନ୍ତି ଆପଣ !" ମୁଁ ପୁଗାଚେଭ୍‌କୁ କହିଲି, "ତା ଅପେକ୍ଷା ବେଳ ଥାଉଁ ଥାଉଁ ସେମାନଙ୍କଠାରୁ ଦୂରେଇ ଆସି ସମ୍ରାଜ୍ଞୀଙ୍କ ନିକଟରେ କ୍ଷମା ଭିକ୍ଷା କଲେ କ'ଣ ଭଲ ହେବ ନାହିଁ ?"

ମୁହଁରେ ତିକ୍ତ ହସ ଫୁଟାଇ ପୁଗାଚେଭ୍ କହିଲା :

"ନା, ଅନୁତାପ କରିବାର ସମୟ ଅନେକ ବିଳମ୍ବ ହୋଇଗଲାଣି । ମୋତେ ଆଉ କ୍ଷମା ମିଳିବ ନାହିଁ । ଯେଉଁ ପଥରେ ମୁଁ ଗୋଡ଼ ଦେଇଛି ସେଇ ପଥରେ ମୋତେ ଆଗେଇ ଯିବାକୁ ହେବ । କିଏ ଜାଣେ ? ମୁଁ ହୁଏତ ସଫଳ ହୋଇପାରେ ! ଗ୍ରିଶ୍‌କା ଓଟ୍ରେପ୍ୟେଭ୍ ତ ପୁଣି ମସ୍କୋରେ ରାଜତ୍ୱ କରି ପାରିଥିଲା ।"

"ତା'ର ପରିଣତି କ'ଣ ହୋଇଥିଲା ଆପଣ ଜାଣିଛନ୍ତି ତ ? ତାକୁ ଝରକାବାଟେ ଫିଙ୍ଗି ଦିଆଯାଇଥିଲା ଏବଂ ତା ମୁଣ୍ଡକୁ କାଟି ତାକୁ ଜଳେଇ ଦିଆଗଲା । ତା'ପରେ ସେ ପାଉଁଶକୁ ତୋପ ଭିତରେ ଭରି ପବନରେ ଉଡ଼େଇ ଦିଆଯାଇଥିଲା !"

"ତେବେ ଶୁଣ", ଏକ ଅରଣା ଅନୁପ୍ରେରଣାରେ ଉଦ୍‌ବେଳିତ ହୋଇ ପୁଗାଚେଭ୍ କହିଲା, "ମୋ ପିଲାବେଳେ ମୋତେ ଏକ କାଲ୍‌ମିକ୍ ବୁଢ଼ୀ ଗୋଟିଏ ଗପ କହିଥିଲା । ସେଇ ଗପଟି ମୁଁ ତୁମକୁ କହିବି । ଥରେ ଗୋଟିଏ ବାଜପକ୍ଷୀ ଗୋଟିଏ କୁଆକୁ ପଚାରିଲା, 'ଆରେ କୁଆ, ତୁ ତ ଏ ପୃଥିବୀରେ ତିନି ଶହ ବର୍ଷ ଯାଏ ବଞ୍ଚୁ, ମୁଁ କିନ୍ତୁ ମାତ୍ର ତେତିଶ ବର୍ଷ ବଞ୍ଚିବି—ଏହା କିମିତି ସମ୍ଭବ କହିବୁ କି ?' କୁଆ ଉତ୍ତର ଦେଲା, 'ପ୍ରଭୁ ଏହାର କାରଣ ହେଲା, ଆପଣ ଜୀବନ୍ତ ପ୍ରାଣୀର ରକ୍ତ ପାନ କରନ୍ତି, ମୁଁ ମଲା ଜୀବଜନ୍ତୁଙ୍କ ମାଂସ ଖାଏ ।' କୁଆ କଥା ଶୁଣି, ବାଜପକ୍ଷୀ ମନେ ମନେ ଚିନ୍ତା କରି କହିଲା 'ଠିକ୍ ଅଛି, ତୁ ଯାହା ଖାଉଛୁ ମୁଁ ସେଇଆ ଖାଇବି !' ବାଜପକ୍ଷୀ ଆଉ କୁଆ ତା'ପରେ ଏକାଠି ଉଡ଼ି ଚାଲିଲେ । ଯାଉଁ ଯାଉଁ ଦେଖିଲେ ଗୋଟାଏ ମୃତ ଘୋଡ଼ା ପଡ଼ିଛି । ଦିଇଜଣ ଯାକ ତଳକୁ ଓହ୍ଲାଇ ଆସି ଘୋଡ଼ାର ମାଂସକୁ ଖୁମ୍ପିବାକୁ ଲାଗିଲେ । କୁଆଟି ଥଣ୍ଡରେ ଥରେ ଖୁମ୍ପିଦେଇ କହିଲା, 'ଆହା, କି ଚମତ୍କାର ମାଂସ !' ବାଜପକ୍ଷୀ ଥଣ୍ଡରେ ଥରେ ଖୁମ୍ପିଲା, ଦିଇ ଥର ଖୁମ୍ପିଲା, ତା'ପରେ ଡେଣାକୁ ଝାଡ଼ି କୁଆକୁ କହିଲା, 'ଦେଖ୍, କୁଆ ଭାଇ, ମଲା ଜନ୍ତୁର ମାଂସ ଖାଇ ତିନିଶହ ବର୍ଷ ବଞ୍ଚିବା ଅପେକ୍ଷା ଜୀବନ୍ତ ପ୍ରାଣୀର ରକ୍ତ ଥରେ ମାତ୍ର ପାନ କରି ଭଗବାନଙ୍କ ଉପରେ ନିର୍ଭର କରିବା ଅନେକ ଭଲ ।' କାଲ୍‌ମିକ୍ ସ୍ତ୍ରୀଲୋକଟିର ଗଳ୍ପଟି ତୁମକୁ କିପରି ଲାଗିଲା ?"

"ଖୁବ୍ ସନ୍ଦେହର ଗଳ୍ପଟିଏ !" ମୁଁ କହିଲି, "କିନ୍ତୁ ମୋ ମତରେ ହତ୍ୟା ଆଉ ଲୁଣ୍ଠନ କରି ବଞ୍ଚିବା ତ ମୃତ ପ୍ରାଣୀର ମାଂସକୁ ଖାଇ ବଞ୍ଚିବା ସହିତ ସମାନ ।"

ପୁଗାଚେଭ୍ ଅବାକ୍ ହୋଇ ମୋତେ ଚାହିଁଲା, କିନ୍ତୁ କୌଣସି ଉତ୍ତର ଦେଲା ନାହିଁ । ନିଜ ନିଜର ଚିନ୍ତା ମଧ୍ୟରେ ନିଜକୁ ହଜେଇ ଦେଇ ଉଭୟେ ନିରବ ରହିଲୁ । ତାତାର କୋଚ୍‌ମ୍ୟାନ୍‌ଟି ଏକ ଉଦାସଭରା ରାଗିଣୀରେ ଗୀତ ଗାଉଥାଏ । ପାଖରେ ତା'ର ବସି ଢୋଳଉଥାଏ ସାଭେଲିଚ୍ । ଶୀତ କାଳର ସଫା ମସୃଣ ସଡ଼କ ଉପରେ ଉଡ଼ିଲା ଭଳି ଛୁଟି ଚାଲିଥାଏ ସ୍ଲେଜ୍‌ଗାଡ଼ି ... । ହଠାତ୍ ଆଖି ଆଗରେ ଭାସିଉଠିଲା ଇଆଇକ୍ ନଈର ତୀଖ ତଟଦେଶରେ ଅବସ୍ଥିତ ସେଇ ଗ୍ରାମଟି—ଗ୍ରାମ ଗିର୍ଜାର ଘଣ୍ଟାଲଗା ମିନାର ଆଉ ଖୁଣ୍ଟଦିଆ ବେଢ଼ା । ପନ୍ଦର ମିନିଟ୍ ଖଣ୍ଡ ପରେ ଆମେ ଯାଇ ପ୍ରବେଶ କଲୁ ବେଲ୍ଲୋଗୋର୍ସ୍କ ଗଡ଼ ମଧ୍ୟରେ ।

ଦ୍ୱାଦଶ ପରିଚ୍ଛେଦ

ଅନାଥିନୀ

"ଆମ ଆପେଲ ଗଛର ନାହିଁ
ଫୁଲର ମୁକୁଟ, ନାହିଁ ସବୁଜ ଡାଳ
ଆମ କନ୍ୟାର ନାହିଁ ପିତାମାତା
କିଏ ଗୋ ସଜାଇବ ତାକୁ
କିଏ ଦେବ ଆଶୀର୍ବାଦ ତାରେ ।"

ବିବାହ ସଂଗୀତ (୪୬)

ସ୍ଲେଜ୍‌ଗାଡ଼ି ଆସି ଲଗିଲା ଗଡ଼ନାୟକଙ୍କ ଘର ଆଗରେ । ଗାଡ଼ିଟା ପୁଗାଶ୍ଚେଭ୍‌ର ବୋଲି ଲୋକମାନେ ସ୍ଲେଜ୍‌ର ଘଣ୍ଟି ଶବ୍ଦ ଶୁଣି ଜାଣି ପାରିଲେ । ସମସ୍ତେ ଆସି ଭିଡ଼ ଜମେଇ ଦେଲେ ଆମ ପଛପଟେ । ଶ୍‌ଭାବ୍ରିନ୍ ବାହାରି ଆସିଲା ନକଲି ଜାର୍‌କୁ ଅଭ୍ୟର୍ଥନ ଜଣାଇବା ପାଇଁ । ଦେହରେ ତା'ର କସାକ୍ ପୋଷାକ ପିନ୍ଧିଥାଏ ଏବଂ ଦାଢ଼ି ସବୁ ମୁହଁରେ ଗଜରି ଉଠିଥାଏ । ବିଶ୍ୱାସଘାତକଟା ଅତ୍ୟନ୍ତ ଦାସସୁଲଭ ଆବଭାବ ଦେଖାଇ ନିଜର ଆନନ୍ଦ ଆଉ ଆନୁଗତ୍ୟ ପ୍ରକାଶ କଲା ଏବଂ ପୁଗାଶ୍ଚେଭ୍‌ର ହାତକୁ ଧରି ତଳକୁ ଓହ୍ଲାଇ ଆଣିଲା । ମୋ ଉପରେ ତା'ର ଦୃଷ୍ଟି ପଡ଼ିଗଲା କ୍ଷଣି ଟିକେ ଘାବରିଗଲା ଭଳି ଲାଗିଲା । କିନ୍ତୁ ସଙ୍ଗେ ସଙ୍ଗେ ନିଜକୁ ସମ୍ଭାଳି ନେଇ ମୋ ଆଡ଼କୁ ହାତ ବଢ଼େଇ ଦେଇ କହିଲା, "ତୁମେ ବି ଆମ ସାଙ୍ଗକୁ ଆସିଗଲଣି ? ଆଉରି ଆଗରୁ କରିବାର ଥିଲା !" ମୁଁ ତାକୁ କିଛି ନ କହି ତା ଆଡ଼ୁ ମୁହଁ ବୁଲେଇ ନେଲି ।

ସେହି ପରିଚିତ ଘର ମଧ୍ୟକୁ ପ୍ରବେଶ କଲି । ଅତୀତର ଏକ କରୁଣ ସ୍ମୃତିର ଫଳକ ଭଳି ଗଡ଼ନାୟକଙ୍କ ଡିପ୍ଲୋମାଟି କାନ୍ଥରେ ଝୁଲୁଥାଏ । ଛାତି ଭିତରଟା ମୋର ଥରି ଉଠିଲା ଯନ୍ତ୍ରଣାରେ । ଯେଉଁ ସୋଫା ଉପରେ ବସି

ଇଭାନ୍ କୁଜ୍‌ମିଚ୍ ପ୍ରଗଲ୍‌ଭ ସ୍ତ୍ରୀଙ୍କର କଥା ଶୁଣୁଥିଲେ ଏବଂ ଢୋଳଉଥିଲେ, ସେଇଥିରେ ପୁଗାଶ୍ଚେଭ୍ ବସି ପଡ଼ିଲା । ଶ୍‌ଭାବ୍ରିନ୍ ନିଜେ ପୁଗାଶ୍ଚେଭ୍ ପାଇଁ ନେଇ ଆସିଲା ଭୋଦ୍‌କା । ଗ୍ଲାସ୍‌ରେ ଗ୍ଲାସେ ଭୋଦ୍‌କା ପାନକରି ମୋତେ ଦେଖାଇ ଶ୍‌ଭାବ୍ରିନ୍‌କୁ କହିଲା, "ଏ ମହାମାନ୍ୟଙ୍କୁ ମଧ୍ୟ ସେବା କର ।" ଶ୍‌ଭାବ୍ରିନ୍ ହାତରେ ଟ୍ରେ ନେଇ ଆଗେଇ ଆସିଲା ମୋ ପାଖକୁ । ମୁଁ କିନ୍ତୁ ଦ୍ୱିତୀୟ ଥର ପାଇଁ ତା ଆଡ଼ୁ ପୁଣି ମୁହଁ ଫେରେଇ ନେଲି । ତାକୁ ଦେଖି ମନେ ହେଲା, ସେ ଅସ୍ୱସ୍ତି ବୋଧ କରୁଛି । ତା'ର ସହଜାତ ବୋଧଶକ୍ତି ଦ୍ୱାରା ସେ ବୁଝି ପାରିଥାଏ ଯେ, ପୁଗାଶ୍ଚେଭ୍ ତା ଉପରେ ସନ୍ତୁଷ୍ଟ ନୁହେଁ । ସେ ତାକୁ ଖୋସାମୋଦ କରୁଥାଏ ଏବଂ ବେଳେ ବେଳେ ମୋତେ ସନ୍ଦେହପୂର୍ଣ୍ଣ ଦୃଷ୍ଟିରେ ଚାହୁଁଥାଏ । ଗଡ଼ର ବିଭିନ୍ନ ବିଷୟରେ, ଶତ୍ରୁ ସୈନ୍ୟମାନଙ୍କର ଗୁଜବ ସଂପର୍କରେ ପୁଗାଶ୍ଚେଭ୍ ଖବର ନେଉଥାଏ । ତା'ପରେ ହଠାତ୍ ସେ ପଚାରିଲା, "ଆଚ୍ଛା, ଯେଉଁ ଯୁବତୀଟିକୁ ତମେ ବନ୍ଦୀ କରି ରଖିଛ ସେ କିଏ ? ତାକୁ ମୋତେ ଦେଖାଅ ତ ।"

ଶ୍‌ଭାବ୍ରିନ୍‌ର ମୁଖମଣ୍ଡଳ ମଲା ମଣିଷ ପରି ଫିକା ପଡ଼ିଗଲା ।

"ତାକୁ ତ ମୁଁ ବନ୍ଦୀ କରି ରଖି ନି, ହଜୁର !" ଥଙ୍ଗଥଙ୍ଗ ହୋଇ ସେ କହିଲା, "ସେ ଅସୁସ୍ଥ । ନିଜ ଘରେ ସେ ଅଛି ।"

"ତା ପାଖକୁ ମୋତେ ନେଇ ଚାଲ", ନକଲି ଜାର୍ ଛିଡ଼ା ହୋଇ ପଡ଼ି କହିଲା । ଶ୍‌ଭାବ୍ରିନ୍ ପକ୍ଷରେ ଏହି କଥା ଅମାନ୍ୟ କରିବା ସମ୍ଭବ ନଥିଲା । ପୁଗାଶ୍ଚେଭ୍‌କୁ ସେ ପଥ କଢ଼ାଇ ନେଇଗଲା ମାରିୟା ଇଭାନୋଭ୍‌ନାର ଶୟନ କକ୍ଷ ଆଡ଼କୁ । ସେମାନଙ୍କ ପଛେ ପଛେ ମୁଁ ଚାଲିଲି ।

ଶିଡ଼ି ପାଖରେ ଅଟକି ଯାଇ ଶ୍‌ଭାବ୍ରିନ୍ କହିଲା :

"ହଜୁର, ଆପଣ ମୋତେ ଯେକୌଣସି କାମ କରିବା ପାଇଁ ହୁକୁମ ଦେଇ ପାରନ୍ତି, କିନ୍ତୁ ଜଣେ ବାହାର ଲୋକକୁ ମୋ ସ୍ତ୍ରୀର ଘର ମଧ୍ୟକୁ ପ୍ରବେଶ କରିବାକୁ ଦିଅନ୍ତୁ ନାହିଁ ।"

ଦାରୁଣ ଆତଙ୍କରେ ମୋର ଆପାଦମସ୍ତକ କଂପି ଉଠିଲା ।

12—1030

ମୁଁ ଚିତ୍କାର କରିଉଠିଲି, "ତୁ କ'ଣ ବିବାହ କରି ନେଲୁଣି ?" ସେଇ ମୁହୂର୍ତ୍ତରେ ଲୋକଟାକୁ ଟିକିଟିକି କରି କାଟି ପକାଇବାକୁ ପ୍ରସ୍ତୁତ ହୋଇ ଯାଇଥିଲି ।

"ଚୁପ୍ କର !" କହି ପୁଗାଚେଭ୍ ମୋତେ ବାଧା ଦେଲ । "ମୁଁ ସେ କଥା ବୁଝିବି । ଆଉ ତମେ (ସେ ଶ୍ଭାବ୍ରିନ୍‌କୁ ସମ୍ବୋଧନ କରି କହିଲା) ସେସବୁ ଗୁଲକି ଆଉ ବାହାନା ରଖିଦିଅ । ସେ ତମର ସ୍ତ୍ରୀ ହେଉ ବା ନହେଉ, ଯାହାକୁ ପାରି ତାକୁ ମୁଁ ତା ପାଖକୁ ନେଇଯିବି । ତୁମେ ମୋ ସାଙ୍ଗରେ ଆସ !"

ଶୟନ କକ୍ଷର ଦୁଆର ମୁହଁରେ ପୁଣି ଶ୍ଭାବ୍ରିନ୍ ଅଟକି ଗଲା ଏବଂ ଥଙ୍ଗଥଙ୍ଗ ଆବେଗ ଉତ୍ଥିତ ସ୍ୱରରେ କହିଉଠିଲା, "ହଜୁର, ଆପଣଙ୍କୁ ପ୍ରଥମରୁ ହୁସିଆର କରି ଦେଉଛି, ଝିଅଟି ତିନିଦିନ ହେଲା ଜ୍ୱରରେ ଅଚେତ ହୋଇ ପଡ଼ି ରହିଛି ଏବଂ ପ୍ରଳାପ କରୁଛି ।"

"ଦୁଆର ଖୋଲ !" ପୁଗାଚେଭ୍ ନିର୍ଦ୍ଦେଶ ଦେଲା ।

ଶ୍ଭାବ୍ରିନ୍ ପକେଟ୍ ଅଣ୍ଡାଳିବାକୁ ଲାଗିଲା ଏବଂ କହିଲା, ସେ ଚାବିକାଠି ଆଣିବାକୁ ଭୁଲିଯାଇଛି । ପୁଗାଚେଭ୍ କବାଟରେ ଲତିଟାଏ ମାରି ଦେଲା । ତାଲା ଭାଙ୍ଗିଯାଇ ଦୁଆର ଖୋଲିଗଲା ଏବଂ ଆମେ ଭିତରକୁ ପଶିଗଲୁ ।

କୋଠରୀ ମଧ୍ୟକୁ ଚାହିଁ ଦେଲା କ୍ଷଣି ଦେହର ରକ୍ତ ମୋର ହିମ ପାଲଟି ଗଲା ଭଳି ଲାଗିଲା । ଦରିଦ୍ର କୃଷକ ରମଣୀର ଫଟା ଲୁଗାପଟା ପିନ୍ଧି ମାରିୟା ଇଭାନୋଭ୍‌ନା ମେଜିଆ ଉପରେ ବସିଥାଏ । ରୁଗ୍‌ଣ ମଳିନ ଚେହେରା, ଅବିନ୍ୟସ୍ତ କେଶରାଶି । ପାଖରେ ଥୁଆ ହୋଇଛି ମଗରେ ମଗେ ପାଣି ଆଉ ମଗ ଉପରେ ପୁଳାଏ ରୁଟି । ମୋତେ ଦେଖିଲା କ୍ଷଣି ସେ କାନ୍ଦରେ ଫାଟିପଡ଼ିଲା । ମୋର ସେତେବେଳେ ଅବସ୍ଥା କ'ଣ ହୋଇଥିଲା, କିଛି ମନେ ନାହିଁ ।

ଶ୍ଭାବ୍ରିନ୍‌କୁ ଚାହିଁ, ତିକ୍ତ ବିଦ୍ରୂପର ହସ ହସି ପୁଗାଚେଭ୍ କହିଲା :

"ବାଃ, ତମ ହାସ୍‌ପାତାଳଟା ତ ବଡ଼ ଚମତ୍କାର, ଦେଖୁଛି !" ତା'ପରେ ମାରିୟା ଇଭାନୋଭ୍‌ନା ପାଖକୁ ଆଗେଇ ଯାଇ କହିଲା, "ସୁନାଟି

ମୋର, ତମ ସ୍ୱାମୀ ତମକୁ କାହିଁକି ଏପରି ଶାସ୍ତି ଦେଉଛି, ମୋତେ କହିବ କି ? ତମେ ତା ପ୍ରତି କି ଦୋଷ କରିଥିଲ ?"

"ସ୍ୱାମୀ ?" ମାରିୟା ଇଭାନୋଭ୍‌ନା ପୁନରୁକ୍ତି କରି କହିଲା, "ସେ ମୋ ସ୍ୱାମୀ ନୁହେଁ । ମୁଁ କେବେ ତା'ର ସ୍ତ୍ରୀ ହୋଇ ପାରିବି ନାହିଁ । ମୁଁ ପ୍ରତିଜ୍ଞା କରିଛି ପ୍ରାଣହତ୍ୟା କରିବି । କେହି ଯଦି ମୋତେ ଉଦ୍ଧାର ନ କରନ୍ତି, ମୁଁ ନିଶ୍ଚୟ ପ୍ରାଣହତ୍ୟା କରିବି ।"

ଶ୍ଭାବ୍ରିନ୍‌କୁ ହିଂସ୍ର ଦୃଷ୍ଟିରେ ଚାହିଁ ପୁଗାଚେଭ୍ କହିଲା :

"ତୋର ତ ସାହସ କମ୍ ନୁହେଁ ଦେଖୁଛି, ମୋତେ ଧୋକା ଦେବାକୁ ବସିଛୁ ! ତୁ ଜାଣିଛୁ ଅକର୍ମା, ତୋର ଶାସ୍ତି କ'ଣ ହୋଇ ପାରେ ?"

ପୁଗାଚେଭ୍ ଗୋଡ଼ ତଳେ ଲୋଟିଗଲା ଶ୍ଭାବ୍ରିନ୍... । ଏହି ସମୟରେ ମୋର ସମସ୍ତ ଘୃଣା ଆଉ କ୍ରୋଧ ଫାଟି ପଡ଼ିଲା ତିରସ୍କାର ରୂପ ନେଇ । ଏକ ପଳାତକ କସାକ୍‌ର ପାଦତଳେ ଏକ ସମ୍ଭ୍ରାନ୍ତ ଭଦ୍ରଲୋକ ପଡ଼ିଛି ଦେଖି ତିରସ୍କାରରେ ଅନ୍ତର ମୋର ଜଳିଉଠିଲା । ପୁଗାଚେଭ୍ ଟିକିଏ ଶାନ୍ତ ହୋଇ ଶ୍ଭାବ୍ରିନ୍‌କୁ କହିଲା :

"ତୁମକୁ ଏଥରକ ପାଇଁ କ୍ଷମା ଦେଉଛି । କିନ୍ତୁ ପୁଣି ଯଦି କାହାକୁ ଅପମାନ କର ତେବେ ତମକୁ ଏହି ଅପରାଧ ପାଇଁ ପୁଣି ଶାସ୍ତି ଦିଆଯିବ ।"

ତା'ପରେ ମାରିୟା ଇଭାନୋଭ୍‌ନା ଆଡ଼କୁ ଚାହିଁ ସ୍ନେହମିଶା ସ୍ୱରରେ କହିଲା :

"ଝିଅ, ଆଉ କିଛି ଭୟ କରିବାର ନାହିଁ, ତୋତେ ମୁଁ ମୁକ୍ତି ଦେଉଛି । ମୁଁ ହେଉଛି ତୋର ସମ୍ରାଟ ।"

ମାରିୟା ଇଭାନୋଭ୍‌ନା ସଙ୍ଗେ ସଙ୍ଗେ ଚାହିଁ ଦେଲା ପୁଗାଚେଭ୍ ମୁହଁକୁ । ସେ ବୁଝିପାରିଲା ତା ଆଗରେ ଛିଡ଼ା ହୋଇଥିବା ଲୋକଟି ହେଉଛି ତା ପିତାମାତାର ହତ୍ୟାକାରୀ । ଦୁଇ ହାତରେ ମୁହଁକୁ ଢାଙ୍କି ସେ ପଡ଼ିଗଲା ମୂର୍ଚ୍ଛା ହୋଇ । ମୁଁ ଧାଇଁଗଲି ତା ପାଖକୁ । କିନ୍ତୁ ଠିକ୍ ଏହି ମୁହୂର୍ତ୍ତରେ ମୋର ପୁରୁଣା ବାନ୍ଧବୀ ପାଲାଶ୍‌କା ନିର୍ଭୟରେ ପଶି ଆସିଲା ଘର ମଧ୍ୟକୁ । ମୁନିବଙ୍କ କନ୍ୟାର ସେବା ଶୁଶ୍ରୂଷା କରିବାରେ ଲାଗିପଡ଼ିଲା । ପୁଗାଚେଭ୍

ବାହାରି ଆସିଲା ଘର ମଧ୍ୟରୁ । ଶ୍ୱାବ୍ରିନ୍ ଏବଂ ମୁଁ ତା ପଛେ ପଛେ ଓହ୍ଲାଇ ଆସିଲୁ ବୈଠକଖାନାକୁ ।

"ଏଥର କ'ଣ କରାଯିବ କୁହନ୍ତୁ, ହଜୁର!" ପୁଗାଚେଭ୍ ହସିହସି ପଚାରିଲା । "ସୁନ୍ଦରୀକୁ ତ ଆମେ ଉଦ୍ଧାର କଲେ, ଏବେ ତାହେଲେ ପାଦ୍ରିଙ୍କୁ ଡାକି ପଠାଇବି । ସେ ଆସି ତାଙ୍କ ଝିଆରୀକୁ ସଂପ୍ରଦାନ କରନ୍ତୁ । ଏଥିରେ ତମେ ରାଜି ତ ? ମୁଁ ହେବି ବରକର୍ତ୍ତା, ଶ୍ୱାବ୍ରିନ୍ ହେବ ବରର ବନ୍ଧୁ । ପେଟଭରି ମଦ୍ୟପାନ କରିବା ଆଉ ମନଭରି ମଜା କରିବା!"

ଯେଉଁ କଥାଟି ପ୍ରତି ମୋର ଭୟ ଥିଲା ତାହାହିଁ ଘଟିଲା । ପୁଗାଚେଭ୍‌ର ପ୍ରସ୍ତାବ ଶୁଣି କ୍ରୋଧୋନ୍ମତ୍ତ ହୋଇ ଚିତ୍କାର କରିଉଠିଲା ଶ୍ୱାବ୍ରିନ୍ :

"ହଜୁର, ଆପଣଙ୍କୁ ମିଥ୍ୟା କଥା କହି ମୁଁ ଅପରାଧ କରିଛି । କିନ୍ତୁ ଗ୍ରିନ୍ୟୋଭ୍ ଆପଣଙ୍କୁ ପ୍ରତାରିତ କରିଛି । ଏହି ଝିଅଟି ପାଦ୍ରିଙ୍କର ଝିଆରୀ ନୁହେଁ । ଗଡ଼ ଅଧିକାର କଲାବେଳେ ଯେଉଁ ଇଭାନ୍ ମିରୋନୋଭ୍‌ଙ୍କୁ ଫାଶି ଦିଆଯାଇଥିଲା, ଏ ହେଉଛି ତାଙ୍କରି ଝିଅ ।"

ପୁଗାଚେଭ୍ ଡହଡହ ଆଖିରେ ମୋତେ ଲକ୍ଷ୍ୟ କରି ବିସ୍ମୟଭରା ସ୍ୱରରେ ପଚାରିଲା :

"ଏସବୁ କ'ଣ ?"

"ଶ୍ୱାବ୍ରିନ୍ ଯାହା କହିଛି ସତ", ମୁଁ ଦୃଢ଼ ସ୍ୱରରେ ଉତ୍ତର ଦେଲି ।

ପୁଗାଚେଭ୍‌ର ମୁହଁରେ ଏକ କଳାଛାଇ ଖେଳିଗଲା, ସେ ମନ୍ତବ୍ୟ କଲା, "କିନ୍ତୁ ତୁମେ ସେ କଥା କେବେ ତ କହିନା!"

"ଆପଣ ନିଜେ ବିଚାର କରି ଦେଖନ୍ତୁ", ମୁଁ ଉତ୍ତର ଦେଲି, "ଆପଣଙ୍କ ଲୋକଙ୍କ ଆଗରେ ମିରୋନୋଭ୍‌ଙ୍କ ଝିଅ ବଞ୍ଚିଛି ବୋଲି ମୁଁ କହିଥିଲେ ସେମାନେ ତାକୁ ସେଇଠି ଟିକିଟିକି କରି କାଟି ପକାଇଥାନ୍ତେ । ତାକୁ କୌଣସି ସତେ ବଞ୍ଚେଇ ହୋଇ ନ ଥାନ୍ତା!"

"ଠିକ୍ କଥା", ପୁଗାଚେଭ୍ ହସିଉଠି କହିଲା, "ମୋ ମତୁଆଲ ବଜ୍ଜାତ୍ ଲୋକମାନେ ଝିଅଟିକୁ ଛାଡ଼ି ନ ଥାନ୍ତେ । ପାଦ୍ରିଙ୍କ ସ୍ତ୍ରୀ ମିଛ କଥା କହି ଠିକ୍ କରିଥିଲେ ।"

ପୁଗାଚେଭ୍ ପ୍ରସନ୍ନ ଥିବାର ଦେଖି ମୁଁ କହିଲି, "ମୋ କଥା ଶୁଣନ୍ତୁ । ଆପଣଙ୍କୁ କିପରି ସମ୍ବୋଧନ କରିବାକୁ ହେବ ମୁଁ ଜାଣେ ନି, ଜାଣିବାକୁ ବି ଚାହେଁ ନା ...। କିନ୍ତୁ ଭଗବାନ ଜାଣନ୍ତି, ଆପଣ ମୋ ପାଇଁ ଯାହା କରିଛନ୍ତି ସେଥି ପାଇଁ ମୁଁ ହସହସ ମୁଖରେ ମୋ ପ୍ରାଣଦାନ କରି ପାରିବି । ତେବେ ମୋର ଆତ୍ମସମ୍ମାନ ଆଉ ଖ୍ରୀଷ୍ଟିଆନ୍ ବିବେକର ଯାହା ବିରୋଧୀ ତାହା ଦୟାକରି ଚାହିଁବେ ନାହିଁ । ଆପଣ ମୋର ଉପକାରୀ । ଯେଉଁ କାର୍ଯ୍ୟ ଆପଣ ଆରମ୍ଭ କରିଛନ୍ତି ତାକୁ ଶେଷ କରନ୍ତୁ — ଏ ଅନାଥିନୀକୁ ଆଉ ମୋତେ ମୁକ୍ତି ଦିଅନ୍ତୁ । ଭଗବାନ ଆମକୁ ଯୁଆଡ଼କୁ ବାଟ କଢ଼େଇ ନେବେ ଆମେ ସିଆଡ଼କୁ ଚାଲିଯିବୁ । ଏବଂ ଆପଣ ଯେଉଁଠି ଥାଆନ୍ତୁ ନା କାହିଁକି ଏବଂ ଆପଣଙ୍କ ଭାଗ୍ୟରେ ଯାହା ଘଟୁ ନା କାହିଁକି, ଆମେ ଦିହେଁ ବଞ୍ଚିଥିଲା ଯାଏଁ ପ୍ରତିଦିନ ଆପଣଙ୍କ ପାପାତ୍ମାର ମୁକ୍ତି ପାଇଁ ପ୍ରାର୍ଥନା କରିଯିବୁ ...।"

ମୋ କଥା ଶୁଣି ପୁଗାଚେଭ୍‌ର କଠୋର ହୃଦୟ ତରଳି ଗଲା ଭଳି ଲାଗିଲା । କହିଲା, "ତୁମେ ଯେମିତି ଚାହୁଁଛ ସେଇମିତି କର । ମୁଁ ଯାହାକୁ ଦଣ୍ଡ ଦେବାକୁ ଚାହେଁ, ଦଣ୍ଡ ଦିଏଁ, ଯାହାକୁ କ୍ଷମା ଦେବାକୁ ଚାହେଁ, କ୍ଷମା ଦିଏଁ । ଏ ହେଉଛି ମୋର ଚରିତ୍ର । ଝିଅଟିକୁ ତମେ ନେଇ ଯାଅ । ଯେଉଁଠିକି ଚାହୁଁଛ ନେଇ ଯାଅ । ଭଗବାନ ତମ ଦିହିଁଙ୍କୁ ପ୍ରେମ ଆଉ ସୁବୁଦ୍ଧି ଦିଅନ୍ତୁ!"

ଏତକ କହି ସେ ଶ୍ୱାବ୍ରିନ୍‌କୁ ଚାହିଁ ନିର୍ଦ୍ଦେଶ ଦେଲା ମୋତେ ଏକ ଅନୁମତିପତ୍ର ଦେବା ପାଇଁ, ଯାହାକୁ ନେଇ ମୁଁ ପୁଗାଚେଭ୍ ଅଧୀନସ୍ଥ ସମସ୍ତ ଦୁର୍ଗ ଆଉ ସହରକୁ ଯାଇ ପାରିବି । ଶ୍ୱାବ୍ରିନ୍ ହତଚକିତ ହୋଇ ଛିଡ଼ା ହୋଇଥାଏ । ଦେଖିଲେ ମନେ ହେଉଥାଏ ସତେ ଯେମିତି ପଥର ପାଲଟି ଯାଇଛି । ଏହା ପରେ ପୁଗାଚେଭ୍ ବାହାରିଲା ଗଡ଼ ପରିଦର୍ଶନ କରିବାକୁ । ଶ୍ୱାବ୍ରିନ୍ ଗଲା ତା ସହିତ । ମୁଁ ଆମର ଯାତ୍ରା ପାଇଁ ପ୍ରସ୍ତୁତି କରିବା ବାହାନାରେ ରହିଗଲି ।

ସେ ଦିହିଁଜଣ ଚାଲିଗଲା ପରେ ମୁଁ ଛୁଟିଗଲି ମାରିୟା ଇଭାନୋଭ୍‌ନାର କୋଠରୀ ପାଖକୁ । କୋଠରୀର ଦୁଆର ଭିତର ପଟୁ ବନ୍ଦ ଥାଏ । ମୁଁ

କବାଟରେ ଠକ୍ ଠକ୍ କଲି । "କିଏ ?" ପାଲଶ୍‌କା ଭିତର ପଟୁ ପଚାରିଲା, ମୁଁ ନିଜର ପରିଚୟ ଦେଲି । ଭିତରୁ ମାରିୟା ଇଭାନୋଭ୍‌ନାର ମଧୁର ସ୍ୱର ଭାସି ଆସିଲା, "ପିଓତର ଆନ୍ଦ୍ରେଇଚ୍, ଟିକିଏ ଅପେକ୍ଷା କର, ମୁଁ ପୋଷାକ ବଦଳଉଛି । ତମେ ଆକୁଲିନା ପାମ୍‌ଫିଲୋଭ୍‌ନାଙ୍କ ଘରକୁ ଚାଲ, ମୁଁ ସଙ୍ଗେ ସଙ୍ଗେ ଯାଇ ପହଞ୍ଚୁଛି ।"

ମାରିୟା ଇଭାନୋଭ୍‌ନାର କଥାନୁଯାୟୀ ମୁଁ ପାଦ୍ରି ଗେରାସିମ୍‌ଙ୍କ ଘରକୁ ଚାଲିଗଲି । ମୋତେ ଦେଖି ସ୍ୱାମୀ ସ୍ତ୍ରୀ ଘର ମଧ୍ୟରୁ ଛୁଟି ଆସିଲେ । ସାଭେଲିଚ୍ ଇତିପୂର୍ବରୁ ଯାଇ ମୋ ଆଗମନ ସଂବାଦ ସେମାନଙ୍କୁ ଜଣାଇ ଦେଇଥିଲା । "ପିଓତର ଆନ୍ଦ୍ରେଇଚ୍, ଆସନ୍ତୁ, ଆସନ୍ତୁ !" ପାଦ୍ରିଙ୍କ ସ୍ତ୍ରୀ କହି ଉଠିଲେ । "ଭଗବାନଙ୍କ ଦୟାରୁ ଆପଣଙ୍କ ସହିତ ଆମର ଭେଟ ହେଲା । ଆପଣ କେମିତି ଅଛନ୍ତି ? ଆମେ ପ୍ରତିଦିନ ଆପଣଙ୍କ ବିଷୟ କଥା ହେଉଛୁଁ । ଆପଣ ନଥିଲା ବେଳେ ମାରିୟା ଇଭାନୋଭ୍‌ନା କି ଦୁଃଖ ନ ଭୋଗିଛି ! ବିଚାରୀ ଝିଅଟି ! ଆଚ୍ଛା କୁହନ୍ତୁ ତ, ପୁଗାଚେଭ୍ ସହିତ ଆପଣଙ୍କର ଏତେ ପଟିଗଲା କେମିତି ? ସେ ଆପଣଙ୍କୁ ଏତେ ଦିନ ଧରି ଫାଶି ଦେଇ ନି, ଏତ ବଡ଼ ଆଶ୍ଚର୍ଯ୍ୟ କଥା । ଯାହା ହେଉନା କାହିଁକି ବଦମାସଟାକୁ ଏଥି ପାଇଁ ଧନ୍ୟବାଦ ଦେବାକୁ ହେବ ।" ସ୍ତ୍ରୀଙ୍କ କଥାରେ ବାଧା ଦେଇ ପାଦ୍ରି ଗେରାସିମ୍ କହିଲେ, "ଥାଉ ଥାଉ, ଅନେକ ହୋଇଗଲାଣି ! ସବୁ କିଛି କହିବାର ଆବଶ୍ୟକତା ନାହିଁ । ବେଶି କଥା କହିଲେ ବିପଦ – ତା ଦ୍ୱାରା ମଙ୍ଗଳ ହୁଏ ନାହିଁ । ଆସନ୍ତୁ ପିଓତର ଆନ୍ଦ୍ରେଇଚ୍, ପ୍ରାର୍ଥନା କରିବା – ଅନେକ ଦିନ ପରେ ଆମ ମଧ୍ୟରେ ସାକ୍ଷାତ୍ ହେଉଛି ।"

ପାଦ୍ରିଙ୍କ ସ୍ତ୍ରୀ ଘରେ ଯାହା କିଛି ଥିଲା ମୋତେ ଖାଇବାକୁ ଦେଲେ । ମୁହଁରେ ତାଙ୍କର କଥାର ସୁଅ ବନ୍ଦ ହେଉ ନଥାଏ । ତାଙ୍କଠୁଁ ଶୁଣିଲି, ଶ୍‌ଭାବ୍ରିନ୍ ସେମାନଙ୍କୁ ବାଧ୍ୟ କରିଥିଲା ମାରିୟା ଇଭାନୋଭ୍‌ନାକୁ ଛାଡ଼ିଦେବା ପାଇଁ । ସେମାନଙ୍କଠାରୁ ବିଦାୟ ନେଇ ଗଲା ବେଳେ ମାରିୟା ଇଭାନୋଭ୍‌ନା କିପରି କାନ୍ଦୁଥିଲା, ବନ୍ଦୀ ଥିବା ଅବସ୍ଥାରେ ତା ସହିତ ପାଲଶ୍‌କା ଜରିଆରେ କିପରି ସେମାନଙ୍କର ଯୋଗାଯୋଗ ହେଲା (ଯୋହା କହନ୍ତୁ ନା କାହିଁକି

ପାଲଶ୍‌କା ଝିଅଟି ବଡ଼ ଚାଲାକ ! ସର୍ଜେଣ୍ଟଙ୍କୁ ବି ସେ ନିଜ କଥାରେ ଉଠ ବସ କରାଏ !), ମୋତେ ଚିଠି ଲେଖିବା ପାଇଁ ସେ କିପରି ମାରିୟା ଇଭାନୋଭ୍‌ନାକୁ ପରାମର୍ଶ ଦେଇଥିଲେ – ସବୁ କଥା ସେ ବର୍ଣ୍ଣନା କରିଗଲେ । ତାଙ୍କ କଥା ଶେଷ ହେଲା ପରେ ମୁଁ ମୋ କାହାଣୀ ସଂକ୍ଷେପରେ କହିଲି । ସେମାନେ କିପରି ପୁଗାଚେଭ୍‌କୁ ବୋକା ବନେଇଥିଲେ ତାହା ପୁଗାଚେଭ୍ ଜାଣି ପାରିଛି ଶୁଣି, ସଙ୍ଗେ ସଙ୍ଗେ ସ୍ୱାମୀ ସ୍ତ୍ରୀ ବୁକୁ ଉପରେ କ୍ରୁଶଚିହ୍ନ ଆଙ୍କିଲେ । "ଭଗବାନ ଆମକୁ ଦୟା କରନ୍ତୁ, ତାଙ୍କ ଦୟାରୁ ଏ ଝଡ଼ର ମେଘସବୁ ଉଡ଼ି ଯାଉ", ଆକୁଲିନା ପାମ୍‌ଫିଲୋଭ୍‌ନା କହିଲେ, "ଆଉ ଏ ଆଲେକ୍‌ସେଇ ଇଭାନିଚ୍ – କି ଲୋକ, କୁହତ !" ଏହି ସମୟରେ ଦୁଆର ଖୋଲିଗଲା । ଫିକା ମୁହଁରେ ହସ ଫୁଟାଇ ପ୍ରବେଶ କଲା ମାରିୟା ଇଭାନୋଭ୍‌ନା । ଦରିଦ୍ର କୃଷକ ରମଣୀର ପୋଷାକ ସେ ବଦଳେଇ ଦେଇଥାଏ ଏବଂ ପୂର୍ବ ପରି ସରଳ ମନୋଲୋଭା ପୋଷାକଟିଏ ପିନ୍ଧିଥାଏ ।

ମୁଁ ତା ହାତକୁ ମୋ ହାତରେ ଜଡ଼େଇ ଧରିଲି ଏବଂ ଅନେକ ସମୟ ପର୍ଯ୍ୟନ୍ତ ମୋ ମୁହଁରୁ କଥା ସ୍ଫୁରିଲା ନାହିଁ । ଆମେ ଦିହେଁ ଏତେ କହିବାର ଥିଲା ଯେ, କିଛି କହି ପାରି ନଥିଲୁ । ଗୃହକର୍ତ୍ତା ଏବଂ ଗୃହକର୍ତ୍ତ୍ରୀ ବୁଝି ପାରିଲେ ଯେ, ସେମାନଙ୍କ ପାଇଁ ଆମର କିଛି କହିବାର ନାହିଁ । ତେଣୁ ସେମାନେ ଆମ ଦିହିଁଙ୍କୁ ଏକଲା ଛାଡ଼ି ଦେଇ ଘର ମଧ୍ୟରୁ ଚାଲିଗଲେ । ଦୁନିଆର ସବୁ କଥା ପାସୋରି ପକାଇ ମନଭରି ଆମେ ଦିହେଁ କଥା ହେଲୁ । ଗଡ଼ ଦଖଲ ହୋଇଗଲା ପରେ ତା ଜୀବନରେ ଯେଉଁସବୁ ଘଟଣା ଘଟିଯାଇଛି, ସେସବୁ କେତେ ଭୟାବହ ଥିଲା ଏବଂ ଶ୍‌ଭାବ୍ରିନ୍ ତାକୁ କେତେ ଦୁଃଖ ଯାତନା ମଧ୍ୟରେ ହନ୍ତସନ୍ତ କରିଛି – ମାରିୟା ଇଭାନୋଭ୍‌ନା ସବୁ କଥା ମୋତେ ଜଣାଇଲା । ଅତୀତର ସୁଖମୟ ସମୟ କଥା ଆମେ ମନେ ପକାଇଲୁ ... ଆଖିରୁ ଆମର ଲୁହ ଝରିପଡ଼ିଲା ... । ଶେଷକୁ ମୁଁ ତାକୁ ମୋର ପରିକଳ୍ପନା କଥା କହିଲି । ପୁଗାଚେଭ୍‌ର କ୍ଷମତାଧୀନ ଏବଂ ଶ୍‌ଭାବ୍ରିନ୍ ଦ୍ୱାରା ଶାସିତ ଏହି ଗଡ଼ ମଧ୍ୟରେ ତା ପକ୍ଷରେ ରହିବା ସଂପୂର୍ଣ୍ଣ ଅସମ୍ଭବ । ଶତ୍ରୁର ଘେର ମଧ୍ୟରେ ଅବରୁଦ୍ଧ ଓରେନ୍‌ବୁର୍ଗ ସହରକୁ ତାକୁ ନେଇଯିବା କଥା ମଧ୍ୟ

ଚିନ୍ତା କରି ହେବ ନି । ଦୁନିଆ ଭିତରେ ତା'ର ଆତ୍ମୀୟ ବୋଲି କେହି ନାହାନ୍ତି । ମୁଁ ତାକୁ ପ୍ରସ୍ତାବ ଦେଲି ଗାଁରେ ଥିବା ମୋ ବାପା ମାଙ୍କ ପାଖକୁ ସେ ଚାଲିଯାଉ । ପ୍ରଥମେ ସେ ଦ୍ୱିଧା ବୋଧ କଲା, କାରଣ ତା ପ୍ରତି ମୋ ବାପାଙ୍କର ବିରୂପ ମନୋଭାବ ସଂପର୍କରେ ସେ ଜାଣିଥିଲା ଏବଂ ସେଥି ପାଇଁ ସେ ଭୟ କରୁଥିଲା । କିନ୍ତୁ ମୁଁ ତାକୁ ବୁଝେଇବା ଫଳରେ ତା ମନରୁ ସେ ଆଶଙ୍କା ଦୂରେଇ ଗଲା । ମୁଁ ତାକୁ ଆଶ୍ୱାସନା ଦେଇ କହିଲି, ଦେଶ ପାଇଁ ଯେଉଁ ଯୋଦ୍ଧା ପ୍ରାଣଦାନ କରିଛନ୍ତି ତାଙ୍କର କନ୍ୟାକୁ ଆଶ୍ରୟ ଦେବାକୁ ମୋ ବାପା ଗୌରବ ଆଉ କର୍ତ୍ତବ୍ୟ ବୋଲି ମନେ କରିବେ । "ମାରିୟା ଇଭାନୋଭ୍ନା, ମୁଁ ତୁମକୁ ମୋ ସହଧର୍ମିଣୀ ବୋଲି ମନେ କରେ", ଶେଷକୁ ମୁଁ ତାକୁ କହିଲି, "ଅସ୍ୱାଭାବିକ ଘଟଣାବଳୀ ଆମକୁ ଚିରଦିନ ପାଇଁ ଅତୁଟ ବନ୍ଧନରେ ବାନ୍ଧି ଦେଇଛି । ଦୁନିଆର କୌଣସି ଶକ୍ତି ଆମକୁ ଆଉ ଅଲଗା କରି ପାରିବ ନାହିଁ ।" ମାରିୟା ଇଭାନୋଭ୍ନା ବଡ଼ ସରଳତାର ସହିତ, କୌଣସି କୃତ୍ରିମ ପ୍ରତିବାଦ ବା ଲଜ୍ଜାବୋଧ ନ କରି ମୋ କଥା ଶୁଣିଲା । ସେ ଅନୁଭବ କଲା ତା'ର ଭାଗ୍ୟସୂତ୍ର ମୋ ସହିତ ଜୋଡ଼ି ହୋଇଯାଇଛି । କିନ୍ତୁ ତା ସତ୍ତ୍ୱେ ବି ସେ ମୋତେ ଆଉ ଥରେ ଜଣେଇ ଦେଲା ଯେ, ମୋ ପିତାମାତାଙ୍କ ସମ୍ମତି ବିନା ସେ ମୋ ସ୍ତ୍ରୀ ହୋଇ ପାରିବ ନାହିଁ । ମୁଁ ତାକୁ ଏ ବିଷୟରେ ନିବୃତ୍ତ କରିବାକୁ ଚେଷ୍ଟା କଲି ନାହିଁ । ଗଭୀର ପ୍ରେମାବେଗ ଆଉ ନିଷ୍ଠାର ସହିତ ଆମେ ପରସ୍ପରକୁ ଚୁମ୍ବନ କଲୁ । ଏହିଭାବେ ଆମେ ଦିହେଁ ପହଞ୍ଚିଥିଲୁ ଏକ ନିଷ୍ପତ୍ତିରେ ।

ଘଣ୍ଟାଏ ଖଣ୍ଡ ପରେ ପୁଗାଚ୍ଚେଭ୍‌ର ତେଢ଼ାମେଢ଼ା ସ୍ୱାକ୍ଷର ଅଙ୍କିତ ଏକ ଅନୁମତିପତ୍ର ସର୍ଜେଣ୍ଟ ମୋତେ ଦେଇଗଲା । ପୁଗାଚ୍ଚେଭ୍ ମୋ ସହିତ ଦେଖା କରିବାକୁ ଚାହେଁ ବୋଲି ମଧ୍ୟ କହିଲା । ମୁଁ ଯାଇ ଦେଖେ ସେ ଭ୍ରମଣରେ ଯିବା ପାଇଁ ପ୍ରସ୍ତୁତ ହୋଇ ଯାଇଛି । ଏହି ଭୟଙ୍କର ମଣିଷଟିଠାରୁ, ଏହି ଦାନବଟିଠାରୁ, ଯିଏ ମୋତେ ବାଦ୍ ଦେଇ ଅନ୍ୟ ସମସ୍ତଙ୍କ ସହ ନିଷ୍ଠୁର ପିଶାଚ ଭଳି ବ୍ୟବହାର କରେ, ତାଠାରୁ ବିଦାୟ ନେଲାବେଳେ ମୁଁ ଯାହା ଅନୁଭବ କରିଥିଲି, ତାହା ବର୍ଣ୍ଣନା କରିବା କଷ୍ଟକର । କିନ୍ତୁ ସତ୍ୟକୁ ଲୁଚେଇ

ଲାଭ କ'ଣ ? ସେହି ମୁହୂର୍ତ୍ତରେ ଲୋକଟି ପ୍ରତି ଗଭୀର ସହାନୁଭୂତିରେ ମନ ମୋର ଭରି ଉଠିଥିଲା । ମୁଁ ଆନ୍ତରିକ ଭାବେ ଚାହୁଁଥିଲି ତାକୁ ତା'ର ସେ ଦୁଷ୍କୃତିକାରୀ ଦଙ୍ଗଲ ମଧ୍ୟରୁ ଛଡ଼େଇ ନେଇ ଆସିବି ଏବଂ ବେଳ ଥାଉଁ ଥାଉଁ ତାକୁ ଫାଶିକାଠରୁ ଉଦ୍ଧାର କରିବି । କିନ୍ତୁ ସେଠି ଶ୍‌ଭାବ୍ରିନ୍ ଏବଂ ଆଉରି ଅନେକ ଲୋକ ଭିଡ଼ କରିଥିବା ହେତୁ ମୁଁ ମୁହଁ ଖୋଲି ମୋ ହୃଦୟର କଥା କହି ପାରିଲି ନାହିଁ ।

ବନ୍ଧୁ ଭଳି ଆମେ ପରସ୍ପରଠାରୁ ବିଦାୟ ନେଲୁ । ଗହଳି ମଧ୍ୟରେ ଆକୁଲିନା ପାମ୍‌ଫିଲୋଭ୍‌ନାଙ୍କୁ ଦେଖି ପୁଗାଚ୍ଚେଭ୍ ତାଙ୍କୁ ଅର୍ଥପୂର୍ଣ୍ଣ ଭଙ୍ଗିରେ ଆଖି ମାରି ଅଙ୍ଗୁଳି ଦେଖାଇ ଧମକ ଦେଲା । ତା'ପରେ ଗାଡ଼ିରେ ବସି କୋଚ୍‌ମ୍ୟାନ୍‌କୁ ହୁକୁମ ଦେଲା ବେର୍ଦାକୁ ଯିବା ପାଇଁ । ଗାଡ଼ିଟି ଯେତେବେଳେ ଚାଲିବାକୁ ଲାଗିଲା ସେ ଗାଡ଼ି ମଧ୍ୟରୁ ମୁଣ୍ଡଟିକୁ ବାହାର କରି ମୋତେ ବଡ଼ ପାଟିରେ କହିଲା, "ବିଦାୟ ! ପୁଣି ହୁଏତ କେବେ ଦେଖା ହେବ !" ସତରେ ଦେଖା ହୋଇଥିଲା, କିନ୍ତୁ କି ଅସ୍ୱାଭାବିକ ପରିସ୍ଥିତି ମଧ୍ୟରେ !..

ପୁଗାଚ୍ଚେଭ୍ ବିଦାୟ ନେଇ ଚାଲିଗଲା । ବରଫ ଢଙ୍କା ସଫେଦ ଷ୍ଟେପୀ ଭୂଇଁ ଉପରେ ଦ୍ରୁତ ଧାବମାନ ତା'ର ତିନିଘୋଡ଼ା ଟଣା ସ୍ଲେଜ୍‌ଗାଡ଼ିଟିକୁ ଅନେକ କ୍ଷଣ ଯାଏ ଚାହିଁ ରହିଲି । ଗହଳି ଭାଙ୍ଗି ଲୋକମାନେ ଯେଝା ଯେଝା ପଥରେ ଚାଲିଗଲେ । ଶ୍‌ଭାବ୍ରିନ୍ କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲା । ମୁଁ ଫେରିଗଲି ପାଦ୍ରିଙ୍କ ଘରକୁ । ଆମର ଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ସରିଥାଏ । ଆଉ ଡେରି କରିବାକୁ ମୁଁ ଚାହୁଁ ନ ଥାଏ । ଗଡ଼ନାୟକଙ୍କର ଏକ ପୁରୁଣା ସ୍ଲେଜ୍‌ଗାଡ଼ିରେ ଆମର ଜିନିଷପତ୍ର ସବୁ ଲଦି ଦିଆ ଯାଇଥାଏ । କୋଚ୍‌ମ୍ୟାନ୍ ସଙ୍ଗେ ସଙ୍ଗେ ଗାଡ଼ିରେ ଘୋଡ଼ା ଯୋଚିଲା । ମାରିୟା ଇଭାନୋଭ୍ନା ଗିର୍ଜାର ପଛପଟ ସମାଧିସ୍ଥଳୀକୁ ଗଲା ତା ବାପା ମାଙ୍କ ସମାଧି ପାଖରୁ ବିଦାୟ ନେବା ପାଇଁ । ମୁଁ ତା ସହିତ ଯିବାକୁ ଚାହୁଁଥିଲି, କିନ୍ତୁ ସେ ଅନୁରୋଧ କଲା ତାକୁ ଏକାକୀ ଯିବାକୁ ଦେବା ପାଇଁ । କିଛି କ୍ଷଣ ପରେ ଆଖିରୁ ଲୁହ ଗଡ଼ାଇ ଗଡ଼ାଇ ନିରବରେ ସେ ଫେରିଆସିଲା । ଗାଡ଼ି ଯିବା ପାଇଁ ପ୍ରସ୍ତୁତ ହୋଇ ଯାଇଥାଏ । ପାଦ୍ରି ଗେରାସିମ୍ ଏବଂ ତାଙ୍କ ସ୍ତ୍ରୀ ଦାଉଦାରେ ଆସି ଦଣ୍ଡାୟମାନ

ହୋଇଥାନ୍ତି । ଗାଡ଼ିରେ ମୁଁ, ମାରିୟା ଇଭାନୋଭ୍‌ନା ଏବଂ ପାଲଶ୍‌କା ବସିଲୁ । ସାଭେଲିଚ୍ ଯାଇ ବସିଲା କୋଚ୍‌ମ୍ୟାନ୍ ପାଖରେ । "ବିଦାୟ ମାରିୟା ଇଭାନୋଭ୍‌ନା, ଆମ ଆଦରର ଶଂଖାଳି ! ବିଦାୟ ପିଓତର ଆନ୍ଦ୍ରେଇଚ୍, ଆମ ଆଖିର ପିତୁଳା !" ପାଦ୍ରିଙ୍କ ଦୟାଳୁ ସ୍ତ୍ରୀ କୋହରେ ଫାଟିପଡ଼ି କହିଲେ । "ଆପଣମାନଙ୍କ ଯାତ୍ରା ଶୁଭ ହେଉ, ଭଗବାନ ଆପଣମାନଙ୍କୁ ସୁଖୀ କରନ୍ତୁ !" ଆମେ ଆଗେଇ ଚାଲିଲୁ । ଗଡ଼ନାୟକଙ୍କ ଘରର ଝରକାବାଟେ ଶ୍‌ଭାବ୍ରିନ୍‌କୁ ମୁଁ ଦେଖିଲି, ସେ ଛିଡ଼ା ହୋଇଛି । ତା'ର ମୁଖମଣ୍ଡଳରେ ଉଦାସଭରା କ୍ରୋଧର ନିଆଁ ଝଲସି ଉଠୁଥାଏ । ପରାଜିତ ଶତ୍ରୁକୁ ବିଜୟର ଉଲ୍ଲାସ ପ୍ରଦର୍ଶନ କରିବାକୁ ମୁଁ ଚାହିଁ ନ ଥିଲି, ତେଣୁ ମୁହଁ ବୁଲାଇ ନେଲି ଅନ୍ୟ ଆଡ଼େ । ଶେଷକୁ ଆମେ ଗଡ଼ ଫାଟକ ବାହାରକୁ ଚାଲି ଆସିଲୁ ଏବଂ ଚିର ଦିନ ପାଇଁ ବେଲେଗୋର୍ସ୍କ ଗଡ଼ ରହିଗଲା ଆମ ପଛରେ ।

ତ୍ରୟୋଦଶ ପରିଚ୍ଛେଦ

ଗିରଫ

"ରାଗନ୍ତୁ ନାହିଁ ହଜୁର,
ଏତ ମୋର କାର୍ଯ୍ୟ
ଆପଣଙ୍କୁ ଧରି ନେଇ ଜେଲ୍ ମଧ୍ୟେ
ପୂରେଇବା ଧାର୍ଯ୍ୟ"
"ଯିବାକୁ ମୁଁ ତିଆର ଅଛି,
ନାହିଁ ମୋର ଭୟ
କିନ୍ତୁ ବକ୍ତବ୍ୟ ମୋ ପ୍ରଥମରେ
କହିବାକୁ ଦିଅ !" (୪୭)

କ୍‌ନ୍ୟାଝନିନ୍

ମୋ ମନର ମାନସୀ ସହିତ ଏପରି ଅପ୍ରତ୍ୟାଶିତ ଭାବେ ମିଶିବାର ସୌଭାଗ୍ୟ ମୋର ହେବ ବୋଲି ମୁଁ କେବେ ବିଶ୍ୱାସ କରି ପାରି ନଥିଲି । ଆଜି ସକାଳେ ତା'ର ଅବସ୍ଥା ହୃଦୟରେ ମୋର ସୃଷ୍ଟି କରିଥିଲା ଯନ୍ତ୍ରଣାଦାୟକ ଉଦ୍‌ବେଗ । ଯାହାସବୁ ଘଟିଗଲା ସେସବୁ ଅଳୀକ ସ୍ୱପ୍ନ ନା କ'ଣ, ମୁଁ ଆଶ୍ଚର୍ଯ୍ୟ ହୋଇ ଭାବୁଥିଲି । ମାରିୟା ଇଭାନୋଭ୍‌ନା ଚିନ୍ତାକୁଳ ହୋଇ ଥରଟିଏ ମୋ ମୁହଁକୁ ଚାହୁଁଥାଏ ତ ଆଉ ଥରଟିଏ ଚାହୁଁଥାଏ ସଡ଼କକୁ । ମନେ ହେଉଥାଏ ସିଏ ଯେମିତି କ'ଣ କରିବାକୁ ହେବ ଠିକ୍ କରି ପାରୁ ନଥାଏ । ଦିଜଣ ଯାକ ନିରବରେ ବସିଥାଉଁ । ଦିଜଣଙ୍କ ହୃଦୟ ଦୁଃଖରେ ଭାରାକ୍ରାନ୍ତ । କିନ୍ତୁ ସମୟ ଅଲକ୍ଷ୍ୟରେ ବହି ଚାଲିଥାଏ । ଦୁଇ ଘଣ୍ଟା ଖଣ୍ଡ ପରେ ଆମେ ଯାଇ ପହଞ୍ଚିଗଲୁ ସବୁଠାରୁ ନିକଟବର୍ତ୍ତୀ ଗଡ଼ରେ । ଏହି ଗଡ଼ଟି ମଧ୍ୟ ପୁଗାଚେଭ୍‌ର ଅଧୀନରେ । ଏଠାରେ ଆମ ଗାଡ଼ିର ଘୋଡ଼ା ବଦଳାଇବାକୁ ପଡ଼ିଲା । ଯେତେ ଶୀଘ୍ର ନୂଆ ଘୋଡ଼ା ଆଣି ଗାଡ଼ିରେ ଯୋଚି ଦିଆଗଲା ଓ ପୁଗାଚେଭ୍ ଦ୍ୱାରା

ଗଡ଼ନାୟକ ରୂପେ ନିଯୁକ୍ତ ଦାଢ଼ିଆ କସାକ୍‌ଟି ମୋ ସହିତ ଯେପରି ବିନୀତ ବ୍ୟବହାର କଲା, ସେଥିରୁ ମୁଁ ଜାଣିଲି ଯେ, ମୋତେ ପୁଗାଚେଭ୍‌ର କୃପାପାତ୍ର ବୋଲି ଧରି ନିଆଯାଇଛି । ଆମ ଗପୁଡ଼ି କୋଚ୍‌ମ୍ୟାନ୍‌ଟି ଏ ଦିଗରେ ସହାୟକ ହୋଇଥିଲା ।

ତା'ପରେ ଆମେ ପୁଣି ଯାତ୍ରାରମ୍ଭ କରିଦେଲୁ । ଆମର ଗନ୍ତବ୍ୟ ଛୋଟ ସହରଟିରେ ପହଞ୍ଚିଲା ବେଳକୁ ରାତ୍ରି ହୋଇ ଆସିଥାଏ । ଦାଢ଼ିଆ ଗଡ଼ନାୟକଟି ଆମକୁ କହିଥିଲା ଯେ, ଏହି ସହରରେ ଏକ ଶକ୍ତିଶାଳୀ ସେନାଦଳ ମୁତୟନ ଅଛନ୍ତି ଏବଂ ଏହା ଯାଇ ନକଲି ଜାର୍‌ର ସେନାବାହିନୀ ସହିତ ଯୋଗ ଦେବେ । ସହରର ଦ୍ୱାରଦେଶରେ ପହଞ୍ଚିଲା କ୍ଷଣି ଦ୍ୱାରପାଳମାନେ ଆମକୁ ଅଟକେଇ ପଚାରିଲେ, "କିଏ ଯାଉଛି ?" ଆମ କୋଚ୍‌ମ୍ୟାନ୍‌ଟି ବଡ଼ ପାଟିରେ ଜବାବ ଦେଲା, "ଜାର୍‌ଙ୍କ ମିତ୍ର ଏବଂ ତାଙ୍କ ପତ୍ନୀ !" ତା'ପରେ ଅଶ୍ଳୀଳଭାବେ ଅଶ୍ୱାରୋହୀ ସୈନ୍ୟମାନେ ଆମକୁ ଘେରିଗଲେ, ସେମାନଙ୍କ ଗାଳି ଫଜିତ ଶୁଣି ମୁଁ ଭୟଭୀତ ହୋଇପଡ଼ିଲି । ଗାଲମୋଚି ରଖିଥିବା ଜଣେ ସର୍ଜେଣ୍ଟ-ମେଜର ହୁଙ୍କାର ଛାଡ଼ି କହିଲା, "ବାହାରି ଆ ସଇତାନର ଦୋସ୍ତ ! ତୋତେ ଏବଂ ତୋର ଘରଣୀକୁ ମଜା ଦେଖାଇ ଦେଉଛି !"

ସ୍ଲେଜ୍‌ଗାଡ଼ିରୁ ମୁଁ ଓହ୍ଲାଇ ପଡ଼ିଲି । ସେମାନଙ୍କୁ କହିଲି ମୋତେ ସେମାନଙ୍କର ବଡ଼ ଅଧିନାୟକଙ୍କ ପାଖକୁ ନେଇଯିବା ପାଇଁ । ମୋତେ ଅଫିସର ବେଶରେ ଦେଖି ସୈନ୍ୟମାନେ ଗାଳିଗୁଲଜ ବନ୍ଦ କରିଦେଲେ । ସର୍ଜେଣ୍ଟ-ମେଜର ମୋତେ ନେଇଗଲା ବଡ଼ ଅଧିନାୟକ ପାଖକୁ । ସାଭେଲିଚ୍ କିନ୍ତୁ ଛାୟା ଭଳି ମୋ ପାଖେ ପାଖେ ରହିଥାଏ ଏବଂ ବିଡ଼ିବିଡ଼ି କରି କହୁଥାଏ, "ହୁଁ, ଜାର୍‌ଙ୍କ ମିତ୍ର ! ଏଥର ମଜାଟା ବୁଝନ୍ତୁ ! ବାଘ ମୁହଁରୁ ଖସି ପୁଣି କୁମ୍ଭୀର ମୁହଁରେ ପଡ଼ିଲା ଭଳି କଥା ! ହେ ଭଗବାନ, ଏସବୁ ଦୁର୍ଗତିର କେବେ ଅବସାନ ହେବ ?" ଆମ ସ୍ଲେଜ୍‌ଗାଡ଼ିଟି ଆମ ପଛେ ପଛେ ଧୀରେ ଧୀରେ ଆସୁଥାଏ ।

ପାଞ୍ଚ ମିନିଟ୍ ଖଣ୍ଡ ଚାଲିଲା ପରେ ଆମେ ଆସି ଏକ ଆଲୋକଭରା

ଘରେ ପହଞ୍ଚିଲୁ । ମୋତେ ପହରା ଜଗେଇ ଦେଇ ସର୍ଜେଣ୍ଟ-ମେଜର ଗଲା ଖବର ଦେବାକୁ । ସଙ୍ଗେ ସଙ୍ଗେ ଫେରି ଆସି ମୋତେ କହିଲା ଯେ ବଡ଼ ଅଧିନାୟକଙ୍କ ସମୟ ନାହିଁ ମୋ ସହିତ ସାକ୍ଷାତ୍ କରିବାକୁ । ସେ ହୁକୁମ ଦେଇଛନ୍ତି ମୋତେ ଜେଲକୁ ପଠାଇଦେବାକୁ ଏବଂ ମୋ ସ୍ତ୍ରୀକୁ ତାଙ୍କ ପାଖକୁ ନେଇ ଯିବାକୁ ।

"ଏହାର ମାନେ କ'ଣ ?" ରାଗରେ ଜଳି ଉଠି ମୁଁ ଚିତ୍କାର କରି ଉଠିଲି, "ତାଙ୍କ ମୁଣ୍ଡ ଖରାପ ହୋଇଗଲାଣି ନା କ'ଣ ?"

"ମୁଁ ଜାଣେ ନା, ହଜୁର !" ସର୍ଜେଣ୍ଟ-ମେଜର ଉତ୍ତର ଦେଲା । "ମୁଁ କେବଳ ଏତିକି ଜାଣେ ଯେ, ହଜୁର ହୁକୁମ ଦେଇଛନ୍ତି ଆପଣଙ୍କୁ ଜେଲରେ ପୂରେଇବାକୁ ହେବ ଏବଂ ଆପଣଙ୍କ ସ୍ତ୍ରୀଙ୍କୁ ହଜୁରଙ୍କ ପାଖକୁ ନେଇଯିବାକୁ ହେବ !"

ମୁଁ ଦୁଆର ମୁହଁକୁ ଛୁଟିଗଲି । ପହରାଦାରମାନେ ମୋତେ ବାଧା ଦେବାକୁ ଚେଷ୍ଟା କଲେ ନାହିଁ । ସିଧା ଯାଇ ମୁଁ ହାଜର ହେଲି ସେଇ କୋଠରୀଟିରେ, ଯେଉଁଠି ଅଶ୍ୱାରୋହୀ ବାହିନୀର ପାଞ୍ଚ ଛଅ ଜଣ ଅଫିସର ଜୁଆଖେଳ ଖେଳୁଥାନ୍ତି । ବଡ଼ ଅଧିନାୟକ ଟଙ୍କା ପଇସାକୁ ଆବୁରି ବସିଥାନ୍ତି । ତାଙ୍କୁ ଚିହ୍ନି ପାରି ମୁଁ ଅବାକ୍ ହୋଇଗଲି । ସିଏ ହେଉଛନ୍ତି ସେଇ ଇଭାନ୍ ଇଭାନୋଭିଚ୍ ଜୁରିନ୍, ଯିଏ ସିମ୍ବିର୍ସ୍କ ପାନ୍ଥଶାଳାରେ ମୋଠାରୁ ବାଜି ଜିତିଥିଲେ !

"ଏ କି ଘଟଣା ?" ମୁଁ ଚିତ୍କାର କରିଉଠିଲି । "ଇଭାନ୍ ଇଭାନିଚ୍, ତମେ ପୁଣି ଏଠି ?"

"ଆରେ, ପିଓତର ଆନ୍ଦ୍ରେଇଚ୍ ଯେ ! ତୁମେ ଏଠାକୁ କେମିତି ଆସିଲ ? କେଉଁଠୁ ଆସିଲ ? ଆସ, ଆସ ଭାଇ । ଗୋଟେ ବାଜି ଖେଳି ନେବ ନା କ'ଣ ?"

"ଧନ୍ୟବାଦ ! ବରଂ ଭଲ ହେବ ଯଦି ତୁମେ ମୋ ରହିବାର ବନ୍ଦୋବସ୍ତ କରିବା ପାଇଁ ହୁକୁମ ଦିଅନ୍ତ ।"

"ରହିବାର ବନ୍ଦୋବସ୍ତ ? ମୋ ସହିତ ରହିଯାଅ ।"

"ତାହା ହୋଇ ପାରିବ ନାହିଁ, ମୁଁ ଏକଲା ଆସି ନି ।"

"ତେବେ ତମ ବନ୍ଧୁଙ୍କୁ ବି ନେଇ ଆସ ।"

"ମୁଁ ମୋ ବନ୍ଧୁ ସହିତ ଆସିନି, ଆସିଛି ଜଣେ ମହିଳାଙ୍କ ସହିତ ।"

"ମହିଳା ସହିତ ! ତାକୁ ପୁଣି କେଉଁଠୁ ଯୋଗାଡ଼ କଲ, ବନ୍ଧୁ ?" (ଏତକ କହି ଜୁରିନ୍ ଏପରି ଅର୍ଥପୂର୍ଣ୍ଣଭାବେ ସିଟି ବଜେଇ ଦେଲେ ଯେ, ସମସ୍ତେ ଠୋଠୋ ହୋଇ ହସି ଉଠିଲେ । ମୁଣ୍ଡଟା ମୋର ଘୂରେଇଗଲା ଭଳି ଲାଗିଲା ।)

"ଆଚ୍ଛା", ଜୁରିନ୍ କହି ଚାଲିଲେ, "ତାହା ହିଁ ହେଉ, ତୁମକୁ ଗୋଟିଏ ଘର ଦିଆଯିବ । କିନ୍ତୁ ବଡ଼ ଦୁଃଖର କଥା ...। ଦିଜଣ ଏକାଠି ରହିଲେ ଟିକେ ମଜା କରିଥାନ୍ତେ, ଠିକ୍ ଯେମିତି ସେଥର କରିଥିଲେ ...। ତାହେଲେ ଗୋଟିଏ କାମ କର ହେ, ପୁଗାଚ୍ଚେଭ୍‌ର ସେ ବାନ୍ଧବୀକୁ ଏଠାକୁ ନେଇ ଆସୁନା କାହିଁକି ? କ'ଣ ବଡ଼ ଜିଦ୍‌ଖୋର ନା କ'ଣ ? ତାକୁ କୁହ ଭୟ କରିବାର କିଛି ନାହିଁ । ଭଦ୍ରଲୋକଟି ଖୁବ୍ ଭଲ ମଣିଷ, ତା ଦେହରେ ହାତ ଛୁଇଁବ ନାହିଁ । ଯଦି ବେଶୀ ଗଣ୍ଡଗୋଳ କରେ ତେବେ କଡ଼ା କରି ପାନେ ଚଢ଼େଇ ଦିଅ ।"

"କ'ଣ ତୁମେ କହିଯାଉଛ ?" ଜୁରିନ୍‌ଙ୍କୁ ମୁଁ କହିଲି । "କାହାକୁ ତୁମେ ପୁଗାଚ୍ଚେଭ୍‌ର ବାନ୍ଧବୀ ବୋଲି କହୁଛ । ସେ ହେଉଛି ମୃତ କ୍ୟାପ୍‌ଟେନ୍ ମିରୋନୋଭ୍‌ଙ୍କ କନ୍ୟା । ମୁଁ ତାକୁ ବନ୍ଦୀଦଶାରୁ ମୁକ୍ତ କରି ଘେନି ଆସିଛି ଏବଂ ନେଇ ଯାଉଛି ମୋ ବାପାଙ୍କ ପାଖକୁ । ସେଠାରେ ତାକୁ ଛାଡ଼ି ଆସିବି ।"

"କ'ଣ କହିଲ ? ତାହେଲେ ତୁମରି ବିଷୟରେ ସେମାନେ ଏବେ ମୋତେ ଖବର ଦେବାକୁ ଆସିଥିଲେ ! ଆଚ୍ଛା ! କ'ଣ ଘଟଣାଟା ମୋତେ କୁହତ ?"

"ପରେ ସବୁ କଥା ତମକୁ କହିବି । ଭଗବାନଙ୍କ ରାଣ ଏବେ ବିଚରାଟିକୁ ଆଶ୍ରୟ ଦିଅ, ତମ ଏ ଅଶ୍ୱାରୋହୀଙ୍କ ଭୟରେ ସେ ମୃତ ପାଲଟି ଗଲାଣି ।"

ଜୁରିନ୍ ସଙ୍ଗେ ସଙ୍ଗେ ନିର୍ଦ୍ଦେଶ ଦେଲେ । ଘଟି ଯାଇଥିବା ଭୁଲ ବୁଝାମଣା ପାଇଁ କ୍ଷମା ଚାହିଁବା ନିମିତ୍ତ ସେ ନିଜେ ଗଲେ ମାରିୟା

ଇଭାନୋଭ୍‌ନା ପାଖକୁ । ସର୍ଜେଣ୍ଟ-ମେଜରକୁ ହୁକୁମ ଦେଲେ ସହରର ସବୁଠାରୁ ଭଲ ଘରଟିରେ ମାରିୟା ଇଭାନୋଭ୍‌ନାକୁ ରଖାଇବା ପାଇଁ । ମୋତେ ସେ ନିଜ ଘରେ ରହିବାକୁ ଜାଗା ଦେଲେ ।

ରାତ୍ରି ଭୋଜନ ପରେ ଘରୁ ଯେତେବେଳେ ସମସ୍ତେ ଚାଲିଗଲେ ମୁଁ ତାଙ୍କୁ ସମସ୍ତ ବୃତାନ୍ତ ଖୋଲି କରି କହିଲି । ଗଭୀର ମନୋଯୋଗ ଦେଇ ସେ ମୋ ଦୁଃସାହସୀ ଅଭିଯାନ କଥା ଶୁଣିଲେ । "ସବୁ ତ ଭଲ କଥା କହିଲ, କିନ୍ତୁ ଗୋଟିଏ କଥା ମୋତେ ଭଲ ଲାଗୁ ନି, ଭାଇ", ମୁଁ କହିସାରିଲା ପରେ ମୁଣ୍ଡ ହଲେଇ ଜୁରିନ୍ କହିଲେ, "ଏ ବାହା ହେବା ଝମେଲା ମଧ୍ୟକୁ କାହାକି ଯିବାକୁ ଚାହୁଁଛ କୁହତ ? ମୁଁ ଜଣେ ସଚ୍ଚୋଟ ଅଫିସର, ମୁଁ ତମକୁ ଧୋକା ଦେବାକୁ ଚାହୁଁ ନି । ମୋ କଥା ବିଶ୍ୱାସ କର—ଏ ବାହା ହବା ପଛରେ କୌଣସି ଅର୍ଥ ନାହିଁ । ସ୍ତ୍ରୀ ଆଉ ପିଲେ ଛୁଆଙ୍କୁ ନେଇ ତୁମେ କ'ଣ କରିବ କୁହତ ? ସେସବୁ ଭୁଲି ଯାଅ, ମୋ କଥା ଶୁଣ, କ୍ୟାପ୍‌ଟେନ୍‌ଙ୍କ ଝିଅ ସହିତ ସମସ୍ତ ସଂପର୍କ ତୁଟେଇ ଦିଅ । ସିମ୍ବିର୍ସ୍କକୁ ଯାଇଥିବା ସଡ଼କକୁ ମୁଁ ଶତ୍ରୁମାନଙ୍କଠାରୁ ମୁକ୍ତ କରି ଦେଇଛି, ତାହା ଏବେ ସଂପୂର୍ଣ୍ଣ ନିରାପଦ । କାଲି ତାକୁ ତୁମର ବାପା ମାଙ୍କ ପାଖକୁ ପଠେଇ ଦିଅ ଏବଂ ତୁମେ ମୋ ସେନାଦଳରେ ରହିଯାଅ । ଓରେନ୍‌ବୁର୍ଗକୁ ଫେରି କିଛି ଲାଭ ନାହିଁ । ପୁଣି ତୁମେ ବିଦ୍ରୋହୀମାନଙ୍କ ହାତରେ ପଡ଼ିବ ଏବଂ ଦ୍ୱିତୀୟ ଥର ପାଇଁ ସେମାନଙ୍କ କବଳରୁ ମୁକୁଳିବା ସହଜ ହେବ ନାହିଁ । ପ୍ରେମର ପାଗଳାମି କ୍ରମଶଃ ଦୂରେଇ ଯିବ ଏବଂ ସବୁକିଛି ଠିକ୍ ହୋଇଯିବ ।"

ଜୁରିନ୍ ସହିତ ସଂପୂର୍ଣ୍ଣ ଏକମତ ନ ହେଲେ ମଧ୍ୟ ମୁଁ ବୁଝିପାରିଲି ଯେ, ମୋର କର୍ତ୍ତବ୍ୟବୋଧ ଆଉ ସମ୍ମାନକୁ ବଜାଏ ରଖିବାକୁ ହେଲେ ମୋତେ ସମ୍ରାଜ୍ଞୀଙ୍କ ସେନାଦଳରେ ରହିବାକୁ ପଡ଼ିବ । ଜୁରିନ୍‌ଙ୍କ ଉପଦେଶକୁ ମାନି ନେଇ ମୁଁ ସ୍ଥିର କଲି ମାରିୟା ଇଭାନୋଭ୍‌ନାକୁ ଗାଁକୁ ପଠାଇ ଦେବି ଏବଂ ନିଜେ ଏହି ସେନାଦଳରେ ରହିଯିବି ।

ସାଭେଲିଚ୍ ଆସି ପହଞ୍ଚିଗଲା ମୋ ଶୋଇବା ବ୍ୟବସ୍ଥା କରିବାକୁ । ମୁଁ ତାକୁ କହିଲି ଆସନ୍ତାକାଲି ମାରିୟା ଇଭାନୋଭ୍‌ନାକୁ ସାଙ୍ଗରେ ନେଇ

ଗାଁକୁ ଯିବା ପାଇଁ ପ୍ରସ୍ତୁତ ହେବାକୁ । ମୋ କଥା ଶୁଣିଲା କ୍ଷଣି ସେ ପ୍ରତିବାଦ କରିଉଠିଲା :

"କ'ଣ କହୁଛନ୍ତି, ହଜୁର ? ଆପଣଙ୍କୁ ଛାଡ଼ି ମୁଁ କେମିତି ଯିବି ? ଆପଣଙ୍କୁ କିଏ ଦେଖା ଦେଖି କରିବ ? ଆପଣଙ୍କ ବାପା ମା କ'ଣ କହିବେ ?"

ମୁଁ ମୋ ବୃଦ୍ଧ ସେବକର ଜିଦିଖୋରି ସହିତ ବେଶ୍ ପରିଚିତ ଥିଲି । ତେବେ ଭାବିଲି ସ୍ନେହ ଆଉ ସତ କଥା କହି ତାକୁ ମୋ ସହିତ ଏକମତ କରିବାକୁ । "ବନ୍ଧୁ ଆର୍‌ଖିପ୍ ସାଭେଲିଚ୍ !" ମୁଁ କହିଲି, "ମୋ ଅନୁରୋଧ ପ୍ରତ୍ୟାଖ୍ୟାନ କର ନାହିଁ, ମୋ ଉପରେ ଦୟା କର । ଏଠି ମୋର ସେବା କରିବା ପାଇଁ କୌଣସି ଲୋକବାକର ଦରକାର ନାହିଁ । କିନ୍ତୁ ମାରିୟା ଇଭାନୋଭ୍‌ନାକୁ ଯଦି ତୁମେ ନେଇ ନ ଯାଅ, ତେବେ ମୋ ମନ ଅଶାନ୍ତିରେ ଭାଙ୍ଗି ପଡ଼ିବ । ତା'ର ସେବା କରିବା ଦ୍ୱାରା ମୋର ବି ତୁମେ ସେବା କରି ପାରିବ । କାରଣ ମୁଁ ଚୂଡ଼ାନ୍ତଭାବେ ସ୍ଥିର କରି ନେଇଛି, ସୁଯୋଗ ମିଳିଲା କ୍ଷଣି ମୁଁ ତାକୁ ବିବାହ କରିବି ।"

ମୋ କଥା ଶୁଣି ସାଭେଲିଚ୍ ଅତି ବିସ୍ମୟରେ ଦି ହାତକୁ ଏପରିଭାବେ ଛିଞ୍ଚାଡ଼ି ଦେଲା ଯେ, କହି ହେବ ନାହିଁ ।

"ବିବାହ କରିବ ?" ମୋ ଶବ୍ଦକୁ ପୁନରାବୃତ୍ତି କରି କହିଲା । "ପୁଅ ବାହା ହେବାକୁ ଚିନ୍ତା କରୁଛି ? ଏକଥା ଶୁଣିଲେ ଆପଣଙ୍କ ବାପା କ'ଣ କହିବେ ? ମା କ'ଣ ଭାବିବେ ଟିକେ ଚିନ୍ତା କରିଛନ୍ତି କି ?"

"ସେମାନେ ରାଜି ହୋଇଯିବେ, ନିଶ୍ଚୟ ରାଜି ହୋଇଯିବେ", ମୁଁ ଆଶ୍ୱସ୍ତି ଦେଲି, "ମାରିୟା ଇଭାନୋଭ୍‌ନାକୁ ଦେଖିଲା ପରେ ସେମାନେ କେବେ ଅମତ ହେବେ ନାହିଁ । ମୁଁ ତୁମ ଉପରେ କିଛି ପରିମାଣରେ ନିର୍ଭର କରୁଛି । ତୁମକୁ ବାପା ମା ବିଶ୍ୱାସ କରନ୍ତି । ଆମର ହୋଇ ତୁମେ ମଧ୍ୟ କହିବ, କ'ଣ କହିବ ନାହିଁ ?"

ବୃଦ୍ଧର ହୃଦୟ ଟହଲିଗଲା ଭଳି ଲାଗିଲା । "ଓହୋ, ମୋର ଆଦରର ମୁନିବ ପିଓତର ଆନ୍ଦ୍ରେଇଚ୍, କ'ଣ ଆପଣ କହୁଛନ୍ତି ! ଆପଣଙ୍କର ବିବାହ କରିବାର ବୟସ ଅବଶ୍ୟ ହୋଇ ନି, କିନ୍ତୁ ମାରିୟା ଇଭାନୋଭ୍‌ନା ଏତେ

ଭଲ ଝିଅଟିଏ ଯେ, ଏ ସୁଯୋଗ ହରେଇବା ଅର୍ଥ ପାପ କରିବା ଭଳି ହେବ । ଠିକ୍ ଅଛି, ଆପଣ ଯାହା ଚାହୁଁଛନ୍ତି ସେଇଆ ହେଉ ! ଏହି ଦେବୀ ପ୍ରତିମାକୁ ମୁଁ ସାଙ୍ଗରେ ନେଇଯିବି ଏବଂ ଆପଣଙ୍କ ବାପା ମାଙ୍କୁ ବିନୀତଭାବେ କହିବି ଯେ, ଏପରି ବୋହୂ ପାଇଁ ଯୌତୁକ ଦରକାର ପଡ଼େ ନାହିଁ ।"

ସାଭେଲିଚ୍‌କୁ ମୁଁ ଧନ୍ୟବାଦ ଜଣେଇଲି ଏବଂ ଜୁରିନ୍‌ଙ୍କ କୋଠରୀରେ ଯାଇ ଶୋଇ ପଡ଼ିଲି । ଅତ୍ୟଧିକ ଉତ୍ସାହିତ ଆଉ ଭାବପ୍ରବଣ ହୋଇ ପଡ଼ିଥିବାରୁ ମୁଁ ଅବିରାମ ଗପିଚାଲିଲି । ପ୍ରଥମେ ପ୍ରଥମେ ଜୁରିନ୍ ଆଗ୍ରହର ସହିତ ମୋର ଉତ୍ସାହପୂର୍ଣ୍ଣ କଥା ଶୁଣିଲେ, କିନ୍ତୁ କ୍ରମଶଃ ତାଙ୍କ କଥା ଅସଂଲଗ୍ନ ଏବଂ କ୍ଷୀଣ ହୋଇ ଆସିଲା । ଶେଷକୁ ଦେଖାଗଲା ମୋ କଥାର ଜବାବ୍ ଦେବା ପରିବର୍ତ୍ତେ ସେ ଘୁଙ୍ଗୁଡ଼ି ମାରୁଛନ୍ତି ଏବଂ ତାଙ୍କ ନାକରୁ ସିଟି ଦେଲା ଭଳି ଏକ ଶବ୍ଦ ବାହାରୁଛି । ତା'ପରେ ମୁଁ ଚୁପ୍ ହୋଇଗଲି, କିଛି କ୍ଷଣ ପରେ ତାଙ୍କ ଦୃଷ୍ଟାନ୍ତ ଅନୁସରଣ କଲି ।

ତହିଁଆରଦିନ ସକାଳେ ମୁଁ ଗଲି ମାରିୟା ଇଭାନୋଭ୍‌ନା ପାଖକୁ । ମୋର ପ୍ରସ୍ତାବ ତାକୁ ଜଣାଇଲି । ପ୍ରସ୍ତାବଟିକୁ ସେ ଯୁକ୍ତିଯୁକ୍ତ ବୋଲି ଗ୍ରହଣ କଲା ଏବଂ ମୋ ସହିତ ଏକମତ ହେଲା । ଜୁରିନ୍‌ଙ୍କ ସେନାଦଳ ସେଇ ଦିନ ସହର ଛାଡ଼ି ଚାଲିଯିବାର କଥା । ତେଣୁ ମୋ ପକ୍ଷରେ ବିଳମ୍ବ କରିବା ପାଇଁ ସମୟ ନ ଥାଏ । ସାଙ୍ଗେ ସାଙ୍ଗେ ମୁଁ ତାଠାରୁ ବିଦାୟ ନେଇ ଚାଲି ଆସିଲି । ସାଭେଲିଚ୍ ଉପରେ ତା'ର ରକ୍ଷଣାବେକ୍ଷଣ ଭାର ଅର୍ପଣ କରି ମୋ ବାପା ମାଙ୍କ ପାଖକୁ ଏକ ଚିଠି ଲେଖିଲି । ମାରିୟା ଇଭାନୋଭ୍‌ନା ଆଖିରୁ ଲୁହ ଗଡ଼େଇ କାନ୍ଦିବାକୁ ଲାଗିଲା ଏବଂ କ୍ଷୀଣ ସ୍ୱରରେ କହିଲା, "ବିଦାୟ ପିଓତର ଆନ୍ଦ୍ରେଇଚ୍ ! ଭଗବାନ ହିଁ କେବଳ ଜାଣନ୍ତି ପୁଣି ତମ ସହିତ ମୋର ଦେଖା ହେବ କି ନାହିଁ । କିନ୍ତୁ ଜୀବନର ଶେଷ ଦିନ ଯାଏ ମୁଁ ତମକୁ ଭୁଲି ପାରିବି ନାହିଁ । ବଞ୍ଚିଥିଲା ପର୍ଯ୍ୟନ୍ତ ତମ ରୂପ ମୋର ହୃଦୟରେ ଅମଳିନ ରହିଥିବ ।" ମୋ ମୁହଁରୁ କଥା ସ୍ଫୁରିଲା ନାହିଁ, ନୀରବ ରହିଲି । ଆମ ଚାରି ପାଖରେ ଅନେକ ଲୋକ ଜମିଥାନ୍ତି, ତେଣୁ ଅଜଣା ଅପରିଚିତ ଲୋକଙ୍କ ଆଗରେ ମନର କଥା ଖୋଲିବାକୁ ପସନ୍ଦ କଲି ନାହିଁ । ତା'ପରେ ସେ

ଗ୍ଲିଗଲା । ଉଦାସ ମନ ନେଇ ମୁଁ ଫେରି ଆସିଲି ଜୁରିନ୍‌ଙ୍କ ପାଖକୁ । କାହାକୁ କିଛି କହିବାକୁ ଇଚ୍ଛା ହେଉ ନ ଥାଏ । ଜୁରିନ୍ ଚେଷ୍ଟା କଲେ ମୋତେ ଖୁସି କରିବା ପାଇଁ ଏବଂ ମୁଁ ମଧ୍ୟ ନିଜେ ସେଇଆ ଗ୍ହୁଁଥିଲି । ଦିନ ସାରା ଆମର ବିତିଲା ଆନନ୍ଦ ଆଉ ଗୋଳଚହଳ ମଧ୍ୟରେ । ସନ୍ଧ୍ୟା ବେଳକୁ ସୈନ୍ୟସାମନ୍ତଙ୍କ ସହ ଆମେ ସହର ଛାଡ଼ି ଯାତ୍ରାରମ୍ଭ କଲୁ ।

ସେତେବେଳେ ଫେବ୍ରୁଆରୀ ମାସ ଶେଷ ହୋଇ ଆସୁଥାଏ । ଶୀତକାଳ ମଧ୍ୟ ଶେଷ ହେବା ଉପରେ । ଶୀତ ଯୋଗୁ ସାମରିକ କ୍ରିୟାକଳାପ ଜଟିଳ ହୋଇ ପଡ଼ିଥିଲା । ଏବେ ଆମ ଜେନେରାଲମାନେ ଏକତ୍ର ଅଭିଯାନ ଚଳେଇବାକୁ ପ୍ରସ୍ତୁତ ହେଉଥାନ୍ତି । ପୁଗାଚ୍ଚେଭ୍ ଏବେ ବି ଓରେନ୍‌ବୁର୍ଗ ଅବରୋଧ କରି ରହିଥାଏ । କିନ୍ତୁ ଛୋଟ ଛୋଟ ସେନାଦଳ ସବୁ ଆସି ଅନବରତ ଆମ ସେନାବାହିନୀ ସହିତ ଯୋଗ ଦେଉଥାନ୍ତି । ପ୍ରତ୍ୟେକ ଦିଗରୁ ସେମାନେ ବିଦ୍ରୋହୀ ଘାଟି ଉପରେ ଚଢ଼ଉ କରୁଥାନ୍ତି । ଯେଉଁସବୁ ଗାଁ ବିଦ୍ରୋହୀମାନଙ୍କ ସହିତ ମେଳ ବାନ୍ଧିଥିଲେ ସେସବୁ ଆମ ସେନାଦଳଙ୍କୁ ଦେଖି ଆତ୍ମସମର୍ପଣ କରିଯାଉଥିଲେ । ବିଦ୍ରୋହୀମାନେ ଗ୍ରରିଆଡ଼େ ଛିନ୍ନଛତ୍ର ହୋଇ ପଳାଇ ଯାଉଥାନ୍ତି । ତେଣୁ ସବୁଠି ଆଭାସ ମିଳୁଥିଲା, ଶୀଘ୍ର ଏବଂ ସଫଳତାର ସହିତ ସବୁକିଛି ସମାପ୍ତ ହୋଇଯିବ ।

ଅଳ୍ପ କେଇଦିନ ମଧ୍ୟରେ କାଉଣ୍ଟ ଗୋଲିସିନ୍ ପୁଗାଚ୍ଚେଭ୍‌କୁ ତାତିଶ୍ଚେଭା

ଦୁର୍ଗରୁ ହଟେଇ ଦେଲେ (୪୮) ଏବଂ ତା'ର ଦଳବଳକୁ ଛିନ୍ନଛତ୍ର କରି ଭଗେଇ ଦେଲେ ଏଣେ ତେଣେ । ଓରେନ୍‌ବୁର୍ଗ ଅବରୋଧର ଘେର ମଧ୍ୟରୁ ମୁକ୍ତ ହେଲା । ଏସବୁ ଦେଖି ମନେ ହେଲା, ବିଦ୍ରୋହ ଉପରେ ଏଥର ଅନ୍ତିମ ଆଉ ନିଷ୍ପତ୍ତିମୂଳକ ଆଘାତ ହଣାଯାଇଛି । ଏହି ସମୟରେ ଜୁରିନ୍‌ଙ୍କୁ ପଠାଗଲା ଦଳେ ବାଶ୍‌କିର୍ ବିଦ୍ରୋହୀଙ୍କ ବିରୁଦ୍ଧରେ । ଆମେ ପହଞ୍ଚିବା ଆଗରୁ ବିଦ୍ରୋହୀମାନେ ଛତ୍ରଭଙ୍ଗ ଦେଇ ପଳେଇ ଯାଇଥିଲେ, ଆମେ ସେମାନଙ୍କ ଚିହ୍ନବର୍ଣ୍ଣ ବି ଦେଖିବାକୁ ପାଇଲୁ ନାହିଁ । ବସନ୍ତ କାଳ ହେତୁ ଆମେ ଏକ ତାତାର ଗ୍ରାମରେ ଅଟକି ଯିବାକୁ ବାଧ୍ୟ ହେଲୁ । ନଦୀସବୁ ଉଛୁଳି ପଡ଼ିଥାନ୍ତି ଏବଂ ରାସ୍ତାସବୁ ଦୁର୍ଗମ ହୋଇ ପଡ଼ିଥାଏ । ଆମକୁ ନିଷ୍କ୍ରିୟଭାବେ ବସି ରହିବାକୁ ପଡ଼ିଲା ଏବଂ ଆମେ ନିଜକୁ କେବଳ ଆଶ୍ୱାସନା ଦେଲୁ ଯେ, ଏ ଦୁର୍ବୃତ୍ତ ଏବଂ ବର୍ବରମାନଙ୍କ ବିରୁଦ୍ଧରେ ଆମର ଏ ବିରକ୍ତିକର ଏବଂ ମାମୁଲି ଲଢ଼େଇ ଅବିଳମ୍ବେ ଶେଷ ହୋଇଯିବ ।

ସବୁକିଛି ସତ୍ତ୍ୱେ ପୁଗାଚ୍ଚେଭ୍ କିନ୍ତୁ ଧରାପଡ଼ିଲା ନାହିଁ । ସାଇବେରିଆର ଲୁହା କାରଖାନା ଅଞ୍ଚଳରେ ତା'ର ଆବିର୍ଭାବ ଘଟିଲା । ସେଠାରେ ସେ ତା'ର ନୂଆ ଦଳବଳ ସଂଗ୍ରହ କଲା ଏବଂ ତା'ର ଦୁଷ୍କର୍ମ ପୁଣି ଚଳେଇବାକୁ ଲାଗିଲା । ପୁଣି ତା'ର ସଫଳତାର ଗୁଜବ ରଟିଗଲା ଗ୍ରରିଆଡ଼େ । ସାଇବେରିଆର ଦୁର୍ଗସମୂହର ଧ୍ୱଂସ ଖବର ଆମ ପାଖରେ ଆସି ପହଞ୍ଚିଲା । ଏହାର କେଇଦିନ ପରେ ଖବର ମିଳିଲା ଯେ, ବିଦ୍ରୋହୀମାନେ କାଜାନ୍ ଅଧିକାର କରି ନେଇଛନ୍ତି (୪୯) ଏବଂ ନକଲି ଜାର୍ ମସ୍କୋ ଆଡ଼କୁ ଅଭିଯାନ ଆରମ୍ଭ କରିଛି । ଆମର ସାମରିକ ନେତାମାନେ ଏପର୍ଯ୍ୟନ୍ତ ସୁଖ ନିଦ୍ରାରେ ନିମଗ୍ନ ଥିଲେ । ସେମାନେ ନିଶ୍ଚିନ୍ତ ଥିଲେ ଯେ, ସେ ନର୍କକୀଟ ବିଦ୍ରୋହୀଟା କିଛି କରିପାରିବ ନାହିଁ । ଏଥର ସେମାନେ ସଜାଗ ହୋଇ ଉଠିଲେ । ଜୁରିନ୍‌ଙ୍କୁ ନିର୍ଦ୍ଦେଶ ଦିଆଗଲା ଭଲ୍‌ଗା ନଈର ଆର ପାରିକୁ ସେନାଦଳ ନେଇଯିବା ପାଇଁ *।

* ଏହିଠାରେ ଆଉ ଗୋଟିଏ ପରିଚ୍ଛେଦ ଥିଲା — ପରିଶିଷ୍ଟ — ଅନୁଲ୍ଲିଖିତ ପରିଚ୍ଛେଦ । ପୁଶ୍କିନ୍ ପରେ ଏହାକୁ ବାଦ୍ ଦେଇଥିଲେ । ପାଣ୍ଡୁଲିପିରେ କେବଳ ସେ ପରିଚ୍ଛେଦଟିର ପ୍ରଥମ ଚିଠାଟି ଦେଖିବାକୁ ମିଳେ — ସଂପାଦକ ।

ଆମର ଯୁଦ୍ଧାଭିଯାନ କିପରି ଚାଲିଲା ଏବଂ ତା'ର ପରିସମାପ୍ତି କିପରି ଘଟିଲା, ସେସବୁର ବର୍ଣ୍ଣନା ମଧ୍ୟକୁ ମୁଁ ଯାଉ ନାହିଁ । କେବଳ ଏତିକି କହିଲେ ଯଥେଷ୍ଟ ହେବ ଯେ, ଲୋକମାନଙ୍କର ଦୁଃଖ ଦୁର୍ଦ୍ଦଶାର ସୀମା ନଥିଲା । ବିଦ୍ରୋହୀମାନଙ୍କ ଦ୍ୱାରା ଧ୍ୱସ୍ତବିଧ୍ୱସ୍ତ ଗାଁ ଗଣ୍ଡା ମଧ୍ୟ ଦେଇ ଆମେ ଗଲାବେଳେ ହତଭାଗ୍ୟ ଗ୍ରାମବାସୀମାନଙ୍କ ପାଖରେ ଯାହା କିଛି ଅନ୍ନ ସଂସ୍ଥାନ ବଞ୍ଚିଥିଲା ସେସବୁକୁ ଆମେ ଛଡ଼େଇ ନେବାକୁ ବାଧ୍ୟ ହୋଇଥିଲୁ । ପ୍ରଶାସନର ଚିହ୍ନବର୍ଣ୍ଣ କେଉଁଠି ନଥିଲା, ଜମିଦାରମାନେ ଗାଁ ଛାଡ଼ି ବଣ ଜଙ୍ଗଲରେ ଲୁଚିଥିଲେ । ଚାରିଆଡ଼େ ଦୁର୍ବୃତ୍ତମାନଙ୍କର ଅବାଧ ରାଜତ୍ୱ, ଅତ୍ୟାଚାର । ବିଚ୍ଛିନ୍ନ ଛୋଟ ଛୋଟ ସେନାଦଳର କର୍ତ୍ତାମାନେ ଖୁସି ମୁତାବକ ଲୋକଙ୍କୁ ଦଣ୍ଡ ଦେଉଥାନ୍ତି ଏବଂ କ୍ଷମା କରୁଥାନ୍ତି । ବିରାଟ ଏହି ଅଞ୍ଚଳ ସାରା ନିଆଁ ଦାଉଦାଉ ହୋଇ ଜଳୁଥିଲା ଏବଂ ଅବସ୍ଥା ଭୟଙ୍କର ହୋଇ ଉଠିଥିଲା ...। ଭଗବାନ କରନ୍ତୁ, ଦୁନିଆରେ ଆଉ ଏପରି ନିର୍ମମ ନିର୍ବୋଧ ବିଦ୍ରୋହ ଯେପରି ଦେଖିବାକୁ ନମିଳୁ! (୫୦)

ପୁଗାଚେଭ୍ ପଳାଇ ଯାଉଥାଏ ଏବଂ ଇଭାନ୍ ଇଭାନୋଭିଚ୍ ମିଖେଲ୍‌ସୋନ୍ ତା'ର ପଶ୍ଚାଦ୍‌ଧାବନ କରୁଥାନ୍ତି । (୫୧) ଶୀଘ୍ର ଆମେ ଖବର ପାଇଲୁ ଯେ, ପୁଗାଚେଭ୍ ଚୂଡ଼ାନ୍ତଭାବେ ପରାଜିତ ହୋଇଛି । ଶେଷକୁ ଜୁରିନ୍‌ଙ୍କ ପାଖକୁ ସମ୍ବାଦ ଆସିଲା ନକଲି ଜାର୍‌କୁ ଗିରଫ୍ କରାଯାଇଛି ଏବଂ ନିର୍ଦ୍ଦେଶ ମିଳିଲା ଯୁଦ୍ଧ ବନ୍ଦ କରିବାକୁ । ଯୁଦ୍ଧ ଶେଷ ହେଲା । ଏଥର ମୁଁ ମୋ ବାପା ମାଙ୍କ ପାଖକୁ ଫେରିଯିବାର କଥା ! ମାରିୟା ଇଭାନୋଭ୍‌ନାଠାରୁ ଏତେ ଦିନ ହେଲା ଧାଡ଼ିଏ ଚିଠି ବି ପାଇ ନଥାଏ । ତାକୁ ଦେଖିବି ଏବଂ ବାପା ମାଙ୍କୁ ଆଦରରେ ଆଲିଙ୍ଗନ କରିବି – ଏହି ଚିନ୍ତା ମୋତେ ଆନନ୍ଦରେ ବିଭୋର କରିଦେଲା । ମୁଁ ପିଲାଙ୍କ ଭଳି ନାଚିବାକୁ ଆରମ୍ଭ କରିଦେଲି । ଜୁରିନ୍ ହସୁଥାନ୍ତି ଏବଂ କାନ୍ଧ ନଚାଉଥାନ୍ତି । କହିଲେ, "ହଉ, ତମ କପାଳରେ ଅନେକ ଦୁଃଖ ଅଛି ! ଯାଅ ବାହା ହୁଅ ଆଉ ନିଜକୁ ବରବାଦ କର !"

କିନ୍ତୁ ମୋର ଏହି ଆନନ୍ଦ ସହିତ ଆଉ ଏକ ଅଦ୍‌ଭୁତ ଅନୁଭୂତି ମିଶି ଯାଇଥାଏ । ଯେଉଁ ଦୁର୍ବୃତ୍ତ ଏତେ ନିରୀହ ଲୋକଙ୍କ ରକ୍ତରେ ନିଜ ହାତକୁ

କଳଙ୍କିତ କରିଛି ଏବଂ ଯାହାକୁ ଆସନ୍ନ ମୃତ୍ୟୁଦଣ୍ଡ ଅପେକ୍ଷା କରି ରହିଛି ତାକୁ ମୋ ମନରୁ ଦୂରେଇ ଦେଇ ପାରୁ ନଥାଏ । "ୟେମେଲ୍ୟା ! ୟେମେଲ୍ୟା !" ମନ ଦୁଃଖରେ ମୁଁ ଦୀର୍ଘଶ୍ୱାସ ପକାଇ ଭାବୁ ଥିଲି, "ତୁ କାହିଁକି କୌଣସି ସଙ୍ଗିନ ମୁନ ଉପରକୁ ଡେଇଁ ପଡ଼ିଲୁ ନାହିଁ ? କାହିଁକି କୌଣସି ବୁଲେଟ୍ ଆଗରେ ଛାତି ପତେଇ ଦେଲୁ ନାହିଁ ? ତୋ ପାଇଁ ଏହାହିଁ ଥିଲା ସର୍ବଶ୍ରେଷ୍ଠ ଉପାୟ ।" ତା'ର ମଙ୍ଗଳ ପାଇଁ କେମିତି ବା ମୁଁ ଚିନ୍ତା କରି ନଥାନ୍ତି ? ପୁଗାଚେଭ୍ ମୋ ଜୀବନର ଅତି ଭୟଙ୍କର ମୁହୂର୍ତ୍ତରେ ଯେଉଁ ଦୟା ପ୍ରଦର୍ଶନ କରିଥିଲା ଏବଂ ସଇତାନ ଶ୍‌ଭାବ୍ରିନ୍ କବଳରୁ ମୋ ବାଗ୍‌ଦତ୍ତାକୁ ଯେପରିଭାବେ ଉଦ୍ଧାର କରିଥିଲା, ତାହା ମୁଁ କଦାପି ଭୁଲି ପାରିବି ନାହିଁ । ପୁଗାଚେଭ୍ ସଂପର୍କରେ ଚିନ୍ତା କଲାବେଳେ ଏହିସବୁ ଚିନ୍ତା ତା ସହିତ ମିଶିଯାଉଥିଲା ।

ଘରକୁ ଯିବା ପାଇଁ ଜୁରିନ୍ ମୋତେ ଛୁଟି ଦେଇଦେଲେ । ଆଉ କେଇ ଦିନ ମଧ୍ୟରେ ମୁଁ ମୋ ପରିବାରର ଲୋକଙ୍କ ସହିତ ମିଶିବାର କଥା ଏବଂ ମୋର ପ୍ରାଣପ୍ରିୟା ମାରିୟା ଇଭାନୋଭ୍‌ନାକୁ ଦେଖିବାର କଥା ...। କିନ୍ତୁ ହଠାତ୍ ମୋ ମୁଣ୍ଡରେ ଏକ ବଜ୍ରପାତ ହେଲା ।

ଯେଉଁ ଦିନ ମୋର ଯିବାର କଥା ଏବଂ ଯେଉଁ ମୁହୂର୍ତ୍ତରେ ମୁଁ ବାହାରିବା ପାଇଁ ପ୍ରସ୍ତୁତ ହେଉଛି, ଠିକ୍ ସେତିକିବେଳେ ଜୁରିନ୍ ଆସି ମୋ ପାଖରେ ପହଞ୍ଚିଗଲେ । ହାତରେ ତାଙ୍କର ଖଣ୍ଡେ କାଗଜ ଏବଂ ମୁହଁରେ ଗଭୀର ବିଚଳିତ ଭାବ । ବୁକୁ ଭିତରଟା ମୋର ହଠାତ୍ ଚିହିଁକି ଉଠିଲା । ଏକ ଅଜଣା ଭୟରେ ମୁଁ ଶିହରି ଉଠିଲି । ମୋ ଅର୍ଦ୍ଦଳିକୁ ବାହାରକୁ ବିଦା କରିଦେଇ ସେ କହିଲେ, ତାଙ୍କର ମୋତେ କିଛି କହିବାକୁ ଅଛି । "କ'ଣ କହିବାର ଅଛି ?" ମୁଁ ଆତଙ୍କିତ ହୋଇ ପଚାରିଲି । "ଏକ ଛୋଟ ଅପ୍ରିୟ ଘଟଣା ଘଟି ଯାଇଛି", କାଗଜ ଖଣ୍ଡେ ମୋ ହାତକୁ ବଢ଼େଇ ଦେଇ ସେ ଉତ୍ତର ଦେଲେ, "ଏବେ ମୋତେ ମିଳିଲା, ତମେ ଏଟାକୁ ପଢ଼ ।" ମୁଁ ପଢ଼ିବାକୁ ଲାଗିଲି । ସେଟା ଥିଲା ଏକ ସାମରିକ ଗୁପ୍ତ ଆଦେଶ, ସମସ୍ତ ସାମରିକ କର୍ତ୍ତୃପକ୍ଷଙ୍କ ପାଖକୁ ପଠାଯାଇଛି । ସେଥିରେ ଲେଖାଥିଲା, ମୁଁ ଯେଉଁଠି ଥାଏଁ ନା କାହିଁକି,

ମୋତେ ତୁରନ୍ତ ଗିରଫ କରି କାଜାନ୍‌କୁ ପଠାଇ ଦିଆଯିବ । ସେଠାରେ ପୁଗାଚେଭ୍ ବିଷୟରେ ତଦନ୍ତ କରିବା ପାଇଁ ଗଠିତ କମିଶନ୍ ଆଗରେ ମୋତେ ହାଜିର ହେବାକୁ ପଡ଼ିବ । (୫୨)

କାଗଜଟି ମୋ ହାତରୁ ଖସି ପଡ଼ୁ ପଡ଼ୁ ଅଟକି ଗଲା । "ଆଉ କିଛି କରିବାର ନାହିଁ !" ଜୁରିନ୍ କହିଲେ । "ମୋତେ ଆଦେଶ ପାଳନ କରିବାକୁ ହେବ । ପୁଗାଚେଭ୍ ସହିତ ତମର ଯେଉଁ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ଥିଲା ସେ ବିଷୟରେ ଖବର ନିଶ୍ଚୟ କୌଣସି ପ୍ରକାରେ ସରକାରଙ୍କ କାନରେ ବାଜିଛି । ମୋର ବିଶ୍ୱାସ ଏହି ବିଷୟଟି ତମର କୌଣସି କ୍ଷତି ଘଟାଇବ ନାହିଁ ଏବଂ କମିଶନ୍ ଆଗରେ ତୁମେ ତୁମର ନିର୍ଦ୍ଦୋଷତା ପ୍ରମାଣ କରି ପାରିବ । ହତାଶ ହୁଅ ନାହିଁ । ସଙ୍ଗେ ସଙ୍ଗେ ବାହାରି ପଡ଼ ।" ମୁଁ କୌଣସି ଅପରାଧ କରିଛି ବୋଲି ମୋ ବିବେକ କହୁ ନଥିଲା । କମିଶନ୍ ଆଗକୁ ଯିବା ପାଇଁ ମୁଁ ଭୟ କରୁ ନଥିଲି । କିନ୍ତୁ ପୁନର୍ମିଳନର ମଧୁର ମୁହୂର୍ତ୍ତ ହୁଏତ କେଇ ମାସ ପାଇଁ ସ୍ଥଗିତ ରହିଯିବ ଭାବି ମୁଁ ଭୟଭୀତ ହୋଇ ପଡ଼ିଥିଲି । ମୋ ପାଇଁ ଘୋଡ଼ାଟଣା ସ୍ଲେଜ୍‌ଗାଡ଼ି ଅପେକ୍ଷା କରି ଛିଡ଼ା ହୋଇଥାଏ । ଜୁରିନ୍ ମୋତେ ବନ୍ଧୁଭଳି ବିଦାୟ ଜଣାଇଲେ । ମୁଁ ଗାଡ଼ିରେ ବସିଲି, ଦୁଇଜଣ ଅଶ୍ୱାରୋହୀ ସୈନିକ କୋଷମୁକ୍ତ ତରବାରି ଧରି ମୋ ସହିତ ବସିଲେ । ଗାଡ଼ି ଛୁଟି ଚାଲିଲା ରାଜପଥ ଦେଇ ।

ଚତୁର୍ଦ୍ଦଶ ପରିଚ୍ଛେଦ

ବିଗ୍ରର

"ବଣ ନିଆଁ ପରି
ଗୁଜବ ଯାଏ ଖେଳି ।"
ପ୍ରବାଦ

ବିନାନୁମତିରେ ଓରେନ୍‌ବୁର୍ଗରୁ ଚାଲିଯିବା ଯେ ମୋର ଏକମାତ୍ର ଅପରାଧ, ଏ ବିଷୟରେ ମୁଁ ନିଃସନ୍ଦେହ ଥିଲି । ତେବେ ମୋର ଏହି ଆଚରଣ ଯେ ନିର୍ଦ୍ଦୋଷ ତାହା ପ୍ରମାଣ କରିବାରେ ଅସୁବିଧା ହୋଇ ନଥାନ୍ତା । ଶତ୍ରୁ ସହିତ ଖଣ୍ଡ ଯୁଦ୍ଧ କରିବା ପାଇଁ ଗଡ଼ ବାହାରକୁ ଯିବାକୁ ବାରଣ କରିବା ପରିବର୍ତ୍ତେ ବରଂ ସବୁବେଳେ ଖୁବ୍ ବେଶି ପ୍ରୋତ୍ସାହନ ଦିଆଯାଇଥିଲା । ମୁଁ ଅତ୍ୟଧିକ ଆଗ୍ରହ ପ୍ରଦର୍ଶନ କରିଥିଲି ବୋଲି ମୋ ବିରୁଦ୍ଧରେ ଅଭିଯୋଗ ହୁଏତ ଅଣାଯାଇପାରେ, କିନ୍ତୁ ଶୃଙ୍ଖଳା ଭଙ୍ଗର ଅଭିଯୋଗ ଅଣା ଯାଇ ପାରିବ ନାହିଁ । ଅନ୍ୟଦିଗରେ ପୁଗାଚେଭ୍ ସହିତ ମୋର ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ଥିଲା ବୋଲି ପ୍ରମାଣ କରିବା ପାଇଁ ଅନେକ ସାକ୍ଷୀ ସାବୁତ ମିଳିପାରିବ ଏବଂ ମୋର ସେ ସଂପର୍କ, କମ୍ ହେଲେ ବି, ସନ୍ଦେହଜନକ ବୋଲି ମନେ ହେବାକୁ ବାଧ୍ୟ ହେବ । ମୋତେ କି କି ପ୍ରଶ୍ନ ପଚରା ଯାଇ ପାରେ ଏବଂ ସେସବୁର ଉତ୍ତର କ'ଣ ଦେବାକୁ ହେବ, ସେସବୁ ବିଷୟରେ ରାସ୍ତାସାରା ମୁଁ ଭାବି ଭାବି ଯାଇଥିଲି । ବିଗ୍ରରଙ୍କ ଆଗରେ ସବୁ ସତକଥା କହି ଦେବାକୁ ସ୍ଥିର କଲି । ଏହା ହିଁ ହେଉଛି ସବୁଠାରୁ ସହଜ ଆଉ ସବୁଠାରୁ ନିରାପଦ ଉପାୟ ବୋଲି ମୋର ମନେ ହେଲା ।

କାଜାନ୍ ସହରରେ ଯାଇ ପହଞ୍ଚିଗଲି । ସହରଟା ପ୍ରାୟ ଜଳି ପୋଡ଼ି ଧ୍ୱଂସ ହୋଇ ଯାଇଥାଏ । ରାସ୍ତାର ଦୁଇ ଧାରରେ ଅଙ୍ଗାରର ସ୍ତୂପ, ଏଠି ସେଠି ଛିଡ଼ା ହୋଇଛି ଛପର ଆଉ ଝରକା କବାଟ ନଥିବା କାନ୍ଥସବୁ । ସହର

ପରିତ୍ୟାଗ କରି ଗଲବେଳେ ପୁଗାଚେଭ୍ ଏହିସବୁ ଚିହ୍ନ ରଖିଯାଇଥାଏ ! ମୋତେ ଗଡ଼ ମଧ୍ୟକୁ ନିଆଗଲା । ଭସ୍ମପ୍ରାପ୍ତ ସହର ମଧ୍ୟରେ ଏହି ଗଡ଼ଟି କେବଳ ବଞ୍ଚିଯାଇଥାଏ । ମୋ ସହିତ ଯାଇଥିବା ଅଶ୍ୱାରୋହୀମାନେ ମୋତେ ପହରାଦାର ରକ୍ଷୀମାନଙ୍କ ଅଫିସରଙ୍କ ହାତରେ ଅର୍ପଣ କରିଦେଲେ । ରକ୍ଷୀମାନେ ସଙ୍ଗେ ସଙ୍ଗେ କମାରକୁ ଡାକି ମୋ ଗୋଡ଼ରେ ବେଡ଼ି ପିନ୍ଧେଇ ଦେଲେ ଏବଂ ବେଡ଼ିକୁ ଭଲ କରି କଷିଦିଆଗଲା । ତା'ପରେ ମୋତେ ନିଆଗଲା ବନ୍ଦୀଶାଳା ମଧ୍ୟକୁ । ଏକ ଅନ୍ଧକାରଭରା, ପଲସ୍ତରା ଉଠିଯାଇଥିବା କାନ୍ଥ ଆଉ ଲୁହା ଛଡ଼ିବସା ଛୋଟ ଝରକା ଥିବା ଏକ ଅଣଓସାରିଆ କୋଠରୀ ମଧ୍ୟରେ ମତେ ଏକଲା ଛାଡ଼ି ଦିଆଗଲା ।

ଏହିଭଳି ଏକ ଆରମ୍ଭ କୌଣସି ଭଲ ଜିନିଷର ପୂର୍ବାଭାସ ହୋଇ ପାରେ ନାହିଁ । ମୁଁ କିନ୍ତୁ ହତୋତ୍ସାହିତ ହେଲି ନାହିଁ କି ଆଶା ହରେଇଲି ନାହିଁ । ଦୁଃଖ କଷ୍ଟରେ ପଡ଼ିଥିବା ଲୋକମାନେ ଯେମିତି ନିଜକୁ ସାନ୍ତ୍ୱନା ଦିଅନ୍ତି ମୁଁ ମଧ୍ୟ ସେଇମିତି କଲି । ପବିତ୍ର ଅଥଚ କ୍ଷତବିକ୍ଷତ ଅନ୍ତରରୁ ନିର୍ଗତ ପ୍ରାର୍ଥନାର ମାଧୁର୍ଯ୍ୟ ଯେ କେତେ ତାହା ମୁଁ ଅନୁଭବ କଲି ପ୍ରଥମ ଥର ପାଇଁ । ତା'ପରେ ମୋର ଭବିତବ୍ୟ ସଂପର୍କରେ ଚିନ୍ତାଭାବନା ନକରି ଶୋଇ ପଡ଼ିଲି ଶାନ୍ତିରେ ।

ତହିଁଆରଦିନ ସକାଳେ ଜେଲ ରକ୍ଷକ ମୋତେ ନିଦରୁ ଉଠାଇଦେଲା । କହିଲା, ମୋତେ କମିଶନ୍‌ଙ୍କ ଆଗରେ ହାଜର ହେବାକୁ ପଡ଼ିବ । ଦୁଇଜଣ ସୈନ୍ୟ ମୋତେ ଦୁର୍ଗପତିଙ୍କ ଘରକୁ ନେଇଗଲେ । ସେଠାରେ ସେମାନେ ଅଗଣାରେ ଛିଡ଼ା ହୋଇ ରହିଲେ ଏବଂ ମୋତେ ପଠାଇଦେଲେ ଘର ମଧ୍ୟକୁ ।

ବେଶ୍ ଏକ ପ୍ରଶସ୍ତ କକ୍ଷ ମଧ୍ୟକୁ ମୁଁ ପ୍ରବେଶ କଲି । କାଗଜ ପତ୍ର ଥୁଆ ହୋଇଥିବା ଏକ ଟେବୁଲ ପାଖରେ ଦୁଇଜଣ ଲୋକ ବସିଥାନ୍ତି । ଜଣେ ପୁରୁଖା ଜେନେରାଲ, ଦେଖିବାକୁ ପ୍ରାଣହୀନ ଏବଂ କଠୋର; ଅନ୍ୟ ଜଣକ ରକ୍ଷୀ ବାହିନୀର ଏକ ତରୁଣ କ୍ୟାପ୍‌ଟେନ୍, ଦେଖିବାକୁ ପ୍ରିୟଦର୍ଶୀ, କର୍ମଚଞ୍ଚଳ ଏବଂ ଉତ୍ତମ ସ୍ୱଭାବସଂପନ୍ନ । ବୟସ ହେବ ଅଠେଇଶ ପାଖାପାଖି । ଝରକା ପାଖକୁ ସେକ୍ରେଟାରୀ ନିଜ ଟେବୁଲ ପାଖରେ,

କାନରେ ପରକଲମ ଗୁଞ୍ଜି ମୋର ବୟାନ ଲେଖିବା ପାଇଁ କାଗଜ ଉପରକୁ ଝୁଙ୍କି ହୋଇ ବସିଥାନ୍ତି । ଜେରା ଆରମ୍ଭ ହୋଇଗଲା । ମୋର ନାମ ଆଉ ପଦବୀ କ'ଣ ପଚରାଗଲା । ମୁଁ ଆନ୍ଦ୍ରେଇ ପେଟ୍ରୋଭିଚ୍ ଗ୍ରିନ୍ୟୋଭ୍‌ଙ୍କ ପୁତ୍ର କି ନା ଜେନେରାଲ ଜାଣିବାକୁ ଚାହିଁଲେ । ମୁଁ 'ହଁ' ବୋଲି କହିଲା କ୍ଷଣି ସେ ବଡ଼ କଠୋର ମନ୍ତବ୍ୟ କରି କହିଲେ, "ଖୁବ୍ ଦୁଃଖର କଥା ଯେ, ଏତେ ବଡ଼ ଜଣେ ସମ୍ମାନନୀୟ ବ୍ୟକ୍ତିଙ୍କର ଏପରି ଅଯୋଗ୍ୟ ପୁତ୍ର !" ମୁଁ ଶାନ୍ତଭାବେ ଜବାବ ଦେଲି ଯେ, ମୋ ବିରୁଦ୍ଧରେ ଯେକୌଣସି ଅଭିଯୋଗ ଥାଉନା କାହିଁକି, ମୋର ଆଶା ସତ କଥା କହି ସେସବୁ ଭୁଲ ବୋଲି ମୁଁ ପ୍ରମାଣ କରିଦେବି । ମୋର ଏହି ଆତ୍ମବିଶ୍ୱାସ ଦେଖି ସେ ଅସନ୍ତୁଷ୍ଟ ହେଲେ ଏବଂ ଭ୍ରୂକୁଞ୍ଚନ କରି କହିଲେ, "ତୁମେ ଖୁବ୍ ବୁଦ୍ଧିମାନ ହୋଇପାର, କିନ୍ତୁ ଆମେ ତୁମଠାରୁ ଆଉରି ଅଧିକ ବୁଦ୍ଧିମାନଙ୍କୁ ଦେଖିଛୁ !"

ତରୁଣ ଅଫିସର ଜଣକ ମୋତେ ପଚାରିଲେ, କେଉଁ ପରିସ୍ଥିତିରେ ଏବଂ କେଉଁ ସମୟରେ ମୁଁ ପୁଗାଚେଭ୍‌ର ସେନାଦଳରେ ଯୋଗ ଦେଇଥିଲି ଏବଂ କେଉଁ କେଉଁ କାମରେ ମୋତେ ସେ ନିଯୁକ୍ତ କରିଥିଲା ।

ମୁଁ ଘୃଣାର ସହିତ ଉତ୍ତର ଦେଲି, ମୁଁ ସୈନ୍ୟବାହିନୀର ଜଣେ ଅଫିସର ଏବଂ ସମ୍ଭ୍ରାନ୍ତ ବଂଶରେ ମୋର ଜନ୍ମ, ତେଣୁ କୌଣସି ପରିସ୍ଥିତିରେ ପୁଗାଚେଭ୍‌ର ସେନାଦଳରେ ଯୋଗ ଦେଇପାରି ନି କି କୌଣସି କାମ ପାଇଁ ତା'ର ନିର୍ଦ୍ଦେଶ ଗ୍ରହଣ କରିପାରି ନି ।

ତରୁଣ ଅଫିସର ଜଣକ ଜେରାକରି ଚାଲିଲେ, "ତାହେଲେ ନକଲି ଜାର୍ କେମିତି ଜଣେ ସମ୍ଭ୍ରାନ୍ତ ଆଉ ଅଫିସରକୁ ଛାଡ଼ିଦେଲା ଏବଂ ତା'ର ଅନ୍ୟ ସମସ୍ତ ସାଙ୍ଗ ସାଥୀଙ୍କୁ ନିର୍ମମଭାବେ ହତ୍ୟା କଲା ? ଏ ପୁଣି କିପରି ସମ୍ଭବ ହେଲା ଯେ, ସେଇ ସମ୍ଭ୍ରାନ୍ତ ଅଫିସର ବିଦ୍ରୋହୀମାନଙ୍କ ସହିତ ବନ୍ଧୁ ଭଳି ପାନାହାର କରିପାରେ ଏବଂ ଦୁର୍ବୃତ୍ତମାନଙ୍କର ସର୍ଦ୍ଦାରଠାରୁ ଏକ ମେଣ୍ଢାଚମଡ଼ାର କୋଟ୍, ଗୋଟାଏ ଘୋଡ଼ା ଏବଂ ପଚାଶ କୋପେକ୍ ଉପହାର ନେଇ ପାରେ ? ଏହି ଅଦ୍ଭୁତ ବନ୍ଧୁତ୍ୱ ପଛରେ ଯଦି ବିଶ୍ୱାସଘାତକତା

ନଥିଲା କିମ୍ବା ଅନ୍ତତଃ ପକ୍ଷେ ନୀଚ ଅପରାଧଜନକ କାପୁରୁଷତା ନଥିଲା ତେବେ ଆଉ କ'ଣ ଥାଇପାରେ ?"

ରକ୍ଷୀ ବାହିନୀ ଅଫିସରଙ୍କ କଥାଗୁଡ଼ାକ ମୋ ଅନ୍ତରକୁ ଗଭୀରଭାବେ କ୍ଷତବିକ୍ଷତ କରିଦେଲା । ଉତ୍ତେଜିତ ହୋଇ ମୁଁ ପ୍ରମାଣ କରିବାକୁ ଚେଷ୍ଟା କଲି ଯେ, ମୁଁ ଅନ୍ୟାୟ କରି ନି । ସମସ୍ତ ଘଟଣା ମୁଁ କହିବାକୁ ଲାଗିଲି, କିପରି ତୁଷାର ଝଡ଼ ମଧ୍ୟରେ ଷ୍ଟେପୀ ଅଞ୍ଚଳରେ ପୁଗାଚ୍ଚେଭ୍ ସହିତ ମୋର ଦେଖା ହେଲା ଏବଂ କିପରି ବେଲେଗୋର୍ସ୍କ ଗଡ଼ ଅଧିକାର କଲାପରେ ମୋତେ ଚିହ୍ନି ପାରି ସେ କ୍ଷମା ଦେଲା । ନକଲି ଜାର୍‌ଠାରୁ ମୁଁ ବିନା ଦ୍ୱିଧାରେ ମେଣ୍ଢାଚମଡ଼ା କୋଟ୍ ଆଉ ଘୋଡ଼ା ନେଇଛି ବୋଲି ମୁଁ ସ୍ୱୀକାର କଲି । ହେଲେ ଦୁର୍ବୃତ୍ତମାନଙ୍କ ହାତରୁ ବେଲେଗୋର୍ସ୍କ ଗଡ଼କୁ ରକ୍ଷା କରିବା ପାଇଁ ମୁଁ ଶେଷ ଯାଏ ଲଢ଼େଇ କରିଛି । ଶେଷକୁ ମୁଁ ମୋ ଜେନେରାଲଙ୍କ ନାମ ଉଲ୍ଲେଖ କଲି, ଯିଏକି ସାକ୍ଷୀ ଦେଇ ପାରିବେ ଯେ, ଓରେନ୍‌ବୁର୍ଗର ସେଇ ଭୟଙ୍କର ଅବରୁଦ୍ଧ ବେଳେ ମୁଁ କର୍ମତତ୍ପର ଥିଲି କି ନା ।

କଠୋର ଚେହେରାର ଲୋକ ଜଣକ ଟେବୁଲ ଉପରୁ କାଗଜ ଖଣ୍ଡେ ଟୋକି ନେଇ ବଡ଼ ପାଟିରେ ପଢ଼ିବାକୁ ଲାଗିଲେ :

"ବର୍ତ୍ତମାନର ବିଦ୍ରୋହ ସହିତ ସଂପୃକ୍ତ ଥିଲେ ଏବଂ ସାମରିକ ନିୟମ ତଥା ଆନୁଗତ୍ୟ ଶପଥର ବିରୁଦ୍ଧାଚରଣ କରି ଦୁର୍ବୃତ୍ତ ସହିତ ସଂପର୍କ ସ୍ଥାପନ କରିଥିଲେ ବୋଲି ଯେଉଁ ଛୋଟ ଲେଫ୍‌ଟନାଣ୍ଟ ଗ୍ରିନ୍ୟୋଭ୍‌ଙ୍କ ବିରୁଦ୍ଧରେ ଅଭିଯୋଗ ହୋଇଛି, ଉକ୍ତ ଗ୍ରିନ୍ୟୋଭ୍‌ଙ୍କ ସଂପର୍କରେ ମହାମାନ୍ୟ ଯାହା ଜାଣିବାକୁ ଚାହିଁଛନ୍ତି ତା'ର ଉତ୍ତର ସ୍ୱରୂପ ମୋର ବିନୀତ ବକ୍ତବ୍ୟ ହେଲା : ଉକ୍ତ ଛୋଟ ଲେଫ୍‌ଟନାଣ୍ଟ ଗ୍ରିନ୍ୟୋଭ୍ ୧୭୭୩ ମସିହା ଅକ୍ଟୋବର ମାସର ଆରମ୍ଭରୁ ଚଳିତ ବର୍ଷ ଫେବୃଆରୀ ୨୪ ତାରିଖ ପର୍ଯ୍ୟନ୍ତ ଓରେନ୍‌ବୁର୍ଗର ସେନାଦଳରେ କାର୍ଯ୍ୟରତ ଥିଲେ । ଶେଷୋକ୍ତ ତାରିଖରେ ସେ ସହରରୁ ଉଭାନ ହୋଇଗଲେ ଏବଂ ତା'ପରେ ମୋ ଅଧୀନସ୍ଥ ସେନାଦଳରେ ତାଙ୍କୁ ଆଉ ଦେଖିବାକୁ ମିଳି ନଥିଲା । ପୁଗାଚ୍ଚେଭ୍‌ର ଦଳତ୍ୟାଗୀମାନଙ୍କଠାରୁ ଖବର ମିଳିଛି ଯେ, ସେ ପୁଗାଚ୍ଚେଭ୍ ସହିତ ଗ୍ରାମରେ ରହୁଥିଲେ ଏବଂ ତା ସହିତ ତାଙ୍କ ପୂର୍ବତନ କର୍ମସ୍ଥଳୀ

ବେଲେଗୋର୍ସ୍କ ଗଡ଼କୁ ଯାଇଥିଲେ । ତାଙ୍କ ଚରିତ୍ର ସଂପର୍କରେ ମୁଁ ଏତିକି କହିପାରେ ଯେ ... ।" ସେହିଠି ପଢ଼ା ବନ୍ଦ କରି ଦେଇ ସେ ମୋତେ କଠୋର ସ୍ୱରରେ କହିଲେ, "ଏ ସଂପର୍କରେ ତମର କ'ଣ କହିବାର ଅଛି ?"

ଯେଉଁଭାବେ ମୁଁ ମୋ ବକ୍ତବ୍ୟ ଆରମ୍ଭ କରିଥିଲି, ସେଇପରି ଅକପଟଭାବେ ମାରିୟା ଇଭାନୋଭ୍‌ନା ସହିତ ମୋର ସଂପର୍କ ଏବଂ ଅନ୍ୟ ସମସ୍ତ ଘଟଣା ବିଷୟରେ କହିବାକୁ ଯାଉଥିଲି । କିନ୍ତୁ ହଠାତ୍ ଏକ ଅଚପା ବିତୃଷ୍ଣାରେ ମନ ମୋର ଘାରି ହୋଇପଡ଼ିଲା । ମୋତେ ଲାଗିଲା, ମାରିୟା ଇଭାନୋଭ୍‌ନାର ନାମ ଯଦି ମୁଁ ଉଲ୍ଲେଖ କରେ ତେବେ ଜେରା କରିବା ପାଇଁ କମିଶନ୍ ତାକୁ ଡକେଇ ପଠାଇବ । ଦଳେ ଦୁର୍ବୃତ୍ତଙ୍କର ହୀନ ଲାଞ୍ଛନା ସହିତ ଯୋଡ଼ି ହୋଇଯିବ ତା'ର ନାମ ଏବଂ ତାକୁ ସଶରୀରେ ସେମାନଙ୍କ ଆଗରେ ହାଜିର ହେବାକୁ ପଡ଼ିବ—ଏହି ଚିନ୍ତାଟା ମୋତେ ଭୟଙ୍କର ମନେ ହେଲା ଓ ମୁଁ ଅଙ୍ଗ ଅଙ୍ଗ ହୋଇ ପଡ଼ିଲି, ମୋ କଥା ଗୋଳମାଳ ହୋଇଗଲା ।

ମୋର ବିଗ୍ଭରକମାନେ ମୋ ପ୍ରତି କିଛି ଅନୁକୂଳ ମନୋଭାବ ନେଇ ମୋ କଥା ଶୁଣୁଥିଲେ, ହଠାତ୍ ମୋର ଅଙ୍ଗ ଅଙ୍ଗ ଭାବ ଦେଖି ସେମାନଙ୍କ ମନରେ ପୁଣି ମୋ ପ୍ରତି ବିରୂପ ଭାବ ଜାଗିଉଠିଲା । ରକ୍ଷୀ ବାହିନୀର ଅଫିସର ଦାବି କଲେ, ମୁଖ୍ୟ ଖବରଦାତାଙ୍କୁ ମୋ ସାମନାକୁ ଡକାଯାଉ । ଜେନେରାଲ ହୁକୁମ୍ ଦେଲେ "ଗତକାଲିର ଦୁର୍ବୃତ୍ତକୁ" ହାଜିର କରିବା ପାଇଁ । ମୋ ବିରୁଦ୍ଧରେ ଅଭିଯୋଗ କରିଥିବା ଲୋକଟି ଅପେକ୍ଷାରେ ମୁଁ ଆଗ୍ରହର ସହିତ ଦୁଆର ଆଡ଼କୁ ଚାହିଁ ରହିଲି । କିଛି କ୍ଷଣ ମଧ୍ୟରେ ଶିକୁଳିର ଝଣ୍‌ଝଣ୍ ଶବ୍ଦ ଶୁଣିବାକୁ ମିଳିଲା ଏବଂ ଦୁଆର ଖୋଲିଗଲା । ଘର ମଧ୍ୟକୁ ପ୍ରବେଶ କଲା ଶ୍‌ଭାବ୍ରିନ୍ । ତା'ର ଏ ପରିବର୍ତ୍ତନ ଦେଖି ମୁଁ ଅବାକ୍ ହୋଇଗଲି । ସେ ଭୟଙ୍କର ରୋଗା ଏବଂ ମଳିନ ଦିଶୁଥାଏ । କିଛି ଦିନ ଆଗେ ତା'ର ମୁଣ୍ଡର କେଶସବୁ କଳା ମଚମଚ ଥିଲା, କିନ୍ତୁ ଏବେ ସେସବୁ ପୂରା ଧଳା ପାଲଟି ଯାଇଥାଏ । ଲମ୍ବମାନ ଦାଢ଼ିରେ ପାନିଆ ବାଜି ନଥାଏ କେବେଠୁଁ । ମୋ ବିରୁଦ୍ଧରେ ତା'ର ଅଭିଯୋଗଗୁଡ଼ିକୁ ସେ କ୍ଷୀଣ ଅଥଚ ଦୃଢ଼ ସ୍ୱରରେ ପୁଣି କହିଗଲା । ତା ମତରେ ପୁଗାଚ୍ଚେଭ୍ ମୋତେ କାଳେ ଗୁପ୍ତଚର ହିସାବରେ

ପଠାଇଥିଲା ଓରେନ୍‌ବୁର୍ଗ ଗଡ଼କୁ । ଶତ୍ରୁ ପକ୍ଷ ସହିତ ଖଣ୍ଡଯୁଦ୍ଧ କରିବା ବାହାନାରେ ମୁଁ ପ୍ରତିଦିନ ବାହାରକୁ ଆସୁଥିଲି ଏବଂ ସହରରେ ଘଟୁଥିବା ଘଟଣାବଳୀ ସଂପର୍କରେ ଲିଖିତ ବେଉରା ପଠେଇ ଦେଉଥିଲି । ଶେଷକୁ କାଳେ ଖୋଲଖୋଲି ଭାବେ ଯୋଗ ଦେଲି ନକଲି ଜାର୍‌ର ଦଳରେ । ତା ସହିତ ଗାଡ଼ିରେ ବସି ଏଦୁର୍ଗରୁ ସେଦୁର୍ଗକୁ ବୁଲିବାରେ ଲଗିଲି ଏବଂ ମୋ ସାଥୀମାନଙ୍କର ପଦ ଅଧିକାର କରିବା ପାଇଁ ଆଉ ନକଲି ଜାର୍‌ର ଅନୁଗ୍ରହ ଲଭ ପାଇଁ ବିଶ୍ୱାସଘାତକତା କରି ସେମାନଙ୍କର ସର୍ବନାଶ କରିବାକୁ ଉଦ୍ୟମ କଲି । ମୁଁ ନିରବରେ ତା କଥା ଶୁଣିଗଲି ଏବଂ ମୋତେ ଖୁସି ଲଗିଲା ଯେ, ଘୃଣ୍ୟ ବଦମାସଟା ମାରିୟା ଇଭାନୋଭ୍‌ନାର ନାମ ଉଚ୍ଚାରଣ କଲା ନାହିଁ । ସେ ହୁଏତ ଏଇଥି ପାଇଁ କଲା ନାହିଁ ଯେ, ଯେଉଁ ଝିଅଟି ତାକୁ ଘୃଣାର ସହିତ ପ୍ରତ୍ୟାଖ୍ୟାନ କରିଥିଲା ତା ନାମ ମୁହଁରେ ଉଚ୍ଚାରଣ କରିବାକୁ ତା'ର ଆତ୍ମସମ୍ମାନବୋଧ ବାଧା ଦେଇଥିଲା । ହୁଏତ ମୋ ଭଳି ତା ମନରେ ଏଭଳି କିଛି ଅନୁଭୂତିର ଝଲକ ରହିଯାଇଥିଲା, ଯେଉଁଥି ପାଇଁ ସେ ମାରିୟା ଇଭାନୋଭ୍‌ନା ସଂପର୍କରେ କିଛି କହିଲା ନାହିଁ । କାରଣ ଯାହା ହେଉନା କାହିଁକି, ବେଲେଗୋର୍ସ୍କ ଗଡ଼ର ଗଡ଼ନାୟକଙ୍କ କନ୍ୟାର ନାମଟି ତଦନ୍ତ କମିଶନ୍‌ଙ୍କ ଆଗରେ ଅନୁଲିଖିତ ରହିଗଲା । ଏହା ଦ୍ୱାରା ମୋର ଅଭିଳାଷ ଆଉରି ଜୋରଦାର ହୋଇଗଲା । ବିଗ୍ଭରକମାନେ ମୋତେ ଯେତେବେଳେ ପଗ୍ଭରିଲେ ଶ୍‌ଭାବ୍ରିନ୍‌ର ସାକ୍ଷୀ ବିରୁଦ୍ଧରେ ମୋର କ'ଣ କହିବାର ଅଛି, ମୁଁ କହିଲି ଆତ୍ମପକ୍ଷ ସମର୍ଥନ କରି ମୁଁ ଇତିପୂର୍ବରୁ ଯାହା କହିଛି ତାଠାରୁ ଅଧିକ ମୋର କିଛି କହିବାର ନାହିଁ । ଜେନେରାଲ ନିର୍ଦ୍ଦେଶ ଦେଲେ ଆମ ଦିହିଁଙ୍କୁ ବାହାରକୁ ନେଇଯିବା ପାଇଁ । ଏକାଠି ଆମେ ଦିହେଁ ବାହାରି ଆସିଲୁ । ଶ୍‌ଭାବ୍ରିନ୍‌କୁ କେବଳ ଶାନ୍ତ ଦୃଷ୍ଟିରେ ମୁଁ ଗ୍ଭହିଁଲି, କିଛି କହିଲି ନାହିଁ । ମୁହଁରେ ବିଦ୍ୱେଷର ହସ ଫୁଟାଇ ଶ୍‌ଭାବ୍ରିନ୍ ବେଡ଼ିଟାକୁ ଟେକି ଧରି ମୋ ଆଗେ ଆଗେ ଘର ମଧ୍ୟରୁ ବାହାରି ଯାଇ ଦ୍ରୁତ ପଦରେ ଆଗେଇଗଲା । ମୋତେ ନେଇ ପୁଣି ବନ୍ଦ କରି ଦିଆଗଲା ବନ୍ଦୀଶାଳା ମଧ୍ୟରେ । ତା ପରେ ଜେରା କରିବା ପାଇଁ ମୋତେ ଆଉ ବାହାରକୁ ଅଣାଯାଇ ନଥିଲା ।

ଏହା ପରେ ପାଠକମାନଙ୍କୁ ସେଇସବୁ ଘଟଣାବଳୀ ସଂପର୍କରେ ମୁଁ କହିବି, ଯାହାକୁ ମୁଁ ସ୍ୱଚକ୍ଷୁରେ ଦେଖି ନଥିଲି । କିନ୍ତୁ ସେସବୁ ବିଷୟରେ ମୁଁ ଏତେ ଥର ଶୁଣିଛି ଯେ, ସେସବୁର ଛୋଟ ଛୋଟ ବିବରଣୀ ବି ମୋ ସ୍ମୃତିପଟରେ ଆଙ୍କି ହୋଇଯାଇଛି । ମୋତେ ଲଗୁଛି ସେସବୁ ଘଟିଲା ବେଳେ ମୁଁ ଯେମିତି ଅଦୃଶ୍ୟଭାବେ ଉପସ୍ଥିତ ଥିଲି ।

ଗତ ଶତାବ୍ଦୀର ଲୋକମାନଙ୍କର ଏକ ବିଶେଷ ଲକ୍ଷଣ ହେଲା ସେମାନଙ୍କ ଅନ୍ତରଙ୍ଗ ଆତିଥେୟତା । ମାରିୟା ଇଭାନୋଭ୍‌ନାକୁ ମୋ ବାପା ମା ସେଇ ଅନ୍ତରଙ୍ଗ ଆତିଥେୟତା ଦ୍ୱାରା ଗ୍ରହଣ କରିଥିଲେ । ସେମାନେ ଏହି ସହାୟ-ସମ୍ବଳହୀନା ଅନାଥିନୀ ଝିଅଟିକୁ ଆଶ୍ରୟ ଆଉ ଭରସା ଦାନ ମଧ୍ୟରେ ଭଗବାନଙ୍କ ମଙ୍ଗଳମୟତାକୁ ଅନୁଭବ କରିଥିଲେ । ଅଳ୍ପ ଦିନ ଭିତରେ ତା ପ୍ରତି ସେମାନଙ୍କ ଆନ୍ତରିକ ଆଦର ବଢ଼ିଯାଇଥିଲା । କାରଣ ମାରିୟା ଇଭାନୋଭ୍‌ନାର ସଂସ୍ପର୍ଶରେ ଆସିଲା ପରେ ତାକୁ ଯେକୌଣସି ଲୋକ ଭଲ ନପାଇ ରହିପାରିବ ନାହିଁ । ତା ପ୍ରତି ମୋର ପ୍ରେମକୁ ମୋ ବାପା ଆଉ ଏକ ଖାମଖିଆଲ ବୋଲି ବିଗ୍ଭର କଲେ ନାହିଁ ଏବଂ ମୋ ମା ତ କେବଳ ଭାବିବାକୁ ଲଗିଲେ ଯେ, ତାଙ୍କ ପେତ୍ରୁଶା କେବେ କ୍ୟାପ୍‌ଟେନ୍‌ଙ୍କର ଅଲିଅଳୀ କନ୍ୟାକୁ ବିବାହ କରିବ ।

ଠିକ୍ ଏହି ସମୟରେ ମୋ ଗିରଫ ଗୁଜବ ଶୁଣି ଆମ ପରିବାରର ଲୋକେ ହତଚକିତ ହୋଇପଡ଼ିଲେ । ଇତିପୂର୍ବରୁ ପୁଗାଗ୍ଭେଭ୍ ସହିତ ମୋର ଅଦ୍‌ଭୁତ ସଂପର୍କ ବିଷୟରେ ଏକ ସରଳ ବିବରଣ ସେମାନଙ୍କୁ ମାରିୟା ଇଭାନୋଭ୍‌ନା ଦେଇଥିଲା । ସେସବୁ ଶୁଣି ସେମାନେ ଉଦ୍‌ବିଗ୍ନ ହେବା ପରିବର୍ତ୍ତେ ବରଂ ଅନେକ ଥର ପ୍ରାଣଭରି ହସି ଉଠିଥିଲେ । ଯେଉଁ ବିଦ୍ରୋହର ଲକ୍ଷ୍ୟ ଥିଲା ରାଜତନ୍ତ୍ରର ଉଚ୍ଛେଦ ଆଉ ସମ୍ଭ୍ରାନ୍ତ ଶ୍ରେଣୀକୁ ବିଲୋପ କରିବା, ସେପରି ଏକ ଘୃଣ୍ୟ ବିଦ୍ରୋହ ସହିତ ମୁଁ ଯୁକ୍ତ ହୋଇ ପାରିଥିବି ବୋଲି ବାପା ମୋର ବିଶ୍ୱାସ କରି ପାରି ନଥିଲେ । ସାଭେଲିଚ୍‌କୁ ସେ ଗୁଡ଼େଇ ତୁଡ଼େଇ ପ୍ରଶ୍ନ କରିବାକୁ ଲଗିଲେ । ମୋର ବୃଦ୍ଧ ସେବକଟି କୌଣସି କଥା ଗୋପନ ନରଖି କହିଲା, ଯେମେଲ୍‌କା ପୁଗାଗ୍ଭେଭ୍ ତା'ର ଛୋଟ ମୁନିବଙ୍କୁ ଆଦର କରି

ଖୁଆଇଛି ଏବଂ ତାଙ୍କର ଅନେକ ଉପକାର କରିଛି । କିନ୍ତୁ ସେ ହଲପ କରି କହିଲ ଯେ, ଛୋଟ ମୁନିବ କେବେ ବିଶ୍ୱାସଘାତକତା କରି ନାହାନ୍ତି । ଏକଥା ଶୁଣି ବୁଢ଼ା ବୁଢ଼ୀଙ୍କ ମନର ଆତଙ୍କ କଟିଗଲ ଏବଂ ସେମାନେ ସୁସମ୍ବାଦ ଆଶାରେ ଆଗ୍ରହର ସହିତ ଅପେକ୍ଷା କରି ରହିଲେ । ମାରିୟା ଇଭାନୋଭ୍‌ନା କିନ୍ତୁ ଖୁବ୍ ଉଦ୍‌ବିଗ୍ନ ହୋଇ ପଡ଼ିଥିଲେ ମଧ୍ୟ କିଛି କହିଲ ନାହିଁ । କାରଣ ତା'ର ସବୁଠାରୁ ବଡ଼ ଗୁଣଟି ହେଲ ତା'ର ନମ୍ରତା ଆଉ ସ୍ୱାଧୀନ ବିଗ୍ରର ଶକ୍ତି ।

ଇତିମଧ୍ୟରେ କେଇ ସପ୍ତାହ ବିତିଗଲ ... । ହଠାତ୍ ଦିନେ ମୋ ବାପାଙ୍କ ପାଖରେ ପହଞ୍ଚିଲ ଏକ ଚିଠି । ଚିଠିଟି ଲେଖିଥିଲେ ପିଟର୍ସବୁର୍ଗରେ ଥିବା ଆମ ଆତ୍ମୀୟ ରାଜପୁରୁଷ ବି. । ସେ ମୋରି ବିଷୟରେ ଲେଖିଥିଲେ । ଚିଠିର ପ୍ରାରମ୍ଭରେ ଚିରାଚରିତ ଢଙ୍ଗରେ କେଇଟି ପଂକ୍ତି ଲେଖିଲ ପରେ ରାଜପୁରୁଷ ବି. ଜଣାଇଥିଲେ, ବିଦ୍ରୋହୀମାନଙ୍କ ପରିକଳ୍ପନାରେ ମୁଁ ଅଂଶଗ୍ରହଣ କରିଥିଲି ବୋଲି ଯେଉଁ ସନ୍ଦେହ କରାଯାଉଥିଲ ତାହା ପ୍ରମାଣିତ ହୋଇଛି । ଏହା ଅତୀବ ଦୁଃଖର ବିଷୟ । ଏ କ୍ଷେତ୍ରରେ ମୁଁ ଉପଯୁକ୍ତ ଶାସ୍ତି ପାଇବାର କଥା, କିନ୍ତୁ ମୋ ବାପାଙ୍କର ବୃଦ୍ଧ ବୟସ ଆଉ ଅତୀତରେ ରାଜସେବାର କଥା ମନେ ପକାଇ ସମ୍ରାଜ୍ଞୀ ତାଙ୍କ କୁଳାଙ୍ଗାର ପୁତ୍ରକୁ କ୍ଷମା ଦେବେ ବୋଲି ସ୍ଥିର କରିଛନ୍ତି ଏବଂ ଫାଶି ମଞ୍ଚରେ କଳଙ୍କଜନକ ମୃତ୍ୟୁ ଦେବା ପରିବର୍ତ୍ତେ ସାଇବେରିଆର କୌଣସି ଏକ ଦୂର ପ୍ରାନ୍ତରେ ଆଜୀବନ ନିର୍ବାସନ ଦଣ୍ଡ ଦେଇଛନ୍ତି ।

ଏହି ଅପ୍ରତ୍ୟାଶିତ ଆଘାତ ଦ୍ୱାରା ମୋ ବାପା ମୃତପ୍ରାୟ ହୋଇ ପଡ଼ିଲେ । ତାଙ୍କ ଚରିତ୍ରର ସ୍ୱାଭାବିକ ଦୃଢ଼ତା ସେ ହରେଇ ବସିଲେ ଏବଂ ମନର ଦୁଃଖକୁ (ଅନ୍ୟ ସମୟରେ ଯାହା ପ୍ରକାଶ ପାଏ ନି) ତିକ୍ତ ବିଳାପ ଆକାରରେ ପ୍ରକାଶ କରିଥିଲେ, "କ'ଣ ହେଲ ?" ଉତ୍ତେଜିତ ହୋଇ ସେ ଦୋହରାଇବାକୁ ଲଗିଲେ, "ମୋ ପୁଅ ପୁଣି ଶେଷକୁ ପୁଗାଚ୍ଚେଭ୍‌ର ଚକ୍ରାନ୍ତରେ ଯୋଗ ଦେଲ ! ହେ ଭଗବାନ, ଏହା ହିଁ ଶେଷକୁ ଲେଖାଥିଲ ମୋ କପାଳରେ ! ସମ୍ରାଜ୍ଞୀ ତା'ର ଜୀବନ ବଞ୍ଚାଇ ଦେଇଛନ୍ତି ! କିନ୍ତୁ ଏହା ଦ୍ୱାରା ମୋ ଦୁଃଖ

କ'ଣ ଲଘବ ହୋଇଯିବ ? ମୋ ପୂର୍ବପୁରୁଷଙ୍କ ମଧ୍ୟରୁ ଜଣକୁ ବି ପ୍ରାଣଦଣ୍ଡ ଦିଆଯାଇଥିଲ, କିନ୍ତୁ ସେ ପ୍ରାଣ ଦେଇଥିଲେ ନିଜ ବିଶ୍ୱାସର ମର୍ଯ୍ୟାଦା ରକ୍ଷା କରିବା ପାଇଁ ! ମୋ ପିତା ମଧ୍ୟ ଭୋଲିନ୍‌ସ୍କି ଆଉ ଖ୍ରୁଶ୍ଚେଭ୍‌ଙ୍କ (୫୩) ସହିତ ଶହୀଦ୍ ହୋଇଥିଲେ ! କିନ୍ତୁ ସମ୍ଭ୍ରାନ୍ତ ବଂଶର ସନ୍ତାନ ଯଦି ଶପଥ ଭଙ୍ଗ କରେ, ଯଦି ଦୁର୍ବୃତ୍ତ, ଖୁଣୀ ଆଉ ବାରବୁଲ ଭୂମିଦାସମାନଙ୍କ ଦଳରେ ଯୋଗ ଦିଏ !.. ଆମ କୁଳର କଳଙ୍କ ଛଡ଼ା ଏ ଆଉ କ'ଣ ହୋଇପାରେ !.." ବାପାଙ୍କର ଏହି ହତାଶାଭାବ ଦେଖି ମା ମୋର ଆତଙ୍କିତ ହୋଇ ପଡ଼ିଥିଲେ ଏବଂ ତାଙ୍କ ଆଗରେ ଆଖିରୁ ଲୁହ ବୁହାଇ କାନ୍ଦିବାକୁ ସାହସ ତାଙ୍କର ହୋଇ ନଥିଲ । ଗୁଜବ କେବେ ସତ ହୁଏ ନାହିଁ, ମଣିଷର ମନ ସବୁବେଳେ ସ୍ଥିର ରହେନା ବୋଲି କହି ବାପାଙ୍କୁ ସେ ସାନ୍ତ୍ୱନା ଦେବା ପାଇଁ ଚେଷ୍ଟା କରିଥିଲେ । କିନ୍ତୁ ବାପାଙ୍କୁ ତାଙ୍କର ସେସବୁ ପ୍ରବୋଧନା ସାନ୍ତ୍ୱନା ଦେଇ ପାରି ନଥିଲ ।

ସବୁଠାରୁ ଅଧିକ ଯନ୍ତ୍ରଣା ପାଇଥିଲ ମାରିୟା ଇଭାନୋଭ୍‌ନା । ତା'ର ଦୃଢ଼ ବିଶ୍ୱାସ ଥିଲ ଯେ, ମୁଁ ନିଜକୁ ଅତି ସହଜରେ ନିର୍ଦ୍ଦୋଷ ବୋଲି ପ୍ରମାଣିତ କରି ପାରିଥାନ୍ତି । ତେଣୁ ସେ ଅସଲ କଥାଟିକୁ ଅନୁମାନ କରି ପାରିଥିଲ ଏବଂ ମୋ ଦୁର୍ଭାଗ୍ୟ ପାଇଁ ନିଜକୁ ମନେ ମନେ ଦୋଷ ଦେଇଥିଲ । ମୋତେ କିପରି ଉଦ୍ଧାର କରିବାକୁ ହେବ ନିରନ୍ତର ସେ ଚିନ୍ତା କରିବାକୁ ଲଗିଲ ଏବଂ କାହା ଆଗରେ ଆଖିରୁ ଲୁହ ନଝରେଇ ମନର ବ୍ୟଥାକୁ ଲୁଗ୍ଇ ରଖିଲ ।

ଦିନେ ସଂଧ୍ୟାବେଳେ ସୋଫା ଉପରେ ବସି ମୋ ବାପା ରାଜଦରବାରର ପଞ୍ଜିକାର ପୃଷ୍ଠା ଓଲଟାଉଥାନ୍ତି । ପଞ୍ଜିକାଟି ପୂର୍ବଭଳି ମନରେ ତାଙ୍କର ଆଗ୍ରହ ସୃଷ୍ଟି କରୁ ନଥାଏ, ଅନ୍ୟ ଏକ ଚିନ୍ତା ଜଗତରେ ସେ ଘୂରି ବୁଲୁଥାନ୍ତି । ପୁରୁଣା ଏକ ସାମରିକ ସଂଗୀତର ସୁରରେ ସେ ସିଟି ବଜାଉଥାନ୍ତି । ମା ମୋର ନିର୍ବାକ ହୋଇ ବସି ରହି ଏକ ପଶମ ସୁଇଟର ବୁଣୁଥାନ୍ତି । ମଝିରେ ମଝିରେ ଆଖିରୁ ତାଙ୍କର ଲୋତକର ବିନ୍ଦୁ ଝରି ପଡ଼ୁଥାଏ ସୁଇଟର ଉପରେ । ପାଖକୁ ତାଙ୍କର ମାରିୟା ଇଭାନୋଭ୍‌ନା ବସି କ'ଣ ଗୋଟାଏ ବୁଣୁଥାଏ । ହଠାତ୍ ସେ ଜଣାଇଲ ଯେ, ଏକ ଜରୁରୀ କାମରେ ତାକୁ

ପିଟର୍ସବୁର୍ଗ ଯିବାକୁ ହେବ । ସେଥି ପାଇଁ ବାପା ମାଙ୍କୁ ସେ ଅନୁରୋଧ କଲା ଏକ ଘୋଡ଼ାଗାଡ଼ିର ବ୍ୟବସ୍ଥା କରି ଦେବାକୁ । ତା କଥା ଶୁଣି ମା ଦୁଃଖରେ ଝାଉଁଳି ପଡ଼ିଲେ । "ତୋର ପୁଣି କ'ଣ ଦରକାର ପଡ଼ିଲା ପିଟର୍ସବୁର୍ଗ ଯିବା ପାଇଁ ?" ମା କହିଲେ, "ମାରିୟା ଇଭାନୋଭ୍ନା, ତୁ କ'ଣ ପୁଣି ଆମକୁ ଛାଡ଼ି ଚାଲିଯିବାକୁ ଚାହୁଁଛୁ ?" ମାରିୟା ଇଭାନୋଭ୍ନା କହିଲା, ଏହି ଯାତ୍ରା ଉପରେ ତା'ର ସମସ୍ତ ଭବିଷ୍ୟତ ନିର୍ଭର କରୁଛି । ପିଟର୍ସବୁର୍ଗ ଯାଇ ସେ ପ୍ରଭାବସଂପନ୍ନ ଲୋକମାନଙ୍କର ସାହାଯ୍ୟ ଭିକ୍ଷା କରିବ । ଦେଶ ପାଇଁ ଶହୀଦ୍ ହୋଇଥିବା ଲୋକର ସେ ହେଉଛି ଝିଅ, ତେଣୁ ତା'ର ଏ ଅଧିକାର ଅଛି ।

ବାପା ମୋର ମଥା ନୁଆଁଇ ଦେଲେ । ପୁତ୍ରର ତଥାକଥିତ ଅପରାଧର ସ୍ମୃତି ଜାଗ୍ରତ କଲାଭଳି ଯେକୌଣସି କଥା ତାଙ୍କ ପକ୍ଷରେ ଥିଲା ଯନ୍ତ୍ରଣାଦାୟକ, କାନରେ ତାଙ୍କର ଭର୍ତ୍ସନାର ତୀର ବିଦ୍ଧ ହେଲା ଭଳି ଲାଗୁଥିଲା । ଦୀର୍ଘଶ୍ୱାସ ପକାଇ ସେ କହିଲେ, "ଯାଆ ଝିଅ, ଯାଆ ! ତୋ ସୁଖର ପଥରେ ଆମେ ବାଧା ହୋଇ ଛିଡ଼ା ହେବୁ ନାହିଁ । ଭଗବାନ କରନ୍ତୁ, ତୋତେ ଭଲ ସ୍ୱାମୀଟିଏ ମିଳୁ । ବିଶ୍ୱାସଘାତକ ବୋଲି ଘୋଷିତ କୌଣସି ଲୋକ ଯେମିତି ସେ ନହୁଏ ।" ଏତକ କହି ସେ କୋଠରୀ ମଧ୍ୟରୁ ବାହାରି ଗଲେ ।

କୋଠରୀ ମଧ୍ୟରେ ମାଙ୍କୁ ଏକୁଟିଆ ପାଇ ମାରିୟା ଇଭାନୋଭ୍ନା ତାଙ୍କୁ ତା ମନର ଅଭିପ୍ରାୟ ସଂପର୍କରେ କେତେକ କଥା କହିଲା । ମା ମୋର ଆଖିରୁ ଲୁହ ଝରାଇ ତାକୁ ଜଡ଼େଇ ଧରିଲେ ଏବଂ ଭଗବାନଙ୍କୁ ପ୍ରାର୍ଥନା କଲେ, ମାରିୟା ଇଭାନୋଭ୍ନାର ମନସ୍କାମନା ପୂରଣ କରିବା ନିମିତ୍ତ । ତା'ର ଯାତ୍ରା ପାଇଁ ପ୍ରସ୍ତୁତି ଚାଲିଲା ଏବଂ କେଇ ଦିନ ପରେ ବିଶ୍ୱସ୍ତ ସେବିକା ପାଲାଶ୍କା ଏବଂ ବିଶ୍ୱାସୀ ସାଭେଲିଚ୍‌କୁ ସାଙ୍ଗରେ ନେଇ ସେ ପିଟର୍ସବୁର୍ଗ ଯାତ୍ରା କଲା । ସାଭେଲିଚ୍‌କୁ ମୁଁ ଜବରଦସ୍ତ ମୋଠାରୁ ବିଦା କରି ଦେଇଥିଲି, ଏବେ ସେ ମୋର ଭାବୀ ବଧୂର କିଛି ସେବା କରି ପାରୁଛି ବୋଲି ଭାବି ସେ ସାନ୍ତ୍ୱନା ଲାଭ କଲା ।

ମାରିୟା ଇଭାନୋଭ୍ନା ନିରାପଦରେ ପିଟର୍ସବୁର୍ଗରେ ପହଞ୍ଚି ଡାକଘରୁ ଖବର ପାଇଲା ଯେ, ଜାର୍‌ସୋୟେ ସେଲୋରେ ରାଜଦରବାର ବସିଛି । ତେଣୁ ସେ ସ୍ଥିର କଲା ସେଇଠି କେଉଁଠି ରହିବାର ସ୍ଥାନ ଖୋଜିନେବ । ଡାକଘରର ଗୋଟିଏ ପାଖକୁ ମିଳିଗଲା ଗୋଟିଏ ଜାଗା । ପୋଷ୍ଟମାଷ୍ଟରଙ୍କ ସ୍ତ୍ରୀ ସଙ୍ଗେ ସଙ୍ଗେ ତା ସହିତ ଆଳାପ ଆରମ୍ଭ କରିଦେଲେ । କଥା ଛଳରେ ସେ ଜଣାଇଦେଲେ, ସେ ହେଉଛନ୍ତି ରାଜଦରବାରର ଉଷୁମକରା ଚୁଲୀ ଦାୟିତ୍ୱରେ ଥିବା ଲୋକର ଝିଆରୀ । ମାରିୟା ଇଭାନୋଭ୍ନାକୁ ସେ ରାଜଦରବାରର ସମସ୍ତ ଗୋପନ କଥା ବିଶଦଭାବେ ବର୍ଣ୍ଣନା କରି ଶୁଣାଇଲେ । ତାଙ୍କ କଥାରୁ ଜଣାଗଲା, ସମ୍ରାଜ୍ଞୀ ସାଧାରଣତଃ କେତେବେଳେ ନିଦ୍ରାରୁ ଉଠନ୍ତି, କେତେବେଳେ କଫି ପାନ କରନ୍ତି, ଭ୍ରମଣରେ ଯାଆନ୍ତି, ଭ୍ରମଣ ବେଳେ ରାଜପରିଷଦର କେଉଁ କେଉଁ ବ୍ୟକ୍ତି ତାଙ୍କ ସହିତ ରହନ୍ତି, ଗତ ରାତ୍ରିରେ ଭୋଜନ ଟେବୁଲରେ ସେ କ'ଣ କ'ଣ ମନ୍ତବ୍ୟ କରିଥିଲେ, ସଂଧ୍ୟାବେଳେ କିଏ କିଏ ତାଙ୍କର ଦର୍ଶନ ପାଇଁ ଆସିଥିଲେ, ଆଦି । ଚୁମ୍ବକରେ କହିବାକୁ ଗଲେ, ପୋଷ୍ଟମାଷ୍ଟରଙ୍କ ସ୍ତ୍ରୀ ଯାହାସବୁ କହିଗଲେ ସେସବୁକୁ ଇତିହାସର ଗୋଟିଏ ପୃଷ୍ଠା ଭଳି ଥିଲା । ଏହି ପୃଷ୍ଠାଟି ଭବିଷ୍ୟତ ବଂଶଧରଙ୍କ ପାଇଁ ଏକ ମୂଲ୍ୟବାନ ସଂପଦ ରୂପେ ବିବେଚିତ ହୋଇ ପାରିଥାନ୍ତା । ମାରିୟା ଇଭାନୋଭ୍ନା ମନଧ୍ୟାନ ଦେଇ ତାଙ୍କ କଥା ଶୁଣିଲା ଏବଂ ତା'ପରେ ଉଭୟେ ଗଲେ ପାର୍କରେ ବୁଲିବା ପାଇଁ । ପୋଷ୍ଟମାଷ୍ଟରଙ୍କ ସ୍ତ୍ରୀ ତାଙ୍କ ନୂଆ ସଙ୍ଗିନୀଟିକୁ ପିଟର୍ସବୁର୍ଗର ପ୍ରତିଟି ବୀଥିକା ଆଉ ସେତୁର ଇତିହାସ ଶୁଣାଇଲେ ଏବଂ ଭ୍ରମଣ ପରେ ଉଭୟେ ପରସ୍ପର ପ୍ରତି ସୌହାର୍ଦ୍ଦ୍ୟ ନେଇ ଫେରି ଆସିଲେ ଡାକଘରକୁ ।

ତହିଁଆରଦିନ ବଡ଼ିସକାଳୁ ମାରିୟା ଇଭାନୋଭ୍ନା ନିଦରୁ ଉଠି ବେଶ ପୋଷାକ ହୋଇ ଚୁପ୍‌ଚାପ୍ ଚାଲିଗଲା ପାର୍କକୁ । ଅତି କମନୀୟ ସକାଳ, ଲାଇମ୍‌ଗଛର ଚୂଡ଼ାସବୁ ସୂର୍ଯ୍ୟ କିରଣରେ ଝଲସି ଉଠୁଥାଏ । ହେମନ୍ତର ଶୀତଳ ପବନର ସ୍ପର୍ଶରେ ସେସବୁର ପତ୍ରସବୁ ଇତିମଧ୍ୟରେ ହଳଦିଆ ପଡ଼ି ଆସିଲାଣି । ନିଷ୍କଳ ହ୍ରଦର ନିସ୍ତରଙ୍ଗ ଜଳରାଶି ଚିକ୍‌ଚିକ୍ କରୁଥାଏ । ସଦ୍ୟ ନିଦ୍ରାରୁ ଉଠିଥିବା ହଂସମାନେ ତଟବର୍ତ୍ତୀ ବୁଦା ମଧ୍ୟରୁ ବାହାରି ଆସି ଜଳ ଉପରେ

14—1030

ମନ୍ଦଗତିରେ ସନ୍ତରଣ କରୁଥାନ୍ତି । ମାରିୟା ଇଭାନୋଭ୍ନା ଏକ ସୁନ୍ଦର ପ୍ରାନ୍ତର ଦେଇ ଆଗେଇ ଗଲ । ପ୍ରାନ୍ତରରେ ଏକ ସ୍ମୃତିସ୍ତମ୍ଭ କାଉଣ୍ଟ ପିଓତର ଆଲେକ୍ସାନ୍ଦ୍ରୋଭିଚ୍ ରୁମ୍ୟାନ୍ତ୍ସେଭ୍ଙ୍କ ସଂପ୍ରତି ବିଜୟର ସମ୍ମାନରେ ସଦ୍ୟ ନିର୍ମିତ ହୋଇଥାଏ । (୫୪) ହଠାତ୍ ଏକ ଛୋଟ ସଫେଦ ବିଲତୀ କୁକୁର ଭେଉ ଭେଉ କରି ମାରିୟା ଇଭାନୋଭ୍ନା ଆଡ଼କୁ ଛୁଟି ଆସିଲ । ଭୟଭୀତ ହୋଇ ମାରିୟା ଇଭାନୋଭ୍ନା ଛିଡ଼ା ହୋଇଗଲ ସେଇଠି । ଠିକ୍ ସେତିକିବେଳେ ଏକ ମହିଳାଙ୍କର ମଧୁର କଣ୍ଠର ଆବାଜ ଶୁଣାଗଲ, "ଭୟ କରନା, ସେ କାମୁଡ଼ିବ ନାହିଁ ।" ମାରିୟା ଇଭାନୋଭ୍ନା ଦେଖିବାକୁ ପାଇଲ, ସ୍ମୃତିସ୍ତମ୍ଭ ସମ୍ମୁଖରେ ଏକ ବେଞ୍ଚରେ ଜଣେ ମହିଳା ବସିଛନ୍ତି । ସେ ନିଜେ ଯାଇ ବେଞ୍ଚର ଅନ୍ୟ ପାଖରେ ବସିପଡ଼ିଲ । ମହିଳା ତାକୁ ଅପଲକ ଦୃଷ୍ଟିରେ ଚାହିଁବାକୁ ଲଗିଲେ ଏବଂ ସିଏ ମଧ୍ୟ ମଝିରେ ମଝିରେ ତାଙ୍କୁ ଆଡ଼ ଆଖିରେ ଆପାଦମସ୍ତକ ପର୍ଯ୍ୟବେକ୍ଷଣ କରିନେଲ । ମହିଳାଙ୍କ ଦେହରେ ସଫେଦ ପ୍ରଭାତୀ ପୋଷାକ, ରାତ୍ରି ପିନ୍ଧା ଟୋପି ଆଉ ତୁଳାଦିଆ ଜ୍ୟାକେଟ୍ । ବୟସ ତାଙ୍କର ଚାଳିଶ ପାଖାପାଖି ହେବ ବୋଲି ମନେ ହେଲ । ବର୍ତ୍ତୁଳ ଆଉ ତେଜୋଦୀପ୍ତ ମୁଖମଣ୍ଡଳରେ ଆଭିଜାତ୍ୟ ଆଉ ପ୍ରଶାନ୍ତି ଫୁଟି ଉଠୁଥାଏ । ନୀଳାଭ ଆଖି ଆଉ ମୁହଁର ସ୍ମିତ ହାସରେ ଝଲସି ଉଠୁଥାଏ ଅବର୍ଣ୍ଣନୀୟ ଏକ କାନ୍ତି । ମହିଳା ପ୍ରଥମେ ମୌନତା ଭଙ୍ଗ କରି ପଚାରିଲେ :

"ଆପଣ ସମ୍ଭବତଃ ଏ ଅଞ୍ଚଳରେ ରହନ୍ତି ନାହିଁ ?"

"ଆପଣ ଠିକ୍ କହିଛନ୍ତି । ମୁଁ ମାତ୍ର ଗତକାଲି ଗ୍ରାମରୁ ଆସିଛି ।"

"କ'ଣ ସପରିବାରେ ଆସିଛନ୍ତି ?"

"ନା, ମହାଶୟା, ମୁଁ ଏକାକୀ ଆସିଛି ।"

"ଏକାକୀ ? ଏତେ କମ୍ ବୟସରେ ଏକାକୀ !"

"ମୋର ତ ବାପା ମା କେହି ନାହାନ୍ତି ।"

"କୌଣସି ଏକ ଦରକାରୀ କାମରେ ନିଶ୍ଚୟ ଆସିଛନ୍ତି ମନେ ହୁଏ ?"

"ହଁ, ମହାଶୟା । ସମ୍ରାଜ୍ଞୀଙ୍କୁ ଏକ ଆବେଦନ ଜଣାଇବାକୁ ଆସିଛି ।"

"ଆପଣଙ୍କର ତ ବାପା ମା ନାହାନ୍ତି । ମନେ ହୁଏ, କୌଣସି ଅନ୍ୟାୟ ଆଚରଣ ବିରୁଦ୍ଧରେ ପ୍ରତିବାଦ କରିବାକୁ ଆସିଛନ୍ତି ।"

"ନା, ମହାଶୟା, ମୁଁ ଅନ୍ୟାୟ ବିରୁଦ୍ଧରେ ପ୍ରତିକାର ପାଇଁ ଆସି ନି, ଆସିଛି ଅନୁଗ୍ରହ ଭିକ୍ଷା କରିବାକୁ ।"

"ଆପଣ କିଏ ମୁଁ ଜାଣିପାରେ କି ?"

"ମୁଁ ହେଉଛି କ୍ୟାପ୍ଟେନ୍ ମିରୋନୋଭ୍ଙ୍କ କନ୍ୟା ।"

"କ୍ୟାପ୍ଟେନ୍ ମିରୋନୋଭ୍ ! ଯିଏ ଓରେନ୍ବୁର୍ଗ ପ୍ରଦେଶର ଏକ ଗଡ଼ର ଅଧିପତି ଥିଲେ ?"

"ହଁ, ମହାଶୟା !"

ମହିଳା ଟିକେ ବିଚଳିତ ହୋଇ ପଡ଼ିଲ ଭଳି ମନେ ହେଲ । "ଆପଣ କିଛି ମନେ କରିବେ ନାହିଁ", ସେ ଆଉରି ଦୟାର୍ଦ୍ର ସ୍ୱରରେ କହିଲେ, "ମୁଁ ଆପଣଙ୍କ ବିଷୟରେ ଜାଣିବାକୁ ଚାହୁଁଛି । ରାଜଦରବାର ସହିତ ମୋର ଯୋଗାଯୋଗ ଅଛି । ଆପଣ କି ଅନୁରୋଧ କରିବାକୁ ଆସିଛନ୍ତି କହନ୍ତୁ, ମୁଁ ହୁଏତ ଆପଣଙ୍କୁ କିଛି ସାହାଯ୍ୟ କରିପାରେ ।"

ମାରିୟା ଇଭାନୋଭ୍ନା ଛିଡ଼ା ହୋଇପଡ଼ି ଅତ୍ୟନ୍ତ ସମ୍ଭ୍ରମତାର ସହିତ ମହିଳାଙ୍କୁ ଧନ୍ୟବାଦ ଜଣାଇଲ । ଏହି ଅପରିଚିତା ମହିଳାଙ୍କର ସବୁ କିଛି ତା'ର ମନକୁ ସ୍ପର୍ଶ କରୁଥାଏ ଏବଂ ଆତ୍ମବିଶ୍ୱାସ ଫେରେଇ ଆଣୁଥାଏ । ପକେଟ୍ରୁ ସେ ଏକ ଭାଙ୍ଗକରା କାଗଜ ବାହାର କରି ତା'ର ଏହି ଅପରିଚିତା ତ୍ରାଣକର୍ତ୍ତୀଙ୍କ ହାତକୁ ବଢ଼ାଇଦେଲ । ମହିଳା ନୀରବରେ କାଗଜଟି ପଢ଼ିବାକୁ ଲଗିଲେ ।

ପ୍ରଥମେ ସେ ମନୋଯୋଗ ଆଉ ସହାନୁଭୂତି ସହକାରେ ପଢ଼ିବାକୁ ଆରମ୍ଭ କରିଥିଲେ । କିନ୍ତୁ ପଢ଼ୁ ପଢ଼ୁ ହଠାତ୍ ତାଙ୍କ ମୁଖମଣ୍ଡଳର ଭାବ ବଦଳିଗଲ । ମାରିୟା ଇଭାନୋଭ୍ନା ଲକ୍ଷ୍ୟ କରୁଥିଲ ତାଙ୍କ ମୁହଁର ପ୍ରତିଟି ଭଙ୍ଗିକୁ । ଅଳ୍ପ କ୍ଷଣ ପୂର୍ବରୁ ଯେଉଁ ମୁହଁ ଏତେ ମଧୁର ଆଉ ଶାନ୍ତ ଦିଶୁଥିଲ ତାହା ଅତି କଠୋର ହୋଇଉଠିଲ । ଆତଙ୍କିତ ହୋଇପଡ଼ିଲ ମାରିୟା ଇଭାନୋଭ୍ନା ।

"ଆପଣ ଗ୍ରିନ୍ୟୋଭ୍ ପାଇଁ ଅନୁରୋଧ କରୁଛନ୍ତି ?" ମହିଳା ରୁକ୍ଷ ସ୍ୱରରେ ପଚାରିଲେ । "ସମ୍ରାଜ୍ଞୀ ତାକୁ କ୍ଷମା କରି ପାରିବେ ନାହିଁ । ସେ ଯେ ତା'ର ଅଜ୍ଞତା ଆଉ ଦାୟିତ୍ୱଜ୍ଞାନହୀନତା ହେତୁ ନକଲି ଜାର୍ ସହିତ କେବଳ ଯୋଗ ଦେଇଥିଲା ତା ନୁହେଁ, ତା'ର ସେ ଯୋଗ ଦେବାଟା ଥିଲା ଅତ୍ୟନ୍ତ ନୀତିହୀନ ଏବଂ ଏକ ବିପଜ୍ଜନକ ଦୁର୍ବୃତ୍ତର କାର୍ଯ୍ୟ ।"

"ଓହୋ, ତାହା ସତ ନୁହେଁ !" ମାରିୟା ଇଭାନୋଭ୍ନା କହିଉଠିଲା ।

"ସତ ନୁହେଁ ?" ମହିଳା ପ୍ରତିଧ୍ୱନି କରି କହିଲେ, ତାଙ୍କ ମୁଖମଣ୍ଡଳ ରାଗରେ ଲାଲ ପଡ଼ିଗଲା ।

"ନା, ସତ ନୁହେଁ । ମୁଁ ଶପଥ କରି କହୁଛି ତାହା ସତ ନୁହେଁ । ମୁଁ ସବୁ କିଛି ଜାଣିଛି ଏବଂ ଆପଣଙ୍କୁ ସବୁକିଛି କହିବି । ତାଙ୍କର ଯାହାସବୁ ହୋଇଛି ସେସବୁର କାରଣ ହେଉଛି ମୁଁ । ସାମରିକ ଅଦାଲତ ଆଗରେ ସେ ଯଦି ନିଜକୁ ନିର୍ଦ୍ଦୋଷ ବୋଲି ସାବ୍ୟସ୍ତ କରି ନଥାନ୍ତି, ତେବେ ତା'ର ଏକମାତ୍ର କାରଣ ହେଉଛି – ସେ ମୋତେ ସେଥିରେ ଜଡ଼ିତ କରିବାକୁ ଚାହିଁ ନଥିଲେ ।" ତା'ପରେ ମାରିୟା ଇଭାନୋଭ୍ନା ଆଗ୍ରହର ସହିତ ଯେଉଁ କାହାଣୀ ବର୍ଣ୍ଣନା କରିଥିଲା ତାହା ପାଠକମାନେ ଜାଣିଛନ୍ତି ।

ମହିଳା ତା କଥା ମନଧ୍ୟାନ ଦେଇ ଶୁଣିଥିଲେ । ମାରିୟା ଇଭାନୋଭ୍ନାର କଥା ଶେଷ ହେଲା ପରେ ସେ ପଚାରିଲେ, "ଏଠାରେ କେଉଁଠି ଆପଣ ରହୁଛନ୍ତି ?" ଆନ୍ନା ଭ୍ଲାସ୍ୟେଭ୍ନାଙ୍କ ନାଁ ଶୁଣି ସେ ଟିକିଏ ହସି ଦେଇ କହିଲେ, "ଆଚ୍ଛା, ମୁଁ ତ ତାଙ୍କୁ ଜାଣେ ! ହେଉ, ମୁଁ ଯାଉଛି । ଆମ ଏହି ସାକ୍ଷାତ୍ ସଂପର୍କରେ କାହାକୁ କହିବେ ନାହିଁ । ମୁଁ ଆଶା କରୁଛି, ଆପଣଙ୍କୁ ଏ ପତ୍ରର ଉତ୍ତର ମିଳିବା ପାଇଁ ବେଶି ବିଳମ୍ବ ହେବ ନାହିଁ ।"

ଏତକ କହି ସେ ଛିଡ଼ା ହୋଇ ପଡ଼ିଲେ ଏବଂ ଏକ ଛାୟାଛନ୍ନ ବୀଥିକା ମଧ୍ୟ ଦେଇ ଚାଲିଗଲେ । ମନରେ ଆନନ୍ଦଭରା ଆଶା ନେଇ ମାରିୟା ଇଭାନୋଭ୍ନା ଫେରି ଆସିଲା ଆନ୍ନା ଭ୍ଲାସ୍ୟେଭ୍ନାଙ୍କ ପାଖକୁ ।

ହେମନ୍ତର ଏତେ ସକାଳେ ଭ୍ରମଣରେ ଯାଇଥିବା ହେତୁ ଗୃହକର୍ତ୍ତୀଙ୍କଠାରୁ ତାକୁ କଡ଼ା କଥା ଶୁଣିବାକୁ ପଡ଼ିଲା । ତାଙ୍କ ଭାଷାରେ, ଏହା ଯୁବତୀମାନଙ୍କ

ପକ୍ଷରେ ଭଲ ନୁହେଁ । ତା'ପରେ ଗୃହକର୍ତ୍ତୀ ସାମୋଭାର୍ ଆଣି ଚା ତିଆରି କଲେ । ଚା ପାନ କରୁ କରୁ ରାଜଦରବାର ସଂପର୍କରେ ତାଙ୍କର ଅନ୍ତହୀନ କାହାଣୀ ଆରମ୍ଭ କରିବାକୁ ଗଲାବେଳେ ରାଜଦରବାର ଏକ ଗାଡ଼ି ଆସି ଦୁଆର ମୁହଁରେ ଅଟକି ଗଲା । ଦରବାରର ଜଣେ ଦୂତ ଘର ମଧ୍ୟକୁ ପଶିଆସି ଜଣାଇଲା ଯେ ସମ୍ରାଜ୍ଞୀ ମାରିୟା ମିରୋନୋଭାକୁ ଦେଖା କରିବାକୁ ଡାକିଛନ୍ତି ।

ପୋଷ୍ଟମାଷ୍ଟରଙ୍କ ସ୍ତ୍ରୀ ଏତେ ଅବାକ୍ ହୋଇଗଲେ ଯେ କ'ଣ କରିବେ ବୁଝିପାରିଲେ ନାହିଁ । "ହେ ଭଗବାନ !" ସେ ଚିତ୍କାର କରିଉଠିଲେ । "ସମ୍ରାଜ୍ଞୀ ଆପଣଙ୍କୁ ରାଜଦରବାରକୁ ଡକେଇଛନ୍ତି ! ଆପଣଙ୍କ ଖବର ସିଏ କେମିତି ପାଇଲେ ? କିନ୍ତୁ ସମ୍ରାଜ୍ଞୀଙ୍କ ସମ୍ମୁଖକୁ ଆପଣ ଯିବେ କେମିତି ? ଆପଣଙ୍କୁ ତ ହୁଏତ ରାଜଦରବାରର କାଇଦା କଟକଣା ଜଣା ନଥିବ ... । ମୁଁ କ'ଣ ଆପଣଙ୍କ ସହିତ ଯିବି, କ'ଣ କହୁଛନ୍ତି ? ଆପଣଙ୍କୁ ମୁଁ କେତେକ କଥା ଅନ୍ତତଃ ବୁଝେଇ ଦେଇ ପାରିବି । ତାଛଡ଼ା ଆପଣ ଏ ଭ୍ରମଣ ପୋଷାକ ପିନ୍ଧି ରାଜଦରବାରକୁ କେମିତି ଯିବେ ? ବରଂ ଚାକରାଣୀକୁ ପଠାଇ ମୋର ସେ ହଳଦିଆ ପୋଷାକଟା ନେଇ ଆସୁଛି ।" ରାଜଦରବାରର ଦୂତ ଜଣାଇଲା, ସମ୍ରାଜ୍ଞୀ ଚାହାନ୍ତି ମାରିୟା ଇଭାନୋଭ୍ନା ଏକାକୀ ଯିବେ ଏବଂ ଯେଉଁ ପୋଷାକ ପିନ୍ଧିଛନ୍ତି ସେଇ ପୋଷାକରେ ଯିବେ । ଏହା ପରେ ଆଉ କିଛି କରିବାର ନଥିଲା । ମାରିୟା ଇଭାନୋଭ୍ନା ଯାଇ ଗାଡ଼ିରେ ବସିଲା ଏବଂ ପୋଷ୍ଟମାଷ୍ଟରଙ୍କ ସ୍ତ୍ରୀଙ୍କ ବିଭିନ୍ନ ଉପଦେଶ ଆଉ ଶୁଭେଚ୍ଛା ନେଇ ଚାଲିଲା ରାଜଦରବାରକୁ ।

ଗଲାବେଳେ ମାରିୟା ଇଭାନୋଭ୍ନା ଭାବୁଥିଲା ଆମ ଦିହିଁଙ୍କର ଭାଗ୍ୟ ଚୂଡ଼ାନ୍ତଭାବେ ନିର୍ଦ୍ଧାରିତ ହେବାକୁ ଯାଉଛି । ବୁକୁ ଭିତରଟା ତା'ର ଖୁବ୍ ଜୋରରେ ଧକ୍ ଧକ୍ କରିଉଠି ହୃଦ୍‌ସ୍ପନ୍ଦନ ପୂରା ବନ୍ଦ ହୋଇଗଲା ଭଳି ଲାଗୁଥାଏ । କିଛି କ୍ଷଣ ମଧ୍ୟରେ ଗାଡ଼ି ଯାଇ ଅଟକିଲା ଉଆସର ସାମନାରେ । କଂପିତ ବକ୍ଷରେ ମାରିୟା ଇଭାନୋଭ୍ନା ପାହାଚ ଦେଇ ଉଠିବାକୁ ଲାଗିଲା । ସମ୍ମୁଖରେ ତା'ର ଦ୍ୱାର ପରେ ଦ୍ୱାର ଖୋଲି ହୋଇଯାଉଥାଏ । ଦୂତ ଆଗେ

ଆଗେ ପଥ କଢ଼ାଇ ନେଉଥାଏ । ଏହିଭାବେ ତାଙ୍କୁ ଅନେକଗୁଡ଼ିଏ ମନୋହର ଆଉ ଶୂନ୍ୟ କକ୍ଷ ମଧ୍ୟ ଦେଇ ଯିବାକୁ ପଡ଼ିଲା । ଶେଷକୁ ଏକ ରୁଦ୍ଧ ଦ୍ୱାର ସମ୍ମୁଖରେ ଆସି ସେମାନେ ଦଣ୍ଡାୟମାନ ହେଲେ । ଦୂତ କହିଲା, ସେ ସମ୍ରାଜ୍ଞୀଙ୍କୁ ତା'ର ଆଗମନର ବାର୍ତ୍ତା ଜଣାଇବାକୁ ଯିବ । ମାରିୟା ଇଭାନୋଭ୍‌ନାଙ୍କୁ ସେଠାରେ ଏକାକୀ ରଖି ସେ କକ୍ଷ ମଧ୍ୟକୁ ପ୍ରବେଶ କଲା ।

ସମ୍ରାଜ୍ଞୀଙ୍କ ସମ୍ମୁଖରେ କିପରି ଦଣ୍ଡାୟମାନ ହେବ ଭାବି ମାରିୟା ଇଭାନୋଭ୍‌ନା ଏତେ ଆତଙ୍କିତ ହୋଇ ଉଠିଲା ଯେ, ଛିଡ଼ା ହେବାକୁ ତା'ର ବଳ ପାଇଲା ନାହିଁ । କିଛି କ୍ଷଣ ମଧ୍ୟରେ ଦ୍ୱାର ଉନ୍ମୁକ୍ତ ହୋଇଗଲା ଏବଂ ସେ ପ୍ରବେଶ କଲା ସମ୍ରାଜ୍ଞୀଙ୍କ ନିଭୃତ କକ୍ଷ ମଧ୍ୟକୁ ।

ସମ୍ରାଜ୍ଞୀ ତାଙ୍କର ପ୍ରସାଧନ ଟେବୁଲ ସମ୍ମୁଖରେ ବସିଥାନ୍ତି । ଘେରି ପାଖରେ ତାଙ୍କର କେଇଜଣ ସଭାସଦ୍ । ସେମାନେ ସମାଦରରେ ମାରିୟା ଇଭାନୋଭ୍‌ନାଙ୍କୁ ପଥ ଛାଡ଼ି ଦେଲେ । ଅତି ସ୍ନେହଭରା ସ୍ୱରରେ ସମ୍ରାଜ୍ଞୀ ମାରିୟା ଇଭାନୋଭ୍‌ନାଙ୍କୁ ସମ୍ବୋଧନ କଲା କ୍ଷଣି ସେ ଚିହ୍ନି ପାରିଲା ତାଙ୍କୁ । ଏହି ମହିଳାଙ୍କ ସହିତ ସେ କିଛି ସମୟ ପୂର୍ବରୁ କେତେ ଖୋଲାଖୋଲି ଭାବେ କଥାବାର୍ତ୍ତା କରିଛି । ସମ୍ରାଜ୍ଞୀ (୫୫) ତାଙ୍କୁ ପାଖକୁ ଡାକି ହସହସ ମୁହଁରେ କହିଲେ : "ମୁଁ ଆନନ୍ଦିତ ଯେ, ମୁଁ ମୋ କଥା ରକ୍ଷା କରିପାରିଛି ଏବଂ ଆପଣଙ୍କ ଅନୁରୋଧ ରଖିବାକୁ ସକ୍ଷମ ହୋଇଛି । ଆପଣଙ୍କ କାର୍ଯ୍ୟଟି ହୋଇଯାଇଛି । ଆପଣଙ୍କ ଭାବୀ ସ୍ୱାମୀ ଯେ ନିର୍ଦ୍ଦୋଷ ସେ ବିଷୟରେ ମୋର କୌଣସି ସନ୍ଦେହ ନାହିଁ । ଆଉ ଏ ପତ୍ରଟି ନେଇ ଯାଆନ୍ତୁ, ଆପଣଙ୍କ ଭାବୀ ଶ୍ୱଶୁରଙ୍କୁ ଦେବେ ।"

କଂପିତ ହାତରେ ମାରିୟା ଇଭାନୋଭ୍‌ନା ଚିଠିଟିକୁ ନେଲା ଏବଂ କାନ୍ଦି ଉଠି ସମ୍ରାଜ୍ଞୀଙ୍କ ପାଦତଳେ ଲେଟିଗଲା । ସମ୍ରାଜ୍ଞୀ ତାଙ୍କୁ ଦୁଇ ହାତରେ ଟେକି ନେଇ ଚୁମ୍ବନ ଦେଲେ ଏବଂ ବିଭିନ୍ନ ବିଷୟ ନେଇ ଆଳାପ କଲେ । କହିଲେ, "ମୁଁ ଜାଣେ ଆପଣ ଧନୀ ନୁହନ୍ତି, କିନ୍ତୁ କ୍ୟାପ୍‌ଟେନ୍ ମିରୋନୋଭ୍‌ଙ୍କ କନ୍ୟା ପାଖରେ ମୁଁ ଋଣୀ ବୋଲି ବିଚାର କରୁଛି । ଭବିଷ୍ୟତ ପାଇଁ ଆପଣ ଚିନ୍ତା କରିବେ ନାହିଁ । ଆପଣଙ୍କ ସୁଖସମୃଦ୍ଧିର ଦାୟିତ୍ୱ ମୁଁ ନିଜେ ଗ୍ରହଣ କରୁଛି ।"

ଅନାଥିନୀଟି ପ୍ରତି ସର୍ବାଧିକ କରୁଣା ପ୍ରଦର୍ଶନ କରି ତା'ପରେ ସେ ତାଙ୍କୁ ବିଦାୟ ଦେଲେ । ରାଜଦରବାରର ସେଇ ଗାଡ଼ିଟିରେ ବସି ମାରିୟା ଇଭାନୋଭ୍‌ନା ଫେରି ଆସିଲା । ତା'ର ଫେରିବା ପଥକୁ ଅଧୈର୍ଯ୍ୟ ହୋଇ ଚାହିଁ ରହିଥିଲେ ପୋଷ୍ଟମାଷ୍ଟରଙ୍କ ସ୍ତ୍ରୀ । ମାରିୟା ଇଭାନୋଭ୍‌ନା ପହଞ୍ଚିଗଲା କ୍ଷଣି ସେ ପ୍ରଶ୍ନ ପରେ ପ୍ରଶ୍ନ ବର୍ଷଣ କରିବାକୁ ଆରମ୍ଭ କରିଦେଲେ । ମାରିୟା ଇଭାନୋଭ୍‌ନା ଅନ୍ୟମନସ୍କଭାବେ ସେସବୁର ଉତ୍ତର ଦେଇଥିଲା । ପୋଷ୍ଟମାଷ୍ଟରଙ୍କ ସ୍ତ୍ରୀ ସେସବୁ ଉତ୍ତର ଶୁଣି ଖୁସି ହେଲେ ନାହିଁ । କାରଣ ସେ ଅନେକ କଥା ପାସୋରି ପକାଇଥିଲା । ଗାଁର ଝିଅମାନେ ବଡ଼ ଲାଜକୁଳୀ ବୋଲି ଧରି ନେଇ ସେ ତାଙ୍କୁ ଉଦାରତା ସହ କ୍ଷମା ଦେଇଥିଲେ । ମାରିୟା ଇଭାନୋଭ୍‌ନା ପିଟର୍ସବୁର୍ଗ ସହର ଦେଖିବା ପାଇଁ ଅପେକ୍ଷା ନ କରି ସେଇ ଦିନ ଫେରି ଯାଇଥିଲା ଗ୍ରାମକୁ... ।

ପିଓତର ଆନ୍ଦ୍ରେୟେଭିଚ୍ ଗ୍ରିନ୍ୟୋଭ୍‌ଙ୍କ କାହାଣୀଟି ଏହିଠାରେ ସମାପ୍ତ ହୋଇଛି । ପରିବାର ମଧ୍ୟରେ ପ୍ରଚଳିତ ପରମ୍ପରାରୁ ଜଣାଯାଏ ଯେ, ୧୭୭୪ ମସିହାର ଶେଷକୁ ତାଙ୍କୁ ସମ୍ରାଜ୍ଞୀଙ୍କ ନିର୍ଦ୍ଦେଶାନୁଯାୟୀ ଜେଲରୁ ମୁକ୍ତ କରି ଦିଆଯାଇଥିଲା । ପୁଗାଚ୍ଚେଭ୍‌ର ମୃତ୍ୟୁଦଣ୍ଡ ବେଳେ ସେ ଉପସ୍ଥିତ ଥିଲେ । ଜନଗହଳି ମଧ୍ୟରେ ପୁଗାଚ୍ଚେଭ୍ ତାଙ୍କୁ ଚିହ୍ନି ପାରି ମୁଣ୍ଡ ହଲେଇଥିଲା ଏବଂ କିଛି କ୍ଷଣ ପରେ ତା'ର ସେଇ ପ୍ରାଣହୀନ ରକ୍ତ ଜର୍ଜରିତ ମୁଣ୍ଡଟିକୁ ଲୋକଙ୍କ ଆଗରେ ଉପରକୁ ଟେକି ପ୍ରଦର୍ଶନ କରାଯାଇଥିଲା । ଏହି ଘଟଣାର କିଛି ଦିନ ପରେ ପିଓତର ଆନ୍ଦ୍ରେୟେଭିଚ୍ ମାରିୟା ଇଭାନୋଭ୍‌ନାଙ୍କୁ ବିବାହ କରିଥିଲେ । ସେମାନଙ୍କ ବଂଶଧରମାନେ ଏବେ ସିମ୍ବିର୍ସ୍କ ପ୍ରଦେଶରେ ସୁଖରେ ବାସ କରୁଛନ୍ତି । ସହରଠାରୁ ପ୍ରାୟ ତିରିଶ କିଲୋମିଟର ଦୂରରେ ଏକ ଗ୍ରାମ ଅଛି । ଏହି ଗ୍ରାମର ମାଲିକ ହେଉଛନ୍ତି ଦଶଜଣ ଜମିଦାର । ଏଠାରେ ଏକ ଜମିଦାରଙ୍କ କୋଠାର ଏକ ଅଂଶରେ ଦ୍ୱିତୀୟ ଯେକାତେରିନାଙ୍କ ହାତ ଲେଖା ଏକ ଚିଠି କାଚଲଗା ଫ୍ରେମ୍‌ରେ ବନ୍ଧେଇ ହୋଇ ରହିଛି । ଚିଠିଟି ଲେଖା ହୋଇଛି ପିଓତର ଆନ୍ଦ୍ରେୟେଭିଚ୍‌ଙ୍କ ବାପାଙ୍କ ପାଖକୁ । ଚିଠିରେ ତାଙ୍କ ପୁତ୍ରକୁ

ନିର୍ଦ୍ଦୋଷ ବୋଲି କୁହାଯାଇଛି ଏବଂ କ୍ୟାପ୍ଟେନ୍‌ଙ୍କ କନ୍ୟାର ହୃଦୟ ଆଉ ମନକୁ ପ୍ରଶଂସା କରାଯାଇଛି । ପିଓତର ଆନ୍ଦ୍ରେୟେଭିଚ୍ ଗ୍ରିନ୍ୟୋଭ୍‌ଙ୍କ



ପାଣ୍ଡୁଲିପିଟି ତାଙ୍କର ଜଣେ ପ୍ରପୌତ୍ର ଆମକୁ ପ୍ରଦାନ କରିଥିଲେ । ସିଏ ଜାଣିବାକୁ ପାଇଥିଲେ ଯେ, ତାଙ୍କ ପିତାମହ ଯେଉଁ ସମୟର ବର୍ଣ୍ଣନା କରିଛନ୍ତି ସେଇ ସମୟ ନେଇ ଆମେ ଖୋଜଖବର ନେଉଛୁ । ଆମେ ସ୍ଥିର କରିଥିଲୁ, ତାଙ୍କ ଆତ୍ମୀୟସ୍ୱଜନଙ୍କ ଅନୁମତି ନେଇ, ଏହି ପାଣ୍ଡୁଲିପିଟିକୁ ପୃଥକ୍‌ଭାବେ ପ୍ରକାଶ କରିବୁ । ସେଥି ପାଇଁ ଆମେ ପ୍ରତ୍ୟେକ ପରିଚ୍ଛେଦର ଶୀର୍ଷରେ ଉପଯୁକ୍ତ କବିତାର ପଂକ୍ତି ବା ପ୍ରବଚନ ପ୍ରଦାନ କରିଛୁ ଏବଂ କେତେକ ନାମ ପରିବର୍ତ୍ତନ କରିବାର ସ୍ୱାଧୀନତା ନେଇଛୁ ।

—ସଂପାଦକ ।

୧୮୩୬, ଅକ୍ଟୋବର ୧୯

ପରିଶିଷ୍ଟ

ଅନୁଲ୍ଲିଖିତ ପରିଚ୍ଛେଦ*

ଆମେ ଏବେ ଭଲ୍‌ଗାର ତୀର ଦେଶରେ ପହଞ୍ଚିବାକୁ ଯାଉଛୁ । ଆମ ସେନାଦଳଟି ଗ୍ରାମରେ ପ୍ରବେଶ କରି ରାତ୍ରି ଯାପନ ପାଇଁ ତମ୍ବୁ ପକାଇଲେ । ଗାଁର ମୁଖିଆ ମୋତେ ଜଣାଇଲା ଯେ, ନଈ ଆରପାରିରେ ସମସ୍ତ ଗ୍ରାମ ବିଦ୍ରୋହୀମାନଙ୍କ ସହିତ ଯୋଗ ଦେଇଛନ୍ତି । ସର୍ବତ୍ର ପୁଗାଚ୍ୟେଭ୍‌ର ଦଳବଳ ଲୁଚି ଲୁଚି ବୁଲୁଛନ୍ତି । ଏହି ଖବରଟି ପାଇ ମୁଁ ଖୁବ୍ ଅସ୍ୱସ୍ତି ବୋଧ କଲି । ପରଦିନ ସକାଳେ ଆମେ ଏହି ନଦୀଟିକୁ ପାରି ହେବାର କଥା ଥାଏ ।

ମୁଁ ବଡ଼ ଅଧୀର ହୋଇପଡ଼ିଲି । ନଦୀର ଆରପାରିରୁ ପ୍ରାୟ ତିରିଶ କିଲୋମିଟର ଦୂରରେ ମୋ ବାପାଙ୍କ ଜମିଦାରୀ ମାହାଲ । ରାତ୍ରିରେ କେହି ମୋତେ ନଦୀ ପାର କରି ଦେଇ ପାରିବ କି ନାହିଁ ପଚାରିଲି । ଗାଁର ଚାଷୀମାନେ ସମସ୍ତେ ମତ୍ସ୍ୟଜୀବୀ, ତେଣୁ ପ୍ରଚୁର ନୌକା । ମୁଁ ଗ୍ରିନ୍ୟୋଭ୍‌ଙ୍କ ପାଖକୁ ଯାଇ ତାଙ୍କ ଆଗରେ ମୋ ଅଭିପ୍ରାୟ ଜଣାଇଲି ।

ସେ ସଙ୍ଗେ ସଙ୍ଗେ ମୋତେ ସତର୍କ କରି କହିଲେ, "ଖୁବ୍ ସାବଧାନ, ଏକାକୀ ମୋଟେ ଯିବ ନାହିଁ, ବିପଦ ଅଛି । ସକାଳ ଯାଏ

---

* ସରକାରୀ ଯାଞ୍ଚ ବ୍ୟବସ୍ଥାକୁ ଧ୍ୟାନରେ ରଖି "କ୍ୟାପ୍ଟେନ୍‌ଙ୍କ କନ୍ୟା" ପୁସ୍ତକରୁ ଏହି ପରିଚ୍ଛେଦଟିକୁ ବାଦ୍ ଦିଆଯାଇଥିଲା । କେବଳ ପାଣ୍ଡୁଲିପିରେ ଏହି ପରିଚ୍ଛେଦଟିକୁ ଦେଖିବାକୁ ମିଳେ । ଏଇଥି ପାଇଁ ପୁଷ୍କିନ୍ ଏହାର ଶିରୋନାମା ଦେଇଥିଲେ "ଅନୁଲ୍ଲିଖିତ ପରିଚ୍ଛେଦ" । ମୂଳ ପୁସ୍ତକରେ ଥିବା କେତେକ ଚରିତ୍ରଙ୍କର ନାମ ପରବର୍ତ୍ତୀ ସମୟରେ ପରିବର୍ତ୍ତନ କରାଯାଇଥିଲା । ସେସବୁ ମଧ୍ୟରେ ଉଲ୍ଲେଖଯୋଗ୍ୟ ହେଲା ଗ୍ରିନ୍ୟୋଭ୍ ସ୍ଥାନରେ ବୁଲନିନ୍ ଏବଂ ଜୁରିନ୍‌ଙ୍କ ସ୍ଥାନରେ ଗ୍ରିନ୍ୟୋଭ୍ ।

ଅପେକ୍ଷା କରିଯାଅ । ପ୍ରଥମେ ଯେଉଁ ସେନାଦଳଟି ନଦୀ ପାର ହେବେ ଆମେ ସେଇମାନଙ୍କ ସାଙ୍ଗରେ ଚାଲିଯିବା । ତା'ପରେ ତମ ବାପାଙ୍କ ପାଖରେ ଅତିଥି ହିସାବରେ ମୁଁ ପହଞ୍ଚାଇ ଦେବି ପଚାଶଟି ଅଶ୍ୱାରୋହୀ ସୈନ୍ୟ । ଦରକାର ଥିଲେ ସେମାନେ କାମରେ ଲାଗିବେ ।"

କିନ୍ତୁ ମୋ କଥାରେ ମୁଁ ଅଡ଼ି ବସିଲି । ନାଆସବୁ ପ୍ରସ୍ତୁତ ହୋଇ ରହିଥାନ୍ତି । ଦୁଇ ଜଣ ନାଉରିଆଙ୍କୁ ନେଇ ମୁଁ ବସିଲି ଏକ ନାଆରେ । ସେମାନେ ନାଆଟିକୁ ପାଣି ମଧ୍ୟକୁ ଠେଲି ଦେଇ ଜୋରରେ ଆହୁଲା ମାରିବାକୁ ଲାଗିଲେ ।

ପରିଷ୍କାର ଆକାଶ – ଝଲସି ଉଠୁଥାଏ ଚକ୍‌ଚକ୍ ଜହ୍ନ । ନୀରବ ନିଷ୍ତବ୍ଧ ରାତ୍ରି । ମନ୍ଦ ମନ୍ଥର ଗତିରେ ବହି ଚାଲିଥାଏ ଭଲ୍‌ଗା । କୃଷ୍ଣ ଜଳରାଶି ଉପରେ ଆମ ନାଆ ନାଚି ନାଚି ଭାସି ଚାଲିଥାଏ । ଏକ ଝାପସା ଝାପସା ମନୋରମ କଳ୍ପନା ମଧ୍ୟରେ ମୁଁ ନିଜକୁ ହଜେଇଦେଲି ।

ଏହିଭାବେ ପ୍ରାୟ ଅଧିଘଣ୍ଟାଏ ଖଣ୍ଡ ବିତିଗଲା । ଆମେ ନଦୀର ମଝାମଝିରେ ପହଞ୍ଚି ଯାଇ ଥାଉ ... । ନାଉରିଆମାନେ ହଠାତ୍ ନିଜ ନିଜ ମଧ୍ୟରେ ଫୁସ୍‌ଫାସ୍ ହେବାକୁ ଆରମ୍ଭ କରିଦେଲେ । "କ'ଣ ହେଲା କି ?" ସ୍ୱପ୍ନାବେଶରୁ ଜାଗି ଉଠି ମୁଁ ପଚାରିଲି ।

"ଭଗବାନଙ୍କୁ ହିଁ ଜଣା, ଆମେ ବୁଝିପାରୁନୁ କିଛି", ଏକା ଦିଗକୁ ଚାହିଁ ଦିହେଁ ଉତ୍ତର ଦେଲେ ।

ସେମାନେ ଯେଉଁ ଆଡ଼କୁ ଚାହିଁଥିଲେ ମୁଁ ମଧ୍ୟ ସେଇ ଆଡ଼କୁ ଦୃଷ୍ଟି ପକାଇଲି । ମନେ ହେଲା, ଅନ୍ଧକାର ମଧ୍ୟରେ କ'ଣ ଗୋଟାଏ ସୁଅରେ ଭାସି ଭାସି ଆସୁଛି । ଜିନିଷଟା କ'ଣ ବୁଝାଗଲା ନାହିଁ, କ୍ରମଶଃ ଆମ ପାଖକୁ ଭାସି ଆସିବାକୁ ଲାଗିଲା । ନାଉରିଆମାନଙ୍କୁ ମୁଁ ନିର୍ଦ୍ଦେଶ ଦେଲି ନାଆ ଅଟକେଇ ଜିନିଷଟା ପାଖକୁ ଆସିଲା ଯାଏ ଅପେକ୍ଷା କରିବାକୁ । ମଳାଏ ମେଘର ପଛପଟେ ଜହ୍ନ ଲୁଚିଗଲା । ଭାସମାନ ଛାଇଛାଇକିଆ ବସ୍ତୁଟି ଆଉରି କଳା ପାଲଟି ଗଲା । ବସ୍ତୁଟି ଆମର ଅନେକ ପାଖକୁ ଆସି ଯାଇଥାଏ, କିନ୍ତୁ ତାହା କ'ଣ ମୁଁ ଠିକ୍ ଧରିପାରୁ ନଥାଏ । "କ'ଣ ହୋଇପାରେ ?" ନାଉରିଆମାନେ ପରସ୍ପରକୁ ପଚାରିଲେ, "ସେଥିରେ ଅଖାଲ ନାହିଁ କି ମାସ୍ତୁଲ ନାହିଁ... ।"

ହଠାତ୍ ମେଘର ଆଡ଼ୁଆଳରୁ ଜହ୍ନ ବାହାରି ଆସିଲା । ମୋ ଆଖି

ଆଗରେ ଭାସି ଉଠିଲା ଏକ ଭୟାନକ ଦୃଶ୍ୟ । ଆମ ଆଡ଼କୁ ଏକ ଭାସମାନ ଭେଳା ଆଗେଇ ଆସୁଥାଏ । ଭେଳାରେ ଲାଗିଥାଏ ଏକ ଫାଶି ଖୁଣ୍ଟ ଏବଂ ସେଥିରେ ତିନୋଟି ମଣିଷ ଝୁଲୁଥାନ୍ତି । ଏକ ବିକୃତ କୌତୂହଳରେ ମନ ମୋର ଚଞ୍ଚଳ ହୋଇଉଠିଲା । ଭାବିଲି, ଫାଶିରେ ଝୁଲୁଥିବା ଲୋକମାନଙ୍କର ମୁହଁ ମୋତେ ଦେଖିବାକୁ ହେବ ।

ମୋର ନିର୍ଦ୍ଦେଶ ଅନୁଯାୟୀ ନାଉରିଆମାନେ ଗୋଟିଏ କାତରେ ଭେଳାଟାକୁ ଅଟକେଇ ଧରିଲେ । ଭାସମାନ ଫାଶି ମଞ୍ଚଟି ସହିତ ଆମ ନାଆଟି ଯିଟି ହୋଇଗଲା । ମୁଁ ସଙ୍ଗେ ସଙ୍ଗେ ଡେଇଁ ପଡ଼ିଲି ଭେଳା ଉପରକୁ ଏବଂ ଫାଶି ମଞ୍ଚର ସେଇ ଦୁଇଟି ଭୟଙ୍କର ଖୁଣ୍ଟ ମଝିରେ ଯାଇ ଛିଡ଼ା ହୋଇ ପଡ଼ିଲି । ପୂନେଇଁ ଜହ୍ନର ଆଲୁଅ ଆସି ହତଭାଗ୍ୟ ଲୋକଗୁଡ଼ିକର ବିକୃତ ମୁହଁ ଉପରେ ପଡ଼ୁଥାଏ । ସେମାନଙ୍କ ମଧ୍ୟରୁ ଜଣେ ହେଉଛି ଏକ ବୁଢ଼ା ଚୁଭାଶ୍, ଆଉ ଜଣେ ଏକ ହୃଷ୍ଟପୁଷ୍ଟ ରୁଷୀ ଚାଷୀ, ବୟସ କୋଡ଼ିଏ ଖଣ୍ଡ ହେବ । କିନ୍ତୁ ତୃତୀୟ ଜଣକୁ ଦେଖି ମୁଁ ସ୍ତମ୍ଭୀଭୂତ ହୋଇଗଲି । ନିଜର ଅଜାଣତରେ ଶିହରି ଉଠିଲି ଭୟରେ – ଚିତ୍କାର କରିଉଠିଲି । ଏହି ତୃତୀୟ ଲୋକଟି ହେଲା ଭାନ୍‌କା, ବିଚରା ଭାନ୍‌କା । ବୋକାମି କରି ପୁଗାଚ୍ଚେଭ୍‌ର ଦଳରେ ଯୋଗ ଦେଇଥିଲା । ସେମାନଙ୍କ ମଥା ଉପରେ କଳାରଙ୍ଗ ଦିଆ ଏକ କାଠପଟାକୁ କଣ୍ଟା ପିଟି ଲଗେଇ ଦିଆ ଯାଇଥାଏ । କାଠପଟା ଉପରେ ବଡ଼ ବଡ଼ ଅକ୍ଷରରେ ଲେଖା ହୋଇଥାଏ, "ଚୋର ଏବଂ ବିଦ୍ରୋହୀ" । ନାଉରିଆମାନେ ଉଦାସରେ ଭେଳାଟାକୁ କାତରେ ଅଟକେଇ ମୋତେ ଅପେକ୍ଷା କରିଥାନ୍ତି । ମୁଁ ନାଆ ମଧ୍ୟକୁ ଫେରି ଆସିଲି । ଭେଳାଟି ସୁଅରେ ଭାସି ଭାସି ଆଗେଇଗଲା । ରାତ୍ରିର ଅନ୍ଧକାର ମଧ୍ୟରେ ଫାଶି ମଞ୍ଚଟା ଅନେକ କ୍ଷଣ ଯାଏ କଳା ମିଚିମିଚି ଦିଶୁଥାଏ । ଶେଷକୁ ତାହା ଅଦୃଶ୍ୟ ହୋଇଗଲା । ଇତିମଧ୍ୟରେ ଆମ ନାଆଟି ଆସି ଡିଖ ତଟ ଦେଶରେ ଲାଗିଯାଇଥାଏ ... ।

ମୁକ୍ତ ହସ୍ତରେ ମୁଁ ନାଉରିଆମାନଙ୍କୁ ବକ୍‌ସିସ୍ ଦେଲି । ସେମାନଙ୍କ ମଧ୍ୟରୁ ଜଣେ ମୋତେ ଘାଟ ନିକଟବର୍ତ୍ତୀ ଗାଁର ମୁଖିଆ ପାଖକୁ ନେଇଗଲା । ଲୋକଟିର ପଛେ ପଛେ ମୁଁ ଏକ କୁଡ଼ିଆ ଘର ମଧ୍ୟକୁ ପ୍ରବେଶ କଲି ।

ମୁଁ ଘୋଡ଼ା ମାଗିବାକୁ ଆସିଛି ଶୁଣି ମୁଖିଆ ମୁହଁ ଛିଞ୍ଚାଡ଼ି ହେଲା । କିନ୍ତୁ ନାଉରିଆ ଫୁସ୍‌ଫୁସ୍ କରି ତା କାନରେ କ'ଣ କହିଲା ପରେ ସଙ୍ଗେ ସଙ୍ଗେ ଲୋକଟାର ସେ ରୁକ୍ଷ ବ୍ୟବହାର ବଦଳିଗଲା । ଫୁଟି ଉଠିଲା ବିନୀତ ଆନୁଗତ୍ୟ । ତା'ପରେ ମାତ୍ର କେଇ ମୁହୂର୍ତ୍ତ ମଧ୍ୟରେ ପ୍ରସ୍ତୁତ ହୋଇଗଲା ତିନି ଘୋଡ଼ାଟଣା ଏକ ଗାଡ଼ି । ମୁଁ ଗାଡ଼ିରେ ଯାଇ ବସିଲି । ମୋର ନିର୍ଦ୍ଦେଶ ଅନୁଯାୟୀ ଗାଡ଼ି ଚାଲିଲା ଆମ ଗାଁ ଆଡ଼କୁ ।

ପ୍ରଶସ୍ତ ରାଜପଥ ଦେଇ ଘୋଡ଼ାମାନେ କଦମ୍ ପକାଇ ଛୁଟି ଚାଲିଥାନ୍ତି । ସଡ଼କର ଦୁଇ ପାଖରେ ଘୁମନ୍ତ ଗାଁସବୁ । ମନରେ ମୋର ଗୋଟିଏ ମାତ୍ର ଭୟ ଥିଲା, କାଳେ ସଡ଼କରେ କେଉଁଠି କିଏ ଅଟକେଇ ଦେବ କି ! ଭଲ୍‌ଗାରେ ମୋର ନୈଶ ଅଭିଯାନ ବେଳେ ବିଦ୍ରୋହୀମାନେ ଏଠାରେ ଅଛନ୍ତି ବୋଲି ଯେପରି ପ୍ରମାଣ ମିଳିଲା, ସେଇପରି କର୍ତ୍ତୃପକ୍ଷଙ୍କ ତରଫରୁ ପ୍ରବଳ ପ୍ରତିରୋଧର ସାବୁତ ମଧ୍ୟ ଦେଖିବାକୁ ମିଳିଲା । ମୋ ପକେଟ୍‌ରେ ଥାଏ ପୁଗାଚ୍ଛେଭ୍‌ର ଅନୁମତିପତ୍ର ସହିତ କର୍ଣ୍ଣେଲ ଗ୍ରିନ୍ୟୋଭ୍‌ଙ୍କ ନିର୍ଦ୍ଦେଶନାମା । ପରିସ୍ଥିତି ଅନୁଯାୟୀ ଯେଉଁଟି ଦରକାର ହେବ ସେଟିକୁ ମୁଁ ଦେଖାଇ ଦେଇ ପାରିବି ।

କିନ୍ତୁ ସଡ଼କରେ କାହାରି ସହିତ ମୋର ଦେଖା ହେଲା ନାହିଁ । ସକାଳ ହେଉଁ ନ ହେଉଁଣୁ ଆଖି ଆଗରେ ମୋର ଭାସିଉଠିଲା ଆମ ଗାଁର ନଈ ଆଉ ଫାର୍‌ଗଛସବୁ । କୋଚ୍‌ମ୍ୟାନ୍ ଘୋଡ଼ାମାନଙ୍କ ପିଠିରେ ଚାଉଁ ଚାଉଁ କରି ଚାବୁକ ପିଟୁଥାଏ । ପନ୍ଦର ମିନିଟ୍ ଖଣ୍ଡ ମଧ୍ୟରେ ଆମେ "କ" ଗ୍ରାମରେ ପହଞ୍ଚିଗଲୁ ।

ଗାଁର ଆରମୁଣ୍ଡରେ ଜମିଦାରଙ୍କ ନିବାସ । ଘୋଡ଼ାମାନେ ପୂରା ଦମ୍‌ରେ ଛୁଟିଥାନ୍ତି । ହଠାତ୍ ରାସ୍ତା ଉପରେ କୋଚ୍‌ମ୍ୟାନ୍ ଲଗାମ କଷି ଗାଡ଼ି ଅଟକେଇବାକୁ ଚେଷ୍ଟା କଲା । ଅଧୈର୍ଯ୍ୟ ହୋଇ ମୁଁ ପଚାରିଲି, "କ'ଣ ହେଲା କି ?"

"ହଜୁର ରାସ୍ତା ବନ୍ଦ !" ଗାଡ଼ିଟାକୁ କୌଣସି ପ୍ରକାରେ ଅଟକଉ ଅଟକଉ କୋଚ୍‌ମ୍ୟାନ୍ କହିଲା ।

ସତକୁ ସତ ଦେଖାଗଲା ରାସ୍ତା ଉପରେ ଏକ କାମଚଳିଲା ଭଳି ଆଡ଼ି

ଦିଆ ଯାଇଛି ଏବଂ ଜଣେ ଚାଷୀ ପହରା ଦେଉଛି । କାନ୍ଧରେ ତା'ର ଏକ ଠେଙ୍ଗା । ପହରାଦାରଟି ମୋ ପାଖକୁ ଆଗେଇ ଆସି ମୁଣ୍ଡରୁ ଟୋପି ଖୋଲି ପକାଇଲା ଏବଂ ମୋ ଅନୁମତିପତ୍ର ଦେଖିବାକୁ ଚାହିଁଲା ।

"ଏହାର ମାନେ କ'ଣ ?" ମୁଁ ତାକୁ ପଚାରିଲି । "ଏମିତି ରାସ୍ତା ବନ୍ଦ କରିଛ କାହିଁକି ? କାହାକୁ ତମେ ପହରା ଦେଉଛ ?"

ମୁଣ୍ଡର ବାଳକୁ ପଛକୁ ଆଉଁସି ଦେଇ ସେ ଉତ୍ତର ଦେଲା, "ହଜୁର ଆମେ ବିଦ୍ରୋହ କରିଛୁ ।"

ଟିକେ ଦବି ଯାଇ ମୁଁ ପଚାରିଲି, "ତମ ମାଲିକମାନେ କାହାନ୍ତି ?.."

"ମାଲିକମାନେ କାହାନ୍ତି ?" କୃଷକଟି ମୋ କଥାକୁ ଦୋହରେଇଲା, "ମାଲିକମାନେ ଖଳା ଘରେ ଅଛନ୍ତି ।"

"ଖଳା ଘରେ ?"

"ହଁ, ଆନ୍ଦ୍ରିଉଶା ସେମାନଙ୍କ ଗୋଡ଼ରେ କଡ଼ି ପିନ୍ଧେଇ ଦେଇଛି ଏବଂ ସେ ଚାହେଁ ସେମାନଙ୍କୁ ଜାର୍ ଆଗରେ ହାଜିର କରିବ ।"

"ହେ ଭଗବାନ ! ଆରେ ଓଲୁ, ଶୀଘ୍ର ଆଡ଼ି ଉଠା । ହାଁ କରି ସେମିତି ଛିଡ଼ା ହୋଇଛୁ କ'ଣ ?"

କ'ଣ କରିବାକୁ ହେବ ପହରାଦାର ଠିକ୍ କରିପାରିଲା ନାହିଁ । ଗାଡ଼ିରୁ ଓହ୍ଲାଇ ପଡ଼ି ଲୋକଟାର କାନ ମୂଳରେ ଚାପଡ଼ଟାଏ ବସେଇ ଦେଲି (କହିବାକୁ ଲଜ୍ଜା ଲାଗୁଛି) ଏବଂ ନିଜେ ଆଡ଼ିଟାକୁ ଉଠେଇଦେଲି । ଲୋକଟି ବୋକାଙ୍କ ପରି ମୋତେ ହାଁ କରି ଚାହିଁ ରହିଲା । ଗାଡ଼ି ଉପରକୁ ଉଠିଯାଇ କୋଚ୍‌ମ୍ୟାନ୍‌କୁ ହୁକୁମ ଦେଲି ଜମିଦାରଙ୍କ ନିବାସ ଆଡ଼କୁ ଗାଡ଼ି ଚଳେଇବାକୁ । ଖଳା ଘରଟା ଥିଲା ଅଗଣା ମଝିରେ । ସେଠି ବି ସେଇ ଏକେଇ ଦୃଶ୍ୟ । ତାଲା ପଡ଼ିଥିବା ଦୁଆର ମୁହଁରେ ଠେଙ୍ଗା ଧରି ଦୁଇ ଜଣ ଚାଷୀ ପହରା ଦେଉଥାନ୍ତି । ଗାଡ଼ିଟା ସେମାନଙ୍କର ଏକେବାରେ ସାମନାରେ ଯାଇ ଅଟକି ଗଲା । ଗାଡ଼ିରୁ ଡେଇଁ ପଡ଼ି ମୁଁ ସେମାନଙ୍କ ଆଗରେ ଯାଇ ଛିଡ଼ା ହୋଇଗଲି ।

"ଦୁଆର ଖୋଲ", ସେମାନଙ୍କୁ ହୁକୁମ ଦେଲାଭଳି କହିଲି ।

ସେତେବେଳେ ମୁଁ ହୁଏତ ଏପରି ଭୟଙ୍କର ଦେଖା ଯାଉଥିଲି ଯେ,

ସେମାନେ ଆତଙ୍କିତ ହୋଇ ପଡ଼ିଥିଲେ । ସେ ଯାହା ହେଉନା କାହିଁକି ସେ ଦିଇ ଜଣ ଯାକ ଠେଙ୍ଗାକୁ ଫୋପାଡ଼ି ଦେଇ ଦୌଡ଼ି ପଳାଇଗଲେ । ମୁଁ ଚେଷ୍ଟା କଲି ତାଲଟାକୁ ଭାଙ୍ଗି ଦୁଆର ଖୋଲିବାକୁ । କିନ୍ତୁ ଦୁଆରଟା ଓକ୍ କାଠରେ ତିଆରି ଏବଂ ତାଲଟା ଏତେ ବଡ଼ ଥିଲା ଯେ, ମୋ ମୁଠା ପାଇଲା ନାହିଁ । ଠିକ୍ ଏତିକି ବେଳେ ଏକ କୁଡ଼ିଆ ମଧ୍ୟରୁ ଜଣେ ଲମ୍ବା ଚଉଡ଼ା ଘୃଷୀ ଯୁବକ ବାହାରି ଆସି ଉଦ୍ଧତଭାବେ ପଚାରିଲା, ମୁଁ କାହିଁକି ଗଣ୍ଡଗୋଳ କରୁଛି ।

"ଆନ୍ଦ୍ରିଉଶା କାହିଁ ?" ମୁଁ ବଡ଼ ପାଟି କରି ତାକୁ ପଚାରିଲି । "ତାକୁ ମୋ ପାଖକୁ ଡାକି ଆଣ !"

"ଆନ୍ଦ୍ରିଉଶା ବୋଲି ଏଠି କେହି ନାହାନ୍ତି, ମୁଁ ହେଉଛି ଆନ୍ଦ୍ରେଇ ଆଫାନାସ୍ୟେଭିଚ୍ ।" କମର ଉପରେ ଦୁଇ ହାତକୁ ରଖି ବଡ଼ ବେପରୁଆ ଭାବେ ସେ କହିଲା, "ଆପଣଙ୍କର କ'ଣ ଦରକାର ?"

ତା ପ୍ରଶ୍ନର ଜବାବ ଦେବା ପରିବର୍ତ୍ତେ ମୁଁ ତା ତଣ୍ଟିକୁ ଚିପି ଧରି ଖଳା ଘରର ଦୁଆର ମୁହଁକୁ ଘୋଷାରି ଘୋଷାରି ନେଇ ଆସିଲି । ହୁକୁମ ଦେଲି ତାଲା ଖୋଲିବାକୁ । ମୁହୂର୍ତ୍ତକ ପାଇଁ ସେ ଜିଦ୍‌ଖୋର ଭଳି ଛିଡ଼ା ହୋଇ ରହିଲା, କିନ୍ତୁ ମୋର ଦୁର୍ଦ୍ଦାନ୍ତ କାମଟା ସଙ୍ଗେ ସଙ୍ଗେ ଫଳ ଦେଲା । ସେ ଚାବିକାଠି ବାହାର କରି ଖଳା ଘରର ଦୁଆର ଖୋଲିଲା । ମୁଁ ବାଇବିଛା ପରି ସିଧାସଳଖ ଧାଇଁଗଲି ଘର ଭିତରକୁ । ଛାତର ଏକ ସରୁ ଫାଟ ଦେଇ ଚେନାଏଁ ଅସ୍ପଷ୍ଟ ଆଲୁଅ ଆସି ପଡ଼ିଥିଲା ଘର ମଧ୍ୟରେ । ସେଇ ଆଲୁଅରେ ଠଉରେଇ ଠଉରେଇ ଗୋଟିଏ ଅନ୍ଧାରୁଆ କଣରେ ମୋ ବାପାମାଙ୍କୁ ଖୋଜି ବାହାର କଲି । ସେମାନଙ୍କ ହାତ ବନ୍ଧା ହୋଇଥାଏ ଏବଂ ଗୋଡ଼ରେ କାଠର ବେଡ଼ି ପଡ଼ିଥାଏ । ମୋ ମୁହଁରୁ କଥା ବାହାରିଲା ନାହିଁ, ମୁଁ ଆବେଗ ବିଭୋର ହୋଇ ସେମାନଙ୍କୁ କୁଣ୍ଢେଇ ପକାଇଲି । ସେମାନେ ଅବାକ୍ ହୋଇ ମୋତେ ଚାହିଁ ରହିଥାନ୍ତି । ମୋର ଏହି ତିନିବର୍ଷର ସାମରିକ ଜୀବନ ମୋତେ ଏତେ ବଦଳେଇ ଦେଇଥାଏ ଯେ, ସେମାନେ ମୋତେ ଚିହ୍ନି ପାରିଲେ ନାହିଁ । ମା ମୋର କୋହରେ ଅଣନିଶ୍ୱାସୀ ହୋଇ କାନ୍ଦି ପକାଇଲେ ।

ହଠାତ୍ ମୋ ପଛପଟୁ ଶୁଣାଗଲା ଏକ ପ୍ରିୟ, ପରିଚିତ ନାରୀ କଣ୍ଠ । "ପିଓତର ଆନ୍ଦ୍ରେଇଚ୍ ! ତୁମେ ?" ମୁଁ ସ୍ତମ୍ଭୀଭୂତ ହୋଇପଡ଼ିଲି... । ସଙ୍ଗେ ସଙ୍ଗେ ବୁଲିପଡ଼ି, ଆଉ ଏକ କଣରେ ମାରିୟା ଇଭାନୋଭ୍‌ନାକୁ ଦେଖିଲି । ତା'ର ହାତ ମଧ୍ୟ ବନ୍ଧା ହୋଇଥାଏ ଏବଂ ଗୋଡ଼ରେ କଡ଼ି ପଡ଼ିଥାଏ ।

ବାପା ମୋତେ ନିର୍ବାକ ହୋଇ ଚାହିଁ ରହିଥାନ୍ତି, ନିଜର ଆଖିକୁ ବିଶ୍ୱାସ କରି ପାରୁ ନଥାନ୍ତି । ମୁହଁରେ ତାଙ୍କର ଆନନ୍ଦର ଝଲକ ଫୁଟି ଉଠିଥାଏ ।

ମୁଁ ସଙ୍ଗେ ସଙ୍ଗେ ମୋ ତରବାରି ଦେଇ ସେମାନଙ୍କ ହାତରେ ବନ୍ଧା ହୋଇଥିବା ଦୌଡ଼ିର ଗଣ୍ଠିଗୁଡ଼ିକୁ କାଟି ପକାଇଲି ।

"ପେତ୍ରୁଶା, ଆ ବାବା ପେତ୍ରୁଶା", କହି ବାପା ମୋତେ ବୁକୁ ଉପରକୁ ଆଉଜେଇ ନେଲେ । "ଭଗବାନଙ୍କ ଦୟାରୁ ତତେ ଦେଖିବାକୁ ପାଇଲୁ ବାବା !"

ମା ମୋର ଆବେଗ ଉଛୁଳ କଣ୍ଠରେ କହି ଉଠିଲେ, "ପେତ୍ରୁଶା, ଆଖିର ପିତୁଳା ମୋର ! କେଉଁଠାରୁ ତୋତେ ବାବା ଏଠିକି ଆଣିଲେ ରେ ? ତୁ କେମିତି ଅଛୁ କହ ବାବା !"

ମୁଁ ଆଉ କାଳ ବିଳମ୍ବ ନକରି ସେମାନଙ୍କୁ ଅଟକ ଅବସ୍ଥାରୁ ବାହାରକୁ ଘେନି ଆସିବାକୁ ଲାଗି ପଡ଼ିଲି । କିନ୍ତୁ ଦୁଆର ପାଖକୁ ଆସି ଦେଖିଲି ବାହାର ପଟୁ ଦୁଆର ବନ୍ଦ । "ଆନ୍ଦ୍ରିଉଶ୍‌କା, ଦୁଆର ଖୋଲ !" ମୁଁ ଡାକ ପକାଇଲି ।

"ସେ କଥା ହୋଇପାରିବ ନାହିଁ !" ଦୁଆର ଆରପଟୁ ସେ ଜବାବ ଦେଲା । "ତୁମେ ମଧ୍ୟ ସେଇଠି ରହିଯାଅ । ଗଣ୍ଡଗୋଳ କରିବା ପାଇଁ ଏବଂ ଜାର୍‌ଙ୍କ କର୍ମଚାରୀର ତଣ୍ଟି ଧରିବା ପାଇଁ ତମକୁ ଆମେ ଉପଯୁକ୍ତ ଶିକ୍ଷା ଦେଇ ଛାଡ଼ିବୁ !"

ଖଳା ଘର ମଧ୍ୟରୁ ବାହାରିବା ପାଇଁ କୌଣସି ବାଟ ଅଛିକି ନାହିଁ ଦେଖିବାକୁ ଚେଷ୍ଟା କଲି ।

"ସେସବୁ ଦେଖି କିଛି ହେବ ନାହିଁ", ବାପା କହିଲେ । "ମୋ ଖଳା ଘରେ ଚୋରଙ୍କ ଯିବା ଆସିବା ପାଇଁ କେଉଁଠି କୌଣସି ଫାଙ୍କ ନାହିଁ ।"

ମୁଁ ଆସିଯାଇଛି ଦେଖି ମା ମୋର ପ୍ରଥମେ ଆନନ୍ଦରେ ଉଲ୍ଲସି

ଉଠିଥିଲେ । କିନ୍ତୁ ପରେ ଯେତେବେଳେ ପରିବାରର ଅନ୍ୟମାନଙ୍କ ଭଳି ମୋତେ ଜୀବନ ହରାଇବାକୁ ହେବ ଭାବି ହତାଶ ହୋଇପଡ଼ିଲେ । ମୁଁ କିନ୍ତୁ ମୋ ବାପା ମା ଆଉ ମାରିୟା ଇଭାନୋଭ୍ନା ପାଖକୁ ଆସି ଆଉରି ଅଧିକ ଶାନ୍ତ ଅନୁଭବ କରୁଥିଲି । ମୋ ପାଖରେ ଏକ ତରବାରି ଆଉ ଦୁଇଟି ପିସ୍ତଲ ଥାଏ । ସେମାନେ ଆମକୁ ଯେତେ ଘେରଉ କଲେ ମଧ୍ୟ ମୁଁ ପରୁଆ କରି ନଥିଲି । ତାଛଡ଼ା ମୁଁ ଭାବୁଥିଲି ଗ୍ରିନ୍ୟୋଭ୍ ସଂଧ୍ୟାପୂର୍ବରୁ ପହଞ୍ଚିଯିବେ ଏବଂ ଆମକୁ ମୁକ୍ତ କରିଦେବେ । ବାପା ମାଙ୍କୁ ଏସବୁ ବୁଝେଇ କହିଲ ଫଳରେ ମା ମୋର ଶାନ୍ତ ହେଲେ । ଆମର ଏହି ପୁନର୍ମିଳନର ଆନନ୍ଦର ଜୁଆରରେ ସେମାନେ ନିଜକୁ ଭସେଇ ଦେଲେ ।

ବାପା କହିଲେ, "ଆରେ, ପିଓତର, ତୁ ଏତେ ଦିନ ଧରି ଅନେକ ପିଲଳିଆ କାମ କରି ଆସିଥିଲୁ ଏବଂ ମୁଁ ସେଥିପାଇଁ ତୋ ଉପରେ ରାଗ ମଧ୍ୟ କରିଛି । ସେସବୁ କଥା ମୁଁ ଏବେ ଆଉ ଉଠାଇବାକୁ ଚାହେଁ ନାହିଁ । ମୋର ବିଶ୍ୱାସ, ତୁ ନିଜକୁ ଶୁଧାରି ନେଲୁଣି ଏବଂ ସବୁ କଥା ବୁଝିଲୁଣି । ମୁଁ ଜାଣେ ତୁ ଜଣେ ସମ୍ମାନାସ୍ପଦ ଅଫିସର ହିସାବରେ ସେନାବାହିନୀରେ କର୍ତ୍ତବ୍ୟ ସଂପାଦନ କରିଛୁ । ସେଥିପାଇଁ ତୋତେ ଧନ୍ୟବାଦ । ମୋର ବୃଦ୍ଧ ବୟସରେ ତୁ ମନରେ ମୋର ଶାନ୍ତି ଦେଇ ପାରିଛୁ । ଆଉ ଆଜି ଯଦି ତୋ ପାଇଁ ବଞ୍ଚିଯାଏ ତେବେ ମୋ ଜୀବନ ଆଉରି ଦୁଇ ଗୁଣ ମଧୁର ହୋଇ ଉଠିବ ।"

ଆଖିରୁ ମୋର ଲୁହ ଝରି ପଡ଼ିଲ, ମୁଁ ବାପାଙ୍କ ହାତରେ ଚୁମାଦେଲି । ତା'ପରେ ମୁଁ ଚାହିଁଦେଲି ମାରିୟା ଇଭାନୋଭ୍ନାକୁ । ମୋତେ ଦେଖିଲ ପରେ ସେ ଏତେ ଆନନ୍ଦବିଭୋର ହୋଇ ପଡ଼ିଥିଲ ଯେ, ସଂପୂର୍ଣ୍ଣ ସୁଖୀ ଆଉ ଶାନ୍ତ ମନେ ହେଉଥିଲ ।

ଦ୍ୱିପହର ବେଳକୁ ଆମେ ଏକ ଅସ୍ୱାଭାବିକ ପାଟିତୁଣ୍ଡ ଗୋଳଚହଳ ଶୁଣିବାକୁ ପାଇଲୁ ।

"ଏମିତି କ'ଣ ହେଉଛି ?" ବାପା ପଚାରିଲେ । "ତୋ ସେ କର୍ଣ୍ଣେଲ କ'ଣ ଇତିମଧ୍ୟରେ ଆସିଗଲଣି ନା କ'ଣ ?"

ମୁଁ କହିଲି, "ନା, ଅସମ୍ଭବ । ସନ୍ଧ୍ୟା ପୂର୍ବରୁ ସେ କୌଣସିମତେ ପହଞ୍ଚି ପାରିବେ ନାହିଁ ।"

ଗୋଳଚହଳ ବଢ଼ିବାକୁ ଲଗିଲ । ବିପଦସୂଚକ ଘଣ୍ଟା ବାଜି ଉଠିଲ । ଘୋଡ଼ାରେ ଚଢ଼ି ଦଳେ ଲୋକ ଅଗଣାରେ ଦୌଡ଼ା ଧାଁ କରୁଥାନ୍ତି । ଠିକ୍ ସେତିକିବେଳେ ସାଭେଲିଚ୍‌ର ପାକଲ ବାଳିଆ ମୁଣ୍ଡଟା କାନ୍ଥର ଏକ ସରୁ ଫାଙ୍କବାଟେ ଦେଖାଗଲ ଏବଂ ମୋର ସେବକ ବିଚରା ବିକଳିଆ ସ୍ୱରରେ ଚିତ୍‌କାର କରିଉଠିଲ, "ବଡ଼ ସାଆନ୍ତେ! ମା ସାଆନ୍ତାଣୀ! ଛୋଟ ସାଆନ୍ତେ! ଛୋଟ ମା! ବଡ଼ ଅଶୁଭ ଖବର! ବଦମାସମାନେ ଗାଁ ଭିତରକୁ ଆସିଯାଇଛନ୍ତି । ଆଉ ବଦମାସମାନଙ୍କର ନେତା କିଏ ଜାଣନ୍ତି ଛୋଟ ସାଆନ୍ତେ ? ସେଇ ନର୍କକୀଟ ଶ୍‌ଭାବ୍ରିନ୍‌ଟା !" ଶ୍‌ଭାବ୍ରିନ୍‌ର ଘୃଣିତ ନାଁଟାକୁ ଶୁଣିଲ କ୍ଷଣି ମାରିୟା ଇଭାନୋଭ୍ନା ବି ହାତମୁଠାକୁ ଏକାଠି କରି ସ୍ଥାଣୁ ପାଲଟି ଗଲ ଭଳି ଛିଡ଼ା ହୋଇ ରହିଲ ।

"ଶୁଣ, ସାଭେଲିଚ୍ !" ମୁଁ ସାଭେଲିଚ୍‌କୁ ଡାକିଲି । "ଜଣେ କାହାକୁ ଘୋଡ଼ା ଦେଇ ନଇ ଘାଟକୁ ପଠେଇ ଦିଅ । ସେଠାରେ ଅଶ୍ୱାରୋହୀ ସୈନ୍ୟମାନେ ଅଛନ୍ତି । ସେମାନଙ୍କୁ ଯାଇ ସେ କହିବ, କର୍ଣ୍ଣେଲଙ୍କୁ ଆମ ବିପଦ କଥା ଜଣାଇ ଦେବା ପାଇଁ ।"

"ହଜୁର, କାହାକୁ ଏଠୁ ପଠାଇବି ? ସବୁ ଭେଣ୍ଡିଆ ଯାକ ବିଦ୍ରୋହୀମାନଙ୍କ ସହିତ ଯୋଗ ଦେଇଛନ୍ତି । ଘୋଡ଼ାଗୁଡ଼ାକୁ ମଧ୍ୟ ସେମାନେ ଅକ୍ତିଆର କରି ନେଇଛନ୍ତି । ହେ ଭଗବାନ, ହେଇ ସେମାନେ ଉଠାଣିକୁ ଆସିଗଲେଣି, ଖଳା ଘର ଆଡ଼କୁ ଆସୁଛନ୍ତି ।"

ଏହି ସମୟରେ ଦୁଆର ଆରପାଖରୁ ଅନେକ ଲୋକଙ୍କର ପାଟିତୁଣ୍ଡ ଶୁଣାଗଲ । ମା ଆଉ ମାରିୟା ଇଭାନୋଭ୍ନାକୁ ମୁଁ ହାତ ଠାରି କହିଲି ଘରର ପାଖକୁ ଚାଲିଯିବା ପାଇଁ । ତା'ପରେ ତରବାରି ବାହାର କରି କାନ୍ଥରେ ଠେସ ଦେଇ ଠିକ୍ ଦୁଆର ପାଖରେ ଛିଡ଼ା ହୋଇ ରହିଲି । ବାପା ମୋର ପିସ୍ତଲ ଦୁଇଟିକୁ ପ୍ରସ୍ତୁତ କରିନେଇ ମୋ ପାଖକୁ ଲଗି ଛିଡ଼ା ହୋଇଗଲେ । ତାଲରେ ଚାବିକାଠି ଭରିବାର ଶବ୍ଦ ଶୁଣାଗଲ । ତା'ପରେ ଖୋଲିଗଲ ଦୁଆର ଏବଂ

ଖୋଲା ଦୁଆର ବାଟେ ଗାଁ କମିଟିର ମୁଖିଆ ଆନ୍ଦ୍ରିଉଶ୍‌କାର ମୁଣ୍ଡଟି ଦେଖାଗଲା । ମୁଁ ତା ଉପରେ ତରବାରିରେ ଗ୍ରେଟଟାଏ ବସେଇ ଦେଲି ଏବଂ ସିଏ ସେଇଠି ଦୁଆର ବନ୍ଧ ଉପରେ ଟଳିପଡ଼ିଲା । ଏତିକି ବେଳେ ଖୋଲା ଦୁଆର ଦେଇ ବାପା ପିସ୍ତଲରୁ ଗୋଟାଏ ଗୁଳି ଛାଡ଼ିଲେ । ଘେରଉ କରିଥିବା ଲୋକମାନେ ଆମକୁ ଗାଳି ଫଜିତ କରି ଏଣେ ତେଣେ ପଳେଇଗଲେ । ଆହତ ଲୋକଟାକୁ ଘର ଭିତରକୁ ଟାଣି ଆଣି ମୁଁ ଭିତରପଟୁ କିଳିଣୀ ବନ୍ଦ କରିଦେଲି । ଅଗଣାରେ ସଶସ୍ତ୍ର ଲୋକଙ୍କର ଭିଡ଼ । ମୁଁ ଶଭାବ୍ରିନ୍‌କୁ ସେମାନଙ୍କ ମଧ୍ୟରେ ଚିହ୍ନି ପକାଇଲି ।

"ଭୟ କରନା !" ମୋ ମା ଆଉ ମାରିୟା ଇଭାନୋଭ୍‌ନାକୁ ମୁଁ କହିଲି, "ଏବେ ବି ବଞ୍ଚିବାର ଆଶା ଅଛି । ବାପା, ଆପଣ ଆଉ ଗୁଳି ଚଳାନ୍ତୁ ନାହିଁ, ଶେଷ ଗୁଳିଟାକୁ ରଖିବାକୁ ହେବ ।"

ମା ମୋର ନୀରବରେ ଭଗବାନଙ୍କୁ ପ୍ରାର୍ଥନା କରି ଚାଲିଥାନ୍ତି । ମାରିୟା ଇଭାନୋଭ୍‌ନା ମୁନିସୁଲଭ ଧୈର୍ଯ୍ୟ ନେଇ ତାଙ୍କ ପାଖରେ ଛିଡ଼ା ହୋଇଥାଏ, ତା'ର ଭାଗ୍ୟ ଫଳକୁ ଅପେକ୍ଷା କରି । ଦୁଆର ସେପାଖରୁ ଧମକ, ଗାଳିଗୁଲଜ ଏବଂ ଅଶ୍ରାବ୍ୟ କଥା ସବୁ ଶୁଣାଯାଉଥାଏ । ମୁଁ ମୋ ସ୍ଥାନରେ ଛିଡ଼ା ହୋଇଥାଏ, କେହି ଭିତରକୁ ମୁଣ୍ଡ ଗଳେଇବାକୁ ଦୁଃସାହସ କଲେ ତାକୁ କାଟି ଖଣ୍ଡ ଖଣ୍ଡ କରିଦେବି । ହଠାତ୍ ବାହାରେ ଦୁର୍ବୃତ୍ତମାନଙ୍କର ଗୋଳଚହଳ ବନ୍ଦ ହୋଇଗଲା । ଶ୍‌ଭାବ୍ରିନ୍ ମୋ ନାମ ଧରି ଡାକୁଥିବାର ମୁଁ ଶୁଣିବାକୁ ପାଇଲି ।

"ମୁଁ ଏଇଠି ଅଛି । କ'ଣ ଚାହୁଁଛୁ ତୁ ?"

"ଆମକୁ ରୋକିବାକୁ ଚେଷ୍ଟା କରି କିଛି ଲାଭ ହେବ ନି, ବୁଲନିନ୍ । ବରଂ ଆମ ପାଖରେ ଆତ୍ମସମର୍ପଣ କର । ତୋ ବୁଢ଼ା ବାପ ମା କଥା ଟିକେ ଚିନ୍ତା କର । ଜିଦ୍ କରି କିଛି ଫଳ ମିଳିବ ନାହିଁ । ମୁଁ ତତେ ନ ଧରି ଛାଡ଼ିବି ନାହିଁ !"

"ଚେଷ୍ଟା କରି ଦେଖ, ବିଶ୍ୱାସଘାତକ !"

"ତୁ କ'ଣ ଭାବୁଛୁ ବୁଦ୍ଧୁଙ୍କ ଭଳି ମୁଁ ଭିତରକୁ ଯିବାକୁ ଚେଷ୍ଟା କରିବି ବା ମୋ ଲୋକଙ୍କ ଜୀବନ ବିପନ୍ନ କରିବାକୁ ଯିବି ? ତା କରିବି ନାହିଁ । ମୁଁ ଏ ଖଳା ଘରେ ନିଆଁ ଲଗେଇ ଦେବି ଏବଂ ଦେଖିବି, ବେଲୋଗୋର୍ସ୍କର ବୀର ତୁ କ'ଣ କରିବୁ ? ଏବେ ସଂଧ୍ୟାଭୋଜନର ସମୟ ହୋଇଗଲାଣି । ତୋତେ ଏବେ କିଛି ସମୟ ପାଇଁ ସେଇଠି ରହିବାକୁ ଦେଉଛି । ଏହି ସମୟ ମଧ୍ୟରେ ତୁ ଭାବି ଠିକ୍ କରିନେ, ତୁ କ'ଣ କରିବୁ । ଯାଉଛି, ମାରିୟା ଇଭାନୋଭ୍‌ନା, ତୋ ପାଖରୁ ମୁଁ କ୍ଷମା ଭିକ୍ଷା କରୁ ନାହିଁ । ମୋର ମନେ ହୁଏ ଅନ୍ଧାର ମଧ୍ୟରେ ବୀର ପୁରୁଷ ପାଖରେ ବସି ତୋର ସମୟ ସୁଖରେ କଟି ଯାଉଥିବ ବୋଲି ।"

ଖଳା ଘର ଆଗରେ ପହରା ରଖି ଶ୍‌ଭାବ୍ରିନ୍ ଚାଲିଗଲା । ଆମେ ସମସ୍ତେ ମୌନ ନିର୍ବାକ । ପ୍ରତ୍ୟେକ ନିଜ ନିଜର ଚିନ୍ତାରେ ନିମଗ୍ନ ରହିଥାଉ, ପରସ୍ପରକୁ ସେ କଥା କହିବାକୁ ସାହସ ହେଉ ନଥାଏ । କ୍ରୋଧରେ ଅନ୍ଧ ହୋଇ ଶ୍‌ଭାବ୍ରିନ୍ କ'ଣ କରିପାରେ ମନେ ମନେ ମୁଁ କଳ୍ପନା କରୁଥାଏଁ । ନିଜର ଭାଗ୍ୟ ସଂପର୍କରେ ମୋର କୌଣସି ଭ୍ରୂକ୍ଷେପ ନଥାଏ । ଏବଂ ଏକଥା ମଧ୍ୟ ସ୍ୱୀକାର କରୁଛି ଯେ, ନିଜର ମା ବାପାଙ୍କ ଅପେକ୍ଷା ମାରିୟା ଇଭାନୋଭ୍‌ନା ସଂପର୍କରେ ମୁଁ ଅଧିକ ଉଦ୍‌ବିଗ୍ନ ହୋଇ ପଡ଼ିଥାଏ । ମୁଁ ଜାଣିଥିଲି, ଗାଁର ଚାଷୀ ଏବଂ ଘରର ଚାକର ଚାକରାଣୀମାନେ ମୋ ମାଙ୍କୁ ଖୁବ୍ ଭକ୍ତି କରନ୍ତି । ମୋ ବାପା କଡ଼ା ହେଲେ ମଧ୍ୟ ନ୍ୟାୟ ପରାୟଣ ଥିବାରୁ ଏବଂ ପ୍ରଜାମାନଙ୍କର ପ୍ରକୃତ ଅସୁବିଧା କ'ଣ ଜାଣିଥିବାରୁ ସମସ୍ତେ ତାଙ୍କୁ ଭଲ ପାଉଥିଲେ । ସେମାନଙ୍କର ଏହି ବିଦ୍ରୋହ ଥିଲା ଏକ ବିଭ୍ରାନ୍ତି ମାତ୍ର, ଏକ ସାମୟିକ ନିଶା ଭଳି । ସେଥିରେ ସେମାନଙ୍କ କ୍ରୋଧର ପରିପ୍ରକାଶ ଘଟି ନଥିଲା । ତେଣୁ ମୋ ବୃଦ୍ଧ ବାପା ମାଙ୍କ ପ୍ରତି ସେମାନେ ଦୟା ପ୍ରଦର୍ଶନ କରିବେ ବୋଲି ମୁଁ ଆଶା କରୁଥିଲି । କିନ୍ତୁ ମାରିୟା ଇଭାନୋଭ୍‌ନା କଥା କ'ଣ ହେବ ? ଏହି ଦୁଶ୍ଚରିତ୍ର ଓ ନୀତିଜ୍ଞାନହୀନ ଲୋକଟା ତା ପ୍ରତି କିପରି ଆଚରଣ କରିବ ? ଏହି ଭୟାନକ କଥାଟାକୁ ଚିନ୍ତା କରିବାକୁ ମୋର ସାହସ ପାଉ ନଥାଏ । ଏହି ନିଷ୍ଠୁର ଶତ୍ରୁ ହାତରେ ଦ୍ୱିତୀୟ ଥର

ପଡ଼ିବା ଆଗରୁ (ଭଗବାନ ମୋତେ କ୍ଷମା କରନ୍ତୁ !) ମୁଁ ତାକୁ ନିଜ ହାତରେ ହତ୍ୟା କରିବାକୁ ପ୍ରସ୍ତୁତ ଥିଲି ।

ଏହିଭଳି ଆଉ ଗୋଟିଏ ଘଣ୍ଟା ବିତିଗଲା । ଗାଁ ମଧ୍ୟରୁ ଭାସି ଆସିଲା ମତୁଆଲ ଗାନର ସୁର । ଖଳା ଘର ଦୁଆରରେ ଯେଉଁମାନେ ଜଗିଥିଲେ ସେମାନେ ସେଥିରେ ଯୋଗ ଦେଇ ପାରି ନଥିବାରୁ ଈର୍ଷାତୁର ହୋଇ ଉଠିଥିଲେ । କ୍ରୋଧରେ ସେମାନେ ଆମକୁ ଗାଳିଗୁଲଜ କରିବାକୁ ଆରମ୍ଭ କରିଦେଲେ ଏବଂ ଆମ ଉପରେ ଅତ୍ୟାଗ୍ରର କରିବେ ଓ ମାରି ପକାଇବେ ବୋଲି ଭୟ ଦେଖାଇବାକୁ ଲଗିଲେ । ଶ୍ଭାବ୍ରିନ୍‌ର ଧମକର ଫଳକୁ ଆମେ ଅପେକ୍ଷା କରି ରହିଲୁ । ଶେଷକୁ ଅଗଣାରେ ଏକ ବିରାଟ ହେଁଚେଁ ଶୁଣାଗଲା ଏବଂ ପୁଣି ଆମେ ଶୁଣିବାକୁ ପାଇଲୁ ଶ୍ଭାବ୍ରିନ୍‌ର ଆବାଜ ।

"ତମେମାନେ କ'ଣ ନିଷ୍ପତ୍ତି କରି ନେଲଣି ? ସ୍ୱେଚ୍ଛାରେ କ'ଣ ମୋ ପାଖରେ ଆତ୍ମସମର୍ପଣ କରିବ କି ନାହିଁ ?"

ଆମେ କେହି ଜବାବ ଦେଲୁ ନାହିଁ ।

କିଛି କ୍ଷଣ ଅପେକ୍ଷା କରି ଶ୍ଭାବ୍ରିନ୍ ଛଣ ଆଣିବାକୁ ହୁକୁମ ଦେଲା । କେଇ ମିନିଟ୍ ପରେ ଲେଲିହାନ ଅଗ୍ନିଶିଖାରେ ଆଲୋକିତ ହୋଇଉଠିଲା ଅନ୍ଧାରୁଆ ଖଳା ଘର ଖଣ୍ଡକ । ଦୁଆର ତଳୁ ଧୂଆଁ ଉଠିବାକୁ ଲଗିଲା ଉପରକୁ । ଏହି ସମୟରେ ମାରିୟା ଇଭାନୋଭ୍‌ନା ମୋ ପାଖକୁ ଆସି ମୋ ହାତକୁ ତା ହାତରେ ଗ୍ରପି ଧରି ଅନୁଚ୍ଚ ସ୍ୱରରେ କହିଲା :

"ଥାଉ, ପିଓତର ଆନ୍ଦ୍ରେଇଚ୍ ! ତୁମେ ଏବଂ ତୁମର ବାପା ମା କାହିଁକି ମୋ ପାଇଁ ପ୍ରାଣ ଦେବାକୁ ଯିବେ ? ମୋତେ ଯିବାକୁ ଦିଅ । ଶ୍ଭାବ୍ରିନ୍ ମୋ କଥା ମାନିବ ।"

"ନା, ତା ହୋଇ ପାରିବ ନାହିଁ", ଉତ୍ତେଜିତ ହୋଇ ମୁଁ କହିଉଠିଲି, "ତୁମେ ଜାଣିଛ ବାହାରକୁ ଗଲେ ତମର କ'ଣ ହେବ ?"

"ଅସମ୍ମାନ ହେଲେ ମୁଁ ଆତ୍ମହତ୍ୟା କରିବି", ଶାନ୍ତଭାବେ ସେ ଉତ୍ତର ଦେଲା । "କିନ୍ତୁ ମୁଁ ହୁଏତ ମୋର ତ୍ରାଣକର୍ତ୍ତା ଆଉ ଏ ଅନାଥିନୀର ଉଦାର ଆଶ୍ରୟଦାତା, ତାଙ୍କର ବାପା ମାଙ୍କୁ ରକ୍ଷା କରି ପାରିବି ।

ବିଦାୟ ଆନ୍ଦ୍ରେଇ ପେତ୍ରୋଭିଚ୍ ! ବିଦାୟ ଆଭ୍‌ଦୋତ୍ୟା ଭାସିଲିୟେଭ୍‌ନା ! ଆପଣମାନେ ମୋର କେବଳ ଉପକାରୀ ନୁହନ୍ତି ତାଠାରୁ ଅନେକ ବେଶି । ମୋତେ ଆପଣମାନଙ୍କର ଆଶୀର୍ବାଦ ଦିଅନ୍ତୁ । ତମଠାରୁ ମଧ୍ୟ ମୁଁ ବିଦାୟ ନେଉଛି, ପିଓତର ଆନ୍ଦ୍ରେଇଚ୍ । ତମେ ନିଶ୍ଚିତ ରହିବେ ଯେ ... ।" କହୁଁ କହୁଁ ସେ ଦିହାତରେ ମୁହଁକୁ ଢାଙ୍କି କଅଁ କଅଁ ହୋଇ କାନ୍ଦି ଉଠିଲା । ମୋର ଅବସ୍ଥା ସେତେବେଳେ ପାଗଳ ଭଳି । ମା ମଧ୍ୟ ଲୁହ ଝରାଇ କାନ୍ଦୁଥିଲେ ।

"ହେଉ, ସେସବୁ ଆଉ କୁହନା, ମାରିୟା ଇଭାନୋଭ୍‌ନା", ବାପା କହିଲେ । "ତୁମେ ଭାବନା ଆମେ ତୁମକୁ ସେ ବଦମାସ ପାଖକୁ ଏକଲା ଛାଡ଼ି ଦେବୁ । ଏଇଠି ରୁହ ଚୁପ୍‌ଚାପ୍ । ଯଦି ମରିବାକୁ ହୁଏ ତେବେ ସମସ୍ତେ ଏକାଠି ମରିବା । ଶୁଣ, ସେମାନେ କ'ଣ କହୁଛନ୍ତି ?"

"କ'ଣ ଆତ୍ମସମର୍ପଣ କରିବ କି ନାହିଁ ?" ଶ୍ଭାବ୍ରିନ୍ ଚିତ୍କାର କରି ଉଠିଲା । "ଦେଖ ! ଆଉ ପାଞ୍ଚ ମିନିଟ୍ ମଧ୍ୟରେ ତୁମେ ସମସ୍ତେ ଜୀଅନ୍ତା ଜଳି ପୋଡ଼ି ମରିବ, ମୁଁ କହୁଛି !"

"ନା ଆତ୍ମସମର୍ପଣ କରିବୁ ନାହିଁ, ସଇତାନ୍ !" ମୋ ବାପା ଦୃଢ଼ ସ୍ୱରରେ ଜବାବ ଦେଲେ ।

ତାଙ୍କର କୁଞ୍ଚିତ ମୁଖମଣ୍ଡଳରେ ଏକ ଅପୂର୍ବ ତେଜ ଝଲସି ଉଠୁଥାଏ ଏବଂ ସଫେଦ ଭ୍ରୂରୁ ତଳୁ ଆଖି ଯୋଡ଼ିକ ଜଳି ଉଠିଲା ଭଳି ଦପ୍ ଦପ୍ କରୁଥାଏ । ମୋ ଆଡ଼କୁ ଚାହିଁ ସେ କହିଲେ :

"ଆଉ ଡେରି କଲେ ଚଳିବ ନାହିଁ !"

ସେ ଦୁଆର ଖୋଲି ଦେଲେ । ଜିଭ ଲହ ଲହ କରି ଅଗ୍ନିଶିଖା ଘର ଭିତରକୁ ପଶିଆସିଲା । ଗୁଡ଼େଇ ହେଲା ଭଳି କଡ଼ି ଆଉ ବରଗା ଆଡ଼କୁ ଏବଂ ସେସବୁ ମଧ୍ୟରେ ଗୁଞ୍ଜା ହୋଇଥିବା ଶୁଖିଲା ଛଣକୁଟା ମଧ୍ୟକୁ ମାଡ଼ିଗଲା ; ବାପା ପିସ୍ତଲରୁ ଗୁଳି ଫାଏର କଲେ ଏବଂ ଜ୍ୱଳନ୍ତ ଦୁଆର ବନ୍ଧ ପାର ହେଉଁ ହେଉଁ ଚିତ୍କାର କରି କହିଲେ, "ତୁମେ ସମସ୍ତେ ମୋ ପଛେ ପଛେ ଗ୍ରଲିଆସ !" ମା ଆଉ ମାରିୟା ଇଭାନୋଭ୍‌ନାର ହାତକୁ ଧରି ମୁଁ ଦ୍ରୁତ ଗତିରେ ବାହାରକୁ ନେଇ ଆସିଲି । ମୋ ବାପାଙ୍କର ଅସ୍ଥିର ହାତର ଗୁଳି

ମାଡ଼ରେ ଶ୍ଭାବ୍ରିନ୍ ଦୁଆର ବନ୍ଧ ଉପରେ ପଡ଼ିଥାଏ । ଆମର ଏ ଅପ୍ରତ୍ୟାଶିତ ଆକ୍ରମଣ ଫଳରେ ଦୁର୍ବୃତ୍ତ ଦଳଟା ଭୟ ପାଇ ପ୍ରଥମେ ପଳେଇ ଯାଇଥିଲେ, କିନ୍ତୁ ପରେ ସାହସ ବାନ୍ଧି ଆମକୁ ଘେରି ଯିବାକୁ ଲାଗିଲେ । ଚାରି ଆଡ଼ୁ ଆସୁଥିବା ଆକ୍ରମଣକୁ ମୁଁ ପ୍ରଥମେ ପ୍ରତିହତ କରି ଦେଇଥିଲି, କିନ୍ତୁ ସଠିକ୍‌ଭାବେ ଲକ୍ଷ୍ୟକରା ଏକ ଇଟା ଆସି ମୋ ଛାତି ଉପରେ ବାଜିଲା । ମୁଁ ମାଟି ଉପରେ ଢଳି ପଡ଼ିଲି ଏବଂ କିଛି କ୍ଷଣ ପାଇଁ ଅଚେତ୍ ହୋଇଗଲି । ଜ୍ଞାନ ଫେରି ଆସିଲା ପରେ ଦେଖିଲି, ରକ୍ତଭିଜା ଘାସ ଉପରେ ଶ୍ଭାବ୍ରିନ୍ ବସିଛି ଏବଂ ଆମ ସମସ୍ତଙ୍କୁ ତା ସମ୍ମୁଖରେ ଛିଡ଼ା କରାଯାଇଛି ।

ମୋର ଦୁଇ ବାହୁକୁ ଦୁଇ ଜଣଙ୍କ ଉପରେ ଭରା ଦେଇ ମୁଁ ଛିଡ଼ା ହୋଇଥାଏ । ଦଳେ ଚଷୀ, କସାକ୍ ଆଉ ବାଶ୍‌କିର୍ ଆମ ଚାରି ପାଖରେ ଭିଡ଼ କରି ଘେରି ରହିଥାନ୍ତି । ଶ୍ଭାବ୍ରିନ୍ ମଲା ମଣିଷ ଭଳି ଫିକା ଦିଶୁଥାଏ ଏବଂ ଗୋଟିଏ ହାତରେ ତା'ର ଆହତ ସ୍ଥାନଟିକୁ ଚାପି ଧରିଥାଏ । ମୁହଁରେ ତା'ର ଫୁଟି ଉଠୁଥାଏ ଯନ୍ତ୍ରଣା ଆଉ କ୍ରୋଧ । ଧୀରେ ଧୀରେ ମୁଣ୍ଡକୁ ଟେକି ସେ ମୋ ଆଡ଼କୁ ଚାହିଁଲା ଏବଂ କ୍ଷୀଣ ଆଉ ଅସ୍ପଷ୍ଟ ସ୍ୱରରେ କହିଲା :

"ଏହାକୁ ଫାଶି ଦିଅ, ସମସ୍ତଙ୍କୁ ... କେବଳ ଏହାକୁ ଛାଡ଼ି ଦେଇ ... ।"

ଦୁର୍ବୃତ୍ତମାନେ ଆମ ଉପରକୁ ମାଡ଼ି ଆସିଲେ ଏବଂ ଗୋଳଚହଳ କରି ଆମକୁ ଟାଣିଟାଣି ଫାଟକ ପାଖକୁ ନେଇଗଲେ । ତା'ପରେ ଆମକୁ ହଠାତ୍ ଛାଡ଼ି ଦେଇ ଅଚାନକଭାବେ କିଏ କୁଆଡ଼େ ପଳେଇଗଲେ । ଗ୍ରିନ୍ୟୋଭ୍ ଏବଂ ତାଙ୍କ ପଛରେ ତରବାରି ଟେକି ଆସୁଥିବା ପୂରା ଏକ ସେନାଦଳ ଫାଟକ ଭିତରକୁ ମାଡ଼ି ଆସୁଥିଲେ ।

ବିଦ୍ରୋହୀମାନେ ଛତ୍ରଭଙ୍ଗ ଦେଇ କିଏ କୁଆଡ଼େ ପଳେଇଗଲେ । ଅଶ୍ୱାରୋହୀ ସୈନ୍ୟମାନେ ସେମାନଙ୍କ ପଛେ ପଛେ ଧାଉଁଥାନ୍ତି, ତରବାରିରେ ହାଣି ପକାଉଥାନ୍ତି ଆଉ ବନ୍ଦୀ କରୁଥାନ୍ତି । ଗ୍ରିନ୍ୟୋଭ୍ ଘୋଡ଼ା ଉପରୁ ଓହ୍ଲେଇ ପଡ଼ି ମୋ ବାପା ମାଙ୍କୁ ନମସ୍କାର କଲେ ଏବଂ ଆନ୍ତରିକତାର ସହିତ ମୋ ହାତକୁ ଚାପି ଧରିଲେ ।

"ଦେଖିଲ ତ ମୁଁ ଠିକ୍ ସମୟରେ ପହଞ୍ଚିଗଲି", ସେ କହିଲେ । "ଓହୋ, ତାହେଲେ ଏଇ ହେଉଛନ୍ତି ତମର ବାଗ୍‌ଦତ୍ତା ।"

ମାରିୟା ଇଭାନୋଭ୍‌ନା ଲଜରେ ଲାଲ ପଡ଼ିଗଲା । ମୋ ବାପା କିନ୍ତୁ ବାହାରକୁ କୌଣସି ଉଚ୍ଛ୍ୱାସ ପ୍ରକାଶ କରି ନଥିଲେ । ତାଙ୍କୁ ଦେଖିଲେ ଜଣାଯାଉଥିଲା, ମନରେ ତାଙ୍କର ଗଭୀର ଆଲୋଡ଼ନ ଚାଲିଛି । ସେ ଗ୍ରିନ୍ୟୋଭ୍‌ଙ୍କ ପାଖକୁ ଆଗେଇ ଯାଇ ଧନ୍ୟବାଦ ଜଣାଇଲେ । ମା ମୋର ଗ୍ରିନ୍ୟୋଭ୍‌ଙ୍କୁ ତ୍ରାଣକର୍ତ୍ତା ଦେବଦୂତ ବୋଲି କହି ବୁକୁ ଉପରକୁ ଆଉଜେଇ ନେଲେ । "ଆସନ୍ତୁ, ଆମ ଘରକୁ ଆସନ୍ତୁ!" କହି ବାପା ଗ୍ରିନ୍ୟୋଭ୍‌ଙ୍କ ଆଗେ ଆଗେ ଚାଲିଲେ ।

ଶ୍ଭାବ୍ରିନ୍‌ର ପାଖ ଦେଇ ଗଲା ବେଳେ ଗ୍ରିନ୍ୟୋଭ୍ ଅଟକି ଗଲେ । "ଏ କିଏ ?" ଆହତ ଲୋକଟି ଆଡ଼କୁ ଚାହିଁ ସେ ପଚାରିଲେ । "ଏଇ ଲୋକଟା ହୋଇଛି ସେମାନଙ୍କ ସର୍ଦ୍ଦାର, ଦଳର ମୁଖିଆ", ବାପା କହିଲେ । କଥାରେ ତାଙ୍କର ଫୁଟି ଉଠିଥିଲା ଏକ ପୁରୁଣା ଯୋଦ୍ଧାର ଗର୍ବବୋଧ । "ଭଗବାନ ମୋର ଏହି ଦୁର୍ବଳ ହାତରେ ଏ ବଦମାସ ଯୁବକକୁ ଦଣ୍ଡ ଦେଇଛନ୍ତି । ମୋ ପୁଅର ରକ୍ତପାତକାରୀ ଉପରେ ପ୍ରତିଶୋଧ ନେବାକୁ ଶକ୍ତି ଯୋଗାଇଛନ୍ତି ।"

ଗ୍ରିନ୍ୟୋଭ୍‌ଙ୍କୁ ମୁଁ କହିଲି, "ଏଇ ହେଉଛି ଶ୍ଭାବ୍ରିନ୍ ।"

"ଶ୍ଭାବ୍ରିନ୍ ! ବହୁତ ଖୁସି ହେଲି! ସୈନ୍ୟମାନେ ତାକୁ ନେଇଚାଲ! ଆମ ସୈନ୍ୟଦଳର ଡାକ୍ତରଙ୍କୁ କୁହ ତା'ର କ୍ଷତ ସ୍ଥାନକୁ ଧୋଇ ପଟି ବାନ୍ଧି ଦେବେ ଏବଂ ଆଖିର ପିତୁଳା ଭଳି ତା'ର ଯତ୍ନ ନେବେ । ଯେକୌଣସି ପ୍ରକାରେ ତାକୁ କାଜାନ୍‌ର ଗୋପନ କମିଶନ୍ ଆଗରେ ହାଜର କରିବାକୁ ହେବ । ପ୍ରଧାନ ଅପରାଧୀମାନଙ୍କ ମଧ୍ୟରୁ ଏ ହେଉଛି ଜଣେ, ତେଣୁ ତା'ର ସାକ୍ଷ୍ୟରୁ ଅନେକ ମୂଲ୍ୟବାନ ତଥ୍ୟ ମିଳିବ ।"

ଶ୍ଭାବ୍ରିନ୍ କ୍ଲାନ୍ତ ଆଖି ଖୋଲି ଚାହିଁଲା । ତା'ର ଚେହେରାରେ କେବଳ ଏକ ଶାରୀରିକ ଯନ୍ତ୍ରଣାର ଛାପ ଫୁଟି ଉଠୁଥାଏ । ଅଶ୍ୱାରୋହୀ ସୈନ୍ୟମାନେ ତାକୁ ଏକ କପଡ଼ା ଉପରେ ଶୁଆଇ ନେଇଗଲେ ।

ଆମେମାନେ ଘରକୁ ଗଲୁ । ପିଲାବେଳର କଥା ମନେ ପକାଇ ମୁଁ ଚାରି

ଆଡ଼କୁ ଲକ୍ଷ୍ୟ କରିବାକୁ ଲାଗିଲି । ମନ ଭିତରଟା ମୋର ଗଭୀର ଆବେଗରେ ଚହଲି ଉଠୁଥାଏ । ଘର ଭିତରେ କୌଣସି ପରିବର୍ତ୍ତନ ଘଟି ନି । ସବୁକିଛି ଆଗେ ଯେମିତି ଥିଲା ସେଇପରି ଅଛି । ଶ୍ୱାବ୍ରିନ୍ ଲୁଟପାଟ କରିବାକୁ ଦେଇ ନି । ଲୋକଟାର ଅଧପତନ ଘଟିଥିଲେ ମଧ୍ୟ ତୁଚ୍ଛ ଲାଳସା ପ୍ରତି ତା'ର ଏକ ସ୍ୱଭାବଜାତ ଘୃଣା ରହିଛି ।

ଚାକର ଚାକରାଣୀମାନେ ବୈଠକ ଘରେ ଆସି ପହଞ୍ଚିଗଲେ । ସେମାନେ ବିଦ୍ରୋହରେ ଭାଗ ନେଇ ନଥିଲେ ଏବଂ ଆମେ ମୁକ୍ତ ହେବା ଫଳରେ ଖୁବ୍ ଆନନ୍ଦିତ ହୋଇଥିଲେ । ସାଭେଲିଚ୍‌ର ଗୋଡ଼ ତଳେ ଲାଗୁ ନଥାଏ , ବିଜୟର ଗର୍ବରେ ବୁକୁ ତା'ର ଫୁଲି ଉଠୁଥାଏ । ସାଭେଲିଚ୍ ସଂପର୍କରେ ଏଠାରେ କହି ରଖିବା ଉଚିତ । ବିଦ୍ରୋହୀମାନଙ୍କ ଆକ୍ରମଣ ଫଳରେ ଚାରିଆଡ଼େ ଏକ ଭୟଙ୍କର ଉତ୍ତେଜନା ସୃଷ୍ଟିର ସୁଯୋଗ ନେଇ ସେ ଧାଇଁ ଯାଇଥିଲା ଘୋଡ଼ାଶାଳା ମଧ୍ୟକୁ । ସେଠାରେ ଶ୍ୱାବ୍ରିନ୍‌ର ଘୋଡ଼ାଟି ବନ୍ଧା ହୋଇଥିଲା । ସେ ସଙ୍ଗେ ସଙ୍ଗେ ତା ପିଠିରେ ଜିନ୍ ଲଗେଇ ଚୁପ୍‌ଚାପ୍ ବାହାରକୁ ନେଇ ଆସିଲା ଏବଂ ଚାରିଆଡ଼େ ଗୋଳମାଳ ମଧ୍ୟରେ ଘୋଡ଼ା ଛୁଟେଇ ଯାଇଥିଲା ନଈ ଘାଟକୁ । କେହି ତାକୁ ଦେଖି ପାରି ନଥିଲେ । ଘାଟରେ ପହଞ୍ଚିଲା ବେଳକୁ ଗ୍ରିନ୍ୟୋଭ୍‌ଙ୍କ ସୈନ୍ୟମାନେ ଭଲ୍‌ଗା ପାରି ହୋଇ ବିଶ୍ରାମ ନେଉଥାନ୍ତି । ସାଭେଲିଚ୍‌ଠାରୁ ଆମ ବିପଦର ଖବର ପାଇ ଗ୍ରିନ୍ୟୋଭ୍ ସଙ୍ଗେ ସଙ୍ଗେ ଅଶ୍ୱାରୋହୀ ବାହିନୀ ନେଇ ଧାଇଁ ଆସିଥିଲେ । ଏବଂ ଭଗବାନଙ୍କ ଦୟାରୁ ସେମାନେ ଘୋଡ଼ା ଝପଟେଇ ଠିକ୍ ସମୟରେ ପହଞ୍ଚି ଯାଇଥିଲେ ।

ଗ୍ରିନ୍ୟୋଭ୍ ଜିଦ୍ ଧରିଲେ , ପାନ୍ଥଶାଳା ପାଖରେ ଥିବା ଖୋଲା ପଡ଼ିଆରେ ଗାଁ କମିଟିର ମୁଖିଆ ଆନ୍ଦ୍ରିଉଶାର ମୁଣ୍ଡକୁ କେଇ ଘଣ୍ଟା ପାଇଁ ଏକ ବର୍ଚ୍ଛା ଦଣ୍ଡ ଉପରେ ରଖି ଦେବାକୁ ହେବ ।

ଅଶ୍ୱାରୋହୀ ସୈନ୍ୟମାନେ ବିଦ୍ରୋହୀମାନଙ୍କ ପଛେ ପଛେ ଖେଦିଯାଇ ସେମାନଙ୍କ ମଧ୍ୟରୁ କେତେକଙ୍କୁ ବନ୍ଦୀ କରି ଫେରି ଆସିଲେ । କିଛି ସମୟ ପୂର୍ବରୁ ଆମେ ଯେଉଁ ଖଳା ଘରେ ଅଭୁଲା ଘେର ମଧ୍ୟରେ ରହିଥିଲୁ , ସେମାନଙ୍କୁ ସେଇଠି ବନ୍ଦ କରି ରଖାଗଲା ।

ଏହା ପରେ ଆମେ ଯେଝାଯେଝାର କୋଠରୀକୁ ଫେରିଲୁ । ମୋର ବୃଦ୍ଧ ବାପା ମା ବିଶ୍ରାମ ଚାହୁଁଥିଲେ । ମୁଁ ମଧ୍ୟ ଗତ ରାତି ସାରା ଶୋଇ ନଥାଏ । ବିଛଣାକୁ ଗଲା କ୍ଷଣି ଗଭୀର ନିଦ୍ରାରେ ଶୋଇ ପଡ଼ିଲି । ଗ୍ରିନ୍ୟୋଭ୍ ଗଲେ ସେନାଦଳର ଗତିବିଧି ସଂପର୍କରେ ନିର୍ଦ୍ଦେଶ ଦେବାକୁ ।

ସଂଧ୍ୟାବେଳେ ଆମେ ସମସ୍ତେ ପୁଣି ଆସି ମିଶିଲୁ ବୈଠକଖାନାରେ । ସାମୋଭାର୍‌ର ଚାରିପଟେ ଆମେ ସମସ୍ତେ ବସିଥାଉଁ ଏବଂ କଟି ଯାଇଥିବା ବିପଦ ସଂପର୍କରେ ମନ ଖୁସିରେ ଆଲୋଚନା କରୁଥାଉଁ । ମାରିୟା ଇଭାନୋଭ୍‌ନା ପିଆଲାରେ ଚା ଢାଳୁଥାଏ । ମୁଁ ଠିକ୍ ତା ପାଖକୁ ଲାଗି ବସିଥାଏ ଏବଂ ମୋର ସମସ୍ତ ମନୋଯୋଗ ତା ଉପରେ କେନ୍ଦ୍ରୀଭୂତ ହୋଇଥାଏ । ଆମ ଦିଜଣଙ୍କ ମଧ୍ୟରେ ଏହି ଘନିଷ୍ଠତା ମୋର ବାପା ମାଙ୍କୁ ଭଲ ଲାଗୁଥିଲା ବୋଲି ସେମାନଙ୍କୁ ଦେଖିଲେ ମନେ ହେଉଥିଲା । ସେଇ ସନ୍ଧ୍ୟାଟି ଏବେ ବି ମୋ ସ୍ମୃତି ପଟରେ ଅଲିଭା ହୋଇ ରହିଯାଇଛି । ସୁଖ କାହାକୁ କହନ୍ତି ତାହା ମୁଁ ସେଦିନ ଅନୁଭବ କରିଥିଲି । ଆମ ଭଳି ନଶ୍ୱର ମଣିଷଙ୍କ ଜୀବନରେ ଏଭଳି ମୁହୂର୍ତ୍ତ ଖୁବ୍ କମ୍ ଆସିଥାଏ ।

ପରଦିନ ସକାଳେ ମୋ ବାପାଙ୍କୁ ଖବର ଦିଆଗଲା ଯେ , ଚାଷୀମାନେ କ୍ଷମା ମାଗିବା ପାଇଁ ଆମ ଘର ଆଗରେ ଜମା ହୋଇଛନ୍ତି । ସେମାନଙ୍କ ସହିତ କଥାବାର୍ତ୍ତା କରିବା ପାଇଁ ବାପା ବାହାରକୁ ଗଲେ । ତାଙ୍କୁ ଦେଖିଲା କ୍ଷଣି ଚାଷୀମାନେ ନତଜାନୁ ହୋଇ କ୍ଷମା ପ୍ରାର୍ଥନା କଲେ ।

"ହଁ , ତମେମାନେ ହେଉଛ ମୂର୍ଖ" , ବାପା ସେମାନଙ୍କୁ କହିଲେ । "ବିଦ୍ରୋହ କରିବା ପାଇଁ ଦୁର୍ବୁଦ୍ଧି ତମମାନଙ୍କ ମୁଣ୍ଡରେ କିଏ ପୂରେଇଲା ?"

"ଆମେ ଭୁଲ କରିଛୁ , ଆମକୁ କ୍ଷମା ଦିଅନ୍ତୁ ମାଲିକ" , ସମସ୍ତେ ଏକ ମୁଖ ହୋଇ କହିଉଠିଲେ ।

"ଭୁଲ ତ କରିଛ । ମଣିଷ ଦୋଷ କରେ ଏବଂ ତା'ର ଫଳ ବି ଭୋଗେ । ତେବେ ଆଜି ମୁଁ ତୁମ ସମସ୍ତଙ୍କୁ କ୍ଷମା ଦେଉଛି । ଆଜି ମୋର ବଡ଼ ଆନନ୍ଦର ଦିନ , ମୋ ପୁଅ ପିଓତର ଆନ୍ଦ୍ରେଇଚ୍‌କୁ ଭଗବାନ ମୋ ପାଖକୁ

ଫେରେଇ ଆଣିଛନ୍ତି । ହେଉ, କ୍ଷମା ପାଇଁ ନତ ଶିରକୁ ତରବାରି ବି ଛିନ୍ନ କରେ ନାହିଁ ...”

“ଆମେ ଭୁଲ କରିଛୁ, ଆମକୁ କ୍ଷମା ଦିଅନ୍ତୁ !”

“ହଁ, ନିଶ୍ଚୟ ତମେମାନେ ଭୁଲ କରିଛ । ଦେଖ, ଆଜି ଭଗବାନ କେମିତି ସୁନ୍ଦର ପାଗ ଦେଇଛନ୍ତି । ଏମିତି ପାଗରେ ଯାଇ କ୍ଷେତରେ ଫସଲ କାଟିବା କଥା । କିନ୍ତୁ ତୁମେ ମୂର୍ଖଗୁଡ଼ାକ ତିନି ଦିନ ହେଲା କ’ଣ କରିଛ ? ଶୁଣ ମୁଖିଆ ! ସମସ୍ତଙ୍କୁ ଘାସ କାଟିବା ପାଇଁ ପଠେଇ ଦିଅ । ଆଉ ଶୁଣ ବାଳୁଆ ସଇତାନ, ସନ୍ଥ ଇଲିଆଙ୍କ ପର୍ବ ଆରମ୍ଭ ହେବା ପୂର୍ବରୁ * ସମସ୍ତ ଘାସ ଯେପରି ଗଦା ମରାଯାଇଥିବ । ଯାଅ, ଆଉ ଡେରି କରନା !”

ଚାଷୀମାନେ ଦଣ୍ଡବତ ଜଣାଇ ମାଲିକଙ୍କ କ୍ଷେତକୁ କାମ କରିବା ପାଇଁ ଚାଲିଗଲେ ।

ଶ୍ୱାବ୍ରିନ୍‌ର ସେ କ୍ଷତଟା ମାରାତ୍ମକ ନଥିଲା । ତାକୁ ସୈନ୍ୟ ପହରା ସହ ପଠାଇ ଦିଆଗଲା କାଜାନ୍‌କୁ । ସେମାନେ ତାକୁ ଗାଡ଼ିରେ ବସେଇଲା ବେଳେ ମୁଁ ଝରକାବାଟେ ଦେଖୁଥିଲି । ଆମ ଦିହିଁଙ୍କ ଆଖି ମିଶିଯିବା କ୍ଷଣି ସେ ମୁଣ୍ଡ ତଳକୁ କରିନେଲା । ମୁଁ ସଙ୍ଗେ ସଙ୍ଗେ ଝରକା ପାଖରୁ ଦୂରେଇ ଆସିଲି । ପରାଜିତ ଶତ୍ରୁର ଦୁର୍ଭାଗ୍ୟ ଆଉ ଅପମାନ ଦେଖି ଉଲ୍ଲାସ ଅନୁଭବ କରୁଛି ବୋଲି ଦେଖାଇବାକୁ ମୁଁ ଚାହିଁ ନଥିଲି ।

ଗ୍ରିନ୍ୟୋଭ୍‌କୁ ଆଉରି ଆଗକୁ ଯିବାର ଥିଲା । ପରିବାରର ନିବିଡ଼ ବନ୍ଧନ ମଧ୍ୟରେ ଆଉ କିଛି ଦିନ ରହିବାର ଇଚ୍ଛା ଥିଲେ ମଧ୍ୟ ଗ୍ରିନ୍ୟୋଭ୍‌ଙ୍କ ସହିତ ଯିବାକୁ ମୁଁ ନିଷ୍ପତ୍ତି କରିନେଲି । ସେନାଦଳ ଯିବାର ଦିନକ ପୂର୍ବରୁ ମୁଁ ବାପା ମାଙ୍କ ପାଖକୁ ଯାଇ ତତ୍କାଳୀନ ପ୍ରଥାନୁଯାୟୀ ଭୂମିଷ୍ଠ ପ୍ରଣାମ କଲି ଏବଂ ମାରିୟା ଇଭାନୋଭ୍‌ନା ସହିତ ବିବାହ କରିବା ପାଇଁ ଆଶୀର୍ବାଦ ଦେବାକୁ ଅନୁରୋଧ କଲି । ବୁଢ଼ାବୁଢ଼ୀ ଆଖିରୁ ଆନନ୍ଦାଶ୍ରୁ ଝରେଇ ମୋତେ ତଳୁ ଉଠାଇନେଲେ ଏବଂ ସମ୍ମତି ଦେଲେ । ମାରିୟା ଇଭାନୋଭ୍‌ନାର ହାତ ଧରି

---

* ଜୁଲାଇ, ୨୦ ତାରିଖ – ସଂପାଦକ ।

ମୁଁ ଘେନି ଆସିଲି ସେମାନଙ୍କ ଆଗକୁ । ତା’ର ମୁହଁ ଫିକା ପଡ଼ିଯାଇଥାଏ ଏବଂ ଦେହ କଂପୁଥାଏ । ମୋ ବାପା ମା ଆମ ଦିହିଁଙ୍କୁ ଆଶୀର୍ବାଦ ପ୍ରଦାନ କଲେ ... । ସେଇ ମୁହୂର୍ତ୍ତରେ ମୋର ମନରେ ଯେଉଁ ଭାବ ଜାତ ହୋଇଥିଲା ତାହା ମୁଁ ବର୍ଣ୍ଣନା କରିବାକୁ ଯାଉ ନି । ମୋ ଭଳି ଯେଉଁମାନେ ଅନୁଭବ କରିଛନ୍ତି ସେମାନେ ମୋର ବିନା ବର୍ଣ୍ଣନାରେ ବୁଝିପାରିବେ । ଏବଂ ଯେଉଁମାନଙ୍କର ଏଭଳି ଅନୁଭୂତି ହୋଇ ନି ସେମାନଙ୍କ ପାଇଁ ମୁଁ କେବଳ ଅବ୍‌ଶୋଷ କରିପାରେ । ଏହି ଶେଷୋକ୍ତମାନଙ୍କ ପ୍ରତି ମୋର ଉପଦେଶ ହେଉଛି ସମୟ ଥାଉଁ ଥାଉଁ ପ୍ରେମ କର ଏବଂ ବାପା ମାଙ୍କ ଆଶୀର୍ବାଦ ଲାଭ କର ।

ଆମ ସେନାଦଳଟି ପରଦିନ ସକାଳେ ଯାତ୍ରା ପାଇଁ ପ୍ରସ୍ତୁତ ହୋଇଗଲା । ଗ୍ରିନ୍ୟୋଭ୍ ଆମ ପରିବାରର ସମସ୍ତଙ୍କଠାରୁ ବିଦାୟ ନେଲେ । ସେନାବିଭାଗର ତତ୍ପରତା ଶୀଘ୍ର ଶେଷ ହୋଇଯିବ ବୋଲି ଆମେ ସମସ୍ତେ ନିଶ୍ଚିତ ଥିଲୁ । ମୁଁ ଆଶା କରିଥିଲି ମାସକ ମଧ୍ୟରେ ମୋର ବିବାହ ହୋଇଯିବ । ମାରିୟା ଇଭାନୋଭ୍‌ନା ମୋଠାରୁ ବିଦାୟ ନେଲାବେଳେ ସମସ୍ତଙ୍କ ଆଗରେ ମୋତେ ଚୁମ୍ବନ ଦେଲା । ମୁଁ ଯାଇ ଘୋଡ଼ା ଉପରେ ବସିଲି । ସାଭେଲିଚ୍ ପୂର୍ବ ଭଳି ମୋ ସହିତ ଗଲା । ସେନାଦଳ ଆଗେଇ ଚାଲିଲା ।

ଦ୍ୱିତୀୟ ଥର ପାଇଁ ମୁଁ ଗାଁ ଛାଡ଼ି ଯାଉଥାଏଁ । ଗଲାବେଳେ ଆଖି ପାଇଲା ଯାଏ ଆମ ଘରକୁ ଚାହିଁ ଚାହିଁ ଯାଉଥିଲି । ମନ ମୋର ଭାରୀ ହୋଇ ଉଠିଥାଏ ଉଦାସଭରା ଆଶଙ୍କାରେ । କିଏ ଯେମିତି ମୋ କାନରେ ଫୁସ୍‌ଫୁସ୍ କରି କହୁଥିଲା, ତୋର ଦୁର୍ଭାଗ୍ୟର ଦିନ ଶେଷ ହୋଇ ନି । ମୋତେ ଲାଗୁଥିଲା ଆଉ ଏକ ତୋଫାନ୍ ମୋ ଆଡ଼କୁ ମାଡ଼ି ଆସୁଛି ।

ଆମର ସାମରିକ ଅଭିଯାନ ଆଉ ପୁଗାଚ୍ଚେଭ୍ ବିଦ୍ରୋହର ଅବସାନ ନେଇ ବିଶଦ ବର୍ଣ୍ଣନା ମଧ୍ୟକୁ ମୁଁ ଯିବି ନାହିଁ । ପୁଗାଚ୍ଚେଭ୍ ଦ୍ୱାରା ଧ୍ୱସ୍ତବିଧ୍ୱସ୍ତ ଗ୍ରାମ ମଧ୍ୟ ଦେଇ ଆମକୁ ଅଗ୍ରସର ହେବାକୁ ପଡ଼ିଥିଲା । ବିଦ୍ରୋହୀମାନେ ଯାହା କିଛି ଛାଡ଼ି ଯାଇଥିଲେ ସେସବୁକୁ ଆମେ ହତଭାଗ୍ୟ ଗ୍ରାମବାସୀମାନଙ୍କଠାରୁ ଛଡ଼େଇ ନେବାକୁ ବାଧ୍ୟ ହୋଇଥିଲୁ ।

କାହା ଆଦେଶ ପାଳନ କରିବାକୁ ହେବ, ଲୋକେ ବୁଝିପାରୁ ନଥିଲେ । କେଉଁଠି ଶାସନର ଚିହ୍ନବର୍ଣ୍ଣ ନଥିଲା । ଜମିଦାରମାନେ ଜଙ୍ଗଲରେ ଲୁଚିଥାନ୍ତି । ଦୁର୍ବୃତ୍ତ ଦଳସବୁ ଘୂରିଆଡ଼େ ଲୁଟତରାଜ, ଅତ୍ୟାଚାର ଚଳାଇଥାନ୍ତି । ପୁଗାଚେଭ୍ ଆସ୍ତ୍ରାଖାନ୍ ଆଡ଼କୁ ପଳାୟନ କରୁଥାଏ ଏବଂ ତା ପଛେ ପଛେ ସେନାଦଳସବୁ ଗୋଡ଼ଉଥାନ୍ତି । ଏହିସବୁ ସେନାଦଳର ଅଧିପତିମାନେ ନିଜର ଖୁସି ମୁତାବକ, ଦୋଷୀ ନିର୍ଦ୍ଦୋଷ ବିଚାର ନକରି ଦଣ୍ଡ ବିଧାନ କରୁଥାନ୍ତି ... । ବିଦ୍ରୋହର ନିଆଁ ବିଛୁଡ଼ି ହୋଇ ପଡ଼ିଥିବା ଅଞ୍ଚଳଗୁଡ଼ିକର ଅବସ୍ଥା ଥିଲା ଭୟାନକ । ଭଗବାନ କରନ୍ତୁ ଆମକୁ କେବେ ଏପରି ନିର୍ମମ ନିର୍ବୋଧତାପୂର୍ଣ୍ଣ ରୁଷୀୟ ବିଦ୍ରୋହ ଦେଖିବାକୁ ନମିଳୁ । ଯେଉଁମାନେ ଆମ ଦେଶରେ ଅସମ୍ଭବ ବିପ୍ଳବ କରିବାକୁ କଳ୍ପନା କରନ୍ତି, ସେମାନେ ହୁଏତ ଚପଳମତି ଯୁବକ କିମ୍ବା ଆମ ଜନସାଧାରଣଙ୍କୁ ଜାଣନ୍ତି ନାହିଁ । କିମ୍ବା ସେମାନେ ଏତେ ନିର୍ଦ୍ଦୟ ଲୋକ ଯେ, ଅନ୍ୟମାନଙ୍କ ଜୀବନକୁ ଶସ୍ତା ବୋଲି ବିଚାରନ୍ତି ଏବଂ ନିଜର ବେକ କାଟିବାକୁ ଭ୍ରୂକ୍ଷେପ କରନ୍ତି ନାହିଁ ।

ପୁଗାଚେଭ୍ ପଳାୟନ କରୁଥାଏ ଏବଂ ତା'ର ପଛେ ପଛେ ଧାଉଁଥାନ୍ତି ଜେନେରାଲ ମିଖେଲ୍‌ସୋନ୍ । ଶୀଘ୍ର ଆମେ ଜାଣିବାକୁ ପାଇଲୁ, ପୁଗାଚେଭ୍ ସଂପୂର୍ଣ୍ଣଭାବେ ପରାଜିତ ହୋଇଛି । ଗ୍ରିନ୍ୟୋଭ୍‌ଙ୍କ ପାଖକୁ ତାଙ୍କ ଜେନେରାଲ ଖବର ଦେଲେ, ନକଲି ଜାର୍‌କୁ ବନ୍ଦୀ କରାଯାଇଛି ଏବଂ ସେ ଆଉ ଆଗକୁ ଆଗେଇବେ ନାହିଁ । ଏବେ ମୋର ଘରକୁ ଫେରିଯିବାର କଥା । ଆନନ୍ଦ ଆତିଶଯ୍ୟରେ ମୁଁ ବିଭୋର ହୋଇ ପଡ଼ିଲି । କିନ୍ତୁ ଏକ ଅଦ୍ଭୁତ ଭାବନା ମୋ ଆନନ୍ଦ ଉପରେ କଳାଛାଇ ବିଛେଇ ଦେଲା ।

ଟିପ୍ପଣୀ

[୧] – "ରକ୍ଷୀ ବାହିନୀରେ ଅବିଳମ୍ବେ ହୋଇ ପାରିଥାନ୍ତା ସେ କ୍ୟାପ୍‌ଟେନ୍..." – ଏହି ଉଦ୍ଧୃତିଟି "ବାକ୍‌ସର୍ବସ୍ୱ" ନାମକ ଏକ ବିୟୋଗାନ୍ତକ ନାଟକରୁ ନିଆଯାଇଛି । ଏହି ନାଟକର ରଚୟିତା ହେଉଛନ୍ତି ଅଷ୍ଟାଦଶ ଶତାବ୍ଦୀର ରୁଷ୍ କବି ଓ ନାଟ୍ୟକାର ୟାକୋଭ୍ ବୋରିସୋଭିଚ୍ କ୍‌ନ୍ୟାଝନିନ୍ (୧୭୪୨-୧୭୯୧), ରୁଷିଆର ଜ୍ଞାନାଲୋକବାଦୀ ଚିରାୟତବାଦର ପ୍ରବକ୍ତା । – ୨୧

[୨] – ମିନିଖ୍ ବୁର୍‌ଖାର୍ଡ କ୍ରିଷ୍ଟୋଫର (୧୬୮୩-୧୭୬୭) – ସେନାପତି ଏବଂ ଜନନେତା, ରୁଷ୍ ସେନାବାହିନୀର ଫିଲଡମାର୍ଶାଲ-ଜେନେରାଲ । ୧୭୪୨ ମସିହାରେ ସାମ୍ରାଜ୍ଞୀ ଏଲିଜାବେଥ୍ ପେଟ୍ରୋଭ୍‌ନା, ଯିଏକି ୧୭୪୧ ମସିହାରେ ଏକ ପ୍ରାସାଦ ପରିବର୍ତ୍ତନ ଫଳରେ କ୍ଷମତାସୀନା ହୋଇଥିଲେ, ମିନିଖ୍‌ଙ୍କୁ ସାଇବେରିଆକୁ ନିର୍ବାସିତ କରିଥିଲେ । ସାଇବେରିଆରେ କୋଡ଼ିଏ ବର୍ଷ କାଳ ଅତିବାହିତ କଲାବେଳେ ତୃତୀୟ ପିଟର ତାଙ୍କୁ ନିର୍ବାସନରୁ ଫେରାଇ ଆଣିଥିଲେ (ନିମ୍ନରେ ଦେଖନ୍ତୁ) । ମିନିଖ୍ ତାଙ୍କ ପ୍ରତି ୧୭୬୨ ମସିହାର ଅଘଟନକ କ୍ଷମତା ଦଖଲ ବେଳେ ଅନୁଗତ ରହିଥିଲେ । ଏହି ଅଘଟନକ କ୍ଷମତା ଦଖଲ ଫଳରେ ଦ୍ୱିତୀୟ କ୍ୟାଥେରିନ୍ କ୍ଷମତାସୀନା ହୋଇଥିଲେ (ନିମ୍ନରେ ଦେଖନ୍ତୁ) । ମିନିଖ୍‌ଙ୍କ ପତନ ସହିତ ଗ୍ରିନ୍ୟୋଭ୍‌ଙ୍କ ପଦତ୍ୟାଗ ସଂପୃକ୍ତ ଥିଲା । – ୨୧

[୩] – "ମୋତେ ସେମ୍ୟୋନୋଭ୍ ବାହିନୀରେ ସର୍ଜେଣ୍ଟ ହିସାବରେ ତାଲିକାଭୁକ୍ତ କରି ଦିଆଯାଇଥିଲା" – ମହାନ୍ ପିଟରଙ୍କ (୧୬୭୨-

୧୭୨୫) ଦ୍ୱାରା ପ୍ରବର୍ତ୍ତିତ ଆଇନ ଅନୁଯାୟୀ ସେନା ବିଭାଗରେ ଅଫିସର ପାହିଆ ଲଭ ପାଇଁ ସମ୍ଭ୍ରାନ୍ତମାନଙ୍କୁ ପ୍ରଥମେ ରକ୍ଷୀ ବାହିନୀର କୌଣସି ଏକ ସେନାଦଳରେ ସାଧାରଣ ସୈନିକ ରୂପେ କାର୍ଯ୍ୟ କରିବାକୁ ପଡ଼ୁଥିଲା । କିନ୍ତୁ ଆଇନ ଆଖିରେ ଧୂଳି ଦେବା ପାଇଁ ସମ୍ଭ୍ରାନ୍ତମାନେ ସେମାନଙ୍କ ପୁଅମାନଙ୍କୁ ଅତି ପିଲା ବେଳୁ ସେନାଦଳରେ ତାଲିକାଭୁକ୍ତ କରାଇ ଦେଉଥିଲେ । ଏହା ଫଳରେ ସେମାନେ ବୟଃପ୍ରାପ୍ତ ହୋଇଗଲା ବେଳକୁ ଅଫିସର ପାହିଆ ଲଭ କରୁଥିଲେ ।

ସେମ୍ୟୋନୋଭ୍ ବାହିନୀଟି ଥିଲା ସର୍ବାଧିକ ରୁଷୀୟ ରକ୍ଷୀ ବାହିନୀ । ମହାନ୍ ପିଟର ୧୬୮୭ ମସିହାରେ ସେମ୍ୟୋନୋଭ୍‌ସ୍କୋୟେ ଗ୍ରାମର ତରୁଣମାନଙ୍କୁ ନେଇ ଏହି ବାହିନୀଟି ଗଠନ କରିଥିଲେ ।– ୨୧

[୪] – ରାଜଦରବାରର ପଞ୍ଜିକା – ୧୭୪୫ ମସିହାଠାରୁ ପ୍ରକାଶିତ ବାର୍ଷିକ ସରକାରୀ ସଂସ୍କରଣ । ଏଥିରେ ସାଧାରଣ ପଞ୍ଜିକାଗତ ଖବର ଅନ୍ତର ବ୍ୟତୀତ ସର୍ବୋଚ୍ଚ ସାମରିକ ଏବଂ ବେସାମରିକ ଅଫିସର ଏବଂ ପଦକପ୍ରାପ୍ତ ବ୍ୟକ୍ତିମାନଙ୍କ ନାମର ତାଲିକା ଥିଲା ।– ୨୫

[୫] – "ରୁଷିଆର ଦୁଇଟି ଶ୍ରେଷ୍ଠ ପଦକରେ ଭୂଷିତ କରାଯାଇଛି !.." – ରୁଷ୍ ସାମ୍ରାଜ୍ୟର ଦୁଇଟି ସର୍ବୋଚ୍ଚ ପଦକ – ସେଣ୍ଟ ଆଣ୍ଡ୍ରିଉ ଏବଂ ଆଲେକ୍‌ଜାନ୍ଦର ନେଭ୍‌ସ୍କିରେ ଭୂଷିତ ବ୍ୟକ୍ତି । – ୨୬

[୬] – ମାର୍କାର୍ – ବିଲିଆର୍ଡ ଖେଳର ବାଜି ହିସାବ ରଖୁଥିବା ଗ୍ଭକର ।– ୨୯

[୭] – "ଦୂର ଦେଶ ଅଜ୍ଞାତ ଅପରିଚିତ!.." – ରୁଷ୍ ଲେଖକ, ଇତିହାସକାର, ଅର୍ଥନୀତିଜ୍ଞ ମିଖାଇଲ୍ ଦ୍‌ମିତ୍ରିୟେଭିଚ୍ ଚୁଲ୍‌କୋଭ୍‌ଙ୍କ

(୧୭୪୩-୧୭୯୨) ଗ୍ଭରିଖଣ୍ଡ ବିଶିଷ୍ଟ "ବିଭିନ୍ନ ଗୀତମାଳା ସଂକଳନ", ୩ୟ ଖଣ୍ଡ, ପୃ: ୧୬୭ରୁ ଉଦ୍ଧୃତ ।– ୩୬

[୮] – ଇଆଇକ୍ କସାକ୍ – ଇଆଇକ୍ ନଦୀ କୂଳରେ ବାସ କରୁଥିବା କସାକ୍ । ପୁଗାଗ୍ଭେଭ୍‌ଙ୍କ ବିଦ୍ରୋହ ପରେ ଏହି ନଦୀର ନାମ ପରିବର୍ତ୍ତନ କରି ଉରାଲ୍ ନଦୀ କରାଯାଇଥିଲା ।– ୪୪

[୯] – "ଇଆଇକ୍ ବାହିନୀ ୧୭୭୨ ମସିହାରେ ବିଦ୍ରୋହ କରିଥିଲା ଏବଂ ସେତେବେଳେ ସେ ବିଦ୍ରୋହକୁ ଦମନ କରାଯାଇଥିଲା" – ଇଆଇକ୍ ନଦୀ କୂଳରେ ମୁତୟନ କରାଯାଇଥିବା ଇଆଇକ୍ କସାକ୍‌ମାନଙ୍କୁ ନେଇ ଗଠିତ ବାହିନୀ । ୧୭୭୨, ଜାନୁଆରୀ ୧୨ ତାରିଖ ଇଆଇକ୍ ସହରରେ ବିଦ୍ରୋହ ସମୟରେ ଏକ ସରକାରୀ ସେନାଦଳକୁ ହତ୍ୟା କରାଯାଇଥିଲା । ଏହି ବିଦ୍ରୋହକୁ ନିର୍ମମଭାବେ ଦମନ କରାଯାଇଥିଲା ସେଇ ବର୍ଷ ଗ୍ରୀଷ୍ମ କାଳରେ । "ପୁଗାଗ୍ଭେଭ୍‌ଙ୍କ ଇତିହାସ"ରେ ପୁସ୍କିନ୍ ଅବଦମିତ କସାକ୍‌ମାନଙ୍କ ମନୋଭାବ ସଂପର୍କରେ ବର୍ଣ୍ଣନା କରି ଲେଖିଥିଲେ, "ଆଉରି ଭୟଙ୍କର ଘଟଣାମାନ ଘଟିବ !" କ୍ଷମାପ୍ରାପ୍ତ ବିଦ୍ରୋହୀମାନେ କହୁଥିଲେ, "ଆମେ ମସ୍କୋ ଦଖଲ କରିବୁ !" ପାନ୍ଥଶାଳା ଆଉ ଦୂରଦୂରାନ୍ତ ଗାଁ ସବୁରେ ଗୋପନ ସଭାମାନ ବସୁଥିଲା । ସବୁକିଛିରୁ ଏକ ବିଦ୍ରୋହର ପୂର୍ବାଭାସ ମିଳୁଥିଲା । କେବଳ ଅଭାବ ଥିଲା ଏକ ନେତାର । ସେ ନେତାଟି ମିଳି ଯାଇଥିଲା ।– ୪୬

[୧୦] – ଆନ୍ନା ଇଓଆନୋଭ୍‌ନା, ଆନ୍ନା ଇଭାନୋଭ୍‌ନା (୧୬୯୩-୧୭୪୦) – ୧୭୩୦ ମସିହାରୁ ରୁଷିଆର ସାମ୍ରାଜ୍ଞୀ, ମହାନ୍ ପିଟରଙ୍କର ଭ୍ରାତୃଷ୍ପୁତ୍ରୀ । ସର୍ବୋଚ୍ଚ ଗୋପନ ପରିଷଦ ଦ୍ୱାରା ସିଂହାସନରେ ବସିଥିଲେ । ତାଙ୍କ ରାଜତ୍ୱ କାଳରେ ରୁଷିଆର ପ୍ରକୃତ ଶାସକ

ଥିଲେ ତାଙ୍କର ପ୍ରିୟପାତ୍ର ବିରନ୍ (ଆର୍ନଷ୍ଟ ଜୋହାନ୍), (୧୬୯୦-୧୭୭୨)। ଏହି ବିରନ୍ ଥିଲେ ପ୍ରତିକ୍ରିୟାଶୀଳ ଶାସକ "ବିରନ୍‌ବାଦର" ପ୍ରତିଷ୍ଠାତା ।– ୪୯

[୧୧] – ଆନ୍ଦ୍ରେଇ କାର୍ଲୋଭିଚ୍ – ସେତେବେଳେ ଓରେନ୍‌ବୁର୍ଗର ଗଭର୍ଣ୍ଣର ଥିଲେ ଇଭାନ୍ ଆନ୍ଦ୍ରେୟେଭିଚ୍ ଲନ୍‌ସଡର୍ଫ (ମୃତ୍ୟୁ – ୧୭୮୧) । ପୁଷ୍କିନ୍ ତାଙ୍କ ଉପନ୍ୟାସର ଏକ ଚରିତ୍ରରେ ତାଙ୍କର କେତେକ ବୈଶିଷ୍ଟ୍ୟକୁ ଚିତ୍ରଣ କରିଛନ୍ତି ।– ୫୦

[୧୨] – "ଆମ କିଲ୍ଲ, ଦେଖିବାକୁ ଅନାବୃତ ଖୋଲ୍ଲ..." – ସୈନିକମାନଙ୍କ ଗୀତ, ଖୁବ୍ ସମ୍ଭବତଃ ପୁଷ୍କିନ୍ ନିଜେ ରଚନା କରିଥିଲେ ।– ୫୨

[୧୩] – "ପୁରୁଣାକାଳିଆ ଲୋକ, ହଜୁର" – ଦେନିସ୍ ଇଭାନୋଭିଚ୍ ଫୋନ୍‌ଭିଜିନ୍‌ଙ୍କ ଦ୍ୱାରା ଲିଖିତ "ବୟସ୍କ ନାବାଳକ" ବ୍ୟଙ୍ଗାତ୍ମକ ନାଟକରୁ ଉଦ୍ଧୃତ ଏକ ଭୁଲ ଉଦ୍ଧୃତି । ଠିକ୍ ଉଦ୍ଧୃତିଟି ହେଉଛି, "ପୁରୁଣାକାଳିଆ ଲୋକ, ମୋ ବାପା" ।– ୫୨

[୧୪] – "କିସ୍ତ୍ରିନ୍ ଏବଂ ଓଗ୍ସକୋଭ୍ ଦଖଲ" – ସାତବର୍ଷିଆ ଯୁଦ୍ଧ ସମୟରେ (୧୭୫୬-୧୭୬୩) ୧୭୫୮ ମସିହାରେ ରୁଷ୍ ସେନାବାହିନୀ ଦ୍ୱାରା ଅବରୋଧିତ (କିନ୍ତୁ ଅଧିକୃତ ହୋଇ ପାରିନଥିଲା) ପ୍ରୁସିଆର ଅନ୍ୟତମ ସୁଦୃଢ଼ ଗଡ଼ କଥା ଏଠାରେ କୁହାଯାଇଛି । ନୀପର ନଦୀ କୂଳସ୍ଥ ତୁରସ୍କୀୟ ଓଗ୍ସକୋଭ୍ ଗଡ଼ଟି ରୁଷ୍-ତୁରସ୍କ ଯୁଦ୍ଧ ସମୟରେ (୧୭୩୫-୧୭୩୯) ୧୭୩୭ ମସିହାରେ ଅଧିକାର କରାଯାଇଥିଲା । – ୫୪

[୧୫] – "ବିଡ଼ାଳର ଶବସତ୍କାର" – ଏକ ଲୋକପ୍ରିୟ ଚିତ୍ର, ଅଷ୍ଟାଦଶ ଶତାବ୍ଦୀର

"ମୂଷା ଦ୍ୱାରା ବିଡ଼ାଳର ଶବସତ୍କାର" ଚିତ୍ରର ଏକ ବ୍ୟଙ୍ଗ-ଅଙ୍କନ ।– ୫୪

[୧୬] – "ଠିକ୍‌ଭାବେ ଛିଡ଼ା ହୁଅ ବାବୁ"... – ୟାକୋଭ୍ କ୍ନ୍ୟାଝନିନ୍‌ଙ୍କ "ଅବାଗିଆ ଲୋକସବୁ" ବ୍ୟଙ୍ଗାତ୍ମକ ନାଟକରୁ (ନଂ ୧ ଟିପ୍‌ପଣୀ ଦ୍ରଷ୍ଟବ୍ୟ) ।– ୬୨

[୧୭] – ସୁମାରୋକୋଭ୍, ଆଲେକ୍‌ଜାନ୍ଦର ପେଟ୍ରୋଭିଚ୍ (୧୭୧୮-୧୭୭୭) – କବି, ନାଟ୍ୟକାର, ରୁଷୀୟ ଚିରାୟତ ସାହିତ୍ୟର ତତ୍ତ୍ୱକାର ଏବଂ "ଖୋରେଭ୍", "ସିନାଭ୍ ଓ ତ୍ରୁଭୋର୍" ଆଦି ବିୟୋଗାନ୍ତକ ନାଟକର ଲେଖକ ।– ୬୪

[୧୮] – "ଆଶା କରେ ପ୍ରେମାତୁର ଚିନ୍ତାର ମୋ ହେବ ଅବସାନ ..." – ଏହି କବିତାଟିକୁ କିଛି ପରିମାଣରେ ପରିବର୍ତ୍ତିତ ଓ ସଂକ୍ଷିପ୍ତ କରାଯାଇଛି । ଏହାର ମୂଳ ଉତ୍ସଟି ହେଉଛି "ରୁଷ୍ ସଂଗୀତର ନୂତନ ସଂପୂର୍ଣ୍ଣ ସଂକଳନ" । ଏହାକୁ ସଂକଳିତ କରିଥିଲେ ଅଷ୍ଟାଦଶ ଶତାବ୍ଦୀର ରୁଷୀୟ ଲେଖକ ଓ ଜ୍ଞାନାଲୋକବାଦୀ ନିକୋଲାଇ ଇଭାନୋଭିଚ୍ ନୋଭିକୋଭ୍ (୧୭୪୪-୧୮୧୮) ।– ୬୫

[୧୯] – ତ୍ରେଦ୍ୟାକୋଭ୍‌ସ୍କି (ତ୍ରେଦିଆକୋଭ୍‌ସ୍କି) ଭାସିଲି କିରିଲୋଭିଚ୍ (୧୭୦୩-୧୭୬୯) – କବି, ଅନୁବାଦକ ଏବଂ ସାହିତ୍ୟର ତତ୍ତ୍ୱକାର । ତାଙ୍କର କବିତାବଳୀ ଅନେକ ସମୟରେ ତାଙ୍କର ସମକାଳୀନ କବିମାନଙ୍କ ମଧ୍ୟରେ ବିଦ୍ରୂପାତ୍ମକ ମନୋଭାବ ସୃଷ୍ଟି କରିଥିଲା । ୧୮ଶ ଶତାବ୍ଦୀର ଶେଷ ଏବଂ ୧୯ଶ ଶତାବ୍ଦୀର ପ୍ରାରମ୍ଭରେ ତ୍ରେଦିଆକୋଭ୍‌ସ୍କିଙ୍କ ନାମ ବହୁ ସମୟରେ ସାହିତ୍ୟରେ ଯାହା କିଛି ପରମ ସେସବୁର ପ୍ରତୀକ ରୂପେ ବ୍ୟବହୃତ ହେଉଥିଲା ।– ୬୫

[୨୦] – "କ୍ୟାପ୍‌ଟେନ୍‌ଙ୍କ କନ୍ୟା ଗୋ ..." – "ରୁଷ୍ ଲୋକ ସଂଗୀତ ସଂକଳନ"ରୁ ଏକ ଉଦ୍ଧୃତି । ସଂକଳନର ସଂଗ୍ରାହକ ଇଭାନ୍ ପ୍ରାଚ୍ ଥିଲେ ବିଖ୍ୟାତ ରୁଷ୍ ସୁରକାର ଓ ପିଆନୋବାଦକ (୧୮୧୮ରେ ମୃତ୍ୟୁ) । – ୭୦

[୨୧] – "ରୂପସୀ ଗୋ ରୂପସୀ..." – ମିଖାଇଲ୍ ଚୁଲ୍‌କୋଭ୍‌ଙ୍କ ସଂକଳନ, ୧ମ ଭାଗ, ପୃ: ୧୭୬ ଅନ୍ତର୍ଗତ "ଭଲ୍‌ଗା ମା, ଭଲ୍‌ଗା ମା" ଶୀର୍ଷକ କବିତାର ଶେଷାଂଶ (ନଂ ୭ ଟିପ୍‌ପଣୀ ଦ୍ରଷ୍ଟବ୍ୟ) । – ୭୭

[୨୨] – "ମୋଠାରୁ ମିଳିଲେ ଭଲ ମୋତେ ଯିବ ଭୁଲି" ... – ମିଖାଇଲ୍ ଚୁଲ୍‌କୋଭ୍‌ଙ୍କ ସଂଗ୍ରହାବଳୀର "ମୋ ହୃଦୟର ଭବିଷ୍ୟଦ୍‌ବାଣୀ" ଗୀତରୁ ଉଦ୍ଧୃତ, ପ୍ରଥମ ଭାଗ, ପୃ: ୧୫୩ । – ୭୭

[୨୩] – "ଶୁଣ ହେ ତରୁଣଗଣ, କାନପାତି ଶୁଣ ..." – କାଜାନ୍ ଅଧିକାର ଉପରେ ରଚିତ ଏକ ଗୀତର ପ୍ରାରମ୍ଭ । ଗୀତଟି ମିଖାଇଲ୍ ଚୁଲ୍‌କୋଭ୍‌ଙ୍କ ଦ୍ୱାରା ସଂକଳିତ ସଂଗ୍ରହ, ପ୍ରଥମ ଭାଗ, ପୃ: ୧୨୫ରୁ । – ୯୦

[୨୪] – "୧୭୭୨ ମସିହାରେ ସେମାନଙ୍କର ପ୍ରଧାନ ଘାଟୀରେ ଏକ ବିଦ୍ରୋହ ଦେଖା ଦେଇଥିଲା" – ଟିପ୍‌ପଣୀ ନଂ୯ ଦ୍ରଷ୍ଟବ୍ୟ । – ୯୦

[୨୫] – ମତାନ୍ଧଗଣ – ପୁରାତନ ଧର୍ମବିଶ୍ୱାସର ଅନୁଗାମୀମାନଙ୍କର ସରକାରୀ ନାମ । ରୁଷୀୟ ରକ୍ଷଣଶୀଳ ଗିର୍ଜାଠାରୁ ଧର୍ମବିଶ୍ୱାସୀମାନଙ୍କର ଏକାଂଶ ପୃଥକ୍ ହୋଇଯିବା ଫଳରେ ଏହି ସଂପ୍ରଦାୟଟିର ଅଭ୍ୟୁଦୟ ଘଟିଥିଲା । ସେମାନେ ରୁଷୀୟ ପାଟ୍ରିଆର୍କ୍ ନିକନ୍‌ଙ୍କ

(୧୬୦୫-୧୬୮୧) ଦ୍ୱାରା ଅନୁଷ୍ଠିତ ୧୬୫୩-୧୬୫୬ର ଗିର୍ଜା ସଂସ୍କାରକୁ ମାନିବାକୁ ଅସ୍ୱୀକାର କରିଥିଲେ । ୧୭ଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ଓ ୧୮ଶ ଶତାବ୍ଦୀରେ ମତାନ୍ଧବାଦ ଥିଲା ସାମନ୍ତବାଦବିରୋଧୀ ତଥା ବିରୋଧୀ ଆନ୍ଦୋଳନସମୂହର ମତାଦର୍ଶଗତ ନିଶାଣ । – ୯୨

[୨୬] – ତୃତୀୟ ପିଟର ଫିଓଦୋରୋଭିଚ୍ (୧୭୨୮-୧୭୬୨) – ମହାନ୍ ପିଟରଙ୍କର ନାତି, ୧୭୬୧ ମସିହାରୁ ରୁଷିଆର ଜାର୍ । ତାଙ୍କ ସ୍ତ୍ରୀ କ୍ୟାଥେରିନ୍‌ଙ୍କ ଦ୍ୱାରା ସଂଘଟିତ ଏକ ଅଗ୍ରନକ କ୍ଷମତା ଦଖଲ ଫଳରେ ସେ କ୍ଷମତାଚ୍ୟୁତ୍ ହୋଇଥିଲେ ଏବଂ ତାଙ୍କୁ ହତ୍ୟା କରାଯାଇଥିଲେ । – ୯୨

[୨୭] – ଡ୍ରାଗୁନ୍ – ଜାର୍‌ଙ୍କ ସେନାବାହିନୀର ଅଶ୍ୱାରୋହୀ ବାହିନୀର କେତେକ ସେନାଦଳର ଅନ୍ତର୍ଗତ ସୈନିକ । – ୯୬

[୨୮] – ଉତ୍ତେଜନାକାରକ ପ୍ରସ୍ତରପତ୍ର ସହ ବାଶ୍‌କିର୍ – ପୁଗାଚ୍ଚେଭ୍‌ଙ୍କର ଇସ୍ତାହାର ଓ ଆବେଦନ ସଂପର୍କରେ ଏଠାରେ କୁହାଯାଇଛି । ପୁଗାଚ୍ଚେଭ୍‌ଙ୍କ ସହିତ ଘନିଷ୍ଠଭାବେ ଯୁକ୍ତ ଶିକ୍ଷାପ୍ରାପ୍ତ କସାକ୍‌ମାନଙ୍କର ମିଳିତ ଉଦ୍ୟମରେ ସେସବୁ ରଚିତ ହୋଇଥିଲେ । ଏହିସବୁ ଇସ୍ତାହାରରେ ବିଦ୍ରୋହ ପାଇଁ ଡାକ ଦିଆଯାଇଥିଲା । – ୯୬

[୨୯] – "ତା ପାଦ ତଳେ ନିଶାଣ ପକାଇ ଦେଇ ତାକୁ ସ୍ୱାଗତ ଜଣାଇବୁ" – ଓରେନ୍‌ବୁର୍ଗ ପ୍ରଦେଶର ଗ୍ରନ୍‌ସେରୀଙ୍କୁ ଲିଖିତ ପୁଗାଚ୍ଚେଭ୍‌ଙ୍କ ପତ୍ରରେ କୁହାଯାଇଥିଲା, "ସମସ୍ତ ପାହିଆର ଲୋକେ ସହର ବାହାରକୁ ଆସି, ସେମାନଙ୍କ ନିଶାଣ ଆଉ ଅସ୍ତ୍ରଶସ୍ତ୍ରକୁ ଜାର୍‌ଙ୍କ ପାଦତଳେ ଥୋଇ ଦିଅନ୍ତୁ" (ଆଲେକ୍‌ଜାନ୍ଦର ପୁସ୍କିନ୍, କ୍ୟାପ୍‌ଟେନ୍‌ଙ୍କ

କନ୍ୟା, ମସ୍କୋ, "ନାଉକା" ପବ୍ଲିଶରସ୍, ୧୯୬୪, ପୃ : ୨୫୧) ।– ୯୯

[୩୦] – "୧୭୪୧ ମସିହାରେ ବିଦ୍ରୋହ ପାଇଁ ଲୋକଟି ଦଣ୍ଡ ପାଇଥିଲା" – ୧୭୩୭-୧୭୪୦ ମସିହାରେ ବାଶ୍କିରିଆରେ ଘଟିଥିବା ଅଭ୍ୟୁତ୍ଥାନ କଥା ଏଠାରେ କୁହାଯାଇଛି । ଜାର୍ ସରକାର ଦ୍ୱାରା ବାଶ୍କିରୀୟ ଲୋକମାନଙ୍କ ଉପରେ ଅକଥନୀୟ ଶୋଷଣ ଫଳରେ ଏହି ଅଭ୍ୟୁତ୍ଥାନ ଘଟିଥିଲା । ବିଦ୍ରୋହକୁ ଅଭୂତପୂର୍ବ ନିର୍ମମତା ଦ୍ୱାରା ଦମନ କରାଯାଇଥିଲା ।– ୧୦୧

[୩୧] – ପ୍ରଥମ ଆଲେକ୍ଜାନ୍ଦର (୧୭୭୭-୧୮୨୫) – ରୁଷ୍ ସମ୍ରାଟ୍ । ତାଙ୍କ ରାଜତ୍ୱର ପ୍ରାରମ୍ଭରେ କେତେକ ପରିମିତ ଉଦାରତାବାଦୀ ସଂସ୍କାର କାର୍ଯ୍ୟକାରୀ କରିଥିଲେ । ତାଙ୍କର "ଦୟାଶୀଳ ଶାସନ", ଏହି ବିଦ୍ରୂପାତ୍ମକ ବ୍ୟବହାରର ପ୍ରକୃତ ଅର୍ଥ ଆମେ ଦେଖିବାକୁ ପାଇଥାଏଁ ପୁସ୍କିନ୍ଙ୍କର ଏକ ଚତୁଷ୍ପଦୀ କବିତାରେ ଜାର୍ ଆଲେକ୍ଜାନ୍ଦର ପ୍ରଥମଙ୍କ ସଂପର୍କରେ ବର୍ଣ୍ଣନାରୁ । ସେଥିରେ ସେ ତାଙ୍କୁ ବର୍ଣ୍ଣନା କରିଥିଲେ, "ଏକ ଦୁର୍ବଳ ବିଶ୍ୱାସଘାତକ ... ଶାସକ ... କେଶହୀନ ଫୁଲବାବୁ ଏକ... ଭାଗ୍ୟର କୃପାରୁ ଖ୍ୟାତିର ଆଲୋକରେ ଉତପ୍ତ କର୍ମକୋଢ଼ୀ" ।– ୧୦୨

[୩୨] – "ମୋ ମସ୍ତକ, ସୈନିକ ମସ୍ତକ ..." – ଉଦ୍ଧୃତ ପଂକ୍ତିଗୁଡ଼ିକ ହେଉଛି, ଖୁବ୍ ସମ୍ଭବତଃ ପ୍ୟେଲେହ ଅଭ୍ୟୁତ୍ଥାନର ନେତା କାଉଣ୍ଟ-ବୋୟାର୍ଙ୍କ ଫାଶି ସଂପର୍କିତ ଗାନରୁ ନିଆଯାଇଛି (ମିଖାଇଲ୍ ଚୁଲ୍କୋଭ୍ଙ୍କ ଦ୍ୱାରା ସଂଗୃହୀତ ରୁଷ୍ ଗୀତର ସଂପୂର୍ଣ୍ଣ ସଂକଳନ, ୨ୟ ଭାଗ, ପୃ : ୧୩୦) ।– ୧୦୭

[୩୩] – "ନିମନ୍ତ୍ରା ନ ପାଇ ଭୋଜିକୁ ଆସେ ତାତାରଠାରୁ ଖରାପ ସେ" – ଏକ ପୁରାତନ ରୁଷୀୟ ପ୍ରବାଦ । ତାତାର ରାଜତ୍ୱ କାଳରେ ଏହାର ଉତ୍ପତ୍ତି ହୋଇଥିଲା (୧୩ଶ ଶତାବ୍ଦୀରେ) – ୧୨୨

[୩୪] – "ମୋ ପାଖକୁ ଲାଗି ବସିଥିଲା ଜଣେ କସାକ୍ ଯୁବକ ..." – ପରେ ପୁସ୍କିନ୍ ତା ନାମ ଉଲ୍ଲେଖ କରିଥିଲେ । ସେ ହେଉଛନ୍ତି ଫିଓଦର ଚୁମାକୋଭ୍, ଇଆଇକ୍ କସାକ୍, ପୁଗାଚ୍ୟେଭ୍ କମାଣବାହିନୀର ମୁଖ୍ୟ । ୧୭୭୩ ମସିହାରେ ତାଙ୍କୁ ହୋଇଥିଲା ୪୫ ବର୍ଷ । ପୁସ୍କିନ୍ ତାଙ୍କୁ କାଉଣ୍ଟ ଓର୍ଲୋଭ୍ ବୋଲି ଅଭିହିତ କରିଥିଲେ । ଯେଉଁମାନେ ପୁଗାଚ୍ୟେଭ୍ଙ୍କ ପ୍ରତି ବିଶ୍ୱାସଘାତକତା କରି କର୍ତ୍ତୃପକ୍ଷଙ୍କ ସହିତ ଯୋଗ ଦେଇଥିଲେ ସେ ଥିଲେ ସେମାନଙ୍କ ମଧ୍ୟରେ ଅନ୍ୟତମ । ତେଣୁ ତାଙ୍କୁ ସମସ୍ତ ଦଣ୍ଡରୁ ମାଫି ଦିଆଯାଇଥିଲା ।– ୧୨୯

[୩୫] – "ସ୍ତବକର ମର୍ମର ତୋ ସବୁଜ ବନାନୀ ମା ଲୋ !" – ମିଖାଇଲ୍ ଚୁଲ୍କୋଭ୍ଙ୍କ ସଂକଳନର ଏକ ଗୀତରୁ । ୧ମ ଭାଗ, ପୃ : ୧୪୭ ।– ୧୩୧

[୩୬] – ଗ୍ରିଶ୍କା (ଗ୍ରିଗୋରି) ଓଟ୍ରେପ୍ୟେଭ୍ – ମସ୍କୋସ୍ଥ ଚୁଦୋଭ୍ ମଠର ମଠାଧୀଶ, ବୋୟାର୍ଙ୍କ ପୁତ୍ର । ୧୬୦୨ ମସିହାରେ ସେ ନିଜକୁ ରୁଷିଆର ପ୍ରଥମ ଜାର୍ ଭୟଙ୍କର ଇଭାନ୍ଙ୍କ (୧୫୩୦-୧୫୮୪) ପୁତ୍ର ଦ୍ମିତ୍ରି ବୋଲି ଘୋଷଣା କରିଥିଲେ । ଇତିହାସରେ ନକଲି ପ୍ରଥମ ଦ୍ମିତ୍ରି ବୋଲି ପରିଚିତ । ପୋଲାଣ୍ଡ ସମ୍ଭ୍ରାନ୍ତସଂପ୍ରଦାୟର ସେ ଥିଲେ ଦଲାଲ, ଭଣ୍ଡ ପ୍ରବଞ୍ଚକ । ୧୬୦୫ ମସିହାରେ ବୋରିସ୍ ଗୋଦୁନୋଭ୍ଙ୍କ ମୃତ୍ୟୁ ପରେ ସେ ମସ୍କୋ ସିଂହାସନରେ ନିଜକୁ ଅଧିଷ୍ଠ କରିଥିଲେ ଏବଂ ଏଗାର ମାସ ପରେ ୧୬୦୬ ମସିହାରେ ବୋୟାର୍ ଷଡ଼ଯନ୍ତ୍ରକାରୀମାନଙ୍କ ଦ୍ୱାରା ନିହତ ହୋଇଥିଲେ ।– ୧୩୩

[୩୭] – "ତମ ପ୍ରେମେ ଆବଦ୍ଧ ମୁଁ ଜାଣିଲି ଯେ ଦିନ ..." – ରୁଷୀୟ ଲେଖକ ମିଖାଇଲ୍ ଖେରାସ୍କୋଭ୍‌ଙ୍କ (୧୭୩୩-୧୮୦୭) "ବିଚ୍ଛେଦ" ଶୀର୍ଷକ କବିତାରୁ । – ୧୩୬

[୩୮] – "ପାହାଡ଼ ଓ ପ୍ରାନ୍ତରରେ ସେନା ବଳ ସାଜି ..." – ମିଖାଇଲ୍ ଖେରାସ୍କୋଭ୍‌ଙ୍କ ମହାକାବ୍ୟ "ରଷିଆଦା"ରୁ । ଭୟଙ୍କର ଇଭାନ୍‌ଙ୍କ ଦ୍ୱାରା କାଜାନ୍ ଅଧିକାରର ମହିମା ଗାନ କରି ଏହା ରଚିତ । – ୧୪୫

[୩୯] – ଓରେନ୍‌ବୁର୍ଗ ଅବରୋଧ – ପୁଗାଶ୍ଚେଭ୍‌ଙ୍କ ସେନାଦଳଗୁଡ଼ିକ ଦ୍ୱାରା ଓରେନ୍‌ବୁର୍ଗ ଘେରାଉ ଛଅ ମାସ କାଳ ଗ୍ଲିଥିଲା (୧୭୭୩, ଅକ୍ଟୋବରରୁ ୧୭୭୪, ମାର୍ଚ୍ଚ ଯାଏ) । – ୧୫୧

[୪୦] – ଖାର୍ଲୋଭା ଏଲିଜାବେଥ୍ – ନିଝନି-ଓଜେର୍ନାୟା ଗଡ଼ର ଅଧିପତି ମେଜର ଖାର୍ଲୋଭ୍‌ଙ୍କ ପତ୍ନୀ ଏବଂ ପୁଗାଶ୍ଚେଭ୍‌ଙ୍କ ଦ୍ୱାରା ନିହତ ତାତିଷ୍ଚେଭ୍ ଗଡ଼ର ଅଧିପତିଙ୍କ କନ୍ୟା । ସେ ଖାର୍ଲୋଭାଙ୍କୁ ନିଜର ରକ୍ଷିତା କରିଥିଲେ ଏବଂ ପରେ ତାଙ୍କୁ ଏବଂ ତାଙ୍କ ତରୁଣୀ ଭାଇକୁ ହତ୍ୟା କରିଥିଲେ । – ୧୫୪

[୪୧] – "ହେଲେ ହେଁ ଅତି ହିଂସ୍ର ସ୍ୱଭାବ ତା'ର ..." – ଏହି କବିତାଟିର ଲେଖକ ହେଉଛନ୍ତି ସ୍ୱୟଂ ପୁଷ୍କିନ୍ । ଏହା ଆଲେକ୍‌ଜାନ୍ଦର ସୁମାରୋକୋଭ୍‌ଙ୍କ ଶୈଳୀରେ ଲିଖିତ (ଟିପ୍ପଣୀ ନଂ ୧୭ ଦ୍ରଷ୍ଟବ୍ୟ) । – ୧୫୮

[୪୨] – ବେଲୋବୋରୋଦୋଭ୍, ଇଭାନ୍ ନାଉମୋଭିଚ୍ (?? – ୧୭୭୪) – ପୁଗାଶ୍ଚେଭ୍‌ଙ୍କର ଅନ୍ୟତମ ଘନିଷ୍ଠ ସହକର୍ମୀ, ପ୍ରଥମେ ସେ

ସେନାବିଭାଗରେ ଏବଂ ପରେ ଏକ ଗୋଳା-ବାରୁଦ କାରଖାନାରେ କାର୍ଯ୍ୟ କରୁଥିଲେ । ପରବର୍ତ୍ତୀ ସମୟରେ କାର୍ଯ୍ୟରୁ ଅବସର ଗ୍ରହଣ କରି ବାସ କରୁଥିଲେ ଏକ ଗ୍ରାମରେ । ପୁଗାଶ୍ଚେଭ୍‌ଙ୍କ ସୈନ୍ୟମାନେ ଉକ୍ତ ଗ୍ରାମ ମଧ୍ୟକୁ ପ୍ରବେଶ କଲାବେଳେ ସେ ସେମାନଙ୍କ ସହିତ ଯୋଗ ଦେଇଥିଲେ ଏବଂ ମୁଖ୍ୟତଃ ଖଣି ଶ୍ରମିକମାନଙ୍କୁ ନେଇ ଏକ ସେନାଦଳ ଗଠନ କରିଥିଲେ । ପୁଗାଶ୍ଚେଭ୍ ତାଙ୍କୁ ଏକ ଉପରସ୍ଥ ଅତାମାନ୍ ଏବଂ ସର୍ବାଧିନାୟକ ରୂପେ ନିଯୁକ୍ତ କରିଥିଲେ । ପରେ ତାଙ୍କୁ ଫାଶିଦଣ୍ଡ ଦିଆଯାଇଥିଲା । – ୧୬୪

[୪୩] – ସୋକୋଲୋଭ୍, ଆଫାନାସି (ଖ୍ଲୋପୁଶା) (୧୭୧୪-୧୭୭୪) – ଭୂମିଦାସ କୃଷକ, ପଳାତକ କଏଦୀ, ପୁଗାଶ୍ଚେଭ୍ ସେନାବାହିନୀର ଅତି ପ୍ରତିଭାବାନ ସେନାପତିମାନଙ୍କ ମଧ୍ୟରୁ ଅନ୍ୟତମ । ୧୭୭୩ ମସିହାରେ ସେ ଓରେନ୍‌ବୁର୍ଗ ଜେଲରେ ଥିଲେ । ଓରେନ୍‌ବୁର୍ଗର ଗଭର୍ଣ୍ଣର ରେଇନ୍‌ସଡର୍ପ ତାଙ୍କୁ ପୁଗାଶ୍ଚେଭ୍‌ଙ୍କ ନିକଟକୁ ସତର୍କକାରୀ ଇସ୍ତାହାର ସହ ପଠାଇଥିଲେ । କିନ୍ତୁ ସଙ୍ଗେ ସଙ୍ଗେ ସେ ପୁଗାଶ୍ଚେଭ୍‌ଙ୍କ ପକ୍ଷରେ ଯୋଗ ଦେଇଥିଲେ ଓ ପୁଗାଶ୍ଚେଭ୍ ତାଙ୍କୁ ଏକ କର୍ଣ୍ଣେଲ ପାହିଆ ପ୍ରଦାନ କରିଥିଲେ । ପରେ ସେ ପୁଗାଶ୍ଚେଭ୍‌ଙ୍କର ଜଣେ ମୁଖ୍ୟ ସହକର୍ମୀରେ ପରିଣତ ହୋଇଥିଲେ । ସେ ଧାତୁ କାରଖାନାମାନଙ୍କରେ କମାଣ ନିର୍ମାଣ କାର୍ଯ୍ୟ ସଂଗଠିତ କରିଥିଲେ ଏବଂ ସେସବୁ କାରଖାନାରେ କାର୍ଯ୍ୟ କରୁଥିବା କୃଷକମାନଙ୍କୁ ନେଇ ଗଠିତ ସେନାଦଳଗୁଡ଼ିକୁ ନେତୃତ୍ୱ ଦେଇଥିଲେ । ପରେ ତାଙ୍କୁ ଫାଶି ଦିଆଯାଇଥିଲା । – ୧୬୪

[୪୪] – ୟୁଜେୟେଭା – ଓରେନ୍‌ବୁର୍ଗର ସାହାଯ୍ୟାର୍ଥେ ପ୍ରେରିତ ସରକାରୀ ସେନାଦଳଗୁଡ଼ିକୁ ପୁଗାଶ୍ଚେଭ୍ ୧୭୭୩, ନଭେମ୍ବର

ମାସ ୯ ତାରିଖରେ ୟୁକେୟେଭା ଗ୍ରାମ ନିକଟରେ ପରାଜିତ କରିଥିଲେ ।–୧୭୩

[୪୫]–ଫ୍ରେଡେରିକ୍–ପ୍ରୁସିଆର ରାଜା ଦ୍ୱିତୀୟ ଫ୍ରେଡେରିକ୍, ପ୍ରଥମ ଫ୍ରେଡେରିକ୍‌ଙ୍କର ପୁତ୍ର । ପୁଗାଚେଭ୍ ତେଣୁ ତାଙ୍କୁ ଫିଓଦର ଫିଓଦୋରୋଭିଚ୍ ବୋଲି ଅଭିହିତ କରିଛନ୍ତି । ଦ୍ୱିତୀୟ ଫ୍ରେଡେରିକ୍‌ଙ୍କୁ ରୁଷ୍ ସେନାବାହିନୀ ଦ୍ୱାରା ସଂପୂର୍ଣ୍ଣ ରୂପେ ପରାଜିତ ହୋଇଥିବା ସାତବର୍ଷିଆ ଯୁଦ୍ଧରେ ପୁଗାଚେଭ୍ ଅଂଶ ଗ୍ରହଣ କରିଥିଲେ ।–୧୭୩

[୪୬]–"ଆମ ଆପେଲ ଗଛର ନାହିଁ ..."–ପ୍ସୋଭ୍ ପ୍ରଦେଶସ୍ଥ ପୁଷ୍କିନ୍‌ଙ୍କ ଜନ୍ମସ୍ଥଳୀ ମିଖାଇଲୋଭ୍‌ସ୍କୋୟେ ମାହାଲରେ ପୁଷ୍କିନ୍ ଏହି ବିବାହ-ସଂଗୀତଟିକୁ ଲିପିବଦ୍ଧ କରିଥିଲେ ।–୧୭୬

[୪୭]–"ରାଗନ୍ତୁ ନାହିଁ ହଜୁର ..." – ୟାକୋଭ୍ କ୍ନ୍ୟାଝନିନ୍‌ଙ୍କ ହାସ୍ୟରସାତ୍ମକ ନାଟକର ଶୈଳୀରେ ପୁଷ୍କିନ୍‌ଙ୍କ ଦ୍ୱାରା ରଚିତ କବିତାବଳୀ (ଟିପ୍ପଣୀ ନଂ୧ ଦ୍ରଷ୍ଟବ୍ୟ) ।–୧୮୭

[୪୮]–"ଅଳ୍ପ କେଇଦିନ ମଧ୍ୟରେ କାଉଣ୍ଟ ଗୋଲିତ୍‌ସିନ୍ ପୁଗାଚେଭ୍‌କୁ ତାତିଶ୍ଚେଭା ଦୁର୍ଗରୁ ହଟେଇ ଦେଲେ"–୧୭୭୪, ମାର୍ଚ୍ଚ ୨୨ ତାରିଖରେ ଏହି ଯୁଦ୍ଧ ହୋଇଥିଲା ।

ଗୋଲିତ୍‌ସିନ୍, ପିଓତର ମିଖାଇଲୋଭିଚ୍–ଜେନେରାଲ-ଲେଫ୍‌ଟନାଣ୍ଟ, ପୁଗାଚେଭ୍‌ଙ୍କ ବିରୁଦ୍ଧରେ ପ୍ରେରିତ ସେନାଦଳଗୁଡ଼ିକର ସେନାପତି ।–୧୯୫

[୪୯]–"ବିଦ୍ରୋହୀମାନେ କାଜାନ୍ ଅଧିକାର କରି ନେଇଛନ୍ତି"–ପୁଗାଚେଭ୍ ୧୭୭୪, ଜୁଲାଇ ୧୨ ତାରିଖରେ କାଜାନ୍ ଅଧିକାର କରି ନେଇଥିଲେ ।–୧୯୫

[୫୦]–"ଭଗବାନ କରନ୍ତୁ, ରୁଷିଆରେ ଆଉ ଏପରି ନିର୍ମମ ନିର୍ବୋଧ ବିଦ୍ରୋହ ଯେପରି ଦେଖିବାକୁ ନମିଳୁ!"–ଗ୍ରିନ୍ୟୋଭ୍‌ଙ୍କର ଏହି ଚିନ୍ତାଧାରାଟି ପୁଷ୍କିନ୍‌ଙ୍କ ନିଜସ୍ୱ ରାଜନୈତିକ ମତକୁ ମୋଟେ ପ୍ରକାଶ କରେ ନାହିଁ । ଏକଥା ସତ ଯେ, ପୁଷ୍କିନ୍ ସ୍ୱତଃସ୍ଫୂର୍ତ୍ତ କୃଷକ ବିଦ୍ରୋହର ସପକ୍ଷରେ ନଥିଲେ, କିନ୍ତୁ ପୁଗାଚେଭ୍‌ଙ୍କ ବିଦ୍ରୋହକୁ ସେ କେବେ "ଅର୍ଥହୀନ" ବୋଲି ମନେ କରି ନଥିଲେ । ସେ ପୁଗାଚେଭ୍‌କୁ ଜଣେ ଜନପ୍ରିୟ ନେତା ଏବଂ କୃଷକ ଅଭ୍ୟୁତ୍ଥାନର ଏକ ପ୍ରତିଭାବାନ ଏବଂ ଦକ୍ଷ ନେତା ହିସାବରେ ଚିତ୍ରଣ କରିଥିଲେ । ସେ ପୁଗାଚେଭ୍‌ଙ୍କ ଚତୁରତା, ସାହସ ଏବଂ ମାନବତା ଉପରେ ଜୋର୍ ଦେଇଥିଲେ । "ପୁଗାଚେଭ୍‌ଙ୍କ ଇତିହାସ" ସଂପର୍କିତ ସାଧାରଣ ଟିପ୍ପଣୀରେ, ଯାହାକି ପ୍ରକାଶନ ପାଇଁ ଲେଖା ହୋଇ ନଥିଲା, ପୁଷ୍କିନ୍ ଲେଖିଥିଲେ : "ସମସ୍ତ ଜନସାଧାରଣ ତାଙ୍କୁ ସମର୍ଥନ କରୁଥିଲେ ... ପୁଗାଚେଭ୍ ଏବଂ ତାଙ୍କ ସହକାରୀମାନେ ଯେଉଁସବୁ ପଦକ୍ଷେପ ନେଇଥିଲେ ସେସବୁକୁ ବିଚାର କଲେ ଏକଥା ସ୍ୱୀକାର କରିବାକୁ ହେବ ଯେ, ବିଦ୍ରୋହୀମାନେ ସେମାନଙ୍କ ଲକ୍ଷ୍ୟ ହାସଲ ପାଇଁ ସର୍ବାପେକ୍ଷା ନିର୍ଭରଶୀଳ ଏବଂ କାର୍ଯ୍ୟକର ବ୍ୟବସ୍ଥା ଗ୍ରହଣ କରିଥିଲେ ।"–୧୯୬

[୫୧]–ମିଖେଲ୍‌ସୋନ୍ ଇଭାନ୍ ଇଭାନୋଭିଚ୍ (୧୭୪୦-୧୮୦୭)–ଲେଫ୍‌ଟନାଣ୍ଟ-କର୍ଣ୍ଣେଲ୍, ୨୫ ଅଗଷ୍ଟ, ୧୭୭୪ରେ ସାରିତ୍‌ସିନ୍ ଏବଂ ଚେର୍ନି ୟାର୍ ଯୁଦ୍ଧରେ ପୁଗାଚେଭ୍‌କୁ ସମ୍ପୂର୍ଣ୍ଣ ପରାସ୍ତ କରିଥିଲେ ।–୧୯୬

[୫୨]–ପୁଗାଚେଭ୍‌ଙ୍କ ବିରୁଦ୍ଧରେ ତଦନ୍ତ କମିଶନଟି ଗଠିତ ହୋଇଥିଲା ୧୭୭୪, ନଭେମ୍ବର ମାସରେ ।–୧୯୮

[୫୩] – ଭୋଲିନ୍‌ସ୍କି, ଆର୍ଟେମି ପେଟ୍ରୋଭିଚ୍ (୧୬୮୯-୧୭୪୦) – ରୁଷ୍ ରାଷ୍ଟ୍ରନୀତିଜ୍ଞ ଓ କୂଟନୀତିବିଦ୍, ସାମ୍ରାଜ୍ଞୀ ଆନ୍ନା ଇଓଆନୋଭ୍‌ନାଙ୍କ କାବିନେଟ୍-ମନ୍ତ୍ରୀ, "ବିରନ୍‌ବାଦର" ବିରୋଧୀ (ଟିପ୍ପଣୀ ନଂ ୧୦ ଦ୍ରଷ୍ଟବ୍ୟ)। ରାଷ୍ଟ୍ରର ପୁନର୍ଗଠନ ପାଇଁ ଏକ ଯୋଜନା କରିଥିବା ଦଳେ ସମ୍ଭ୍ରାନ୍ତଙ୍କର ନେତା। ବିରନ୍‌ଙ୍କ ଉତ୍‌ଖାତ କରିବା ପାଇଁ ଚକ୍ରାନ୍ତରେ ଅଂଶଗ୍ରହଣ ହେତୁ ତାଙ୍କୁ ୧୭୪୦ ମସିହାରେ ପ୍ରାଣଦଣ୍ଡ ଦିଆଯାଇଥିଲା। ବିରନ୍ ଥିଲେ ସମ୍ରାଜ୍ଞୀଙ୍କର ସର୍ବଶକ୍ତିମାନ ପ୍ରିୟପାତ୍ର ଏବଂ ଆନ୍ନା ଇଓଆନୋଭ୍‌ନାଙ୍କ ଅଧୀନରେ ରାଷ୍ଟ୍ରର ପ୍ରକୃତ ଶାସକ।

ଖ୍ରୁଶ୍ଚେଭ୍, ଆନ୍ଦ୍ରେଇ ଏଫ୍. (୧୬୯୧-୧୭୪୦) – ନୌବାହିନୀର ମନ୍ତ୍ରୀ ପରିଷଦର ପରାମର୍ଶଦାତା ଅଫିସର – ୧୭୧୮-୧୮୨୭ ପର୍ଯ୍ୟନ୍ତ ଏହି ପରିଷଦଟି ରୁଷିଆରେ ନୌବାହିନୀ ସଂକ୍ରାନ୍ତ ବ୍ୟାପାର ପରିଚାଳନା କରିବାର ରାଷ୍ଟ୍ରୀୟ ସଂସ୍ଥା। ଖ୍ରୁଶ୍ଚେଭ୍‌ଙ୍କୁ ଭୋଲିନ୍‌ସ୍କିଙ୍କ ସହିତ ଏକା ଅପରାଧ ପାଇଁ ପ୍ରାଣଦଣ୍ଡ ଦିଆଯାଇଥିଲା। – ୨୦୭

[୫୪] – ୧୭୭୦ ମସିହା – କାଗୁଲ୍ ନଦୀ କୂଳରେ ପିଓତର ଆଲେକ୍‌ଜାନ୍ଦ୍ରୋଭିଚ୍ ରୁମ୍ୟାନ୍‌ସେଭ୍-ଜାଦୁନାଇସ୍କି (୧୭୨୫-୧୭୯୬, ଅଷ୍ଟାଦଶ ଶତାବ୍ଦୀର ଜଣେ ଖ୍ୟାତନାମା ରୁଷୀୟ ଜେନେରାଲ୍)ଙ୍କ ନେତୃତ୍ୱରେ ତୁର୍କୀମାନଙ୍କ ଉପରେ ରୁଷୀୟ ପଦାତିକ ବାହିନୀର ବିଜୟ ସ୍ମୃତି ନେଇ ସାର୍‌ସ୍କୋୟେ ସେଲୋସ୍ଥ ୟେକାତେରିନିନ୍‌ସ୍କି ମହଲ ନିକଟବର୍ତ୍ତୀ ସ୍ମୃତିପୀଠ। – ୨୧୦

[୫୫] – ଦ୍ୱିତୀୟ କ୍ୟାଥେରିନ୍ ଆଲେକ୍‌ସେୟେଭ୍‌ନା (୧୭୨୯-୧୭୯୬) – ୧୭୬୨ ମସିହାଠାରୁ ରୁଷିଆର ସମ୍ରାଜ୍ଞୀ, ଦ୍ୱିତୀୟ ପିଟରଙ୍କୁ କ୍ଷମତାଚ୍ୟୁତ କରି (ରକ୍ଷୀ ସେନାମାନଙ୍କ ସହାୟତାରେ) ସିଂହାସନ ଦଖଲ କରିଥିଲେ। ତାଙ୍କ ରାଜତ୍ୱ କାଳରେ ରୁଷୀୟ ଏକଛତ୍ରବାଦୀ ରାଷ୍ଟ୍ର ଯଥେଷ୍ଟ କ୍ଷମତାଶାଳୀ ହୋଇଥିଲା, ସମ୍ଭ୍ରାନ୍ତ ସଂପ୍ରଦାୟର ମାହାଲଗତ ବିଶେଷ ସୁବିଧା ସୁଯୋଗ ଆଇନଗତ ଭାବେ ସ୍ଥିର କରାଯାଇଥିଲା ଏବଂ କୃଷକମାନଙ୍କ ଉପରେ ଶୋଷଣ ବୃଦ୍ଧି ପାଇଥିଲା। – ୨୧୪

"ରାଦୁଗା" ପ୍ରକାଶନ ନିମ୍ନଲିଖିତ ପୁସ୍ତକଗୁଡ଼ିକୁ ପ୍ରକାଶ କରିଛନ୍ତି :

୧) ଚିଙ୍ଗୀଜ୍ ଆଇତ୍‌ମାତୋଭ୍ – ପ୍ରଥମ ଶିକ୍ଷକ ।
୨) ଚିଙ୍ଗୀଜ୍ ଆଇତ୍‌ମାତୋଭ୍ – ବିଦାୟ, ଗୁଲ୍‌ସାରି !
୩) ଚିଙ୍ଗୀଜ୍ ଆଇତ୍‌ମାତୋଭ୍ – ପାହାଡ଼ର ଫୁଲ ।
୪) ଆର୍କାଦି ଗାଇଦାର୍ – ସ୍କୁଲ ।
୫) ଆଲେକ୍‌ଜାନ୍ଦର ଗ୍ରୀନ୍ – ଲାଲ ଅଞ୍ଚଳ ।
୬) ମାକ୍‌ସିମ୍ ଗୋର୍କି – ମା ।
୭) ଫିଓଦର ଦସ୍ତୟେଭ୍‌ସ୍କି – ଦୀନହୀନ । ଶ୍ୱେତ ରାତ୍ରି ।
୮) ୟୁରି ଦ୍‌ମିତ୍ରିଏଭ୍ – ସେମାନେ ବି କଥା କହନ୍ତି ।
୯) ଏମ୍. ଇଲିମ୍. ଓ୍ୱାଇ. ସେଗାଲ – ମଣିଷ କିପରି ମହାବଳୀ ହେଲା ।
୧୦) ଆଲ୍‌ବେର୍ତ ଲିଖାନଭ୍ – ଗୋଲକଧନ୍ଦା ।
୧୧) ବୋରିସ୍ ଲାଭ୍ରେନିଓଭ୍ – ଶ୍ରେଷ୍ଠ ରଚନାବଳୀ ।
୧୨) ବାଙ୍କ-ଉପସାଗର (ରୁଷୀୟ ଲେଖକଙ୍କର ଗଳ୍ପ) ।
୧୩) ନିକୋଲାଇ ଅସ୍ତ୍ରୋଭ୍‌ସ୍କି – ଇସ୍‌ପାତ ।
୧୪) ବୋରିସ୍ ପୋଲିଭୋଇ – ଅପରାଜିତ ।
୧୫) ଲିଓ ଟଲ୍‌ଷ୍ଟୟ – ଉପନ୍ୟାସ ଓ କ୍ଷୁଦ୍ର ଗଳ୍ପମାଳା ।
୧୬) ଆନ୍ତନ୍ ଚେଖଭ୍ – କ୍ଷୁଦ୍ର ଉପନ୍ୟାସ ଓ ଗଳ୍ପମାଳା ।
୧୭) ମିଖାଇଲ ଶୋଲଖଭ୍ – ମଣିଷର ଭାଗ୍ୟ ଓ ଅନ୍ୟାନ୍ୟ ଗଳ୍ପ ।

୧୯୯୦ ମସିହାରେ "ରାଦୁଗା" ପ୍ରକାଶନ ୟେଭ୍‌ଗେନି ଗ୍ୱରୁଶିନ୍‌ଙ୍କ ଦ୍ୱାରା ଲିଖିତ ପୁସ୍ତକ "ମୋ ପ୍ରଥମ ପ୍ରାଣୀ ବିଜ୍ଞାନ" ପ୍ରକାଶ କରିବ ।

"ମୋର ଶିଶୁକାଳଟି କଟିଥିଲା ପଶୁ ଓ ଗୃହପାଳିତ ପ୍ରାଣୀମାନଙ୍କ ସହିତ ... କେବଳ ମୋ ଶିଶୁକାଳ ଯୋଗୁ ହିଁ ମୁଁ ଆଜି ଜଣେ ଚିତ୍ରକର ଓ ଲେଖକ ହୋଇ ପାରିଛି । କାରଣ ସେ ସମୟର ସମସ୍ତ ଅନୁଭୂତି-ବର୍ତ୍ତମାନ ପର୍ଯ୍ୟନ୍ତ ମୋ ପାଇଁ ଖୁବ୍ ଗଭୀର, କୌତୂହଳପୂର୍ଣ୍ଣ ଓ ଅସାଧାରଣ ହୋଇ ରହିଛି ।"

ନିଜ ସମ୍ପର୍କରେ ଏହି କଥାଟି ଲେଖିଥିଲେ ସୋଭିଏତ୍ ୟୁନିଅନ୍‌ର ହୃଦୟବାନ୍, ଅସାଧାରଣ ଭାବେ ସହାନୁଭୂତିଶୀଳ, ନାମକରା ଚିତ୍ରଶିଳ୍ପୀ ୟେଭ୍‌ଗେନି ଗ୍ୱରୁଶିନ୍ । ସେ ପିଲାମାନଙ୍କ ପାଇଁ ପଶୁଜଗତ ସମ୍ବନ୍ଧରେ ବହୁତ ବହି ଲେଖିଛନ୍ତି ।

ଯେଉଁସବୁ ପଶୁପକ୍ଷୀଙ୍କ ସମ୍ବନ୍ଧରେ ଲେଖକ ନିଜ ବହିମାନଙ୍କରେ ଲେଖିଛନ୍ତି, ସେମାନେ ଥିଲେ ତାଙ୍କ ପୁଅ ନିକିତାର ବହୁ ମଜାଳିଆ ଖେଳ ସାଥୀ । ସିଏ ମଧ୍ୟ ପରେ ଜଣେ ଚିତ୍ରଶିଳ୍ପୀ ହୋଇଥିଲେ । କେତେକ ବହି ଉଭୟ ବାପ ପୁଅ ମିଶି ରଚନା କରିଥିଲେ । ଏହିଭଳି ଭାବେ "ମୋ ପ୍ରଥମ ପ୍ରାଣୀ ବିଜ୍ଞାନ" ବହିଟି ରୂପ ନେଇଥିଲା, ଯାହାର ବିଷୟବସ୍ତୁ ବାପା ଗ୍ୱରୁଶିନ୍ ଭାବି ଠିକ୍ କରିଥିଲେ ଓ ବହିରେ ଥିବା ଚିତ୍ରଗୁଡ଼ିକୁ ନିକିତା ଗ୍ୱରୁଶିନ୍ ଆଙ୍କିଥିଲେ ।

"ରାଦୁଗା" ପ୍ରକାଶନ ପିଲାମାନଙ୍କ ପାଇଁ ନିମ୍ନଲିଖିତ ପୁସ୍ତକଗୁଡ଼ିକୁ ପ୍ରକାଶ କରିଛନ୍ତି :

୧) କାର୍ଲ ଆରୋନ୍ – ଆକାଶ ପଥେ ମଣିଷ ।
୨) ଭିତାଲି ବିୟାଙ୍କି – ପ୍ରଥମ ଶିକାର ।
୩) ଭିତାଲି ବିୟାଙ୍କି – ଅରଣ୍ୟ କୁଟୀରରାଜି ।
୪) ୟୁଲିୟା ଦ୍ରୁନିନା – ଆଲିଶା ।
୫) ୟା. ଦ୍ଲୁଗଲେନ୍‌ସ୍କି – ଘଣ୍ଟା ଓ ଘଡ଼ି (ଛବି ବହି) ।
୬) ଆଲେକ୍‌ସେଇ ଖ୍ରୀଲେଭ୍ – ରିଆଙ୍କରର ଇତିହାସ ।
୭) ଆଲେକ୍‌ଜାନ୍ଦର କୁପ୍ରିନ୍ – ୟୁଶ୍‌କା ।
୮) ବୋରିସ୍ ଲେଭିନ୍ ଓ ଲିଦିୟା ରାଦ୍‌ଲୋଭା – ଚିତ୍ର ମାଧ୍ୟମରେ ଗ୍ରହ-ନକ୍ଷତ୍ର ବିଜ୍ଞାନ ।
୯) ଗାଲିନା ଲେବେଦେଭା – ମାଶାର ମୋଟା ତକିଆ ।
୧୦) ପଥୁରିଆର କାହାଣୀ ।
୧୧) ଭ୍ଲାଦିମିର ମାୟାକୋଭ୍‌ସ୍କି – ପଶୁ ପକ୍ଷୀରେ ବହିଟି ଭରା ।
୧୨) ଭ୍ଲାଦିମିର ମାୟାକୋଭ୍‌ସ୍କି – ଭଲ ଆଉ ମନ୍ଦ ।
୧୩) ଭ୍ଲାଦିମିର ମାୟାକୋଭ୍‌ସ୍କି – ମୁଁ କ'ଣ ହେବି ?
୧୪) ଚୁଟିଆ ମୂଷାର ପାଣିଅଣା ।
୧୫) ତାତ୍ୟାନା ମାକାରୋଭା – ସାହସୀ ପିମ୍ପୁଡ଼ି ।
୧୬) ଏନ୍. ନୋସଭ୍ – ବାହାପିଆଙ୍କ ଗାଲଗପ ।
୧୭) ଏ. ପୁସ୍କିନ୍ – କେଉଟ ଓ ସୁନାମାଛ କାହାଣୀ ।
୧୮) କୋନ୍‌ଷ୍ଟାନ୍ତିନ୍ ପାଉସ୍ତୋଭ୍‌ସ୍କି – ଉପକାରୀ ଘରଚଟିଆ ।
୧୯) ନିକଲାଇ ରାଦ୍‌ଲଭ୍ – ଛବିଟିରେ ଗପଟିଏ ।
୨୦) ଭାସିଲି ସୁଖୋମ୍ଲିନ୍‌ସ୍କି – ଗାଆଁଣ ପର ।
୨୧) ଶ୍ୱେତସ୍ଲାଭ୍ ସାଖାର୍‌ନୋଭ୍ – ସମୁଦ୍ରରେ ଜାହାଜର ଜଳଯାତ୍ରା ।

୨୨) ଲିଓ ଟଲ୍‌ଷ୍ଟୟ – ସିଂହ ଓ କୁକୁରଛୁଆ ।
୨୩) ଲିଓ ଟଲ୍‌ଷ୍ଟୟ – ତିନିଟି ଭାଲୁ ।
୨୪) ଆନାତୋଲି ତମିଲିନ୍ – ଲୋକମାନେ ପୃଥିବୀର ଆକାରକୁ ଆବିଷ୍କାର କଲେ କିପରି ?
୨୫) ୟେ. ସ୍ମୁଲ୍ଲଶିନ୍ – କିଏ କେମିତି ରହେ ।
୨୬) ୟୁ. ଚେରେପାନୋଭ୍ – କିଲ୍ଲଶାର କୌଶଳ ।
୨୭) କର୍ନେଇ ଚୁକୋଭ୍‌ସ୍କି – ଚୋରି ଯାଇଥିବା ସୂର୍ଯ୍ୟ ।

вмѣстѣ которыхъ узнаешь
что мы читали Вашу
Даму относящіеся къ
временамъ описаннымъ
его Вальтеромъ. Мы вышлемъ
съ ~~доставленнаго~~ другими радетвенными
изданіи и особо примите
въ первой главѣ приме-
-чаніи Эпиграфъ и ~~вмѣ~~ довольны
~~вы~~ въ себѣ пришлите кто-
торые собственные и-
мена. Издатель

19 окт. 1836

З

"ପୁସ୍‌କିନ୍‌ଙ୍କ ଦ୍ୱାରା ରଚିତ 'କ୍ୟାପ୍‌ଟେନ୍‌ଙ୍କ କନ୍ୟା' ହେଉଛି ନିଶ୍ଚିତ ରୂପେ ବର୍ଣ୍ଣନାତ୍ମକ ଶୈଳୀରେ ରଚିତ ଶ୍ରେଷ୍ଠ ଉପନ୍ୟାସ । ଏଥିରେ ବିଶୁଦ୍ଧତା ଏବଂ ଅକୃତ୍ରିମତା ଏପରି ଏକ ଉଚ୍ଚ ମାତ୍ରାରେ ପହଞ୍ଚିଛି ଯେ, ପ୍ରକୃତ ବାସ୍ତବତାକୁ ତା ସହିତ ତୁଳନା କଲାବେଳେ ବାସ୍ତବତା କୃତ୍ରିମ ଏବଂ ବ୍ୟଙ୍ଗାତ୍ମକ ମନେ ହେଉଛି । ପ୍ରଥମ ଥର ପାଇଁ ଖାଣ୍ଟି ରୁଷ୍ ଚରିତ୍ରଗୁଡ଼ିକ ଏଥିରେ ଚିତ୍ରିତ ହୋଇଛନ୍ତି – ଏକ ଗଡ଼ର ଜଣେ ସାଧାରଣ ଗଡ଼ନାୟକ, ତାଙ୍କ ସ୍ତ୍ରୀ, ଜଣେ ଲେଫ୍‌ଟନାଣ୍ଟ, ଏକମାତ୍ର କମାଣ ଥିବା ଏକ ଗଡ଼, ତତ୍‌କାଳୀନ ବିକ୍ଷୁବ୍ଧତା ଏବଂ ସାଧାରଣ ଲୋକଙ୍କର ସାର୍ବଜନୀନ ମହାନତା । ଏସବୁ କେବଳ ସତ୍ୟ ନୁହନ୍ତି, ସତ୍ୟଠାରୁ ଆଉରି କିଛି ଅଧିକ ।"

– ନିକୋଲାଇ ଗୋଗୋଲ୍